ଚିଲିକା ପାଣିରେ ଛାଇ

ଦିନନାଥ ପାଠୀ

Digitized by srujanika@gmail.com

ଟିଳିକା ପାଣିରେ ଛାଇ

ଖଲିକୋଟରେ ଚିତ୍ରକଳାଶିକ୍ଷାର ଅଭୁଲା କାହାଣୀ । ଚିଲିକା କୂଳରେ ଘଟଣା ବିଜଡ଼ିତ ଚାରୋଟିବର୍ଷ ଦିନନାଥଙ୍କ ଜୀବନଚର୍ଯ୍ୟା କେବଳ ନୁହେଁ, ବରଂ ଏହା ଓଡ଼ିଶାର ଆଧୁନିକ କଳାଇତିହାସର ପ୍ରଥମ ଉନ୍ମେଷ, ଇତିକଥା ।

ସାହିତ୍ୟ ମାଧ୍ୟମରେ ଓଡ଼ିଶାର କଳାପରଂପରାରେ ପାଠକୀୟ ସଂପୃକ୍ତି ଆଣିବାରେ ଲେଖକୀୟ ପ୍ରୟାସ ପ୍ରତିଟି ଉଚ୍ଚାରଣରେ ସ୍ପଷ୍ଟ । ଏଠି ଭାଷା ଚିତ୍ରିତ ଓ କାହାଣୀ ଚିତ୍ରାନୁଭବରେ ବୁଦ୍ଧିମନ୍ତ ଏବଂ ଓଡ଼ିଆ ସାହିତ୍ୟର ନୂତନ ପ୍ରସ୍ଥଟିଏ ଉନ୍ମୋଚିତ ।

ଛତିଶିଟି ରଙ୍ଗୀନଚିତ୍ର, ଉଣେଇଶିଟି କଳାଧଳାହାଫ୍‌ଟୋନ୍ ଚିତ୍ର ଓ ଛବିଶିଗୋଟି ରେଖାଚିତ୍ର ସମ୍ବଳିତ ପ୍ରଥମ ଓଡ଼ିଆ ବହି **ଚିଲିକା ପାଣିରେ ଛାଇ** ।

Digitized by srujanika@gmail.com

ଦିନନାଥ ପାଠୀ

ଚିଲିକା ପାଣିରେ ଛାଇ

ଖଲିକୋଟରେ ଚିତ୍ରକଳାଶିକ୍ଷାର ଚାରୋଟିବର୍ଷ

ଅବନ୍ତୀ

ଭୁବନେଶ୍ୱର

Digitized by srujanika@gmail.com

Manuscript for this book has been prepared at Alice Boner Institute Varanasi and Bhubaneswar Branch. This memoir is in a way a return to my artistic roots at the Government School of Art and Crafts, Khallikote.

ଦିନନାଥ ପାଠୀ **ଚିଲିକା ପାଣିରେ ଛାଇ** ଖଲିକୋଟରେ ଚିତ୍ରକଳାଶିକ୍ଷାର ଚାରୋଟିବର୍ଷ । ଆତ୍ମଜୀବନୀ । ପ୍ରକାଶନକାଳ : ୨୦୦୫ । © ଲେଖକ । ପ୍ରକାଶକ : ଅବନ୍ତୀ, ଇ୪୯ / ୧୩୮୬ ଭୀମଟାଙ୍ଗୀ, ଭୁବନେଶ୍ୱର ୭୫୧୦୦୨ ଓଡ଼ିଶା । ଫୋନ୍ ୦୬୭୪ - ୨୫୯୦୨୧୨ ଫାକ୍ସ - ୦୬୭୪ ୨୫୯୯୨୮୯୫ ମୁଦ୍ରଣ : ଦିବ୍ୟ ମୁଦ୍ରଣୀ ୫୮ / ୬୦, ଦିବ୍ୟବିହାର, ସାମନ୍ତରାୟପୁର, ଭୁବନେଶ୍ୱର ୭୫୧୦୦୨ ମୂଲ୍ୟ : ୨୫୦ ଟଙ୍କା

Dinanath Pathy **Chilika Panire Chhai** (Shadow on The Lake of Chilika: Four Years' Study of Visual Art at Khallikote) Autobiography. First Published in 2005. © Author. Publisher Avanti, E49/ 1386, Bhimatangi, Bhubaneswar - 751002, Phone 0674 - 2590212 Fax 0674 - 2592895. Printed at Divya Mudrani, 58 / 60 Divyavihar, Samatarayapur, Bhubaneswar 751002. Price : Rs. 250

Digitized by srujanika@gmail.com

ଦିବଂଗତ ଆଚାର୍ଯ୍ୟ ଶରତଚନ୍ଦ୍ରଙ୍କଠାରୁ ପରଲୋକଗତ
ବଂଧୁ ଚନ୍ଦ୍ରଶେଖର ରାଓଙ୍କ ପର୍ଯ୍ୟନ୍ତ ଯେତେ ଅଧ୍ୟାପକ,
ଅଧ୍ୟାପିକା, ସତୀର୍ଥ ସମସ୍ତଙ୍କ ଅମ୍ଳାନ ସ୍ମୃତିରେ
ଚିଲିକା ପାଣିରେ ଛାଇ ।

ଖଲିକୋଟଗଡ଼, ସେଠିକାର ବାସିନ୍ଦା ଓ ବନ୍ଧୁଙ୍କ
ଅଭୁଲା ସ୍ନେହ ସୌହାର୍ଦ୍ଦ୍ୟ ପାଇଁ
ଚିଲିକା ପାଣିରେ ଛାଇ ।

ମୋ ବେଳର ଯେତେସବୁ ପ୍ରତିଦ୍ୱନ୍ଦ୍ୱୀ ମନେହେଉଥିବା
କଟକୀ ସହାଧ୍ୟାୟୀଙ୍କ ପାଇଁ ପ୍ରାୟଶ୍ଚିତ ଭେଟି,
ଚିଲିକା ପାଣିରେ ଛାଇ ।

Digitized by srujanika@gmail.com

'ଚିଲିକା ପାଣିରେ ଛାଇର ବହିରେ ଚାରୋଟି ଚିତ୍ରପ୍ରକୋଷ୍ଠ । ପ୍ରକୋଷ୍ଠଗୁଡ଼ିକରେ ମୋ ଖଲିକୋଟବେଳର ୪୮ଟି ଚିତ୍ର. ପ୍ରଦର୍ଶିତ । ଏହି ଚିତ୍ରସମୂହ ଷାଠିଏ ଦଶକ ପ୍ରାରମ୍ଭର ଚିତ୍ରଭାଷା । ଏହି ଚିତ୍ରଭାଷାରେ ଚାରୋଟି ଚିତ୍ରଲକ୍ଷଣ ସ୍ପଷ୍ଟ । ଗୋଟିଏ ହେଲା ପ୍ରାକ୍ ଖଲିକୋଟର ପରଦାଚିତ୍ରଣ ଶୈଳୀ ଯାହା ମୁଖ୍ୟତଃ ଲୋକନାଥୀୟ । ଦ୍ୱିତୀୟଟି ଆଦ୍ୟଖଲିକୋଟର ଶରତଚନ୍ଦ୍ରୀୟ ପରଂପରା । ତୃତୀୟରେ ଅନନ୍ତଉବାଚୀୟ ଔପନିବେଶୀୟ ଧାରାର ବିଲକ୍ଷଣ ଓ ଶେଷରେ ଘନବାଦର ପ୍ରଲୋଭିତ ପ୍ରକରଣ । ଚିତ୍ରବୀଥିରେ ବିହରଣ କରୁଥିବା ବେଳେ ଚିତ୍ର, ପାଠକଙ୍କୁ ବହିଟି ପଢ଼ିବାର ଅନୁଭବ ଦେବ ବୋଲି ଏଭଳି ଚିତ୍ରପ୍ରକୋଷ୍ଠ ମଝିରେ ମଝିରେ ସନ୍ନିବେଶିତ କରାଯାଇଛି । ପାଠ ସଂଲଗ୍ନ ରେଖାଚିତ୍ର ଅଳଂକରଣ ଅର୍ଥରେ ବ୍ୟବହୃତ । ଏଥିରେ ଅଧକ୍ଷ, ଅଧ୍ୟାପକ, ଓ କେତେକ ନିର୍ଦ୍ଦିଷ୍ଟ ସହପାଠୀଙ୍କ କୃତି ପ୍ରତିଫଳିତ ।

Digitized by srujanika@gmail.com

ଊର୍ମିମାଳା

୧.	ଚିତ୍ରବୀଥି : ପ୍ରଥମ ପ୍ରକୋଷ୍ଠ	୧୧-୧୮
୨.	ପ୍ରାରମ୍ଭ ପ୍ରକରଣ	୧୯
୩.	ଉଆସରେ ପ୍ରଥମ ସଂଧ୍ୟା	୩୧
୪.	ଇଣ୍ଟରଭ୍ୟୁ	୩୯
୫.	ଉଆସ	୪୩

Digitized by srujanika@gmail.com

୬. ଗଂଜାମୀ-କଟକୀ ପ୍ରସଙ୍ଗ ୫୩
୭. ରାଣୀହଂସପୁରର ଅନ୍ତେବାସୀ ୬୯
୮. ଝାଡ଼ାଫେରା ନିତ୍ୟରାସ ୯୧
୯. ଚିତ୍ରବୀଥି : ଦ୍ୱିତୀୟ ପ୍ରକୋଷ୍ଠ ୧୦୩-୧୧୦
୧୦. ପ୍ରେମ ଓ ପ୍ରଣୟ ୧୧୧
୧୧. ଡ୍ରାମା ଓ ଥିଏଟର୍ ୧୨୫
୧୨. ଦିବ୍ୟଜୀବନ ସଂଘ ୧୩୮
୧୩. ଆଚାର୍ଯ୍ୟ ଶରତଚନ୍ଦ୍ର ୧୫୫
୧୪. ପଣ୍ଡାସାର୍‌ଙ୍କ ସୀତାର ୧୭୧
୧୫. ମଡ଼ର୍ଣ୍ଣଆର୍ଟ୍ ଓ ଅଜିତକେଶରୀ ୧୮୭
୧୬. ଶତପଥୀସାର୍‌ଙ୍କ ବଂଶୀ ୨୦୦
୧୭. ଚିତ୍ରବୀଥି : ତୃତୀୟ ପ୍ରକୋଷ୍ଠ ୨୧୫-୨୨୨
୧୮. ବିପ୍ରସାର୍‌ଙ୍କ ଗୋପବଂଧୁ ୨୨୩
୧୯. ରବିନାରାୟଣଙ୍କ ଚିଲିକା ୨୩୩
୨୦. ହରେକୃଷ୍ଣଙ୍କ ମଦପିମ୍ପା ୨୪୪
୨୧. ଜିସ୍‌କି ବିବି ମୋଟି ୨୫୩
୨୨. କରଣସାହିର ମାଉସୀ ମେସ୍ ୨୬୧
୨୩. ପଣ୍ଡା-ପାଠୀ: ଗୁରୁଶିଷ୍ୟ ସମ୍ପର୍କ ୨୬୯
୨୪. ଖଲିକୋଟରେ ରହିବା ନୋହିଲା ୨୮୯
୨୫. ଚିତ୍ରଚର୍ଚ୍ଚା ୨୮୭
୨୬. ଚିତ୍ରବୀଥି : ଶେଷ ପ୍ରକୋଷ୍ଠ ୩୦୭-୩୧୪
୨୭. ଚିଠିପତ୍ର ୩୧୭-୩୩୪
୨୮. ଦିନନାଥଙ୍କ ରଚନା ସଂଭାର ୨୩୫

Digitized by srujanika@gmail.com

ଚିତ୍ରସୂଚୀ

ପ୍ରଚ୍ଛଦ ଚିତ୍ର	ରାମହରି ଜେନା ଓ ପ୍ରଫୁଲ୍ଲ ଚନ୍ଦ୍ର ଧୀର
ଚିତ୍ରବୀଥିରେ ପ୍ରଦର୍ଶୀତ ଚିତ୍ରର ଫୋଟଗ୍ରାଫ୍ ଉତ୍ତୋଳନ	ଡି ନାରାୟଣ ରାଓ
ଚିତ୍ରବୀଥିରେ ପ୍ରଦର୍ଶିତ ଚିତ୍ରର ସଂରକ୍ଷଣ ଓ ନବୀକରଣ	ଦିଲ୍ଲୀପ କୁମାର ତ୍ରିପାଠୀ ସୌଭାଗ୍ୟ ପାଠୀ
ପୃଷ୍ଠା ୭, ୧୯, ୩୮, ୧୩୮, ୨୫୩, ର ରେଖାଚିତ୍ର	ରାଜୀବ ଲୋଚନ ସାହୁ

ପୃଷ୍ଠା ୩୧, ୩୯, ୪୨,୪୩, ୫୩,୯୧, ୧୨୩, ୧୨୪, ୧୩୭,
୨୧୨,୨୧୩, ୨୨୩, ୨୪୩ ,୨୬୧ ୩୧୫ ର ରେଖାଚିତ୍ର

ଓ ଭଗ୍ନବୀଣା, ପୃଷ୍ଠା ୨୭୯	ଦିନନାଥ ପାଠୀ
ଜୀବନଚକ୍ର, ପୃଷ୍ଠା ୧୫୫	ଶରତଚନ୍ଦ୍ର ଦେବ
ଗୋଧୂଳି, ପୃଷ୍ଠା ୨୮୭	ଶରତଚନ୍ଦ୍ର ଦେବ
ଦାରୁ ଭାସ୍କର, ପୃଷ୍ଠା ୧୭୧	ଅନନ୍ତ ପଣ୍ଡା
କେଶପୁର ହାଟ, ପୃଷ୍ଠା ୨୬୯	ଅନନ୍ତ ପଣ୍ଡା
ମେଘଦୂତ,ପୃଷ୍ଠା ୬୯	ଚନ୍ଦ୍ରଶେଖର ରାଓ
ଅଳକାପୁରୀ, ପୃଷ୍ଠା ୧୧୧	ଲକ୍ଷ୍ମୀନାରାୟଣ ସାହୁ
ଗ୍ରାମ ଦେବତୀ, ପୃଷ୍ଠା ୧୯୯	ରବିନାରାୟଣ ନାୟକ
ଚିଲିକା, ପୃଷ୍ଠା ୨୩୩	ରବିନାରାୟଣ ନାୟକ
ସୁଲେଖା କାଳି, ପୃଷ୍ଠା ୨୦୦	ଲୋକନାଥ ଶତପଥୀ
ଦି ଫ୍ଲାଇଟ୍, ପୃଷ୍ଠା ୧୮୭	ଅଜିତକେଶରୀ ରାୟ
ତାସ ଖେଳ, ପୃଷ୍ଠା ୨୪୪	ଅଜିତକେଶରୀ ରାୟ
ଚିଲିକାରେ ମାଛମରା,ପୃଷ୍ଠା ୨୫୨	ପଞ୍ଚାନନ ସୁର

Digitized by srujanika@gmail.com

ଚିତ୍ରବୀଥି : ପ୍ରଥମ ପ୍ରକୋଷ୍ଠ

୧. ରାଧାକୃଷ୍ଣ କେଳି,
ଜଳରଙ୍ଗ, ଲେପଶୈଳୀ, (୨୫ଷ୨୦ ସେ.ମି), ୧୯୫୫

୨. ମୌଳାଭଣଜ୍ଞା ଶଙ୍ଖ,
ଜଳରଙ୍ଗ, (୨୮.୫ ଘ୧୯ ସେ. ମି), ୧୯୫୬

୩. ଦୃଷାର୍ତ୍ତ,
ଜଳରଙ୍ଗ, ଲେପଶୈଳୀ, (୪୦ଷ୨୮. ସେ.ମି), ୧୯୫୭

୪. ସାହସୀ ଆଦିବାସୀ,
ଜଳରଙ୍ଗ, ମିଶ୍ରଣଶୈଳୀ, (୩୯X୨୮ ସେ.ମି), ୧୯୫୯

୫. ସ୍ୱପ୍ନସୁନ୍ଦରୀ,
ଜଳରଙ୍ଗ, (୩୩.୫ X ୨୪. ସେ.ମି), ୧୯୬୦

୬. କୃଷ୍ଣବସୁଦେବ,
ଧୌତଚିତ୍ର, (୪୪ X ୩୪. ସେ.ମି), ୧୯୬୧

୭. ଅଶୋକବନରେ ସୀତା,
ଧୌତଚିତ୍ର, (୩୮ X ୨୭.୫. ସେ.ମି), ୧୯୬୧

୮. ମେଷପାଳକ ଦମ୍ପତି,
ଜଳରଙ୍ଗ, (୪୮ X ୩୬ ସେ.ମି), ୧୯୬୦

୯. ଗାଧୁଆବେଳ,
ଜଳରଙ୍ଗ, (୬୨ X ୨୭.୫. ସେ.ମି), ୧୯୬୦

୧୦. ଆଜ୍ଞାବହ,
ଧୌତଚିତ୍ର, (୩୮.୫ X ୨୮.୫. ସେ.ମି), ୧୯୬୦

୧୧. ସ୍ୱପ୍ନ,
ଧୌତଚିତ୍ର, (୩୬.୫ X ୨୭.୫ ସେ. ମି), ୧୯୫୯

୧୨. ବାସୁଆବଳଦ,
ଲେପଚିତ୍ର, (୭୦ X ୫୦ ସେ. ମି), ୧୯୬୧

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com



14-ଚିଲିକା ପାଣିରେ ଛାଇ

Digitized by srujanika@gmail.com



Digitized by srujanika@gmail.com

Digitized by srujanika@gmail.com

ଚିଲିକା ପାଣିରେ ଛାଇ-17

Digitized by srujanika@gmail.com

Digitized by srujanika@gmail.com

ପ୍ରାରମ୍ଭ ପ୍ରକରଣ

ଖଲିକୋଟରେ ଚିତ୍ରକଳାଶିକ୍ଷାର ଚାରୋଟି ବର୍ଷର ଅନୁଭବ ମୋ ଶିଳ୍ପୀ ଜୀବନର ମହାର୍ଘ ସ୍ମୃତି । ଖଲିକୋଟଗଡ଼ ଭଳି ରାଜରାଜୁଡ଼ା ପରଂପରାର ରକ୍ଷଣଶୀଳ ଜୀବନ ଓ ମାନ୍ଧାତା ଅମଳର ମାନସିକତାରେ ଆଧୁନିକ କଳାର ନବ ଉନ୍ମେଷ ଘଟିଲା ଏବଂ ମୋ ଜୀବନକୁ ଆଧୁନିକତାର ଆସକ୍ତିରେ ମନ୍ତ୍ରିତ କରିଦେଲା । ଏହା ଯେତେ ବିଡ଼ମ୍ବନା-ବିଜଡ଼ିତ ସେତିକି ବାସ୍ତବତାର କଠୋର ସିଦ୍ଧାନ୍ତରେ ମର୍ମରିତ । ଏବେ ବିଶ୍ୱ ପରିପ୍ରେକ୍ଷୀରେ ଓଡ଼ିଶୀ ସାଂପ୍ରତିକ କଳାର ଆଧୁନିକ ଲଗ୍ନ ଉତ୍ତରିତ । ଯାହାଙ୍କ କାନ୍ଧରେ, ହୁଏତ ଅଧିକ ସମୀଚୀନ ହେବ, ଯେଉଁମାନଙ୍କ କାନ୍ଧରେ ସବାର ହେଇ ଆଧୁନିକତା ଖଲିକୋଟଗଡ଼ ମର୍ଦ୍ଦରାଜ ଉଆସରେ ଧସେଇ ପଶିଥିଲା, ସେମାନେ ସମସ୍ତେ କଳାର ଅହରହ ପରିବର୍ତ୍ତିତ ଦିଗନ୍ତ ଭିତରେ ନିଶ୍ଚିହ୍ନ । ଖଲିକୋଟ ଚାରୁ ଓ କାରୁକଳା ବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଆଚାର୍ଯ୍ୟ ଶରତଚନ୍ଦ୍ରଙ୍କ କୋ'କାଳୁ ଦେହାନ୍ତ ହେଇଗଲାଣି । ମୋ ଚିତ୍ରକଳା ଶିକ୍ଷାର ଏହି ସ୍ମୃତିଗ୍ରନ୍ଥରେ ତାଙ୍କୁ ଓଡ଼ିଶୀକଳାର ଜନକ ବୋଲି ମୁଁ ଅଭିହିତ କରିଛି । ସିଏ

Digitized by srujanika@gmail.com

ଥିଲେ ଓଡ଼ିଶୀ ଆଧୁନିକ କଳାର ତ୍ରିମୂର୍ତ୍ତିଙ୍କ ଛାମୁ ମୁହଁ । ଦୁଇପଖା ମୁହଁ ହେଲେ ଅଜିତକେଶରୀ ରାୟ ଓ ଅନନ୍ତ ପଣ୍ଡା । ସେ ଉଭୟେ ଜୀବଦ୍ଦଶାରେ ଥାଇମଧ ଇତିହାସ ପାଲଟି ଗଲେଣି । ଓଡ଼ିଶା ଭୂଇଁରେ ଅର୍ଦ୍ଧଶତାବ୍ଦୀର ଆଧୁନିକ କଳାର ଇତିହାସ । ମୁଁ ଏହି ତ୍ରିମୂର୍ତ୍ତିଙ୍କ ଉତ୍ତରଦାୟାଦ ବୋଲି ନିଜକୁ ବିବେଚନା କରେ । ସେମାନଙ୍କ ବହୁ ଅପୂର୍ଣ୍ଣ ଆଶା, ଅକାଂକ୍ଷା, ଓ ଅଭୀପ୍ସା ମୋଠି ପୂରଣ ହେଇଛି ବୋଲି ସେମାନେ ସ୍ୱୀକାର କରିଛନ୍ତି । ମୁଁ ଜଣେ ଚିତ୍ରକରଭାବେ, ଲେଖକ, ଗବେଷକ ଓ ସୃଜନଶୀଳ ମଣିଷଭାବେ ଏବେବି କର୍ମମୁଖର । ଏଭଳି ତଥ୍ୟଭିତ୍ତିକ ଉଚ୍ଚାରଣରେ ସତ୍ୟର ଅପଳାପ ହେବ ନାହିଁ କି ଇତିହାସ ବିଡ଼ମ୍ବିତ ହେବାର ଭୟ ନାହିଁ ।

ମୋର ଶ୍ରଦ୍ଧେୟ ଅଧ୍ୟାପକମାନେ ଚିତ୍ରକଳା ଆନ୍ଦୋଳନର ଅଗ୍ରଜ । କିନ୍ତୁ ସେମାନେ ବିଂଶ ଶତାବ୍ଦୀର କଳାର ମଣିଷ ହେଇ ରହିଗଲେ । ଆଧୁନିକତାରୁ ଉତ୍ତରଆଧୁନିକତାର ପ୍ରେକ୍ଷାପଟକୁ ସଂକ୍ରମଣର, ପ୍ରବାହର ପ୍ରକରଣ ଅତି ଅଦ୍ଭୁତ, ବୈଚିତ୍ର୍ୟମୟ । ସୃଜନକର୍ମ ମୁଖ୍ୟତଃ ବ୍ୟକ୍ତିକୈନ୍ଦ୍ରିକ ହେଇଥିଲେ ବି ତାହା ବ୍ୟକ୍ତି ପାଖରେ ସ୍ଥବିର ନୁହେଁ, ଗତିଶୀଳ । ଏହା ବ୍ୟକ୍ତୋତ୍ତର ଚେତନକର୍ମ । ପ୍ରେମଭଳି ଜଣକଠୁ ଅନ୍ୟକୁ ପ୍ରସରେ । ଫଳରେ ଅନୁଷ୍ଠାନ, ସମାଜ ଓ ଇତିହାସ ନିନ୍ଦିତ ହୁଏ ନାହିଁ । ନିନ୍ଦିତ ହୁଏ ବ୍ୟକ୍ତି । ଖଲିକୋଟ ପ୍ରସଙ୍ଗରେ ଏହାହିଁ ହେଇଛି ଅନୁଭବସିଦ୍ଧ ତଥ୍ୟ । ସମର୍ଥ ଦାୟାଦମାନେ ସର୍ଜନ ଦାୟିତ୍ୱ ନିର୍ବାହ କରିବା ପାଇଁ ସଦାକାଳେ ଆଗଭର ହେଇଥାଆନ୍ତି । ସେମାନଙ୍କ ଭିତରେ ଅନୁଷ୍ଠାନ ବଂଚିରହେ, କାଳକୁ ପ୍ରସରେ, ପ୍ରସାରଣ ପରଂପରା ହେଇଯାଏ । ପଶ୍ଚିମ ଆକାଶରେ ସୂର୍ଯ୍ୟ ଅସ୍ତ ଗଲେବି ତେଣେ ପୂର୍ବାକାଶ ସମ୍ଭାବନାର ରଙ୍ଗ ରାଗରେ ଗୁଞ୍ଜରିତ ହେଇଉଠେ । ଏହାହିଁ ସବୁ ଦେଶର ଶିଳ୍ପ ପରଂପରା, କବି ପରଂପରା ।

କଳାଇତିହାସର ଏହି କଲ୍ଲୋଳିତ କାହାଣୀ ସହିତ ଖଲିକୋଟର କଳାନୁଷ୍ଠାନ ଓ ଖଲିକୋଟଗଡ଼ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଖଲିକୋଟ ଏ ସମସ୍ତ ସୃଜନ କର୍ମର ଆଧାର । ମରାଳମାଳିନୀ ନୀଳାମ୍ବୁ ଚିଲିକାର ଚହଲାପାଣିରେ ସମଗ୍ର କାହାଣୀଟି ପ୍ରତିବିମ୍ବିତ, ଚକ୍ଷୁରେ ଭଗବଦ୍‌ଦର୍ଶନ ଭଳି । ଚିଲିକାହିଁ ଏହି କାହାଣୀର ଦ୍ରଷ୍ଟା ଓ ସାକ୍ଷୀ । ଆଧୁନିକକଳାର ଏହି ତ୍ୱରିତ ବେଳାଟି ଏତେ କ୍ଷୁପ୍ତ, ଏତେ ସଂକ୍ଷିପ୍ତ ଯେ ତା'ର ପ୍ରତିବିମ୍ବ ଧୌତଚିତ୍ରର ଛାଇଭଳି ଅସ୍ପଷ୍ଟ ଅଥଚ ବର୍ଣ୍ଣାତ୍ମକ ବିଚାରରେ

Digitized by srujanika@gmail.com

ଉତ୍କୀର୍ଣ୍ଣ, ଉଦ୍ଭାସିତ । ଚିତ୍ରକଳାରେ ଓ ଭାସ୍କର୍ଯ୍ୟରେ ଛାଇ ଆଲୁଅର ଗୁରୁତ୍ୱ ଯଥେଷ୍ଟ ବେଶି । ଛାଇ ହିଁ ଆଲୋକକୁ, ବର୍ଣ୍ଣବିଭାକୁ ପ୍ରତିଭାତ କରାଇଥାଏ । ଛାଇର ସ୍ନିଗ୍ଧ ସ୍ପର୍ଶରେ ଭାସ୍କର୍ଯ୍ୟର ତ୍ରିମାତ୍ରିକତା ଉଜ୍ଜ୍ୱଳି ଉଠେ । ଏହି ଛାଇ କାଳପୁରୁଷର, କଳାପୁରୁଷର ବୀକ୍ଷା । ଇତିହାସରେ ଏହି ଛାଇର କାହାଣୀକୁ ଧରିରଖିବାର ପ୍ରୟାସରେ ଦିଗପହଣ୍ଡିର ଡ୍ରଇଁମାଷ୍ଟ୍ରେଙ୍କ ଜୀବନୀର ତୃତୀୟ ପ୍ରସ୍ଥ - **ଚିଲିକା ପାଣିରେ ଛାଇ ।**

ଦିଗପହଣ୍ଡିଗଡ଼ ଓ ଭୁବନେଶ୍ୱର ରାଜଧାନୀ ମଝିରେ ସୁନୀଳ ଚିଲିକା କୂଳରେ ଖଲିକୋଟ ଚାରୁ ଓ କାରୁକଳା ବିଦ୍ୟାଳୟ । ସେହି ରାସ୍ତାଦେଇ ଗଲାବେଳେ, ଫେରିଲାବେଳେ ଚୁମ୍ବକ ଲୁହାକୁ ଆକର୍ଷିତ କଲା ଭଳି ଚାରୁ ଓ କାରୁକଳା ବିଦ୍ୟାଳୟ ମୋତେ ଅସମ୍ଭାଳ କରେ । ଥରେ ତାକୁ ଦେଖିଯିବା ପାଇଁ ସିଏ ହାତଠାରି ଡ଼ାକେ । ତା'ରି ପ୍ରେମରେ ବନ୍ଧା ମଣିଷଟିଏ ମୁଁ । ମନର ଅଜସ୍ର ଉତ୍କଣ୍ଠା ଓ ଅସୁମାରି ଅଭୀପ୍ସା ନେଇ ତା'ରି କୋଳରେ ପହଞ୍ଚେ । ତା'ର ଜରାଜୀର୍ଣ୍ଣ, ଧର୍ଷିତ, ଅବଲୁଣ୍ଠିତ ରୂପ ଦେଖି ମୁଁ ହତଭମ୍ବ ହେଇଯାଏ । ବୟସ ପଚାଶ ନ ପୁରୁଣୁ ତା'ର ଏମିତି ସ୍ଥିତି-ବୈକଲ୍ୟ । ମରୁଆ ପାହାଡ଼ର ଧୂସର ସବୁଜିମା ଭିତରେ ମୁହଁ ଗୁଞ୍ଜି ମୋ ଅତିପ୍ରିୟ କଳା ବିଦ୍ୟାଳୟ କଇଁ କଇଁ ହେଇ କାନ୍ଦେ । ପ୍ରବୋଧିବା ପାଇଁ ମୁଁ ଭାଷା ପାଏନି ।

ଆଉ ଦି'ଟା ବର୍ଷପରେ ତାକୁ ପଚାଶ ପୂରିବ । କ'ଣ ବା ହେଇପାରିଛି ତା' ଜୀବନରେ । ମହାଭାରତ ମହାକାବ୍ୟରେ ଗାନ୍ଧାରୀ ଶତପୁତ୍ରର ଜନନୀ ହେଇ ମାତୃତ୍ୱର ପରାକାଷ୍ଠାରେ ମହନୀୟା । ଇଏ ତ ସହସ୍ର ପୁତ୍ରକନ୍ୟାର ଜନନୀ । ତା'ର ପୁଣି ଦୁଃଖ ? ସହସ୍ର ଯାତନା, ନିର୍ଯ୍ୟାତନା, ଧାରଣା ଧର୍ମଘଟ, ଗୋଷ୍ଠୀ କନ୍ଦଳ, ଆତ୍ମହତ୍ୟା, ଭ୍ରୁଣହତ୍ୟା ଭିତରେ ତଥାପି ସିଏ ତିଷ୍ଠିରହିଛି । ସତରେ ଦୁଃଖିନୀ ଓଡ଼ିଆ ମା' ଟିଏ । ବିଦ୍ୟାଳୟ ମହାବିଦ୍ୟାଳୟରେ ପରିଣତ ହେଇଛି । ଶିକ୍ଷାବିଭାଗରୁ ସଂପର୍କ ତୁଟେଇ ଦେଇ ସଂସ୍କୃତି ବିଭାଗର ହେପାଜତରେ ବଞ୍ଚି ରହିବା ପାଇଁ ସାଧ୍ୟମତେ ଚେଷ୍ଟାକରିଛି । ମହାବିଦ୍ୟାଳୟ, ଚିତ୍ରକଳାଶିକ୍ଷା, ସଂସ୍କୃତି ତା' ପାଇଁ ସବୁ କେବଳ ସଞ୍ଜ୍ଞା, ସାର୍ଥକତା ନୁହେଁ । ଚିତ୍ରକଳାଶିକ୍ଷା ବା ଚିତ୍ରକଳାସଂସ୍କୃତି ଏହି ଦ୍ୱନ୍ଦ୍ୱ ଭିତରେ ଚିତ୍ରଶିକ୍ଷକର ମାନ୍ୟତା ହଜି ଯାଇଛି । ସଂସ୍କୃତି ବିଭାଗ ଆଦରରେ ତାକୁ କୋଳେଇ ପାରିନି । ଅଧ୍ୟୟନ ଅଧ୍ୟାପନା ପାଇଁ ବୌଦ୍ଧିକ ପରିସର ଯଥେଷ୍ଟ ହେଲାନି ବୋଲି ବିଦ୍ୟାଳୟରୁ ମହାବିଦ୍ୟାଳୟ । ପୁରୁଣା ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ

Digitized by srujanika@gmail.com

ଅବଲୀଳା କ୍ରମେ ବିଦ୍ୟାଳୟରୁ 'ଯେଝା ଅଭିନୟ ସାରି' ବାହୁଡି ଯାଇଛନ୍ତି । ପୁରୁଣା ନୂଆ ହେଉଛି । ନୂଆରେ କଳଙ୍କି ଲାଗିଛି । ଏସବୁ ଘଟଣା ଅତ୍ୟନ୍ତ ମାମୁଲି ଗୋଟିଏ ଶିକ୍ଷା ଅନୁଷ୍ଠାନର ଜୀବନରେ ।

ଖଲିକୋଟକୁ ମୁଁ ରେଭେନ୍‌ସା ସହିତ ସମକକ୍ଷ କରିବାରେ ଆସ୍ପର୍ଦ୍ଧା ରଖେ । ଉଭୟେ ଓଡ଼ିଶାର ପ୍ରିମିୟର୍ ଅନୁଷ୍ଠାନ । ଗୋଟିଏ ଚିତ୍ରକଳାର ଅନ୍ୟଟି ସାଧାରଣ ଶିକ୍ଷାର । ତ୍ରିଭୁଜ ଦୁଇଟି ସର୍ବତୋଭାବେ ସମାନ କହିବା ମୋ ଉଦ୍ଦେଶ୍ୟ ନୁହେଁ । ଦୁଇଟି ସ୍ୱର୍ଣ୍ଣ ତ୍ରିଭୁଜ, ଗୋଟିକରେ ହୀରା ନୀଳା ମଣି ମୁକ୍ତା ଖଞ୍ଜା ଅନ୍ୟଟି ସେମିତି ସାଦା, କିନ୍ତୁ ସ୍ୱର୍ଣ୍ଣିମାର ସ୍ୱଚ୍ଛ ହଳଦୀରେ ଦାଉ ଦାଉ ଦିଶୁଥିବା କଳାର ସାଇତା ସଂକେତ । ଖଲିକୋଟ ବହୁ ବିଖ୍ୟାତ ଚିତ୍ରକର ଓ ନିପୁଣ ଭାସ୍କରଙ୍କୁ ଜନ୍ମଦେଇଛି । ଓଡ଼ିଶାର ବହୁକାରିଗରଙ୍କୁ କୋଳରେ ବହଲେଇଛି । ଆଧୁନିକ କଳାରେ ଏଯାବତ୍ ଓଡ଼ିଶାକୁ ଲଭ୍ୟ ହେଇଥିବା ସବୁ ଶ୍ରେୟର ପ୍ରଥମ ସ୍ତବର ଅଧିକାରୀ ଖଲିକୋଟିଆ । ମୋର ୧୯୬୨ର ପ୍ରଥମ ସର୍ବଭାରତୀୟ ପୁରସ୍କାର ହେଉ ବା ୧୯୮୮ର ରାମହରିର ପ୍ରଥମ ଆଧୁନିକ ଚିତ୍ରକଳାରେ ଜାତୀୟ ପୁରସ୍କାର ହେଉ ସବୁରି ମୂଳରେ ଖଲିକୋଟ । ବିପ୍ରଚରଣଙ୍କ ପ୍ରଥମ ମାର୍ବଲ ମଧୁବାବୁ ହେଉ ବା ଅନନ୍ତ ପଣ୍ଡାଙ୍କ ପ୍ରଥମ ଦାରୁଭାସ୍କର ହେଉ ବା ରବିନାରାୟଣଙ୍କ ପ୍ରଥମ ଧୌତଚିତ୍ର ଚିଲିକା ହେଉ ସବୁରି ପ୍ରେରଣାର ଉତ୍ସ ହେଲା ସେଇ ଖଲିକୋଟର ଅନୁଷ୍ଠାନ । ପ୍ରାପ୍ତିର, ସ୍ୱୀକୃତିର ଏ ତାଲିକା ଖୁବ୍ ବିସ୍ତୃତ । ଖଲିକୋଟରୁ ସିନା ଆରମ୍ଭ, ତା'ର କ୍ରମବର୍ଦ୍ଧିଷ୍ଣୁ ପରିଧିର ବ୍ୟାସ ଏକ ଦୀର୍ଘାୟିତ ଭୌଗୋଳିକ ରେଖା ।

ଖଲିକୋଟ କଳାବିଦ୍ୟାଳୟ ଅଯାଚିତଭାବେ ଆମଉପରେ ସ୍ନେହ ଅଜାଡ଼ି ଦେଇଛି, ସଖ୍ୟ ପ୍ରଦାନ କରିଛି ଓ ଅସ୍ମିତା ଦେଇଛି । ପ୍ରତିବଦଳରେ ସିଏ କିନ୍ତୁ ପାଇଛି ପ୍ରତାରଣା, ଧର୍ଷଣର ଜାନ୍ତବ ଅନୁଭବ । ଯେଉଁମାନେ ତା'ର ରକ୍ଷକଥିଲେ, ସେମାନେ ଶେଷରେ ଭକ୍ଷକ ପାଲଟିଛନ୍ତି । କିଏ କଡ଼ି ବର୍ଗା ଚୋରିକରି ନେଇଯାଇଛିତ ଆଉ କିଏ ଛାତରୁ ଟାଇଲ ଉଲାରି ଦେବାପାଇଁ କୁଣ୍ଠା କରିନି । କାହା କାନ୍ଧରେ ଲୁହାର ଗୋଲେଇ ସିଡ଼ି ଉଆସରୁ ଅନ୍ତର୍ହିତ ହେଇଯାଇଛି ତ ଆଉ କିଏ କୁନ୍ଦାକୋଠର ଦୁଆରବନ୍ଧ ଓ ଜାଉଁଳି କବାଟକୁ ଉଆସ ଭିତରୁ ବୋହି ନେଇ ରାଜପ୍ରାସାଦକୁ କାଙ୍ଗାଳ କରି ଦେଇଛି । କେଉଁ ପ୍ରାକ୍ତନ ଅଧ୍ୟାପକଙ୍କ ଘରେ ଜୟବିଜୟର ପଥର ମୂର୍ତ୍ତି ତ ଆଉ କାହାଘରେ ମର୍ଦ୍ଦରାଜଙ୍କ ବେଲଜିୟମ୍ ଗ୍ଲାସର

Digitized by srujanika@gmail.com

ସେନ୍‌ଡ୍‌ଲିଅର୍ ଝୁଲୁଛି । ଇଟାଲିଆନ୍ ମାର୍ବଲର ଚଉଖୁଣ୍ଡିଆ ଟାଇଲପଥର ଚଟାଣରୁ ଟଡ଼ାହୋଇ କେଉଁ ମଧ୍ୟବିତ୍ତ ମାନସିକତାରେ ପୁଲକ ଆଣି ଦେଉଛି । ଛାତର ତୁଣ୍ଡିରୁ ପାଇନ କାଠର ଝରା ଓପାଡ଼ି ଦିଆଯାଇଛି, ତାହା ଦିଶୁଛି ଅକାଳରେ ଛାମୁଦାନ୍ତ ଗଳିପଡ଼ିଥିବା ପାଟିଭଳି । ଗବାକ୍ଷମାନଙ୍କରେ ଶୋଭାପାଉଥିବା ମେହଗାନିର ସଜ ହାତପଇଠ ହୋଇଯାଇଛି । ବିଧବାର ଚୁଡ଼ିନଥିବା ହାତଭଳି ଗବାକ୍ଷମାନେ ଦିଶୁଛନ୍ତି । ରୋଷ୍ଟ୍ କରିବା ପୂର୍ବରୁ ଯିମିତି କୁକୁଡ଼ାପକ୍ଷୀର ପର ଖ୍ୱନ୍ ଭିନ୍ କରି କେଳେଇ ଦିଆଯାଏ ସିମିତି ମାନସିକତାର ପରିପ୍ରକାଶ ବିଦ୍ୟାଳୟର ଛତ୍ରେ ଛତ୍ରେ ଅନୁଭବ କରିହେଉଛି ।

ଖଲିକୋଟ କଳାବିଦ୍ୟାଳୟର କୋଠାଘର ଦୁଇଶହ ବର୍ଷର ପୁରୁଣା ଐତିହ୍ୟ । ଔପନିବେଶୀୟ ସ୍ଥାପତ୍ୟ ଶୈଳୀର ଭବ୍ୟ ନିଦର୍ଶନ । ଓଡ଼ିଶାର ଶିକ୍ଷାକୁଳ ଏତକ ହୃଦୟଙ୍ଗମ କଲେନି ବୋଲି କୋଠାଘରର ଏଭଳି ଦୁରବସ୍ଥା । ଜରାଜୀର୍ଣ୍ଣ ଭଗ୍ନରାଜପ୍ରାସାଦ ଶ୍ରୀହୀନ, ଲୁଣ୍ଠିତ । ଏବର ଅଧ୍ୟକ୍ଷ ନାରାୟଣ ରାଓ କହନ୍ତି ସିଏ କଲେଜର ଭଗ୍ନସ୍ତୂପରୁ ଟ୍ରକ ଟ୍ରକ ଭଙ୍ଗା ଇଟା, ଗୋଡ଼ି, ପଥର, ମାଟି ଉଠେଇଲେ । ବିଜୟ ରଥ ତାଙ୍କ ପ୍ରତ୍ନତତ୍ତ୍ୱ ଅନୁଦାନରୁ ଐତିହ୍ୟକୁ ବଞ୍ଚେଇବା ପାଇଁ ଅର୍ଥ ଓ ଶ୍ରମ ଦାନ କଲେ । ଏମାନଙ୍କ ପ୍ରୟାସକୁ ଧନ୍ୟ କହିବା ।

ଏହି କୋଠାରୁ ଅନ୍ତରିତ ଓ ଅନ୍ତର୍ହିତ ହୋଇଯାଇଥିବା ସ୍ଥାପତ୍ୟାଂଶ, ଭାସ୍କର୍ଯ୍ୟର ମହନୀୟ କଳାସାମଗ୍ରୀ ଭିତରେ 'ସେମାନେ' ହୁଏତ ସେମାନଙ୍କ ଖଲିକୋଟର ସ୍ମୃତି ସହିତ ସଂପର୍କିତ ହେଉଥିବେ । ସଂସ୍କୃତିଚେତା ମଣିଷଭାବେ ବଂଚିବା ପାଇଁ ଇଚ୍ଛାପୋଷଣ କରୁଥିବେ । ସ୍ମୃତିଚାରଣର ଏହା ନିଶ୍ଚିତ ଏକ ପରଂପରା, ପରଂପରା କିନ୍ତୁ ଅମାନବୀୟ, ଜଘନ୍ୟ । ସ୍ମୃତିଚାରଣର ଅନ୍ୟ ଏକ ନାନ୍ଦନିକ ରୂପ ହେଲା ଏହି ବହି । କଳାର ସାମଗ୍ରୀ ତ ବଞ୍ଚି ରହିଲାନି, ତା'ର ସ୍ମୃତି ହୁଏତ ସାହିତ୍ୟରେ କାଳଜୟୀ ହୋଇପାରେ ।

ରେ ମୋର ପ୍ରିୟ କଳାନୁଷ୍ଠାନ ! ତୁ ମୋତେ ତୋ ସେବାରେ ବିନିଯୋଗ ହେବାର ସାମାନ୍ୟ ସୁଯୋଗ ଦେଲୁନାହିଁ । ତୁ ପରାଭବ ପାଇଥିବା ଶଙ୍କିତ ଓ ଭୀତ ମଣିଷଟି ଭଳି ରୂପରଙ୍ଗର ରକ୍ତମୁଖା ମଣିଷମାନଙ୍କଠାରୁ ବିଶ୍ୱାସ ତୁଟେଇ ଦେଲୁ । କୋଉ ଭରସାରେ ମୋତେ ଅବା ଆପଣେଇ ଥାନ୍ତୁ । ସମସ୍ତେ ତ ପର କରିଦେଲେ, ପର ହୋଇଗଲେ । ମୁଁ କିନ୍ତୁ ତୋ କୋଳରେ ଚାରୋଟି ଅଭୁଲା ବର୍ଷ

Digitized by srujanika@gmail.com

କଟେଇଥିବା ଓ ତୋ ମାତୃସ୍ତନ୍ୟ ପାନକରିଥିବା ମଣିଷଟିଏ । ତୁ'ହିଁ ମୋତେ ପୁଷ୍ଟ କରିଛୁ । ତୋତେ ଧର୍ଷଣର କଳ୍ପନା ବା କିମିତି କରିଥାନ୍ତି । କୌଣସିମତେ ତୋ ପାଖରେ ଥାକିଯିବାପାଇଁ କେତେ ଅନୁନୟ ବିନୟ ନ ହେଇଛି, କଳାଶିକ୍ଷା ସମାପ୍ତି ପରେ ଲାଇବ୍ରେରୀଆନ୍, କିରାଣୀ ଶେଷରେ ଚପରାସୀ ପୁଣି ପରବର୍ତ୍ତୀ ସମୟରେ ଅଧ୍ୟାପକ ପଦ ପାଇଁ ସବୁମତେ ଯୋଗ୍ୟହେଇ ସୁଦ୍ଧା ଭାଜନ ହେଇ ପାରିଲିନି । ସବୁକଥାରେ ତୁ ନା କିଏ ନାସ୍ତିବାଣୀ ଶୁଣେଇ ଦେଲା କେଜାଣି ! ମନକୁ ଆସୁଥାଏ ହୁଏତ ମୋ ବଂଧୁମାନେ ମୋ ପ୍ରତି ଅତିଷ୍ଠ ହେଇ ନତୁବା ଅସୂୟାରେ ଶାସ୍ତିବିଧାନ କରିବା ପାଇଁ କ'ଣ ଗୋଟିଏ ଆଳରେ ତୋ ପାଖକୁ ପଠେଇ ଦେବେ । କହିବେ ଯା'ରେ ପୁଅ ସେଇଠି ଥା' । ଚିଲିକା ପାଣିରେ ନିଜ ମୁହଁ ଦେଖୁଥା', ସ୍ମୃତି ପଖାଳୁ ଥା' ଆଉ ତୋ ପୁରୁଣା ଛାଇକୁ କୋଳେଇ ଥା' । ସିମିତି ମଧ କିଛି ଘଟିଲାନି । ତୁ ମୋ ପାଇଁ ଅପହଞ୍ଚ ହେଇ ରହିଲୁ ।

କିନ୍ତୁ ତୋତେ ପାଖରେ ପାଇବାର ନିଶାରୁ ମୁଁ ନିବୃତ୍ତି ପାଇ ନଥାଏ । ତୋ'ଭଳି ଆଉ ଗୋଟିଏ କଳାନୁଷ୍ଠାନ ଭୁବନେଶ୍ୱରରେ ଗଢ଼ିବା ପାଇଁ ଲୋକ ଖୋଜା ହେଲା । ହାତୀ ମୋ'ରି ମୁଣ୍ଡରେ ସୁନା କଳଶ ଢାଳିଲା । ତୋ'ରି ମନେଥିବ ମୁଁ ଆଚାର୍ଯ୍ୟ ଶରତଚନ୍ଦ୍ରଙ୍କ ପ୍ରିୟତମ ଶିଷ୍ୟ । ଲାଗିଲା ତୁ ନୂଆହେଇ ମୋ ପାଖରେ ଧରାଦେଲୁ । ଭୁବନେଶ୍ୱରର ନବ୍ୟ ଅନୁଷ୍ଠାନର ତୁ ହେଇଗଲୁ ଜନ୍ମଦାତ୍ରୀ । ମୁଁ ନିମିତ୍ତ ମାତ୍ର ହେଇଗଲି । ଖଲିକୋଟ ଭୁବନେଶ୍ୱରରେ ପୁନର୍ନବିତ ହେଇଗଲା । ଖଲିକୋଟିଆଙ୍କୁ ନେଇ ଆଉଥରେ ଆରମ୍ଭହେଲା ଚିତ୍ରକଳାଶିକ୍ଷାର ନୂତନ ପ୍ରସ୍ଥଟିଏ ।

ଥରେ ଭୁବନେଶ୍ୱରରେ ମୋ'ରି ଅନୁଷ୍ଠାନରେ ଏନ୍.ସି.ଇ.ଆର୍.ଟି ଆନୁକୂଲ୍ୟରେ ସର୍ବଭାରତୀୟ ସ୍ତରରେ କଳାଶିକ୍ଷକମାନଙ୍କର ଜାତୀୟ ଶିବିର ଅନୁଷ୍ଠିତ ହେଇଥାଏ । ବିଭିନ୍ନ ପ୍ରଦେଶରୁ କଳାଶିକ୍ଷକମାନେ ତ ଯୋଗଦେବା ପାଇଁ ଆସିଥାନ୍ତି, ପୁଣି ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେବାପାଇଁ ଆମଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କଳାକାର, ସଂଗୀତଜ୍ଞ, ସାହିତ୍ୟିକ ଭୁବନେଶ୍ୱର ପହଞ୍ଚୁଥାନ୍ତି । ସେମାନଙ୍କ ଭିତରେ ଥାଆନ୍ତି ବିଗତ ଶତାବ୍ଦୀର ଶିଳ୍ପୀପୁରୁଷ ପ୍ରଫେସର୍ ଭବେଶ ସାନ୍ୟାଲ୍ । ଭବେଶ ସାନ୍ୟାଲ୍ ନିଜର ଅନୁଭବ ଓ ପ୍ରତ୍ୟୁତ୍ପନ୍ନମତିତାରେ ଶିବିରକୁ କଲ୍ଲୋଳିତ କରିରଖିଥାନ୍ତି । ଆମ ଅନୁଷ୍ଠାନର ପରିଚାଳନା, ପରିବେଶ, କଳାତ୍ମକତା ଓ ଦୃଷ୍ଟିଭଙ୍ଗୀ ତାଙ୍କୁ ଭଲ ଲାଗିଥାଏ । ଶିବିର ଶେଷ ହେଲା । ସମାବର୍ତ୍ତନ ଉତ୍ସବରେ ସିଏ

Digitized by srujanika@gmail.com

ସଭାପତିତ୍ୱ କରୁଥାନ୍ତି । ମୁଁ ଶିବିରର ମର୍ମ ଉପସ୍ଥାପନା କରୁଥାଏ । ତା'ରି ଭିତରେ ମୋ କଲେଜ ସଂପର୍କରେ ଦି' ପଦକଥା ଚୁମ୍ବକରେ କହିଦେଉଥାଏ । ମୋ କଥା ତାଙ୍କ ମନକୁ ଛୁଇଁଲା । ପ୍ରଫେସର୍ ସାନ୍ୟାଲ୍ ମୁଁ କେଉଁ କଳାଅନୁଷ୍ଠାନର ଛାତ୍ର ଜାଣିବା ପାଇଁ ଚାହିଁଲେ । ମୁଁ ମୋ ଉତ୍ତରରେ ଖଲିକୋଟ କଳାବିଦ୍ୟାଳୟ ବୋଲି କହିଲି । ସେ ଅବିଶ୍ୱାସର ନିର୍ଲିପ୍ତ ଚାହାଣିରେ ମୋତେ ଦଣ୍ଡେ ଅନେଇ ରହିଲେ । ତା' ପରେ ସେ ଦୃଢ଼ଭାବରେ କହିଲେ ନାହିଁ ତମକଥା କେବେ ସତହେଇ ନପାରେ । ସିଏ ମୋତେ ଖଲିକୋଟ କଳାବିଦ୍ୟାଳୟର ଅଭାବ ଅସଂଗତି, ଶିକ୍ଷାପ୍ରଣାଳୀରେ ତ୍ରୁଟି ବିଚ୍ୟୁତି ପ୍ରତି ସଚେତନ କରେଇଦେଲେ । ମୁଁ ତାଙ୍କଠାରୁ ବୟସରେ ଯଥେଷ୍ଟ ଛୋଟ ହେଇଥିଲେ ବି କଲେଜର ଅଧକ୍ଷ ତ, ଖୁବ୍ ମାନ୍ୟରେ ସମ୍ବୋଧନ କଲେ, ପ୍ରଫେସର, ପାଠୀ ! ତମେ ହୁଏତ ଜାଣିଥିବ, ତମେ ଯେଉଁ ଅନୁଷ୍ଠାନର ନାମ ସ୍ମରଣ କଲ ତା'ରି ସୁଧାର ପାଇଁ ଓଡ଼ିଶା ସରକାରଙ୍କ ଅନୁରୋଧରେ ସେହି ଅନୁଷ୍ଠାନ ପରିଦର୍ଶନ କରି ପଞ୍ଚଷଠି ପୃଷ୍ଠାର ଗୋଟିଏ ଦୀର୍ଘ ରିପୋର୍ଟ ଦେଇଥିଲି । ସେ ଦେଇଥିବା ରିପୋର୍ଟ ସଂପର୍କରେ ମୁଁ ସଚେତନ ଥାଏ, ରିପୋର୍ଟରେ ଉଲ୍ଲିଖିତ କେତେକ ଶାଣିତ ବ୍ୟଙ୍ଗାତ୍ମକ ମନ୍ତବ୍ୟ ମଧ ମୋ ଦୃଷ୍ଟିକୁ ଆସିଥାଏ । ଏଣୁ ମୁଁ ବିନମ୍ର ଭାବେ ଖଲିକୋଟର ନାଁ ଦୋହରାଇଲି । ପ୍ରଫେସର୍ ସାନ୍ୟାଲ୍‌ଙ୍କୁ କହିଲି, ଆପଣଙ୍କ ଅତି ନିର୍ମମ ଅଥଚ ଯଥାର୍ଥ ରିପୋର୍ଟ ସଂପର୍କରେ ସଚେତନ ରହିମଧ ଗର୍ବର ସହିତ କହୁଛି ମୁଁ ସେଇ ଖଲିକୋଟ କଳାବିଦ୍ୟାଳୟର ଜଣେ ପ୍ରାକ୍ତନ ଛାତ୍ର ।

ଦୁଇ

ଗଂଜାମୀ ଛାତ୍ରବାସର ଦୁଇଜଣ ସହପାଠୀ ଚନ୍ଦ୍ରଶେଖର ରାଓ ଓ ଦେବରାଜ ସାହୁ ଏବଂ କଟକୀ ଛାତ୍ରାବାସର ଅନ୍ୟଜଣେ ବଂଧୁ ଶିବ ପାଣିଗ୍ରାହୀ ମୋ ଷଷ୍ଟିପୂର୍ତ୍ତି ଅଭିନନ୍ଦନ ଗ୍ରନ୍ଥ ବାଙମୟ ନୀରବତା ପାଇଁ ଲେଖିଥିବା ପ୍ରବନ୍ଧମାନଙ୍କରୁ କିଛି ଉଦ୍ଧୃତି ଦେବା ଏଠାରେ ଅପ୍ରାସଙ୍ଗିକ ହେବନାହିଁ । କାରଣ ସେ ତିନିହେଁ ମୋ ଉପର କ୍ଲାସର ପିଲା ।

'୧୯୬୨ ମସିହାର କଥା । ମୁଁ ଖଲ୍ଲିକୋଟ କଳା ମହାବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ର ଥିଲାବେଳେ ଦିନନାଥ ବାବୁ ଥିଲେ ତୃତୀୟ ବର୍ଷର ଛାତ୍ର । ଦିନନାଥ ବାବୁଙ୍କ ସ୍କେଚ୍, ତୈଳଚିତ୍ର ଓ ଜଳରଙ୍ଗର ଭୂଦୃଶ୍ୟ ଏତେ ଚମତ୍କାର ଥିଲା ଯେ ଛାତ୍ରାବସ୍ଥାରେ କାର୍ଯ୍ୟ ଚୟନରେ ତାଙ୍କର ବଳିଷ୍ଠ ହାତର ପରିଚୟ ଜଣେ ଦକ୍ଷଶିଳ୍ପୀ ଭଳି

Digitized by srujanika@gmail.com

ମିଳିଯାଉଥିଲା । ତେଣୁ ସେ ପ୍ରାୟ ସମସ୍ତ ଛାତ୍ର ଓ ଶିକ୍ଷକଙ୍କ ଦୃଷ୍ଟିକୁ ଆସିଯାଉଥିଲେ । ଅଧ୍ୟକ୍ଷ ଥିଲେ ଶରତ୍‌ଚନ୍ଦ୍ର ଦେବ । ସ୍ୱାମୀ ଶିବାନନ୍ଦଙ୍କ ଶିଷ୍ୟ ଭାବେ ସେ ନିଜେ ଅନୁପ୍ରାଣିତ ହୋଇ ପାଠୀବାବୁଙ୍କୁ ମଧ୍ୟ ଶିଷ୍ୟ ରୂପେ ଗ୍ରହଣ କରି ନେଇଥିଲେ । ସେତେବେଳେ ଓଡ଼ିଶାରେ ଆଧୁନିକ ଚିତ୍ରକଳାକୁ ନୂଆ ଦିଗ୍‌ଦର୍ଶନ ଦେଇଥିଲେ ପ୍ରଫେସର୍ ଅଜିତକେଶରୀ ରାୟ ଓ ପ୍ରଫେସର୍ ଅନନ୍ତ ପଣ୍ଡା । ଓଡ଼ିଶା ଲଳିତକଳା ଏକାଡେମୀ ଗଠନର ପ୍ରଥମ ଚିତ୍ରକଳା ପ୍ରଦର୍ଶନୀ ୧୯୬୨ ମସିହାରେ ଆରମ୍ଭ କରାଯାଇଥିଲା । ଏଥିରେ ପାଠୀବାବୁଙ୍କ ତୈଳଚିତ୍ର 'ମୋ ଗାଁ' ଆମେଚର୍ ବିଭାଗରେ ପ୍ରଥମ ପୁରସ୍କାର ଓ ମୋର ଜଳରଙ୍ଗର ଚିତ୍ର, 'ଏ ଭିଉ ଅଫ୍ ଖଲ୍ଲିକୋଟ' ଦ୍ୱିତୀୟ ପୁରସ୍କାର ପାଇଥିଲା । କିନ୍ତୁ ସେହି ବର୍ଷ ପୁଣି ମୋର ଆଧୁନିକ ଚିତ୍ର 'ଥ୍ରୀ ସିଷ୍ଟାରସ୍' ପ୍ରଥମ ଶ୍ରେଣୀରେ ପୁରସ୍କାର ପାଇଥିଲା । କିନ୍ତୁ ପାଠୀବାବୁ ଆଧୁନିକ ବିଭାଗରେ କୌଣସି ପୁରସ୍କାର ପାଇ ନଥିଲେ । ତେଣୁ ମୁଁ ମନେ ମନେ ସେତେବେଳେ ଭାବିଥିଲି ବୋଧେ ତାଙ୍କଠାରୁ ବଳିଯିବି । କିନ୍ତୁ ତାଙ୍କର ଯେଉଁ କାର୍ଯ୍ୟଦକ୍ଷତାର ପ୍ରଚଣ୍ଡ ପ୍ରତିଭା ଥିଲା, ମୁଁ କ'ଣ ଓଡ଼ିଶା ତଥା ସେ ସମୟରେ ଖଲ୍ଲିକୋଟର କୌଣସି ଛାତ୍ର ତାଙ୍କ ସହିତ ସମକକ୍ଷ ହୋଇ ପାରିନଥିଲେ । ସେ କ୍ଲାସରେ ପ୍ରଥମ ହେଉଥିଲେ । ଶ୍ରେଣୀ ଗୃହରେ 'ଲାଇଫ୍ ଷ୍ଟଡି' ଓ ଷ୍ଟିଲ୍ ଲାଇଫ୍' ସେ ଆଙ୍କୁଥିଲାବେଳେ ତାଙ୍କ ପ୍ରତି ଅନେକ ଛାତ୍ରଛାତ୍ରୀ ଈର୍ଷାପରାୟଣ ହୋଇଥିବା ମୁଁ ନିଜେ ଅନୁଭବ କରିଛି । ସମୟ ନଦୀସ୍ରୋତ ଭଳି ୪୦ ବର୍ଷ ବିତିଗଲାଣି । ସେ ଏ ଭିତରେ ତାଙ୍କର କଳାର ଯାଦୁକରୀ ବିଦ୍ୟା ପ୍ରଭାବରେ ଆନ୍ତର୍ଜାତୀୟ, ଜାତୀୟ ତଥା ଓଡ଼ିଶାରେ ଚିତ୍ରକଳା, କଳା ଇତିହାସ ସହ ସୃଜନଶୀଳ ସାହିତ୍ୟ ସୃଷ୍ଟିକରି ନିଜକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଭାବେ ପ୍ରତିଷ୍ଠିତ କରାଇ ପାରିଛନ୍ତି । ଏହା ଯେ ଏକ ବିସ୍ମୟ ଏକଥା ସମସ୍ତେ ସ୍ୱୀକାର କରିଛନ୍ତି ଓ କରିବାକୁ ବାଧ୍ୟ । ଓଡ଼ିଶାର ଚିତ୍ରକଳା, ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ସେ ଏକ ଅଗ୍ରଣୀ ବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିପାଇଁ ତାଙ୍କୁ ବିଭିନ୍ନ ସମୟରେ ବହୁତ ପ୍ରଶଂସା ସହ ନିନ୍ଦା ମଧ୍ୟ ଶୁଣିବାକୁ ମିଳିଛି ।'

(ଶିବ ପାଣିଗ୍ରାହୀ, 'ବି. କେ. ଆର୍ଟକଲେଜ ଓ ଅଧ୍ୟକ୍ଷ ପାଠୀ', *ବାଙ୍ମୟ ନୀରବତା*, ଅପ୍ରକାଶିତ)

ଦିନନାଥ ବାବୁ ତାଙ୍କର ତୃତୀୟ ବର୍ଷରେ ତୈଳଚିତ୍ରକୁ ସ୍ୱତନ୍ତ୍ର ବିଷୟ ରୂପେ ବାଛିଥିଲେ । ପ୍ରଥମ ବର୍ଷରୁ ହିଁ ତାଙ୍କ ଦକ୍ଷ ହାତର ସୂଚନା ମିଳୁଥିଲା । ତାଙ୍କ ଚିତ୍ରର ପ୍ରେରଣା ତାଙ୍କ ଭାଇନା ଲୋକନାଥ ପାଠୀଙ୍କଠାରୁ ସେ ମୂଳରୁ ପାଇଥିଲେ । ମୂଳରୁ ସେ ସୁନ୍ଦର Realistic ଚିତ୍ର ଆଙ୍କୁଥିଲେ ।

•••

Digitized by srujanika@gmail.com

ପାଠୀବାବୁ ତାଙ୍କର ଦ୍ୱିତୀୟ ବର୍ଷରେ ଆସି ପୂର୍ବ ହଷ୍ଟେଲ (ଗଞ୍ଜାମ) ରେ ଯୋଗ ଦେଲେ । ଆମେ ଗଞ୍ଜାମ ହଷ୍ଟେଲର ଅନ୍ତେବାସୀ ଗୋଟିଏ କୁଟୁମ୍ବ ପରି ଚଳୁଥିଲୁ । ବଡ଼ ସାନ ଭିତରେ ଯେଉଁ ଭେଦଭାବ, ତାହା ଅନ୍ତତଃ ଏଠି ନଥିଲା । ପାଠୀବାବୁ ତାଙ୍କ କ୍ଷିପ୍ର ବ୍ରସ୍ ଚାଳନା ଓ ଡ୍ରଇଂ ପାଇଁ ସମସ୍ତଙ୍କର ପ୍ରିୟ ହୋଇଯାଇଥିଲେ । ସେ ତାଙ୍କ ତଳ ଓ ଉପର ବ୍ୟାଚ୍‌ର ଅନେକ ପିଲାଙ୍କର କାମକୁ ସଂଶୋଧନ କରୁଥିଲେ । ତାଙ୍କର ଅସ୍ୱଚ୍ଛଳ ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଏହା ତାଙ୍କ ପାଇଁ ଅଭ୍ୟାସର ବି ସୁଯୋଗ ଯୋଗେଇ ଦେଉଥିଲା ।

•••

·ଦିନନାଥ ପାଠୀଙ୍କ ଜଳରଙ୍ଗରେ ଯେତେ ଚମତ୍କାରିତା ଥିଲା ତୈଳଚିତ୍ରରେ ତତୋଽଧିକ ମାଦକତା ଥିଲା । ଛାତ୍ରମାନଙ୍କ ଭିତରେ ସେ' ହିଁ ପ୍ରଥମ ଥର ପାଇଁ ପରୀକ୍ଷାରେ ଗୋଟିଏ ବିଷୟକୁ ଆଧୁନିକ ଶୈଳୀରେ ଅଙ୍କନ କରିବା ପାଇଁ ଦୃଢ଼ ପ୍ରୟାସ କରିଥିଲେ । ତତ୍କାଳୀନ ପରୀକ୍ଷକ ସ୍ୱର୍ଗତ ଗୋପାଳ କାନୁନ୍‌ଗୋ ଏହାକୁ ଘୋର ବିରୋଧ କରିବା ସତ୍ତ୍ୱେ ଅନନ୍ତ ପଣ୍ଡାଙ୍କ ସମର୍ଥନ ଲାଭ କରି ଅନୁଷ୍ଠାନରେ ସର୍ବୋଚ୍ଚ ନମ୍ବର ରଖି ସେ ରେକର୍ଡ଼ ସୃଷ୍ଟି କରିଥିଲେ । ପୂର୍ବ ହଷ୍ଟେଲର କଳା ବାତାବରଣକୁ ଦିନନାଥ ସକ୍ରିୟ ଓ ସତେଜ କରିଦେଇଥିଲେ । ତୃତୀୟ ବର୍ଷରେ ତାଙ୍କର କ୍ୟୁବିକ୍ ଭାବଧାରାର 'ଚା ବଗିଚାର ଲଳନା', 'ପ୍ରେମୀଯୁଗଳ' ଚିତ୍ର ମତେ ଖୁବ୍ ଭଲ ଲାଗିଥିଲା । କେବଳ ମୁଁ କାହିଁକି ସମଗ୍ର ଅନୁଷ୍ଠାନରେ ତାଙ୍କ ବଳିଷ୍ଠ ହାତ ପାଇଁ ସମସ୍ତଙ୍କ ପାଖରେ ସେ ପ୍ରିୟ ହୋଇପାରିଥିଲେ ।

(ଚନ୍ଦ୍ରଶେଖର ରାଓ, 'ଆଧୁନିକତାର ଅୟମାରମ୍ଭ : ଖଲି କୋଟ ବେଳର ଯୁବ ଚିତ୍ରକର', *ବାଙ୍ମୟ ନୀରବତା*)

ଗଞ୍ଜାମ ପିଲାଗୁଡ଼ାକ ଖାଇ ଜାଣନ୍ତିନି । ସବୁବେଳେ ଚଣା ତରକାରି । ତରକାରିମାନେ ମଟର ସିଝା । ଟିକେ ଲୁଣ ହଳଦି ପଡ଼ି ପାଣି ଭଳି ତରକାରି । ଦିନନାଥ ବି ରୋଷେଇ କରନ୍ତି । ବେଳେ ବେଳେ ସକାଳୁ ଉଠି ନେଚର୍ ଷ୍ଟଡ଼ି କରିବା ପାଇଁ ଦୂରକୁ ଚାଲିଯାନ୍ତି । ଫେରିଲା ବେଳକୁ ଉଦୁଉଦିଆ ଦି'ପହର । ସେଇ ଖରାରେ ଆସି ଆଉ ରୋଷେଇ କରିବାକୁ ଇଚ୍ଛା ହୁଏନି । ରାତିର ପଖାଳଭାତ । ସେଥିରେ କିଛି ଚହ୍ଲା ପଡ଼େ । ପାଖରେ ଗୋଟେ କାଗଜ ଜଳାଯାଏ । ଏକ ଶୃଙ୍ଖଳା ଲଙ୍କାର ଡେମ୍ଫକୁ ଧରି ସେଥିରେ ପୋଡ଼ାଯାଏ । ସେଇ ଲଙ୍କାକୁ ବାମ ହାତରେ ଧରି ଭାତ ଖିଆ ଚାଲେ । ଏଇଭଳି ବାରମ୍ବାର ଦେଖିଲା ପରେ ଆମ ମନରେ ଦିନନାଥ ପ୍ରତି ଦୟା ଆସିଲା ।

Digitized by srujanika@gmail.com

ପିଲାଟା କେତେ କଷ୍ଟରେ ନ ଖାଉଛି । ତା'ପରେ ଆମେ ତରକାରି ପତ୍ର ଦେଲୁ । ପରେ ପରେ ସେ ଆସିଲା ପର୍ଯ୍ୟନ୍ତ ଅପେକ୍ଷା କରି ବସିଲୁ ମିଶିକରି ସାଥିହୋଇ ଖାଇବା ପାଇଁ । ଆସ୍ତେ ଆସ୍ତେ ସମ୍ପର୍କଟା ଘନେଇ ଆସିଲା । ସାଥିହୋଇ ଖାଇବା, କାମ କରିବା, ଗପସପ କରିବା, ଶୁଆବସା ସବୁ ଏକାଠି ଚାଲିଲା ।

•••

ଯା ଭିତରେ ପ୍ରିନ୍‌ସପାଲ୍ ଏକ 'ଦିବ୍ୟଜୀବନ ସଂଘ' ଗଠନ କଲେ ଆମେ ସବୁ ସେଥିରେ ଯୋଗଦେଲୁ । ପାହାନ୍ତାରୁ ପ୍ରାତଃ ପ୍ରାର୍ଥନା, ସନ୍ଧ୍ୟାରେ ପ୍ରାର୍ଥନା, ଭଜନକୀର୍ତ୍ତନସବୁ ରୀତିମତ ଚାଲିଲା । ଏଥିରେ ଦିନନାଥ ଥିଲେ ମୁଖ୍ୟ ଉଦ୍ୟୋକ୍ତା । ଏଣୁ ପ୍ରିନ୍‌ସପାଲ୍ ତାଙ୍କୁ ସମସ୍ତଙ୍କଠାରୁ ବେଶୀ ଭଲ ପାଆନ୍ତି । ରୁମ୍‌ରେ ମଧ୍ୟ ପୂଜାପାଠ ଯୋଗ ପ୍ରାଣାୟାମ ଚାଲିଥାଏ । ସବୁରି ଭିତରେ ନିଜକୁ ସାମିଲ କରି ଆମେ ନିଷ୍ଠାର ସହିତ ଆମର କଳା ସାଧନାରେ ଲାଗିଥାଉଁ । ଯଦିଓ ମୁଁ ଭାସ୍କର୍ଯ୍ୟ ବିଭାଗର ଛାତ୍ର ଥିଲି କିନ୍ତୁ ଦିନନାଥ, ଚନ୍ଦ୍ରଶେଖର ରାଓ ଏବଂ ଲକ୍ଷ୍ମୀ ନାରାୟଣ ସାହୁଙ୍କର ଛବି ମୋତେ ବେଶୀ ପ୍ରଭାବିତ କରିଥିଲା । ମୁଁ ବି ରୁମ୍‌ରେ ଛବି କରେ ।

(ଦେବରାଜ ସାହୁ, 'ଆମ କଳାକାର ଜୀବନ ରଙ୍ଗମଞ୍ଚର', *ବାଙ୍ମୟ ନୀରବତା*)

ତିନି

ଖଲିକୋଟରେ କଳାବିଦ୍ୟାଳୟ ଆରମ୍ଭ ହେଲାବେଳକୁ ଭାରତ ସ୍ୱାଧୀନ ହେଇ ପ୍ରଥମ ଦଶନ୍ଧି ପାର ହେଇଯାଇଥିଲା । ରାଜନୈତିକ ସ୍ୱାଧୀନତା ସିନା ଆମକୁ ଲଭ୍ୟ ହେଇସାରିଥିଲା ଆମେ କିନ୍ତୁ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଆମର ସାଂପ୍ରତିକ ଅସ୍ମିତା ଖୋଜୁଥିଲୁ । ମୂଳପାଖକୁ ଫେରିଯିବା ପାଇଁ ପ୍ରୟାସ ଆରମ୍ଭ ହେଲା । ଔପନିବେଶୀୟ କଳା ପ୍ରଭାବରୁ ନିଜକୁ ମୁକ୍ତ କରି ପାରିନଥିଲୁ କି ଚିତ୍ରକଳାରେ ଆମେ ଆମ ଆଭିମୁଖ୍ୟ ସ୍ଥିର କରିପାରିନଥିଲୁ ।

ଶିକ୍ଷାବିଭାଗ ତାଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ମହାବିଦ୍ୟାଳୟଠାରୁ ଖଲିକୋଟକୁ ଆଡ଼ନଜରରେ ଦେଖୁଥିଲେ । ଶିକ୍ଷାବିଭାଗ ଭାବୁଥିଲା ସତରେ ଏଇଟା ଗୋଟିଏ ପିଲାଙ୍କ ସ୍କୁଲ । ସରକାରଙ୍କ ଉଦ୍ଦେଶ୍ୟ ଥିଲା ଏହାକୁ ତାଲିମ୍ କେନ୍ଦ୍ର ଭଳି ଗଢ଼ିବେ । ଗୁଡ଼ାଏ କଳକବ୍‌ଜା ଆଣି ଆର୍ଟ୍‌ସ୍କୁଲରେ ସରକାର ଗଦେଇଥିଲେ ।

Digitized by srujanika@gmail.com

ସେଗୁଡ଼ିକ ସେମିତି ପଡ଼ି ପଡ଼ି କଳଙ୍କି ଧରିଲା । ସିରାମିକ୍ କରିବା ପାଇଁ ଚକି ଆଉ ଚୁଲି ଆସିଥାନ୍ତା । କ'ଣ ଅସଜ ହେଲା କେଜାଣି ମଝିରୁ ଅଟକି ଗଲା ।

ଆର୍ଟସ୍କୁଲର ପାଠ୍ୟକ୍ରମ କ'ଣ ଥିଲା, ତା'ର ଆଭିମୁଖ୍ୟ କ'ଣ ଆମକୁ କେହି କହିନଥିଲେ । କିନ୍ତୁ ଲାଗୁଥିଲା ଏହା ତ୍ରିମାତ୍ରିକ, ତ୍ରିବିଧ । ପ୍ରଥମଟି ପ୍ରୟୋଗାତ୍ମକ ବା ବ୍ୟାବହାରିକ ଯାହାକୁ କ୍ରାଫଟ୍ ବା କାରୁଶିଳ୍ପ କହିବା ସମୀଚୀନ ହେବ । ଦ୍ୱିତୀୟଟି ହେଲା ଟ୍ରେନିଙ୍ଗ୍ ବା ତାଲିମ୍, ଯାହା ଆହରଣ କଲେ କଳାକୁ ଶିକ୍ଷା ମାଧ୍ୟମରେ ସଂପ୍ରସାରଣ କରିହେବ, ନିଜେ ବୁଝି ଅନ୍ୟକୁ ବୁଝେଇ ହେବ । ତୃତୀୟଟି ହେଲା ଚିତ୍ର ଓ ଭାସ୍କର୍ଯ୍ୟ ବିଦ୍ୟା । ମନେ ହେଉଥିଲା ଏଇଠିହିଁ କଳାଶିକ୍ଷାର ଅସଲ ଗୁମରଟି ଅଟକି ରହିଛି ଏବଂ ଏଇଥିରୁ ହିଁ ଖିଅନେଇ ବିଦ୍ୟାଳୟଟି ସଂସ୍କୃତି ବିଭାଗ ସହିତ ପରେ ଯୋଡ଼ି ହେଲା ।

ଖଲିକୋଟ ଆର୍ଟସ୍କୁଲକୁ ଶିକ୍ଷାବିଭାଗ ଚିତ୍ରଶିଳ୍ପୀ ଉତ୍ପାଦନ କେନ୍ଦ୍ରଭଳି ବ୍ୟବହାର କରୁଥିଲା । ଆର୍ଟସ୍କୁଲରୁ ଯେଉଁ ଯୁବଶିଳ୍ପୀମାନେ ଉତ୍ତୀର୍ଣ୍ଣ ହେଉଥିଲେ ଶିକ୍ଷାବିଭାଗ ସେମାନଙ୍କମଧ୍ୟରୁ ଅଧିକାଂଶଙ୍କୁ ଚିତ୍ରଶିକ୍ଷକ ଭାବେ ଅବଶ୍ୟ ଗ୍ରହଣ କରିନେଉଥିଲା । ପରବର୍ତ୍ତୀ କାଳରେ ସ୍କୁଲ ସଂସ୍କୃତି ବିଭାଗକୁ ହସ୍ତାନ୍ତର ହେଲାପରେ ଶିକ୍ଷାବିଭାଗ ଚିତ୍ରଶିକ୍ଷକମାନଙ୍କୁ ମୃତ ବୋଲି ଘୋଷଣା କଲା । ସ୍କୁଲ ଶିକ୍ଷାରେ ଚିତ୍ରଶିକ୍ଷା ଆଉ ଚିତ୍ରଶିକ୍ଷକର ସ୍ଥାନ ଅଲୋଡ଼ା ହେଲା । ଶେଷରେ ଶିକ୍ଷା ନିର୍ଦ୍ଦେଶାଳୟରେ ଥିବା କଳାଶିକ୍ଷାର ସ୍ୱତନ୍ତ୍ର ଅଧିକାରୀ ପଦବୀଟି ଉଚ୍ଛେଦ ହେଇଗଲା ସିନା ସଂସ୍କୃତି ବିଭାଗ ଅନୁରୂପ ପଦବୀଟିଏ ସୃଷ୍ଟିକରିବାର ଯଥାର୍ଥତା ଅନୁଭବ କଲାନି ।

ଦୀର୍ଘ ଚାଳିଶି ପଞ୍ଚଚାଳିଶି ବର୍ଷପରେ ଖଲିକୋଟ ଆର୍ଟସ୍କୁଲର ଶିକ୍ଷାପଦ୍ଧତିକୁ ସ୍ମରଣ କଲେ ବିସ୍ମୟରେ ଅଭିଭୂତ ହେବାକୁ ହୁଏ । ଓଡ଼ିଶାର ସେ ସମୟର ବିଶିଷ୍ଟ ଶିଳ୍ପୀମାନେ ଅଧ୍ୟକ୍ଷ ଓ ଅଧ୍ୟାପକ ଦାୟିତ୍ୱରେ ଥିଲେ । ତଥାପି ପାଠ୍ୟଖସଡ଼ାର ଅନ୍ତର୍ଚ୍ଛନ୍ଦ ସେମାନଙ୍କ ପ୍ରାଣକୁ ଛୁଇଁ ନଥିଲା । ଅଧ୍ୟକ୍ଷ ଶରତଚନ୍ଦ୍ର ଏହି ପାଠ୍ୟଖସଡ଼ା ପ୍ରଣୟନ କରିଥିଲେ ଓ ନିଜ ସହକର୍ମୀଙ୍କୁ ସେଥିରେ ଉଦ୍‌ବୁଦ୍ଧ କରିବା ପାଇଁ ଆପ୍ରାଣ ଚେଷ୍ଟାକରୁଥିଲେ । ତଥାପି ଉଭୟ ପଟେ ବଳଦଯୋଚା ଶଗଡ଼ଗାଡ଼ିପରି ଏହା କେତେବେଳେ ପୂର୍ବକୁ ତ ଆଉ କେତେବେଳେ ପଶ୍ଚିମକୁ ଟାଣିହେଇ ଚାଲୁଥିଲା ।

Digitized by srujanika@gmail.com

ପୂର୍ବ ପଶ୍ଚିମର ମିଳନରେ ଗୋଟିଏ ସମନ୍ୱିତ ଯୌଗିକ ଚିତ୍ରଣଧାରା ଉଦ୍ଭବ ହେଲା । ଏଥିରେ ଶରତଚନ୍ଦ୍ରୀୟ ନିମଗ୍ନତା ରହିଥିଲା । କିନ୍ତୁ ଏହା ଖୁବ୍ ଶୀଘ୍ର ନିଜର ତୀଖପଣ ହରେଇ ଅଥର୍ବ ହେଇପଡ଼ିଲା । କଳାଜଗତରେ ଖଲିକୋଟ ଆର୍ଟସ୍କୁଲକୁ ଚିହ୍ନିହେଲା ପରି ଚିତ୍ରଣଧାରାଟିଏ ଦୀର୍ଘ ଚାଳିଶିବର୍ଷ ଭିତରେ ଉଦ୍ଭବ ହେଇସାରିଥିବା କଥା । କିନ୍ତୁ ସେଭଳି କିଛି ଘଟି ପାରିଲାନି । ଆଗରୁ ସିନା ଲଣ୍ଡନ, ଶାନ୍ତିନିକେତନ ଓ କଲିକତା ମିଶାମିଶି ହେଇ ରହିଥିଲା ଏବେ ସବୁତ ବିଶୁଦ୍ଧ ଖଲିକୋଟ । ଦୁର୍ଦ୍ଦିନ ଭିତରେ ବଢ଼ିଥିବାରୁ ଖଲିକୋଟ ପିଲାଏ ଘାସକଟାରୁ ଘୋଡ଼ାଚଢ଼ା ଯାଏଁ ସବୁ ଶିଖିବା ପାଇଁ ବାଧ୍ୟହେଲେ ।

କୁଟି ଖାଇ କାଟି ପିନ୍ଧି ବଞ୍ଚିରହିବାର ସାମର୍ଥ୍ୟ ଖଲିକୋଟ ତା'ର ସବୁ ଶିଳ୍ପୀଙ୍କୁ ଅଯାଚିତ ଭାବେ ଅଜାଡ଼ି ଦେଇଛି । ଉଚ୍ଚତର ଗବେଷଣା, ବୌଦ୍ଧିକତା ଓ ସୃଜନଶୀଳତାରେ ଉଦ୍‌ବୁଦ୍ଧ ହେଇ ବଂଚିରହିବାର ସଂଘର୍ଷ ଖଲିକୋଟ ତା' ପିଲାଙ୍କୁ ଶିଖେଇ ପାରିଲାନି । ଧୀରେ ଧୀରେ କଳାତ୍ମକତା, ଶିଳ୍ପପ୍ରତିବଦ୍ଧତା, ଶିଳ୍ପୀଗୋଷ୍ଠୀର ହିତ ପାଇଁ ନିଃସ୍ୱାର୍ଥପରତା, କଳାର ଅଭିବୃଦ୍ଧି ପାଇଁ ତ୍ୟାଗ କମିଲା । ଚାଳିଶ ବର୍ଷ ପୂର୍ବେ ଯେମିତି କହିହଉଥିଲା ଖଲିକୋଟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଓଡ଼ିଶାର ବିଶିଷ୍ଟ ଶିଳ୍ପୀ ଏବେ ସେମିତି ଆଉ କହିହଉନି ।

ଓଡ଼ିଶାରେ ଆଉ ଆର୍ଟସ୍କୁଲ ନାହିଁ । ଏବେ ଚାରିଆଡ଼େ ଖାଲି କଲେଜ, ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ । କଳାନୁଷ୍ଠାନ ଏକରୁ ବଢ଼ି ଏବେ ଅନେକ ହେଲାଣି । କଳାର ଦେଶ ଉତ୍କଳରେ ଚିତ୍ରକଳାଶିକ୍ଷାର ଅଭିବୃଦ୍ଧି ଘଟିଛି ବୋଲି ଡିଣ୍ଡିମ ବାଜିଲାଣି । ମହାବିଦ୍ୟାଳୟରେ ଉପାଧ୍ୟୁତ୍ତର ଶିକ୍ଷାର ମଧ୍ୟ ବ୍ୟବସ୍ଥା ହେଲାଣି । ବାହାରକୁ ମନେ ହେଉଛି ଆମ ଓଡ଼ିଶା ଦେଶ ଚିତ୍ରକଳାରେ ତା'ର ହୃତଗୌରବ ଫେରି ପାଉଛି । କିନ୍ତୁ ଯିଏ ଚାରି ଦଶନ୍ଧିର କଥା ଅଙ୍ଗେ ଲିଭେଇଛି ସେ ଜାଣୁଛି, ହେଜୁଛି ବେଦନା, ଦୁଃଖ ଓ କ୍ଷୋଭ କିଭଳି ବିବେକର ତାଡ଼ନା କରୁଛି । କହିଲେ କୁଳକୁଟୁମ୍ବକୁ ଲାଜ, ନକହିଲେ କୁଳ ଭାସିଯାଉଛି । ଏଣୁ ଖଲିକୋଟ ଆର୍ଟସ୍କୁଲ କଥା, ସେବେଳର ମାଷ୍ଟ୍ରଙ୍କ କଥା ଏବେ ବେଶି ବେଶି ମନେପଡୁଛି ।

ହାୟରେ ଖଲିକୋଟ !

ମୁଁ ଏବେବି ଚିଲିକା ପାଣିରେ ସେଦିନର ମୋ ଛାଇ ଖୋଜୁଛି ।

Digitized by srujanika@gmail.com

ଉଆସରେ ପ୍ରଥମ ସଂଧ୍ୟା

ଦିଗପହଣ୍ଡିରୁ ଖଲିକୋଟ । ମନେ ହେଉଥାଏ ଓଡ଼ିଆ ବାରିଷ୍ଟର ମଧୁବାବୁଙ୍କ ଭଳି ସତେ ଯିମିତି ମୁଁ ସାତ ସମୁଦ୍ର ପାର ହୋଇ ଓକିଲାତି ପାଠ ପଢ଼ିବାକୁ ବିଲାତ ଯାଉଛି । କଥାଟି ପୂରାପୂରି ସତ ନହେଲେ ମଧ ଏକବାରେ ମିଛ ବୋଲି କହି ହେବନି । ମୁଁ ହିଁ ଦିଗପହଣ୍ଡିର ପ୍ରଥମ ବ୍ୟକ୍ତି ଯେ କି କଳାଶିକ୍ଷା କରିବା ପାଇଁ ପ୍ରଥମ କରି ଗାଁ ବାହାରକୁ ଯାଇଥିଲି । ମୋ ପାଇଁ ଘରୁ ଗୋଡ଼ କାଢ଼ି ଏତେ ଦୂର ଯିବା ଏହାହିଁ ପ୍ରଥମ । ଓଷାକୋଠି ବା ଥିଏଟରେ ସିନ୍ ଆଙ୍କିବା ପାଇଁ ବହୁବାର ଗାଁ ବାହାରକୁ ଭାଇନା ଲୋକନାଥ ପାଠୀ, କାନାମାନା, ଓର୍‌ଫ ରଘୁନାଥ ପାତ୍ର କିମ୍ବା ଦିଗପହଣ୍ଡି ପଞ୍ଚମଜର୍ଜ ହାଇସ୍କୁଲର ଡ୍ରଇଁଶିକ୍ଷକ ନଟବର ମାର୍ଥାମାଷ୍ଟ୍ରେଙ୍କ ସାଙ୍ଗେ ଯିବା ହେଇଛି । କିନ୍ତୁ ସେ ସବୁ ଧାପ ଦଶ, ପନ୍ଦର ମାଇଲ ପରିସୀମା ଭିତରେ । ଏବେ ଦିଗପହଣ୍ଡିରୁ ଖଲିକୋଟ ଅନେକ ବାଟ ଭଳି ଲାଗୁଛି । ବ୍ରହ୍ମପୁରରେ ବସ୍ ବଦଳେଇ ଛତ୍ରପୁର, ଗଞ୍ଜାମ, ହୁମା, ରମ୍ଭା ଦେଇ ଖଲିକୋଟ । ମନ ଭିତରେ ଅସରନ୍ତି ପୁଆରା । ମୁଁ ଭାଇନାଙ୍କଠୁ ଶୁଣିଥିଲି ଖଲିକୋଟ ଆର୍ଟସ୍କୁଲର ଅଧକ୍ଷ, ଚିକିଟି ଗଡ଼ର

Digitized by srujanika@gmail.com

ଦେଉ ଶରତଚନ୍ଦ୍ର ତୂଳୀ ବ୍ୟବହାର ନକରି ଆଣ୍ଠୁରେ ଏବଂ କହୁଣିରେ ଛବି କରନ୍ତି । ବୁଢ଼ୀ ଆଈମାଁର ଅସୁରୁଣୀ ଗପଭଳିଆ କଥା । ମୋ ଭାଇନା କହୁଥିଲେ, ଭାରତ ସରକାର କୁଆଡ଼େ ଥରେ ସାହେବ ଦେଉଙ୍କୁ ଶହେ ଟଙ୍କିଆ ନୋଟ୍‌ର ଛବି ଆଙ୍କିବାକୁ ବରାଦ ଦେଇଥିଲେ । ସେ ଗୋଟିଏ ବିରାଟ ସିନ୍ ପରଦା ଉପରେ ମେଞ୍ଚା ମେଞ୍ଚା ରଙ୍ଗ ଲଗେଇ ଆବୁଡ଼ା ଖାବୁଡ଼ା କରି ନୋଟର ଚିତ୍ର ଆଙ୍କିଥିଲେ ଓ ତାକୁ ଛୋଟକରି ପ୍ରେସରେ ଛାପିଲା ପରେ ଏଡ଼େ ଚମତ୍କାର ଦିଶିଲା ଯେ ହାତରେ ଅଙ୍କାହେଇଛି ବୋଲି ପରତେ ଗଲାନି । ଏସବୁ କଥା ଭାବୁ ଭାବୁ ବସ୍ ଆସି ବ୍ରହ୍ମପୁର ବାରାକ୍‌ସରେ ପହଞ୍ଚିଲା । ଏଇଠି ଖଲିକୋଟ କଳା ବିଦ୍ୟାଳୟର ଅଧ୍ୟକ୍ଷ ଶରତଚନ୍ଦ୍ର ରହନ୍ତି । ଇଚ୍ଛା ହେଉଥିଲା ରାସ୍ତା ଉପରୁ ଧୂଳି ନେଇ ମୁଣ୍ଡରେ ମାରିବାକୁ । ବାରାକ୍‌ସ ଓ.ଆର.ଟି ମାଇକ୍‌ରୁ କେଶପୁର, ଖଲିକୋଟ, ରମ୍ଭା,ହୁମା ଯିବାପାଇଁ ବସ ଛାଡ଼ିବା କଥା ଘୋଷଣା ହେଲା, ଆଉ ମୁଁ ବସ୍ ଭିତରେ ଦାଖଲ ହେଇଗଲି । ବସ୍ ଆଗେଇ ଚାଲିଲା ଛତ୍ରପୁରର କିଆବୁଦା, ଋଷିକୁଲ୍ୟା ମୁହାଣ, ଗଂଜା ଦୁର୍ଗକୁ ପଛରେ ପକେଇ । ଡ଼ାହାଣକୁ ଆଖି ଫେରେଇଲା ବେଳକୁ ହୁମା ଲୁଣମରା କିଆରି ସମୁଦ୍ର ଭିତରକୁ ଲମ୍ବିଯାଇଛି । ଏଭଳି ଗୋଟିଏ ଲୁଣ କିଆରିରୁ ମୁଠାଏ ଲୁଣ ଉଠେଇନେଇ ମହାତ୍ମାଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନର ବୀଜମନ୍ତ୍ର ପୋତି ଥିଲେ ।

ଥଣ୍ଡା ପବନ ପୂର୍ବପଟୁ ଭାସି ଆସୁଛି । ବୋଧେ ଚିଲିକା ବେଶି ଦୂର ନୁହେଁ । ମୋର ଚିଲିକା ସହିତ ଏହା ହିଁ ପ୍ରଥମ ଦେଖା । ରାଧାନାଥ ଓ ଗୋପବଂଧୁଙ୍କ କବିତାରେ ମରାଳମାଳିନୀ ନୀଳାମ୍ବୁ ଚିଲିକା କଥା ପଢ଼ିଥିଲି ଏବଂ ବସ୍ ନହୋଇ ଯଦି ରେଳଯାତ୍ରା ହୋଇଥାନ୍ତା ଗୋପବଂଧୁଙ୍କ କବିତାର 'ରହ ରହ କ୍ଷଣେ ବାଷ୍ପୀୟ ଶକଟ ଦେଖିବି ଚିଲିକା ଚାରୁ ଚିତ୍ରପଟ' ଦୋହରାଇଥାନ୍ତି । ରମ୍ଭାର ରୋକଡ଼ିଆ ରାସ୍ତାଦେଇ ବସ୍ ଗଲାବେଳେ ମନେ ହେଲା ବୋଧେ ଏହି ସେହି 'ପୁଷ୍ପେଷୁ ଚମ୍ପା, ନଗରୀଷୁ ରମ୍ଭା' । ସତେ ଯେମିତି ରୂପବତୀ ଗୁଡ଼ୀସାଣୀ-ମାନଙ୍କର ଚାପା ଚାପା ହସ ଏ ସହରର ପୁରୁଣା କୋଠାମାନଙ୍କ କାନ୍ଥଦେହରେ ନେସି ହେଇଯାଇଛି ଓ ତା ସହିତ କୁମୁଟି ଦୋକାନମାନଙ୍କର ଶୁଖିଲା ଲଂକା ଓ ତେଜପତ୍ର ବାସ୍ନା ବସ୍‌ଯାତ୍ରୀମାନଙ୍କୁ ମହକେଇ ଦେଉଛି । ବସ୍ ରମ୍ଭା ପାରିହେଲା । ରମ୍ଭା ଓ ସାବୁଳିଆ ଭିତରେ ଗଛସବୁ ଛନ୍ଦାଛନ୍ଦି ହେଇ ରାସ୍ତାର ଉଭୟ କଡ଼େ ଠିଆ ହେଇ ଆମକୁ ଅପେକ୍ଷା କରି ରହିଥିଲେ । ବସଟି ସନ୍ତର୍ପଣରେ ଏ ସବୁଜ ଚାନ୍ଦୁଆ ତଳେ ଆଗକୁ ବାଟ ମୁହେଁଇଲା । ଏଇ ଗଛ ଏବେ ବି ଛନ୍ଦା ଛନ୍ଦି ହେଇ ରହିଛନ୍ତି । ସାବୁଳିଆ ପରେ

Digitized by srujanika@gmail.com

ଦୋ'ଛକି । ବାଁକୁ ଲମ୍ବି ଥିବା ରାସ୍ତାଟି ଖଲିକୋଟ ସହର ଭିତରକୁ ଆଉ ଡ଼ାହାଣ ପଟେ ଘାଟି ପାରିହେଲେ କେଶପୁର । ସଂଧ୍ୟା ଆସନ୍ନ । ଗଛ ଛାଇଯାକ ଲମ୍ବାହୋଇ ରାସ୍ତା ଉପରେ ଶୋଇ ରହିଛନ୍ତି । ଗାଁର ଲଙ୍ଗଳା ପିଲାମାନେ ରାସ୍ତାକଡ଼େ ଠିଆ ହୋଇ ବସ୍ ଡ୍ରାଇଭରକୁ ହାତ ହଲାଉଛନ୍ତି । ଏ ପରଂପରା ଏବେବି ଗଂଜାମରେ ବଳବତ୍ତର ରହିଛି । ଟିକିଏ ଦୂରରେ ଆମ୍ବତୋଟା ଉହାଡ଼ରୁ ଗାଁ ଚାଳ ମଥାନର କୁହୁଳିଆ ଧୂଆଁ ପାହାଡ଼ ଉପର ଦେଇ ପାରିହୋଇ ଯାଉଛି । ପାହାଡ଼ ଲାଗୁଛି ଭସ୍ମାର୍ଚ୍ଚିତ ଯୋଗୀ ଭଳି ସ୍ନିଗ୍ଧ । ବସ୍ ନିର୍ମଳଝରର ପାଖାପାଖି ହେଲା ବେଳକୁ ସଂଧ୍ୟା ଗାଢ଼ ହୋଇଯାଇଥିଲା ଏବଂ ମଳିଛିଆ ଜହ୍ନଟିଏ ତୋଟା ଭିତରୁ ଉଙ୍କି ମାରୁଥିଲା । ଜୁଲାଇ ମାସର ବର୍ଷାଧୁଆ ସଂଜବେଳ । ଖଲିକୋଟ ଆରମ୍ଭ ହେବା ପୂର୍ବରୁ ଦୁଇକାନି ଖାଲି ଆମ୍ବତୋଟା ଆଉ ଶାଗୁଆ ପାହାଡ଼, ମନେ ହେଉଥିଲା ସତେ ଯିମିତି କାଶ୍ମୀରର କୌଣସି ଏକ ସ୍ୱପ୍ନିଳ ଉପତ୍ୟକା । ଖଲିକୋଟ ଗଂଜାମର ପୁରୁଣା ଜମିଦାରି ଭିତରୁ ଅନ୍ୟତମ । ଏଠି ମର୍ଦ୍ଦରାଜଙ୍କର ପ୍ରତିପତ୍ତି । ଖଲିକୋଟ ଗଡଖାଇ ନଥାଇ ଗଡ଼ଟିଏ । ଆମ ଦିଗପହଣ୍ଡି ଗଡ ଭଳି । କିନ୍ତୁ ଆମ ଗାଁଠାରୁ ସାନ । ଖଲିକୋଟ ସହରର ପେଟ ଚିରି ପିଚୁ ରାସ୍ତାଟିଏ ଲମ୍ବିଯାଇଛି ପାହାଡ଼ ସନ୍ଧିରୁ ହ୍ରଦକୂଳ ଯାଏଁ । ପୂର୍ବପଟେ ରେଳଷ୍ଟେସନ କେଶପୁର ଏବଂ ମାନ୍ଦ୍ରାଜ ସହରରୁ କଟକ ଭୁବନେଶ୍ୱର ଦେଇ କଲିକତା ଯାଉଥିବା ଜାତୀୟ ରାଜପଥ ସାଙ୍ଗରେ ଏଇ ରାସ୍ତାହିଁ ସଂପର୍କ ବାଢ଼ିଥାଏ ଆଉ ଚିଲିକାସାଙ୍ଗରେ ଖଲିକୋଟକୁ ମଧ୍ୟ ଯୋଡ଼ିଦେଇ ଯାଏ ।

ବସ୍ ଖଲିକୋଟ ବସ୍‌ଷ୍ଟାଣ୍ଡ୍‌ରେ ମୋତେ ଓହ୍ଲେଇଦେଇ କେଶପୁର ଚାଲିଲା । ଏଠି ଓହ୍ଲେଇଲା ପରେ ବି ଚାରିଆଡ଼େ ପାହାଡ଼ । ଉତ୍ତରରେ ଜୟ-ଦୁର୍ଗା ଓ ଦକ୍ଷିଣରେ ମାରୁଆ । ମୋ ଢ଼ଙ୍ଗ ଢ଼ାଙ୍ଗ ଜାଣିପାରି କିଏ ଜଣେ ପଚାରିଲା 'ଉଆସ ଯିବ' ? ପାହାଡ଼ ଉପରକୁ ଉଠ । ତା ହେଲେ ଉଆସ ହେଉଛି ଆର୍ଟସ୍କୁଲ । ମନ ଭିତରେ ଉଦ୍‌ବେଳନ ସୃଷ୍ଟି ହେଲା । ମୁଁ ମୋର ବେଗ୍‌ପତ୍ର ଧରି ଉଆସମୁହାଁ ହେଲି । ଉଆସଟି ପାହାଡ଼ର ପାଦଦେଶରେ ପ୍ରାୟ ଛଅ, ସାତ ଏକର ଜାଗା ଆବୋରି ତିଆରି ହୋଇଛି । ଉଆସ ଭିତରକୁ ପଶିବା ପୂର୍ବରୁ ରାସ୍ତାର ବାଁ ପଟେ ତିନିଚାରି ସାଉଡି ସଦର ଘର । ଉଚା ପିଣ୍ଡା, ଗୋଲିଆ ଗୋଲିଆ ଚୂନଖମ୍ବ ଓ ତା ଆଗକୁ ଧାଡ଼ିଏ ନଡ଼ିଆ ଗଛ । ଡ଼ାହାଣ ପଟେ ଲୁହାଗ୍ରୀଲ୍ ଦିଆ ମେଲା ପଡ଼ିଆ । ସିଂହଦ୍ୱାରର ଫାଙ୍କେ ପଥର ସିଂହ ଭୁକ୍ଷୁଡ଼ି ପଡ଼ିଛି । କିନ୍ତୁ ସୂଚେଇ ଦେଉଛି ମର୍ଦ୍ଦରାଜଙ୍କର ପୌରୁଷର ଚିହ୍ନ । ଆଉ ଟିକିଏ ଆଗେଇ ଗଲେ ଡ଼ାହାଣ ପଟକୁ

Digitized by srujanika@gmail.com

ଆର୍ଟସ୍କୁଲ ଛାତ୍ରାବାସ, ଯାହାକି ଆଜିକାଲି ଶିକ୍ଷକ ତାଲିମ କେନ୍ଦ୍ରର ଛାତ୍ରାବାସ ହେଇଯାଇଛି । ପଚରା ଉଚୁରା କରି ମୁଁ ସେଇଠି ପହଞ୍ଚିଲି । ପିଣ୍ଡା ଉପରେ ବ୍ୟାଗପତ୍ର ଥୋଇ ଦେଇ ଚାରିଆଡ଼କୁ ଆଖିବୁଲେଇ ଆଣିଲି । ପାହାଡ଼ ମୁଣ୍ଡ ଉପରେ ସଂଧ୍ୟାବେଳର ମଳିଛିଆ ଜହ୍ନଟି ତୋଫା ହେଇଆସିଲାଣି । ପାହାଡ଼ର ସବୁଜିମା ଉପରେ ଅନ୍ଧାର ପରସ୍ତ ଘୋଟିହେଇ ପାହାଡ଼ଟି ସିଲହଟ୍ ପାଲଟିଲାଣି । ନେଳିଆ ଆକାଶ, ସଫେଦ ଜହ୍ନ, କାଳିଆ ପାହାଡ଼ ଛବି ଭଳି ମନେ ହେଉଛି । ଏହି ଛବି ଭିତରେ କେଉଁ ପୁରୁଣା ଦିନର ଶିଉଳି ଲଗା ଉଆସଟି ବହୁ ବିଗତ ସ୍ମୃତିର ସ୍ୱାକ୍ଷର ବହନ କରି ଛପି ରହିଛି । ଜହ୍ନର ଜ୍ୟୋସ୍ନା ଟିକିଏ ଟିକିଏ ଏ ସ୍ମୃତିକୁ ଉଜ୍ଜୀବିତ କରୁଛି । ମୁଁ ଗଡ଼ିଆ ଲୋକ ତ ଉଆସ, ଜହ୍ନ ଓ ନିଜ ଭିତରେ ବହୁ ପୁରୁଣା ସଂପର୍କଟିଏ ବାଢ଼ି ପାରିଲି । ମୋ ଆଖି ଆଗରେ ରାଜମହଲର କିଛିଟା ରୋମାଞ୍ଚକର ଅନୁଭୂତି ରୂପ ନେଲା । ମନେ ହେଲା ମର୍ଦ୍ଦରାଜ ଓ ତାଙ୍କ ପାଟରାଣୀ ଉଆସର ଛାତ ଉପରେ ଜ୍ୟୋସ୍ନା ବିହାର କରୁଛନ୍ତି ।

ହଷ୍ଟେଲର ଗୋଟିଏ ବଖରା ଭିତରେ ବେଗ୍‌ପତ୍ର ଥୋଇଦେଇ ରାତ୍ରିଭୋଜନର ବ୍ୟବସ୍ଥା ପାଇଁ ପାହାଡ଼ ଉପରୁ ତଳକୁ ଓହ୍ଲେଇଲି । ଜହ୍ନରାତି ଯୋଗୁଁ ଆଲୁଅରେ ମନେ ହେଉଥିଲା ସହରଟି ଘୁମେଇ ପଡ଼ିଛି । ପାହାଡ଼ ଉପରୁ ଓହ୍ଲେଇବା ରାସ୍ତାର ବାଁ ପଟେ ଖଲିକୋଟ ଟାଉନ୍‌ହଲ୍ ଓ ତା ପଛକୁ ବାହୁତୀ ଠାକୁରାଣୀଙ୍କ ମନ୍ଦିର ଅନ୍ଧାରର କୁହେଳି ଭିତରେ ଲୁଚି ରହିଛି । କିନ୍ତୁ ଜଗନ୍ନାଥ ମନ୍ଦିର ପିରାମିଡ଼ ଭଳି ଜ୍ୟୋସ୍ନାଧୂଆ ଆକାଶ ଉପରକୁ ମୁଣ୍ଡଟେକି ଉଠିଯାଇଛି । ମୁଁ ବସ୍‌ଷ୍ଟାଣ୍ଡ ଆଡ଼େ ଆଗେଇ ଆସିଲି । ଏଇଠି ହିଁ ଛୋଟିଆ କୋଳାହଳଟିଏ ଅଟକି ରହିଛି । ଗୋଟିଏ ପଟେ ରଜାଙ୍କ ଅମଳର ପୁରୁଣା ଲାଇବ୍ରେରୀ କୋଠା, ଅନ୍ୟପଟକୁ ପ୍ରାଇମେରୀ ହେଲଥ୍ ସେଣ୍ଟର୍, ତା'ର ମାଙ୍କଡ଼ା ପଥରକାନ୍ଥ ଓ ହତା ଭିତରେ ଝଙ୍କାଳିଆ କୃଷ୍ଣଚୂଡ଼ା । ପେନ୍ଥା ପେନ୍ଥା ନାଲି, ହଳଦି ଓ କମଳା ରଙ୍ଗର ଫୁଲ । କାନ୍ଥକୁ ଲାଗି କାଠପଟା ଓ ଟିଣର ଦି' ଚାରିଟା କେବିନ୍ । ବସ୍‌ଷ୍ଟାଣ୍ଡ ଛକର ବାଁ ପଟକୁ ମାର୍କଣ୍ଡ ପାନଦୋକାନ, ନାରାୟଣ ସାଉକାରର ତେଜରାତି ଦୋକାନ ଏବଂ ତା ଆଗକୁ ଧରାକୋଟ ସାହି । ରାସ୍ତା ଦି' କଡ଼ରେ ଚିଲିକାରୁ ସଦ୍ୟ ଧରାହେଇ ଆସିଥିବା ଭେକ୍‌ଟି, ମିରକାଳି, ଖଙ୍ଗା ଏବଂ ମାଇପେଟିଆ ଇଟଲଗା କଙ୍କଡ଼ା ଓ ତା ସହିତ ପଥରମୁଣ୍ଡି, ଖାରିଆପାଣି, କାବଲା, କୋକଲି ଶୁଖୁଆର ତୀବ୍ର ଗଂଧ ମାଟିତେଲ ଡ଼ିବିରିର କିରାସିନିଆ ବାସ୍ନା ସାଙ୍ଗେ ମିଶି ଏ ଛକଟିକୁ ଉନ୍ମାଦ କରୁଛି । ଗୋଟେ

Digitized by srujanika@gmail.com

ଦି'ଟା କେବିନ୍‌ରେ ପୋଡ଼ା ଚଣାତେଲରେ ଛଣା ହେଉଥିବା ବରାପିଆଜିର ବାସ୍ନା ଏବଂ ଖଲିକୋଟର ରାଜାରାଜୁଡ଼ା ଖାନଦାନିକୁ ଭୁଲି ପାରିନଥିବା ପୁରୁଣା ମଣିଷଗୁଡ଼ିକର ଛଣା ନିଶତଳୁ ଭାସି ଆସୁଥିବା ହାବୁକା ହାବୁକା ଚାଉଳି ମଦର ଚାପା ଚାପା ଗଂଧ । ମୁଁ ଦିଗପହଣ୍ଡିର ଲୋକବୋଲି ମୋତେ ଏ ସବୁ ବାରିନେବା ପାଇଁ ମୋଟେ ବିଳମ୍ବ ହେଲାନି । ପରେ ଜଣାପଡ଼ିଲା ମାର୍କଣ୍ଡ ପାନଦୋକାନରେ ପାଓ୍ଵାର ସୋଡ଼ା ମଧ ବିକ୍ରି ହୁଏ । ଖଲିକୋଟ ଆର୍ଟସ୍କୁଲର ଜଣେ ଦୁଇଜଣ ଶିକ୍ଷକ ଏଇଠୁ ପାଓ୍ଵାର ସୋଡ଼ା ସେବନ କରନ୍ତି । ପାଣ୍ଡିଆ ସୁବୁଦ୍ଧି କଡ଼ା ମସଲା, କଂପାନି ପିଡ଼ିଆର ଜଳୀୟ ରୂପାନ୍ତର ପାଓ୍ଵାର ସୋଡ଼ା ଖଲିକୋଟ ସଂଧ୍ୟାକୁ ଆହୁରି ମଜଗୁଲ୍ କରିଦେଇଥିଲା । ଉଆସର ମନୋରମ କାବ୍ୟିକ ସଂଧ୍ୟା ଏବଂ ବଜାରର ଢଂଢାଳମୟ ଆସକ୍ତିର ସଂଧ୍ୟା ଭିତରେ କିନ୍ତୁ ଏକା ଭଳି ସମ୍ମୋହନ । ବାନ୍ଧି ରଖିବାର ଉଭୟ ପରିବେଶରେ କିଛି ନା କିଛି ଆତ୍ମୀୟତା ଲୁଚି ରହିଛି । ଜଣେ ଶିଳ୍ପୀ ପାଇଁ ଯଥେଷ୍ଟ ଖୋରାକ ଯୋଗେଇଲା ଭଳି ଏହି ଖଲିକୋଟ ମୋ ଆଗରେ ଚିହ୍ନାଦେଲା । ଜହ୍ନ, ପାହାଡ଼, ଉଆସ, ମାଛ, କଙ୍କଡ଼ା, ଶୁଖୁଆ, କଡ଼ାପାନ, ମିଞ୍ଜିମିଞ୍ଜି ଆଳୁଅ ଏ ସବୁ ଯିମିତି କଳାକୁ ଗଢ଼ି ତୋଳିଲା ଭଳି ଏକଏକ ମହାର୍ଘ ଅବଦାନ ।

ସେତେବେଳେ ଖଲିକୋଟରେ ମିଲସ୍ ଦୋକାନ ବୋଲି ଗୋଟିଏ । ଗାଡ଼ିପଟା ଦିଆ ଏ ହୋଟେଲ ଭିତରେ ଆମ୍ବପଟାର ଦି' ଚାରିଟା ଲମ୍ୱାଳିଆ ଟେବୁଲ ଅସମତଳ ଭୂଇଁ ଉପରେ ଚିଲିକାର ଡ଼ଙ୍ଗାଭଳି ଟୁଲ୍ ଟୁଲ୍ ହେଉଥିଲେ । ମୁଁ ଆଉ ମୋ ଭଳି ଦୁଇ ଚାରି ଜଣ ଶିଳ୍ପାନୁସନ୍ଧିତ୍ସୁ ବଂଧୁ ହୋଟେଲରେ ପହଂଚିଲୁ । ମିଲ୍ସ ଗୋଟାଏ ଆଠଣା । ଯିଏ ଯେତେ ଖାଇପାରିଲା । ଆମ୍ବପଟା ଟେବୁଲ ଉପରେ ଆଛା ଚିପମରା ଶିଆଳି ଖଲିପତ୍ର ଭାଇନା ମେଲେଇ ଦେଲା । ଗରମ ହାଉ ଫର ଫର ଭାତରୁ ପିରାମିଡ଼ ଭଳି ଗଦାଟିଏ, ତା ଉପରେ ନୀଳନଦୀ ଭଳି ଡାଲ୍ରୁ ପିରାମିଡ଼ ଡ଼େଇଁ ଏ ମୁଣ୍ଡରୁ ସେ ମୁଣ୍ଡକୁ ବୋହିଗଲା । ସାଇବଚଣା ଓ ବିଲାତି ଆଳୁର ବେସନ ଦିଆ ଝୋଳ ସତେ ଯିମିତି ନୀଳନଦୀର ଦୁଇ ପଠାକୁ କର୍ଦ୍ଦମାକ୍ତ କରି ଦେଲା । ଆଉ ବିଳମ୍ବ କରିବାର ନୁହେଁ । ଆମେ ପତ୍ର ଉପରକୁ ଝାଙ୍କି ପଡ଼ିଲୁ । ଦେଖୁ ଦେଖୁ ପତ୍ର ଖାଲି । ଦୋହଡ଼ା ଦେବାକୁ କେହି ନାହିଁ । ଶହେ ଡ଼ାକରେ ଭାଇନା ଦେଢ଼ଶହ ଲୋଟାକୋଟା ରସ ଡ଼େକିଚିଟିଏ ଧରି ହୋଟେଲର କୁହୁଁଳିଆ ଧୂଆଁ ଭିତରୁ ବାହାରିଆସି ଦି' ଚାରି ମୁଠା ଏଣେ ତେଣେ ପିଙ୍ଗି ଦେଇ କୁଆଡ଼େ ଶୁନ୍

Digitized by srujanika@gmail.com

ହେଇଗଲା । ଖଲିପତ୍ର ଉଠିଲା ବେଳକୁ ପଥର ପାଉଛ ଉପରେ ଏ ଭିତରେ ଆସି ବସିଥିବା ଲୋକଟି ତାଗିଦା ଦେଲା "ନିଜ ପତ୍ର ନିଜେ ଉଠାଅ" । ହୋଟେଲ ଦୁଆର ଢ଼େବିରି କଡ଼େ ଥିବା ସିମେଣ୍ଟ କୁଣ୍ଡ ଭିତରେ ପତ୍ର ପଡୁ ନ ପଡୁଣୁ ଦି' ଚାରିଟା ବୁଲାକୁତି କୁଣ୍ଡ ଭିତରକୁ ଝପଟି ଆସିଲେ । ପଛଆଡୁ ଭାଇନା ଆଠଣା ପଇସା ପାଇଁ ଦାନ୍ତ ମେଲି ହାତ ପାରି ଠିଆ ହେଇ ପଡ଼ିଲା । ବାସ୍ତବିକ କି ଚମତ୍କାର ବ୍ୟବସ୍ଥା । କଳାଶିକ୍ଷା ପାଇଁ ଇଏ ମଧ୍ୟ ଆଉ ଏକ ଖୋରାକ ଭଳି ଲାଗିଲା ।

ହଷ୍ଟେଲ ଫେରି ତକ୍ତପୋଷ ଉପରେ ସତରଞ୍ଜି ପାରିଦେଇ ଶୋଇ ପଡ଼ିଲି । କ'ଣ ଅଘଟଣ ଘଟିଲା କେଜାଣି ମଝିରାତି ବେଳକୁ କବାଟରେ ଠକ୍‌ଠାକ୍ ଶବ୍ଦ । କବାଟ ଖୋଲିଲା ପରେ ଦୁଇ ଚାରିଜଣ ଲୋକ ତରବର ହେଇ ମୋର ବେଗପତ୍ର ତନଖିବାରେ ଲାଗିଲେ । ସତେ ଯିମିତି ଉଆସର ଗନ୍ତାଘରୁ ଆମେ ସୁନା ଅଣ୍ଟାପାତିଆ ଓ ମୋତିମାଳ ଚୋରିକରି ଆମ ବେଗ୍ ଭିତରେ ଲୁଚେଇ ଦେଇଛୁ । ଖାନ୍ ତଲାସରେ ବାହାରନ୍ତା ବା କ'ଣ ? ଖଣ୍ଡିଏ ଗାମୁଛା , ଖଦିର କୁର୍ତ୍ତା, ଦାନ୍ତକାଠି ଓ ତହିଁ ଆରଦିନର ଇଣ୍ଟରଭ୍ୟୁ ପାଇଁ ବିଡ଼ାଏ କାଗଜ ଆଉ ଖଣ୍ଡେ ଦୁଇଖଣ୍ଡ ପେନ୍‌ସିଲ୍, ହୁଏତ କଣ୍ଟିକ୍ରେନ୍‌ରୁ ଗୋଟେ, ଦି'ଟା ପେନ୍‌ସିଲ୍ କାଠି । ଖାନ୍‌ତଲାସ୍ କଲାବାଲା ଫେରିଗଲେ । କିନ୍ତୁ ତାଗିଦା ଦେଇଗଲେ ଯେ ଆଉ ହଷ୍ଟେଲ ଭିତରେ ଶୋଇ ହେବନି, ମନ ଭିତରେ ଗ୍ଲାନି ଆସିଲା । ମୁଁ ନିଜକୁ ପ୍ରଶ୍ନ କଲି ସତରେ କ'ଣ କଳାଶିକ୍ଷା ଏମିତି କଳାଧନ୍ଦାରୁ ଆରମ୍ଭ କରିବାକୁ ହୁଏ ?

ସତରଞ୍ଜି ଗୋଟା ଗୋଟି କରି ମୁଁ ଉଆସ ଛାତ ଉପରକୁ ଚାଲିଲି । ସେତେବେଳକୁ ଜହ୍ନ ପାହାଡ଼ ତଳେ ହଜିଯାଇଥିଲା । ଚାରିଆଡ଼େ କିଟି କିଟି ଅନ୍ଧାର । ଆଖିକୁ ଆଉ ନିଦ ଆସିଲା ନାହିଁ । ମନେ ହେଲା ମୋ ଉପରେ ସତେ ଯିମିତି ଏ ସମଗ୍ର ସଉଧଟି ମାଡ଼ି ପଡୁଛି । ସେମିତି ସେମିତି ସକାଳ ହେଲା ।

ସକାଳୁ କିଏ ଜଣେ କହିଲା ଯେ ଉଆସରେ ମଧ୍ୟ ରହିହେବନି । ଇଣ୍ଟେର୍‌ଭ୍ୟୁ ପରୀକ୍ଷା ତା' ପରଦିନ । ଆସିକାର ତାରିଣୀ ତ୍ରିପାଠୀ କଳା ବିଦ୍ୟାଳୟର ଜଣେ ନାମଜାଦା ଛାତ୍ର । ସେ ହୁଏତ ଆମକୁ ତାଙ୍କ ଘରେ ରହିବାକୁ ଜାଗା ଦେଇ ପାରନ୍ତି । ମୁଁ ବେଗ୍‌ପତ୍ର ନେଇ ତାରିଣୀ ତ୍ରିପାଠୀଙ୍କ ବସାରେ ହାଜର ହେଲି । ସାଆନ୍ତ ସାହି ଭିତରେ ତାରିଣୀ ତ୍ରିପାଠୀ ଘରଟିଏ ଭଡ଼ାନେଇ ରହିଥାନ୍ତି । ଦି' ବଖରା ଘର । ପ୍ରଶସ୍ତ ବାରଣ୍ଡା, କୁନ୍ଦା କାଠର ଖମ୍ବ । କିନ୍ତୁ ଅଧା ଛପର

Digitized by srujanika@gmail.com

ଉଡ଼ିଯାଇଥିବା ଚାଳ । ତାରିଣୀ ବାବୁ ମୁଁ ଦିଗପହଣ୍ଡିର ପିଲା ବୋଲି ଜାଣି ତାଙ୍କ ଘରେ ଆଶ୍ରୟ ଦେଲେ । ସେ ରହୁଥିବା ବଖରାରେ ସ୍ନେହରେ ଶିତଳା ପଟିଟିଏ ପାରିଦେଲେ । ମୁଁ ଆଗରୁ ଶୁଣିଥାଏ ତାରିଣୀ ତ୍ରିପାଠୀଙ୍କ ହାତ ବଡ଼ ବିଚକ୍ଷଣ । ଆସିକାର ନାମଜାଦା ଡ୍ରଇଁମାଷ୍ଟ୍ରେ ହରିଶରଣଙ୍କର ସେ ପ୍ରିୟ ଛାତ୍ର । ତାରିଣୀ ତ୍ରିପାଠୀ ମାଷ୍ଟ୍ର ଭଳି ମୋତେ ଇଣ୍ଟେରଭ୍ୟୁ ବିଷୟରେ ତାଲିମ୍ ଦେବା ଆରମ୍ଭ କଲେ ଓ ମୁଁ ବାଧ୍ୟ ଛାତ୍ରଟିଏ ଭଳି ତାଙ୍କର ସବୁ ନିର୍ଦ୍ଦେଶ ଶିରୋଧାର୍ଯ୍ୟ କରି ଛବି ଆଙ୍କି ଚାଲିଲି ।

ଛବି ଆଙ୍କୁ ଆଙ୍କୁ ସଂଧ୍ୟା ମାଡ଼ି ଆସିଲା । ରାତି ଗାଢ଼ ହେଲା । ଦିନବେଳେ ତାରିଣୀ ତ୍ରିପାଠୀଙ୍କ ଘରେ ଭୋଜନର ବ୍ୟବସ୍ଥା ହେଇଥିଲା ଏବଂ ସଂଧ୍ୟାବେଳେ ମଧ୍ୟ ତାର ପୁନରାବୃତ୍ତି ହେଲା । ଆଚ୍ଛାକରି ପେଟପୂରା ଖାଇ ସାରିଲା ପରେ ବାମୁଣ ପିଲାତ ଆପେ ଆପେ ଆଖିକୁ ନିଦ ମାଡ଼ି ଆସିଲା । ସକାଳୁ ଆଖି ଖୋଲିଲା ବେଳକୁ ମୁହଁରେ ବହଳ ଖରା ପଡ଼ିଲାଣି । ଉପରକୁ ଚାହିଁଲା ବେଳକୁ ଛାତଟା ଫାଙ୍କା । ଛପର ତଳର ଛନ୍ଦା ବତା ଯାକ ଗଣି ହେଉଛି । ରାତିରେ ସାମାନ୍ୟ ବର୍ଷା ଅସରାଏ ମଧ୍ୟ ହେଇ ଯାଇଛି । ମୋର ପିନ୍ଧା ସୋରାଏ ଲୁଗା ଓ ଶେଯ ତିନ୍ତି ଯାଇଛି । କିନ୍ତୁ ବର୍ଷା ନିଦକୁ ଅତିକ୍ରାନ୍ତ କରିପାରିନି । ମୁଁ ଭାବିପାରିଲିନି ଏଇଟା ତାରିଣୀ ବାବୁଙ୍କ ଘର ନା, ପି.ସି. ସରକାରଙ୍କ ଯାଦୁଭଳି କିଏ ଟେକି ଆଣି ମୋତେ ଆଉ ଗୋଟିଏ ଘରେ ରାତିରେ ଛାଡ଼ି ଦେଇଗଲା । ମୁଁ କଳ୍ପନାରେ ସୁଦ୍ଧା ଠଉରେଇ ପାରିଲିନି । କବାଟ ଖୋଲି ପଦାକୁ ଆସିଲି । କିନ୍ତୁ ସେଇ ଏକା ବାରଣ୍ଡା, ଏକା ଘର । ତାରିଣୀ ବାବୁଙ୍କ ବଖରା ପାଖର ଅନ୍ୟ ଗୋଟିଏ ବଖରା । ତାରିଣୀ ବାବୁଙ୍କ ବଖରା ଭିତରକୁ ପଶିଲା ବେଳକୁ ଚୁଡ଼ିର ଟଣ୍‌ଟଣ୍ ଶବ୍ଦ ଆଉ ଆଫଗାନ୍ ସ୍ନୋର ମହମହ ଗନ୍ଧ । ରାତିଟି ଭିତରେ ଲମ୍ବା ଦାଢ଼ି । ମୋର ସାହସ ହେଲାନି ତାରିଣୀବାବୁଙ୍କୁ ପଚାରିବା ପାଇଁ ସେ କିଏ ? କେବେ ଆସିଲେ ? କେମିତି ଆସିଲେ ? ତା ହେଲେ କ'ଣ ତାରିଣୀବାବୁ ବିବାହିତ ? ନା, ସେ ତାରିଣୀବାବୁଙ୍କ ବାନ୍ଧବୀ ! ଏ ସବୁ କଥା ପଚାରିବା ସୌଜନ୍ୟ ବାହାରେ । ତାରିଣୀବାବୁ ମୋର ଆଶ୍ରୟଦାତା ଏବଂ ଗୁରୁର ଭୂମିକାରେ ରହି ସେ ମୋତେ ଋଣୀ କରିଦେଇଥିଲେ । ତାରିଣୀବାବୁ ତାଙ୍କ ଆଡୁ ବୟାନ ଦେଲେ । ରାତିରେ ସେ ଆସି ପହଞ୍ଚିଲେ । ମୁଁ ତମକୁ ଉଠେଇବାକୁ ଚେଷ୍ଟାକଲି । ତମେ ଗାଢ଼ ନିଦରେ ଶୋଇ ଯାଇଥିଲ । ତେଣୁ ଅନ୍ୟ ଘରେ ଶୁଆଇ ଦେଲି । ତାଙ୍କ ବୟାନ ଭିତରେ ସ୍ନେହ ଯେତିକି ଥିଲା କିଛି ଗୋଟିଏ ଛପେଇ ଦେବାର ପ୍ରବୃତ୍ତି ମଧ୍ୟ ସେତିକି ଥିଲା । ମୁଁ ତାରିଣୀବାବୁଙ୍କ ପ୍ରତି କୃତଜ୍ଞତାରେ ଏତେ ବାନ୍ଧି

Digitized by srujanika@gmail.com

ହେଇଯାଇଥିଲି ଯେ ସେ ଯଦି ମୋତେ ବାରଣ୍ଡାରେ ଶୁଆଇ ଦେଇଥାନ୍ତେ, ତାହେଲେ ମଧ୍ୟ ମୁଁ ତାଙ୍କ ପ୍ରତି ଅସୂୟା ପରବଶ ହେଇନଥାନ୍ତି । ସେଇଦିନ ଇଣ୍ଟେରଭ୍ୟୁ ପାଳା ସରିଲା ଏବଂ ମୁଁ ଦିଗପହଣ୍ଡି ଫେରିଲି । ସେ ରାତିରେ ସେ ଭଳି ଅପ୍ରତ୍ୟାଶିତ ଭାବେ ପଶି ଆସିଥିବା ତାଙ୍କ ବାନ୍ଧବୀ ଶେଷରେ ତାଙ୍କର ପତ୍ନୀ ହେଲେ ଏବଂ ଏଇ ଘଟଣାର ପ୍ରାୟ ତିନି ଦଶନ୍ଧି ପରେ ମୁଁ ତାରିଣୀ ବାବୁଙ୍କ ଧର୍ମପତ୍ନୀ ତଥା ମୋର ଭାଉଜଙ୍କୁ ମୋର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫ୍ଲାଟରେ ନୂଆକରି ଆବିଷ୍କାର କଲି । ଶ୍ରୀମତୀ ତ୍ରିପାଠୀ ପଚାଶ ପାଖାପାଖି ପହଞ୍ଚି ଯାଇଥିଲେ । ଯୌବନର ସମସ୍ତ ଉଷ୍ମତା ହଜି ଯାଇଥିଲା । ମୁଣ୍ଡର ଅଧା ବାଳ ଉପୁଡ଼ି ଯାଇଥିଲା । କେବଳ ମୁହଁରେ ପୁରୁଣା ହସଟୁ ଧାରେ ଲାଗି ରହିଥିଲା । ସେ କେବେହେଲେ ଭାବିନଥିଲେ ଯେ ଦିନେ ସେ ଭାଉଜ ହେଇ ମୋ ପାଖରେ ଏମିତି ଧରାଦେବେ । ମୋ ମନ ଭିତରେ ତିରିଶି ଚାଳିଶି ବର୍ଷ ତଳର ପୁରୁଣା କଥା ଉଙ୍କିମାରିଲା ଏବଂ ମୁଁ ଭାଉଜଙ୍କୁ କାନରେ ଚୁପ୍ କରି କହିଦେଲି, ମୁଁ ସେ ରାତିର ଏକ ଅଲୋଡ଼ା ଦ୍ୱିତୀୟ ମଣିଷ ।

Digitized by srujanika@gmail.com



ଇଣ୍ଟରଭ୍ୟୁ

ଖଲିକୋଟ ଆର୍ଟସ୍କୁଲର ଇଣ୍ଟରଭ୍ୟୁ ପାଇଁ ମୋ ଭାଇନା ଦିଗପହଣ୍ଡିରେ ଦୁଇ ତିନୋଟି ଛବି ଏକରକମ ମୋତେ ଘୋଷାଇ ଦେଇଥିଲେ । ବ୍ଲକ୍ ଡ଼େଭଲପ୍‌ମେଣ୍ଟ୍ ପ୍ରଦର୍ଶନୀ ପାଇଁ ଏଇ ଛବିଗୁଡ଼ିକ ବହୁଳଭାବେ ଦରକାର ହେଉଥିବାରୁ ଆଙ୍କିବା ମୋ ପକ୍ଷେ ମୋଟେ କଷ୍ଟସାଧ ନ ଥିଲା । ସେତେବେଳେ ଦିଲ୍ଲୀରୁ ପଞ୍ଚାୟତିରାଜ ଉପରେ ବିଭିନ୍ନ କ୍ୟାଲେଣ୍ଡର ଓ ପ୍ରଚାରପୁସ୍ତିକା ଛାପାହେଇ ଗାଁ'ଗାଁରେ ବଣ୍ଟା ହେଉଥିଲା । ସେଥିରୁ ଦୁଇ ତିନୋଟି ଛବି ମୁଁ ହାତପୈଠ କରି ନେଇଥିଲି । ସେଗୁଡ଼ିକ ହେଲା ଧାନରୋଉଥିବା ଚାଷୀ ପରିବାର ଓ ଗାଁ ଗଛ ମୂଳେ ପଞ୍ଚପରମେଶ୍ୱରଙ୍କ ପଞ୍ଚାୟତି ସଭା । ଖଲିକୋଟ ପହଞ୍ଚିଲା ପରେ ତାରିଣୀବାବୁ ଆଉ ଗୋଟିଏ ଚିତ୍ର ଏହା ସହିତ ଯୋଡ଼ିଦେଲେ । ତାରିଣୀବାବୁ କହିବା କଥା ଯେ ଇଣ୍ଟରଭ୍ୟୁରେ ଗୋଟିଏ ଷ୍ଟଡ଼ି ଆଉ ଗୋଟିଏ କଂପୋଜିସନ୍ ଦରକାର ହୁଏ ।ଏଭଳି ପରଂପରା ପଚିଶି ତିରିଶି ବର୍ଷପରେ ଭୁବନେଶ୍ୱରର ବି.କେ.ଚାରୁକଳା

Digitized by srujanika@gmail.com

ମହାବିଦ୍ୟାଳୟରେ ମଧ ପ୍ରଚଳିତ କରାଗଲା । ଏହା ଏକ ଧରାବନ୍ଧା ବିଦେଶୀ ଶିକ୍ଷାର ବ୍ୟବସ୍ଥା । ହୁଏତ ଶହେ ବର୍ଷ ଆଗରୁ କଲିକତାର କଳା ବିଦ୍ୟାଳୟରେ ହାଭେଲ୍ ସାହେବ ମଧ ଏଭଳି ଇଣ୍ଟରଭ୍ୟୁ ବ୍ୟବସ୍ଥା କରିଥିଲେ । ତାରିଣୀବାବୁଙ୍କୁ ଇଣ୍ଟରଭ୍ୟୁ ଆଗରୁ ଜଣାଥିଲା ଯେ ବିପ୍ରସାର୍‌ଙ୍କ (ଅଧ୍ୟାପକ ବିପ୍ରଚରଣ ମହାନ୍ତି) ହାତ ତିଆରି ଅଳତା ଲଗାଉଥିବା ସିମେଣ୍ଟର ନାୟିକା ଭାସ୍କର୍ଯ୍ୟ ଇଣ୍ଟରଭ୍ୟୁରେ ନକଲ କରିବାକୁ ରଖାହେବ । ତାରିଣୀବାବୁ ଏହି ସିମେଣ୍ଟ ମୂର୍ତ୍ତି ଅନୁକରଣରେ ଆଗରୁ ଆଙ୍କିଥିବା ତାଙ୍କ ନିଜ ଛବିଟିକୁ ଘୋଷିବାକୁ କହିଲେ । ଦୁଇ ଚାରିଥର ଆଙ୍କିଲା ପରେ ଅନାୟାସରେ ମୁଁ ତାକୁ ଆୟତ୍ତ କରିପାରିଲି । ମୋ ଡ୍ରଇଁ ଦେଖି ସେ ଖୁସି ହେଲେ । ମୋତେ କହିଲେ, ରବର ବ୍ୟବହାର ନକରି ଇଣ୍ଟରଭ୍ୟୁରେ ଛବିକଲେ ଷ୍ଟାଇପେଣ୍ଡ୍ ମିଳିବା ନିଶ୍ଚୟ । ମୁଁ କଣ୍ଟିପେନ୍‌ସିଲରେ ଗୋଟିଏ ଗୋଟିଏ ଷ୍ଟ୍ରୋକ୍‌ରେ ଉଭୟ କଂପୋଜିସନ୍ ଓ ଷ୍ଟଡ଼ି କରି ଦେଖେଇ ଦେଲି । ଉଆସର ଇଣ୍ଟରଭ୍ୟୁ ପୂର୍ବରୁ ତାରିଣୀବାବୁଙ୍କ ଇଣ୍ଟରଭ୍ୟୁରେ ପାସ୍ ହେଲି ।

ଇଣ୍ଟରଭ୍ୟୁ ଯେତିକି ଯେତିକି ପାଖେଇ ଆସୁଥାଏ ଏକ ଅଜଣା ଆଶଙ୍କା ମନ ଭିତରଟାକୁ ଦୋହଲେଇ ଦେଉଥାଏ । ଯୁଦ୍ଧକୁ ଗଲାବେଳେ ସାଞ୍ଜୁ ବାନ୍ଧିଲା ଭଳି ତାରିଣୀବାବୁ ତାଙ୍କ ଡ୍ରଇଁବୋର୍ଡ଼, କ୍ଲିପ୍, ପିନ୍ ମୋତେ ଧରେଇ ଦେଇ ଉଆସକୁ ଯିବାପାଇଁ କହିଲେ । ନୂଆ କରି ହଳଯୋଚା ବଳଦ ଭଳି ମୋତେ ଏସବୁ କିମିତି କିମିତି ଅଡୁଆ ଲାଗିଲା । ତାରିଣୀବାବୁଙ୍କ ବାରଣ୍ଡା ତଳକୁ ଓହ୍ଲେଇ ପଛକୁ ଚାହିଁଲା ବେଳକୁ ସେ ମୋତେ ଏକ ଲୟରେ ଚାହିଁଛନ୍ତି । ମୁଁ ଉଆସ ଆଡ଼େ ଆଗେଇଲି । ଉଆସ ଉପରକୁ ଉଠିବାକୁ ଦୁଇଟି ରାସ୍ତା । ମୁଁ ମୂଳଦୁଆର ପାରିହେଇ ପ୍ରଥମ ଅଗଣାରେ ଥିବା ଗୋଲେଇ ସିଡ଼ିଦେଇ ଉପରକୁ ଉଠିଲି । ଇଣ୍ଟରଭ୍ୟୁ ଦ୍ୱିତୀୟ ମହଲା ବାରଣ୍ଡାରେ ହେଉଥାଏ । ପୁଣି କାଠର ପାହାଚ ଦେଇ ଉପରକୁ ଉଠିବାକୁ ହେଲା । ଏସବୁ ଭିତରେ ଗଢ଼ି ଉଠିଥିବା ଆତ୍ମପ୍ରତ୍ୟୟଟି ହଜି ହଜି ଯାଉଥିଲା । ଉଆସର ଲମ୍ବା ବାରଣ୍ଡାରେ ପଚାଶ, ଷାଠିଏ ପିଲା ଇଣ୍ଟରଭ୍ୟୁ ଦେବାକୁ ଠିଆ ହେଇଥିଲେ । ଆର୍ଟସ୍କୁଲର ଚଉଡା ନିଶଥିବା ପିଅନଟି ସତରଞ୍ଜି ପାରିଦେଲା ଆଉ ଆମେ ସମସ୍ତେ ଡ୍ରଇଁବୋର୍ଡ଼ ଓ କାଗଜ ଧରି ନିପେଟେଇ ଗଲୁ । ଆମ ଆଗରେ ଅଳତା ଲଗାଉଥିବା ଗେରୁଆ ରଙ୍ଗର ସିମେଣ୍ଟ ମୂର୍ତ୍ତିଟି ଷ୍ଟୁଲ ଉପରେ ଥୁଆ ହେଲା । ପରୀକ୍ଷାର୍ଥୀ ଓ ପରୀକ୍ଷାର୍ଥିନୀମାନେ ମୂର୍ତ୍ତିଟିକୁ ନିରେଖି ଦେଖିବା ଆରମ୍ଭ କଲେ । କିଏ ହାତ ସିଧାକରି ଗୋଟିଏ ଆଖିରେ ମୂର୍ତ୍ତିକୁ ମାପିଲା, ଆଉ କିଏ ମୂର୍ତ୍ତିପାଖକୁ

Digitized by srujanika@gmail.com

ଯାଇ ସୂତା ଧରି ମୂର୍ତ୍ତିଟିକୁ ଜଳ ଜଳ ଚାହିଁ ରହିଲା । ମୁଁ କିନ୍ତୁ ଆଗରୁ ଘୋଷି ରଖିଥିବା ମୂର୍ତ୍ତିର ଢ଼ଙ୍ଗଟିକୁ ପନ୍ଦର, କୋଡ଼ିଏ ମିନଟ୍ ମଧ୍ୟରେ ଆଙ୍କିଦେଇ ବାହାରିବାକୁ ଠିଆ ହୋଇ ପଡ଼ିଲି । ସମସ୍ତଙ୍କ ଆଖି ମୋ ଉପରେ । ମୂର୍ତ୍ତିଟି ଆଙ୍କିବା ପାଇଁ ଘଣ୍ଟାଏ ସମୟ ନିର୍ଦ୍ଦିଷ୍ଟ ଥିଲା । ତା' ପରେ ସେହି ବାରଣ୍ଡାରୁ ଅନ୍ୟ ଏକ ବାରଣ୍ଡା । ଷଡ଼ିରୁ କଂପୋଜିସନ୍ । କଂପୋଜିସନ୍ ହେଉଛି କାଳ୍ପନିକ ଚିତ୍ରରଚନା, ମନରୁ କରିବାକୁ ହୁଏ । କମ୍ପ୍ୟୁଟରରେ ଆଗକୁ ଫିଡ଼ିଙ୍ଗ୍ ହେଇଥିବା ଛବିଟି ସ୍କ୍ରିନ ଉପରେ ଉଦ୍‌ଭାସି ଗଲା ଭଳି ପନ୍ଦର ମିନଟ୍ ଭିତରେ ବିଲରେ ଧାନ ରୋଉଥିବା ଚାରୋଟି ସ୍ତ୍ରୀ ଚିତ୍ରର ଛବି ଆଙ୍କିଦେଲି ।

ପରୀକ୍ଷା କାଗଜ ଆମ ଇଣ୍ଟରଭ୍ୟୁ ଦାୟିତ୍ୱରେ ଥିବା ସାର୍‌ଙ୍କ ପାଖରେ ଜିମା ଦେଇ ସିଡ଼ି ତଳକୁ ଓହ୍ଲେଇଲି । କିନ୍ତୁ ଯାହାଙ୍କ ହାତରେ ଏ ଛବିଟି ଛାଡ଼ିଦେଇ ଆସିଲି ସିଏ ଏ ସ୍କୁଲର ଅଧ୍ୟାପକ ଭଳି ମନେହେଉ ନଥିଲେ । ମୋ ମନଭିତରେ ଥିବା ଟାଇସୁଟ୍ ପିନ୍ଧା କଲେଜର ଅଧ୍ୟାପକ ସହିତ ଏ ଲୋକ ମୋଟେ ମେଳ ଖାଉନଥିଲା । ସେ ଜଣକ ସାଧା ମିଲ୍ ଧୋତି ଏବଂ ଚିକ୍କଣ କନାର ଧଳା କୁର୍ତ୍ତା ପିନ୍ଧିଥିଲେ । ପାଟିରେ ପାନ ଖିଲ, ଓଠ ଦୁଇଟି ଆରକ୍ତ, ପାଦରେ ହଳେ ମାମୁଲି ଧରଣର ଚପଲ । ଦେହର ବର୍ଣ୍ଣ ସାବନା ଓ ଆଖିରେ ଜଉ ରଙ୍ଗର ପ୍ଲାଷ୍ଟିକ୍ ଫ୍ରେମବାଲା ଚଷମା । ଏଭଳି ସାଧାସିଧା ମାମୁଲି ଲୋକ ଯେ କଳା ବିଦ୍ୟାଳୟର ଅଧ୍ୟାପକ ହୋଇପାରିବ, ଏହା ମୋର ପରତେ ଗଲାନି । ଏଣୁ ମୁଁ ଫେରିଆସି ମୋ ଛବି ସଂପର୍କରେ ତାଙ୍କୁ ଟିପ୍ପଣୀ ଦେବା ଉଚିତ ମନେ କଲି । ଟେବୁଲ ଉପରେ ଥୁଆ ହୋଇଥିବା ମୋ ଛବିଟିକୁ ଦେଖେଇ ତାଙ୍କୁ କହିଲି 'ଦେଖନ୍ତୁ, ଏଇଟି କଣ୍ଟିପେନ୍‌ସିଲରେ ତିଆରି । ହାତ ବାଜିଲେ କଳା ଉଠିଯିବ । ହେପାଜତ କରି ରଖିବେ ।' ସିଏ ଏକ ଅନୁଭୂତିର ଏବଂ ପଦମର୍ଯ୍ୟାଦାର କଟାକ୍ଷରେ ମୋତେ ଚାହିଁଲେ ଓ କହିଲେ 'ଆମେ ଜାଣୁ । ତମେ କ'ଣ ହରିଶରଣଙ୍କ ଛାତ୍ର କି ?' ଏହି ଦି'ପଦ କଥା ଶୁଣିଲା ପରେ ଛାତି ଭିତରଟା ଦମ୍ କିନା ହେଲା । ମନେ ହେଲା ତାଙ୍କୁ ମୁଁ ଏତକ ପଚାରି ଦେଇ ମସ୍ତବଡ଼ ଭୁଲଟିଏ କରିଦେଇଛି । ଏତକ କହି ଫେରି ଆସିଲା ପରେ ସ୍କୁଲର ପିଅନ ଦଳକ ମୋତେ ତାଗିଦା କରିଦେଲେ ଯେ, ଯାହାଙ୍କୁ ମୁଁ ଏକଥା କହିଲି ସେ ବିପ୍ରସାର୍ । ତେଣୁ ମୁଁ ଫେରିଯାଇ ତାଙ୍କଠାରୁ କ୍ଷମା ମାଗିନେବା ଉଚିତ । କାଳେ ଷ୍ଟାଇପେଣ୍ଡ କଟିଯିବ, ଏହି ଭୟରେ ମୁଁ ତାଙ୍କ ପାଖକୁ ଫେରିଯାଇ ଖୁବ୍ ଅନୁନୟରେ କହିଲି 'କ୍ଷମା କରିବେ ଆଜ୍ଞା । ମୋର ଭୁଲ

Digitized by srujanika@gmail.com

ହୋଇଗଲା' । ବିପ୍ରସାର୍ ଏକ ମୁରବି ଢ଼ଙ୍ଗରେ ମତେ ଉତ୍ତର ଦେଲେ 'ଏମିତି ହଏ' ! ମୁଁ କିନ୍ତୁ ଦୋଦୋପାଞ୍ଚ ମନରେ ତାରିଣୀବାବୁଙ୍କ ବସାକୁ ଫେରିଲି । ତାରିଣୀବାବୁ ମୋଠାରୁ ଇଣ୍ଟରଭ୍ୟୁର ସମସ୍ତ ଧାରାବିବରଣୀ ସଂଗ୍ରହ କଲାପରେ ମତେ ଅଭୟବାଣୀ ଶୁଣେଇଲେ, 'କିଛି ପରବାୟ ନାହିଁ, ଦେଖାଯିବ ।'

ତା ପରଦିନ ଇଣ୍ଟରଭ୍ୟୁର ଫଳାଫଳ ବାହାରିଲା । ଦରବାର ହଲ୍‌କୁ ପଶିବା ମୂଳଦୁଆରର ଡେବିରି କଡ଼ ଅଫିସ୍ ପିଣ୍ଡା କାନ୍ଥରେ ଝୁଲୁଥିବା ଜାଲିଦିଆ ନୋଟିସ ବୋର୍ଡ଼ ଭିତରେ ଟାଇପିଷ୍ଟ୍ ସାରଥି ବେହେରାଙ୍କ ଟାଇପକରା ପରୀକ୍ଷା ଫଳ ତାଲିକାର ପ୍ରଥମ ନମ୍ବରରେ ମୋ ନାଁ କିନ୍ତୁ ଥିଲା ।



Digitized by srujanika@gmail.com



ଉଆସ

ବାହାରୁ ଦେଖିଲେ ଲାଗିବ ମାରୁଆ ପାହାଡ଼କୋଳରେ ଘୁମେଇ ପଡ଼ିଥିବା ପୁରୁଣା ସ୍ମୃତିଟିଏ । ଔପନିବେଶୀୟ ଢାଞ୍ଚାରେ ତିଆରି ଦୋ'ମହଲା ଖିଉଳିଲଗା କୋଠା ଆଗରେ ରୋମାନ୍ ଆର୍ଚଥାଇ ଚଉଖୁଣ୍ଟିଆ ପୋର୍ଟିକୋ । ପାହାଡ଼ର ଅସମତଳ ଢାଲୁ ମୁଣ୍ଡିଆକୁ ଆଖିଆଗରେ ରଖି କୋଠା ଭିତର ପଟଆଡୁ ତିନି ମହଲା । ଆଗ ଆଡ଼କୁ ଦି'ପୁରିଆ । ଓଡ଼ିଶାର ଗଡ଼ମାନଙ୍କରେ ଉଆସମାନଙ୍କ ଅବସ୍ଥିତି ନିରାପତ୍ତା ଦୃଷ୍ଟିରୁ ଅଧିକାଂଶ କ୍ଷେତ୍ରରେ ପାହାଡ଼ କୋଳରେ ଗଢ଼ା ହେଇଛି । ତିନିଦିଗରେ ପାହାଡ଼ର ପାଚେରି, ବଣଜଙ୍ଗଲ ଘେରା ସବୁଜ ବନାନୀ । ଗୋଟିଏ ପଟ ଖୋଲା । ସେହି ପଟକୁ ସିଂହଦ୍ୱାର । ପାହାଡ଼ ତିମିରାରୁ ତଳକୁ ଗଡ଼ିଆସିଲେ ବ୍ରିଟିଶ୍ ଅମଳର କାନ୍ଥଘଣ୍ଟାର ପେଣ୍ଡୁଲମ୍ ଭଳି ବଜାର ଓ ଜନବସତି । ଖଲିକୋଟରେ ସ୍ୱତନ୍ତ୍ର ଭାବେ ପେଣ୍ଠନାହିଁ । ଏଠି ଗଡ଼ ଓ ପେଣ୍ଠ ମିଶା ମିଶି । କିନ୍ତୁ ଗଂଜାମରେ ଗଡ଼ ସାଙ୍ଗରେ ଗାଇ ସହିତ ବାଛୁରୀ ଭଳି ପେଣ୍ଠଟିଏ ଯୋଖିହେଇ ରହିଥାଏ, ଯିମିତି ଦିଗପହଣ୍ଡି ବା ବଡ଼ଖେମଣ୍ଡି ଗଡ଼ର

Digitized by srujanika@gmail.com

ପଦ୍ମନାଭପୁର ପେଣ୍ଠ, ଧରାକୋଟ ଗଡ଼ର ମୁଣ୍ଡମରେଇ ପେଣ୍ଠ । ଆର୍ଥିକ ସ୍ଥିତି ଯେତେ ଟାଣ ଉଆସର ମିଜାଜ୍ ସେତେ କଡ଼ା ।

ଚଉଖୁଣ୍ଟିଆ ପୋର୍ଟିକୋ ଦେଇ ଉଆସ ଭିତରକୁ ଗଲେ ପିତଳର ଯାଉଁଳି କବାଟ ଆଖିରେ ପଡ଼େ । ପିତଳ ଚାଦରଦିଆ ଦୁଆରବନ୍ଧ ରତ୍ନଗିରି ବୌଦ୍ଧ ବିହାରର ତୋରଣ ଭଳି ପ୍ରତେ ହୁଏ । କବାଟର ଘରାମାନଙ୍କରେ ଅଷ୍ଟଦଳ ପଦ୍ମର ମାଠକାମ, ଆଡୁଆ ଆରିର ଛନ୍ଦାମାନଙ୍କରେ ଛତିକଣ୍ଟାର ଗୋବ । ମନେହେବ କୌଣସି ଦୁର୍ଗର ସିଂହଦ୍ୱାର । ଏକଥା କହିବା ହୁଏତ ଆବଶ୍ୟକ ନାହିଁ ଯେହେତୁ କୋଟହିଁ ଦୁର୍ଗ । ଯିମିତି ଧରାକୋଟ, ଉମରକୋଟ, ମରିଚି କୋଟ । ଉଆସକୁ ମୁହଁକରି ଠିଆହେଲେ ଡ଼େବିରି ପଟେ ଘୋଷଡ଼ାଟିଏ ପ୍ରଥମ ମହଲା ପର୍ଯ୍ୟନ୍ତ ଉଠିଛି । ଦିଶୁଛି ରଥ ପହଣ୍ଡିରେ ଲାଗୁଥିବା ଚାଙ୍ଗୁଡ଼ା ଭଳି । ଏ ରାସ୍ତାରେ ରାଜା ମର୍ଦ୍ଦରାଜଙ୍କ ବିଦେଶୀ ମଟର ଗାଡ଼ି ରାଣୀହଂସପୁରର ତଳ ବଖରାଯାଏଁ ଯାଉଥିଲା । ଖାଇଲାହାତି ଆଗକୁ ଲମ୍ବିଆସିଥିବା ବାହୁର ବଖରାମାନଙ୍କରେ ସେକେଣ୍ଡରୀ ଟ୍ରେନିଙ୍ଗ୍ ସ୍କୁଲର କ୍ଲାସ ବସେ । ଝରକାଗୁଡ଼ିକ ଛୋଟ, ବାହାରୁ ଦୁର୍ଗର ଚାହାଣି ଗବାକ୍ଷ ଭଳି ଦେଖାଯାଏ । ପୋର୍ଟିକୋର ସାମନାସାମନି ଚଉରସିଆ ନିଆରା ହେଇ କୋଠାଟିଏ । ଏଇଟି କଟକୀ ପିଲାଙ୍କ ହଷ୍ଟେଲ । ଆଗେ ଏଇଟା ରଜାଙ୍କର ଅତିଥି ଗୃହଥିଲା । ଅତିଥି ଗୃହର ଦୁଇପଟେ ଇଗଲର ଡେଣା ଭଳି ଲମ୍ବିଯାଇଛି ଦୁଇଟି ପାଚେରି । ଦୁଇକଡ଼େ ଦୁଇଟି ଲୁହାଗେଟ୍ । ଗୋଟିକରେ ଆର୍ଟସ୍କୁଲ ପିଲା ଉଆସକୁ ଉଠନ୍ତି, ଅନ୍ୟଟିରେ ସି.ଟି. ପିଲାମାନେ ଚଳପ୍ରଚଳ ହୁଅନ୍ତି । ପୋର୍ଟିକୋ ଆଗରେ କାନ୍ଥମାନଙ୍କଦ୍ୱାରା ବାନ୍ଧିହେଇ ପଡ଼ିଥିବା ଗୋଟିଏ ପ୍ରଶସ୍ତ ଖୋଲା ଜାଗା । ଏଇଠି ଭାସ୍କର୍ଯ୍ୟର ଉଦ୍ୟାନଟିଏ ଗଢ଼ିଉଠିବାର ଯଥେଷ୍ଟ ସମ୍ଭାବନା ଥିଲା । ତାହା ପଚାଶ ବର୍ଷର ଅବଧି ଭିତରେ ସମ୍ଭବ ହେଇପାରିନି । ଏଇ ପଡ଼ିଆରେ ଘୋଷଡ଼ାର ଉଠାଣି ମୁହଁରେ କିଏ ଜଣେ ଅଧକ୍ଷ ଗ୍ରାମଦେବତୀଙ୍କ ମନ୍ଦିରଟିଏ ବସେଇଛନ୍ତି ଓ ଅସଂଲଗ୍ନ ନାନ୍ଦନିକ ରୁଚିର ପରିଚୟ ଦେଇଛନ୍ତି । ଠାକୁରାଣୀଙ୍କ ନାଁ କୀଲେଇଶୁଣୀ । ଆମେ ଭାବୁ ଏଠି ପଥରର ବେଦୀଟିଏ ଯଦି ଥାଆନ୍ତା ଓ ତା'ରି ଉପରେ ପୋଡ଼ାମାଟିର ଘୋଡ଼ା ଓ ହାତୀମାନେ ଠିଆହେଇ ଅତିଥିଙ୍କୁ ସ୍ୱାଗତ ଜଣାଉଥାନ୍ତେ ତା'ହେଲେ ଅଧିଷ୍ଠାନୀ କଳାପ୍ରକଳ୍ପଟି ଦି'କଥାକୁ ବୁଝଉଥାନ୍ତା । ପରୋକ୍ଷରେ ଗ୍ରାମଦେବତୀ ଓ ପ୍ରତ୍ୟକ୍ଷରେ କଳାତ୍ମକତା ସୂଚଉଥାନ୍ତା । ଆର୍ଟ ସ୍କୁଲରେ ଗ୍ରାମଦେବତୀଙ୍କ ଆବଶ୍ୟକତା ଅଛି ଯଦି ସିଏ ତାଙ୍କର

Digitized by srujanika@gmail.com

ଅଲୌକିକ ମହିମାରେ ଏହି ରାଜପ୍ରାସାଦରୁ ବୋହିନେଇ ଯାଇଥିବା କଳାସାମଗ୍ରୀର ତସ୍କରମାନଙ୍କୁ ରକ୍ତବାନ୍ତି କରେଇଦେଇ ପାରିଥାନ୍ତେ ।

ସି.ଟି. ସ୍କୁଲ ଆଗରେ ଜନପ୍ରିୟ ସରକାର ବାହାଦୁର ଗୋଟିଏ ସାଇକ୍ଲୋନ୍ ସେଲଟର୍ ତିଆରି କରିଛନ୍ତି । ଏତେବଡ଼ ମର୍ଦ୍ଧରାଜଙ୍କ ଉଆସ ପଡ଼ିଛି ସେଥିରେ ଆବଶ୍ୟକ ହେଲେ ଖଲିକୋଟ ଗଡ଼ର ସମୁଦାୟ ଲୋକ ଆଶ୍ରାନେବାରେ ଅସୁବିଧା ନାହିଁ । ସିମେଣ୍ଟର କଦର୍ଯ୍ୟ ସ୍ଥାପତ୍ୟର ଅତି ନଗଣ୍ୟ ଘରଟିଏ । ଖୁନ୍ଦାଖୁନ୍ଦି ହେଇ ଠିଆହେଲେ କଷ୍ଟରେ ପଚାଶ ଷାଠିଏ ଲୋକ ଠିଆହେବେ । ଘରଟି ବଗଙ୍କ ସଭାରେ କାଉ ଭଳି ଦିଶୁଛି, ବୋଧହୁଏ ମଞ୍ଜୁର ହେଇଥିବା ସରକାରୀ ଅର୍ଥର ଜରୁରୀ ବ୍ୟବହାର ପାଇଁ ଏକଥା କରାହେଇଛି । ଏବେ ସଂସ୍କୃତି ବିଭାଗ ପଚାଶ ହଜାର ଟଙ୍କା ବ୍ୟୟକରି ସେଠି ଗୋଟିଏ ଆର୍ଟଗ୍ୟାଲେରୀ ଖୋଲୁଛନ୍ତି । ଖଲିକୋଟରେ ପୁଣି ବରାଦକରା ଆର୍ଟଗ୍ୟାଲେରୀ ? କେ। ଦର୍ଶକ ପର୍ଯ୍ୟଟନ ବିଳାସରେ ଉଦ୍‌ବୁଦ୍ଧ ହେଇ ଏଠାକୁ ଆଧୁନିକ କଳା ଦେଖିବାକୁ ଆସିବେ ? ସମଗ୍ର ଉଆସଟି ତ ଆର୍ଟଗ୍ୟାଲେରୀ । ଆର୍ଟସ୍କୁଲରେ ଥରେ ବୁଲି ଆସିଲେ କଳାତ୍ମକତାରେ ପେଟ ଆଖି ପୂରିଯିବା କଥା ଅନେକେ ଭୁଲିଗଲେଣି ।

ଉଆସ ଭିତରେ ସହଜରେ ଶତ୍ରୁ ପଶି ନହେବା ଭଳି ବ୍ୟବସ୍ଥା । ରାଜାରାଣୀ ସତେ ଯିମିତି ପଦ୍ମମଣ୍ଡଳର କେଶର ଭିତରେ ଗୋପ୍ୟରେ ଲୀଳା ରଚିପାରିବେ, ଭଅଁର ବି ପଶି ପାରିବନି । ମଣ୍ଡଳ ଚାରିପଟେ ଦୁଇ ତିନୋଟି ସୁରକ୍ଷା ବଳୟ ଯାହାକୁ ବେଢ଼ା କୁହାଯାଏ । ମନ୍ଦିରମାନଙ୍କରେ ଓ ତରୁଲ୍ୟ ପ୍ରକାରେ ରଜାଙ୍କ ନଅରରେ ବେଢ଼ାମାନ ମନ୍ଦିରର ଦିଅଁଙ୍କୁ ଓ ଉଆସର ଚଳନ୍ତି ଠାକୁରଙ୍କୁ ଘେରି ରହିଥାନ୍ତି । ଠାକୁର ମନ୍ଦିର ହେଇଥିଲେ ହୁଏତ କରିଥାନ୍ତେ ମେଘନାଦ ପାଚେରି, କୂର୍ମବେଢ଼ା ପାଚେରି ଏମିତି କେତେ ବାଗର କଥା । ଏଠି ଉଆସର ପ୍ରଥମ ଦୁଆର ହେଲା ହାତୀଗେଟ୍ । ଇଟା ଓ ସିପଚୂନରେ ତିଆରି ଦୁଇଟି ହାତୀଶୁଣ୍ଢ ଦୁଇକଡ଼େ ଭୂଇଁ ଉପରେ ମୁହଁ ମାଡ଼ି ଶୋଇ ରହିଛି । ଏହି ହାତୀଶୁଣ୍ଢ ଉପରେ ଆର୍ଟସ୍କୁଲ ପିଲା ବେଳେବେଳେ ବସି ଗପ ମାରନ୍ତି ଓ ବିଡ଼ି ଫୁଙ୍କନ୍ତି । ଆର୍ଟସ୍କୁଲ ପଟ ଗେଟ୍‌କଡ଼କୁ ଲାଗି ଜଗୁଆଳିମାନଙ୍କ ପାଇଁ ଘର । ଆମବେଳେ ଏଠି ମେସ୍‌ପାଇଁ ରନ୍ଧାବଢ଼ା ହେଉଥିଲା । ମେସ୍‌ବନ୍ଦ ହେଲାପରେ ଟାଇପିଷ୍ଟ ସାରଥି ବେହେରା ନିଜ ପରିବାର ନେଇ ଦିନାକେତେ ଏଇଠି ରହିଲେ । ହାତୀଗେଟ୍ ପାରିହେବା ଆଗରୁ ଡ଼ାହାଣ ପଟେ ବାମ୍ଫି ଓ ପମ୍ପଘର ।

Digitized by srujanika@gmail.com

ଆମ ଗାଁର ଦିଗପହଣ୍ଡି ନଅରରେ ବାମ୍ପିନଥିଲା, ଚାବଚା ଥିଲା । ବାମ୍ପି ଭିତରକୁ ଓହ୍ଲେଇବା ପାଇଁ ପାହାଚ । ବାମ୍ପି ଭିତରେ କାଉଆଖିଆ ହେମାଳ ପାଣି ପାତାଳ ପର୍ଯ୍ୟନ୍ତ ଲମ୍ୱିଗଲା ଭଳି ମନେ ହେବ । ହଷ୍ଟେଲରେ ପାଣି ଯୋଗାଣ ବନ୍ଦ ହେଇଗଲେ ଆମେ ଦଳ ଦଳ ହେଇ ଗରା ବାଲିତି ନେଇ ବାମ୍ପିରୁ ପାଣି ବୋହୁ । ବାମ୍ପି ଭିତରେ ଗାଧୋଇବା ମନା ଥିଲେ ବି ଜଣେ ଅଧେ ବାଲତିଏ, ଦି'ବାଲତି ଢ଼ାଳି ହେଇ ପଡ଼ନ୍ତି । ସେମାନେ ଭାବନ୍ତି ମର୍ଦ୍ଦରାଜଙ୍କ ପ୍ରତିପତ୍ତିକୁ ଟକ୍କର ଦେଉଛନ୍ତି । କିନ୍ତୁ ଖରାଦିନେ ବାଲତିଏ ପାଣି ଦେହକୁ କାକର କରିଦିଏ ।

ପିତଳଦୁଆର ଡ଼େଇଁ ଉଆସ ଭିତରେ ପଶିଲେ ଢ଼େବିରି ପଟେ ରଜା ଅମଳର ଘାଟ ପାଇକ ପାଇଁ ଘର । ଆମ ବେଳକୁ ଆର୍ଟସ୍କୁଲର ବଡ଼ବାବୁ ଉଦିତ ପ୍ରତାପ ସିଂହ ଓରଫ୍ ଟିକିବାବୁଙ୍କ ଦପ୍ତର ଏଇଠିଥିଲା । ଟିକିବାବୁ ରଜାଙ୍କ ବଂଶଜ, ଚାଲିଚଳଣି ଓ ଚେହେରାରେ ରାଜକୀୟ ଛଟା, ବେପରୁଆ ଭାବ, ଦିଲଦାର୍ ଲୋକ । ରସିକ । ଗୋରା ମୁହଁରେ ଚିଲ୍ଲା ଆଖି । ନାକତଳେ ଢୋରଦାରିଆ ଜମାଣିଆ ଜମାଣିଆ ନିଶ । ଏଠୁ ଖାଇଲାହାତି ଦରବାରହଲ୍‌କୁ ରାସ୍ତା । କଳାମୁଗୁନି ପଥରର ଚଟାଣ । ଏହି ବାଟଘରେ ମୁଣ୍ଡଉପରକୁ କାନ୍ଥରେ ସୁନା ରଙ୍ଗର ଫ୍ରେମ୍‌ରେ ମର୍ଦ୍ଦରାଜଙ୍କ ଉପନୟନ ବେଳର ଫୋଟଗ୍ରାଫ୍ । ଅନ୍ୟ କାନ୍ଥରେ ମର୍ଦ୍ଦରାଜ ଯୁବରାଜ ବେଶରେ ଅଣ୍ଟାରେ କମରକସା ଭିଡ଼ି, ତା' ଭିତରେ ପାଟଖଣ୍ଡା ଖୋସି ସତେ ଯିମିତି ପ୍ରତ୍ୟେକ ଆଗନ୍ତୁକଙ୍କୁ ଚାହିଁ ରହିଛନ୍ତି । ଦରବାର ହଲକୁ ଯିବା ପାଇଁ କାଠର ସିଡ଼ି ଓ କୁନ୍ଦା କାଠର ପଲିସ୍‌କରା ଧାରଣା । ରଜାଙ୍କ ବେଳେ କାହିଁକି ଆମବେଳେ ମଧ୍ୟ ପ୍ରଥମ ଥାକ ପାହାଚ ଚଢ଼ିଲା ପରେ କାନ୍ଥରେ ଷ୍ଟଫିଙ୍ଗ୍ କରାଯାଇଥିବା ଗୟଳମୁଣ୍ଡ ଆଖିରେ ପଡୁଥିଲା । ମର୍ଦ୍ଦରାଜଙ୍କ ବନ୍ଧୁକ ଗୁଳିରେ ଟଳି ପଡ଼ିଥିବା ଗୟଳ ଆଖିରେ ଯୋଖାହେଇଥିବା କାଚବାଟି ଝାପସା ଆଲୁଅରେ ଝଲସିଯିବ । ଲାଗିବ, ସତେ ଯିମିତି ଅରଣା ଗୟଳ ଚାହିଁଛି । ଛବିବହିର ଗୀତଟି ଆପେ ଆପେ ମନେ ପଡ଼ିଯିବ । 'ଅରଣା ମଇଁଷି ରହିଛି ଅନାଇ, ମଇଁଷିର ପାଖ ନ ଯାଅ ଦନାଇ' ।

ଦରବାର ହଲ୍‌ଟି ଉଆସର ମୁଖବିମ୍ୱ । କେବେ ହୁଏତ ରାଜା ମର୍ଦ୍ଦରାଜ, ପାତ୍ରମନ୍ତ୍ରୀ ସଭାପାରିଷଦ ନେଇ ଏଇଠି ଉଭା ହେଉଥିଲେ । କିନ୍ତୁ ଏବେ ଏଇ ହଲ୍‌ରେ ଆର୍ଟକଲେଜର ପ୍ରଥମବର୍ଷର ପିଲା ବସନ୍ତି । ଆମେ ପୁଣି ପିତଳ କବାଟ ପାଖକୁ ଲେଉଟି ଯାଇ ବାହାର ଅଗଣା ଭିତରକୁ ପଶିଲେ ଭଲହେବ । ଏହି

Digitized by srujanika@gmail.com

ଅଗଣାରେ ଠିଆ ହେଲେ ଆଖିରେ ପଡ଼ିବ ଚାରିପଟେ ପାଚେରି ଭଳିଆ ଘେରି ରହିଥିବା କୋଠାଘର । ଉତ୍ତରପଟ କୋଠା ତିନିମହଲା । ସବାଉପର ମହଲାରେ ଅଧ୍ୟାପକ ଅଜିତକେଶରୀ ରାୟ ତାଙ୍କ ପରିବାର ନେଇ ରହନ୍ତି । ତା' ତଳ ମହଲାରେ ଅଏଲ୍ ପେଣ୍ଟିଙ୍ଗ୍‌କ୍ଲାସ୍ ଯେଉଁଠି ରମ୍ଭାବେଶ୍ୟାଙ୍କ ନ୍ୟୁଡ୍‌ଷ୍ଟଡ଼ି ହୁଏ । ସବାତଳ ବଖରାଗୁଡ଼ିକରେ ଭାସ୍କର୍ଯ୍ୟ ଅଧ୍ୟାପକ ବିପ୍ରଚରଣ ମହାନ୍ତିଙ୍କ ମୋଡ଼େଲିଙ୍ଗ୍ ଷ୍ଟୁଡ଼ିଓ । ଆର୍ଟସ୍କୁଲମାନଙ୍କରେ କ୍ଲାସରୁମ୍ ବା ଶ୍ରେଣୀଗୃହକୁ ଷ୍ଟୁଡ଼ିଓ କହିବା ପରଂପରା ଅଛି । ବାହାର ଅଗଣାରୁ ପାଟଅଗଣାକୁ ଯିବାକୁ ହେଲେ ଅଗଣା ଭିତରେ ପୂର୍ବପଟେ ଥିବା ମଣ୍ଡପ ଚଢ଼ି ଗୋଲେଇ ଲୁହାସିଡ଼ିକୁ ଡେ଼ବିରିକାନି ରଖି ଆଗେଇବାକୁ ହୁଏ । ଆମବେଳେ ଏହି ମଣ୍ଡପରେ ସଭାସମିତି ହେଉଥିଲା ଏବଂ ଏହାକୁ ଡ୍ରାମା ଥିଏଟର ପାଇଁ ମଞ୍ଚଭଳି ବ୍ୟବହାର କରାଯାଉଥିଲା ।

ଉଆସର ପ୍ରଥମ ମହଲାକୁ ଉଠିବାକୁ ଦୁଇଟି ବାଟ । ଗୋଟିଏ ତ ମୁଖ୍ୟ ଫାଟକ ଦେଇ ଦରବାର ଭିତରେ ପଶିଗଲେ ପ୍ରଥମ ମହଲା, ତା'ପରେ ସେହି ମହଲାରେ ଅନ୍ୟାନ୍ୟ କୋଠରୀକୁ ରାସ୍ତା । ଦ୍ୱିତୀୟଟି ଗୋଲେଇ ସିଡ଼ିଦେଇ ଉପରକୁ ସିଧା ପ୍ରଥମ ମହଲାର ଇଣ୍ଡିଆନ୍ ପେଣ୍ଟିଙ୍ଗ୍‌କ୍ଲାସ ବାରଣ୍ଡାକୁ । ସିଡ଼ିତଳେ ମାହୁନ୍ତ ହାତୀ ଉପରେ ବସିଛି । ଇଟାଗଢ଼େଇ ହାତୀ ଶିପ ଚୂନରେ ମାଠ ହେଇ ଚିକ୍କଣକରା ହେଇଛି । ଦକ୍ଷିଣପଟର ହାତୀଟି ବହୁ ଆଗରୁ ଭାଙ୍ଗି ଯାଇଛି । ହାତୀଅଗଣା ଡେ଼ଇଁଲେ ପାଟଅଗଣା । ଅଗଣାର ଚଟାଣ କୁଣ୍ଡାପଥରରେ ତିଆରି, ଚାରିଆଡ଼େ ଲମ୍ବା ବାରଣ୍ଡା, ବାରଣ୍ଡାର ମୁହାଁଟିରେ ପାନପତିରିଆ ବିଦ । ଅଗଣା ବର୍ଷାଦିନେ ପାଣିଭରି ହେଇଯାଇ ଚାବଚା ଭଳିଆ ଦେଖାଯାଏ ଏବଂ ଏହି ଚାବଚାରେ ବେଳେବେଳେ ବସ୍ତ୍ରହରଣ ଲୀଳା ଅଭିନୀତ ହୁଏ । କାଗଜ ଡଙ୍ଗା ଭସେଇବା ଆଳରେ ଆମେ ହଷ୍ଟେଲର ନିରାଣିଆ ପିଲାଟେ ସାଙ୍ଗରେ ନେଇ ବାରଣ୍ଡା ଧାରରେ ଠିଆହେଉ । ଆମ କଥାକୁ ସତମଣି ସିଏ ଯେତେବେଳେ ଡଙ୍ଗାଭସେଇବା ପାଇଁ ଉଦ୍ୟତ ହୁଏ, ପୂର୍ବ ଯୋଜନା ଅନୁସାରେ ଆମେ ତା ପିନ୍ଧାଲୁଙ୍ଗିକୁ ପଛଆଡୁ ଭିଡ଼ିଦେଇ ଚାବଚା ଭିତରକୁ ଠେଲିଦେଉ । ରାତିର ଅନ୍ଧାର ଭିତରେ ପିଲାଟି ନିଜକୁ ନିରାପଦ ମଣୁଥିବା ଅବସ୍ଥାରେ ପ୍ରଥମ ମହଲାରେ ଥିବା ଲାଇଫ୍‌ଷ୍ଟଡ଼ି କ୍ଲାସର ଫ୍ଲଡ୍ ଲାଇଟ୍‌ଯାକ ଜଳିଉଠେ । ଏଇଥି ପାଇଁ ମଧ ଆଗରୁ ବ୍ୟବସ୍ଥା ହେଇଥାଏ । ଏବେ ପିଲାଟି ନିଜକୁ ଲୁଚେଇବା ପାଇଁ ପାଣି ଭିତରେ ଧାଁ ଧପଡ଼ କରି ବାରଣ୍ଡାକୁ

Digitized by srujanika@gmail.com

ଉଠିବା ପାଇଁ ଚେଷ୍ଟାକରେ । ଅନ୍ୟ ପିଲାମାନେ ସେତେବେଳକୁ ଚାରିକଡ଼ ବାରଣ୍ଡାର ଧାରେଧାରେ ଠିଆହୋଇ ତାକୁ ବାଧା ଦିଅନ୍ତି ।.ଏବେ ସେ ଅଗତ୍ୟା ପ୍ରଥମେ ପ୍ରଥମେ ଗୋପୀଙ୍କ ଭଳି ସେ ତାର ଗୁପତଅଙ୍ଗରେ ହାତ ଦେଇ ଲଜ୍ଜା ନିବାରଣ କରିବାକୁ ଚେଷ୍ଟାକରେ । ପରେ ପରେ ବେହିଆଙ୍କ ଭଳି ନିଜ ଅସହାୟତାକୁ ଅଭିନୟରେ ରୂପାନ୍ତରିତ କରିଦେଉ ଦେଉ ନିଜେ ନିଜକୁ ଉପଭୋଗ କରେ । ଆମ କୋଳହଳ ଶୁଣି ରାଣୀହଂସପୁରର ଝିଅପିଲାମାନେ ପ୍ରଥମମହଲା ବାରଣ୍ଡାକୁ ଦଉଡ଼ି ଆସି ଏ ଅଭିନବ ବସ୍ତ୍ରହରଣ ଲୀଳାକୁ ଉପଭୋଗ କରନ୍ତି ।

ବାରଣ୍ଡା କଡ଼େ କଡ଼େ ଗୋଲିଆ ଛାଉଁଳି ଖମ୍ବ । ଖମ୍ବର ବଇଠି ଚଉରସିଆ ଆଉ ଖମ୍ବ ମୁଣ୍ଡରେ କଳଶ ପୁଣି ତା ଉପରେ ଏକ ପରସ୍ତିଆ ଥାକ । ଦକ୍ଷିଣ କାନି ମଝା ମଝାକି ଚଉତରା । ଦି' ପାହାଚିଆ ବେଦୀ, ତା'ଉପରେ ଟିଣର ଚାରିଚାଳ, ସାଦା କାମ । ରାଜାରାଣୀଙ୍କ ଅମଳରେ ପୋଇଲାଣୀମାନେ ଏହି ବେଦୀ ଉପରେ ନିଜନିଜ ହାତ ତିଆରି ଅଡଙ୍ଗା ଓ ଆଚାର ରାଣୀମାଙ୍କ ପସନ୍ଦ ପାଇଁ ରଖୁଥିଲେ । ଉତ୍ତର ପଟେ ହାତୀଶାଳ ଓ ବଣକୁ ଯିବା ପାଇଁ ରାସ୍ତା । ରାସ୍ତାଟି ସୁଡ଼ଙ୍ଗ ଭଳି । ଗୋଟିଏ ପଟେ ବଣପାହାଡ଼କୁ ଅନ୍ୟପଟେ ଘୋଷଡ଼ା କଡ଼େ କଡ଼େ ଉଆସ ପେଟ ଫୁଟେଇ ପଦାକୁ ବାହାରିଛି । ବଣକୁ ଯିବା ରାସ୍ତାଟି କାହିଁ କେଉଁ ଅଝାଡ଼ ଭିତରକୁ ଲମ୍ବିଯାଇଛି ତା'ର ଇୟତ୍ତା ନାହିଁ । ଏହି ବାଟରେ ପିଲାମାନେ ଝାଡ଼ାଫେରିବାକୁ ଯାଆନ୍ତି । ସୁଡ଼ଙ୍ଗଦେଇ ଖଲିକୋଟ ଗଡ଼ର ବାଉରାଣୀ ଏବଂ ଉଆସ ପଛ ଖୋଲ ସାହିର ମାଇପେ ବଣରୁ ଜାଳେଣି କାଠଗୋଛା ମୁଣ୍ଡରେ ନେଇ ଖଲିକୋଟ ବଜାରରେ ବିକନ୍ତି । ସୁଡ଼ଙ୍ଗଟି ଉଆସର ଶଙ୍ଖିନଳୀ । ଏହି ବାଟରେ ଅଧ୍ୟାପକ ଲୋକନାଥ ଶତପଥୀଙ୍କ ନେତୃତ୍ୱରେ ଶିକାରୀ ଦଳ ଜଙ୍ଗଲରେ ପଶନ୍ତି । ଲୋକେ କହନ୍ତି ଏହି ଜଙ୍ଗଲିଆ ରାସ୍ତାର ଅନତିଦୂରରେ ଥିବା ଶାହାଡ଼ା ଗଛରେ ବ୍ରହ୍ମରାକ୍ଷସ ଅଛି । ଏମିତିରେ ଆମ୍ବପଣସ ଗଛଥାଇ ଜାଗାଟା ରୁନ୍ଧା ରୁନ୍ଧା ଓ ଅନ୍ଧାରିଆ ଲାଗେ । ରାଣୀହଂସପୁର ଗଂଜାମୀ ହଷ୍ଟେଲରେ ରହୁଥିବା ହୋତା ସାଙ୍ଗାର ଗୋରାତକତକ ପିଲାଟେ ଶାହାଡ଼ା ଗଛରେ ନିଜପିନ୍ଧା ନେଳିଲୁଙ୍ଗି ବେକରେ ଦେଇ ଆତ୍ମହତ୍ୟା କରିଥିଲା । ଆତ୍ମହତ୍ୟା କରି ଗଛରେ ଝୁଲିଥିବା ଶବଟିଏ ଦେଖିବା ମୋ ଜୀବନରେ ପ୍ରଥମ । ଆଗରୁ ଆମ ଗାଁ ଦିଗପହଣ୍ଡିର ବଡ଼ବନ୍ଧରେ ପାଣିରେ ବୁଡ଼ି

Digitized by srujanika@gmail.com

ମରିଯାଇଥିବା ଦାରୀ ସାହିର ଦିଣ୍ଡା ପିଲାଟାର ଶବଟାକୁ ଦେଖି ମୁଁ ହଠାତ୍ କିଛି ବୁଝିପାରିନଥିଲି । ପାଣି ପିଇଦେଇ ଫୁଲିଯାଇଥିବା ଶବଟା ପାଖରେ ଚଇତନ ମାଷ୍ଟ୍ରେ ବସି କଇଁ କଇଁ କାନ୍ଦୁଥିବା ଦୃଶ୍ୟ ଏବେବି ମୋର ମନେଅଛି ।

ଆମେ ଦେଖିଗଲାବେଳକୁ ହୋତାର ଦେହଟା ନେଳିଆ ପଡ଼ିଯାଇଥିଲା ଓ ତା' ବେକଭାଗଟା ସୂତାଖିଅରେ ଝୁଲୁଥିଲା । କିଏ କିଏ ହୋତାକୁ ଦେଖି ହଷ୍ଟେଲ ଫେରି ଆସି ଚିହିଁକି ଗଲେ, ଝାଡ଼ାବାନ୍ତି ଭୋଗିଲେ । ଆମେ ହୋତାର ଶବକୁ ଶାହାଡ଼ା ଗଛରୁ ଓହ୍ଲେଇ ଆଣି କୋକେଇ ବାନ୍ଧି ମଶାଣିକୁ ନେଲୁ । ଦି'ଦିନର ହେଇଯାଇଥାଏତ ଶବଟା ପିଗିଳି ଯାଇଥାଏ । ଏଣୁ କୋକେଇ ଚାରିମୁଣ୍ଡରେ ଚାରିମୁଠା ଉଦୁବତୀ ବାନ୍ଧିଦେଇ କାନ୍ଧରେ ଉଠେଇ ଥିଲୁ । ଏବେ ବି ଖଲିକୋଟ ଆର୍ଟସ୍କୁଲ ଛାତଉପରେ ଠିଆହେଲେ ଶାହାଡ଼ା ଗଛଟା ଆଖିରେ ପଡ଼େ । ଗଛଟା ଗଣ୍ଠିଗଣ୍ଠିଆ ହେଇ ବୁଢ଼ା ହେଇଗଲାଣି କିନ୍ତୁ ଏବେବି ସିଏ ହୋତାର ସ୍ମୃତି ବହନ କରି ଖଲିକୋଟର ପୁରୁଣା ଦିନ କଥା ମନେପକେଇ ଦିଏ ।

ଖଲିକୋଟ ଆର୍ଟସ୍କୁଲ ଅଧକ୍ଷମାନଙ୍କ ଅନୁରୋଧରେ ସରକାର ଜଙ୍ଗଲରୁ କାଠକଟା ରୋକିବା ପାଇଁ ଏ ସୁଡ଼ଙ୍ଗକୁ ରୁନ୍ଧି ଦେଇଛନ୍ତି, । ଯିଏ କାଠ କାଟିବା କଥା ସିଏ ଅନ୍ୟରାସ୍ତାକୁ ଆପଣେଇ ନେଇଛି । ରୁନ୍ଧା ସୁଡଙ୍ଗକୁ ଦେଖିଲେ ଲାଗୁଛି ଉଆସର କିଏ ଅହେତୁକ ଶ୍ୱାସରୁଦ୍ଧ କରିଦେଇଛି । ପାଟଅଗଣାର ଉତ୍ତରପଟ ମଧ ତିନିମହଲା । ଉପର ମହଲାରେ ଅଧକ୍ଷ ଶରତଚନ୍ଦ୍ରଙ୍କ ରହିବା ବଖରା, ଝରକାରେ ବେଲଜିଅମ୍ ଗ୍ଲାସ୍‌ର ଫ୍ରେମ୍‌କରା କବାଟ । ମଝି ମହଲାରେ କମର୍‌ସିଆଲ୍ ଆର୍ଟ ବିଭାଗର ଷ୍ଟୁଡ଼ିଓ । ତା ପାଖକୁ ଲାଗି ଲାଇଫ୍‌ଷ୍ଟଡ଼ି କ୍ଲାସ୍ । ତା'ର ପୂର୍ବ ବାହୁରେ ଲେଡ଼ିଜ୍ ହଷ୍ଟେଲ୍ । ଆଗରୁ ଏହି ଖୁଆଡ଼ମାନଙ୍କରେ ପୋଇଲି, ଦାସଦାସୀ ରହୁଥିଲେ । ପାଟଅଗଣା ତଳେ ଠିଆହେଲେ ଅନ୍ତେବାସିନୀଙ୍କ ବେଶଭୂଷା, ଚଳପ୍ରଚଳ ଆଖିରେ ପଡ଼େ । ସ୍କୁଲର ପଦ୍ମାବତୀ ଦିଦି ମଧ ଝିଅପିଲାଙ୍କ ସାଙ୍ଗରେ ଏଇଠି ରହନ୍ତି । ପାଟଅଗଣାର ତଳବଖରାଯାକ ମଧ ପୋଇଲିଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏକ ବଖରିଆ ଘରଗୁଡ଼ିକ ଅଗଣା ଚାରିପଟେ ଘେରି ରହିଥିଲା । ବଖରାଗୁଡିକ ଚାରିଆଡ଼େ ନିବୁଜ । ଆଗକୁ କବାଟ ଓ ପଛକାନ୍ଥରେ ଠଣାଭଳି ଜାଲିଦିଆ ପଥରର ଗବାକ୍ଷ । ଏହି ଜାଲି ଦେଇ ବଖରା ଭିତରକୁ ପାହାଡ଼ ଉପରୁ ଚିତି ଓ ଗୋଖର ସାପ ପଶି ଆସନ୍ତି । ପାଟ ଅଗଣାରୁ ଚୋରା ବାଟଟିଏ ଯେଉଁଠି

Digitized by srujanika@gmail.com

ସୁଡ଼ଙ୍ଗ ରାସ୍ତା ସହିତ ମିଶିଛି ତା' ପୂର୍ବକଡ଼କୁ ଯୁଧିଷ୍ଠିର ସାହୁ ଓ ମଦନମୋହନ ପଣ୍ଡାଙ୍କ ସାଙ୍ଗରେ ମୁଁ ରହୁଥିଲି । ସେମାନେ ପଢ଼ାସାରି ଚାଲିଗଲା ପରେ ଏ ବଖରାଟି ମୋ ପୂରା କର୍ତ୍ତୃତ୍ୱରେ ରହିଲା । ମୋ ରୁମ୍ କବାଟରେ ସାଇନ୍ ବୋର୍ଡ଼ଟିଏ ଝୁଲୁଥିଲା । ସେଥିରେ ଲେଖାଥିଲା ଶିବାନନ୍ଦ ଷ୍ଟୁଡିଓ । ପାଟଅଗଣାରେ ଠିଆହେଇ ଉପରମୁହାଁହେଇ ଚାରିଆଡ଼କୁ ଅନେଇଲେ ଚାରୋଟି ଭିକ୍ଟୋରିଆନ୍ କାଙ୍ଗୁରା ଡ଼ୋମ୍ ଆଖିରେ ପଡ଼େ । ଗୋଟିଏ ତିନି ମହଲାକୁ ଉଠିବା କାଠ ସିଡ଼ିମୁଣ୍ଡ ଉପରେ, ଅନ୍ୟଟି ଦକ୍ଷିଣ ବାହୁରେ ଥିବା ପ୍ରିନସ୍‌ପାଲ୍‌ଙ୍କ ଷ୍ଟୁଡ଼ିଓ ଘର ଉପରେ, ତୃତୀୟଟି ପ୍ରିନସ୍‌ପାଲ୍ ରହୁଥିବା ବଖରା କଡ଼େ ଏବଂ ଚତୁର୍ଥଟି ଦକ୍ଷିଣ ପଶ୍ଚିମ କଣରେ । ବର୍ଗାକାର ଅଗଣାର ଚାରିକୋଣରେ ଏହି ଚାରୋଟି ଡ଼ୋମ୍ ଆକାଶ ଭେଦି ଉଠିଛି । ଡୋମ୍ ନକହି ଗମ୍ବୁଜ କହିଲେବି ଚଳିବ । ସେଥିରୁ ତିନୋଟି ଭାଙ୍ଗିରୁଜି ଗଲାଣି । ଏବେ ସିଡ଼ି ଉପରର ଗମ୍ବୁଜଟି ଇଂଲିଶ-ରୋମୀୟ ମୋଗଲ ସ୍ଥାପତ୍ୟଶୈଳୀର ଜୟଗାନ କରୁଛି । ଏହି ଗମ୍ବୁଜ ମାନଙ୍କ ଭିତରୁ ଶତ୍ରୁମାନଙ୍କୁ ବନ୍ଧୁକଧାରୀମାନେ ଲକ୍ଷ୍ୟ ରଖୁଥିଲେ ଓ ଗଡ଼ର ସୁରକ୍ଷା ଏମାନଙ୍କ ହାତରେ ଥିଲା । ଛାତର ପାରାପେଟ କାନ୍ଥଯାକର ଚୂଳରେ ବନ୍ଧୁକ ରଖି କାନ୍ଥପଟେ ଲୁଚି ଲୁଚି ଗୁଳି ଫୁଟେଇବାର ବନ୍ଦୋବସ୍ତ ଥିଲା । ଏହି ପାନପତରିଆ ଚୂଳିଆଯାକକୁ ଇଂରାଜୀରେ ବେଟଲ୍‌ମେଣ୍ଟ ଡିଜାଇନ୍ କୁହାଯାଏ ।

ପାଟଅଗଣାରୁ ଖାଇଲାହାତି ମାଡ଼ି ଚଉରସ ମଣ୍ଡପ ଦେଇ ରାସ୍ତାଟିଏ ଉପବନ, ଗାଧୁଆକୁଣ୍ଡ ହେଇ ଆଉଗୋଟିଏ ଖଞ୍ଜାରେ ପହଞ୍ଚିଛି । ସେଇଠି ମଧ ଛୋଟିଆ ଚଉରସ ଅଗଣାଟିଏ । ଏହାଥିଲା ଭିତର ଅଗଣା । ଉପବନରେ ଅଳସାର ମାର୍ବଲଭାସ୍କର୍ଯ୍ୟ, ଫୁଆରା । ସେତେବେଳେ ଏହି ଅଂଚଳଟି ଉଆସର ସବୁଠାରୁ ବିଭବଶାଳୀ ଖଞ୍ଜାଥିଲା । ଆଗରୁ ପାରଂପରିକ ଗୃହ ସ୍ଥାପତ୍ୟମାନଙ୍କରେ ଅଗଣାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଅଗଣା ଆଲୋକ ଓ ପବନର ଚଳାଚଳ ପାଇଁ ଯେତିକି ଉପାଦେୟ, ସାମାଜିକ ଓ ଅନ୍ତରଙ୍ଗଦଣ୍ଡ ସାମୂହିକ ବେଳା ବିତେଇବା ପାଇଁ ସେତିକି ମହତ୍ତ୍ୱପୂର୍ଣ୍ଣ । ପାଶ୍ଚାତ୍ୟର ସ୍ଥାପତ୍ୟ, ବିଶେଷକରି ଔପନିବେଶୀୟ ସ୍ଥାପତ୍ୟରେ ଏହି ଅଗଣାର ଆଉ ପ୍ରାଧାନ୍ୟ ରହିଲା ନାହିଁ । ଥଣ୍ଡାଦେଶରେ ଅଗଣା କ'ଣ ବା ହେଇଥାନ୍ତା । ଉଆସର ଇଏ ହେଉଛି ତୃତୀୟ ଅଗଣା । ଏହି ଅଗଣାକୁ ଯିବାକୁ ହେଲେ ପଥରର ଛଅସାତ ପାହାଚ ଉଠାଣି ପଡ଼ିବ । ପ୍ରବେଶଦ୍ୱାରରେ ମନ୍ଦିରର ସ୍ଥାପତ୍ୟ ଭଳି ଭବ୍ୟ ଦ୍ୱାରବନ୍ଧ । ଦ୍ୱାରବନ୍ଧରେ ଲତା, ଡାଳି ଓ ଯୋଡ଼ିନାଗବନ୍ଧର ଚମତ୍କାର

Digitized by srujanika@gmail.com

କାଠଖୋଦେଇ । ଦ୍ୱାରବନ୍ଧର ମୂଳଦେଶରେ ଦୁଇଟି ଦ୍ୱାରପାଳ ଓ ତା'ର ଲଲାଟବିମ୍ବରେ ଗଜଲକ୍ଷ୍ମୀ ଖୋଦେଇ । ରଜାଙ୍କ ଅମଳରେ ଏଇ ଅଗଣାରେ ଗନ୍ତାଘରିଆଣୀମାନେ ରହୁଥିଲେ । ଏହି ଖଞ୍ଜା ମାନଙ୍କରେ ଧନରତ୍ନ ଭରିହେଇ ରହିଥିଲା । ଏଇଠି ଭୂଇଁ ତଳେତଳେ ସୁଡ଼ଙ୍ଗଟିଏ ଥିଲା । ଖଲିକୋଟିଆ କହୁଥିଲେ ଏ ସୁଡ଼ଙ୍ଗ କୁଆଡ଼େ ଭିତରେ ଭିତରେ ନିର୍ମଳଝର ଯାଏଁ ଲମ୍ବିଛି । ସରକାର ବାହାଦୂର ଏବେ ସୁଡ଼ଙ୍ଗକୁ ପୋତି ଦେଇଛନ୍ତି । ପରେ ପଟେରୀ ମାଷ୍ଟ୍ରେ ହରେକୃଷ୍ଣ ବେହେରା ଓ ବେତମାଷ୍ଟ୍ରେ ଲାଲା ରବୀନ୍ଦ୍ରନାରାୟଣ ରାୟ ଏଠାରେ ରହିଲେ । ଏବେ ସେ ସବୁ ଘର ପୁଅପିଲାଙ୍କ ଛାତ୍ରାବାସ ହେଇଗଲାଣି । ନାଁ ପୁଣି ତା'ର ଧର୍ମପଦ ଛାତ୍ରାବାସ । ଅଗଣା ଓ ଖଂଜା ତା'ର ପୂର୍ବ ଗୌରବ ହରେଇ ଦେଇଛି ।

ପଟେରୀସାର୍ ଓ ବେତସାର୍ ପରିବାର ନେଇ ଯେତେବେଳେ ରହୁଥିଲେ, ଏହି ଖଣ୍ଡକ ବେଶ୍ କୋଳାହଳରେ ଉଛୁଳି ପଡୁଥିଲା । ଉଭୟେ ବହୁକୁଟୁମ୍ବୀ ଓ ସେମାନଙ୍କ ସହିତ ପଲେ କୁକୁଡା, ବତକ, ଦି' ଚାରିଟା ଦେଶୀ କୁକୁର, ପାରା, ଶୁଆ ଓ ଶାରୀ ସାଂସାରିକ ଜଂଜାଳକୁ ଦ୍ୱିଗୁଣିତ କରିଦେଇଥିଲେ । ମୋ ସହପାଠୀ ପଦ୍ମନାଭ ବେହେରା ତା ମାମୁଁ ପଟେରୀସାର୍‌ଙ୍କ ଘରେ ରହୁଥିଲା । ପଦ୍ମନାଭର ଚେହେରାକୁ ଦେଖିଲେ ତାକୁ କୁମ୍ଭାର ଘର ପିଲା ବୋଲି କହିବାକୁ ସଂଭ୍ରମ ହେବ । ଗୋରା ତକ ତକ ଦେହ, ନୀଳ ନୀଳ ଆଖି, କୁଞ୍ଚୁକୁଞ୍ଚିଆ ବାଳ । ପଦ୍ମନାଭ ପାଠପଢ଼ିସାରି ଚାକିରି କଲାନି । କଟକର ଗୌରୀଶଙ୍କର ପାର୍କ ପାଖରେ ଓଡ଼ିଶୀ ବାନ୍ଧଶାଢ଼ୀ ଓ ଲୁଗାଦୋକାନ ଖୋଲି ବେପାର କଲା । ସିଏ ସଂଯୁକ୍ତା ପାଣିଗ୍ରାହୀଙ୍କ ପାଇଁ ତାଙ୍କ ଡିଜାଇନ ମୁତାବକ ବାନ୍ଧଲୁଗା ବୁଣେଇ ଆଣେ । ଚିତ୍ରଶିଳ୍ପୀ ତ ତେଣୁ ନୃତ୍ୟଶିଳ୍ପୀଙ୍କ କଥା ବୁଝିପାରେ । ତା' ସହିତ ସିଏ ଓ୍ୱାସ୍ ଓ ଟେମ୍ପେରା ଛବି ମଧ୍ୟ କରେ ।

ଉପବନ ଭିତରେ ରଜାଙ୍କ ଇଷ୍ଟଦେବୀମନ୍ଦିର । ତା'ପାଖକୁ ଲାଗି ପର୍ବ ମଣ୍ଡପ । ତାକୁ ବିଜେମଣ୍ଡପ ବୋଲି କିଏ କିଏ କହୁଛନ୍ତି । ଏଇଠୁ ପଚାଶ ଷାଠିଏ ହାତ ଦୂରରେ ସରଘର । ସରଘରମାନଙ୍କ ଭିତରୁ ଗୋଟିକର ଗବାକ୍ଷରେ ଚମତ୍କାର କାଠଖୋଦେଇର ଓଡ଼ିଶୀଢ଼ଙ୍ଗର ଲଳିତାଙ୍କ ମୂର୍ତ୍ତି ଥାଇ ଗବାକ୍ଷଟିଏ ଅଛି । ଚୋରଙ୍କ ଦାଉରୁ ଯେତିକି କମକୁଟିକରା କାମ ବର୍ତ୍ତିଯାଇଛି ତା'ରି ମଧ୍ୟରୁ ଏ ଗବାକ୍ଷର କାରୁକାର୍ଯ୍ୟ ଅତ୍ୟନ୍ତ ରୁଚିପୂର୍ଣ୍ଣ । ଅନ୍ୟ ଗବାକ୍ଷ ଘରାର ଡାଳିଲତା ଡ଼ିଜାଇନ୍ ମଧ୍ୟ

Digitized by srujanika@gmail.com

ଚମତ୍କାର । ଏହି ଉପବନ ଭିତରେ ଗୋଟିଏ ଝୁଲଣ ମଣ୍ଡପ ଅଛି । ଏବେ ତୁଛାଟାକୁ ତାକୁ ପଇତାମଣ୍ଡପ କହୁଛନ୍ତି । ମୋର ହୃଦ୍‌ବୋଧ ହେଉଛି ରାଜାରାଣୀଙ୍କ ଏହା ଥିଲା ବିହରଣମଣ୍ଡପ । ରାଜାଙ୍କ ଇଷ୍ଟଦେବୀ ଉଆସର ଏପଟେ ମନ୍ଦିରରେ ପୂଜା ପାଉଥିଲେ । ରଜା ରମ୍ଭା ଉଆସକୁ ନିଜ ଡ଼େରା ଉଠେଇନେବା ଫଳରେ ଇଷ୍ଟଦେବୀ ମଧ ତାଙ୍କ ସାଙ୍ଗରେ ରମ୍ଭା ପଳେଇଲେ ଆଉ ମନ୍ଦିର ଖାଲି ପଡିଲା । ତା'ପରେ ଏହି ଉପବନରେ ଦି'ଚାରିଥାକ ଏକ ମହଲିଆ ଖଞ୍ଜା, ରାଜାଙ୍କ ଅଟେଇଘର, ଧାନଘର ଓ କଚେରିଘରର କାର୍ଯ୍ୟ ତୁଲାଉଥିଲା । ଉଆସର ଏହି ଫାଳକ ଶିକ୍ଷକତାଲିମ୍‌କେନ୍ଦ୍ରର ହେପାଜତରେ ରହିଥିଲା । ଏପଟରେ ଆର୍ଟସ୍କୁଲ ପିଲାଙ୍କ ଚଳପ୍ରଚଳ ଏତେଟା ନଥିଲା ।

ବାମ୍ପିଭଳି ଉଆସର ଅନ୍ୟଗୋଟିଏ ଉଲ୍ଲେଖନୀୟ ସ୍ଥାପତ୍ୟ ହେଲା ମର୍ଦ୍ଧରାଜଙ୍କ କୁକୁରଘର ଓ ତାକୁ ଲାଗି କୁକୁରଙ୍କ ପାଇଁ ରୋଷେଇ ଘର । ଏଘରେ ବିଦେଶୀ ଜାତିର କୋଡିଏ ପଚିଶ କୁକୁର ରହୁଥିଲେ । ଆମବେଳକୁ ରଜା ମର୍ଦ୍ଧରାଜ ଓ ତାଙ୍କ କୁକୁରମାନେ ରମ୍ଭାରେ ପ୍ରବାସୀ ହେଇସାରିଥିଲେ । ଖଲିକୋଟରେ କେବଳ ରାଜପରଂପରାର ସ୍ମୃତିଟିଏ ପଡି ରହିଥିଲା । ଶୁଣାଣିରେ କିଛି କୁକୁରକୁକୁରୀଙ୍କ କଥା ମନେଅଛି, ପପି ମର୍ଦ୍ଧରାଜଙ୍କ ସବୁଠାରୁ ପ୍ରିୟ କୁକୁର । ସିଏ ୧୯୨୦ ମସିହାରେ ଉଟିରେ ଜନ୍ମ ହେଇଥିଲା । ୧୯୩୨ରେ ରମ୍ଭା ପ୍ରାସାଦରେ ଇହଲୀଳା ସାଙ୍ଗକଲା । ରଜା ତାକୁ ଏତେ ଭଲ ପାଉଥିଲେ ଯେ ସେ ରମ୍ଭାରେ ତା ପାଇଁ ସମାଧିଟିଏ ଗଢ଼ି ଦେଇଥିଲେ । ରାଜାଙ୍କ ସାଙ୍ଗରେ ସବୁବେଳେ ଶିକାରରେ ସାମିଲ ହେଉଥିଲେ ବଳିଆ ଜାତିର ଟାଇଗର୍ ଓ ଜ୍ୟାକ୍ । ତାଙ୍କର ଗଣ୍ଡେ ଦି'ଗଣ୍ଡା ଜର୍ମାନ୍ ସେଫର୍ଡ୍ ଥିଲେ । ଖଲିକୋଟ ରାଜପରିବାରର ସୌଖିନିଆ ମାଇକୁତି ହେଲା ରାଣୀ ଓ ଅଣ୍ଡିରା ହେଲା ପ୍ରିନ୍ସ । ଏ ଉଭୟେ ସ୍ପିଚ୍ ଜାତିର କୁକୁର ।

Digitized by srujanika@gmail.com



ଗଂଜାମୀ-କଟକୀ ପ୍ରସଙ୍ଗ

ଖଲିକୋଟରେ ଆର୍ଟସ୍କୁଲ ପ୍ରତିଷ୍ଠା ହେବା ଦିନଠାରୁ ଗଂଜାମୀ-କଟକୀ ଭଳି ବିକୃତ ଓ ଆଞ୍ଚଳିକ ବିଭିନ୍ନତାବାଦର ବିଷବୀଜ ଆମ ମନରେ କିଏ ଯେ ବୁଣି ଦେଇଥିଲା କେଜାଣି ଦୁଇ ଦଶନ୍ଧି ଧରି ଅନ୍ତେବାସୀମାନଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନକୁ କଳୁଷିତ କରିଦେଇ ସେମାନଙ୍କୁ ହିଂସା, ଦ୍ୱେଷ, ଅସୂୟା ଭଳି ମାରାତ୍ମକ ଅଗୁଣର ଶିକାର କରି ଦେଇଥିଲା । ସେ ସମୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନେ ନିଜ ରକ୍ତରେ ଏ ବିଷବୀଜ ବହନ କରି ସାଧାରଣ ଜୀବନରେ ମଧ୍ୟ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ଭାବେ ଜୀବନ କଟେଇଦେଲେ । ଏବେ ବି ମୋର ସେ ବେଳର କିଛି ସହପାଠୀ ଅଛନ୍ତି ଯେଉଁମାନେ ଚିତ୍ରକଳା ଜଗତରେ ମୋର ସତ୍ୟନିଷ୍ଠ ନ୍ୟାଯ୍ୟ ପ୍ରାପ୍ୟ ଦେବାକୁ କୁଣ୍ଠା କରନ୍ତି । ମୁଁ ମଧ୍ୟ ସେମାନଙ୍କୁ ଷୋହଳ ଅଣା ବିଶ୍ୱାସ କରିବା କଷ୍ଟସାଧ୍ୟ ହୁଏ । ଦ୍ୱେଷର ଆସୁରୀ ପ୍ରଭାବ କେନ୍‌ସର ଓ ଏଡସ୍ ବ୍ୟାଧିଠାରୁ ମଧ୍ୟ ଭୟଙ୍କର ଏକଥା ଅନୁଭବୀହିଁ ଜାଣେ ।

Digitized by srujanika@gmail.com

ଗଂଜାମୀ-କଟକୀ ତିକ୍ତଭାବର ଅୟମାରମ୍ଭ ନେଇ ଗପଭଳି ଛୋଟିଆ ଆଖ୍ୟାନଟିଏ ଶୁଣିବାକୁ ମିଳେ । ପଚାଶ ଷାଠିଏ ଦଶକର ଓଡ଼ିଶାର କେତେଜଣ ବିଶିଷ୍ଟ ଶିଳ୍ପୀ ଭୁବନେଶ୍ୱରଠାରେ କଳାଶିକ୍ଷା ଅନୁଷ୍ଠାନଟିଏ ଗଢ଼ିବା ପାଇଁ ସ୍ୱପ୍ନ ଦେଖିଥିଲେ ଏବଂ ସେ ଦିଗରେ କିଛି ଉଦ୍ୟମ ବି କରିଥିଲେ । କିନ୍ତୁ ସରକାର ଯେତେବେଳେ କଳାବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ନୀତିଗତ ଭାବେ ନିଷ୍ପତ୍ତି ନେଲେ ସେତେବେଳେ ରାଜନୈତିକ ବାଧ୍ୟବାଧକତା ଖଲିକୋଟଠାରେ କଳାବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରରୋଚନା ଦେଲା । ପୁଣି ଏ ବିଦ୍ୟାଳୟର ଅଧକ୍ଷ ହେବାର ଗୌରବ ମିଳିଲା ଶରତଚନ୍ଦ୍ର ଦେବଙ୍କୁ । ଶରତଚନ୍ଦ୍ର ଚିକିଟି ଗଡ଼ର ରଜା, ଗଂଜାମର ଲୋକ । ଗଂଜାମ ଜିଲ୍ଲାର ପଲା ଭାରି ହେଇଗଲା । ଏଇଠୁ ଆରମ୍ଭ ହେଲା ଗଂଜାମ ଓ ଗଂଜାମୀମାନଙ୍କ ପ୍ରତି ଅସୂୟା ।

ଗଂଜାମୀ-କଟକୀ ଭେଦରେ ସମଗ୍ର ଓଡ଼ିଶା ଦୁଇ ଭାଗ ହେଇଗଲା । ଗଂଜାମ ଭାଗରେ ରହିଲା ଗଂଜାମ, ଫୁଲବାଣୀ, କୋରାପୁଟ, କଳାହାଣ୍ଡି, ସମ୍ବଲପୁର ଆଉ କଟକ ଭାଗରେ ପଡ଼ିଲା କଟକ, ପୁରୀ, ବାଲେଶ୍ୱର ମୟୂରଭଂଜ ଓ ଢେଙ୍କାନାଳ । ଏଠି ଅବିଭକ୍ତ ଜିଲ୍ଲାମାନଙ୍କ କଥା କୁହାଯାଇଛି । ତିକ୍ତତା ଏତେ ତୀବ୍ର ହେଲା ଯେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ ଭଳି ଦୁଇଟି ଛାତ୍ରାବାସ ନିର୍ଦ୍ଦିଷ୍ଟ କରିଦିଆଗଲା । ବାହାର ହଷ୍ଟେଲରେ ରହିଲେ କଟକୀ ଆଉ ଭିତରେ ପାଟ ଅଗଣା କଡ଼େ କଡ଼େ ଦାସୀ ପୋଇଲିଙ୍କ ପାଇଁ ଉଦ୍ଦିଷ୍ଟ ବଖରାମାନ ଦିଆଗଲା ଗଂଜାମୀ ପିଲାମାନଙ୍କୁ । କଟକୀ ହଷ୍ଟେଲ ଯେଉଁ ଘରେ ଚାଲିଲା ସେଇଠି ପ୍ରଥମେ ରଜାଙ୍କ ଘୋଡ଼ାଶାଳ ଥିଲା । ପରେ ପରେ ସେଠି ରଜାଙ୍କ ମୋଟର ଗାଡ଼ି ରହୁଥିଲା । ପୁଣି ତାହା ଦିନାକେତେ ଅତିଥି ଭବନ ବି ହେଲା । ଚଉଖୁଣ୍ଟିଆ ଗୋଟିଏ ବଡ଼ ବଖରା, ମଝିରେ ମଝିରେ ଦୁଇ ଥାକରେ ଗୋଲିଆ ଖମ୍ବର ଧାଡ଼ି, ତଳେ ପଥର ଚଟାଣ । କିନ୍ତୁ ଗଂଜାମୀ ହଷ୍ଟେଲରେ ଦି'ଜଣିଆ, ଚାରିଜଣିଆ ରହିଲା ଭଳି ଦଶ ପନ୍ଦର କୋଠରୀ ।

ପ୍ରଥମରୁ ହଷ୍ଟେଲମାନଙ୍କରେ ମେସ୍‌ର ବନ୍ଦୋବସ୍ତ ନଥିଲା । କଟକୀ ପିଲେ ଖଲିକୋଟ ହୋଟଲର ଗଂଜାମୀ ଖାଦ୍ୟ ଖାଇବାରେ ଅସୁବିଧା ଅନୁଭବ କଲେ । ପ୍ରବଳ ଲଙ୍କା ମରିଚ ସାଙ୍ଗକୁ ପତଳା ଚାରୁ ପାଣି । ସେମାନେ ଘୋଷଣା କଲେ ହୋଟଲରେ ଯାହା ଖାଇବା ମିଳୁଛି ସବୁ ଅଖାଦ୍ୟ । ସ୍ଥିର ହେଲା ପୂଜାରୀ ନିଯୁକ୍ତ କରି ରନ୍ଧାରନ୍ଧି ହେବ । ରନ୍ଧାହେଲା ମଧ୍ୟ । କଟକୀ ପିଲାଟେ ମେସ୍ ମେନେଜର ରହିଲେ ସିଏ

Digitized by srujanika@gmail.com

ରାନ୍ଧୁଣିଆକୁ କହିଲା ଡାଲି ମୋଟା ହେବ, ଚାରୁପାଣି ବନ୍ଦ, ଅରୁଆ ନହେଇ ଉଷୁନା ରନ୍ଧାହେବ । ତା'ପର ମାସରେ ଗଂଜାମୀଟିଏ ମେସ୍ କଥା ବୁଝାବୁଝି କଲେ ପୁଣି ତୁଣ ତରକାରୀ ବଦଳିଗଲା । ଡାଲି ମୋଟା ନହେଇ ପତଳା ହେଲା । ବେଳେ ବେଳେ ଭୃସୁଙ୍ଗା ପରଜାହେଇ ସାମ୍ବାରୁ ରନ୍ଧାହେଲା । ଚାରୁପାଣି ଭରାଭର ହେଲା ଆଉ ଧୋବ ଫର୍ ଫର୍ ଅରୁଆ ଚାଉଳ ହାଣ୍ଡିରେ ବିଉଷିଲା । ଆରମ୍ଭ ହେଲା କନ୍ଦଳ । ଗଂଜାମୀ ଦଳଙ୍କ ସଂଖ୍ୟା ବେଶି, ସେମାନଙ୍କ କଥା ହିଁ କାଏମ୍ ରହିଲା ।

କଟକୀ ପିଲାଏ ମେସ୍ ସମସ୍ୟାରୁ ଦୃଷ୍ଟି ଫେରେଇ ନେଲେ ଝାଡ଼ାଫେରା ପ୍ରସଙ୍ଗକୁ । ଅବଶ୍ୟ ଖାଦ୍ୟ ଆହରଣର ମଳ ନିଷ୍କାସନ ସହିତ ଘନିଷ୍ଠ ସଂପର୍କ ଅଛି । ସେମାନେ ଖୋଲା ପଡ଼ିଆରେ ବୁଦା ମୂଳେ ଝାଡ଼ାଫେରିବାକୁ ଅମଙ୍ଗ ହେଲେ । ପାଇଖାନା ତିଆରି କରାଯାଉ ବୋଲି ଅଧକ୍ଷଙ୍କ ପାଖରେ ଦାବି ଜଣେଇଲେ । ସରକାରୀ ଅର୍ଥବ୍ୟବସ୍ଥା ଅଛି ଯେ କହୁ କହୁ ସବୁକଥା ତିଆରି ହେଇଯିବ । ପିଲାଏ ବିଳମ୍ବକୁ ସମ୍ଭାଳି ନେବା ପାଇଁ ଧୈର୍ଯ୍ୟ ଧରିଲେନି । ଏବେ ସେମାନଙ୍କ ଦାବିର ପରିସୀମା ବଢ଼ିଗଲା । ଦାବିକଲେ ଇଂଲିଶ ଓ ଓଡ଼ିଆ ଦୈନିକ ଖବରକାଗଜ ଏବଂ ମାସିକ ପତ୍ରିକା ହଷ୍ଟେଲକୁ ଆସୁ । କୌଣସି ଗୋଟିଏ ହେଲେ ଦାବି ଅଯୌକ୍ତିକ ନୁହେଁ, ଅଯଥାର୍ଥ ନୁହେଁ । ହେଲେ ଗଂଜାମୀ ପିଲାଏ ସେମାନଙ୍କ ସବୁ ଦାବିକୁ ହାସ୍ୟରେ ଉଡ଼େଇଦେଲେ । କହିଲେ ପାଇଖାନାରେ ଝାଡ଼ାଫେରିବା ସ୍ୱାସ୍ଥ୍ୟକର ବ୍ୟାପାର ନୁହେଁ, ପ୍ରକୃତିର କୋଳରେ ଏହି କାର୍ଯ୍ୟଟି ସୁରୁଖୁରୁରେ ସଂପାଦନ କରାଯାଇ ପାରିବ । ଖବରକାଗଜ କଥାରେ ତାଙ୍କୁ ଓଲଟି ପ୍ରଶ୍ନ କଲେ, 'ତମେତ ଆର୍ଟ ପାଠ ପଢ଼ିବାକୁ ଆସିଛ, ସ୍କେଚ କରୁକରୁ ବେଳ ସରିଯିବ, ଖବରକାଗଜ ପଢ଼ିବ କେତେବେଳେ ?' ଏଭଳି ପ୍ରଶ୍ନହିଁ ଅବାନ୍ତର, ଅର୍ଥହୀନ । ଏକଥା କିଏ ବା କାହାକୁ କହିଥାନ୍ତା ?

କଟକୀ ପିଲାମାନେ ସେମାନଙ୍କ ଚଳିବା ଅସୁବିଧା ହେଉଥିବା ବାରମ୍ବାର କହିଲେ । ଅଭିଯୋଗର ତାଲିକା ଧୀରେ ଧୀରେ ବଢ଼ିଲା । ନିହାତି ଛୋଟ ଛୋଟ କଥାକୁ ସେମାନେ ଧରିଲେ ଯିମିତି ନୂଆ ନୂଆ ଜୋଇଁପୁଅ ଶ୍ୱଶୁର ଘରେ କଥ: ଧରେ, ଯିମିତି ନୂଆବୋହୂ କାଶିଲେ ଛିଙ୍କିଲେ ବି ଶାଶୁଘର ଲୋକ କଥା ଧରନ୍ତି । ଲାଗିଲା କଟକୀ ପିଲାଦଳକ ଆର୍ଟ ପାଠ ପଢ଼ିବା ପାଇଁ ଦୟାକରି ଖଲିକୋଟ ଆସି ପହଞ୍ଚିଛନ୍ତି, ଏଣୁ ଆର୍ଟସ୍କୁଲ ଅଧକ୍ଷ ତଥା ଖଲିକୋଟ ଲୋକେ, ସେମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟର ଯିମିତି ଟିକିଏ ହେଲେ ତ୍ରୁଟିବିଚ୍ୟୁତି ନହୁଏ ତାହା ଦେଖିବା ଉଚିତ ।

Digitized by srujanika@gmail.com

ଇଏତ ସାଧାରଣ ଜୀବନ ଚଳଣିର କଥା । ଚିତ୍ରଚର୍ଚ୍ଚା ବେଳକୁ ମଧ୍ୟ ଏକାଭଳି ସମସ୍ୟା ଉପୁଜେ । ଗଂଜାମୀ ହଷ୍ଟେଲର ଚଉଦ ପନ୍ଦରଅଣା ପିଲା ଭାସ୍କର୍ଯ୍ୟ, ଗ୍ରାଫିକ୍ କମରସିଆଲ୍ ନହେଲେ ଇଣ୍ଡିଆନ୍ ପେଣ୍ଟିଙ୍ଗ୍ ନେଇଥାନ୍ତି । ଏ ସବୁ ବିଭାଗର ଅଧ୍ୟାପକମାନେ ହେଲେ କଟକୀ ଆଡ଼ର, ଏଣୁ ସେମାନଙ୍କ ଦୃଢ଼ ଧାରଣା ଥାଏ ପରୀକ୍ଷାରେ ସେମାନେ ଭଲ ନମ୍ବର ପାଇବେ । ଗଂଜାମୀ ହଷ୍ଟେଲର ଖୁବ୍ କମ୍ ପିଲା ସ୍କଲପ୍‌ଚର୍, କମର୍‌ସିଆଲ୍ କିମ୍ବା ଇଣ୍ଡିଆନ୍ ପେଣ୍ଟିଙ୍ଗ୍ କ୍ଲାସ ନିଅନ୍ତି । ଅଧିକାଂଶ ପିଲା ଅଏଲ୍ ପେଣ୍ଟିଙ୍ଗ୍ । ଏଣୁ କଟକୀ ଦଳ ଚିତ୍ରରେ ଓ ଗ୍ରାଫିକ୍‌ରେ ମୁଖ୍ୟତଃ ରବିସାର୍‌ଙ୍କ ଧାରା ଓ ଭାସ୍କର୍ଯ୍ୟରେ ବିପ୍ରସାର୍‌ଙ୍କ ଶୈଳୀ ଅନୁସରଣ କଲାବେଳକୁ ଗଂଜାମୀ ପିଲାମାନେ ପ୍ରିନସ୍‌ପାଲ୍ ଶରତଚନ୍ଦ୍ରଙ୍କ ଷ୍ଟାଇଲରେ ଛବି ଆଙ୍କିଥାନ୍ତି । ସୌଭାଗ୍ୟ ପାଠୀ ଓ ମୋ ଦ୍ୱାରା ସଂପାଦିତ 'ଲେଟ୍ ଏ ଥାଉଜେଣ୍ଡସ୍ ଫ୍ଲାୱାର ବ୍ଲୁମ୍-କନଟେମ୍‌ପୋରେରୀ ଆର୍ଟ ଅଫ୍ ଓଡ଼ିଶା' (୨୦୦୧) ବହିରେ ଏହି ଛାତ୍ରାବାସୀୟ ଚିତ୍ରଧାରାକୁ ମୁଁ ଓଡ଼ିଶୀ ଆଧୁନିକ ଚିତ୍ରକଳାର ଦୁଇଟି ସ୍ୱତନ୍ତ୍ର ଧାରା, ଗୋଟିଏ କଟକୀ ହଷ୍ଟେଲ ଚିତ୍ରଶୈଳୀ ଏବଂ ଅନ୍ୟଟି ଗଂଜାମୀ ହଷ୍ଟେଲ ଚିତ୍ରଶୈଳୀ ଭାବେ ଚିହ୍ନଟ କରିଥିଲି । ଏହି ପରିଭାଷାକୁ ଖଲିକୋଟିଆ କଳା ଐତିହାସିକ ପରିଭାଷା ବୋଲି ଉପେକ୍ଷା କରାଯାଇ ପାରେ ବା କିଛିଟା ଗୁରୁତ୍ୱ ଦେଇ କଳା ଆଲୋଚନା ଓ ସମାଲୋଚନା କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରେ ।

କଟକୀ ଛାତ୍ରାବାସୀୟ ଶିଳ୍ପଧାରାର କେନ୍ଦ୍ରବିନ୍ଦୁ ବା ମର୍ମବିନ୍ଦୁ ରବିସାର୍‌ଙ୍କ ବସାଘରୁ ଉଦ୍ଭବ ହେଇଥିଲେ ମଧ୍ୟ ତାର ବୃହତ୍ତର ପରିଧି ଭିତରେ ଅବନୀନ୍ଦ୍ରନାଥ, ନନ୍ଦଲାଲ ଓ ସମଗ୍ର କଳାଭବନ ଆବିଷ୍ଟ ହେଇ ରହିଥିଲା । ପୁଣି ଏହା ପୁନରୁତ୍ଥାନବାଦୀ ସ୍ୱଦେଶୀ କଳାକୁ ଆବୋରି ଭାରତୀୟତାର ଏକ ଅସଂପୂର୍ଣ୍ଣ ସଜ୍ଞାକୁହିଁ ଚିହ୍ନଟ କରୁଥିଲା । ଗଂଜାମୀ ଧାରା ତା'ର ସୃଜନ-ବେଦୀରେ ଆଧୁନିକତାର ତିନିରଥୀ ଶରତଚନ୍ଦ୍ର, ଅଜିତକେଶରୀ ଓ ଅନନ୍ତ ପଣ୍ଡାଙ୍କୁ ଅଭିଷିକ୍ତ କରାଇ ସମସ୍ତ ପରିବର୍ତ୍ତନର ସମ୍ଭାବନାକୁ ଆପଣେଇଥିଲା । ଏହି ଆକଳନଟି ପଦାକୁ ଯେତେ ସହଜ, ସରଳ ଓ ନିଷ୍ପନ୍ନସିଦ୍ଧ ଲାଗୁଥିଲେ ମଧ୍ୟ ଖୁବ ଜଟିଳ ଓ ଗଂଜାମୀ-କଟକୀ ଆଞ୍ଚଳିକ ପରିପ୍ରେକ୍ଷୀରେ ସମସ୍ୟାବହୁଳ । କାରଣ କଟକୀ ହଷ୍ଟେଲ ଭିତରେ ଏମିତି କିଛି ପ୍ରତିଭାଧାରୀ ଛାତ୍ରଥିଲେ, ମୁଁ ଏଠି ରମେଶଚନ୍ଦ୍ର ମହାନ୍ତି, ବ୍ରଜବନ୍ଧୁ ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ଅକ୍ଷୟ ଦାସ, ନବଦାସଙ୍କ କଥା ସ୍ମରଣ କରୁଛି, ଯେଉଁମାନେ ବିପ୍ରଚରଣଙ୍କ ବିଭାଗର ଛାତ୍ରଥିଲେ ମଧ୍ୟ ସୃଜନଶୀଳ ଭାସ୍କର୍ଯ୍ୟ କରିବାରେ ଆଗ୍ରହ ପ୍ରଦର୍ଶନ କରୁଥିଲେ । ତଥାପି

Digitized by srujanika@gmail.com

ଗଂଜାମୀ ଛାତ୍ରାବାସ ମାର୍ଫତରେ ଆପାତତଃ ପରିଚାଳିତ ଆଧୁନିକ କଳା ଆନ୍ଦୋଳନ ସହିତ ସାମିଲ ହେଇ ପାରୁନଥିଲେ । ଆଉ ଯେଉଁ କେତେକ ଛାତ୍ର ଯଥା ଅକ୍ଷୟ ଦାସ, ନବ ଦାସ, ନୃସିଂହ ଦାସ ଭଲ ମିନିଏଚର ଚିତ୍ର ଅଙ୍କନ କରୁଥିଲେ, ସେମାନେ ଶାନ୍ତିନିକେତନୀୟ ପଦ୍ଧତିର ଅନୁସରଣକାରୀ ଥିଲେ ।

ଗଂଜାମୀ ହଷ୍ଟେଲରେ ଆଧୁନିକତାର ସ୍ପର୍ଶରେ ଚିତ୍ରଧାରା ମଧ ପରିବର୍ତ୍ତନ ହେଇପଡୁଥିଲା । ଓଡ଼ଗାଁର ଲକ୍ଷ୍ମୀନାରାୟଣ ସାହୁ ଭାରତୀୟ ଚିତ୍ରକଳା ବିଭାଗର ଛାତ୍ର ହେଇଥିଲେ ମଧ ଏବଂ ଟେମ୍ପରା, ଧୌତଚିତ୍ର ପ୍ରଭୃତି କରୁଥିଲେ ମଧ ସିଏ ଅଧକ୍ଷ ଶରତଚନ୍ଦ୍ରଙ୍କ ଅସଲ ଶିଷ୍ୟଥିଲେ । ସିମିତି ଦେଖିବାକୁ ଗଲେ, କଟକୀ ହଷ୍ଟେଲରେ ସମ୍ବଲପୁରର ଅନ୍ତର୍ଯାମୀ ତ୍ରିପାଠୀ ରହୁଥିଲେ ମଧ ତାଙ୍କ ଚିତ୍ରଗୁଡ଼ିକ ଶରତଚନ୍ଦ୍ରଙ୍କ ଧାରାର ନବୀକରଣ ଭଳି ଲାଗୁଥିଲା । ମୁଁ ମୋର ପ୍ରଥମ ଓ ଦ୍ୱିତୀୟ ବର୍ଷରେ ଶରତଚନ୍ଦ୍ରଙ୍କ ଡ୍ରଇଁ ଓ ବର୍ଣ୍ଣଯୋଜନା ଅନୁସରଣ କରି ଚିତ୍ର କରିବା ଆରମ୍ଭ କଲି । ବିପ୍ରସାର୍ ଚିତ୍ରଗୁଡ଼ିକ ଦେଖି ଭାରି ପ୍ରଶଂସା କଲେ । କିନ୍ତୁ କହିଲେ ଏଭଳି ଚିତ୍ର କରି ହାତ ଖରାପ କରନା । ତମ ହାତ ଭଲ । ରିଏଲିଷ୍ଟିକ୍ ଡ୍ରଇଁ କର । ଅବଶ୍ୟ ରିଏଲିଷ୍ଟିକ୍ ବା ଯଥାର୍ଥବାଦ ଶୈଳୀର ବିଶେଷତ୍ୱ କ'ଣ, ତା'ର ପ୍ରକରଣ କିଭଳି ତାହା ଆମକୁ ଶିକ୍ଷାଦେବାକୁ କେହି ନଥିଲେ ।

ସାଧାରଣ ଶିକ୍ଷା ପଦ୍ଧତିରେ ଯେତିକି ନୁହେଁ, ନୃତ୍ୟ, ସଂଗୀତ ଓ ଚିତ୍ରକଳା କ୍ଷେତ୍ରରେ ଯେଉଁ ସାର୍‌ଙ୍କ କାମ ଛାତ୍ର ବା ଛାତ୍ରୀର ଅତି ପ୍ରାଞ୍ଜଳଭାବେ ପସନ୍ଦ ହୁଏ ସିଏ ସେହି ଗୁରୁଙ୍କଦ୍ୱାରା ପ୍ରଭାବିତ ହେଇ ତାଙ୍କ ଶୈଳୀ ଅନୁସରଣ କରେ । ଧୀରେ ଧୀରେ ଗୁରୁଙ୍କୁ କେନ୍ଦ୍ରକରି ସଂଗୀତରେ, ନୃତ୍ୟରେ ଘରାନା ଗଢ଼ିଉଠେ । ପାରଂପରିକ ଚିତ୍ରକଳା କ୍ଷେତ୍ରରେ ମଧ ଏଭଳି ସମ୍ଭବ ହୁଏ କିନ୍ତୁ ଆଧୁନିକ ହେବାକୁ ହେଲେ ପରିବର୍ତ୍ତନ ଦେଇ ଗତି କରିବାକୁ ହୁଏ । ଚିତ୍ରକଳା କ୍ଷେତ୍ରରେ ଏତେ ଧାରା, ଏତେ ଶୈଳୀର ପରୀକ୍ଷା ନିରୀକ୍ଷା ହେଇସାରିଛି ଯେ ହଠାତ୍ କିଛି ନୂଆକରି ଆଙ୍କିଦେଇ ବା ଗଢ଼ିଦେଇ ପୂର୍ବଜଙ୍କ ପ୍ରଭାବରୁ ବା ତାଙ୍କ ସୃଷ୍ଟିର ପ୍ରବାହରୁ ମୁକ୍ତି ପାଇଯିବା ଦୁରୂହ ବ୍ୟାପାର । ଖଲିକୋଟରେ ପଢ଼ିବା ବେଳେ ଆମେ ଧାରା, ଶୈଳୀ ଓ ପ୍ରଭାବ ଭଳି ଗହନକଥାର ଧାର ଧରୁନଥିଲୁ । ଯିମିତି ଆଞ୍ଚଳିକ ମନୋଭାବକୁ କେନ୍ଦ୍ରକରି କଟକୀ-ଗଂଜାମୀ ପ୍ରସଙ୍ଗ ମୁଣ୍ଡଟେକିଥିଲା ସିମିତି ମଧ ଆଞ୍ଚଳିକତା ଭିତ୍ତିରେ ଚିତ୍ରକଳାରେ କଟକୀ ଧାରା ଓ ଗଂଜାମୀ ଧାରା ଗଢ଼ି

Digitized by srujanika@gmail.com

ଉଠିଥିଲା । ଏହି ଶବ୍ଦ ଦୁଇଟିକୁ ବାଦଦେଇ ପାଶ୍ଚାତ୍ୟ ଧାରା ଓ ସ୍ୱଦେଶୀଧାରା ମଧ୍ୟ କୁହାଯାଇ ପାରିବ । କିନ୍ତୁ ଏଭଳି ସାଧାରଣ ଚିତ୍ରପରିଭାଷାରେ ଓଡ଼ିଶା ମାଟିର ଓ ଖଲିକୋଟର ପ୍ରାସଙ୍ଗିକତା ହଜିଯିବ ।

ରମେଶଚନ୍ଦ୍ର ମହାନ୍ତି, ବ୍ରଜବନ୍ଧୁ ମିଶ୍ର, ନବ ଦାସ, ଅକ୍ଷୟ ଦାସ, ପ୍ରମୋଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଭାଗୀରଥି ପାତ୍ର ପ୍ରଭୃତି କଟକୀ ଦଳର ମୁଖିଆ, ନେତୃସ୍ଥାନୀୟ । ଗଂଜାମୀ ଦଳର ଟାଣୁଆ ପିଲାମାନେ ହେଲେ ଭାସ୍କର ସ୍ୱାମୀ, ଅନ୍ତର୍ଯ୍ୟାମୀ ତ୍ରିପାଠୀ, ବିପିନ ବିହାରୀ ସାହୁ, ପଞ୍ଚାନନ ଶତପଥୀ,ପଞ୍ଚାନନ ସାହୁ, ପଦ୍ମଚରଣ ମହାପାତ୍ର, ମଦନମୋହନ ପଣ୍ଡା, ଚନ୍ଦ୍ରଶେଖର ସୁବୁଦ୍ଧି ଓ ଯୁଧିଷ୍ଠିର ସାହୁ । ଏହି ଦଳରେ ସେମାନେ ମୋତେ ବି ସାମିଲି କରିଦେଇଥିଲେ । ହଷ୍ଟେଲ ବାହାରେ ରହି ଗଂଜାମୀ କାର୍ଯ୍ୟକଳାପକୁ ଯେଉଁମାନେ ସମର୍ଥନ କରୁଥିଲେ ସେମାନେ ହେଲେ ଖଲିକୋଟ ଗଡ଼ର ଆର୍ଟସ୍କୁଲରେ ପଢୁଥିବା ପିଲା, ପଞ୍ଚାନନ ମହାନ୍ତି, ଲଡୁକିଶୋର ପାଢ଼ୀ ଓ କଳାପ ସିଂହ । ବାହାରେ ଘର ଭଡ଼ାନେଇ ରହି ମଧ୍ୟ ଯିଏ ଆମମାନଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ ସିଏ ହେଲେ ଆସିକାର ତାରିଣୀ ଚରଣ ତ୍ରିପାଠୀ ।

ଆର୍ଟସ୍କୁଲରେ ଯୋଗଦେବାର ତିନି ଚାରିମାସ ପରେ ମୋ ଦି'ବର୍ଷ ଉପର ବ୍ୟାଚର ପିଲା ଖଲିକୋଟ ପାଖ ବିକ୍ରମପୁର ଗାଁର କୃଷ୍ଣଚନ୍ଦ୍ର ସାହୁ ମୋତେ ଖବର ଦେଲେ ଯେ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପରିସରରେ ବୈଠକି ହେବାର କାର୍ଯ୍ୟକ୍ରମ ଅଛି ଏବଂ ଏଥିରେ ଯୋଗଦେବା ପାଇଁ ତାରିଣୀ ତ୍ରିପାଠୀ ନିମନ୍ତ୍ରଣ ପଠେଇଛନ୍ତି । ତାରିଣୀ ତ୍ରିପାଠୀଙ୍କ ନାଁ ଶୁଣି ନିମନ୍ତ୍ରଣକୁ ଆଦେଶ ବୋଲି ଗ୍ରହଣ କରି ସନ୍ଧ୍ୟା ଆଳତି ବେଳକୁ ଜଗନ୍ନାଥ ମନ୍ଦିରରେ ପହଞ୍ଚିଲି । ଖଲିକୋଟ ଜଗନ୍ନାଥ ମନ୍ଦିରର ସ୍ଥାପତ୍ୟ ଶୈଳୀ ପାରଂପରିକ, ରେଖ, ପିଢ଼ ହେଇ ତିନି ସାଉଡ଼ିର ମନ୍ଦିର, ଚାରିଆଡ଼େ ମେଘନାଦ ପାଚେରି, ସିଂହଦ୍ୱାର, ଚୂଳିଆ ଦେଉଳ, ଚାହାଣି ମଣ୍ଡପ ସବୁ ଯଥା ରୀତି ମନ୍ଦିରକୁ ଭବ୍ୟ ସ୍ଥାପତ୍ୟକଳାର ମାନ୍ୟତା ଦେଇଛି । ଆଳତି ଦର୍ଶନ ପରେ ଆମେ ମନ୍ଦିର ଅଗଣାରେ ଏକାଠି ହେଇ ବସିଲୁ । ଯେଉଁମାନେ ଏ ସଭାରେ ଯୋଗ ଦେଇଥିଲେ ସେମାନଙ୍କ ନାଁ ସ୍ମରଣ କରିବା ଏବେ ସମ୍ଭବ ନୁହେଁ । ତାରିଣୀ ବାବୁ ଓ ଅନ୍ତର୍ଯ୍ୟାମୀ ବାବୁ ଏ ସଭାକାର୍ଯ୍ୟ ପରିଚାଳନା କରୁଥିଲେ ।

ଅନ୍ତର୍ଯ୍ୟାମୀ ବାବୁଙ୍କ ପ୍ରଦତ୍ତ ଭାଷଣର ସାରାଂଶ ଏଠି ଉଦ୍ଧୃତ କରାଗଲା ।

ଭାଇମାନେ !

Digitized by srujanika@gmail.com

ଆମେ ଗୋଟେ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ଯାଉଛୁଁ । କିଛି କଟକିଆ ଗଂଜାମରେ, ଇ ଖଲିକୋଟ ସହରରେ କଳାବିଦ୍ୟାଳୟ ଗୁଟେ ପ୍ରତିଷ୍ଠା ହଉ ଇଟା ନାଇଁ ଚାହୁଥାଇଁ । ଫେର୍ ଇଟା ବି ନାଇଁ ଚାଉଁଥିଲେ ଶରତଚନ୍ଦ୍ର ଦେବ ଇ ସ୍କୁଲର ଅଧକ୍ଷ ହଉନ୍ । ଆପଣମାନେ ଶୁନି ଥିବେ ଗୁଟେ କଟକଆଡ଼ର ଛାତ୍ର ଆର୍ଟସ୍କୁଲ ଓ ଶରତଚନ୍ଦ୍ର ଦେବଙ୍କ ବିରୁଦ୍ଧରେ ଜଣେ କଟକିଆ ଶିକ୍ଷୀଙ୍କ ହାତଲେଖା ଚିଠିଟେ ଗୋପାଳ ଚରଣ କାନୁନ୍‌ଗୋଙ୍କୁ ଦେବା ବଦଳା ଭୁଲରେ ଅଧକ୍ଷ ଶରତଚନ୍ଦ୍ର ଦେବଙ୍କୁ ଦେଇ ଦେଇଥିଲା । ଆଉ ପ୍ରିନସ୍‌ପାଲ୍ କେନ୍‌ତା ଚିଠିଟା ଶିକ୍ଷାମନ୍ତ୍ରୀଙ୍କ ନଜରକେ ଆନ୍‌ବାର୍ ପରେ ରାତାରାତି ଗୋପାଳ କାନୁନ୍‌ଗୋଙ୍କୁ ଚାକିରିରୁ ଅନ୍ତର କରି ଦିଆଗଲା ।

ମୁଁ ଅନ୍ତର୍ଯ୍ୟାମୀବାବୁଙ୍କ ବ୍ରୁଣଦ୍ରଂଷ୍ଟ ମୁହଁ ଏବଂ ବୋତାମ ଦିଆ ହେଇନଥିବା ସମ୍ବଲପୁରୀ ବାନ୍ଧ ସାର୍ଟ୍‌କୁ ଅନେଇ ରିହଥାଏ । ସିଏ ଖୁବ୍ ଭାବପ୍ରବଣତାର ସହିତ କଥାଯାକ ଗଡ଼ ଗଡ଼ ହେଇ କହିଯାଉଥାନ୍ତି ଏବଂ ମୁଁ ଯେତେ ହେଜିବାକୁ ଚେଷ୍ଟାକଲେ ମଧ ପୂର୍ବାପର ସଂପର୍କର ଅଭାବରୁ ତାଙ୍କ କଥାର ଗୁରୁତ୍ୱ ବୁଝିପାରୁ ନଥିଲି । କିନ୍ତୁ ଆର୍ଟସ୍କୁଲ ଓ ପ୍ରିନସ୍‌ପାଲ୍‌ଙ୍କ ବିରୁଦ୍ଧରେ କିଛି ଗୋଟିଏ ଭୀଷଣ ଷଡ଼ଯନ୍ତ୍ର ଚାଲିଛି ସେଥିନେଇ ମୁଁ ଦୃଢ଼ ହେଉଥିଲି ।

ଦୁଇ ତ୍ରିପାଠୀ ମନ୍ଦିର ଆଡ଼କୁ ପଛକରି ବସିଥାନ୍ତି । ଆଳତି ସରିଲା । ଧୀରେ ଧୀରେ ଭକ୍ତଙ୍କ ମନ୍ଦିର ଆସିବା କମିଲା, ଆକାଶରେ ଜହ୍ନତୋଫା ଦିଶିଲା । ଆମ ସଭାଟି ଏ ପରିବେଶରେ ଖୁବ୍ ଗାମ୍ଭୀର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ ମନେହେଲା । ଅନ୍ତର୍ଯ୍ୟାମୀ ବାବୁ ଡ୍ରାମାର ଡାଏଲଗ୍ ସବୁ ଆଗରୁ ମୁଖସ୍ଥ କରି ମଞ୍ଚ ଉପରେ ନିର୍ବିଘ୍ନରେ ପରିବେଷଣ କଲାଭଳି ଅନର୍ଗଳ ଓଜସ୍ୱିନୀ ଭାଷଣ ଦେଉଥାନ୍ତି । କେବଳ ମଝିମଝିରେ ତାରିଣୀବାବୁ କହିବା ପାଇଁ ଚାହିଁଲେ ସିଏ ଘଡ଼ିଏ ଦଣ୍ଡେ ତୁନି ହେଇ ପଡ଼ନ୍ତି ।

ପୁଣି ଭାଷଣ ଆଗକୁ ବଢ଼େ ।

ଆପଣମାନେ ସରଲ ପିଲା, ବିଭିନ୍ନ ଗାଁ ଗଣ୍ଡାରୁ ଇନକେ ଚିତ୍ରକଳାଶିକ୍ଷା କରବାର ଲାଗି ଆସିଛନ୍ । ମନେ ରଖୁନ୍ ଇନୁ ମାଷ୍ଟର ଯେତେ ଦଲ୍ ସେତେ । ଇନୁ ସବୁ ପାଠ ପ୍ରାକଟିକଲ୍ । ଅଧ୍ୟାପକମାନେ ଯାହା କହେବେ ସେଟା ବେଦର ଗାର୍ । ପରୀକ୍ଷାରେ ଫେଲ୍ କରିଦେବାର୍ କ୍ଷମତା ସେମାନଙ୍କର୍ ଅଛେ । ଷ୍ଟାଇପେନ୍ ନାଇଁ ଦେବାର ଆଉ କାଟି ଦେବାର୍ କ୍ଷମତା ବି ସେମାନଙ୍କର ଅଛେ । ପ୍ରିନସ୍‌ପାଲ୍ ଦେବତା ବାଗିର୍ ଲୋକ । ତାଙ୍କୁ ହଟେଇ ଦେବାର୍ ଲାଗି ଭୀଷଣ ଷଡ଼ଯନ୍ତ୍ର

Digitized by srujanika@gmail.com

ଚାଲିଛେ । ଏଣୁ ମନେ ରଖନ୍ତୁ ଆପଣମାନେ ନାହିଁ ବୁଝି ସୁଝି କରି କେଉଁସି କାଗଜରେ କେଉଁ ବି ଦସ୍ତଖତ୍ ନାହିଁ ଦେବେ ।

ଭାଷଣର ଏତକ ଅଂଶ ଶୁଣି ମୋ ହଲପ ଶୁଖିଗଲା । ଷ୍ଟାଇପେଣ୍ଡ୍ କଟିଗଲେ ମୋ ପାଠପଢ଼ା ଏତିକିରେ ବନ୍ଦ ହୋଇଯିବ । ମୁଁ ବିଜ୍ଞାନର ଛାତ୍ର ଥିଲି । ମୋ କ୍ଲାସରେ ମୁଁ ଫାଷ୍ଟ୍ ନହେଲେ ବି ସେକେଣ୍ଡ ହେଉଥିଲି । ଦୈବୀ ଦୁର୍ବିପାକ ମୋ ସୁନେଲି ସ୍ୱପ୍ନକୁ ଚୁର୍ ମାର୍ କରିଦେଲା । ଆର୍ଥିକ ଦୁରବସ୍ଥା ଏଇ ଖଲିକୋଟ ଆର୍ଟସ୍କୁଲକୁ ଆସିବାକୁ ଏକରକମ ବାଧ କଲା । ପୁଣି ଏଠୁ ଫେରିଲେ ଚତୁର୍ଦ୍ଦିଗ ଅନ୍ଧାର । ଏଣୁ ମନେ ମନେ ସଂକଳ୍ପ କରିବସିଲି । କେବେହେଲେ ଏମାନଙ୍କୁ ପଚରା ଉଚୁରା ନକରି ସନ୍ତକ କରିବିନି । ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଦେବଙ୍କୁ ମୁଁ ମନେ ମନେ ସମ୍ମାନ କରୁଥିଲି, କଳାଶିକ୍ଷାର ଅଭିବୃଦ୍ଧି ପାଇଁ ତାଙ୍କ ରାଜସିଂହାସନ ତ୍ୟାଗର କାହାଣୀ ମୋତେ ଉଦବୁଦ୍ଧ କରିଥିଲା । ଏଣୁ ତାଙ୍କ ପାଇଁ ସମସ୍ତ ପ୍ରକାର ସ୍ୱାର୍ଥ ତ୍ୟାଗ କରିବାକୁ ମୁଁ ପ୍ରସ୍ତୁତ ଥିଲି ।

ତ୍ରିପାଠୀବାବୁ ତାଙ୍କ ଭାଷଣ ସାରିବା ପୂର୍ବରୁ ଉପସ୍ଥିତ ଛାତ୍ରମାନଙ୍କ ପାଖରୁ ପ୍ରତିଶ୍ରୁତି ଆଦାୟ କରିବା ଛଳରେ କହିଲେ, ଆପଣମାନେ ଜଗନ୍ନାଥଙ୍କ ମୁହଁକୁ ଚାହିଁ ପ୍ରତିଜ୍ଞା କରନ୍ତୁ । ଏଭିତରେ ଆସିକାର ପଞ୍ଚାନନ ସାହୁ ଜଗନ୍ନାଥଙ୍କ ଲାଗିତୁଳସୀ ଆମ ହାତରେ ଧରେଇ ସାରିଥିଲେ ଓ ସେତେବେଳକୁ ଘଟଣାକ୍ରମେ ସମୂହ ସ୍ୱାର୍ଥ ପାଇଁ ଆମେ ସମର୍ପିତ ହେଇସାରିଥିଲୁ । ଅନ୍ତର୍ଯ୍ୟାମୀ ବାବୁ ଶେଷରେ କହିଲେ ଆର୍ଟସ୍କୁଲର ସର୍ବାଙ୍ଗୀନ ଉନ୍ନତି ପାଇଁ ଆପଣମାନେ ଗଂଜାମୀ ଦଳରେ ସାମିଲ ହେଇ ଯାଉଁନ୍ତୁ ଓ ଏହି କାଗଜରେ ନିଜର ଦସ୍ତଖତ ଦଉଁନ୍ତୁ । ମୁଁ ଆଉ କାହାସଙ୍ଗେ ପରାମର୍ଶ କରିଥାନ୍ତି । କାଗଜଟି ପାଇବା ସଙ୍ଗେ ସଙ୍ଗେ ସେଥିରେ କ'ଣ ଲେଖାଅଛି ସେକଥା ନବୁଝି ନଶୁଝି ସନ୍ତକ କରିଦେଲି । ସେଇ ମୁହୂର୍ତ୍ତରୁ ମୁଁ ହେଇଗଲି ଗଂଜାମୀ ଦଳର ଜଣେ ସକ୍ରିୟ ସଭ୍ୟ । କଟକ ଅଞ୍ଚଳର ସବୁ ଛାତ୍ର-ଛାତ୍ରୀ ଯୌକ୍ତିକତାରେ ମୋର ଶତ୍ରୁ ହେଇଗଲେ ।

କଟକୀ ପିଲାଙ୍କର କୌଣସି ଦାବି ଆର୍ଟସ୍କୁଲ ଦ୍ୱାରା ଗ୍ରହଣୀୟ ନହେବାରୁ ସେମାନେ ମତ ପ୍ରକାଶ କଲେ ଯେ ଖଲିକୋଟ ଓଡ଼ିଶାର ପ୍ରଥମ କଳାବିଦ୍ୟାଳୟ ପାଇଁ ଉପଯୁକ୍ତ ସ୍ଥାନ ନୁହେଁ । ଏଣୁ ଏହାକୁ ତୁରନ୍ତ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଉ ।

Digitized by srujanika@gmail.com

ଖଲିକୋଟରୁ ଭୁବନେଶ୍ୱରକୁ କଳାବିଦ୍ୟାଳୟ ସ୍ଥାନାନ୍ତରିତ ହେବାର ବୈଧତା ନେଇ ସେମାନେ ତିନୋଟି ମୁଖ୍ୟ କାରଣ ଦର୍ଶେଇଲେ । ପ୍ରଥମ କାରଣ ହେଲା ଯେ କଲିକତା କଳାବିଦ୍ୟାଳୟ ଭଳି ଯେକୌଣସି କଳାବିଦ୍ୟାଳୟ ସଂଗ୍ରହାଳୟର ପାଖାପାଖି ରହିବା ସର୍ବଦା ବାଞ୍ଛନୀୟ । ଏହା ଫଳରେ କଳା ଛାତ୍ରଛାତ୍ରୀମାନେ ସଂଗ୍ରହାଳୟରେ ସଂରକ୍ଷିତ ପ୍ରାଚୀନ ଭାସ୍କର୍ଯ୍ୟ ଓ ଚିତ୍ରଗୁଡ଼ିକର ଅନୁଶୀଳନ କରି ଛବି ଅଙ୍କନ କରିପାରିବେ । ଦ୍ୱିତୀୟ କାରଣ ହେଲା, ଆର୍ଟସ୍କୁଲ ଯେଉଁଠି ରହିବ ତା ନିକଟରେ ଚିଡ଼ିଆଖାନାର ଅବସ୍ଥିତି ଏକାନ୍ତ କାମ୍ୟ । ତା'ହେଲେ ଯାଇ ବିଭିନ୍ନ ପଶୁପକ୍ଷୀଙ୍କ ରୂପ ଓ ବର୍ଣ୍ଣ ଆକଳନ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ପକ୍ଷେ ସହଜ ହେବ । ତୃତୀୟ କାରଣ, ଯାହାକି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ତା ହେଲା କଳାର ବିକାଶ ପାଇଁ ଉପଯୁକ୍ତ ବଜାର, ଶିଳ୍ପପତି ଓ ଧନାଢ଼୍ୟ ବ୍ୟକ୍ତିମାନଙ୍କ ପୃଷ୍ଠପୋଷକତା ।

ଏହି କାରଣଗୁଡ଼ିକ ସ୍ୱଦେଶୀ ବା ପୁନରୁତ୍ଥାନବାଦୀ କଳାର ଅନୁସରଣକାରୀଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । କେବଳ ଆର୍ଟସ୍କୁଲ ଖଲିକୋଟରୁ ଯେନକେନ ପ୍ରକାରେଣ ସ୍ଥାନାନ୍ତରିତ ହେଉ ସେଇଥିପାଇଁ କଟକୀ ପିଲାମାନେ ଉପରୋକ୍ତ ପୁରୁଣା, ଅପାଂକ୍ତେୟ, ବହୁପରୀକ୍ଷିତ ଅଥଚ ପ୍ରତ୍ୟାଖ୍ୟାତ ତଥ୍ୟଗୁଡ଼ିକ କାରଣ ଭାବେ ସରକାରଙ୍କଠାରେ ଉପସ୍ଥାପିତ କଲେ ।

କଟକୀ ପିଲାଙ୍କ ସୁଚିନ୍ତିତ ପ୍ରଶ୍ନର ସଠିକ ଜବାବ ଦେବାପାଇଁ ଗଂଜାମ ଦଳରେ କିଛି କମ୍ ବୁଦ୍ଧିଆ ପିଲା ନଥିଲେ । ଗଂଜାମୀଦଳ କଟକୀ ପିଲାମାନେ ବାଢ଼ିଥିବା ସେଇ କାରଣକୁ ଆଖିଆଗରେ ରଖି ଶାନ୍ତିନିକେତନ କଳାଭବନକୁ ନିଜର ମଡ଼େଲ କରି ବାକ୍ୟବାଣମାନ ତୀରଭଳି ସେମାନଙ୍କ ଉପରକୁ ନିକ୍ଷେପ କଲେ । କଳାଶିକ୍ଷା ଅନୁଷ୍ଠାନ ସହରର ଗହଳିଚହଳିଠାରୁ ଦୂରରେ ନିକାଞ୍ଚନ ପରିବେଶରେ, ପ୍ରକୃତିର ନିଘଞ୍ଚ ସବୁଜିମା ମଧ୍ୟରେ ପ୍ରତିଷ୍ଠାହେବା ବିଧେୟ । ଗ୍ରାମୀଣ ବେଷ୍ଟନୀରେ ପଶୁପକ୍ଷୀ ଜନ୍ତୁଜନ୍ତା ଅନୁଶୀଳନ ପାଇଁ ସହଜରେ ମିଳିପାରିବ । ପୁଣି କଳା ସାଧନା କରୁଥିବା ବେଳେ କଳା ବ୍ୟବସାୟକୁ ଶିକ୍ଷାର୍ଥୀ ଆପଣେଇଲେ ସାଧନା ତ ବ୍ୟାହତ ହେବ ଜୀବନରେ ଶିଳ୍ପୀ ଭଳି ଶିଳ୍ପୀଟିଏ ହେବା ଆଶାକରିବା ବୃଥା । ଏ ସବୁ କଥାର ମହତ୍ତ୍ୱ ବୁଝିଥିଲେ ବୋଲି ବିଶ୍ୱକବି ରବୀନ୍ଦ୍ରନାଥ କଲିକତାର କୋଳାହଳ ଛାଡ଼ି ଶାନ୍ତିନିକେତନର ଆମ୍ରକୁଞ୍ଜରେ, ଛାତିମ ଗଛର ସବୁଜ ଛାୟାରେ, ସାନ୍ତାଳ ପଲ୍ଲୀର ଅନତିଦୂରରେ କଳାଭବନ ପ୍ରତିଷ୍ଠା କରିଥିଲେ ଏବଂ ସେଇଥିପାଇଁ କଳାଭବନର

Digitized by srujanika@gmail.com

ସୃଜନଶୀଳ ପରିବେଷ୍ଟନୀ ମଧ୍ୟରୁ ଶଙ୍ଖ ଚୌଧୁରୀ, କେ.ଜି ସୁବ୍ରମଣିୟନ୍, ଏ ରାମଚନ୍ଦ୍ରନ୍‌ଙ୍କ ଭଳି ବିଶ୍ୱବିଖ୍ୟାତ ଚିତ୍ରଶିଳ୍ପୀ ଉତୁରି ପାରିଥିଲେ ।

ବେଶ୍ ଅକାଟ୍ୟ ଯୁକ୍ତି । ମରାଳମାଳିନୀ ନୀଳାମ୍ବୁ ଚିଲିକାର ଧାରେ ଧାରେ ସବୁଜ ବନାନୀଘେରା ପ୍ରକୃତିର ଶାନ୍ତ କାନ୍ତ କୋଳରେ ରାଜା ମର୍ଦ୍ଧରାଜଙ୍କ ଶ୍ରୀରାମଚନ୍ଦ୍ର ଭବନ ଯେ ଖଲିକୋଟ ଆର୍ଟସ୍କୁଲ ପାଇଁ ଏକାନ୍ତ ଉପଯୁକ୍ତ ଏ କଥାକୁ ଅନ୍ୟଥା କଲାଭଳି ସରକାରଙ୍କ ସାଧ୍ୟ ନଥିଲା ।

ସବୁ ଆଡୁ ହତାଶ ହେଲାପରେ କଟକୀ ପିଲାଙ୍କ କ୍ରୋଧ ବଢ଼ିବା ସ୍ୱାଭାବିକ । ସେମାନେ ଏବେ ଆନ୍ଦୋଳନାତ୍ମକ ପନ୍ଥା ଧରିଲେ । ଦଳବଦ୍ଧ ହେଇ ଖଲିକୋଟରୁ ଆସି ଭୁବନେଶ୍ୱରରେ ଡେରା ପକେଇଲେ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଧାନସଭା ଆଗରେ ଧର୍ମଘଟ ଚଳେଇଲେ । ସେମାନଙ୍କ ଅସହଯୋଗ ଆନ୍ଦୋଳନ ମାସାଧିକ କାଳ ଚାଲେ ଆଉ କଟକୀ ହଷ୍ଟେଲ ଖାଲି ପଡ଼ିଯାଏ ।

ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଜଷ୍ଟିସ୍ ଲିଙ୍ଗରାଜ ପାଣିଗ୍ରାହୀ ଶିକ୍ଷାମନ୍ତ୍ରୀ । ଆର୍ଟସ୍କୁଲ ସ୍ଥାନାନ୍ତରୀକରଣ ନେଇ ବିଚାରବିମର୍ଷ ହେଲା । କିଛି କଟକ ଆଡ଼ର ବିଧାୟକ କହିଲେ ଖଲିକୋଟ ଆର୍ଟସ୍କୁଲର ଭବିଷ୍ୟତ ଓ ଓଡ଼ିଶାରେ ଚିତ୍ରକଳା ଶିକ୍ଷାର ସମ୍ଭାବନାକୁ ଦୃଷ୍ଟିଦେଲେ ହୃଦବୋଧ ହୁଏ ଯେ କଳାବିଦ୍ୟାଳୟ ଖଲିକୋଟରୁ ଭୁବନେଶ୍ୱର ଉଠିବା ଆବଶ୍ୟକ । ବିଧାନସଭାରେ ଏଭଳି ମନ୍ତବ୍ୟ ଯଦିଓ ସରକାରଙ୍କ ପ୍ରତିଶ୍ରୁତି ନଥିଲା ତଥାପି କଟକୀ ଛାତ୍ରାବାସର ପିଲାମାନେ ଗଡ଼ ଜିତିବାର ଭାବନେଇ ଖଲିକୋଟ ଫେରିଲେ । ଖଲିକୋଟରେ ବିଜୁଳି ବେଗରେ ସେଇ କଥାଟି ରୋଟ ହେଇ ଚାରିଆଡ଼େ ଖେଳିଗଲା । ଖଲିକୋଟିଆ ଭାବିଲେ ଆର୍ଟସ୍କୁଲ ଉଠିଲେ ସେମାନଙ୍କ ପେଟପାଟଣା ବନ୍ଦ ହେଇଯିବ । ବାଇକୋଳି ଜ୍ୟୋତିଷ ବିଶାରଦ, ଗୌରୀଶଙ୍କର ଆଚାର୍ଯ୍ୟ, ପଣ୍ଡିତ ଦୁଃଖିଶ୍ୟାମ ପଟ୍ଟନାୟକ, ତ୍ରିନାଥ ସାମନ୍ତରା ପ୍ରଭୃତି ମାନ୍ୟଗଣ୍ୟ ବ୍ୟକ୍ତିମାନେ ଖଲିକୋଟରୁ ଆର୍ଟସ୍କୁଲ ନ ଉଠିବା ଉପରେ ଗୁରୁତ୍ୱ ଦେଲେ । ସୋସିଆଲିଷ୍ଟ ପାର୍ଟିର ବିଧାୟକ ନାରାୟଣ ସାହୁ ସ୍ଥାନାନ୍ତରୀକରଣର ପ୍ରତିରୋଧ କରିବା ପାଇଁ ସାରା ଗଂଜାମବାସୀଙ୍କୁ ଆହ୍ୱାନ ଦେଲେ । ଧୀରେ ଧୀରେ ପରିସ୍ଥିତି ଉନ୍ମାଦ ହେବାକୁ ଲାଗିଲା । ଅଜିତସାର୍‌ଙ୍କ ଭଳି ନିରପେକ୍ଷ ଅଧ୍ୟାପକମାନେ ମନେ ମନେ ଖୁସିହେଲେ । ବିପ୍ରସାର୍ ଖୋଲାଖୋଲି ଭାବରେ ସ୍କୁଲ ଉଠିବା ସପକ୍ଷରେ ନୂଆ ନୂଆ ମନ୍ତବ୍ୟ ଦେବାରେ କୁଣ୍ଠା କଲେନାହିଁ ।

Digitized by srujanika@gmail.com

ରବିସାର୍ ଯଦିଓ ଖାଣ୍ଟି ଶାନ୍ତିନିକେତନିଆ ତଥାପି ଖଲିକୋଟ ଭଳି ଏକ ଅପନ୍ତରା ଜାଗାରେ ତିଷ୍ଠି ରହିବା ସପକ୍ଷରେ ସିଏ ନଥିଲେ, ଏଣୁ ପିଲାମାନଙ୍କୁ ପରାମର୍ଶ ଦେବା ଛଳରେ ସେମାନଙ୍କ କର୍ମପନ୍ଥା କ'ଣ ହେବ ତାହା ସୂଚେଇଦେଲେ । ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଦେବ ଏହି ସମସ୍ୟା ପ୍ରତି ନିର୍ବିକାର ଲାଗୁଥିଲେ । ଗଂଜାମୀ ହଷ୍ଟେଲରେ ଭାଲେଣୀ ପଡ଼ିଲା । ଗଂଜାମ ଆଡ଼େ ରାଗିଲେ କଥା କଥାକେ ଦୋ' ଅକ୍ଷରୀ । ମା, ଭଉଣୀ ସପ୍ତପୁରୁଷ ଉଦ୍ଧାରି ଦେବେ । କିଛି କଟକ ଦଳର ମୁଖିଆ ଓ ରାଣୀହଂସପୁରରେ ରହୁଥିବା ସେମାନଙ୍କ ବାନ୍ଧବୀମାନେ ଦୋ' ଅକ୍ଷରୀର ଶରବ୍ୟ ହେଲେ । ଜୁରନାଥ ସାହୁ ମନ୍ତବ୍ୟ ଦେଲେ, 'କଟକିଆ ଯାକ ବାକଟକୁଳିଆ, ଶଳେ କିସଟା କରିପକେଇବେ ହେ ।' । ଜୁରନାଥ ସାହୁ ଚିକିଟି ପେଣ୍ଠର ପିଲା, ଗାଁରେ ତାପିକାମ କରୁଥିଲା, ଚନ୍ଦ୍ରଶେଖର ସୁବୁଦ୍ଧି ମାସକୁ ତିରିଶି ଟଙ୍କା ଷ୍ଟାଇପେଣ୍ଡ ମିଳିବ ବୋଲି ତାକୁ ପ୍ରତିଶ୍ରୁତି ଦେଇ ଖଲିକୋଟ ଆର୍ଟସ୍କୁଲକୁ ପାଠ ପଢ଼ିବା ପାଇଁ ନେଇ ଆସିଥିଲା । ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଲେଖାରେ ତାଙ୍କ ରଜା । ସିଏ ପ୍ରତିଜ୍ଞା କରି କହିଲା ଯେ ଆର୍ଟସ୍କୁଲ ସ୍ଥାନାନ୍ତରିତ ହେଇଗଲେ ପାଠ ଛାଡ଼ିଦେବ ଓ ତାପିକାମକୁ ପୁଣି ଫେରିଯିବ ।

ଅନ୍ତର୍ଯ୍ୟାମୀ ବାବୁ ଓ ତାରିଣୀବାବୁ ଜଗନ୍ନାଥ ମନ୍ଦିର ପରିସରରେ ଜରୁରୀ ସଭା ଡକେଇଲେ । ପରିବେଶ ଖୁବ ଗମ୍ଭୀର ଓ ପରିସ୍ଥିତି ବିସ୍ଫୋରକ ଅବସ୍ଥାରେ ଥିଲା । ବିଚାରବିମର୍ଷ ପରେ ସ୍ଥିର ହେଲା ଯେ ସାତଆଠ ଜଣିଆ ଗୋଟିଏ ଦଳ ଗଂଜାମ ଜିଲ୍ଲାର କୋଣେ ଅନୁକୋଣେ ବୁଲି ଗଂଜାମର ବିଶିଷ୍ଟ ଲୋକଙ୍କଠାରୁ ଆର୍ଟସ୍କୁଲ ଖଲିକୋଟରୁ ନଉଠୁ ବୋଲି ସେମାନଙ୍କ ମତାମତ ସଂଗ୍ରହ କରିବେ । ସଭା ସମିତି ଆୟୋଜନ କରି ଗଂଜାମର ସାଧାରଣ ଜନତାକୁ ବୁଝେଇ ଦିଆଯିବ ଯେ ସରକାର ଆର୍ଟସ୍କୁଲ ଉଠେଇବା ପାଇଁ ନିଷ୍ପତ୍ତି ନେବା ସମଗ୍ର ଗଂଜାମବାସୀଙ୍କ ବିରୁଦ୍ଧରେ ଏକ ଷଡ଼ଯନ୍ତ୍ର ଏବଂ ଗଂଜାମୀ ସ୍ୱାଭିମାନ ପାଇଁ ଏକ ମସ୍ତବଡ଼ ଧକ୍କା । ଦଳରେ ଯେଉଁମାନେ ସାମିଲ ହେବେ ସେମାନଙ୍କ ଏକ ତାଲିକା ପ୍ରସ୍ତୁତ ହେଲା । ସେଥିରେ ତାରିଣୀ ଚରଣ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ତ୍ରିପାଠୀ, କୃଷ୍ଣଚନ୍ଦ୍ର ସାହୁ, ପଞ୍ଚାନନ ସାହୁ ପ୍ରଭୃତି ନେତୃସ୍ଥାନୀୟ ଛାତ୍ରମାନେ ରହିଲେ । ମୋ ନାଁ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ସଭାରେ ମତ ପ୍ରକାଶ ପାଇଲା, ମୁଁ ସାଇକେଲ୍ ଚଳେଇ ପାରୁନଥିବାରୁ ଅକ୍ଷମତା ପ୍ରକାଶ କଲି । ତାରିଣୀବାବୁ କହିଲେ ସେମାନେ ପାଳିକରି ମୋତେ ଡବଲ୍ ଲୋଡ୍‌ରେ ନେବେ ।

Digitized by srujanika@gmail.com

ଏହି ଆନ୍ଦୋଳନକାରୀ ଦଳକୁ ଗାଁ' ଗାଁରେ ସ୍ୱାଗତ କରିବା ପାଇଁ ଗଂଜାମୀ ଦଳର ପିଲାମାନଙ୍କୁ ଆଗତୁରା ସେମାନଙ୍କ ଗାଁମାନଙ୍କୁ ପଠେଇ ଦିଆଗଲା । ସେମାନେ ବିପ୍ଲବୀମାନଙ୍କୁ ଭବ୍ୟ ସ୍ୱାଗତ ଜଣେଇବା ପାଇଁ ଗାଁମାନଙ୍କରେ ସଭାସମିତିମାନ କରି ଜନମତ ଆମ ସପକ୍ଷରେ ସଂଗ୍ରହ କରିବାରେ ଲାଗିଲେ । ଆମ ମନ ଓ ପ୍ରାଣରେ ବିପ୍ଲବର ନିଆଁ ଜଳୁଥିଲେ ମଧ ଗଂଜାମରେ ସାଇକେଲ୍ ଯାତ୍ରା ଖୁବ୍ ଉପଭୋଗ୍ୟ ହେଲା । ରାତି ରାତି ଆମେ ସାଇକେଲ୍ ଚଲଉଥିଲୁ ଆଉ ଦିନବେଳା ସଭାସମିତିରେ ଯୋଗଦେଇ ଭାଷଣ ଦେଉଥିଲୁ । ସହରରେ କିମ୍ବା ଗାଁରେ ପହଞ୍ଚିଗଲାପରେ ସେଠାକାର ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଥମେ ଦେଖାକରି ଆମର ସମସ୍ୟା ସଂପର୍କରେ ଅବହିତ କରାଉଥିଲୁ ଓ ଉଦ୍ଦିଷ୍ଟ କାଗଜରେ ତାଙ୍କ ଦସ୍ତଖତ ସଂଗ୍ରହ କରୁଥିଲୁ । ଏହି ଦରଖାସ୍ତଟି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ମହୋଦୟଙ୍କୁ ସମ୍ବୋଧନ କରି ଲେଖାଯାଇଥିଲା । ଚିକିଟୀରେ ପହଞ୍ଚି ଦିବାକର ପଟ୍ଟନାୟକଙ୍କଠୁ, ପିତଳ ବେଲଗାଁରେ ପହଞ୍ଚି ବିଶ୍ୱନାଥ ଦାଶଙ୍କଠୁ, ବ୍ରହ୍ମପୁରରେ ପହଞ୍ଚି ବିନାୟକ ଆଚାର୍ଯ୍ୟଙ୍କଠୁ ଦସ୍ତଖତମାନ ଆମେ ସଂଗ୍ରହ କଲୁ । ଆସିକାରେ କମ୍ୟୁନିଷ୍ଟ ନେତା ହରିହର ଦାସ ଖାଲି ଦସ୍ତଖତ ଦେଲେନି ଆସିକାଠାରେ ତାରିଣୀ ତ୍ରିପାଠୀଙ୍କ ମାର୍ଫତରେ ଆୟୋଜିତ ସଭାରେ ସେ ଏକ ଜ୍ୱାଳାମୟୀ ଭାଷଣ ଦେଲେ । ବିରୋଧୀ ଦଳର ଲୋକ ତ, ଭାଷଣର ସାରାଂଶ ହରେକୃଷ୍ଣ ମହତାବଙ୍କ ଅବିବେକୀ ନିଷ୍ପତ୍ତି ଉପରେ କୁଠାରଘାତ କରୁଥିଲା । ଏହି ସଭାରେ ଅନନ୍ତ ତ୍ରିପାଠୀ ଶର୍ମା ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା ଉପସ୍ଥିତ ରହି ସଭାର ଗୌରବ ବଢ଼େଇଥିଲେ ।

ଦିଗପହଣ୍ଡି ଗଡ଼ ସଭାରେ ହଜାରେ ସରିକି ଲୋକ ଉପସ୍ଥିତ ଥିଲେ । ଆମ ଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ରାମନାରାୟଣ ପାଢ଼ୀ, କଂଗ୍ରେସ ନେତା ବାଲାଜୀ ରାଜୁ, ଗୋପାଳଚନ୍ଦ୍ର ଦାଶ, ସମାଜର ସହକାରୀ ସଂପାଦକ ଗୋପାଳକୃଷ୍ଣ ପାଠୀ ନିଜ ନିଜ ଭାଷଣ ମାଧ୍ୟମରେ କଂଗ୍ରେସ ସରକାରଙ୍କୁ ଖଲିକୋଟରୁ ଆର୍ଟସ୍କୁଲ ନଉଠେଇବା ପାଇଁ ନିବେଦନ ଜଣେଇଲେ ।

ଭଂଜନଗର ସଭାର ଦାୟିତ୍ୱରେ ଥିଲେ ପ୍ରଥମ ବ୍ୟାଚର ଛାତ୍ର ଭାସ୍କର ସ୍ୱାମୀ । ସଭାରେ ଉପସ୍ଥିତ ଥିଲେ ସୋମନାଥ ରଥ, ଗବେଷକ ଶ୍ରୀଧର ଶତପଥୀ, ଗାନ୍ଧୀବାଦୀ ମାଗୁଣି ଦାଶ, ସୋରଡ଼ାର ସୀତାଦେବୀ ଖାଡ଼ଙ୍ଗା । ସେମାନେ ଆମ ତରଫରୁ ସଭାର ଉଦ୍ଦେଶ୍ୟ ଓ ମହତ୍ତ୍ୱ ବୁଝେଇ ସଭାରେ ଉପସ୍ଥିତ ଜନସାଧାରଣଙ୍କଠାରୁ ଦସ୍ତଖତ ସଂଗ୍ରହ କରିଥିଲେ । ମାସେ ପରେ ସଭାସମିତି ସାରି ଖଲିକୋଟ ଲେଉଟିଲା ବେଳକୁ ଛତ୍ରପୁର ସଦରମହକୁମାରେ ଓ ରମ୍ଭାରେ ଶେଷ

Digitized by srujanika@gmail.com

ସଭାମାନ ଆୟୋଜିତ ହେଉଥିଲା । ଛତ୍ରପୁରର କମ୍ୟୁନିଷ୍ଟ ନେତା ଲକ୍ଷ୍ମଣ ମହାପାତ୍ର ଘନ ଘନ କରତାଳି ମଧ୍ୟରେ ଦେଇଥିବା ଭାଷଣ ଏବେ ବି ମୋର ସ୍ମୃତିରେ ଉଜ୍ଜୀବିତ ଅଛି । ମହାପାତ୍ରେ କହିଥିଲେ ଖଲିକୋଟରୁ ଯଦି ଆର୍ଟସ୍କୁଲ ଉଠିଯାଏ ତାହେଲେ ଏହି କଥାକୁ ନେଇ ଆସନ୍ତା ରାଜ୍ୟ ବିଧାନସଭା ନିର୍ବାଚନ ଲଢ଼ାଯିବ ଓ ହରେକୃଷ୍ଣ ମହତାବଙ୍କୁ ଗଂଜାମ ମାଟିରେ ଭାଷଣ ଦେବାପାଇଁ ସୁଯୋଗ ଦିଆଯିବନି । ଆମେ ଖଲିକୋଟ ଫେରିଲାବେଳେ ପ୍ରଚୁର ଉତ୍ତେଜନା ଓ ଆଶ୍ୱାସନା ନେଇ ଫେରୁଥିଲୁ ।

ଆମଭିତରୁ କିଏ ଜଣେ ଆମ ଆନ୍ଦୋଳନ ପାଇଁ ନିର୍ଦ୍ଦିଷ୍ଟ କରାଯାଇଥିବା ସଂଗୀତଟି ଗୁଣୁଗୁଣଉଥିଲା ।

କୁଲ୍ୟା, ବହେ ଋଷିକୁଲ୍ୟା,
ଭଂଜଭୂମି ଏ ଗଂଜାମ, ପୁଣ୍ୟଭୂମି ଏ ଗଂଜାମ
ମହେନ୍ଦ୍ର ଯାହାର କିରୀଟ ମୁକୁଟ
ମହେନ୍ଦ୍ରତନୟା ଯା'ର ଉପବୀତ
ନୀଳାମ୍ବୁ ଚିଲିକା ଧୁଏ ତାର ପାଦ
ଭଂଜଭୂମି ଏ ଗଂଜାମ । ପୁଣ୍ୟଭୂମି ଏ ଗଂଜାମ ।

ଆମେ ଫେରିବାର ସପ୍ତାହକ ପରେ ଖଲିକୋଟ ବଜାରରେ ଗୋଟିଏ ବିରାଟ ସାଧାରଣ ସଭାର ଆୟୋଜନ କରାଗଲା । ଗଂଜାମ ଜିଲ୍ଲାର ବିଶିଷ୍ଟ ନେତାମାନେ ଏଥିରେ ଯୋଗ ଦେଇଥିଲେ । ସୋସିଆଲିଷ୍ଟ ନେତା ନାରାୟଣ ସାହୁ ଏହି ସଭାରେ ସଭାପତିତ୍ୱ କରୁଥିଲେ । ଖଲିକୋଟ ଗଡ଼ ସେଦିନ ଉତ୍ତେଜନା ଓ ଉନ୍ମାଦନାରେ ଉଚ୍ଛୁଳୁ ଥିଲା । ଗଣ୍ଡଗୋଳର ଆଶଙ୍କା କରି କଟକୀ ପିଲାଏ ଓ କଟକୀ ଅଧ୍ୟାପକମାନେ ନିଜ ନିଜ ହଷ୍ଟେଲ ଓ ଘର ଭିତରେ ନିଜନିଜକୁ ଆବଦ୍ଧକରି ରଖିଥିଲେ । ଭାଷଣମାନଙ୍କର ଉଗ୍ର ଆଞ୍ଚଳିକତାରେ ଖଲିକୋଟ ସତେ ଯିମିତି ତାର ଅସ୍ମିତା ଫେରି ପାଇଥିଲା । ଆମେ ଯେତେକ ଛାତ୍ରନେତା ଥିଲୁ ଆମମାନଙ୍କ ଗୋଡ଼ ତଳେ ଲାଗୁନଥିଲା । ମନରେ ଅଦମ୍ୟ ଉତ୍ସାହ, ଆଶା ଓ ଆକାଂକ୍ଷା ପୂରଣ ହେବାର ସମ୍ଭାବନା ଆମ ଅନ୍ତରକୁ ଭରି ଦେଇଥିଲା । ଗଂଜାମୀ ଛାତ୍ରାବାସର ପିଲାମାନେ, ଆର୍ଟସ୍କୁଲର ଟିକିବାବୁ, ସାରଥି ବେହେରା ସଭାର ଖର୍ଚ୍ଚ ପରିଚାଳନା କରୁଥିଲେ ।

ସଂଧ୍ୟା ପାଞ୍ଚଟା'ରୁ ସଭାଆରମ୍ଭ ହେଲା ଯେ ସରିଲା ବେଳକୁ ରାତି ନ' ଦଶ । ଜଣକ ପରେ ଜଣେ ଶ୍ରାବଣ ମାସର ମେଘଧାରା ଭଳି ଭାଷଣ ଅଜାଡି

Digitized by srujanika@gmail.com

ଦେଲେ । 'ଆର୍ଟସ୍କୁଲ କେବଳ ସିମେଣ୍ଟ ଚୂନର ଗୋଟିଏ ମାମୁଲି ଅନୁଷ୍ଠାନ ନୁହେଁ ଏହା ଗଂଜାମର ଗର୍ବ ଓ ଗୌରବ । ଗଂଜାମ ଜିଲ୍ଲାହିଁ ସମଗ୍ର ଓଡ଼ିଶାର ସଂସ୍କୃତିକୁ ପ୍ରତିନିଧିତ୍ୱ କଲାଭଳି ଅଂଚଳ । ଏଠି କବିସମ୍ରାଟ ଉପେନ୍ଦ୍ର ଭଂଜ, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତିରସର କବି ଗୋପାଳକୃଷ୍ଣ, ରାଜକବି ଓଡ଼ିଆ ମହାଭାରତର ପ୍ରଣେତା କୃଷ୍ଣସିଂହ, ରାଧାପ୍ରେମ ଲୀଳାର ରସଦକ୍ଷ ରାଜକବି ବିଶ୍ୱମ୍ଭର ରାଜେନ୍ଦ୍ର ଦେବ ସେମାନଙ୍କ କାବ୍ୟରସର ମନ୍ଦାକିନୀ ବୁହାଇଦେଇଥିଲେ । ଏଇଠି ଜଉଗଡ଼ ଠାରେ ଶୋଭାପାଉଛି ସମ୍ରାଟ ଅଶୋକଙ୍କ ଅନୁଶାସନ, ମହେନ୍ଦ୍ରଗିରି ଉପରେ ଓଡ଼ିଶାର ପୁରୁଣା ମନ୍ଦିର ସ୍ଥାପତ୍ୟ, ଭୀମ ଯୁଧିଷ୍ଠିର, ଅର୍ଜୁନ, କୁନ୍ତୀ ଦେଉଳ । ଗଂଜାମ ଜିଲ୍ଲାରେ ହିଁ ଓଡ଼ିଶାର ପ୍ରାଚୀନ ଭିତ୍ତିଚିତ୍ରଭରା ବୁଗୁଡ଼ାର ବିରଞ୍ଚିନାରାୟଣ ମନ୍ଦିର, ବେଲଗୁଣ୍ଠାର ପିତଳମାଛ, ବ୍ରହ୍ମପୁରର ଲାଖଜଉ ପାଟ । ଏହିସବୁ ଶିଳ୍ପୀର କରାମତି ଗଂଜାମଭୂମିକୁ ଶିଳ୍ପଭୂମିକରି ଗଢ଼ିଦେଇଛି । ଏଇ ଭୂମିରେ ସନ୍ଥଅରକ୍ଷିତ ଗୌତମବୁଦ୍ଧଙ୍କ ଭଳି ରାଜପ୍ରାସାଦର ବିଳାସବ୍ୟସନ ତ୍ୟାଗ କରି ସନ୍ନ୍ୟାସୀର ଜୀବନ ଆବୋରି ମହିମଣ୍ଡଳ ଗୀତା ରଚନା କରିଥିଲେ । ପୁଣି ଏହି ଭୂମିରେହିଁ ଆଉଜଣେ ରାଜପୁତ୍ର ସିଂହାସନ କୁ ତୁଚ୍ଛ କରିଦେଇ ରାଜଶିଳ୍ପୀ ହେବାର ଗୌରବ ଅର୍ଜନ କରିଥିଲେ । ସେଭଳି କଳାର ଜଣେ ମହାନ ଶିଳ୍ପୀଙ୍କୁ (ଶରତଚନ୍ଦ୍ରଙ୍କୁ ଲକ୍ଷ୍ୟ କରି) ଓଡ଼ିଶା ସରକାର ଅଧକ୍ଷ ପଦବୀରୁ ହଟେଇ ଦେବା ପାଇଁ ଓ ତାଙ୍କ କି ସ୍ଥାନରେ ଜଣେ କଟକିଆ ଶିଳ୍ପୀଙ୍କୁ ବସେଇ ଦେବା ପାଇଁ ଷଡ଼ଯନ୍ତ୍ର ଚଳେଇଛନ୍ତି । ଯଦି କଳା ବିଦ୍ୟାଳୟକୁ ଖଲିକୋଟରୁ ସ୍ଥାନାନ୍ତରିତ କରାଯାଏ ତା ହେଲେ ସରକାରଙ୍କ ଦୁରଭିସନ୍ଧି ପୂରଣ ହେଇ ପାରିବ । ସରକାର ଗୋଟିଏ ଲାଖରେ ଦି'ଟା ଚିଡିଆ ଶିକାର କରିବା ପାଇଁ ଚାହୁଁଛନ୍ତି । ଖଲିକୋଟ କଳାବିଦ୍ୟାଳୟ ଖଲିକୋଟ ଗଡ଼ର ଜନଜୀବନ ଓ ସାଂସ୍କୃତିକ ପରଂପରାରେ ସାମିଲ ହେଇସାରିଛି' ।

ମୁଁ ଜଣେ ସକ୍ରିୟ ସଂଗଠକ ଭାବେ ସଭାରେ ପଇଁତରା ମାରୁଥିଲି । ଯେତେହେଲେ ମୁଁ ଥିଲି ଦ୍ୱିତୀୟ ବର୍ଷର ଜଣେ ଛାତ୍ର ଏଣୁ ସ୍ୱାଭାବିକଭାବେ ନେତୃସ୍ଥାନୀୟ ଛାତ୍ରମାନଙ୍କ ସହିତ ମୋର ସାଂଗଠନିକ ବ୍ୟବଧାନ ବି ଥିଲା । ସଭାଟି ମନେହେଉଥିଲା ଇଂଲିଶ ସରକାରଙ୍କ ମନମୁଖୀ ଶାସନ ବିରୁଦ୍ଧରେ ଆୟୋଜନ କରାଯାଇଛି । ଲାଗୁଥିଲା ଜାତିର ପିତା ମହାତ୍ମା ଗାନ୍ଧୀ ଅଦୃଶ୍ୟରେ କେଉଁଠି ରହି ଏହି ମୁକ୍ତିର ଆନ୍ଦୋଳନକୁ

Digitized by srujanika@gmail.com

ପରିଚାଳନା କରୁଛନ୍ତି । ତା'ପରଠାରୁ ଗଂଜାମର ମାନରକ୍ଷା ପାଇଁ ଏଭଳି ବିରାଟ ସାଧାରଣ ସଭା ଆଉ ଆୟୋଜିତ ହେଇନାହିଁ ।

ନାରାୟଣ ସାହୁ ସଭାଶେଷରେ ତାଙ୍କ ସଭାପତି ଭାଷଣରେ ଯାହା କହିଥିଲେ ତାର ଏକ ସଂକ୍ଷିପ୍ତୀକରଣ ପାଠକଙ୍କ ଗୋଚରାର୍ଥେ ଏଠି ଦିଆଗଲା ।

'ଏସଭା ମୋତେ ବଙ୍ଗଭଙ୍ଗ ଆନ୍ଦୋଳନ କଥା ମନେ ପକେଇ ଦେଉଛି । ଆହୁରି ମୋ ସ୍ମୃତିରେ ଜାଗରୁକ କରିଦେଉଛି ଭାରତଛାଡ଼ ଆନ୍ଦୋଳନରେ ଜୟପ୍ରକାଶ ନାରାୟଣଙ୍କ ଭୂମିକା । ମୋର ମନେ ପଡ଼ିଯାଉଛି ଜାଲିଆନାୱାଲା ବାଗ୍‌ରେ ଜେନେରଲ୍ ଡ଼ାଏର୍‌ଙ୍କ ଦ୍ୱାରା ସଂଗଠିତ ହତ୍ୟାକାଣ୍ଡ । ମୋ ଆଖି ଆଗରେ ନାଚିଉଠୁଛି ହଜାର ହଜାର ବୁଭୁକ୍ଷିତ ଜନତାର ଆର୍ତ୍ତନାଦ, ସେମାନଙ୍କ ଦେହର କ୍ଷତରୁ ଅବିଶ୍ରାନ୍ତ ରକ୍ତ ନିଗିଡି ପଡୁଛି' ।

ସଭାରେ ଉପସ୍ଥିତ ଲୋକେ ଅନୁଭବ କରୁଥାନ୍ତି ସତେ ଯିମିତି ସେମାନଙ୍କ ଦେହ ମନ କ୍ଷତବିକ୍ଷତ ଓ ସେମାନଙ୍କ ଦେହରୁ ରକ୍ତର ଧାର ନିଗିଡ଼ି ସଭାସ୍ଥଳକୁ ରଂଜିତ କରିଦେଲାଣି । ନାରାୟଣ ସାହୁ ସଭାପତି ଭାଷଣ ଦେଇ ଚାଲିଛନ୍ତି । ଲାଗୁଛି ସେ ଅସମ୍ଭବ ଭାବେ ମର୍ମାହତ, କ୍ଷୁଣ୍ଣ । ପୁଣି ଖଲିକୋଟ ତାଙ୍କର କନ୍‌ଷ୍ଟିଚ୍ୟୁଏନ୍‌ସି । ସେ ଭାବିଲେ ସରକାର ଖଲିକୋଟରୁ ଆର୍ଟସ୍କୁଲ ଉଠେଇ ନେବାପାଇଁ ନିଷ୍ପତ୍ତି ନେଇପାରନ୍ତି । ଯଦି ତାହା ହୁଏ ସିଏ ଅପାରଗ ବୋଲି ପ୍ରମାଣିତ ହେଇଯିବେ । 'ଯଦି ଆର୍ଟସ୍କୁଲ ଉଠିବ ତା ହେଲେ ଶହ ଶହ ହଜାର ହଜାର ଗଂଜାମୀ ଲୋକଙ୍କ ଶବ ଉପରଦେଇ ଟ୍ରକରେ ଆର୍ଟସ୍କୁଲ ଜିନିଷ ବୁହାହେବ । ଆମରକ୍ତରେ ସରକାରଙ୍କ ନିଷ୍ପତ୍ତିର ଜବାବ ଦିଆଯିବ । ମୁଁ କାଲି ପାଞ୍ଚହଜାର ଗଂଜାମୀଙ୍କ ଦସ୍ତଖତ ଥିବା ଏହି ଦରଖାସ୍ତ ନେଇ ଭୁବନେଶ୍ୱର ଯିବି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏ ଦାବିପତ୍ର ଭେଟି କରେଇବି । ଦେଖାଯାଉ କେଉଁ ପାଣି କୁଆଡକୁ ଯିବ' । ତାପରେ ଘନ ଘନ କରତାଳିରେ ସଭାସ୍ଥଳ ପ୍ରକଂପିତ ହେଲା ।

ଆର୍ଟସ୍କୁଲ ଉଠିବା ନୋହିଲା । ସରକାର ଗଂଜାମବାସୀଙ୍କ ଏଭଳି ପ୍ରତିବାଦରେ ବୋଧହୁଏ ତ୍ରସ୍ତ ହେଇପଡ଼ିଲେ । ଗଂଜାମୀ ହଷ୍ଟେଲର ଜିତାପଟ ହେଲା । ଖଲିକୋଟ କଳାବିଦ୍ୟାଳୟ ଇତିହାସରେ କଟକୀ-ଗଂଜାମୀ ପ୍ରସଙ୍ଗଥିଲା ଏକ କଳଙ୍କିତ ଅଧ୍ୟାୟ । ଏବଂ ଏଭଳି ଏକ ହୀନ ମାନସିକତା ସେତେବେଳର କେବଳ ଅଧ୍ୟାପକ ଓ ଛାତ୍ରନୁହେଁ ସମଗ୍ର ଗଂଜାମର ନେତୃସ୍ଥାନୀୟ ମଣିଷମାନଙ୍କୁ

Digitized by srujanika@gmail.com

ଆକ୍ରାନ୍ତ କରିଥିଲା ବୋଲି ଆଜିଯାଏଁ ଖଲିକୋଟ ଆର୍ଟସ୍କୁଲ ଖଲିକୋଟରେହିଁ ରହିଲା । ଏହି ଘଟଣାର ବହୁବର୍ଷ ପରେ ଅନନ୍ତ ପଣ୍ଡା ଡି.ପି. ଆଇ. ଅଫିସକୁ ଚାରୁକଳାର ସ୍ୱତନ୍ତ୍ର ଅଧିକାରୀ ହେଇ ଯୋଗ ଦେଲାପରେ ଖଲିକୋଟ ଆର୍ଟସ୍କୁଲର ସ୍ଥାନାନ୍ତରୀକରଣ ପାଇଁ ଦୁଇଥର ପ୍ରଚେଷ୍ଟା କରାଯାଇଛି । ଥରେ ବ୍ରହ୍ମେଶ୍ୱର ପାଟଣାରେ ଥିବା ନୀଳମଣି ସେନାପତିଙ୍କ କୋଠିକୁ ଆଉଥରେ ବକ୍ସି ଜଗବଂଧୁ ମହାବିଦ୍ୟାଳୟର ଆର୍ଟସ୍ ବ୍ଲକକୁ । ଦୁଇଥର ଯାକ ପ୍ରଚେଷ୍ଟା ଫଳବତୀ ହେଇପାରିନି । କଟକୀ-ଗଂଜାମୀ ଭେଦଭାବର ମାନସିକତା ନେଇ ମୁଁ ମୋର ସାଧ୍ୟ ଲଗେଇ ଏହି ଉଭୟ ଉଦ୍ୟମକୁ ଭଣ୍ଡୁର କରିଦେଇଛି ।

ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରେ ଆଞ୍ଚଳିକ ଭିତ୍ତିରେ ଏବେ ବି କାଁ ଭାଁ ଛାତ୍ର ଅଶାନ୍ତି ଘଟୁଛି ଏବଂ ଜୀବନହାନିର ସଂବାଦ ମଧ ଖବରକାଗଜରେ ପ୍ରକାଶ ପାଉଛି । କିନ୍ତୁ ଖଲିକୋଟ ଆର୍ଟସ୍କୁଲର ସ୍ଥାନାନ୍ତରୀକରଣ ପ୍ରସଙ୍ଗ ଏକ ଅହିଂସା ସଂଗ୍ରାମ ଭାବେ କଟକୀ-ଗଂଜାମୀ ପ୍ରସଙ୍ଗ ସହିତ ଯୋଡ଼ିହେଇ ଓଡ଼ିଶାର ଆଧୁନିକ କଳାଜଗତକୁ ଅବଚେତନ ମନରେ ବିଭକ୍ତ କରି ରଖିଛି । ସେ ବେଳର ଅନେକ ସହପାଠୀ ଆମ ଗହଣରୁ ବିଦାୟ ନେଲେଣି । ଆଉ ଆମେ ଯେଉଁ କେତେଜଣ ଏବେ ବି କଳାକ୍ଷେତ୍ରରେ ଅଛୁ ସେମାନଙ୍କ ପରେ ହୁଏତ ଏହି ତିକ୍ତତାର ଅବସାନ ଘଟିବ ।

ପୁଣି ସମସ୍ୟାଟିକୁ ଟିକିଏ ଗଭୀର ଭାବେ ଆନୁଧ୍ୟାନ କଲେ ଲାଗୁଚି ଏ ବ୍ୟାଧି ଉପଶମ ହେବାର ନୁହେଁ । ଆମ ପର ପିଢ଼ିର ଯୁବଶିଳ୍ପୀଙ୍କ ରକ୍ତରେ ଏ ବ୍ୟାଧିର ଜୀବାଣୁ ସଂଚରି ଗଲାଣି । ଏହି ବହିର ପ୍ରସଙ୍ଗଟି ପଢ଼ିଲାପରେ କିଏ ହୁଏତ ମତବ୍ୟକ୍ତକରି କହିବ, ଦିନନାଥ ପାଠୀ ଏହି ଆନ୍ଦୋଳନ ସହିତ ଏତେ ମାତ୍ରାରେ ସଂପୃକ୍ତ ଥିଲାବୋଲି ଭୁବନେଶ୍ୱରରେ ୧୯୮୪ ମସିହାରେ ଯେତେବେଳେ ସରକାରଙ୍କ ତରଫରୁ କଳା ମହାବିଦ୍ୟାଳୟଟିଏ ସ୍ଥାପିତ ହେଲା ସେହି ଅନୁଷ୍ଠାନରେ ସିଏ ଶରତଚନ୍ଦ୍ର ଦେବଙ୍କ ଭଳି ପ୍ରଥମ ଅଧକ୍ଷ ହେବାର ଗୌରବ ପାଇଲା ।

Digitized by srujanika@gmail.com

ରାଣୀହଂସପୁରର ଅନ୍ତେବାସୀ

୧୯୫୭ ମସିହାରେ ଖଲିକୋଟଠାରେ ପ୍ରଥମ କରି ଯେତେବେଳେ ଆର୍ଟସ୍କୁଲ ଖୋଲିଲା ଓଡ଼ିଶାର ଚାରିଆଡୁ ଏବଂ ବିଶେଷ କରି ଗଂଜାମ ଜିଲ୍ଲାର ଗାଁ ଗଣ୍ଡାରୁ କଳାଶିକ୍ଷା ପାଇଁ ଆଗ୍ରହୀ ଥିବା ପିଲାମାନେ ପଙ୍ଗପାଳ ଭଳି ମାଡ଼ିଆସିଲେ । ସେତେବେଳେ ଖଲିକୋଟରେ ଆର୍ଟପଢ଼ିବା ପାଇଁ ନିର୍ଦ୍ଦିଷ୍ଟ ଯୋଗ୍ୟତା ଲୋଡା ହେଉନଥିଲା । ମେଟ୍ରିକ୍ ପାସ ହେଇଥିଲେ ତ ଭଲ, ନ ହେଇଥିଲେ ମଧ କାମ ଚଳୁଥିଲା । ତେଲି ଯା ପେଲି ନାଁରେ ଯିଏ ଚାହିଁଲା ସିଏ ଆର୍ଟସ୍କୁଲରେ ଭର୍ତ୍ତି ହେଇଗଲା । ଖଲିକୋଟ ଗଡ଼ର ରଜାଙ୍କ ଅମଲର ପିଅନ ଚପରାସୀଙ୍କ ପିଲାମାନେ, ମଠମନ୍ଦିରର ପୂଜାରୀଙ୍କ ପୁଅଝିଅମାନେ, ଉଆସ ପଛପଟ ଖୋଲସାହିର ରାମା, ଦାମା, ଶାମା ସମସ୍ତେ ଆସି ଆର୍ଟସ୍କୁଲରେ ଜୁଟିଗଲେ । ସର୍ବୋଚ୍ଚ ଯୋଗ୍ୟତା ମେଟ୍ରିକୁଲେସନ୍ ସୋପାନରୁ ତଳକୁ ତଳ ଖସି ପହଞ୍ଚିଗଲା ସର୍ବନିମ୍ନ ଚାରି ପାଞ୍ଚ କ୍ଲାସ ପାଖରେ । ଏଭଳି ଶିକ୍ଷାଗତ ବିପର୍ଯ୍ୟୟ ହେଇଗଲା ବୋଲି ଦୁଃଖ କରିବାର

Digitized by srujanika@gmail.com

କିଛି କାରଣ ନଥିଲା, ଯଦି ସେମାନଙ୍କର କଳାତ୍ମକତାର ଚମକ ଥାଆନ୍ତା । ଆମେ ଅନୁଭବ କଲୁ, ସ୍ୱଚକ୍ଷୁରେ ଦେଖିଲୁ ଯିଏ ଓଡ଼ିଶାର ପୁରପଲ୍ଲୀରେ ହାତକଟା ତେଲ ବିକୁଥିଲା, ଯିଏ ଅନ୍ନପୂର୍ଣ୍ଣା ଥିଏଟରରେ ସିନ୍ ଟାଣୁଥିଲା ସେମାନେ ଖଲିକୋଟ ଉଆସରେ ହାଜର ହେଇଗଲେ । ନାଟ ତାମସା କଲେ, ଚିତ୍ରାଙ୍କି ବିଦ୍ୟାରେ ମାତିଲେ ପାଠ ଶାଠ କ'ଣ ପଇଟିବ ? କିଏ ଚାରି ପାଞ୍ଚଥରରେ ମେଟ୍ରିକ୍ ପାସ କରିପାରିଲାନିତ ଆଉ କିଏ ସାତକ୍ଲାସ ପରଠୁ ପାଠ ଛାଡିଦେଇ କେଉଁ ଫୋଟ ଷ୍ଟୁଡିଓରେ ରିଟଚ୍‌ର ହେଇ କାମ କରୁଥିଲା । ଆଉ କିଏ ପାଠକୁ, ପରୀକ୍ଷାକୁ ଡରିମରି ଗାଁମୁଣ୍ଡ ବସଷ୍ଟାଣ୍ଡରେ ସାଇନ୍ ବୋର୍ଡ ଦୋକାନ ଖୋଲିଥିଲା ତ ଆଉ କିଏ ଡ୍ରାମାଦଳଙ୍କ ପାଇଁ ପରଦା ଚିତ୍ରକରି ଗାଁକୁ ଗାଁ ବୁଲୁଥିଲା । ଏବେ ସମସ୍ତେ ଆସି ମର୍ଦ୍ଦରାଜଙ୍କ ରାମଚନ୍ଦ୍ର ଭବନରେ ପହଞ୍ଚିଗଲେ । 'ବାରଜାତି ତେର ଗୋଲା, ବୈଷ୍ଣବ ହେଲେ ସବୁଗଲା' । ସମସ୍ତେ ହେଇଗଲେ ଏକା ଜାତିର ବୈଷ୍ଣବ, କୋଣାର୍କର ମୁଖ୍ୟ ବିନ୍ଧାଣୀ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ଦାୟାଦ । ଇଂଲିଶ ଭାଷାରେ ପ୍ରବାଦଟିଏ ଅଛି ଏକାରଙ୍ଗର ପରଥିବା ପକ୍ଷୀମାନେ ଏକା ଡାଳରେ ସାଙ୍ଗହେଇ ବସନ୍ତି । ମୂଳକଥା ହେଲା ଚାରିବର୍ଷ ପାଠପଢ଼ା ପରେ ସମସ୍ତେ ନିଜକୁ ଆର୍ଟିଷ୍ଟ ବୋଲେଇବେ, ଦାଢ଼ି ରଖି ଦାର୍ଶନିକ, ବିଜ୍ଞ ଚିନ୍ତକ ଭଳି ଦେଖାଯିବେ । ଲମ୍ବାକୁର୍ତ୍ତା ପିନ୍ଧିବେ, କାନ୍ଧରେ ଚମଡା ବ୍ୟାଗ୍ ଓହଳେଇବେ, ଶିକ୍ଷାଗତ ଯୋଗ୍ୟତାକୁ ଆଉ କିଏ ଚାହିଁବ ! ଟାଣ ଖରାରେ ଶରତର କାକର ବୁନ୍ଦା କୁଆଡେ ଉଭାନ ହେଇଗଲା ପରି ଶିଳ୍ପୀମାନଙ୍କ ପାଠପଢ଼ାଜନିତ ଦୁର୍ବଳତା ଶିଳ୍ପବିଦ୍ୟାର ଚାକଚକ୍ୟ ଭିତରେ କୁଆଡେ ହଜିଯିବ । ସର୍ବେ ହୋଇବେ ଏକାକାର ।

ଗଂଜାମୀ ଛାତ୍ରାବାସ ଓ ଲେଡିଜ୍ ହଷ୍ଟେଲ ତଳ ଉପର ହେଇ ଉଆସର ଅନ୍ଦର ମହଲ ଭିତରେ । ଏଣୁ ରାଣୀହଂସପୁର କହିଲେ ଅଯଥାର୍ଥ ହେବନାହିଁ, ଅନ୍ତତଃ ଆଞ୍ଚଳିକତାର କୂଟବିଷର ଜ୍ୱାଳା କିଛିଟା ଉପଶମ ହେଇଯିବ । ମୁଁ ପଢ଼ିଲା ବେଳେ ଏତେ ପ୍ରକାରର, ଏତେ ବିଚିତ୍ର ମାନସିକତାର, ଏତେ ଅଦ୍ଭୁତ ଢ଼ଙ୍ଗର ପିଲା ସେଠି ଜୁଟିଥିଲେ ଯେ ରାଣୀହଂସପୁରକୁ ଛୋଟକାଟର ଗୋଟିଏ ଯାଦୁଘର କହିବା ସମୀଚୀନ ହେବ । ଅବଶ୍ୟ ଏଭଳି ଉପମା ପ୍ରୟୋଗ ପୁରାତନ ଶିଳ୍ପୀବଂଧୁମାନଙ୍କର ମାନବୀୟ ଗୁଣକୁ ନ୍ୟୂନ କରିବା ଉଦ୍ଦେଶ୍ୟ ନୁହେଁ । କାରଣ ବିନା କାହାର ପରାଭବରେ, ବିନା ଦ୍ୱିଧାରେ ମୁଁ ନିଜକୁ ଏ ଯାଦୁଘରର ଜନ୍ତୁ ଜନ୍ତାଙ୍କ ସାଙ୍ଗରେ

Digitized by srujanika@gmail.com

ସାମିଲ କରିଛି । ମୁଁ ଏକଥା ବି ଭଲଭାବେ ହୃଦୟଙ୍ଗମ କରିଥିଲି ଯେ ମୁଁ ଯେଉଁ ନୌକାରେ ସମୁଦ୍ର ପାରିହେବାପାଇଁ ଦୁଃସାହସ କରୁଛି, ସେହି ନୌକା ମୋତେ ମହାର୍ଣ୍ଣବରୁ ପାରି କରିଦେବାପାଇଁ ଅସମର୍ଥ, ତଥାପି ମୁଁ ପ୍ରାଣର ଅଦମ୍ୟ ପ୍ରଚୋଦନାକୁ ନ୍ୟୂନ କରିପାରିନି, ପତଙ୍ଗ ଜ୍ୱଳନ୍ତ ଅଗ୍ନିଶିଖାକୁ ଆକର୍ଷିତ ହେଇଗଲା ପରି ମୁଁ ନିମିତ୍ତ ମାତ୍ର ହେଇପଡିଛି ।

ରାଣୀହଂସପୁରର ପୁଅପିଲାଙ୍କ ସଂଖ୍ୟା ତିରିଶ ପଞ୍ଚତିରିଶ ହେବ, କିନ୍ତୁ ଚାରିବର୍ଷ ରହଣି ଭିତରେ ପ୍ରାୟ ପଚାଶ ଷାଠିଏ ପିଲା ରାଣୀହଂସପୁରରେ ଆତଜାତ ହେଇଥିବେ । ମୋ ବେଳର ପିଲାଙ୍କ ଭିତରୁ ମୋଟେ ତିନିଚାରିଜଣ ଘାତପ୍ରତିଘାତ ମଧ୍ୟରେ ସଂଘର୍ଷକରି ସୃଜନଶୀଳ ଶିକ୍ଷାଭାବେ ନିଜକୁ ବଂଚେଇ ରଖି ପାରିଛନ୍ତି । ବାକିସବୁ ନିଜର ଶୈକ୍ଷିକ ସ୍ଥିତି ବଜାୟରଖି ତିଷ୍ଠିପାରିନାହାନ୍ତି, ନିଜକୁ କେବଳ ଶିକ୍ଷୀ ବୋଲି ପରିଚୟ ଦେଉଛନ୍ତି । ତଥାପି ଖଲିକୋଟର ସେ ଦିନମାନଙ୍କର ସ୍ମୃତି ଆପଣାଛାଏଁ ରୋମନ୍ଥନ କଲେ ସେମାନଙ୍କ ସହିତ ସଂପର୍କ ଓ ସହାବସ୍ଥାନର କଥା ମନେପଡିଯାଏ । ପୁରୁଣା ଦିନର ହଜିଲା ଅନୁଭବ ବାସ୍ତବ ହେଇଯାଏ । ରାଣୀହଂସପୁରର ଚାରିକୋଣିଆ ପାଟ ଅଗଣା, ବାରଣ୍ଡାର ଗୋଲିଆ ଜାଉଁଳି ଖମ୍ବର ଧାଡି, କଡି ବର୍ଗାର ଛାତ, ଅଗଣା ମଝିର ମଣ୍ଡପ ସବୁ ଜୀବନ୍ତ ହେଇଉଠେ ଆଉ ସେହି ସ୍ମୃତି ସହିତ ଏହି ବନ୍ଧୁମାନଙ୍କର ହଜିଲା ମୁହଁ ।

ଆସିକା ଦେବଭୂମିର ଯୁଧିଷ୍ଠିର ସାହୁ, ସୋରଡ଼ାର ମଦନମୋହନ ପଣ୍ଡା, ଭାସ୍କର ସ୍ୱାମୀ, ଏନ୍ ପ୍ରଫୁଲ୍ଲ ଚୌଧୁରୀ, ବାଲିଯୋଡ଼ିର କୃଷ୍ଣଚନ୍ଦ୍ର ଆଚାରୀ, ରାୟଗଡ଼ାର ରଘୁନାଥ ମହାପାତ୍ର, ବ୍ରହ୍ମପୁରର ଦୀପେନ ବୋଷ, ବିପିନ ବିହାରୀ ସାହୁ, ସି. ଏଚ୍. ରାମାନୁଜମ୍, ଦେବେନ୍ଦ୍ର ନାଥ ସାମଲ, ଗୋପାଳପୁରର ବେଣୁଧର ବେହେରା, ଓଡ଼ଗାଁର ଲକ୍ଷ୍ମୀନାରାୟଣ ସାହୁ, ଜାନବିଲିର ଗଣେଶ ନାୟକ, ଜାହାଡ଼ାର ପି. ଲକ୍ଷ୍ମୀନାରାୟଣ ଆଚାରୀ, ଶ୍ରୀକାକୁଲମ୍ ଟେକ୍କାଲିର ରଙ୍ଗନାଥ ପଣ୍ଡା, ବେଣୁଗୋପାଳ, ରଣପୁରର ଦେବରାଜ ସାହୁ, ରଙ୍କନାଥ ସାହୁ, କଟକ ରାମଗଡ଼ର ଭୀମସେନ ମହାରଣା, କଟକ ଭୀମରାଜପୁରର ଫକୀରମୋହନ ମଲ୍ଲିକ, ପୋଲସରାର ଚନ୍ଦ୍ରଶେଖର ରାଓ, ବୋଲଗଡ଼ ଗୋରଡ଼ିଆର ରାମକୃଷ୍ଣ ସୁବୁଦ୍ଧି, କେଶିଙ୍ଗାର କାଶୀନାଥ ଜେନା, ପୁରୀର ଗୁରୁଚରଣ ଚକ୍ରବର୍ତ୍ତୀ, ଦିଗପହଣ୍ଡିର ବଳରାମ ପଣ୍ଡା, କଟକ ସଦରର ଚନ୍ଦ୍ରକୁମାର ସାମନ୍ତରାୟ, ସମ୍ବଲପୁର ବରଗଡ଼ର

Digitized by srujanika@gmail.com

ଦିବାକର ଶତପଥୀ, ଅନୁଗୁଳର ଅନିରୁଦ୍ଧ ମହାନ୍ତି, ବାଣପୁରର ରଙ୍ଗନାଥ ସ୍ୱାଇଁ, ପୁରୁଷୋତ୍ତମ ସାହୁ, ଜୟପୁରର ପଞ୍ଚାନନ ଶତପଥୀ, ଚିକିଟୀ ପେଣ୍ଠର ଚନ୍ଦ୍ରଶେଖର ସୁବୁଦ୍ଧି, କୁରନାଥ ସାହୁ, କୋଲଥିଆର ରାଧାଚରଣ ପଣ୍ଡା, ପୁରୁଷୋତ୍ତମପୁରର ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକ, ଧୋବାପଲ୍ଲୀର ଇ. ପାନ୍ତୁଲୁ ଦୋରା, ଜଲମରେଇ ପଲ୍ଲୀର ରାଧାଶ୍ୟାମ ବିଷୋୟୀ, ପୋଡ଼ାମାରିର ରମେଶ ପାଣିଗ୍ରାହୀ, ଧରାକୋଟର ବିଶ୍ୱବିହାରୀ ଖାଡ଼ଙ୍ଗା ଓଗେର ଓଗେର ।

ଜଣ ଜଣକ ବିଷୟରେ ବଖାଣିଲେତ ପୋଥିଟିଏ ଲେଖାହେବ । ଏମାନଙ୍କ ମଧ୍ୟରୁ ପ୍ରାୟ ଦଶ ବାର ଜଣ ବନ୍ଧୁ ଏବେ ପରଲୋକରେ, ଅକାଳରେ ଚାଲିଯାଇଛନ୍ତି । ପାରିବାରିକ ଦୁର୍ଦ୍ଦିନ ଭିତରେ ସଢ଼ିସଢ଼ି ଦୁଇତିନିଜଣ ମାନସିକ ବ୍ୟାଧିଗ୍ରସ୍ତ । ସେମାନଙ୍କୁ ପାଗଳ କହିଲେ ଶିଳ୍ପୀକୁଳର ମର୍ଯ୍ୟାଦାରେ ଆଞ୍ଚ ଆସିବ । ଅବଶ୍ୟ ଶିଳ୍ପୀମାତ୍ରକେ ପାଗଳ ବୋଲି ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ଶିଳ୍ପୀମାନଙ୍କୁ ନିଜର ପରିକଳ୍ପିତ ସାମ୍ରାଜ୍ୟରୁ ବାସନ୍ଦ କରିଦେଇଥିଲେ । ଚାକିରିରୁ ଅବସର ନେଲାପରେ ତିନି ଚାରିଜଣ ବାବାଜୀ ହେଇଯାଇଛନ୍ତି, ସାକ୍ଷାତ ନିଜର ଭଗବଦ୍‌ଦର୍ଶନ ହେଇଥିଲା ପରି ଗାଁ ଗାଁ ପରିକ୍ରମା କରି ପ୍ରବଚନ ଦେବାରେ ବ୍ୟସ୍ତ । ଡ୍ରଇଁମାଷ୍ଟ୍ରଯାକ ଭାଗବତର ଓ ଭଗବଦ୍‌ଗୀତାର ଚମତ୍କାର ବାଖ୍ୟା କରୁଛନ୍ତି । ବେଣୁଗୋପାଳ ତ ଶିବାନନ୍ଦ ଆଶ୍ରମରେ ବ୍ରହ୍ମଚାରୀ ହେଇ ରହିଗଲେ, ଶିଳ୍ପରୁ ବ୍ରହ୍ମଦର୍ଶନ । ଜଣେ ଅଧେ ମନ୍ଦିରରେ ପୂଜକ । ଜଣେ ପୁଣି ଅଳକା ସମବାୟ ଭଣ୍ଡାରରୁ ରେଡ଼ିଓ ଚୋରି କରି ଜେଲ ଭୋଗିଲା । ଧନ୍ୟ ଶିଳ୍ପୀକୁଳ ! ଚିତ୍ରକଳା ପାଠରୁ ଏତେ ସମ୍ଭାବନା, ଏତେ ବିଚିତ୍ରତା, ଏତେ ବିବିଧତାର ଉଦ୍ଭବ ହେଇପାରିଛି । ପାଠ ପଢ଼ିଲାବେଳକୁ ଆକଳନ କରି ହେଉନଥିଲା । ଲାଗୁଥିଲା ଓଡ଼ିଶାର କେଉଁ ଗୋଟିଏ ହାଇସ୍କୁଲରେ ଡ୍ରଇଁମାଷ୍ଟ୍ରଟିଏ ହେଇ ପିଲାଙ୍କୁ କାଉ ବଗ ପଢ଼େଇବା ପାଇଁ, ନହେଲେ କେଉଁ ସରକାରୀ ଦପ୍ତରରେ ଗ୍ରାଫିକ୍ ଚାର୍ଟ ତିଆରି କରି ପରିବାର ପ୍ରତିପୋଷଣ କରିବାପାଇଁ ଆମେ ଖଲିକୋଟରେ ପହଞ୍ଚିଛୁ ।

କିନ୍ତୁ ଦେଖାଗଲା ଖଲିକୋଟ ଆର୍ଟସ୍କୁଲର ପିଲାମାନେ ଓଡ଼ିଶାସାରା କଳାଜଗତର ସବୁକ୍ଷେତ୍ରରେ ଛାଇଗଲେ । ଖାଲି ଓଡ଼ିଶା ବୋଲି ନୁହେଁ ସର୍ବଭାରତୀୟ ସ୍ତରରେ କଳାର ସର୍ବୋଚ୍ଚ ପୀଠରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଖଲିକୋଟ ନାମର ସାର୍ଥକତା ପ୍ରତିପାଦନ କଲେ । ଆମେ ଆଧୁନିକ ଶିଳ୍ପୀ କୁଳର

Digitized by srujanika@gmail.com

ମୂଳଥିଲୁ । ଆମ ଦେହରୁ ଶାଖାପ୍ରଶାଖା ମେଲିଲା, ଫୁଲ ଫୁଟିଲା, ଫଳ ଧରିଲା, ବୀଜ ବିକ୍ଷିପ୍ତ ହୋଇ ଚାରିଆଡ଼େ ଅଙ୍କୁରୋଦ୍‌ଗମ ହେଲା । ଏବେ ଖାଲି ଚତୁର୍ଦ୍ଦିଗେ ବନମହୋତ୍ସବ । କିନ୍ତୁ ବନକୁ ରକ୍ଷାକରିବା ପାଇଁ ବ୍ୟବସ୍ଥା ନାହିଁ । ଏପଟେ ପାଣି ନପାଇ ଗଛ ଜଳି ଗଲାଣି ସେପଟେ ଗୋରୁ ପଶି ଚାରା ଚରି ଗଲେଣି । ପରିକଳ୍ପିତ ଉଦ୍ୟାନ ଧ୍ୱସ୍ତବିଧ୍ୱସ୍ତ । କଥା କଥାରେ ଶିଳ୍ପୀ, ଆମର ଶିଳ୍ପକଳା, ଆମର କୋଣାର୍କ । କହିବା ଲୋକକୁ ନା ଶୁଣିବା ଲୋକକୁ ଲାଜ ଅଛି !

ମୋ ସମୟର ଅଧିକାଂଶ ଖଲିକୋଟିଆ ବନ୍ଧୁମାନେ ତ ଶିଳ୍ପୀହୋଇ ବଞ୍ଚିପାରିବେନି । ଭାବୁଛି ମୋ ଲେଖାରେ ହେଲେ ବଞ୍ଚିଯିବେ ପରା । ସମୟ ତ କହିବ ସହପାଠୀଟିଏ ଥିଲା ବୋଲି, ସାଙ୍ଗ ସୁଖରେ ଖଲିକୋଟର ଦିନତକ ବିତେଇଥିଲେ ବୋଲି । ଏଣୁ ସେମାନଙ୍କ ସଂପର୍କରେ ଏଠି ଯତ୍‌କିଞ୍ଚିତ୍ ଅବତାରଣା ।

ତୃତୀୟ ବର୍ଷଠୁ ଯୁଧିଷ୍ଠିର ଓ ମଦନମୋହନ ପଣ୍ଡାଙ୍କ ସାଙ୍ଗରେ ମୁଁ ଏକା ରୁମ୍‌ରେ ରହୁଥିଲି । ମଦନମୋହନ ପଣ୍ଡା ପ୍ରଥମ ବ୍ୟାଚ୍‌ର ଛାତ୍ର । ସିଏ ବିଦ୍ୟାଳୟରେ ଉତ୍ତୀର୍ଣ୍ଣ ହୋଇ ବିଦାୟ ନେଲେ । ତାଙ୍କ ସ୍ଥାନରେ ଆସିଲେ ଚନ୍ଦ୍ରଶେଖର ସୁବୁଦ୍ଧି, ଚନ୍ଦ୍ରଶେଖର ଓ ଯୁଧିଷ୍ଠିର ମୋ ଉପର ଶ୍ରେଣୀରେ ପଢୁଥିଲେ, ସେମାନଙ୍କ ପରେ ମୁଁ ହୋଇଗଲି ସେ ରୁମ୍‌ର ସିନିଅର୍ ।

ଯୁଧିଷ୍ଠିରଙ୍କ ଚିତ୍ରବିଦ୍ୟାରେ ଦକ୍ଷତା ନଥିଲା । କଣ୍ୱମୁନିଙ୍କ ଆଶ୍ରମରେ ପୁଷ୍ପ ଚୟନ କରୁଥିବା ଛବିରେ, ଶକୁନ୍ତଳା ଧରିଥିବା ଫୁଲ ଟାଙ୍ଗୁଡ଼ିର ପେଟଭାଗର ଦି'ମଙ୍ଗ ସମାନ ନହେବା ଆଶଙ୍କା କରି ଯୁଧିଷ୍ଠିର ସାହୁ ଗୋଟିଏ କାଗଜ କାଟି ଟ୍ରେସିଙ୍ଗ୍ କରିନେଇଥିଲେ । ଯୁଧିଷ୍ଠିରଙ୍କ ଅନ୍ୟ କୌଣସି ଚିତ୍ର ମୋ ମନଭିତରେ ନାହିଁ । ଅଳସୁଆମିର ଏକ ଅଦ୍ଭୁତ ମାନସିକତା । ମଦନବାବୁ ହୃଷ୍ଟପୁଷ୍ଟ ଲୋକ, ହସଖୁସିର ମଣିଷ । କଥା କହିଲା ବେଳେ ଅଧକ୍ଷ ଶରତଚନ୍ଦ୍ରଙ୍କ ଭଳି ଖିଲିଖିଲି ହୋଇ ହସି ଉଠନ୍ତି । ତାଙ୍କର ସମସ୍ତ ମାଂସପେଶୀରେ କମ୍ପନ ଖେଳିଯାଏ । ଖାଲିଦେହରେ ଚଳପ୍ରଚଳହେଲେ ମଦନମୋହନ ମଲ୍ଲବୀର ଭଳି ଦେଖାଯାନ୍ତି । ତାଙ୍କ ଚିତ୍ରରେ ମଣିଷମାନେ ମଧ୍ୟ ତାଙ୍କଭଳି ସ୍ୱାସ୍ଥ୍ୟବାନ୍ ଓ ମାଂସପେଶୀବହୁଳ, ଶରତଚନ୍ଦ୍ରଙ୍କ ମଣିଷ ଛବିଭଳି ଏନାଟମିସର୍ବସ୍ୱ । ମଦନଙ୍କ ବଡ଼ଭାଇ ଅରବିନ୍ଦ ଆଶ୍ରମର ଅରୋଭିଲ୍‌ର ନିର୍ମାଣରେ ସଂପୃକ୍ତ ଥିଲେ । ସେ ଜର୍ମାନୀରେ ଇଂଜିନିୟର ଭାବେ କାର୍ଯ୍ୟରତ ଥିଲାବେଳେ ମଦନଙ୍କ ପାଇଁ ଜର୍ମାନୀରୁ କ୍ୟାମେରା ଆଣିଦେଇଥିଲେ ଯେ

Digitized by srujanika@gmail.com

ଆର୍ଟକଲେଜର ପିଲାଙ୍କ ଦୃଷ୍ଟିପଡ଼ିଯିବ ବୋଲି ମଦନ କ୍ୟାମେରା ଖୋଳ ଉପରେ ଅଠା ଲଗେଇ ସରୁବାଲି ମଡ଼େଇ ଦେଇଥିଲେ । କାନ୍ଧରେ ଝୁଲେଇଲେ ପଥରଖଣ୍ଡେ ଝୁଲେଇଲା ପରି ଦେଖାଯାଉଥିଲା ।

ହଷ୍ଟେଲର ବିଧିବଦ୍ଧ ମେସ୍ ତ ନଥିଲା, ଯିଏ ଯାହାର ଏକୁଟିଆ, ଦି'ଜଣିଆ, ତିନିଜଣିଆ ଏକାଠି ରାନ୍ଧୁଥିଲେ । ସବୁ ରୁମ୍‌ରେ ଅଙ୍ଗାର ଚୁଲି, କାଠ ଅଙ୍ଗାର ବସ୍ତା, ଚାଉଳ ଡିବା ଓ ଡିକିଚି ପଣ ପଣ । ଏଗୁଡ଼ିକର ଉପସ୍ଥିତି ଓଡ଼ିଶାର ଏକମାତ୍ର କଳା ଅନୁଷ୍ଠାନର ନାନ୍ଦନିକ ମର୍ଯ୍ୟାଦାର ହାନି ପହଞ୍ଚଉଥିବାର ସନ୍ଦେହ କରି ମୁଁ ଗୋଟିଏ ଅଭିନବ କିଚେନ୍-ଆଲମିରା ଡିଜାଇନ୍ କରି ଗାଁରୁ ଆଣିଥିଲି । ମୋ ଭାଇନା ଲୋକନାଥ ପାଠୀ ଆଗରୁ ମ୍ୟାଜିକ୍ ଲଣ୍ଠନ ଭଳି ଯନ୍ତ୍ର ଆମ ଗାଁରେ ଉଦ୍‌ଭାବନ କରିଥିଲେ । ଏଣୁ ତାଙ୍କରି ସାହାଯ୍ୟରେ ଏହି ଆଲମିରାଟି ତିଆରି ହେଇଥିଲା । ରାସ୍ତାକଡ଼ ଉଠା ପାନଦୋକାନମାନଙ୍କରେ ଢାବଲରେ ତିଆରି ଯିମିତି ଥାକବାଲା ଆଲମିରା ବ୍ୟବହାର ହୁଏ ମୋଟାମୋଟି ସେଇ ନକ୍‌ସାରେ ଗଢ଼ା । ଏହି ଆଲମିରାରେ ଉପର ତଳହେଇ ତିନୋଟି ଥାକ ଥିଲା । ତଳଥାକ ଅପେକ୍ଷାକୃତ ଉଚ୍ଚା ଓ ଏଥିରେ ଭିତରପଟୁ ଟିଣ ଘେରିଆହେଇ ଅଙ୍ଗାର ଚୁଲିଟିଏ ଖଞ୍ଜା ହେଇଥିଲା । ଦ୍ୱିତୀୟ ଥାକରେ ଭାତ କିମ୍ବା ଡାଲି ଡିକିଚି ବସେଇ ଦେଲେ ଡିକିଚିର ତଳଅଂଶ ଥାକର ଗୋଲିଆ କଟାଭାଗ ଦେଇ ଚୁଲିମୁହଁ ଉପରେ ଯୋଖିହେଇ ରହୁଥିଲା । ଏଣୁ ଡିଜାଇନ୍ ପ୍ରକାରେ ତଳଥାକରେ ଅଙ୍ଗାର ଚୁଲି, ମଝିଥାକରେ ଭାତ, ଡାଲି ଡିକିଚି ଓ ଉପର ଥାକରେ ଡିବା ଡିବି ରହିବା ବ୍ୟବସ୍ଥା ଥିଲା । ମୋ ଉଦ୍ଦେଶ୍ୟ ଥିଲା ରୁମ୍ ଭିତରେ ପାକକାର୍ଯ୍ୟ ବଢୁଥିବା ବେଳେ ତାହା ବାହାରକୁ ଦୃଶ୍ୟ ହେଇଯାଉଥିବା ଫଳରେ ନାନ୍ଦନିକତାର ଯେଉଁ ଅବକ୍ଷୟ ହେଉଥିଲା ତାକୁ ଏହି ଉପାୟରେ ରୋକାଯାଇ ପାରିବ । କିନ୍ତୁ ଏହି ଡିଜାଇନ୍‌ଟି ବିଜ୍ଞାନସମ୍ମତ ହେଇ ନଥିବାରୁ କବାଟ ବନ୍ଦକରି ଦେବାମାତ୍ରେ ଜଳନ୍ତା ଚୁଲିକୁ ଅମ୍ଳଜାନ ମିଳିପାରୁନଥିଲା ।

ଯୁଧିଷ୍ଠିର ଓ ମଦନମୋହନଙ୍କ ଏକ ଦି'ଜଣିଆ ମେସ୍‌ଥିଲା । ସେମାନେ ଅଧକ୍ଷ ଶରତଚନ୍ଦ୍ରଙ୍କ ନଳ ରାନ୍ଧଣାରେ ପ୍ରଭାବିତ ହେଇ ପ୍ରତ୍ୟହ ହଳଦିଆ ଖେଚୁଡ଼ି ରାନ୍ଧୁଥିଲେ । ଆନ୍ଧ୍ର ଅଂଚଳରେ ଏହାକୁ ପୁଲିହାରମ୍ କହନ୍ତି । ସୀମିତ ବଜେଟ ଭିତରେ ଜନତା ପର୍ଯ୍ୟାୟର ଏହି ଖେଚୁଡ଼ି ଅତ୍ୟନ୍ତ କାକୁସ୍ଥ ହେବାକୁ ବାଧ୍ୟ । ଏଥିରେ କ୍ଷୀର, ମହୁ, ଘିଅ ଓ ଭଲଭଲ ଦାମିକା

Digitized by srujanika@gmail.com

ପନିପରିବା ଖୋଜିବା ଦୁଷର । ଖେଚୁଡ଼ି ସାମଗ୍ରୀ ଭିତରେ ଚାଉଳ, ମୁଗଡାଲି, ବଟୁରା ସୋଲା ନହେଲେ ସାଇବଡ଼ଚଣାର ଆନୁପାତିକ ସମିଶ୍ରଣରେ ପାକସିଦ୍ଧ କରାଯାଉଥିଲା । ସୁବାସିତ ମସଲା ପାଇଁ ଦି' ଚାରିଟା ଲବଙ୍ଗ, ପୁଞ୍ଜେ ଦି' ପୁଞ୍ଜା ଗୋଲମରିଚ ଏବଂ ଦଶବାର ତେଜପତ୍ର ବ୍ୟବହାର କରାଯାଉଥିଲା । ରାଣୀହଂସପୁରର ଅଧିକାଂଶ ପିଲା ଏଭଳି ସାତ୍ତ୍ୱିକ ଖାଦ୍ୟହିଁ ରାନ୍ଧୁଥିଲେ ।

ଭୋଜନ ସମୟ ହେଲେ ଯୁଧିଷ୍ଠିର ଓ ମଦନମୋହନ କାନ୍ଧରେ ଛୋଟିଆ ଛୋଟିଆ ଟର୍କିସ୍ ଟାୱାଲ୍ ମାନଧରି ଜଳରଙ୍ଗର ପେଲେଟ ପାଇଁ ଉଦିଷ୍ଟ କଲେଇକରା ଶୁଭ୍ରବର୍ଣ୍ଣ ଥାଳିରେ ଆଲୁମିନିୟମ୍ ଚାମଚ ସାହାଯ୍ୟରେ ଖେଚୁଡ଼ି ମଣୋହି କରୁଥିଲେ । ରନ୍ଧା ଶେଷହେଲା ପରେ ଚୌକୀ ଟେବୁଲରେ ବସି ସେ ଦୁହେଁ ଏତେ ଯତ୍ନରେ ଖେଚୁଡ଼ି ଖାଉଥିଲେ ଯେ ତେଜପତ୍ରଗୁଡ଼ିକ ବ୍ୟତୀତ ଥାଳିରେ କ୍ଷୁଦ୍ର ଖାଦ୍ୟ କଣିକାଟିଏ ବି ବଳୁନଥିଲା । କଲେଇକରା ଥାଳିରେ ଚାମଚ ଘୋଷାଡ଼ି ହେବାର ଶବ୍ଦ ପ୍ରାୟ ସବୁରୁମ୍‌କୁ ଶୁଣାଯାଉଥିଲା । ଅନ୍ୟ ବନ୍ଧୁମାନେ ଜାଣିଯାଉଥିଲେ ସେମାନଙ୍କ ଡିନର୍ ସରିଲା ।

ଦିନାକେତେ ଏମାନଙ୍କ ସହିତ ରହିଲାପରେ ମୋର ଅଡୁଆହେଲା । ଏ ଦୁଇଜଣଙ୍କର ଦୁଇଟି ମଶାରି ଥିଲା । ଶୋଇଲା ବେଳେ ସେମାନେ ମଶାରି ଟାଙ୍ଗୁଥିଲେ ଓ ମୁଁ ସେମିତି ପଙ୍ଖାତଳେ ବୀରଦର୍ପରେ ଶୋଇ ଯାଉଥିଲି । ଆମବେଳକୁ ନା ଥିଲା ଗୁଡ୍ ନାଇଟ୍ ନା କଚ୍ଛପ କଏଲ୍ । ଖଲିକୋଟର ବଣୁଆ ମଶା ବିଚରା ବ୍ରାହ୍ମଣ ପିଲାର ରକ୍ତ ପିଇ ଯାଉଥିଲେ । ଆଉ ମଶାଙ୍କ ଉପଦ୍ରବରୁ ଶୋଇବା ଯନ୍ତ୍ରଣାଦାୟକ ହେଇ ପଡୁଥିଲା । ମଶାରି କିଣିବା ପାଇଁ ସମ୍ବଳ ନଥିଲା, ମାନସିକତା ମଧ ନଥିଲା । ମୁଁ ଏବେ ପଡ଼ିଶା ରୁମ୍‌କୁ ନିଜ ଡେରା ସ୍ଥାନାନ୍ତରିତ କରିଦେଲି ଓ ଚନ୍ଦ୍ରଶେଖର ସୁବୁଦ୍ଧି ମୋ ସ୍ଥାନ ଦଖଲ କରିନେଲେ ।

ଚନ୍ଦ୍ରଶେଖର ସୁବୁଦ୍ଧି ଚିକିଟି ପେଣ୍ଠର କୁମୁଟି ସାହୁକାରଘର ପିଲା । ଥରେ ଅତିଥି ହେଇ ତାଙ୍କ ଘରକୁ ଯାଇଥିଲି ଯେ, ତାଙ୍କର ଆମ୍ମା ମୁଁ ବ୍ରାହ୍ମଣ ବୋଲି ଜ୍ଞାନକରି ରୂପାଥାଳିରେ ଘୃତ ଅନ୍ନ ପରଶିଲେ । ରୂପାଥାଳିରେ ଭୋଜନ କରିବା ଜୀବନରେ ସେଇ ମୋର ପ୍ରଥମ । ଖଲିକୋଟରେ ଚିତ୍ରପାଠ ପଢ଼ିଲାବେଳକୁ ଚନ୍ଦ୍ରଶେଖର ବିବାହ କରିସାରିଥିଲେ ଓ ତାଙ୍କର ସ୍କୁଲଯିବା ବୟସର ଦୁଇଟି ପୁଅ

Digitized by srujanika@gmail.com

ଥିଲେ । ଚନ୍ଦ୍ରଶେଖର ଡାହାଣ ମଣିବନ୍ଧରେ ଆୟତାକାର ଡାଏଲ୍‌ଥିବା ଘଣ୍ଟାପିନ୍ଧୁଥିଲେ ଓ ଷ୍ଟେନ୍‌ଲେସ୍ ଷ୍ଟିଲର୍ ଘଣ୍ଟାଚେନଟିର ଗୋଟିଏ ମଙ୍ଗ ସଦାସର୍ବଦା ମଣିବନ୍ଧରୁ ଝୁଲିରହି ଏକ ଅଳଂକାରର ଭ୍ରମସୃଷ୍ଟି କରୁଥିଲା । ଚନ୍ଦ୍ରଶେଖର ସୁବୁଦ୍ଧିଙ୍କ ଖଣ୍ଡା ନାକ, ସେ ଗେଡ଼ା ମଣିଷ କିନ୍ତୁ ସବୁବେଳେ ସାର୍ଟଇନ୍ କରି ପିନ୍ଧୁଥିଲେ । ସେ ମେଟ୍ରିକ ପାସ କରିଥିଲେ ଓ କଥାରେ କଥାରେ ଇଂଲିଶ ଚୋବାଉଥିଲେ । ତାଙ୍କ ହାତ ଖୁବ୍ ଚମତ୍କାର । ଉଭୟ ଜଳରଙ୍ଗ ଓ ତୈଳରଙ୍ଗରେ ତାଙ୍କର ପାରଦର୍ଶିତା ଥିଲେ ମଧ୍ୟ ସେ ଆଧୁନିକ କଳାର ପକ୍ଷପାତୀ ନଥିଲେ ।

ରାୟଗଡ଼ାର ଚିତ୍ରକାର ବଂଶର ରଘୁନାଥ ମହାପାତ୍ରଙ୍କ ସାଙ୍ଗରେ ମୁଁ ପଡ଼ିଶା ରୁମ୍‌ରେ ରହିଲି । ମହାପାତ୍ରେ ଖଲିକୋଟରେ ପଢ଼ିଲା ବେଳକୁ ବୟସରେ ମୋଠାରୁ ପନ୍ଦର କୋଡ଼ିଏ ବର୍ଷ ବଡ଼ ଥିଲେ । ମୋ ଭାଇନା ଲୋକନାଥ ପାଠୀଙ୍କ ସମାସ୍କନ୍ଦ । ମହାପାତ୍ରଙ୍କ ଉଭୟ ତଳି ପାଦରେ ପନ୍ଦର କୋଡ଼ିଏ ଲେଖା ମଶାଖିଆ ଥିଲା । ମଶାଖିଆର ଆବୁଯାକ ଚାଲିଲାବେଳେ ଚପଲ ଦେହରେ ଅହରହ ଚାପିହେଇ ଚପଲର ପିଠି କଡ଼ ଚମଡ଼ାରେ ଗାତଗୁଡ଼ିଏ ସୃଷ୍ଟି କରିଥିଲା । ଏଣୁ ମହାପାତ୍ରେ ଚାଲିଲାବେଳେ ଟିପେଇ ଟିପେଇ ଚାଲୁଥିଲେ । ଘଡ଼ିକି ଘଡ଼ି ହେଇ ଦିନଯାକରେ ପନ୍ଦର କୋଡ଼ିଏ ଥର ଚାହା ପିଉଥିଲେ । ତା ସାଙ୍ଗକୁ ଘନ ଘନ ବିଡ଼ି ମଧ୍ୟ ଫୁଙ୍କା ହେଉଥିଲା । ଏମିତିରେ ମହାପାତ୍ରେ କାଳିଆଲୋକ, ଧୂମ ପାନର ପ୍ରଭାବରେ ତାଙ୍କ ଓଠ ଦୁଇଟି ଆହୁରି କାଳିଆ ଦେଖାଯାଉଥିଲା ଏବଂ ଧୂମର ରାସାୟନିକ ପ୍ରତିକ୍ରିୟା ଫଳରେ ଦୁଇଓଠସନ୍ଧି ସାମାନ୍ୟ କାଞ୍ଚଳାବର୍ଣ୍ଣ ଧାରଣା କରିଥିଲା । ଚାହା ଯୋଗୁ ମହାପାତ୍ରଙ୍କ ଆଧାର କମିଯାଇଥିଲା । ମହାପାତ୍ରେ ଆଉ ମୁଁ ମିଶି ରୁମ୍‌ରେ ମେସ୍ କରିଥିଲୁ । ମହାପାତ୍ରେ ଚାଉଳ, ଡ଼ାଲି, ପରିବା କିଣୁଥିଲେ । ମୋର ଦାୟିତ୍ୱ ହେଲା ରୋଷେଇ କରିବା । ସ୍କୁଲଟା ଯାକର ଭଙ୍ଗା ଚୌକୀ ଟେବୁଲ ମରାମତି କରିକରି ମହାପାତ୍ରେ ନୟାନ୍ତ । ଏଣୁ ରାନ୍ଧିବା ପାଇଁ ସମୟ କୁଆଡୁ ପାଆନ୍ତେ ! ମୁଁ ମଧ୍ୟ ଡାଲି ଚାଉଳ କିଣିବା ପାଇଁ ପଇସା କୁଆଡୁ ପାଆନ୍ତି । ଏଣୁ ଆମ ମେସ୍ ମଣିକାଞ୍ଚନ ସଂଯୋଗ ଭଳି ହେଇଥିଲା । କିନ୍ତୁ ମୋର ଅତ୍ୟଧିକ ଲୋଭ ଏବଂ ମାତ୍ରାଧିକ ଆଧାର ଆହରଣ ଯୋଗୁ ଦ୍ୱୈତ ମେସ୍‌ର ସାଧାରଣ ନିୟମ ବାରମ୍ବାର ଭଙ୍ଗହେଲା । ମହାପାତ୍ରେ ଗୁଣ୍ଡେ ଦି' ଗୁଣ୍ଡା ଖାଇଲେ ତାଙ୍କ ପେଟ ପୂରିଯିବା ସ୍ୱାଭାବିକ । ମୋର ଜଠରାଗ୍ନିକୁ ଶାନ୍ତକରିବା ପାଇଁ ମାମୁଲି ଭୋଜନ ସାଙ୍ଗକୁ ଦୋହଡ଼ା ମଧ୍ୟ ଖାଇବା ଜରୁରୀ ହେଉଥିଲା । ଏଣୁ ମହାପାତ୍ରେଙ୍କ

Digitized by srujanika@gmail.com

ଚାରଣାଭାଗ ବେଳକୁ ମୋର ହେଇଯାଉଥିଲା ବାରଣା । ଏମିତିରେ ମେସ୍ କ'ଣ କୌଣସି ହେଲେ ଯୌଥ ବ୍ୟବସାୟ ତିଷ୍ଠିରହିବା ଅସମ୍ଭବ । ଶେଷରେ ମହାପାତ୍ରେ ମୋ ବ୍ୟବହାରରେ ଅତିଷ୍ଠ ହେଇ ପଡ଼ିଲେ ଓ ମହାପାତ୍ର-ପାଠୀ ମେସ୍ ଭାଙ୍ଗିଗଲା ।

ମୋର ଜଳରଙ୍ଗର ଭୂଦୃଶ୍ୟ ଚିତ୍ରଗୁଡ଼ିକ ଦେଖି ମହାପାତ୍ରେ ଖୁବ୍ ଖୁସି ହେଉଥିଲେ । ପରୀକ୍ଷା ପୂର୍ବରୁ କ୍ଲାସ୍‌ୱାର୍କ ଦେବା ଦରକାର ହେବାରୁ ମହାପାତ୍ରେ ମୋ ସାଙ୍ଗରେ ନେଚର୍‌ଷ୍ଟଡ଼ିରେ ଯିବାପାଇଁ ଇଚ୍ଛା କଲେ । ମହାପାତ୍ରେ ମୋଠାରୁ ଅଭିବ୍ୟଞ୍ଜନାତ୍ମକ ଧାରାର ଚିତ୍ର ଶିଖିବାପାଇଁ ଚାହୁଁଥିଲେ । ଏହି ଧାରାର ଚିତ୍ରରେ ସମଗ୍ରକାଗଜ ବର୍ଣ୍ଣର ପ୍ରଲେପ ଦ୍ୱାରା ଆଚ୍ଛାଦିତ ହୁଏ ନାହିଁ । ପ୍ରତୀକାତ୍ମକ ଭାବରେ ବିଭିନ୍ନ ରଙ୍ଗକୁ କାଗଜର ବିଭିନ୍ନଅଂଶରେ ଆବଶ୍ୟକମତେ ଚପେଇ ଦିଆଯାଏ । ଫଳରେ ଠାଏଁ ଠାଏଁ କାଗଜର ଧଳା ଅଂଶ ଛାଡ଼ି ହେଇଯାଏ । ଅଥଚ ଛବିଟି ଅସଂପୂର୍ଣ୍ଣ ମନେ ନହେଇ ପୂରିଲା ପୂରିଲା ଲାଗେ । ଦିନେ ସକାଳୁ ସକାଳୁ ରନ୍ଧାବଢ଼ା ସାରି ଦୁଇଟି ଡିକିଚିରେ ଘୋଟଣା ଧରି ନେଚର୍‌ଷ୍ଟଡ଼ି କରିବାପାଇଁ ଆମେ ବାହାରିଲୁ, ଟିଫିନ୍ କେରିଅର କିଭଳି ବସ୍ତୁ ଆମେ ଜାଣିନଥିଲୁ । ମୁଁ ହେଣ୍ଡମେଡ୍ ପେପର ଉପରେ ଖୁବ୍ ଦୃଢ଼ଭାବରେ ତୂଳୀ ସଂଚାଳନା କରି ଅଭିବ୍ୟଞ୍ଜନା ଧାରାର କିମିତି ଭୂଦୃଶ୍ୟ କରାଯାଏ ତାହା ମହାପାତ୍ରେଙ୍କୁ ଦେଖେଇ ଦେଲି । ସିଏ ଚିତ୍ରକୌଶଳ ଧରିପାରିଲେ ନାହିଁ । ଲିହଣ ବାରସି ଧରି ଧରି ତାଙ୍କ ହାତରେ ଲାବଣ୍ୟ ନଥିଲା । ବାରସିରେ କାଠ ଚାଞ୍ଛିଲା ଭଳି ସିଏ ଏଠି ସେଠି ତୂଳୀ ଘୂରେଇ ଆଣିଲେ । କିନ୍ତୁ ଉତ୍ସାହିତ ହେଇ ଚାରିଖଣ୍ଡ ଭୂଦୃଶ୍ୟର ଚିତ୍ର ଦି'ଘଣ୍ଟାରେ କରି ପକେଇଲେ । ମହାପାତ୍ରେ ଖୁବ୍ ଅମାୟିକ ଓ ସରଳ । ବୋଧହୁଏ ମହାପାତ୍ରେ ମୋଠାରୁ ଯାହା ଶିକ୍ଷାକରି ପାରିନଥିଲେ ତାଙ୍କ ପୁଅ ସନ୍ତୋଷ ମୁଁ ଭୁବନେଶ୍ୱରରେ କଳା ମହାବିଦ୍ୟାଳୟରେ ଅଧକ୍ଷ ଥିଲାବେଳେ ସେତକ ଓ ତା'ଠାରୁ ବଳି ଆଉ ଅଧିକା କିଛି ଶିଖିପାରିଲା । ସନ୍ତୋଷର ମୁହଁକୁ ଦେଖିଲେ ମହାପାତ୍ରେ ଓ ଆମ ମେସ୍ କଥା ମନେ ପଡ଼ିଯାଉଥିଲା । ରଘୁନାଥ ମହାପାତ୍ରେଙ୍କ କୋ ଦିନଠୁଁ ଦେହାନ୍ତ ହେଇସାରିଛି ।

ଭାସ୍କର ସ୍ୱାମୀ ରାଣୀହଂସପୁରର ଜଣେ ଟାଣୁଆ ଛାତ୍ର, କାଳିଆ ଡେ଼ଙ୍ଗା, ଧଡ଼ଧଡ଼ିଆ । ଦାସିରୀ ସଂପ୍ରଦାୟର ପିଲା । ଏମାନଙ୍କ ପୂର୍ବପୁରୁଷ ନୃସିଂହ

Digitized by srujanika@gmail.com

ମହାପ୍ରଭୁଙ୍କ ପାଇଁ ଶିତଳ ମାଗୁଥିଲେ । ଗଂଜାମ, କୋରାପୁଟ ଓ ଶ୍ରୀକାକୁଲମ୍ ଅଞ୍ଚଳରେ ଏମାନଙ୍କ ଚଳପ୍ରଚଳ ବେଶି । ଦଳର ମୁଖିଆ ଦି'ହାତରେ ଦି'ଟା ପିତଳ ଦିହୁଡ଼ି ଧରି ନିଆଁହୁଲାକୁ ଛାତିଉପରେ ଗଡ଼େଇ ଆଣୁଥିବ, ଦେଖଣାହାରୀଙ୍କ ଆଖି ଖୋସିହେଇ ଯାଉଥିବ । ଲାଗୁଥିବ ଲୋକଟି ଜଳିଯାଉଛି କିନ୍ତୁ ବାସ୍ତବରେ ଚମରେ ନା ଚିଙ୍କା ଲାଗିବ ନା ଫୋଟକା ହେବ । ଆଉ ଜଣେ କାନ୍ଧରେ ଭାରଟିଏ ଧରିଥିବ, ଭାରର ଗୋଟିଏ ମଙ୍ଗରେ ପିତଳ ବାଲତି ଓ ଅନ୍ୟ ମଙ୍ଗରେ ପିତଳ ଥାଳି । ପିତଳଥାଳିଟି ତରାଜୁ ଯିମିତି ଝୁଲିଥାଏ ସିମିତି ଝୁଲିରହିଥିବ । ଥାଳି ଉପରେ ଜଡ଼ାତେଲର ବଡ଼ ମାଟିଦୀପଟିଏ ହୁତ୍ ହୁତ୍ ହେଇ ଜଳୁଥିବ । ଦୀପ ପାଖରେ ଜଡ଼ାତେଲର ଘଡ଼ିଟିଏ ବସିଥିବ । ଦଳର ତୃତୀୟ ଲୋକଟି ପିତଳ ଝାଞ୍ଜଧରି ରାଉଁ ରାଉଁ ବଜଉଥିବ ଆଉ ଗଣଗଣିଆ ଗଳାରେ ମନରୁ ଭାଙ୍ଗି ଗୀତ ବୋଲୁଥିବ । ଏ ନରସିଂଦେବତା, ଏ ଜଡ଼ା ଦେଲେ, ଏ ଗିଅ (ଘିଅ) ଦେଲେ । ପଧାନ ଘର ଯଦି ଚାଉଳ ଦିଅନ୍ତି ତା' ହେଲେ ସିଏ ତା ଗୀତରେ ଯୋଡ଼ି ଗାଇବ, ଏ ପଧାନ ଗର ଚାଉଳଦେଲେ ନରସିଂ ବା ନୃସିଂହ ଦେବତା, ରାଉଁ ରାଉଁ, ଏ ନରସିଂ ଦେବତା । ପଧାନ ଘର ପାଖ ତେଲି ଘର ଯଦି କିଛି ଶିତଳ ନ ଦିଅନ୍ତି ସେ ତା ଗୀତ ଭିତରେ ଭଣତା କରି ତେଲିଘର ଉପରେ ତା ଆକ୍ରୋଶ ସାଧିବ । ତେଲିଗର ବୁଢ଼ା ମରୁ । ଏ ନରସିଂହ ଦେବତା, ଏ ରାମରାଘବା । ପ୍ରଜ୍ଜ୍ୱଳିତ ଦୀପଶିଖାହିଁ ସାକ୍ଷାତ ନରସିଂ ଦେବତାଙ୍କ ସ୍ୱରୂପ, ଭଗବାନ ବିଷ୍ଣୁଙ୍କର ଚତୁର୍ଥ ଅବତାର । ଝାଞ୍ଜ ରାଉଁ ରାଉଁ ହେଇ ବାଜୁଥିବ, ଗାଁ ଭିତରେ ଭକ୍ତିମିଶା ଦ୍ରସ୍ତତା ଖେଳିଯାଉଥିବ । କପାଳରେ ସେମାନେ ରାମାନନ୍ଦୀ ତିଳକ ଧାରଣ କରିଥିବେ । ଇଂଲିଶ 'ୟୁ' ଭଳି ଧଳାଖଡ଼ିର ଉର୍ଦ୍ଧ୍ୱାୟିତ ଦୁଇଟି ରେଖା, ମଝିରେ କମଳାରଙ୍ଗର ଏକଗୋଡ଼ିଆ ଚିତା । ଠାକରା ଗାଲଉପରେ ହଳେ ପ୍ରହଲ୍ଲାଦ ନାଟକର ହିରଣ୍ୟର ନିଶ ଭଳି ନିଶ । ଗଳାରେ ବିଭିନ୍ନ ବର୍ଣ୍ଣର ଗୋଛାଏ କାଚ ଓ କାଇଁଚର ମାଳି ।

ଭାସ୍କର ସ୍ୱାମୀ ଆସିକା ଡ୍ରଇଁମାଷ୍ଟ୍ରେ ହରିଶରଣ ମହାପାତ୍ରଙ୍କ ପ୍ରିୟତମ ଛାତ୍ର । ଚମତ୍କାର ରିଏଲଷ୍ଟିକ୍ ହାତ । ସିଏ ଷାଠିଏ ଦଶକରେ ଫୋଟ ରିଏଲିଜମ୍‌ର ଯେଉଁ ଚିତ୍ର ଆଙ୍କୁଥିଲେ, ଏବର ଧାରାରେ ତାକୁ ଉତ୍ତରଆଧୁନିକ କୁହାଯିବ । ଚିତ୍ରକଳାରେ ପୁରୁଣା କିମିତି କିଛିଦିନ ପରେ ପୁଣି ନୂଆହେଇ ଦେଖାଦିଏ ଇଏ ତାର ଜ୍ୱଳନ୍ତ ଉଦାହରଣ । କଳାଜଗତରେ ଶୈଳୀ ବାରମ୍ବାର ବଦଳୁଛି । ପୁରୁଣା ନୂଆ ହେଉଛି । ନୂଆ ପଛକୁ ଫେରିଯାଉଛି । ସିଏ ଜଳରଙ୍ଗରେ ଆଙ୍କିଥିବା ରସଲକୋଣ୍ଡା

Digitized by srujanika@gmail.com

ଘାଇର ଚିତ୍ର ଏବେ ବି ମୋ ଆଖି ଆଗରେ ନାଚି ଯାଉଛି । ବିସ୍ତୃତ ଜଳଭାଗ ଉପରେ ପବନର ମୃଦୁ ସଞ୍ଚାଳନରେ ଉକୁଟି ଉଠୁଥିବା କୁନିକୁନି ଲହଡ଼ା, ଘାଇ ହୁଡ଼ାର ଗୋଟି ଗୋଟି ପଥରଖଣ୍ଡ, ଗୋଡ଼ି କଙ୍କରର ସତ୍ୟନିଷ୍ଠ ପ୍ରକାଶ ଚିତ୍ରଟିକୁ ଅନନ୍ୟ କରିଦେଇଥିଲା । ତାଙ୍କର ସାନ ଭଉଣୀ ଲାବଣ୍ୟ ଆମ ତଳ କ୍ଲାସରେ ପଢୁଥାଏ । କଟକୀ ପିଲାଙ୍କ ଆକ୍ରୋଶ ଭଉଣୀର ଚରିତ୍ର ଉପରେ ଯିମିତି ଆଞ୍ଚ ନଆଣୁ ସେଥିପ୍ରତି ସେ ନିଜେ ସଚେତନ ଥିଲେ ଓ ଆମମାନଙ୍କୁ ମଧ ଦୃଷ୍ଟି ଦେବାପାଇଁ ତାଗିଦା ଦେଇଥିଲେ । ଭାସ୍କର ତଳକ୍ଲାସର୍ ଅଧିକାଂଶ ପିଲାଙ୍କ ଛବିରେ ହାତ ଲଗଉଥିଲେ । ଏହା ତାଙ୍କ ନେତୃତ୍ୱକୁ ପାକଳ କରିବାରେ ସାହାଯ୍ୟ କରୁଥିଲା ।

ରାଣୀହଂସପୁରରେ ତିନି ଚାରି ଆଚାରୀ ଥିଲେ, କୃଷ୍ଣଚନ୍ଦ୍ର, ଲକ୍ଷ୍ମୀନାରାୟଣ, ଆଉ ଶ୍ରୀରାମଲୁ । ସମସ୍ତେ ବଇଠାରୁ ଘର ପିଲା । ଖଲି ଆଚାରୀ ହଷ୍ଟେଲରେ ରହୁନଥିଲେ ମଧ ଏମାନଙ୍କ ସହିତ କ୍ଷୀରନୀର ସଂପର୍କ ଥିଲା । ଖଲି ଆଚାରୀ ସିଏ ଆଙ୍କିଥିବା ଆଲେଖ୍ୟ ତଳେ ଲେଖକ ଶ୍ରୀଖଲି ଆଚାରୀ ଲେଖି ଦେଇଥିବାରୁ ତାହା ଏକ ଚର୍ଚ୍ଚାର ବିଷୟ ହେଇଯାଇଥିଲା । କଟକୀ ପିଲାମାନେ ତାଙ୍କୁ ଆଡ଼ ଆଖିରେ ଦେଖୁଥିଲେ । ମୁଁ ଚିତ୍ର ସଂପର୍କରେ ଗବେଷଣା କଲାପରେ ବୁଝୁଛି ଯେ ଲେଖା, ଲିଖନ ବିଦ୍ୟା ବା ଲେଖନ ବିଦ୍ୟା ହେଉଛି ଚିତ୍ରବିଦ୍ୟା । ଲେଖାରୁ ଆଲେଖ୍ୟ ଓ ତାଳପତ୍ର ପୋଥିର ଶିଳ୍ପୀ ହେଉଛନ୍ତି ଲେଖନକାର । ଏଣୁ ଚିତ୍ରଶିଳ୍ପୀମାନେ ନିଜକୁ ଲେଖକ ବୋଲାଇବାରେ କିଛି ଆପତ୍ତି ନାହିଁ । ରାଣୀହଂସପୁରର କୌଣସି ଆଚାରୀ ଚିତ୍ରରେ ସିମିତି କିଛି ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିନଥିଲେ ମଧ, ଆଚାରୀ ସଂପ୍ରଦାୟର ମଉଡ଼ମଣି ଗଂଜାମ ପିତଳର ଲକ୍ଷ୍ମୀନାରାୟଣ ଆଚାରୀଙ୍କ ଓଡ଼ିଶାର ମଞ୍ଚକଳାକୁ ଅବଦାନ ସ୍ମରଣା କଲେ ଗର୍ବବୋଧରେ ଛାତି କୁଣ୍ଢେମୋଟ ହେଇଯିବ । ସାଇକ୍ଲୋରମା ଲଗେଇ ଆକାଶରେ ଜହ୍ନ ଉଏଁଇବା , ମଞ୍ଚଉପରେ ଶୁଖିଲା ଭୂଇଁରେ ନଈବଢ଼ିର ଭୟାବହତା ଦେଖେଇବା ବା କାରଖାନା ଚିମିନୀରୁ କଳାଧୂଆଁ ବାହାର କରେଇବାର ଓସ୍ତାଦ୍ ହେଲେ ଲକ୍ଷ୍ମୀନାରାୟଣ ଆଚାରୀ ।

ଭୀମସେନ ମହାରଣା, ଫକୀର ମଲିକ, ଚନ୍ଦ୍ରଶେଖର ରାଓ, ଦେବରାଜ ସାହୁ, ରାମକୃଷ୍ଣ ସୁବୁଦ୍ଧି ଓ ରଙ୍ଗନାଥ ସାହୁ ରହୁଥିବା ରୁମ୍‌ଟି ରାଣୀହଂସପୁରର ଦର୍ପଣ । ହଷ୍ଟେଲ୍ ଭିତରେ ଖୁବ୍ ନାମଜାଦା ରୁମ୍ । ଚିତ୍ର, ଭାସ୍କର୍ଯ୍ୟ, ଅଭିନୟ, ସଂଗୀତ ଓ ରନ୍ଧାବଢ଼ାରେ ସେମାନେ ବାସ୍ତବିକ୍ ଚମକେଇ ଦେଉଥିଲେ । ଏସବୁ ସୃଜନକଳାର ଅନ୍ତର୍ଛନ୍ଦ ଥିଲା ସୌନ୍ଦର୍ଯ୍ୟବୋଧ ଓ ସାବଲୀଳ ଭାବ । ମୋଟାମୋଟି ସମସ୍ତଙ୍କ

Digitized by srujanika@gmail.com

କଥାଭାଷା ଓ ଚାଲିଚଳନରେ ଥିଲା ନାରୀସୁଲଭ ଚପଳତା ଓ ଅନ୍ୟକୁ ଆପଣେଇ ନେବାର ଦକ୍ଷତା । ଏଣୁ ସେମାନେ ଥିଲେ ସମସ୍ତଙ୍କ ପ୍ରିୟ । ଚନ୍ଦ୍ରଙ୍କୁ ଛାଡ଼ି ଅନ୍ୟମାନେ ଗଂଜାମ ଜିଲ୍ଲାର ପିଲା ନହେଇ ରାଣୀହଂସପୁରର ସବୁଠାରୁ ବଡ଼ରୁମ୍ ମାଡ଼ିବସି ପାରିଥିବାରୁ ସେମାନଙ୍କ ଆସ୍ପର୍ଦ୍ଧା ଥିଲା । ଏହି ରୁମ୍‌ରେ ଦୁଇଟି କବାଟ ଆଉ ଦୁଇଟି ଚୁଲି, କିନ୍ତୁ ଭାବ ଥିଲା ଗୋଟିଏ । ଗୋଟିଏ ଚୁଲିରେ ଭୀମସେନ ଓ ଫକୀର, ଅନ୍ୟଟି ବଳକା ପିଲାଙ୍କ ଅକତିଆରରେ ଥିଲା । କିମିତି କ'ଣ ରନ୍ଧାହେଉଥିଲା କେଜାଣି ତୁଣମାନଙ୍କର ମହମହ ବାସନା ଯେ କେହି ପିଲାକୁ ତାଙ୍କ ଦୁଆର ପାଖରେ ଦଣ୍ଡେ ଅଟକେଇ ଦେଇ ପାରୁଥିଲା ।

ସେମାନଙ୍କ ଘରକରଣା କରାମତି ସାଙ୍ଗରେ ଆଛା ଆଛା ଗାଁ ମାଇପେ ବି ପାସଙ୍ଗରେ ପଡ଼ିବେନି । ସକାଳୁ ସଅଳ ଉଠିପଡ଼ି ବାସନ କୁସନ ପାଉଁଶ ଦେଇ ମଜାଧୁଆ କରିବା, ଅଙ୍ଗାର ଚୁଲି ରେ ଗୋବର ମାଟି ଲିପି ଚୁଞ୍ଚଦେବା, ଚୁଲି ପାଟଅଗଣାକୁ ଉଠେଇ ଆଣି ନିଆଁଧରେଇ, ଅଙ୍ଗାର ଧୂଆଁ ନିଗିଡ଼ି ଗଲାପରେ ପୁଣି ରୁମ୍‌ଭିତରକୁ ଆଣି ରନ୍ଧା ଆରମ୍ଭ କରିବା, ଚାଉଳରୁ ଧାନ, ଗୋଡ଼ି ବାଛିବା, ଜାଇ ପାଣେଇବା, ପନିକିରେ ପନିପରିବା ତୁଣଲାଖି ହିସାବରେ କାଟିବା, ସବୁଥିରେ କଳାତ୍ମକତାର ସ୍ପର୍ଶ, ସବୁଥିରେ ଅଦ୍ଭୁତ ଛନ୍ଦ, ସବୁଥିରେ ଜଣେ ସୁନିପୁଣା ଗୃହକର୍ତ୍ତ୍ରୀଙ୍କ ପାକଳ ଅନୁଭବର ଅଭିବ୍ୟକ୍ତି । ହଷ୍ଟେଲ ରୁମ୍ ମଧ୍ୟ ଘରଠୁ ବଳି ସାଜ ସରଂଜାମରେ ଭର୍ତ୍ତି । କିସମ କିସମର । ଅଡ଼ଙ୍ଗା, ନରକୋଳିଠାରୁ ବରକୋଳି ଯାଏଁ ଆଚାର, ସବୁବେଳେ ଭରାଭର । ପୁଣି ଅମୂଲ ଡିବା ମାନଙ୍କରେ, ହର୍‌ଲିକସ୍ ବୋତଲମାନଙ୍କରେ ଜାତି ଜାତିକା ବଡ଼ି, ଲିଆ,ରାଶି, କଖାରୁଠୁ ଆରମ୍ଭ କରି ଫୁଲବଡ଼ି ଓ ମଞ୍ଜିବଡ଼ିଯାଏଁ, ଆପଡ଼ାଲୁ, ମଞ୍ଜିବିହୀନ ତେଲଲୁଣ ଦେଇ କସା ହେଇଥିବା ଦି'ତିନିବର୍ଷର ପୁରୁଣା ତେନ୍ତୁଳି, ଆମ୍ବୁଲ, ଅବେଳରେ ପାଟିରେ ପକେଇବା ପାଇଁ ଦାନ୍ତିକୁଲୁ, ରାଶିଲଡୁ, ଖୁରୁମା ପ୍ରଭୃତି ଟୁଣୁକା ଟୁଣୁକି ମଧ୍ୟ ଏଠି ମିଳିଯାଏ । ହଷ୍ଟେଲ୍‌ଯାକର ପିଲା ଅକାଳେ ସକାଳେ ଏଇଠି ହାଜର ହେଉଥିଲେ । ଏମାନେ ଛୁଟି ସାରି ଘରୁ ଫେରିଲାବେଳେ ସେମାନଙ୍କ ମାଁ, ଭଉଣୀ ମାଉସୀ ପିଉସୀମାନେ ବନେଇ ଚୁନେଇ, ଖୋଜାଲୋଡ଼ା କରି ପିଲେ ଖାଇବେ ବୋଲି ଦରବ ଚାଖଣା ଦେଇଥାନ୍ତି । ଝିଅଟିଏ ମାଁ ଘରୁ ବିଦାଗୀ ନେଇ ଶାଶୁଘର ଗଲାବେଳେ ଯିମିତି ନାନା ହେପାଜତ କରି ଯୋଗାଡ଼ ଆଣେ ସିମିତିକା କଥା ।

Digitized by srujanika@gmail.com

ଚନ୍ଦ୍ର ଓ ଦେବରାଜ ସାଙ୍ଗରେ ବନ୍ଧୁତା ଗହିରିଆ ହେଇ ଆତ୍ମିକ ସ୍ତରରେ ପହଞ୍ଚିଥାଏ । ଦେବରାଜ ରଣପୁରିଆ ଏବଂ ଭୀମସେନ ଓ ଫକୀର କଟକିଆ ହେଲେ ବି ଗଂଜାମୀ ହଷ୍ଟେଲରେ ରହୁଥାନ୍ତି । ଯିମିତି କଥାରେ କଥାରେ କୁହାଯାଏ, ଯାହାକୁ ଯିଏ ରସିଲା, ସେତ କିଆଫୁଲ ପରି ବାସିଲା । ଏହି ରୁମ୍‌ରେ ରହୁଥିବା ପିଲାଙ୍କ ଭିତରେ ପାଣି ନଗଳିବା ବନ୍ଧୁତା । ଫକୀର ମୋ କ୍ଲାସରେ, ଅନ୍ୟମାନେ ବୋଇଲେ ଚନ୍ଦ୍ର, ଦେବରାଜ ଓ ଭୀମ ସମସ୍ତେ ଉପର କ୍ଲାସରେ । ସେମାନେ ସମସ୍ତେ ମୋତେ ଭଲପାଇ ବସିଥାନ୍ତି ଓ ମୋ ଆର୍ଥିକ ଦୁରବସ୍ଥା ପ୍ରତି ସେମାନଙ୍କ ସହାନୁଭୂତି ଥାଏ । ରାତିବେଳା ଅଧିକାଂଶ ଦିନ ତାଙ୍କ ରୁମ୍‌ରେ ହିଁ ମୋ ଭୋଜନ ବଢ଼େ । ବ୍ରାହ୍ମଣ ପିଲାଏ ଭୋଜନ ପାଇଁ ସଦାକାଳେ ବ୍ୟଗ୍ର ଓ ବିକିଳିଆ । ମୁଁ ବ୍ରାହ୍ମଣ ପିଲାଟେ ହେଇ ଏଥିରୁ ବା କିମିତି ବାଦ୍ ପଡ଼ନ୍ତି । ସ୍ୱାଦିଷ୍ଟ ବ୍ୟଞ୍ଜନର ଲୋଭ, ତା'ସହିତ ସ୍ନେହଆଦରମିଶା ବ୍ୟବହାର ମୋତେ ଆବିଷ୍ଟ କରି ରଖିଥାଏ । ଭୋଜନ ସହିତ କଥାଭାଷାର ପରିଧି ଲମ୍ବିଯାଏ ଓ ମୁଁ ବେଳେବେଳେ ସେଇଠି କେଉଁଠି କାହାର ହେଲେ ଖଟରେ ରାତିଟି କଟେଇ ଦିଏ । ଆମେ ପରସ୍ପର ଦୁଃଖସୁଖ ଭିତରେ ଏମିତି ଛନ୍ଦି ହେଇ ଯାଇଥାଉ ଯେ କାହାର ନା କାହାର ଘରକୁ ଯାଇ ଦଶହରା, ଶୀତଛୁଟି ନହେଲେ ଖରାଛୁଟି କଟେଇବା ପାଇଁ ନିମନ୍ତ୍ରଣ ଥାଏ । ମୁଁ ସେମାନଙ୍କ ପରିବାରଲୋକଙ୍କ ନିକଟରେ ମୋ ବନ୍ଧୁମାନଙ୍କ ମାଧ୍ୟମରେ ପରିଚିତ ବି ହେଇସାରିଥାଏ । ବ୍ରାହ୍ମଣ ପିଲାଟାକୁ କିଛିଦିନ ଘରେ ରଖି ଖାଇବା ପିଇବାକୁ ଦେଇ ପୁଣ୍ୟ ଅର୍ଜିବା ପାଇଁ ସେମାନେ ମନରେ ପାଞ୍ଚିଥାନ୍ତି । ମୁଁ ଦାଢ଼ି ରଖିଥିବାରୁ ମୋତେ ସେମାନେ ଡାକୁଥାନ୍ତି ବାବାଜୀ ।

ଦେବରାଜର ମା ଓ ଚନ୍ଦ୍ରର ଆମ୍ମା ମୋତେ ପାଖରେ ବସେଇ ବଳେଇ ବଳେଇ ଖାଇବାକୁ ଦିଅନ୍ତି । ବଡ଼ିଚୂରାଟିକିଏ, ବାଇଗଣ, ଜହ୍ନି ନହେଲେ ଭେଣ୍ଡି ପୋଡ଼ାରୁ ଟିକେ, ମଞ୍ଜିବଡ଼ି ସେକା ନହେଲେ ମୁନିଗା ଚଟଣି ଭଲପାଏ ବୋଲି ମୁଁ ଖାଇବସିଥିବା ଭିତରେ ପାଖରେ ଆଣି ଡାଟିଆରେ ଥୋଇ ଦେଇ କହନ୍ତି ''ପୁଅ ଖା, ଲାଜ କରନା ।'' ଅନାବିଳ ମାତୃସ୍ନେହ ମାତୃସ୍ତନ୍ୟ ପାନରେ ନହେଲେ ଏମିତି ହାତରନ୍ଧା ସାମଗ୍ରୀ ଭିତରେ ସଞ୍ଚରିଯାଏ । ମୁଁ ପାରିବାରିକ ଆସକ୍ତି ଓ ବନ୍ଧନରେ ବାନ୍ଧିହେଇଯାଏ ।

ସନ୍ଧ୍ୟାବେଳ ଗଡ଼ିଗଲେ ଚନ୍ଦ୍ର ଓ ଦେବରାଜ ରହୁଥିବା ରୁମ୍ ସଂଲଗ୍ନ ବାରଣ୍ଡା ମଞ୍ଚ ପାଲଟି ଯାଏ ଏବଂ ବାରଣ୍ଡା ତଳ ପାଟଅଗଣା ରଂଗଭୂମିରେ

Digitized by srujanika@gmail.com

ପରିବର୍ତ୍ତିତ ହେଇଯାଏ । ସମଗ୍ର ରାଣୀହଂସପୁର ଏକ ପ୍ରେକ୍ଷାଳୟ ଭଳିଲାଗେ । ଶୁକ୍ରବାର ସନ୍ଧ୍ୟାରେ ଅଧକ୍ଷ ଶରତଚନ୍ଦ୍ର ନିଜ ପରିବାର ସଙ୍ଗେ ସମୟ କଟେଇବା ପାଇଁ ବ୍ରହ୍ମପୁର ବାହୁଡ଼ି ଯାଆନ୍ତି ଆଉ ତାଙ୍କ ଅନୁପସ୍ଥିତିରେ ରଂଗଭୂମି ଚଳଚଞ୍ଚଳ ହେଇ ଉଠେ । ସେମାନଙ୍କ ରହିବା ରୁମ୍‌ଟି ହେଇଯାଏ ଗ୍ରୀନ୍ ରୁମ୍ । ଦୁଇଟି କବାଟରୁ ଗୋଟିଏ ଚରିତ୍ରମାନଙ୍କ ପାଇଁ ପ୍ରବେଶ ପଥ ଓ ଅନ୍ୟଟି ପ୍ରସ୍ଥାନ ଦ୍ୱାର । ଅଭିନୟ ମାଧମରେ ଯାହାସବୁ ପ୍ରଦର୍ଶନ କରାଯାଏ ତାହାକୁ ଏବର ଟେଲିଭିଜନ୍ ଭାଷାରେ କ୍ଳିପିଙ୍ଗ୍‌ସ୍ କୁହାଯିବା ଯଥାର୍ଥହେବ । ଏହି କ୍ଳିପିଙ୍ଗ୍‌ସ୍ ର ସମସ୍ତ ଚରିତ୍ର ନାରୀ, ମୁଖ୍ୟଭୂମିକାରେ ଚନ୍ଦ୍ରଶେଖର, ଦେବରାଜ, ରାମକୃଷ୍ଣ । ଦର୍ଶକ ଓ ବିଚାରକମାନଙ୍କ ଆଗରେ ରେମ୍ପରେ କେଟ୍‌ୱାକ୍ କଲାଭଳି ଏମାନେ ପ୍ରଥମେ ସହରୀ, ଗାଉଁଲୀ ତଥା ଅତ୍ୟାଧୁନିକା ନାରୀର ବେଶପୋଷାକ ପିନ୍ଧି ଗୋଟିଏ ଦୁଆରୁ ବାହାରି କେଟ୍‌ୱାକ୍ କରି କରି ଅନ୍ୟ ଦୁଆରେ ପଶିବେ । ମଝିରେ ମଝିରେ ନିଦା ଭାସ୍କର୍ଯ୍ୟ ଭଳି ସ୍ଥିର ହେଇଯାଇ ଦର୍ଶକଙ୍କ ଆଡ଼କୁ କଟାକ୍ଷପାତ କରିବେ, ସ୍ତନ, ନିତମ୍ବ ଓ ଜଘନ ସାମାନ୍ୟ ସଞ୍ଚାଳନ କରିବେ, ଲାଗିବନି ମିଛିମିଛିକା ସଢ଼େଇରେ ତିଆରି ସ୍ତନଭଳି । ସବୁ କୋମଳତା, ଲାବଣ୍ୟ ଓ ଲାଲିତ୍ୟରେ ଭରପୂର ଅଙ୍ଗଲତା ମୁହୂର୍ତ୍ତକ ପାଇଁ ଝଲସି ଉଠିବ । ପ୍ରତ୍ୟେକ ଅଧାପକ ଓ ଶେଷରେ ଅଧକ୍ଷ ମହାଶୟଙ୍କ ଚିତ୍ରଶୈଳୀର ଏଠି ରୂପ ଓ ଭଙ୍ଗୀ ଚର୍ଚ୍ଚାହେବ । ଏବର କଳାସମାଲୋଚକମାନେ ଏଭଳି ଅଭିନୟକୁ ଚିତ୍ରାଭିନୟ କହିବେ । ଅଭିନୟ କରୁଥିବା ସେମାନେ, ନା ଦର୍ଶକ ଭୂମିକାରେ ଥାଇ ଅଭିନୟ ଉପଭୋଗ କରୁଥିବା ଆମେ, ଏହି ଚିତ୍ରାଭିନୟର ମହତ୍ତ୍ୱ ଓ ସୁଦୂରପ୍ରସାରୀ ପ୍ରଭାବ ସେତେବେଳେ ଆକଳନ କରିଥିଲୁ । ଖେଳକୌତୁକ ଓ ମନୋରଂଜନର ସାମଗ୍ରୀ ଭାବରେ ଷାଠିଏ ଦଶକରେ ଖଲିକୋଟ ଉଆସର ରାଣୀହଂସପୁରରେ ଯାହା ପ୍ରଦର୍ଶିତ ହେଉଥିଲା ଠିକ୍ ସେହି ସମୟରେ ଆମର ସଂପୂର୍ଣ୍ଣ ଅଜାଣତରେ ପାଶ୍ଚାତ୍ୟ କଳାଜଗତରେ ଚିତ୍ରାଭିନୟକୁ ନେଇ ଅନେକ ଚର୍ଚ୍ଚା ହେଉଥିଲା । ଏଇଥିରୁ ମନେହୁଏ କଳାର ବିବର୍ତ୍ତନ ଅହରହ ଘଟୁଥାଏ । ବୁଦ୍ଧିଆ ଶିଳ୍ପୀ ଓ ସମାଲୋଚକମାନେ ପ୍ରତ୍ୟେକ ସ୍ଫୁରଣକୁ ଭାଷାରେ ପ୍ରକାଶ କରିବାର ଦକ୍ଷତା ହାସଲ କରିପାରିଥାନ୍ତି ବୋଲି ତାହା ଚିତ୍ରସାହିତ୍ୟ ହେଇଯାଏ, ଆଉ ଅନ୍ୟସବୁ ସ୍ମୃତି ଭିତରେ କୁଆଡ଼େ ହଜିଯାଏ ।

ଲୋକନାଥ ଶତପଥୀ ଅଧାପକ ହେଇ ଯୋଗଦେବା ଆଗରୁ ବିପ୍ରସାର୍ କମର୍‌ସିଆଲ୍ ଆର୍ଟ ପଢ଼ୁଥିଲେ । ସେ ବେଳର ବିଜ୍ଞାପନ କଳାରେ, ସୁବାସିତ

Digitized by srujanika@gmail.com

ତେଲ, ସାବୁନ, ସ୍ନୋ ପ୍ରଭୃତି ବିଳାସ-ସାମଗ୍ରୀକୁ ଆଧାର କରି ଚିତ୍ର କରାଯାଉଥିଲା । ଆମକୁ ଏଭଳି ଚିତ୍ର ନୂଆ । ଏଣୁ ଏହାକୁ ଅଭିନୟରେ ପ୍ରକାଶ କଲେ ଦୃଶ୍ୟଟି ଅତି ରୋଚକ ହେଇ ପାରୁଥିଲା । ଏମାନେ କେଉଁଠୁ ଓ୍ୱିଗ୍ ଆଣୁଥିଲେ କେଜାଣି, ଚନ୍ଦ୍ର କୁଞ୍ଚକୁଞ୍ଚିଆ ବାଳର ଓ୍ୱିଗ୍‌ଟିଏ, କାଞ୍ଜିଭରମ୍ ବାଇଗଣୀ ରଙ୍ଗର ଶାଢ଼ୀ ଖଣ୍ଡିଏ କୁଞ୍ଚକରି ପିନ୍ଧି ଓ ଶାଢ଼ୀକୁ ମେଚିଙ୍ଗ୍ କଲାଭଳି ରାଇକା ନାଇହେଇ ଡାବର ଆମଲା କେଶତେଲର ଶିଶିଟିଏ ଡାହାଣ ହାତର ବୁଢ଼ା ଓ ବିଶି ଆଙ୍ଗୁଠି ମଝିରେ ହାଲୁକା ଭାବେ ଧରି ମଞ୍ଚଉପରେ ଠିଆହେଇ ନିତମ୍ବକୁ ସାମନ୍ୟ ବାଁ ଆଡ଼କୁ ବଙ୍କେଇ, ଡାଏଲଗ୍‌ଟିଏ କହିଦେଲା ପରେ ଦର୍ଶକମାନେ ଘନଘନ ତାଳିମାଡ଼ କରୁଥିଲେ ଓ କିଛି ରସିକ ଶ୍ରେଣୀର ଛାତ୍ର ଅଭିନୟକୁ ପ୍ରୋତ୍ସାହନ ଦେବାପାଇଁ ସିଟି ମାରି ପାଟଅଗଣାକୁ ପ୍ରକଂପିତ କରିଦେଉଥିଲେ । ଚନ୍ଦ୍ରଶେଖରଙ୍କ ଡାଏ୍‌ଲଗଟି ଥିଲା 'ଦେଖନ୍ତୁ ଆପଣ କେଶତୈଳର ଗୁଣ, ତାହାରି ଯୋଗୁଁ ବାଳମୋର ଛୁଇଁଛି ଘନ ଜଘନ' । ଚନ୍ଦ୍ରଶେଖରଙ୍କ ଏହା ନିଜସ୍ୱ ସଂଳାପ । କେଶତୈଳର କ୍ଲିପିଙ୍ଗ୍‌ସଟି ସରିଲା ପରେ ମଞ୍ଚ ଅନ୍ଧାର ହେଇଯାଉଥିଲା । ପୁଣି ମଞ୍ଚ ଆଲୋକିତ ହେଲାବେଳକୁ ଦେବରାଜ ନିଜ ଗାଲକୁ ଫଣ ଫଣ ଧୋବଲା କରି ଅଜନ୍ତାର ନାୟିକା ଭଙ୍ଗୀରେ ଡାହାଣ ହାତରେ ଆଫଗାନ୍ ସ୍ନୋ'ର ଶିଶିଟିଏ ଧରି ଉଭା ହେଇଯାଉଥିଲେ । 'ମୋ ଗାଲ ଯିମିତି, ସ୍ନୋ ସିମିତି, ମା ଭଉଣୀଏ କିଣ ଶିଶିକି' । ତାପରେ ଆକବରଖାଁଙ୍କର ଗୁଡ଼ାଖୁର ବିଜ୍ଞାପନ । ରାମକୃଷ୍ଣ ସୁବୁଦ୍ଧି ନାକରେ ନୋଥ, ହଂସଗୁଣା, ଦଣ୍ଡି ଲଗେଇ, କାନରେ ବେଣ୍ଟୁଲା ଓ ଝରା ନାଇ ହେଇ, ବେକରେ ଚାପସାରି ଓ ଖାସ୍ତୁମାଳ ପିନ୍ଧି ବିନା ବ୍ଲାଉଜରେ ମଞ୍ଚଉପରେ ଉଭାହେଇ ହାତରେ ଗୁଡ଼ାଖୁ ଡିବାଟିଏ ଧରି ରୀତିମତ ଘଷିବା ଆରମ୍ଭ କରିଦେଉଥିଲେ । ପୁଣି କଳରେ ଛେପ ପୁଳାଏ ଧରି ଆକବରଖାଁଙ୍କ ଗୁଡ଼ାଖୁର ଜୟଗାନ କରୁଥିଲେ । ତାଙ୍କ ଡାଏ୍‌ଲଗ୍‌ରେ ଅଶ୍ଳୀଳତାର ସାମାନ୍ୟ ସ୍ପର୍ଶ ମଧ୍ୟ ରହୁଥିଲା । ଗୀତରେ ନକହି ଗଦ୍ୟରେ କହିଲେ ମୋଟାମୋଟି ତା ଭାବ ହେବ, ସିଏ ଗୁଡ଼ାଖୁ ଘଷିଲା ପରେ କୁଆଡ଼େ ଉତ୍ତେଜିତ ହେଇଯାଆନ୍ତି ଓ ଏହି ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ତାଙ୍କର ଲୋଡ଼ାହୁଏ ଗୁଲୁଗୁଲିଆ ପ୍ରେମିକଟିଏ । ଏଣୁ ମା ଭଉଣୀ ବାପାଭାଇମାନେ ଆକବରଖାଁଙ୍କର ଗୁଡ଼ାଖୁ ଘଷ । ଲେଡ଼ିଜ୍ ହଷ୍ଟେଲର ଝିଅପିଲାମାନେ ଆଉ ନିଟିଙ୍ଗ୍ ଦିଦି ପ୍ରଥମ ମହଲାର ଇଣ୍ଡିଆନ ପେଣ୍ଟିଙ୍ଗ୍ କ୍ଲାସ ଆଗ ବାରଣ୍ଡାରେ ବସି, ବେଲ୍‌କୋନିର ଦର୍ଶକଭଳି ଅଭିନୟ ଉପଭୋଗ କରୁଥିଲେ ଓ ଅଭିନୟ ସେମାନଙ୍କ ଉଚ୍ଛନ୍ନ ନାରୀମନକୁ ଉତ୍ତାଳ କରିଦେଉଥିଲା । ବେଲ୍‌କୋନିରୁ

Digitized by srujanika@gmail.com

ହାସ୍ୟରସର ଧାରା ଅବିରତ ଅଜାଡ଼ି ହେଇପଡୁଥିଲା । ସେମାନେ ଚନ୍ଦ୍ର, ଦେବରାଜ ଓ ରାମକୃଷ୍ଣକୁ ପ୍ରତିଦ୍ୱନ୍ଦୀ ବୋଲି ବିଚାରୁଥିଲେ ନା ସେମାନଙ୍କ ଜାତିର ସଦସ୍ୟା ବୋଲି ଗ୍ରହଣ କରୁଥିଲେ ତାହା ସେତେବେଳେ ଆକଳନ କରିବା ମୋ ସାଧ୍ୟ ବାହାରେ ଥିଲା । ସେହି ମୁହୂର୍ତ୍ତରେ ରାଣୀହଂସପୁରର ସ୍ୱାଭାବିକ ଲାସ୍ୟଭରା ରଙ୍ଗ, ରାଗ, ରସ ପାଟଅଗଣାରେ ଜ୍ୟୋସ୍ନାଭଳି ବିଛେଇ ହେଇ ଯାଉଥିଲା । ମନେହେଉଥିଲା ସତେ ଅବା ରାଣୀହଂସପୁରର ଲଳନାମାନେ ପାଟରାଣୀଙ୍କ ଗହଣରେ ବସି ସଖୀନାଟ କିମ୍ବା ଦାରୀନାଟ ଉପଭୋଗ କରୁଛନ୍ତି ।

ଅଭିନୟ ସେତିକିରେ ଶେଷ ହେଉନଥିଲା । ଏବେ ଆଚାର୍ଯ୍ୟ ଶରତଚନ୍ଦ୍ରଙ୍କ ଚିତ୍ରଧାରା ଓ ଶାନ୍ତିନିକେତନୀୟ ଚିତ୍ରଧାରାର ଏକ ଅଭିବ୍ୟଞ୍ଜନାତ୍ମକ ସମାଲୋଚନାର ନାଟକୀୟ ଅଭିବ୍ୟକ୍ତି ରଂଗମଞ୍ଚ ଉପରେ ପରିବେଷଣ କରାଯାଉଥିଲା । ପ୍ରଚ୍ଛନ୍ନ ଭାବେ ଶାନ୍ତିନିକେତନୀୟ ଚିତ୍ରଧାରାର ଦୁର୍ବଳ ଦିଗଟିକୁ ଅତିରଞ୍ଜିତ କରି ଉପସ୍ଥାପନା କରିବା ଥିଲା ଉଦ୍ଦେଶ୍ୟ । ଓଡ଼ିଶୀ ନୃତ୍ୟରେ ଲାସ୍ୟର ମାତ୍ରାଧିକ ପ୍ରୟୋଗ ଭଳି ଶାନ୍ତିନିକେତନୀୟ ଚିତ୍ରମାନଙ୍କରେ ଲାଳିତ୍ୟର ମାତ୍ରା ତୀବ୍ର । ଏଣୁ ଯୋଦ୍ଧା ଖଣ୍ଡାଟିଏ ଧରିଥିଲେ ମଧ ଲାଗୁଥାଏ ସିଏ ହାତରେ ପଦ୍ମଫୁଲଟିଏ ଧରିଛି । ରାଣୀହଂସପୁରରେ ଚର୍ଚ୍ଚା ଭିତରେ ଗୋଟିଏ ଦୁଇଟି ପ୍ରସଙ୍ଗ ବେଶ୍ ହାସ୍ୟରସ ପରିବେଷଣ କରୁଥାଏ । ଆଚାର୍ଯ୍ୟ ନନ୍ଦଲାଲ ତାଙ୍କ ଶିଷ୍ୟମାନଙ୍କୁ କହିଥାନ୍ତି ଯଦି ତମେ ଗଛଟିଏ ଅଙ୍କନ କରିବା ପାଇଁ ଚାହଁ ଆଉ ଗଛର ବାହ୍ୟରୂପ କେବଳ ନୁହେଁ, ତାର ପ୍ରାଣସତ୍ତାକୁ, ଆତ୍ମାକୁ ଆୟତ୍ତ କରିବାପାଇଁ ଇଚ୍ଛାକର ତାହେଲେ ଦିନ ଦିନ ଧରି ଗଛମୂଳେ ବସି ଗଛକୁ ପ୍ରାର୍ଥନା କର । କହ, ''ହେ ବୃକ୍ଷ ! ତମେ ମୋ ଚକ୍ଷୁରେ, ମନରେ, ପ୍ରାଣରେ ପ୍ରତିଭାତ ହୁଅ । ତମେ ମୋ କାମ୍ୟିକ ଓ ଶୈଳ୍ପିକ ସ୍ୱରୂପରେ ବିରାଜମାନ କର । ତମର ଅସଲ ରୂପ ମୋତେ ପ୍ରକଟ କରାଅ ଓ ମୋ ଚିତ୍ରକୁ ସଫଳ କର ।'' ଏ କଥାଟି ଚନ୍ଦ୍ର ଭାରତୀୟ ଚିତ୍ର ବିଭାଗର ଛାତ୍ର ହେଇଥିଲେ ମଧ ଚମତ୍କାର ଅଭିନୟ କରି ଦେଖାନ୍ତି । ଘଟଣାଟି ଏତେ ମାତ୍ରାରେ ଅତିରଂଜିତ ହେଇଥାଏ ଯେ ଉପସ୍ଥାପନାଟି ଖୁବ୍ ହାସ୍ୟରସ ଉପୁନ୍ନ କରାଏ । ସିମିତି ଆଉ ଗୋଟିଏ ଘଟଣା ହେଲା ଷଣ୍ଢ ଉପାଖ୍ୟାନ । ଷଣ୍ଢଟିଏ ରାସ୍ତା ଆବୋରି ଶୋଇ ରହିଛି । କଳାଛାତ୍ରଟିଏ ସେଇ ରାସ୍ତାଦେଇ ଯିବ । ରୁକ୍ଷ ଭାବରେ ଷଣ୍ଢକୁ କହିଲେ ଷଣ୍ଢର ମନ ଖରାପ ହେବ । ସିଏ ତେଣୁ ଷଣ୍ଢ ପାଖକୁ ଆସି କହିବ, ''ହେ ଷଣ୍ଢ ! ତମେ ମୋ ରାସ୍ତାରୁ ସରେଇ ଯାଅ । ତା'ପରେ ତା'ଉପରକୁ ଫୁଲଟିଏ ଫିଙ୍ଗିବାର ଅଭିନୟ କରି କହିବ, ''ନ ହଲେ ଆମି ତୁମାକେ ଫୁଲ

Digitized by srujanika@gmail.com

ଦିଏ ମାରବୋ' । ପାଠକେ ଅନୁମାନ କରୁଥିବେ ଷଣ୍ଢଭଳି ଜନ୍ତୁ ଓ ଗୋଟିଏ କଅଁଳିଆ ଫୁଲ ସାହାଯ୍ୟରେ ତାକୁ ହଟେଇବାର ପ୍ରଚେଷ୍ଟା । ଏହା ଶାନ୍ତିନିକେତନିଆ ଢ଼ଙ୍ଗ ।

ପାଞ୍ଚଶହ, ଛଅଶହ ବର୍ଷତଳେ ଓଡ଼ିଆ ରଜାମାନଙ୍କ ରାଣୀହଂସପୁରରେ ଦାକ୍ଷିଣାତ୍ୟର ପ୍ରଭାବ ବଳବତ୍ତର ଥିଲା । ରାଣୀମାନେ ଓଡ଼ିଶାରେ ସାମ୍ବାରୁ ଓ ଚାରୁ ପ୍ରଚଳନ କରିଥିଲେ । ଅନ୍ତତଃ କାଞ୍ଚିରାଜଜେମା ପଦ୍ମାବତୀ ଓଡ଼ିଶାର ରଜା ପୁରୁଷୋତ୍ତମ ଦେବଙ୍କୁ ବାହାହେଲାପରେ ଅନ୍ତଃପୁରର ରାନ୍ଧଣାରେ ଡାଲମା ଓ ବେସର ଖାଇ ଖାଇ ଅରୁଚି ଧରିବାରୁ ସାମ୍ବାରୁ ଓ ଚାରୁ ଖାଇବା ଐତିହାସିକ ତଥ୍ୟବୋଲି ମନେହୁଏ । ସେଭଳି, ଆମେ ଖଲିକୋଟରେ ପଢୁଥିବାବେଳେ ରାଣୀହଂସପୁରରେ ଗଂଜାମୀ ଓ ଦକ୍ଷିଣୀ ପ୍ରଭାବ ପ୍ରବଳଭାବରେ ଅନୁଭୂତ ହେଉଥିଲା । ସୁବୁଦ୍ଧି, ରାମୁଲୁ, ରାମାନୁଜ, ପାତ୍ରୁଲୁ, ରାଓ ଏମାନେ ସମସ୍ତେ ତେଲୁଗୁ ହାଓ୍ବାରେ ବଢ଼ିଥିବା ପିଲାମାନେ । ମୁଁ ଏବେ ଓଡ଼ିଶୀ ଚିତ୍ରକଳାର ବିଭିନ୍ନ ବିଭାବ ଉପରେ ଗବେଷଣା କରି ଓଡ଼ିଶୀକଳାରେ ଦାକ୍ଷିଣାତ୍ୟର ପ୍ରଭାବ ସଂପର୍କରେ ନିଶ୍ଚିତ ହେଇସାରିଛି । ପୁରୀ ଓଡ଼ିଆ ସଂସ୍କୃତିର କେନ୍ଦ୍ର ବୋଲି ଡିଣ୍ଡିମ ବାଜୁଥିଲେ ମଧ୍ୟ ପୁରୀ ଯେ ସାହିତ୍ୟ, ସଙ୍ଗୀତ, ଚିତ୍ରକଳା ଓ ଭାସ୍କର୍ଯ୍ୟର କେନ୍ଦ୍ର ନୁହେଁ ଏକଥା ନେଇ ଦ୍ୱିମତ ହେବାର କିଛି ନାହିଁ । ଗଂଜାମ ହିଁ ଓଡ଼ିଆ ସଂସ୍କୃତିର ପ୍ରାଣକେନ୍ଦ୍ର । ମୋର ଏଭଳି ମନ୍ତବ୍ୟ ଅନେକ ବିଦ୍ୱାନଙ୍କ ରୁଚିକର ନ ହେଇପାରେ । କିନ୍ତୁ ଅନ୍ତତଃ ଚିଲିକା ପାଣିରେ ଛାଇ'ରେ ଏକଥା ଅତି ସ୍ପଷ୍ଟଭାବେ କହିଦେଇ ହେଉଛି ଯେ, ଓଡ଼ିଶାର ଆଧୁନିକକଳାର କେନ୍ଦ୍ର ଥିଲା ଖଲିକୋଟ ।

ଅନ୍ତତଃ ଆଉ ଚାରି ପାଞ୍ଚ ଜଣ ବନ୍ଧୁଙ୍କ କଥା ନ କହିଲେ ରାଣୀହଂସପୁରର ଅନ୍ତେବାସୀଙ୍କ ଆଖ୍ୟାନର ପୂର୍ଣ୍ଣଚ୍ଛେଦ ଟାଣିହେବନି । ସେମାନଙ୍କ ମଧ୍ୟରେ ରାଧାଚରଣ ଥିଲା ଅନ୍ୟତମ । ସିଏ ଖଲିକୋଟରେ ପହଞ୍ଚିବା ବେଳକୁ ଅନୁମାନ କରି ହେଉଥିଲା ତା'ର କଳାରେ ସେତେଟା ଆଗ୍ରହ ନାହିଁ । ଆର୍ଟସ୍କୁଲର ଅଧକ୍ଷ ଚିକିଟୀ ଦେଉ ତ ତାଙ୍କ ରଜା, ଏମିତିରେ ଖଲିକୋଟ ସଂପର୍କରେ ଶୁଣାଶୁଣିରେ ଖଲିକୋଟକୁ ବାହାରି ଆସିଥିଲା । ଦେଖିବାକୁ ଗଲେ କଳାନୁଷ୍ଠାନରେ ଯିଏ ଅଧୟନ କରେ ସିଏ ଶିଳ୍ପୀ ହେଇଯାଏନି । ମୁଁ ମୋର ସମଗ୍ର ଅଧାପନା ଜୀବନରେ ଅନୁଭବ କରିଛି ଶହେରୁ ନବେ ହେଲେ ସାଟିଫିକେଟ୍ ହାସଲ କରିବା ପାଇଁ ଚିତ୍ରକଳାର ଛାତ୍ର ଓ ଆଉ ଦଶ ପ୍ରତିଶତ ହିଁ ନିଛକ ଶିଳ୍ପୀ ହେବାର ପ୍ରତିଜ୍ଞା ନେଇ କଳାବିଦ୍ୟା ଅଧୟନ କରୁଥାନ୍ତି । ଶେଷରେ ଶହେରେ ମାତ୍ର ତିନି ଚାରି ହିଁ

Digitized by srujanika@gmail.com

ସୃଜନକର୍ମରେ ନିମଗ୍ନ ରହି ନିଜକୁ ଜଣେ ଶିଳ୍ପୀ ଭାବରେ ପ୍ରତିପାଦନ କରିପାରନ୍ତି । ଏଣୁ ଖଲିକୋଟର ସେବେକାର ପ୍ରତି ତିରିଶି ଜଣ ବିଦ୍ୟାର୍ଥୀଙ୍କ ଭିତରେ ଜଣେ ଅଧେ ହିଁ ଶିଳ୍ପୀ ହେଇ ବଞ୍ଚି ରହିଛନ୍ତି । ବଳକା ସମସ୍ତେ କଳାର କୁଟିଳ ଗତିରେ ନିଶ୍ଚିହ୍ନ । ସେଇସବୁ ବନ୍ଧୁମାନଙ୍କୁ କେବେ କିମିତି ଦେଖାହେଲେ ଲାଗେ ସେମାନେ ଜନଗହଳି ଭିତରେ ନିଜକୁ ମିଶେଇ ଦେଇଛନ୍ତି । ନା ଚିତ୍ରପ୍ରଦର୍ଶନୀ, ନା ସେମିନାର, ନା ଚିତ୍ରଶିବିରରେ ସେମାନଙ୍କ ସହିତ କେବେ ଦେଖାହୁଏ । ଲାଗୁଛି ସେବେକାର ସ୍ମୃତି ବି ସେମାନଙ୍କ ପାଖରେ ମୂଲ୍ୟହୀନ, ନିରର୍ଥକ ।

ବିଶ୍ୱବିହାରୀ ଖାଡ଼ଙ୍ଗା ଶାସନଗାଁ'ର ପିଲା । ସାବନା, ପତଳା, ଧଡ଼ଧଡ଼ିଆ ଆଉ ଚୁଙ୍ଗୁଚୁଙ୍ଗିଆ । ଶାସ୍ତ୍ର, ପୁରାଣ, ଢ଼ଗଢମାଳି, ହାସ୍ୟଗମାତରେ ଧୁରୀଣ । ହାରମୋନିୟମ୍‌ରେ ସୁର ଦେଇ ଭଲ ଗୀତ ଗାଇ ଜାଣେ । ପଢ଼ିଲାବେଳକୁ ଭଲ ଅଭିନୟ କରୁଥିଲା । ଚିତ୍ରକଳା ପାଠରେ ନପଶି ନାଟସ୍କୁଲରେ ପଶିଥିଲେ ତା' ଜୀବନ ସାର୍ଥକ ହେଇଥାନ୍ତା । ବିଶ୍ୱବିହାରୀ ଯେଉଁଠି ଥିବ ତାକୁ ଘେରି ପିଲାଦଳେ ଥିବେ । ଅଷ୍ଟାଦଶ ପୁରାଣ ତା' ତୁଣ୍ଡ ପଇଠ । ସିଏ ରାମାୟଣରୁ ଆରମ୍ଭକରୁ ନହେଲେ ମହାଭାରତରୁ ବୟାନ କରୁ, ତା' ପୁରାଣ ସାରଳାଙ୍କ ମହାଭାରତ ଭଳି ମୂଳ ରଚନାରୁ ଦୂରେଇ ଯାଇ ସଂପୂର୍ଣ୍ଣ ନୂଆ ହେଇଯିବ । ବେଳେବେଳେ ପରିପ୍ରେକ୍ଷୀ ବଦଳି ଯାଇ ଖଲିକୋଟ ପ୍ରସଙ୍ଗ ଯୋଡ଼ି ହେଇଯିବ । ତା' ସହିତ ଭାଷାଳଙ୍କାର ଭଳି ଗଂଜାମୀ ବୋ' ଅକ୍ଷର ଖିରିରେ ଭାଲିଆଚାଉଳ ଭଳି ରୋଚକ ଲାଗିବ । ବିଶ୍ୱବିହାରୀ ଚମତ୍କାର ରଜାନାଟକ ରେ । ସିଏ ଖଲିକୋଟ ବେଳଠୁ ରଜା ନାଟକରେ ଇମିତି ମାତି ରହିଲା ଯେ ଏବେ ଜଣେ ମାନ୍ୟଗଣ୍ୟ ନାଟମାଷ୍ଟ୍ରିଟିଏ ହେଇଗଲାଣି । ବିଶ୍ୱବିହାରୀ ପ୍ରହ୍ଲାଦ ନାଟକରେ ବହୁ ସଂସ୍କାର କରିସାରିଲାଣି ।

ରାଧାଚରଣ ମୋତେ ଖୁବ୍ ଭଲପାଉଥିଲା ଓ ସମ୍ମାନ ବି ଦେଖଉ ଥିଲା । ଭଲ ପାଉଥିଲା ମୁଁ ତା ଗାଁ ପାଖର ପିଲାବୋଲି । ଆଉ ସମ୍ମାନ ଦେଉଥିଲା ମୁଁ ତାଠାରୁ ଭଲ ଚିତ୍ର ଆଙ୍କୁଥିଲି ବୋଲି । ରାଧାଚରଣ ଗାଁରୁ ଖଲିକୋଟ ଫେରିଲାବେଳେ ବସ୍ତେ ଦି'ବସ୍ତା ବାସମତୀ ଚାଉଳ ଆଉ ଗଉଣିଏ, ଦି'ଗଉଣି ମୁଗଜାଇ ନେଇ ଆସେ । ଆମ ଦି'ଜଣଙ୍କର ମେସ୍ ମାସେ ଦି'ମାସେ ଭଲଭାବେ ଚାଲେ । ଅନ୍ୟ ପିଲାମାନେ ସକାଳୁ ନିଦରୁ ଉଠିଲା ବେଳକୁ ଆମର ବାଲଧୂପ ବଢ଼ି ସାରିଥାଏ । ଭାତ ଡାଲି ନହେଲେ ବେଳେ ବେଳେ ଖାଲି ଭାତ ବିଶୁଦ୍ଧ ଶୁକ୍ଳ ଅନ୍ନ ।

Digitized by srujanika@gmail.com

ମନେ ପଡୁଛି ସେହି ଭୋଜନରେ ଯେଉଁ ସନ୍ତୋଷ ଥିଲା, ଆନନ୍ଦ ମିଳୁଥିଲା ଏବେ ପଞ୍ଚତାରକା ହୋଟେଲ ଖାନାରେ ସେହି ମଜା ନାହିଁ । ଆମ ସହପାଠୀ ଭିତରୁ ଜଣେଅଧେ ଆମ ଖାଇବାକୁ ନ୍ୟୁନକରି କଥାକହିଲେ ଆମେ ତାକୁ ଜବାବ୍ ଦେଇ କହୁଥିଲୁ, ''ଏଠି କ'ଣ ଦୁନିଆରେ ସମସ୍ତେ ସର୍ବତ୍ର ଭାତହିଁ ଖାଆନ୍ତି । ତମେ ଭାତ ଖାଉଚ, ଆମେ ବି ଭାତ ଖାଉଚୁ ।'' ବେଳେବେଳେ ତୃଣ ତରକାରିର କିଛି ଚିତ୍ର ବା ଚିତ୍ରିତ ଭାସ୍କର୍ଯ୍ୟ ଆମ ଭାତ ଚଢୁଆ ପାଖରେ ଥୋଇ ଦେଉଥିଲୁ । ବାସ୍ତବ ଓ ଅବାସ୍ତବର ସମ୍ମିଶ୍ରଣ ଚିତ୍ରଶିଳ୍ପୀର ଆଖିକୁ ବେଶ ରୋଚକ ଲାଗୁଥିଲା । କିନ୍ତୁ ଚିତ୍ର ଆଖିର ଭୋକ ସମ୍ଭାଳୁ ଥିବାବେଳେ ଭାତହିଁ ପେଟର ଭୋକ କଥା ବୁଝୁଥିଲା । ମୋ ଭଳି ରାଧାଚରଣ ମଧ ଦାଢ଼ି ବଢ଼େଇଥିଲା । ଆମ ଚେହେରାରେ କିମିତି ଗୋଟିଏ ଦ୍ରସ୍ତତାର ଭାବ ଉକୁଟୁ ଥିଲା । ଏଣୁ ପିଲାଏ ଆମକୁ ଗୁଣ୍ଡାବୋଲି ମଧ ଅଭିହିତ କରୁଥିଲେ । ସବୁଠାରୁ ବେଶି ମନେ ପଡୁଛି ଆମର ନାଟକ ଦେଖା । ଖଲିକୋଟ ଆଖ ପାଖ ଗାଁରେ ଭଲ ନାଟକ ହେଲେ ଆମେ ସାଇକଲ ଡ୍‌ବଲ୍‌ଲୋଡ୍‌ରେ ସେଠି ପହଞ୍ଚୁ । ଅଏଲ୍ ପେଣ୍ଟିଙ୍ଗ୍‌କ୍ଲାସର ମଡ଼େଲ ଥ୍ରୋନ୍‌ର ସାଇଡ୍ ସ୍କ୍ରିନ୍ ଖୋଲି ଦି'ଟା ସାଙ୍ଗରେ ଧରିଥାଉ । ନାଲି ହଳଦିଆ ଆଉ ନେଳି ରଙ୍ଗର କସ୍ତା ଶାଢ଼ୀଯାକକୁ ସ୍କ୍ରିନ କରାଯାଇଥାଏ । ଏଣୁ ଆମେ ଆମର ସାଧାରଣ ପୋଷାକ ଉପରେ ସ୍ତ୍ରୀଲୋକ ପିନ୍ଧିଲା ଭଳିଆ ଶାଢ଼ୀ ଗୁଡ଼େଇ ହେଇ ମାଇପିଙ୍କ ମହଲରେ ଦେଖଣାହାରୀ ଭାବେ ରାତିସାରା ବସି ରହୁଥିଲୁ । ଏହାର ଏକମାତ୍ର କାରଣ ହେଲା ମାଇପିଙ୍କ ଗହଣରେ ଚାଉଳୀ ମଦ ଓ ବିଡ଼ି ଗନ୍ଧରୁ ମୁକ୍ତି ମିଳୁଥିଲା । ଧରା ପଡ଼ିଯିବା ଭୟରେ ଆମେ ମୁଣ୍ଡ ଉପରେ ଓଢ଼ଣା ଟାଣି କେବଳ ଆଖିଦିଟାକୁ ଜୁଳୁଜୁଳୁ କରି ଚାହୁଁଥିଲୁ ଓ ଫର୍ଚ୍ଚା ହେବା ପୂର୍ବରୁ ନାଟକଥଳିରୁ ଫେରିଆସି ଶାଢ଼ୀ ଖୋଲିଦେଇ ନିଜ ପୋଷାକରେ ରାଣୀହଂସପୁରରେ ପହଞ୍ଚୁଯାଉଥିଲୁ ।

ଲକ୍ଷ୍ମୀନାରାୟଣ ସାହୁ ଚିତ୍ରରେ ଆଚାର୍ଯ୍ୟ ଶରତଚନ୍ଦ୍ରଙ୍କ ମିନି ଅବତାର । ଅବିକଳ ତାଙ୍କ ଢାଞ୍ଚାରେ ଛବି କରୁଥିଲେ । କ୍ଷୀଣ କଟି, ଗୁରୁ ନିତମ୍ବ, ଉନ୍ନତ ନିଟୋଳ ବକ୍ଷୋଜ, ତ୍ରିବଳିଯୁକ୍ତ ବେକ, ବିସ୍ତାରିତ ନେତ୍ର, ମୁଦ୍ରାୟିତ ହାତ ଆଙ୍ଗୁଠି, ନାଟକୀୟ ଭଙ୍ଗୀରେ ଠିଆହେଇଥିବା ନାୟିକା ଏବଂ ଚିତ୍ରଗୁଡ଼ିକରେ ବହୁଚରିତ୍ର ସମାଗମ ଶରତଚନ୍ଦ୍ରଙ୍କ ବିଶେଷତ୍ୱ ଥିଲା । ଶରତଚନ୍ଦ୍ର ଯିମିତି ସବୁବେଳେ ବିସ୍ତାର ଭିତରେ ଚିତ୍ରଗୁଡ଼ିକର ପଟଭୂମି ନ୍ୟାସ କରୁଥିଲେ ସିମିତି ଲକ୍ଷ୍ମୀନାରାୟଣ ମଧ ଅନୁରୂପ ଚିତ୍ରରଚନା କରୁଥିଲେ । ତାଙ୍କ ମଥୁରାମଙ୍ଗଳ ଓ ଜାନକୀ ସ୍ୱୟମ୍ବର

Digitized by srujanika@gmail.com

ଲେପଚିତ୍ର ଶରତଚନ୍ଦ୍ରଙ୍କ ଶ୍ଳୋକଛନ୍ଦ ଓ ଭରତ ଭେଟ ଶୈଳୀର ପ୍ରଭାବରେ ଚିତ୍ରିତ ହେଇଥିଲା । ଲକ୍ଷ୍ମୀନାରାୟଣ ପ୍ରିନସିପାଲଙ୍କୁ ନିଜ ଛବି ଦେଖେଇବା ପାଇଁ ନେବେ ଏଣେ ତାଙ୍କ ପାଖରୁ ଫେରିଆସି ମନ ଶୁଖେଇ ବସିବେ । କହିବେ "ବୁଝିଲ ଦିନନାଥ, ମୁଁ ଚିତ୍ରରେ ଯାହା କରିଥିଲି ପ୍ରିନସିପାଲ୍ ସବୁ ଲିଭେଇଦେଲେ, "କହିଲେ ଆଉ ଥରେ ନୂଆକରି କର ।" ବଡ଼ ବିଷମ ସମସ୍ୟା, ପୁଣି ବେଳେବେଳେ ଖୁସିହେଇ ଫେରିବେ, କହିବେ "ଦିନନାଥ ଜାଣିଲ ପ୍ରିନସିପାଲ୍ କହିଲେ ରଜାରାଜୁଡ଼ାଙ୍କ ଘରେ କିଛି ଶୁଭକାର୍ଯ୍ୟ ହେଲେ ମଙ୍ଗଳର ପ୍ରତୀକ ହିସାବରେ ରାଜହଂସ ପଲେ ଛାଡ଼ି ଦେଉଥିଲେ । ତମେ ରନ୍ଧାବଢ଼ା ସାରି ମୋ ରୁମ୍‌କୁ ଆସ ଦେଖିବ ରାଜହଂସ ପଲକ କିମିତି ଉଡ଼ାଳ ଦେଖାଯାଉଛନ୍ତି ।" ତାଙ୍କ ଛବି ମଧ୍ୟରୁ ମୋତେ ସବୁଠାରୁ ଭଲ ଲାଗିଥିଲା କେଳୁଣୀ ନାଚ । ଲକ୍ଷ୍ମୀନାରାୟଣ ନିଜ ବାଗରେ ଛବିଟି ସାରିଦେଇ ପ୍ରିନସିପାଲ୍‌ଙ୍କ ପାଖରେ ପହଞ୍ଚିଥିଲେ । ଶରତଚନ୍ଦ୍ର ସବୁ ଦେଖିଲେ, ପ୍ରୁସିଆନ୍ ଗ୍ରିନ୍ ମେଞ୍ଚେ ଆଣି କେଳୁଣୀମାନଙ୍କ ଦେହରେ ବୋଳି ଦେଇଥିଲେ । ଛବିଟିକୁ ଦେଖିଲେ ଏବେ ବାରମ୍ବାର ନିରେଖିବାକୁ ଇଚ୍ଛାହୁଏ ।

ପ୍ରଶାନ୍ତ ପଟ୍ଟନାୟକ ରାଣୀହଂସପୁରର ସବୁଠାରୁ ଗୁଲୁଗୁଲିଆ ପିଲା । ଶାଢ଼ୀ ପିନ୍ଧେଇ ଦେଲେ ଅନିନ୍ଦ୍ୟ ସୁନ୍ଦରୀଟିଏ ଭଳି ଦେଖାଯାଏ । ଖଲିକୋଟ ଓ ତା ଆଖ ପାଖ ଅଞ୍ଚଳରୁ ଉଆସ ଦେଖିବାକୁ ମାଉସୀ, ପିଉସୀ, ନାନୀ, ଭଉଣୀ ପିଲାପିଚିକା ହେଇ ଦଳ ଦଳ ପ୍ରତିଦିନ ଆସନ୍ତି । ସେମାନେ ଖଲିକୋଟ ଆସିଲେ ରାଣୀହଂସପୁର ଦେଖିବାକୁ ଆସିବେ ହିଁ ଆସିବେ, ଯିମିତି ରାଷ୍ଟ୍ରପତିଙ୍କ ଭବନ ଦେଖିବାକୁ ଦିଲ୍ଲୀ ରାଜଧାନୀର ସହରିଆ ଲୋକେ ଆବୁଡ଼ା ପଡ଼ନ୍ତି । ପ୍ରଶାନ୍ତ ମାଇକିନିଆ ବେଶ ପଡ଼ିଯାଇ ରାଣୀହଂସପୁରର ସବୁ ରୁମ୍ ସେମାନଙ୍କୁ ବୁଲେଇ ଆଣିବ । ପ୍ରଶାନ୍ତ ନିଜେ ବେଶି ପାଠ ପଢ଼ିନଥାଏ କିନ୍ତୁ ଇଂଲିଶ ଓଡ଼ିଆ ମିଶାଗୋଳିଆରେ ଖେଚୁଡ଼ି ଭାଷାଟିଏ ତିଆରି କରିଥାଏ । ତା ତୁଣ୍ଡରେ କଥାଯାକ ଧ୍ୱନି ରକ୍ଷାକରି ଚମତ୍କାର ଲାଗେ । ପ୍ରଶାନ୍ତ ସେମାନଙ୍କୁ ଆମ ଚିତ୍ର ସଂପର୍କରେ ବୁଝେଇ ବସିବ । ସେମାନେ ଓଢ଼ଣା ଭିତରୁ ଲୁଚୁ ଲୁଚୁ ଚାହୁଁଥିବେ । ବୟସାଧିକ ସ୍ତ୍ରୀଲୋକ ହେଲେ ପଚାରିଦେବେ, "ହଇହେ, ତମେ କୋ ଗାଁର ପିଲା ହେ ?" ଆମ ତୁଣ୍ଡରୁ ଗଂଜାମ ନା ଶୁଣିଦେଲେ ଖୁସିଟେ ହେଇଯିବେ । ଗାଁମାଇପେ କ'ଣ ବୁଝୁଥିଲେ ତାହା ମାଁ ଗଙ୍ଗେଙ୍କୁ ହିଁ ଜଣା । ସାପୁଆକେଳାର ନାଗେଶ୍ୱର ବାଦ୍ୟ ଶୁଣି ସାପମାନେ ମନ୍ତ୍ରମୁଗ୍ଧ ହେଇ ତା ପଛରେ ଗୋଡ଼େଇଲା ପରି ଗ୍ରାମ୍ୟ ପର୍ଯ୍ୟଟକ ଦଳ

Digitized by srujanika@gmail.com

ପ୍ରଶାନ୍ତ ପଛରେ ଧାର ଲଗେଇଥାନ୍ତି । ଏଦୃଶ୍ୟ ରାଣୀହଂସପୁରର ଅନ୍ତେବାସୀଙ୍କ ପାଇଁ ଉପଭୋଗ୍ୟ ହୁଏ । ପ୍ରଶାନ୍ତ ବିଚରା କମ୍ ବୟସରେ ଝଡ଼ିପଡ଼ିଲା ।

ପଞ୍ଚାନନ ଶତପଥୀ କୋରାପୁଟ ଜିଲ୍ଲାର ପିଲା । ନିଜକୁ ଆଦିବାସୀ ବି କହୁଥିଲା, ତାନ୍ତ୍ରିକ ବୋଲି କହି ସମସ୍ତଙ୍କ ପ୍ରାଣରେ ଭୟ ସଂଚାର କରଉଥିଲା । ସିଏ ଯେ ଆଦିବାସୀ ନ ଥିଲା ଏଥି ନେଇ ମୁଁ ସନ୍ଦିହାନ ଆଦୌ ନଥିଲି । ଏକେତ ବ୍ରାହ୍ମଣ ଘର ପିଲା ପୁଣି ଖଣ୍ଡାନାକ ଧାରୁଆ ମୁହଁରେ ବାରି ହେଇପଡୁଥିଲା । ଗଂଜେଇ ସେବନ ଏବଂ ମଦ୍ୟପାନ ଫଳରେ ଆଖି ଦୁଇଟା ସବୁବେଳେ ଆରକ୍ତ । ତାନ୍ତ୍ରିକର ସାଜସରଂଜାମ ଭିତରେ ମୁଣ୍ଡପୋତାମାନେ ବ୍ୟବହାର କରୁଥିବା ଭଳି ଖଜୁରୀ ପତ୍ରର ଗୋଟିଏ ବର୍ଗାକାର ମୁଣା, ଦୁଇଟି ମଣିଷ ଖପୁରୀ, ଚାରି ପାଞ୍ଚୋଟି ମଣିଷ ହାଡ଼ । ହାଡ଼ଗୁଡ଼ିକ ହଳଦୀ ସିନ୍ଦୂରରେ ପଚ୍ଚିଆ ହେଇ, ପ୍ରତିଦିନ ହାତକୁ ହାତ ହେଲ ଲାଗି ଖୁବ୍ ଆଣ୍ଟିକ୍ ଦେଖାଯାଉଥିଲା । ଏଗୁଡ଼ିକ ସହିତ କଙ୍କଡ଼ାବିଛାବିଷ ଓ ସାପବିଷ ଭାଙ୍ଗୁଣି ପାଇଁ ଗଦ, ବିଭିନ୍ନ ଚେରମୂଳି, ତାବିଜ ଏବଂ ଅନ୍ୟାନ୍ୟ ଠୁଣୁକା ଠୁଣିକି ଭରିହେଇ ରହିଥିଲା । ବିପିନ ଆଉ ପଞ୍ଚାନନ ଏକାସାଙ୍ଗରେ ଗୋଟିଏ ରୁମ୍‌ରେ ରହୁଥିଲେ । ପୁଣି ସେହି ରୁମ୍ ଭିତର ଦେଇ ପଟେରୀସାର୍ ଓ ବେତସାର୍ ସେମାନଙ୍କ ଘରକୁ ଯାଆନ୍ତି । ପଞ୍ଚାନନ ସାରା ରାତି ତନ୍ତ୍ରସାଧନା କରେ ବୋଲି ବାହୁସ୍ଫୋଟ ମାରେ । ତା ରୁମ୍‌କୁ ଝୁଣା ଓ ଗୋଗୁଳ ଧୂଆଁରେ ଆତକାତିଆ କରି ରଖିଥାଏ । ତା'ର ଖାଇବା ପିଇବାରେ ବାସ୍ତବିକ ଠିକଣା ନ ଥାଏ । ତା ଚାଲିରେ ବେପରୁଆ ଢ଼ଙ୍ଗ ବାରିହେଇ ଯାଉଥାଏ ।

ସୁନ୍ଦରିଆ ପିଲା ଦେଖିଲେ ପଞ୍ଚାନନ ଲୋଭେଇ ଯାଉଥିଲା । ବିପିନ ଉପରେ ଗୁଣ ପ୍ରୟୋଗ କରେ ବୋଲି ସେ କହେ । ବିପିନଙ୍କୁ ପଚାରିଲେ ସେ ପଞ୍ଚାନନ ବିରୁଦ୍ଧରେ କିଛି କହୁ ନ ଥିଲା । ବୋଧହୁଏ ସିଏ ପଞ୍ଚାନନକୁ ପ୍ରାଣରେ ଭୟ କରୁଥିଲା ନତୁବା ସେମାନଙ୍କ ଭିତରେ ସିମିତି କିଛି ତନ୍ତ୍ର ମନ୍ତ୍ର ଜନିତ ବ୍ୟାପାର ଘଟି ନ ଥିଲା । ପଞ୍ଚାନନ ସାଙ୍ଗରେ କୌଣସି ପିଲାର ଝଗଡ଼ାଝାଟି ହେଲେ ତନ୍ତ୍ର ପ୍ରୟୋଗ କରି ସେ ତା ପ୍ରତିପକ୍ଷର ଜୀବନ ନେଇଯିବାର ଧମକ ଦେଉଥିଲା । ସିଏ ପଥର ଚଟାଣ ଉପରେ ଗୋଟିଏ କୋଠି କାଟି ତାର ବିଭିନ୍ନ ଘରାରେ ମନ୍ଦାର ଫୁଲ ଓ କଉଡ଼ି ମନ୍ତ୍ରକରି ବସଉଥିଲା । କୋଠି ମଝିରେ ଝଗଡ଼ା ହେଇଥିବା ପିଲାର ନାମ ଲେଖି ବଡ଼ ପାଟିରେ ମନ୍ତ୍ର ଉଚ୍ଚାରଣ କରୁଥିଲା । ସିଏ ଏଭଳି ପୂଜାରେ ବସିଲାବେଳେ ନାଲିରଙ୍ଗର ପାଟ, ଗଳାରେ ରୁଦ୍ରାକ୍ଷର ମାଳି ପିନ୍ଧୁଥିଲା । ପୂଜାମଝିରୁ ଉଠିଆସି ମୋତେ ପଞ୍ଚାନନ କହିବ ''ଦିନନାଥ ! ଅମୁକକୁ ସର୍ତକ କରିଦିଅ, ସବୁ ମନ୍ତ୍ରପାଠ ଶେଷ ହେଇଗଲାଣି । ଆଉ

Digitized by srujanika@gmail.com

କେବଳ ପୂର୍ଣ୍ଣାହୁତି ବାକିଅଛି । ସେତକ ଦେଇଦେଇ ମନ୍ତ୍ରଦଣ୍ଡରେ ନାଁକୁ କାଟିଦେଲେ ଚବିଶି ଘଣ୍ଟା ପୂରିବନି, ରକ୍ତବାନ୍ତି କରି ସିଏ ମରିଯିବ । ଅଯଥାରେ ପୈତୃକ ପ୍ରାଣଟି ସିଏ କାହିଁକି ହାରିଦେବ, ମୋ କଥା ମାନିଯାଉ ।'' ଗଂଜାମ ଲୋକଙ୍କ ଗୁଣିଗାରେଡ଼ି ମନ୍ତ୍ରଯନ୍ତ୍ରରେ ଅଖଣ୍ଡ ବିଶ୍ୱାସ । ମୁଁ ସେହି ପିଲା ପାଖକୁ ବ୍ୟକ୍ତିଗତ ଭାବେ ଯାଇ ପଞ୍ଚାନନ କହିଥିବା କଥାଯାକ ଆହୁରି ବନେଇ ଚୁନେଇ କହେ, ତାକୁ ସତର୍କ କରିଦିଏ । ଅନ୍ୟାନ୍ୟ ସାଙ୍ଗମାନେ ମଧ୍ୟ ସେହି ପିଲାଟିକୁ ତାଗିଦା ଦେଇ ଦିଅନ୍ତି । ପରେ ସେମାନଙ୍କ ଭିତରେ କ'ଣ ସଲାସୂତୁରା ହୁଏ କେଜାଣି ପଞ୍ଚାନନ ତାହାର ପ୍ରାଣ ନେବାଭଳି ବର୍ବରୋଚିତ କାର୍ଯ୍ୟରୁ ନିବୃତ୍ତ ହୁଏ । ଆମକୁ ଲାଗେ ପିଲାଟି ସତେ ଯିମିତି ନୂଆ ଜୀବନ ପାଇଗଲା । ପଞ୍ଚାନନ ଜଣେ ବିଶିଷ୍ଟ ତାନ୍ତ୍ରିକ ହେଲେ ମଧ୍ୟ ତା'ର ଚାରିବର୍ଷର ରହଣି ଭିତରେ ସିଏ ଗୋଟିଏ ହେଲେ ନରହତ୍ୟା କରିନାହିଁ । କିନ୍ତୁ ଉଭୟ ହଷ୍ଟେଲର ଅଧିକାଂଶ ପିଲା ପଞ୍ଚାନନର ତାନ୍ତ୍ରିକ ଶକ୍ତିରେ ବିଶ୍ୱାସ କରୁଥିଲେ । ତା' ଚେହେରା ଓ ହାବଭାବରେ ଗୋଟିଏ ଆଦିମତାର ଗନ୍ଧ ଥିଲା । ସିଏ ଅନ୍ୟପିଲାଙ୍କ ଠାରୁ ଅଲଗା ବାରିହେଇ ପଡୁଥିଲା । ତାନ୍ତ୍ରିକ ଋଦ୍ଧି ସିଦ୍ଧି ଛଡ଼ା ପଞ୍ଚାନନର ଶୈକ୍ଷିକ ପ୍ରତିଭା ନ ଥିଲା । କିନ୍ତୁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ ଜୟପୁରରେ ଥିବା ଦୁଇବର୍ଷିଆ ପାଠ୍ୟକ୍ରମର ଆର୍ଟସ୍କୁଲରେ ସିଏ ଅଧକ୍ଷ ହେଲା । ଏଣେ ତାର ମୂଳ ପଦବୀ ଥିଲା ଇନଷ୍ଟ୍ରକ୍‌ଟର୍, କିନ୍ତୁ ସମସ୍ତେ ଜାଣିଥିଲେ ସିଏ ଅଧକ୍ଷ । ଏହି ଅଧକ୍ଷ ପଦବୀ ପାଇଁ ସାକ୍ଷାତକାର ଦେବାକୁ ସୂଚନା ଓ ଲୋକସଂପର୍କ ବିଭାଗରେ ସଂସ୍କୃତି ବିଭାଗର ସଚିବ ଓ ନିର୍ଦ୍ଦେଶକ ଅଓ୍ୱଧ ନାରାୟଣ ତିଓ୍ୱାରୀଙ୍କ ଅଫିସ ଆଗରେ ପିଅନମାନଙ୍କ ପାଇଁ ଉଦ୍ଦିଷ୍ଟ ଷ୍ଟୁଲ ଉପରେ ଥରେ ସିଏ ବସିଥିଲା । ମୁଁ ତିଓ୍ୱାରୀ ମହାଶୟଙ୍କ ଅଫିସକୁ ପଶିଲାବେଳେ ତା' ସାଙ୍ଗରେ ହାତମିଳେଇ ପଚାରି ଦେଇଥିଲି କିମିତି ଅଛ ? ସିଏ ମୋତେ କିଛି ଉତ୍ତର ନ ଦେଇ ତୁନି ହେଇ ରହିଥିଲା । ତିଓ୍ୱାରୀଙ୍କ ଅଫିସରେ ଇଣ୍ଟରଭ୍ୟୁ ହେଲା । ମୁଁ ଥିଲି ସବ୍‌ଜେକ୍ଟ ଏକସ୍‌ପାର୍ଟ, ରାଣୀହଂସପୁରରେ ପଞ୍ଚାନନର ଆରକ୍ତ ଆଖିଦୁଇଟିକୁ ଦେଖି ପିଲା ଯିମିତି ଭରମି ଯାଉଥିଲେ, ତିଓ୍ୱାରୀଙ୍କ ପାଖରେ ମୋତେ ଦେଖି ସେ' ତା ଅବସ୍ଥା ନିଜେ ଠଉରେଇ ନେଇ, ଘାବରେଇ ଗଲା । ପଞ୍ଚାନନକୁ ତା' ଜୀବନର ଦୁଃଖସୁଖ ଛଡ଼ା କଳା ସଂପର୍କରେ କିଛି ପ୍ରଶ୍ନ ମୁଁ ପଚାରିନଥିଲି । ପଚାରିବାର ଆବଶ୍ୟକତା ବୋଧହୁଏ ନଥିଲା । ଶ୍ରୀଯୁକ୍ତ ତିଓ୍ୱାରୀଙ୍କୁ କେବଳ କହିଥିଲି ପଞ୍ଚାନନ ଜଣେ ବିଶିଷ୍ଟ ତାନ୍ତ୍ରିକ । ମୁଁ ଇଣ୍ଟରଭ୍ୟୁଜନିତ ଅଫିସିଆ କାମ ସାରି ପଦାକୁ ବାହାରିଲା ପରେ ପଞ୍ଚାନନ ସାଙ୍ଗରେ ଦେଖାହେଲା । ପଞ୍ଚାନନ ମତେ କୁଣ୍ଢେଇ ପକେଇ କହିଲା, ''ଭାଇ ଭଲକଲ ମୋତେ ଆର୍ଟ ବିଷୟରେ କିଛି ପଚାରିଲନି ।''

Digitized by srujanika@gmail.com

ଝାଡାଫେରା ନିତ୍ୟରାସ

ଝାଡାଫେରା ଏକ ନିତିଦିନିଆ ଅବାଧ୍ୟ ଅଥଚ ଅବଶ୍ୟମ୍ଭାବୀ କାର୍ଯ୍ୟ । ଏଭଳି ଏକ ମାମୁଲି ଘଟଣାକୁ ନେଇ ସାହିତ୍ୟରେ ଚର୍ଚ୍ଚା କରିବା ବୋଧହୁଏ ସମୀଚୀନ ନ ହେଇପାରେ । କିନ୍ତୁ ଗଂଜାମ ଜିଲ୍ଲାର କି ସହର କି ମଫସଲ ସବୁ ଅଞ୍ଚଳରେ ଝାଡାଫେରିବା ଶରୀରଚର୍ଯ୍ୟାର ଏକ ନାନ୍ଦନିକ ପରିପ୍ରକାଶ । ମଳଭଳି ଦୂଷିତ ଦୁର୍ଗନ୍ଧ ବସ୍ତୁକୁ ଦେହରୁ ଅନ୍ତର କରିଦେଇ ରହିବା ଘରଠାରୁ ଯଥେଷ୍ଟ ଦୂରରେ ପୋଖରୀ ହୁଡା, ବିଲବାଡ ଓ ନଦୀପଠାମାନଙ୍କରେ ବିସର୍ଜନ କରିବା ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ସର୍ବାଦୌ ଗ୍ରହଣୀୟ ବୋଲି ପୂର୍ବପୁରୁଷ ଅମଳରୁ ବିଜ୍ଞବ୍ୟକ୍ତିମାନେ ନିଦାନ କରିଥିବାରୁ ଗଂଜାମରେ ସାଧାରଣ ଲୋକେ ଘରଭିତରେ ବା ଘରପାଖରେ ଝାଡାଫେରା ଗୃହ ବା ପାଇଖାନା ରଖିବାକୁ ପସନ୍ଦ କରୁନଥିଲେ, ଏବେ ମଧ୍ୟ କରନ୍ତି ନାହିଁ । ଇଂରାଜୀ ସାଇବମାନେ ଆମ ଦେଶକୁ ଶାସନ କରିବାକୁ ଆସିଲାପରେ ନାକର ସିଙ୍ଘାଂଣିକୁ ରୁମାଲରେ ପୋଛି ଗାଣ୍ଡିମୁଣାରେ ରଖିବା ଏବଂ ଘର ଭିତରେ ମଳତ୍ୟାଗ କରିସାରି ମଳଦ୍ୱାରକୁ କାଗଜରେ ପୋଛି ଶୁଦ୍ଧ ହେବା କଥା ଆମକୁ ଶିଖେଇଲେ । ଏ କଥାଟି

Digitized by srujanika@gmail.com

ଶେଷରେ ପରଂପରାରେ ପରିଣତ ହୋଇଗଲା ଓ ଆମେ ଶୋଇବା ଘର ଏବଂ ରୋଷେଇ ଘରକୁ ଲାଗି ଝାଡାଫେରା ଘର ତିଆରି କଲୁ । ଏଭଳି ବ୍ୟବସ୍ଥା ପ୍ରଚଳନ ହେବା ଫଳରେ ଝାଡ଼ାଫେରା ଅଭ୍ୟାସରେ ନିୟମିତତା ରହିଲା ନାହିଁ । ଚାହାପିଆ ଓ ଝାଡ଼ାଫେରା ଏକ ମୁହୁର୍ମୁହୁ ପ୍ରକ୍ରିୟାରେ ପରିଣତ ହୋଇଗଲା ।

କିନ୍ତୁ ଗଂଜାମ ଲୋକେ ଏବେବି ପୂର୍ବପୁରୁଷଙ୍କ ଅମଳର ସ୍ୱଦେଶୀ ପରଂପରାରେ ବିଶ୍ୱାସୀ । ମଦ୍ୟପାନ ଭଳି ଝାଡାଫେରାକାର୍ଯ୍ୟ ଏକାକୀ କରାଯାଏ ନାହିଁ । ଏହା ଗୋଷ୍ଠୀଗତ, ଜାତିଗତ, ସାମାଜିକ ଓ ସମବାୟ ଭିତ୍ତିକ ନାନ୍ଦନିକ ପରଂପରା । ଲାଗୁଛି ଏହା ବ୍ୟକ୍ତିବିଶେଷଠୁ ଆରମ୍ଭ ହେଇ ପରିବାର, କୁଟୁମ୍ବ, ସାହି ଜନପଦ ଦେଇ ଦେଶକାଳପାତ୍ରକୁ ବିସ୍ତରି ଯାଇଛି । ଏବେ ଏବେ ରାଜନୈତିକ ସମୀକରଣ ହେଉଥିବାରୁ ବିଜେପି ନୀତିରେ ବିଶ୍ୱାସ ରଖୁଥିବା ଲୋକେ ସମୂହ ଭାବରେ କଂଗ୍ରେସୀ ଲୋକଙ୍କଠାରୁ ଅଲଗା ହେଇ ଅଲଗା ସ୍ଥାନରେ ଝାଡାଫେରିବା ଦେଖାଗଲାଣି । ଝାଡାଫେରା ଭଳି ଏକାନ୍ତ ନିଭୃତରେ ଘଟିବାକୁଥିବା ଉଦ୍ଦିଷ୍ଟ କାର୍ଯ୍ୟ ଏବେ ସାମାଜିକ ଓ ରାଜନୈତିକ ପର୍ଯ୍ୟାୟକୁ ଉନ୍ନୀତ ହୋଇଗଲାଣି । ଆଗରୁ ତ ଗଂଜାମରେ ଏହା ସାମାଜିକ ବ୍ୟବସ୍ଥାଭିତରେ ବାନ୍ଧି ହୋଇଥିଲା ଏବେ ରାଜନୈତିକ ବିସମ୍ବାଦ, ମତଭିନ୍ନତା ଉପରେ ପର୍ଯ୍ୟବସିତ ହେଲାଣି ।

ଖଲିକୋଟ ଆର୍ଟସ୍କୁଲର ମର୍ଦ୍ଦରାଜଙ୍କ ଉଆସର ପ୍ରଥମ ମହଲା ଓ ଦ୍ୱିତୀୟ ମହଲାରେ ସମୁଦାୟ ଆଠଗୋଟି କମୋଡ୍ ବସା ପାଇଖାନା ଘର ଥିଲା । ମୋଟାମୋଟିଭାବେ ସେହି ପାଇଖାନାଗୁଡିକ ପୂର୍ବଭଳିଆ ଦେଖାଯାଉଥିଲେ ମଧ ବ୍ୟାବହାରିକ ବ୍ୟବସ୍ଥା ଦୃଷ୍ଟିରୁ ନିମ୍ନମାନର ହୋଇଗଲାଣି । କୌଣସି ଫ୍ଲାସ୍ ଆଉ କାମ କରୁନି । ଶରତଚନ୍ଦ୍ର ଦେବଙ୍କ ଖାସ୍ କୋଠରିସଂଲଗ୍ନ ପାଇଖାନାରେ କମୋଡ୍ ସହିତ ଫ୍ଲାସର ସଂଯୋଗ ନଳଟି ନାହିଁ । କମୋଡ୍‌ର ଘୋଡ଼ଣିଟି କୁଆଡ଼େ ଉଭେଇ ଗଲାଣି । ବାଥିଙ୍ଗ୍ ଟବ୍‌ରୁ ଧଳା କଲେଇ ଏକ୍‌ଜିମା ରୋଗୀର ଚମଭଳି ମଉଳି ଗଲାଣି । ଆଉ ଠାଏଁ ଠାଏଁ ପରାଛାଡି ଛୋପରା ଦିଶିଲାଣି । ମୁହଁଧୁଆ ବେସିନ ଯଦିଓ ସେବେଳର ସେମିତି ଅଛି, ସେଥିରେ ଶିଉଳିର ପରସ୍ତ ଲାଗି ଉପକରଣଟି ମସିଆ ହେଇ ଏଣ୍ଟିକ୍ ଦେଖାଗଲାଣି । ଶରତଚନ୍ଦ୍ରଙ୍କ ଅଫିସକୁ ଲାଗି ରହିଥିବା ପାଇଖାନାର ଡିଜାଇନ୍‌ରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି । କମୋଡ୍‌ଟିକୁ ଉଠେଇ ଦିଆ ହୋଇଛି ଓ ସେ ଜାଗାରେ ଦେଢ଼ଫୁଟ ଉଚ୍ଚର ବେଦୀଟିଏ ବିଦେଶୀ ସିରାମିକ୍ ଟାଇଲ ଚଟାଣ ଉପରେ

Digitized by srujanika@gmail.com

ଗଢ଼ାହୋଇଛି । ବର୍ତ୍ତମାନର ଅଧକ୍ଷ ଡି.ଏନ୍. ରାଓଙ୍କୁ ପଚାରିବାରେ ଉତ୍ତର ମିଳିଲା, ତାଙ୍କର କିଏ ଜଣେ ପୂର୍ବାଧିକାରୀଙ୍କ ଏହା କାର୍ଯ୍ୟ, କଲେଜ ଘର ମରାମତି ପାଇଁ ପଇସା ଆସିଥିଲା, ସେହି ପଇସା ବ୍ୟୟକରି ସେ ଏହି ଝାଡାଫେରା ସ୍ଥାପତ୍ୟଟିଏ ଗଢ଼ିଦେଇଛନ୍ତି । ଓଡ଼ିଶାର ବହୁ ପ୍ରତିଷ୍ଠିତ ଶିଳ୍ପୀ ଅଧ୍ୟାପକ ପଦବୀ ମଣ୍ଡନ କରିଥିଲେ, ଅଧକ୍ଷ ହେବାର ଗୌରବ ଅର୍ଜନ କରିଥିଲେ । ସେମାନଙ୍କ ଧାରଣା କାଗଜରେ ଯାହା ଅଙ୍କନ କରାଯାଏ ତାହାହିଁ ଚିତ୍ର, ତାହାହିଁ କଳା ଏବଂ ଯାହା ସ୍କୁଲ କଲେଜର ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ତାହାହିଁ ପଠନଯୋଗ୍ୟ, ମନନଯୋଗ୍ୟ ।

ଏଇଠି ମର୍ଦ୍ଦରାଜ ଉଆସର ସବୁ ପାଇଖାନା ସଂପର୍କରେ ନ କହି ମୋଟାମୋଟି ଭାବେ କୁହାଯାଇ ପାରେ ରଜାଉଆସର ରାଜକୀୟ ପାଇଖାନା ଗୁଡିକ ସେମାନଙ୍କ ପୂର୍ବଗୌରବ ହରେଇ ବିପର୍ଯ୍ୟସ୍ତ ଅବସ୍ଥାରେ ଅଛନ୍ତି । ଏକଦା ରଜା, ରାଣୀ, ପୋଇଲି, ଅନ୍ତଃପୁରର ଦାସଦାସୀଙ୍କ ଶରୀରଚର୍ଯ୍ୟାର ବୈଭବଶାଳୀ ଅବଲମ୍ବନ ହୋଇଥିବା ଏହି ସ୍ଥାପତ୍ୟଗୁଡିକ ଏବେ ଆମ ଭଳି ସାଧାରଣ ପ୍ରଜାଙ୍କ ନିମ୍ନତମ ଆବଶ୍ୟକତା ପୂରଣ କରିବାରେ ବି ଅସମର୍ଥ ।

ଆମେ ପାଠ ପଢୁଥିବା ସମୟରେ ଆର୍ଟସ୍କୁଲର ପାଇଖାନାଗୁଡିକ ଅପେକ୍ଷାକୃତ ରୁଚିପୂର୍ଣ୍ଣ ଅବସ୍ଥାରେ ଥିଲେ ମଧ୍ୟ ଆମେ ଦିଗପହଣ୍ଡିର ଲୋକ ହୋଇଥିବାରୁ ଗଂଜାମର ସ୍ୱଦେଶୀ ପରଂପରାରେ ଉଦ୍‌ବୁଦ୍ଧ ହୋଇ ଉଆସର ପାଇଖାନା ବ୍ୟବହାର ନକରି ବଣଜଙ୍ଗଲଘେରା ଖଲିକୋଟର ପ୍ରାକୃତିକ ପରିବେଶରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ସଂପାଦନ କରୁଥିଲୁ । ଗଂଜାମୀ ଛାତ୍ରାବାସ ଭିତରୁ ମୋ ହଷ୍ଟେଲ ରୁମ୍‌ର କଡ଼େ କଡ଼େ ରାସ୍ତାଟିଏ ଉଆସ ପଛପଟେ ଥିବା ଜଙ୍ଗଲ ଓ ପାହାଡ଼କୁ ସଂଯୋଗ କରୁଥିଲା । ଏହି ରାସ୍ତାଟି ହାତୀଗଳି ବାଟଦେଇ ଉଆସର ଆଗପଟକୁ ମଧ୍ୟ ଉତୁରି ପଡ଼ିଥିଲା । ଏହି ପାହାଡ଼ିଆ ଅଞ୍ଚଳଟି କୋରାପୁଟ କନ୍ଧଙ୍କ ପୋଡୁଚାଷ ପ୍ରକାରେ ସ୍ତର ସ୍ତର ହେଇ ତଳୁ ଉପରମୁଣ୍ଡକୁ ଖେଦି ଯାଇଥିଲା ଏବଂ ଏହି ସ୍ତରୀକୃତ ଅସମତଳ ଅଞ୍ଚଳ ଝାଡ଼ା ଫେରାଭଳି ଏକ ସାଧାରଣ ଘଟଣାକୁ ନାନ୍ଦନିକ ପର୍ଯ୍ୟାୟକୁ ଉନ୍ନୀତ କରିଦେଉଥିଲା । କହିବାର ତାତ୍ପର୍ଯ୍ୟ ହେଲା ଯିଏ ଉପର ମୁଣ୍ଡରେ ଝାଡାଫେରିବା ପାଇଁ ବୁଦା ଉହାଡ଼ରେ ବସୁଥିଲା ତଳରାସ୍ତାରେ ସେହି କାର୍ଯ୍ୟ ସଂପାଦନ କରିବାପାଇଁ ବସୁଥିବା ଖଲିକୋଟର ଛାତ୍ରଟିଏ ତା'ର ଅଜାଣତରେ କ'ଣ ଘଟୁଛି ହେଜିପାରୁନଥିଲା ।

Digitized by srujanika@gmail.com

ଆମେ ସମଭାବାପନ୍ନ ଚାରିପାଞ୍ଚଜଣ ପିଲା ଏକା ହୋଇ ଝାଡାଫେରିବା ପାଇଁ ଯାଉ । ମୋର ଅତି ଅନ୍ତରଙ୍ଗ ଝାଡାଫେରା ସାଙ୍ଗ ହେଲା ଚରଣ, ପୂରାନାଁ ରାଧାଚରଣ ପଣ୍ଡା, ଘର ଚିକିଟି ପେଣ୍ଠ ପାଖ କୋଳଥିଆ । ଆମେ ସାଧାରଣତଃ ସବା ଉପର ଉପର ଉଚ୍ଚାଜାଗା ବାଛି ନେଇଥାଉ, ତଳ ଥାକରେ ପିଲାମାନେ ବସି ଆମ ନାଁରେ ଭାସୁକୁଟି ହେଲେ ଆମେ ଶୁଣୁ ଓ ତା'ର ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିଥାଉ । ଆଉ ଅନ୍ୟାନ୍ୟ ଝାଡାଫେରାଦଳରେ ଯେଉଁମାନେ ସାମିଲ ହେଉଥିଲେ ସେମାନେ ହେଲେ ଦେବରାଜ ସାହୁ, ଚନ୍ଦ୍ରଶେଖର ରାଓ, ରାମକୃଷ୍ଣ ସୁବୁଦ୍ଧି, ଯୁଧିଷ୍ଠିରସାହୁ ଓ ଲକ୍ଷ୍ମୀନାରାୟଣ ସାହୁ । ଦଳଗୁଡ଼ିକୁ 'କ','ଖ' ଓ 'ଗ' ରେ ଯଦି ଚିହ୍ନଟ କରିଦିଆ ଯାଏ ତାହେଲେ ଦେବରାଜ ସାହୁଙ୍କ ଦଳ ଆମ ପଛକୁ 'ଖ' ଦଳ ହେବ । 'ଗ' ଦଳରେ ଅନ୍ତର୍ଭୁକ୍ତ ହେଇଥାନ୍ତି ସାହୁ ଓ ସୁବୁଦ୍ଧି । ଯୁଧିଷ୍ଠିର ସାହୁ ଓ ଚନ୍ଦ୍ରଶେଖର ସୁବୁଦ୍ଧି ଦୁହେଁ ମିଶି ବରାବର ଝାଡ଼ାଫେରି ଯିବା ଦେଖାଯାଉଥିଲା । ସେମାନେ ଯାଉଣୁ ଆସୁଣୁ ହଷ୍ଟେଲର ଝିଅ ପିଲାଙ୍କ ସଂପର୍କରେ ଚର୍ଚ୍ଚା କରୁଥିଲେ । ସେମାନେ ସେଦିନ ରାତିରେ ପାଇପ୍‌ଦେହରେ ଚଢ଼ି ଝରକା ଦେଇ କିମିତି ଲେଡ଼ିଜ୍ ହଷ୍ଟେଲ୍ ଭିତରକୁ ପଶିବେ ତା'ର ଯୋଜନା କରୁଥିଲେ । ଚନ୍ଦ୍ରଶେଖର ସୁବୁଦ୍ଧି ଚିକିଟି ପେଣ୍ଠର କୁମୁଟି ପିଲା,ମଣିଷ ରକ୍ତ ଚାଖିଥିବା ବାଘ ଭଳି ଖଲିକୋଟରେ ସେ ବିରାଣିଆ ହେଉଥାଏ । ସେ ଝିଅପିଲାଙ୍କ ସାନ୍ନିଧ୍ୟ ପାଇଁ ବିଭିନ୍ନ ଯୋଜନାମାନ କରୁଥାଏ ଆଉ ତାର ଘନିଷ୍ଠ ବନ୍ଧୁ ଆସିକା ଦେବଭୂମିର ଚହଟ ଚିକ୍କଣିଆ ଯୁଧିଷ୍ଠିର ସାହୁ ତାର ଉଦ୍‌ଗିରଣ ଯାକକୁ ଜଳବତ୍ ପିଇଯାଉଥାଏ । ଝାଡାଫେରିବା ରାସ୍ତା ଆଉ ବେଳ ନିକାଞ୍ଚନ ଭାବି ସେମାନେ ଏଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାର ରୂପାୟନ କରୁଥାନ୍ତି ।

ଚନ୍ଦ୍ରଶେଖର ରାଓ ଓ ଦେବରାଜ ସାହୁ ସ୍ତ୍ରୀଲୋକ ପୋଖରୀ ପାଣି ଗଲେ ସାଧାରଣତଃ ଯିମିତି ଭାସୁକୁଟି ହୁଅନ୍ତି, ଅବିକଳ ସେ ପ୍ରକାରେ ସେମାନେ ଫୁସ୍‌ଫାସ୍ ଟୁପୁରୁଟାପର ହଉଥିଲେ । ଦେବରାଜ କହିବ 'ମୁଁ ମୁଗଡ଼ାଇ ଡାଲିଟା ଅଙ୍ଗାର ଚୁଲିରେ ବସେଇ ଦେଇଥିଲି, ଅଙ୍ଗାର ଯଦିଚ ମରିଯାଇଥିଲା, ତମେ ଓହ୍ଲେଇ ଦେଇଛତ ?' ଚନ୍ଦ୍ରରାଓ ସାଙ୍ଗେ ସାଙ୍ଗେ କହିବେ, 'ହଁ ଏ ମୁଁ ଘରୁ ଆଣିବା ଅଙ୍ଗାରତ, ରଡ଼ ବେଶି ସମୟ ରହେନି । ଦାଉଦାଉ ଦିଶୁଥିବ ସିନା ଧାପ ନଥିବ, ତମେ ଡ଼ରନି ମ । ଫେରିଲା ବେଳକୁ ଡାଲି ଫୁଟି ଯାଇଥିବ,ଅଙ୍ଗାର ବି ଖାର ପାଉଁଶ ହେଇଯାଇଥିବ ।'

Digitized by srujanika@gmail.com

ପିଲାଙ୍କ ଭିତରେ ସବୁଠାରୁ କୌତୂହଳୋଦ୍ଦୀପକ କଥା ହେଲା ଜୀବନରେ କିଏ କେତେ ପ୍ରେମ କରିଛି ତାର ବୟାନ । ଏ ପ୍ରେମ କିନ୍ତୁ ଭିନ୍ନ ଧରଣର । ପୁଅଝିଅ ପ୍ରେମ ନୁହେଁ, ପୁଅ ପୁଅ ଭିତରେ ପ୍ରେମ । ଏବେ ଖବର କାଗଜମାନଙ୍କରେ ଏ ଧରଣର ପ୍ରେମକୁ 'ଗେ' ଆଉ ମାଇପିଲା ମାଇପିଲାଙ୍କ ଭିତରେ ପ୍ରେମକୁ 'ଲେସ୍‌ବିଆନ୍' କୁହାଯାଉଛି । ଖଲିକୋଟରେ କିମିତି କିଛି ନିର୍ଦ୍ଦିଷ୍ଟ ପରିଭାଷାର ପ୍ରୟୋଗ ନଥିଲା କିନ୍ତୁ ଏଭଳି ଲୌକିକ ଦେଶଜ ଘଟଣାମାନ ଘଟୁଥିଲା ବୋଲି ଝାଡାଫେରା ବେଳେ ଜଣା ପଡୁଥିଲା । ଶରଣକୁଳର ରାମକୃଷ୍ଣ ସୁବୁଦ୍ଧି ତା ଗହଣାବାକ୍ସ କିମିତି ଭୁଲରେ ଭଞ୍ଜନଗର ଭୁବନେଶ୍ୱର ଏକସ୍‌ପ୍ରେସ୍ ଗାଡିର ସିଟ୍‌ତଳେ ଛାଡି ଯାଇ ବସ୍‌ରୁ ଓହ୍ଲେଇପଡ଼ିଥିଲା, ଆଉ କିମିତି ତା ଗାଁର ରଙ୍ଗିଲା କଣ୍ଡକଟ୍‌ରଟା ତା' ଘରେ ନେଇ ବାକ୍ସ ପଇଠ ଦେଇ ପକେଇଲା, ଆଉ ବାକ୍ସ ଖୋଲିଲା ବେଳକୁ ତା' ଭିତରେ କିମିତି ନିର୍ଲଜ୍ଜିଆ ଚିଠିଟେ ଥିଲା, ଆଉ ତା' ବଡଭଉଣୀ ତାକୁ ପଢ଼ିଦେଲାରୁ ସିଏ କିମିତି ଶରମରେ ଶାଗିଗଲା ତା'ର ନିଖୁଣ ବର୍ଣ୍ଣନା ଝାଡାଫେରି ବସିଥିବା ରାମକୃଷ୍ଣ ଗପିଚାଲିଥିବ ! ଏଭଳି ପ୍ରସଙ୍ଗ ଏବେ ଖୁଶ୍‌ବନ୍ତ ସିଂହ ବା ଶୋଭା ଦେଙ୍କ ସେକ୍ସ ସମ୍ପର୍କରେ ଚର୍ଚ୍ଚା ଭଳି ।

ଓଡ଼ଗାଁର ଲକ୍ଷ୍ମୀନାରାୟଣ ସାହୁ ଜାନବିଲିର ଲକ୍ଷ୍ମୀନାରାୟଣ ଆଚାରୀ ଦି ମିତ, ସେ ଦୁହେଁ ମିଳି ମିଶି ଝାଡାଗଲେ ଟେମ୍ପରା ଛବି କଥା ଗପିବେ, ସାହୁ କହିବେ ମଥୁରାମଙ୍ଗଳ ଛବିକରି ପ୍ରିନସ୍‌ପାଲ୍‌ଙ୍କୁ ଦେଖେଇଲି ଯେ ସିଏ ପନ୍ଦର କୋଡିଏ, ଅଧିକା ଫିଗର୍ ଛବିରେ ଯୋଡିବା ପାଇଁ କହିଲେ । ହଳେ, ଦି'ହଳ ରାଜହଂସ ପଟୁଆର ଆଗରେ ରାସ୍ତାରେ ଛାଡି ଦେବା ପାଇଁ କହିଲେ । ପୁଣି କହିଲେ ଟେମ୍ପରା ଛବିଟିରେ ଏତେ ଫିଗର୍ ଅଛିଯେ, କୃଷ୍ଣ, ବଳରାମ ଆଉ ଅକ୍ରୁରଙ୍କୁ ସ୍ୱତନ୍ତ୍ରଭାବେ ଦୃଷ୍ଟିଦେଇ ଚିତ୍ର ନକଲେ, ଗହଳିଭିତରୁ ସେମାନେ ଉତୁରିବା କଷ୍ଟହେବ । ଆଜିକାଲି ପତ୍ରିକାର ସଂପାଦକ ଆଉ ସଂପାଦିକାମାନେ ଗଳ୍ପ ମାମୁଲୁ, ନରମାଲ୍ ଅକ୍ଷରରେ ଛାପିଲା ବେଳକୁ, ଗପର ମଂଜକଥାକୁ କଳା ମୋଟା ଅକ୍ଷରରେ ଛାପି ଦେଉଛନ୍ତି । ଏଇ କଥାଟି ବୁଝିଲେ ପାଠକେ ପ୍ରିନସ୍‌ପାଲ୍ କହିଥିବା କଥା ବୁଝିପାରିବେ । ତାଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଚିତ୍ରଟି ଆଉଥରେ ନିଠେଇ ନିଠେଇ ଦେଖିବାପାଇଁ ସିଏ ମୋତେ କହିଛନ୍ତି ବୋଲି ସାହୁ କହିବେ । ଆଚାରୀ

Digitized by srujanika@gmail.com

କହିବେ ମିତ ତମେ ସିନା ଏତେ ସୁନ୍ଦର ଛବି ଆଙ୍କୁଛ ବୋଲି ତମକୁ ପ୍ରିନସିପାଲ୍ ଏତେ କଥା କହୁଛନ୍ତି । ମୁଁ ତ କମର୍ସିଆଲ୍ ଆର୍ଟ୍‌ରେ, ଏତେ ଛବି କୁଆଡୁ କରିପାରିବି । ସୁନ୍ଦରିଆ ମୁହଁଟେ ଗାରେଇ ଦେଇ ପାରିଲେ ଯଥେଷ୍ଟ ।

ଭିନ୍ନ ଭିନ୍ନ ଦଳର ଝାଡାଯିବା ସମୟ ଭିନ୍ନ ଭିନ୍ନ । ଗାଁ ଗହଳରେ ସ୍ତ୍ରୀଲୋକେ ଯିମିତି ଡକା ହକା ହୋଇ ଝାଡା ଫେରିବା ପାଇଁ ବନ୍ଧବାଡକୁ ଯାଆନ୍ତି, ଅବିକଳ ସିମିତି ବ୍ୟବସ୍ଥା । ଚରଣ ଓ ମୁଁ ସଅଳ ସଅଳ ଏକାର୍ଯ୍ୟରେ ନିୟୋଜିତ ହୋଇଯାଉ ଆଉ ଦୁନିଆଯାକର ପ୍ରସଙ୍ଗ ଆମ କାନରେ ପଡିଯାଏ । ଗଂଜାମୀ ହଷ୍ଟେଲରେ ବହୁ ବିଚିତ୍ର ଧରଣର ପିଲା ଥାଆନ୍ତି । ଦଳେ ନିଜକୁ ସବୁବେଳେ ଗୋପୀଭୂମିକାରେ ରଖି ଆଚାର ବ୍ୟବହାରରେ ନାରୀସୁଲଭ ଢ଼ଙ୍ଗ ଢ଼ାଙ୍ଗ ପ୍ରକାଶ କରୁଥାନ୍ତି । ଗଂଜାମ ବୋଲି ନୁହଁ, ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଝାଡାଫେରିଲା ବେଳେ ସ୍ତ୍ରୀଲୋକେ ଯିମିତି ପିନ୍ଧାଲୁଗାର ପଣତକୁ ଲଜ୍ଜାନିବାରଣ ପାଇଁ ପରଦାଭଳି ଧରିରଖିଥାନ୍ତି, ଏ ପିଲାମାନେ ମଧ୍ୟ ଅବିକଳ ସେହିପ୍ରକାରେ ଲୁଙ୍ଗି ଓ ଗାମୁଛାକୁ ଆଡୁଆଳ କରି ରଖିଥାନ୍ତି । ଅବଶ୍ୟ, ଏଭଳି ବ୍ୟବହାରକୁ ସଭ୍ୟ, ରୁଚିପୂର୍ଣ୍ଣ ଓ ମାର୍ଜିତ କୁହାଯାଇପାରେ ।

ଝାଡ଼ାଫେରାର ଅନ୍ୟଏକ ପରିଭାଷା ହେଲା ପୋଖରୀ ପାଣି । ପୋଖରୀ ପାଣିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଡ୍ରେସ୍ କୋଡ୍ ଅଛି । ଝାଡ଼ା ଗଲାବେଳେ ସାଧାରଣତଃ କଛାମାରି ବା ଫାଲଟା ମାରି ଗାମୁଛାଟେ ପିନ୍ଧା ହେଇଥାଏ, ଆଉ ଗୋଟିଏ ମୁଣ୍ଡରେ ପାଗ ଭଳି ଭିଡ଼ା ହେଇଥାଏ । ଝାଡ଼ା ଫେରିବାବେଳେ ମଳର ପାଖାପାଖି ଥିବାରୁ ପିନ୍ଧାଗାମୁଛାଟି ଛୁଆଁତି ହେଇଯାଏ । ମୁଣ୍ଡରେ ବନ୍ଧା ହେଇଥିବା ଗାମୁଛା ଶରୀରଶୀର୍ଷ ବା ସ୍ୱର୍ଗାଞ୍ଚଳରେ ରହିଥିବାରୁ ମଳଜନିତ ଦୋଷ ତାକୁ ସ୍ପର୍ଶ କରେନାହିଁ । ଝାଡ଼ାକର୍ମ ସମ୍ପାଦନ ପରେ ଶୌଚ ପାଇଁ ପାଣିରେ ପଶିବା ଆଉ ତା'ପରେ ଅଣ୍ଟାପାଣି ବଢ଼ି ସାରିଲା ଉତ୍ତାରୁ ପିନ୍ଧାଗାମୁଛାଟି ସ୍ୱାଭାବିକ ଭାବେ ଓଦାହୁଏ । ଏବେ ମୁଣ୍ଡର ଗାମୁଛା ଅଣ୍ଟାପାଖକୁ ଆସେ । ଚରଣ ଓ ମୁଁ ଏହି ଡ୍ରେସ୍ କୋର୍ଡ଼ ବେଳେବେଳେ ଅନୁସରଣ କରୁଥାଉ ।

ଚୀନ ଦେଶରେ ଝାଡାଫେରିବା ପରଂପରା ବଡ ବିଚିତ୍ର । ମୋର ବେଇଜିଙ୍ଗ୍ ଭ୍ରମଣ କାଳରେ ସେତେବେଳେ ଚାଇନାରେ ସିରାମିକ୍ ଅଧ୍ୟୟନ କରୁଥିବା ମୋ ଛାତ୍ର ଶୋଭନ ସହିତ ଏକା ସାଙ୍ଗରେ ଆନ୍ତର୍ଜାତିକ ହଷ୍ଟେଲ୍‌ରେ ଥିଲି ।

Digitized by srujanika@gmail.com

ହଷ୍ଟେଲ୍‌ର ଝାଡାଫେରା ଓ ଗାଧୁଆ ଘରଗୁଡିକ ସଂପୂର୍ଣ୍ଣ ଉନ୍ମୁକ୍ତ, ନା କବାଟ, ନା ପରଦା । ଏଭଳି ଅପ୍ରସ୍ତୁତ ଅବସ୍ଥାରେ ଝାଡା ଫେରିବା ପାଇଁ ପ୍ରଥମେ ପ୍ରଥମେ ଅଡୁଆ ଲାଗିଲା, ଉପାୟ ନାହିଁ । ଖଲିକୋଟ କଥା ମନେ ପଡ଼ିଗଲା । ଅବଶ୍ୟ କମୋଡ୍‌ରେ ଝାଡା ଫେରିବାକୁ ବସିଲାବେଳେ କୌଣସି ନିଷିଦ୍ଧ ଅଙ୍ଗ ପରିଦୃଷ୍ଟ ହୁଏନାହିଁ । 'ମୁଣ୍ଡ'ର ବିପରୀତ ଅଙ୍ଗ ଏବଂ ପ୍ରଜନନେନ୍ଦ୍ରିୟ କମୋଡ୍ ଗର୍ଭରେ ହଜିଯାଏ । ତଥାପି ଗଂଜାମୀ ପିଲା ହେଇନଥିଲେ ଏଭଳି କାର୍ଯ୍ୟ ସାହସର ସହିତ କରିହୁଅନ୍ତା ନାହିଁ । ମୁଁ ତ ଗଂଜାମର । ଶୋଭନଙ୍କ ପରିବାର ମଧ ଆମ ଗାଁ ପାଖ ଗୋଲା ଚୋଡ଼ଙ୍ଗପୁରର ।

ଆମ ଗଂଜାମରେ ଖୋଲାପଡିଆରେ ଦଳ ଦଳ ହେଇ ଝାଡାଫେରନ୍ତି । ଅବଶ୍ୟ ପୁଅ ଝିଅ ମିଶାମିଶି ନୁହେଁ । ପୁରୁଷମାନେ ବାୟବ୍ୟକୋଣ ବାଛିନେଲାବେଳକୁ ସ୍ତ୍ରୀଲୋକେ ଆଗ୍ନେୟ କୋଣ ଆବୋରି ବସନ୍ତି । ମଝିରେ କନ୍ଦବାକୋଚିଡ୍ ବୁଦା ଧାଡିଏ ତ, ମାଟିହୁଡାରୁ ଓ ମାଟିକୁଦାରୁ ଥାକେ ଦି'ଥାକ । ବ୍ରାହ୍ମ ମୁହୂର୍ତ୍ତରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ସିନ୍ଦୁରା ଫାଟିଲା ବେଳକୁ ଶେଷ ହେଇଯାଏ ।

ଇଟାଲୀ ଦେଶର ସୀମାକୁ ଲାଗି ସୁଇଜରଲ୍ୟାଣ୍ଡର ଓରସିନ୍ ଉପତ୍ୟକାରେ ପାହାଡ ଉପରେ ମୋର ବନ୍ଧୁ ଏବର୍‌ହାର୍ଡ ଫିସର୍‌ଙ୍କ ଗୋଟିଏ ଖଞ୍ଜା ଅଛି, ତା'ର ନାଁ ଓଭିଗା, ଓଭିଗାର ଓଡ଼ିଆରେ ଅର୍ଥହେଲା ମେଷପାଳକର ଘର । ଏଇଟିକୁ ଫିସର୍ ପରିବାର ଗ୍ରୀଷ୍ମନିବାସ ଭଳି ବ୍ୟବହାର କରନ୍ତି । ସେଠି ଝାଡାଫେରିବା ପଦ୍ଧତି ଆଦିମ ଧରଣର ଏବଂ ଉଭୟ ଚୀନ ଓ ଗଂଜାମ ପରଂପରା ସମ୍ମତ । ଏଠି ବଣ ଜଙ୍ଗଲର ମୁକ୍ତ ପରିବେଶ ଭିତରେ ସମଗ୍ର ଦିନର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ କାର୍ଯ୍ୟଟିକୁ ସୁଚାରୁରୂପେ ସମାହିତ କରିହେବ । ହାତରେ ପାଣି ଲୋଟାଟେ ଧରି ପାହାଡ ଉପରକୁ ଚାଲିଗଲେ ଗଲା । ଏବେ କିଛିଦିନ ହେଲା ବଂଧୁ ଏକ କମୋଡ୍ ବସେଇଛନ୍ତି । ଏହି ଝାଡ଼ା ଫେରାଘରେ ନା କବାଟ ଅଛି ନା ପରଦା, ସେହି ଏକାଭଳି ଚୈନିକ ଶୈଳୀ । ଝାଡ଼ାଫେରାବେଳେ ଆଧୁନିକ ଧରଣର ପାଇଖାନା ଭିତରେ ଖବରକାଗଜ ପଢ଼ା, ଉପନ୍ୟାସ ପାଠ ଏବଂ କୋଷ୍ଠକାଠିନ୍ୟ ଥିଲେ ଉଚ୍ଚାଙ୍ଗ ସଂଗୀତ ମଧ ଉପଭୋଗ କରାଯାଉଛି । ଯୁବକଯୁବତୀମାନେ ଝାଡ଼ାଫେରା ଗୃହଭିତରେ ପର୍ଣ୍ଣଗ୍ରାଫି ମେଗାଜିନ୍ ଦେଖିବା ଓ ପଢ଼ିବା ଆଧୁନିକ ରୁଚିରେ ପରିଣତ ହେଇଗଲାଣି ।

Digitized by srujanika@gmail.com

ବହୁ ଦେଶ ବିଦେଶ ପରିଭ୍ରମଣ କରିସାରିଲା ପରେ ବି ମୋର ହୃଦବୋଧ ହେଉଛି ଯେ ଝାଡାଫେରା ଭଳି ଏକ ସ୍ପର୍ଶକାତର ଅଥଚ ନୈସର୍ଗିକ କାର୍ଯ୍ୟକୁ ଆଦିମ ପଦ୍ଧତିରେ ହିଁ ଅତି ସଫଳ ଭାବେ ନିର୍ବାହ କରାଯାଇ ପାରିବ । ଝାଡାଫେରା ପ୍ରସଙ୍ଗ ଅତି ମାମୁଲି ବୋଲି ଆପାତତଃ ମନେ ହେଉଥିଲେ ମଧ୍ୟ ଏହା ଆବଶ୍ୟକ 'କନ୍‌ଜୁମେରିଜମ୍' ପର୍ଯ୍ୟାୟରୁ ଉତ୍ତୀର୍ଣ୍ଣ ହେଇ ଏକ ସାଂସ୍କୃତିକ ବୈଭବ ହେଇସାରିଛି । ଏହି ପରିପ୍ରେକ୍ଷୀରେ ଖଲିକୋଟ ଆର୍ଟସ୍କୁଲର ଝାଡାଫେରା ପ୍ରସଙ୍ଗ ମନେ ପଡିଯାଏ । ମନେ ପଡିଯାଏ କିମିତି ଝାଡାଫେରା ପ୍ରସଙ୍ଗରୁ ଅନେକ ତଥ୍ୟ ସଂଗ୍ରହ କରିପାରୁଥିବାରୁ ତାରି ସାହାଯ୍ୟରେ ହଷ୍ଟେଲରେ ମୋର ଆଧିପତ୍ୟ ବିସ୍ତାର କରିପାରୁଥିଲି ।

ଝାଡାଫେରିବା ପାଇଁ ଗଲାବେଳେ ମୋର ଅଧିକାଂଶ ବନ୍ଧୁ ମୁଁ ମେସ୍‌ରେ ଅତ୍ୟଧିକ ମାତ୍ରାରେ ଖାଉଛି ଅଥଚ ସେମାନେ ମେସ୍‌ପାଇଁ ମାସିକ ଯାହା ପଇସା ଦେଉଛନ୍ତି, ତାହାହିଁ ଦେଉଛି- କଥାକୁ ନେଇ ନାନା ଆଲୋଚନା ସମାଲୋଚନା କରନ୍ତି । ସେମାନଙ୍କ ଆଲୋଚନା ଯଥାର୍ଥ, ସମାଲୋଚନା ବି ପ୍ରାସଙ୍ଗିକ । ଯିଏ ବାଇଶି ପଟ ରୋଟି ଖାଇବ,ଦି ଗ୍ଲାସ ଡାଲି ପିଇବ ଏବଂ ଗ୍ଲାସେ ଡାଲି ଓ ତା' ସହିତ ଚାରିପଟ ରୋଟି ସକାଳ ଜଳଖିଆ ପାଇଁ ଜବରଦସ୍ତ ନିଜରୁମ୍‌କୁ ନେଇଆସିବ ସବୁ ବାରଣ ସତ୍ତ୍ୱେ, ସେ' ଯେ କାହିଁକି ଅଧିକା ମେସ୍‌ଖର୍ଚ୍ଚ ନଦେବ ଏବେ ମୁଁ ବୁଝିପାରୁଚି । ଅଥଚ ଯେଉଁମାନେ ଏହି ଆଳ ଦେଖେଇ ଆମକୁ ସମାଲୋଚନା କରୁଥିଲେ, ଚରଣ ଓ ମୁଁ ତାକୁ ଭବିଷ୍ୟତରେ ଏପରି ଅନ୍ୟର ଆଚାର ବିଚାରରେ ହସ୍ତକ୍ଷେପ ନ କରିବାପାଇଁ ତାଗିଦା ଦେଉଥିଲୁ ଓ ବେଳେବେଳେ ସେମାନେ ଆମର ଏଭଳି ସିଧାସଳଖ କଥାକୁ ଧମକ ଚମକ ବୋଲି ବିଚାରୁଥିଲେ ।

ଆମେ ଯେ ସବୁବେଳେ ଖଲିକୋଟ ଉଆସ ପଛପଟ ପାହାଡ ଉପରକୁ ଝାଡାଫେରି ଯାଉଥିଲୁ, ତା କେବଳ ନୁହେଁ । ଆମେ ବେଳେବେଳେ ଦଳ ଦଳ ହୋଇ ନିର୍ମଳଝର ପର୍ଯ୍ୟନ୍ତ ଖେଦି ଯାଉଥିଲୁ । ନିର୍ମଳଝର ସଂଲଗ୍ନ ନିଘଞ୍ଚ ଜଙ୍ଗଲ ଓ ଆମ୍ବତୋଟା ଭିତରେ ଏହି କାର୍ଯ୍ୟଟି ସୁଚାରୁରୂପେ ସଂପାଦିତ ହେଉଥିଲା ଓ ନିର୍ମଳଝରର କାଉଆଖିଆ ହେମାଳ ପାଣିରେ ସ୍ନାନ ସାରି ଉଆସକୁ ଫେରୁଥିଲୁ । ଏଭଳି କାର୍ଯ୍ୟରେ ବନ୍ଧୁତ୍ୱ ଟାଣ ହେଉଥିଲା ଓ ସିନିଅର୍ ପିଲାଙ୍କ ସାଙ୍ଗରେ କଳା ସଂପର୍କରେ ବିଭିନ୍ନ ଚର୍ଚ୍ଚାର ସୁବିଧା ମିଳୁଥିବାରୁ ଝାଡାଫେରା ପ୍ରସଙ୍ଗ ବଡ ଉପାଦେୟ ମନେହେଉଥିଲା । ମୁଁ ଥରେ ଏମିତି ନିର୍ମଳଝରକୁ ଝାଡ଼ାଫେରି ଯାଇଥିବା ବେଳେ

Digitized by srujanika@gmail.com

ଓଡ଼ିଶାର ମନୀଷୀ ପଣ୍ଡିତ ନୀଳକଣ୍ଠ ଦାସ ଙ୍କୁ ଭେଟିଥିଲି । ତାଙ୍କୁ ଭେଟିବା ଥିଲା ସେଇ ପ୍ରଥମ ଓ ଶେଷ ।

ଗୋପୀମାନେ ଝାଡାଝପଟ ଫେରି ଯମୁନାରେ ସ୍ନାନ ସାରି ଯିମିତି କୃଷ୍ଣଙ୍କ ସହିତ ରାସକ୍ରୀଡ଼ାରେ ମଜିଯାଉଥିଲେ,ଆମେ ସିମିତି ଝାଡାଝପଟ ସାରି ନିର୍ମଳଝରରେ ବା ଖଲିକୋଟ ରାଜାଙ୍କ ବାମ୍ପି ଜଳରେ ସ୍ନାନ କରି ଚିତ୍ରକର୍ମରେ ନିଜକୁ ହଜେଇ ଦେଉଥିଲୁ । ଗୋପୀର ସମର୍ପଣ ଭାବ ନଥିଲେ କଳାସାଧନାରେ ସିଦ୍ଧିଲାଭ କରିବା ସହଜ ବ୍ୟାପର ନୁହେଁ । ଏକଥା ଖଲିକୋଟରେ ପଢ଼ିଲାବେଳେ ଯେତେ ଅନୁଭୂତ ହେଉନଥିଲା, ବୟସ ବଢ଼ିବା ସହିତ ଏହି ଭାବନା ତୀବ୍ର ହେଉଛି ଓ ଗୋପୀ ଅନୁଭବ ମଧ୍ୟ ରସାଣିତ ହେଉଛି । ରାସକ୍ରୀଡାରେ ଜୀବପରମ ମିଶା ମିଶି ହୋଇ ଦିବ୍ୟ ଆନନ୍ଦୋଲ୍ଲାସରେ ଫେଣ୍ଟି ହେଲାଭଳି କଳାସାଧନା ଆଉ ଖଲିକୋଟ ବେଳର ଝାଡାଫେରା-ନିତ୍ୟରାସ । ଖାଲି ବାକି ରହିଲା ନିଜର ଗୋପୀ ଭାବ, ରାଧାଭାବ ପ୍ରମାଣ କରିବା ପାଇଁ ଭାଗବତକାର ଜଗନ୍ନାଥ ଦାସଙ୍କ ମାରୁଲୁଗା ପ୍ରଦର୍ଶନ । ଏତିକି ହେଲେ ନିତ୍ୟରାସ ଚରମ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କୁହାଯାଇପାରିବ । ମୁଁ ଯଦି କହେ ଜଗନ୍ନାଥ ଦାସେ ଗୋପୀଭାବେ ଯାହା କରିଥିଲେ ଖଲିକୋଟରେ ସେକଥା ସମ୍ଭବ ହୋଇଥିଲା, ଏବେ ହୁଏତ ଆପଣମାନେ ବିଶ୍ୱାସ କରିବେନି । ଏବେତ ପୁରୁଷମାନେ ନିଜ ଗର୍ଭରେ ପିଲା ବଢ଼େଇଲେଣି । ପୁଅପିଲାମାନେ କସ୍‌ମୋଟିକ୍ ସର୍ଜରୀ କରି ଝିଅପିଲା ହେଇ ଯାଉଛନ୍ତି କିନ୍ତୁ ଝାଡ଼ା ପ୍ରକ୍ରିୟାରେ ପରିବର୍ତ୍ତନ ହେଇନାହିଁ ।

ଆଜିକାଲି ଏଲିସ୍ ବୋନର୍ ଗବେଷଣା ସଂସ୍ଥାନର ଦାୟିତ୍ୱ ନେଲା ପରଠାରୁ ମୁଁ ବନାରସରେ ରହିବା ଆରମ୍ଭ କଲିଣି । ସକାଳ ଭ୍ରମଣରେ ଗଙ୍ଗା ଘାଟରେ ଗଲାବେଳେ ଦେଖେ ପ୍ରଭୁଘାଟକୁ କାଶୀବାସୀ ଝାଡ଼ାଫେରା- ନିତ୍ୟରାସର ଭୂଇଁ କରି ଦେଇଛନ୍ତି । ଏତେ ପବିତ୍ର ଜାଗା କାଶୀଧାମ ପାଖରେ କଳକଳ ନିନାଦିନୀ ପାବନୀ ଗଙ୍ଗା, ସେଠି ପୁଣି ଏଭଳି ବ୍ୟବସ୍ଥା । ଖଲିକୋଟ କଥା ମନେ ପଡ଼ିଯାଏ । ହାଏ ମଣିଷର ଆଦିମ ପ୍ରବୃତ୍ତିରେ ଏଯାଏଁ ପରିବର୍ତ୍ତନ ନାହିଁ । ଏହାକୁ ଉପଲକ୍ଷ କରି ଚିତ୍ରଟିଏ ଆଙ୍କିଲି ଓ 'ନିଉ ଏଇସ୍ଥେଟିକ୍ସ' ଶୀର୍ଷକରେ ବମ୍ବେ, ଦିଲ୍ଲୀ ଓ ଜୁରିକ୍ ସହରରେ 'ଗଙ୍ଗା ଟୁ ଗେଞ୍ଜସ୍' ପ୍ରଦର୍ଶନୀରେ ପ୍ରଦର୍ଶନ କଲି । ଦର୍ଶକଙ୍କ ସହସ୍ର ପ୍ରଶ୍ନର ଉତ୍ତର ଦେଇଛି । ପ୍ରଶ୍ନ ଝାଡ଼ାଫେରା ଭଳି ଏକ ସାଧାରଣ ଘଟଣାକୁ ନାନ୍ଦନିକ ପର୍ଯ୍ୟାୟକୁ ଉନ୍ନୀତ କରେଇ ତମେ ଭାରତୀୟ ସଂସ୍କୃତିର, ଜନଜୀବନର ଏକ ନିରାଟ ବାସ୍ତବତାକୁ ଦୃଢ଼ଭାବରେ ପ୍ରଦର୍ଶନ କରିବା ପାଇଁ ସମର୍ଥ ହେଇଛ । ପ୍ରଶ୍ନତ ନୁହେଁ

Digitized by srujanika@gmail.com

ଶିଳ୍ପୀଙ୍କୁ, ତା'ର ଦମ୍ଭୋକ୍ତିକୁ ବଧେଇ । ଦର୍ଶକ ଛବିଟି ପାଖରେ ଅଟକି ଯାଇ ମୁରୁକି ହସା ଦେବେ ତାପରେ ମୋ ମୁହଁକୁ ଚାହିଁ ପୁଣି ହସିଦେବେ । ମୁଁ ଧରିନେଇଥିଲି ବନାରସ ନୁହେଁ, 'ନିଉଏଇସ୍ଥେଟିକସ୍' ମୋ ଖଲିକୋଟ ଅନୁଭୂତିର ପୁନର୍ନବିତ ଦୃଶ୍ୟରୂପ ।

ଭାରତବର୍ଷର ଅନ୍ୟାନ୍ୟ ବହୁଶିଳ୍ପୀଙ୍କ ଭିତରୁ ବଙ୍ଗୀୟ ଶିଳ୍ପୀ ପରିତୋଷ ସେନ୍‌ଙ୍କ କମୋଡ଼୍‌ରେ ବସି ଝାଡ଼ା ଫେରୁଫେରୁ ଟେଲିଫୋନ କରୁଥିବାର ଚିତ୍ର ବା କାଶ୍ମୀରର ଶିଳ୍ପୀ ବୀର ମୁନ୍‌ସି ବା ଦିଲ୍ଲୀର ନାରୀଶିଳ୍ପୀ ଅର୍ପିତା ସିଂହଙ୍କର ନିତ୍ୟରାସର ଚିତ୍ରଟି ମନେପଡ଼ିଯାଏ । ମୋ ଚିତ୍ର ଅପେକ୍ଷା ନାନ୍ଦନିକତାରେ ଆହୁରି ଋଦ୍ଧିମନ୍ତ ଅର୍ପିତାଙ୍କ ଚିତ୍ରଟି । ରୂପଯୋଜନାରେ ଏବଂ ବର୍ଣ୍ଣସମ୍ଭାରରେ ଖୁବ୍ ରୁଚିପୂର୍ଣ୍ଣ । ବେଳେବେଳେ ଝାଡ଼ାଫେରା ଭଳି ବାଧ୍ୟ ଔପଚାରିକତାକୁ ଯୁଦ୍ଧଭୂମିରେ କଡ଼ାକଡ଼ି ଭାବରେ ଶୃଙ୍ଖଳାର ନାଲି ଆଖି ଆଗରେ ପାଳନ କରିବାକୁ ହୁଏ । ହୁଇସିଲ୍ ବାଜି ଉଠିବା ସାଙ୍ଗେ ସାଙ୍ଗେ ଯୁଦ୍ଧରତ ସୈନିକମାନେ ଲମ୍ବା ଲମ୍ବା ଟ୍ରେଞ୍ଚ୍ କଡ଼େ ଯନ୍ତ୍ରଚାଳିତ କଣ୍ଢେଇ ଭଳି ବସିପଡ଼ନ୍ତି । 'ଅଲ କ୍ୱାଏଟ୍ ଅନ୍ ଦି ୱେଷ୍ଟର୍ଣ୍ଣ ଫ୍ରଣ୍ଟ' ବହିରେ ଉଲ୍ଲେଖ ହେଇଥିବା ଯୁଦ୍ଧଭୂମିର ଦୃଶ୍ୟ ଆଖି ଆଗରେ ନାଚିଉଠେ । କି କରୁଣାନ୍ତକ ଆଉ ଭୟାଭୟ ସେ ଦୃଶ୍ୟ ।

ମାର୍ଶାଲ ଡୁସାଙ୍କ ୟୁରିନେଲ୍ ଭାସ୍କର୍ଯ୍ୟ ବିଶ୍ୱବିଦିତ । ଅଲୋଡ଼ା ପଦାର୍ଥକୁ କଳା ପର୍ଯ୍ୟାୟକୁ ଉନ୍ନୀତ କରେଇବାରେ ଡୁସା ଥିଲେ ସମଗ୍ର ବିଶ୍ୱକଳା ପରିପ୍ରେକ୍ଷୀରେ ମହନୀୟ ଆଧୁନିକ ଆଭାଣ୍ଟ୍‌ଗ୍ରାଡ୍ ଶିଳ୍ପୀ । ୟୁରିନେଲ୍ ପୋରସିଲନ୍‌ର କମୋଡ଼୍ ଭଳି ମୂତ୍ର ପରିତ୍ୟାଗ କରିବା ପାଇଁ ପାତ୍ର । ଝାଡ଼ା ପ୍ରସଙ୍ଗ ଉଲ୍ଲେଖ କଲାବେଳକୁ ଆମ ଗାଁ ବ୍ରାହ୍ମଣ ସାହିର ଲକ୍ଷ୍ମଣ ଦାଶଙ୍କ ଝାଡ଼ା ଫେରିବା ଶୈଳୀର ଅଭିନବତ୍ୱ ସ୍ମରଣକୁ ଆସୁଛି । ଲକ୍ଷ୍ମଣ ଦାଶ ଡାହାଣ ହାତରେ ବାଙ୍କୁଲି ବାଡ଼ି ଓ ବାଁ ହାତରେ ପିତଳ ଢାଳରେ ପାଣିଧରି ଆମ ଗାଁ ମଣିମା ବନ୍ଧକୁ ଝାଡ଼ା ଫେରିବା ପାଇଁ ବାହାରିବେ । ବନ୍ଧ ପଡ଼ିବା ଆଗରୁ ବିଲକୁ ଗଡ଼ିଯାଇ ଫର୍ଚ୍ଚା ଜାଗାରେ ଢାଳଟିଏ ଥୋଇ ଅଣ୍ଟା ସଳଖ କରି ଠିଆ ହେବେ ଓ ହାତ ପାପୁଲି ଢୋଲାକରି ପେଟକୁ ବାଡ଼େଇବେ । ପେଟରେ ଚାପୁଡ଼ା ବାଜି ଶବ୍ଦାୟିତ ହେବ ଏବଂ ତାହା କୟାଁତୋଟା ଓ ଦୂର ଗାଁମୁଣ୍ଡରେ ପ୍ରତିଧ୍ୱନିତ ହେବ । ଚାପୁଡ଼ା ରହି ରହି ତାଳ ଓ ଛନ୍ଦ ରକ୍ଷାକରି ବାଜିବ ଯିମିତି ଟାଟା ଚାହାର ବିଜ୍ଞାପନ ପାଇଁ ଆଲ୍ଲାର ଖାଁ ତବଲାରେ କରାମତି ଦେଖାନ୍ତି । ମୋଟାମୋଟି ସେମିତି ପ୍ରସ୍ତୁତିର

Digitized by srujanika@gmail.com

ପ୍ରଥମ ପର୍ଯ୍ୟାୟ ଶେଷ ହେଲାପରେ ଲକ୍ଷ୍ମଣ ଦାଶ ତାଳୁଆଡୁ ଚିପିବା ଆରମ୍ଭ କରିବେ । ତାଙ୍କ ଧାରଣା ମଳ ଦେହ ଭିତରେ ରକ୍ତ ସାଙ୍ଗରେ ମିଶି ରହିଥାଏ ଏଣୁ ରକ୍ତରୁ ଛାଣି ଆଣିବା ପାଇଁ ତାଳୁରୁ ତଳିପା ଯାଏଁ ଚିପିବାକୁ ପଡ଼େ । ତାଳୁରୁ ମଳଯାକ ଛାଣି ଆଣି ବେକଷଣ୍ଢା ପାଖରେ ଆପାତତଃ ରଖିଦେଇ ଦୁଇ ହାତକୁ ଊର୍ଦ୍ଧ୍ୱକୁ ଟୋଳି ଧରିବେ ଓ ଆଙ୍ଗୁଠି ଟିପଆଡୁ ଅନୁରୂପ ଚିପି ଚିପି ମଳକୁ ଖସେଇବେ । ଶାଖାନଦୀମାନେ ମୂଳନଦୀରେ ମିଶିଲା ପରି ଏବେ ଝାଡ଼ାର ଧାରଗୁଡ଼ିକ ଛାତି ପେଟ ଦେଇ ଅଣ୍ଟା ଚାରିକଡ଼େ ଜମାଟ ବାନ୍ଧିବ । ପୁଣି ସିଏ ଏବେ ଲଇଁ ପଡ଼ି ଗୋଡ଼ର ଆଙ୍ଗୁଠିମାନଙ୍କୁ ଚିପିଚିପି ଝାଡ଼ାଖଣ୍ଡମାନଙ୍କୁ ଊର୍ଦ୍ଧ୍ୱଗାମୀ କରେଇବେ ଏବଂ ଅଣ୍ଟାର ବଳୟରେ ଏକତ୍ରିତ ହେଇଥିବା ମଳର ସ୍ରୋତ ସାଙ୍ଗରେ ମିଶେଇବେ । ତାଙ୍କର ହୃଦବୋଧ ହେବ ଯେ ଝାଡ଼ା ନିତମ୍ବ ଉପର ଦେଶରେ ଜମିଗଲାଣି । ତେଣୁ ସିଏ ଦୁଇ ପାପୁଲିକୁ ଦୁଇ ଆଣ୍ଠୁ ଉପରେ ଭରାରଖି ଚତୁଷ୍ପଦ ପ୍ରାଣୀ ଭଳି ଆଗକୁ ଝୁକି ରହିବେ । ଏବେ ଡାହାଣ ହାତକୁ ମୁଷ୍ଟିବଦ୍ଧ କରି ନିତମ୍ବ ଦେଶରେ ପ୍ରହାର କରିବେ । ଗୁହ୍ୟଦ୍ୱାର ଉନ୍ମୁକ୍ତ ରହିଥିବ ଏଣୁ ମଳ ପ୍ରଣାଳୀରୁ ଉଦ୍‌ଗମ ହେଲାଭଳି ଭକ୍ ଭକ୍ ବାହାରି ଆସିବ ଓ ଲକ୍ଷ୍ମଣ ଦାଶ ଆଶ୍ୱସ୍ତି ଅନୁଭବ କରିବେ ।

ଇଟାଲୀୟ କବି ଆଲଦା ମେରିନିଙ୍କ 'ଟଏଲେଟ୍' କବିତାର ମର୍ମାନୁବାଦ ଏଇଠି ଦେଇ ଝାଡ଼ାଫେରା ନିତ୍ୟରାସ ପ୍ରସଙ୍ଗ ଶେଷ କରୁଛି ।

ଦୁଃଖଦ ସର୍ବକାଳର ଝାଡ଼ାଗୃହ
ମୁହଁଧୁଆ ବେସିନ କଡ଼େ
ବର୍ଜନୀୟ ପୂତି ଆବର୍ଜନାର କଳାବର୍ଣ୍ଣ ଦାଗ
ଓଃ ନିର୍ଲଜ ମାଂସର କି ଜର ଜର ଭାବ ।
ଶୀତଳ ଅନ୍ଧାର
ଗଳିତ ଜାନ୍ତବତା, ରୋଗୀ ଭଳି
ତଳେ ଲୋଟିଯାଏ ।
କେଉଁ ଶୂନ୍ୟରେ ରୁଦ୍ଧି ହେବାର ସଂକେତ
ସଂପୂର୍ଣ୍ଣ ଅଜଣା
ଉଦଣ୍ଡ ନଗ୍ନ ଦେହଙ୍କ
କଦର୍ଯ୍ୟ ଉତ୍ପାତ ।
ଫେରିଆସେ ପ୍ରେତାତ୍ମାର
ଉଜ୍ଜ୍ୱଳ ଆଲୋକେ ।

Digitized by srujanika@gmail.com

ଚିତ୍ରବୀଥି : ଦ୍ୱିତୀୟ ପ୍ରକୋଷ୍ଠ

୧୩. **ସାଆନ୍ତ ସାହି,**
ଜଳରଙ୍ଗ, (୩୭ x ୨୬ ସେ.ମି.), ୧୯୬୧

୧୪. **ସାଆନ୍ତ ସାହି,**
ଜଳରଙ୍ଗ, (୩୫ x ୨୫ ସେ.ମି.), ୧୯୬୧

୧୫. **ଖଲିକୋଟ ବଜାର,**
ଜଳରଙ୍ଗର ସ୍କେଚ୍, (୩୬ x ୨୫ ସେ.ମି.), ୧୯୬୨

୧୬. **ଖଲିକୋଟ ବଜାର,**
ତୈଳଚିତ୍ର, (୯୮ x ୭୦ ସେ.ମି.), ୧୯୬୩

୧୭ **ବାଲୁକେଶ୍ୱର ମନ୍ଦିର**
ଜଳରଙ୍ଗ, (୩୪ x ୨୪.୫ ସେ. ମି.), ୧୯୬୧

୧୮. **ବସଷ୍ଟାଣ୍ଡ ପାନ ଦୋକାନ,**
ଜଳରଙ୍ଗ, (୩୫ x ୨୬ ସେ. ମି.) ୧୯୬୧

୧୯. **କେଶପୁର ବଜାର,**
ଜଳରଙ୍ଗ, (୩୫ x ୨୫ ସେ. ମି.), ୧୯୬୧

୨୦. **ଖୋଲସାହି,**
ଜଳରଙ୍ଗ ଚିତ୍ର, (୩୬ x ୨୬ ସେ.ମି), ୧୯୬୧

୨୧. ଡାବାଲିପାଲି,
ତୈଳଚିତ୍ର, (୮୧ x ୫୭ ସେ. ମି.), ୧୯୬୨

୨୨. **କୃଷ୍ଣଚୂଡ଼ା,**
ତୈଳଚିତ୍ର, (୮୦ x ୫୫ ସେ. ମି.), ୧୯୬୨

୨୩. **ପେଷ୍ଟାଲ୍ ସ୍କେଚ୍,** (୩୪ x ୨୪ ସେ.ମି), ୧୯୬୧

୨୪. **ବସ୍ତୁଚର୍ଯ୍ୟା**
ଜଳରଙ୍ଗ, (୫୦ x ୩୨ ସେ. ମି.), ୧୯୬୨

୨୫. **ବସ୍ତୁଚର୍ଯ୍ୟା**
ଜଳରଙ୍ଗ, (୫୪ x ୩୭ ସେ. ମି.), ୧୯୬୨

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

104-ଚିଲିକା ପାଣିରେ ଛାଇ

Digitized by srujanika@gmail.com

Digitized by srujanika@gmail.com

106-ଚିଲିକା ପାଣିରେ ଛାଇ

Digitized by srujanika@gmail.com

Digitized by srujanika@gmail.com

104-ଚିଲିକା ପାଣିରେ ଛାଇ

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ପ୍ରେମ ଓ ପ୍ରଣୟ

ପ୍ରେମ ମୂଳେ ଏ ଜଗତ । ମଣିଷ, ପଶୁପକ୍ଷୀ, ଜନ୍ତୁଜୁନ୍ତା ସମସ୍ତେ ପ୍ରେମର ଡୋରିରେ ବନ୍ଧା । ପ୍ରେମ ଅମୂର୍ତ୍ତ । କଳା, କବିତା ଓ ସଂଗୀତର ମାଧ୍ୟମ ଦେଇ ପ୍ରେମକୁ ଭେଟିହୁଏ, ଚିହ୍ନଟ କରିହୁଏ, ଚିହ୍ନିହୁଏ, । ପ୍ରେମୀଟିଏ ନହେଲେ ନା ଚିତ୍ର, ନା କବିତା, ନା ସଂଗୀତ ରଚିହୁଏ । ଖଲିକୋଟ ଗଡ଼ର ସବୁଜ ବନାନୀଘେରା ପ୍ରୀତିଭରା ପରିବେଶ, ତା'ରି ଭିତରେ ଫରୁଆରେ ମୁକ୍ତାସାଇତା ହେଲାଭଳି ମର୍ଦ୍ଧରାଜଙ୍କ ରାଜପ୍ରାସାଦ, ଯେଉଁଠି ଶହ ଶହ ବର୍ଷଧରି ରାଜାରାଣୀ, ଦାସଦାସୀ ପୋଇଲି ପୋଇଲାଣୀଙ୍କ ପ୍ରେମର ଗାଥା କିମ୍ବଦନ୍ତୀ ଭଳି ଲିପିବଦ୍ଧ । ଯେଉଁମାନେ ରୂପଚର୍ଚ୍ଚା କରନ୍ତି ରୂପମାନଙ୍କର ଗହନ ମାଦକତା ଝରା ଶେଫାଳି ଭଳି ଆପେ ଆପେ ସେମାନଙ୍କର ହାତରେ ଆସି ଧରାଦିଏ । ରୂପ ଶିଳ୍ପୀକୁ ସମ୍ମୋହିତ କରିଦିଏ ଆଉ ସେଇ ସମ୍ମୋହନରେ ଶିଳ୍ପୀ ହେଇଯାଏ ପାଗଳ । ରୂପର ସଂପର୍କ ବେଳେବେଳେ ବର୍ଣ୍ଣର, ବିଭାର ଔଚିତ୍ୟରୁ ଉତୁରି ପଡ଼ିଲେ ଢଂଢାଳର

Digitized by srujanika@gmail.com

ମାୟାଜାଲରେ ଛନ୍ଦିହେଇପଡେ । ପୁରାଣରେ ରତିର ମୃତ୍ୟୁ ହେଇଥିଲା । ଏଠି କିନ୍ତୁ ପ୍ରେମ ଭସ୍ମୀଭୂତ ହେଇଯାଏ । ସେହି ଭସ୍ମରୁ ଜନ୍ମନିଏ କାମ । ସିଏ ତାର ମଦନାୟିତ ଆସକ୍ତିରେ, ଶୀତର ହେମାଳ ସ୍ପର୍ଶରେ ସବୁ ଉତ୍ତେଜନା, ଉନ୍ମାଦନାକୁ ସ୍ତିମିତ କରିଦିଏ । ଶୀତଳର ପରସ୍ତ ଭିତରେ କାମ ହଜିଯାଏ । ସବୁଜ ବନାନୀ ଶୂନ୍ୟ ପ୍ରତିଧ୍ୱନି ଫେରାଇଦିଏ ।

ଚାରିବର୍ଷର ଡିପ୍ଲୋମା ଶେଷକରି ଖଲିକୋଟରୁ ବିଦାୟନେଇ ଫେରିଲାବେଳେ, ପ୍ରଥମ ବ୍ୟାଚର ଛାତ୍ରୀ ବିନିତା ବିଷୋୟୀଙ୍କ ସହିତ ଦେଖାହୁଏ । ସିଏ କ'ଣ ଗୋଟିଏ ବିଶେଷ କାମରେ ଖଲିକୋଟରେ ପହଞ୍ଚିଥାନ୍ତି । ଆମେ ଦୁହେଁ ବହୁ ପୁରୁଣା ସ୍ମୃତି ମନେ ପକଉ । ବିନିତା ହଠାତ୍ କହିବସନ୍ତି, ଦିନନାଥ ବାବୁ ! ଆପଣ ଖୁବ୍ ଭଲପିଲା । ଜଣେ ନାରୀର ଏଭଳି ଅକୁଣ୍ଠ ପ୍ରଶଂସା ଭିତରେ କାମନାର କ୍ରମାୟିତ ଖିଅଟିଏ ବାରି ହେଇପଡେ । ମୁଁ ହତବାକ୍ ହେଇଯାଏ । ଖଲିକୋଟରେ ପଢ଼ିଲା ବେଳର ପ୍ରେମଜନିତ ଅନେକ ଘଟଣା ଓ ଦୁର୍ଘଟଣା ସହିତ ପରିଚିତ ଥାଇ ମଧ ବିନିତାଙ୍କୁ ଜଣେ ପ୍ରେମିକାର ଆଖିରେ କେବେ ଦେଖିନି । ବିନିତାଙ୍କ କାମନା, ବାସନା, ଯାଚଞ୍ଚା ସବୁ ତାଙ୍କର ଏକାନ୍ତ ବ୍ୟକ୍ତିଗତ । ମୁଁ ସେଥିରେ ଭାଗୀଦାର ହେବାପାଇଁ ଚାହିଁନି । ହୁଏତ ସେଇଥିପାଇଁ ତାଙ୍କର ଚିକ୍କଣ କଥାପଦକ ମୋ ପାଇଁ ଏତେଦିନ ଧରି ସାଇତାହେଇ ରହିଥିଲା । ବରଂ ଗଂଜାମୀ ଛାତ୍ରାବାସର ଜଣେ ସଚେତନ ଓ କର୍ମଠ ଛାତ୍ରଭାବରେ ଦଳର ନିର୍ଦ୍ଦେଶରେ ପ୍ରେମିକା ଓ ପ୍ରେମିକଙ୍କ ମିଳନର ପ୍ରତିବନ୍ଧକ ହେଇ ବହୁବାର ଠିଆ ହେଇଛି । କମର୍ସିଆଲ୍ କ୍ଲାସ ସଂଲଗ୍ନ ଗାଧୁଆଘର ବାରଣ୍ଡାକୁ ଉଠିବା, ଗୋଲିଆ ଲୁହାସିଡିରେ ରାତିରାତି ଉଜାଗର ରହି ପ୍ରେମୀଯୁଗଳଙ୍କୁ କାବୁ କରିଦେବାର ଅଭୀପ୍ସା ହୁଏତ କେବେ ଫଳବତୀ ହେଇପାରିନି । ମୋ ଭୂମିକା ସଂପର୍କରେ ପ୍ରେମିକ ଓ ପ୍ରେମିକାମାନେ ଯେ ଅଜ୍ଞ ଏକଥା ମୁଁ କେବେ ଭାବିନି । ବିନିତା ନିଶ୍ଚିତ ଭାବେ ସବୁ ଭିତିରି କଥା ଓ ସେଥିରେ ମୋ ସଂପୃକ୍ତି ଜାଣିସୁଦ୍ଧା ମୋତେ ପ୍ରଶଂସାର ପାତ୍ର କରିଦେଲେ, ତାହା ମୋତେ ସ୍ତମ୍ଭୀଭୂତ କରିଦେଲା ।

କଥାପଦକରେ ଶାଣିତ ବ୍ୟଙ୍ଗଥିଲା, ପୁଣି ପୌରୁଷ ପ୍ରତି ପ୍ରଚ୍ଛନ୍ନ ତାଚ୍ଛଲ୍ୟବି ଥିଲା । କାସାବ୍ଲାଙ୍କା ଇଚ୍ଛାକରିଥିଲେ ଜଳନ୍ତା ପାଣିଜାହାଜରୁ ଡେଇଁପଡି ନିଜକୁ ରକ୍ଷାକରିପାରିଥାନ୍ତା । କ୍ୟାପଟେନ୍‌ଙ୍କ ଆଦେଶ କପୋଳକଳ୍ପିତ ଗଳ୍ପର

Digitized by srujanika@gmail.com

ପଟ୍ଟଭୂମି । ଆମେ ପଢ଼ିଲାବେଳେ ଅନୁଭବ ହେଉଥିଲା ଖଲିକୋଟର ରାସ୍ତାରେ ଘାଟରେ, ଆକାଶରେ, ପବନରେ, ଗଛରେ, ପତ୍ରରେ ପ୍ରେମର ଉନ୍ମେଷ ମାଖିହେଇ ଯାଇଛି । ଶାନ୍ତିନିକେତନରେ ଯିମିତି କହନ୍ତି 'ପାଗଲାହାୱା' । କବାଟ ଖୋଲି ଦେଉଥିଲେ ବସନ୍ତର ମତୁଆଲ ପବନ ପଶି ଆସିଥାନ୍ତା, ତା' ସହିତ ଉଡି ଆସିଥାନ୍ତେ ରଙ୍ଗବେରଙ୍ଗର ଚଢ଼େଇ । ସେମାନଙ୍କ କାକଳୀରେ ଭରିଯାଇଥାନ୍ତା ମନ-ପ୍ରାଣ-ହୃଦୟ । ଏ ସବୁ ଯେହେତୁ ଘଟିନାହିଁ ମୋତେ ଭଇପିଲା କହିବାର ଯଥାର୍ଥତା ଅଛି ।

ଏହି ଘଟଣାର ପ୍ରାୟେ ପଚିଶି ତିରିଶିବର୍ଷ ପରେ ଏକ ଅତ୍ୟନ୍ତ ଅଭାବନୀୟ ପରିସ୍ଥିତିରେ ଭେଟ ହେଇଥିଲା ବିନିତାଙ୍କ ସହିତ ଭୁବନେଶ୍ୱରରୁ ବାଲେଶ୍ୱର ଯାଉଥିବା ବସ୍‌ରେ । ମୁଁ ବସ୍‌ରେ ଝରକାପାଖ କଣକିଆ ସିଟ୍‌ରେ ବସିଥାଏ । ବିନିତା ସେହିବସ୍‌ରେ ଉଠିଲେ । ଜରାକ୍ରାନ୍ତ ଦେହ, ଚକ୍ଷୁ କୋରଡ ପଶିଯାଇଛି । ମୁଣ୍ଡବାଳ ଧଳା ଫୁର୍ ଫୁର୍ ହେଇ ଉଡୁଛି । ବେଶ ପୋଷାକ ମଳିନ ଲାଗୁଛି । ସେ ଜୀବନରେ କିଛି ଗୋଟାଏ ଅତି ଆପଣାର ଚିଜ ହରେଇ ଦେଇ ନିଃସ୍ୱ ଭଳି ଲାଗୁଛନ୍ତି । ଆଶ୍ରା ଖୋଜୁଛନ୍ତି । ସେ ଆସି ମୋ ପାଖସିଟ୍‌ରେ ବସିଲେ ଯିମିତି ଯାତ୍ରୀଟିଏ ଖାଲିସିଟ୍ ଦେଖିଲେ ଅବୋରି ବସେ ।

ସେ ଧୈର୍ଯ୍ୟହରା । ମୋତେ ସେତେବେଳକୁ ଚିହ୍ନି ପାରିନଥାନ୍ତି । ମୋ ଆଡ଼କୁ ମୁହଁ ଫେରେଇ ସଂଦିଗ୍ଧ ଆଖିରେ ଚାହିଁଲେ । ବୋଧେ ଚିହ୍ନିପାରିଲେ ବହୁଦିନ ତଳର ଭଲ ଲୋକଟିକୁ । ହଠାତ୍ ବାଲିବନ୍ଧ ଭୁଶୁଡି ପଡ଼ିଲା । ଦୁଇଆଖିରୁ ଲୁହଧାର ଝରଝର ନିଗିଡ଼ି ଆସିଲା । ମୋ କାନ୍ଧଉପରେ ମୁଣ୍ଡକୁ ଆଉଜେଇ ଦେଇ ବୋଧହୁଏ ଭାବିଲେ କୂଳକିନାରା ପାଇଗଲେ । ବସ୍‌ର ଯାତ୍ରୀମାନେ ଆମ ଦୁହିଁଙ୍କୁ ଦେଖି କ'ଣ ଭାବୁଥିଲେ କେଜାଣି ? ସେମାନେ କ'ଣ ଜାଣିପାରୁଥିଲେ, ଯେ ଆମେ ପ୍ରେମିକପ୍ରେମିକା ନୋହୁ, କି ବହୁବର୍ଷର ବିଚ୍ଛେଦ ପରେ ଘଟଣାକ୍ରମେ ମିଶୁଥିବା ସ୍ୱାମୀସ୍ତ୍ରୀ ନୋହୁ, ଆମେ ଖଲିକୋଟ ଆର୍ଟସ୍କୁଲର ଦୁଇଜଣ ପୁରୁଣା ସତୀର୍ଥ ଚିତ୍ରଶିଳ୍ପୀ । ଉଷ୍ଣତା ଆଣିଦେବାର ସବୁ ସମ୍ଭାବନା ବିନିତାଙ୍କ ଦେହରେ ହଜିଯାଇଥିଲେ ସୁଦ୍ଧା ଖଲିକୋଟ ଦିନର ସ୍ମୃତିର ବିନିତା ମୋ ହୃଦୟକୁ ପ୍ରେମରେ, କାରୁଣ୍ୟରେ ବିଦୀର୍ଣ୍ଣ କରିଦେଉଥିଲେ । ହରିଣୀର ଚଂଚଳ କଜଳ-ଚିତ୍ରିତ ଆଖିରେ ଖଲିକୋଟରେ ବିନିତା କିମିତି ତାଙ୍କ ପ୍ରେମିକ ପାଖରେ ପ୍ରେମ ନିବେଦନ କରୁଥିଲେ

Digitized by srujanika@gmail.com

ସେ କଥା ମୋର ମନେ ପଡିଯାଉଥିଲା । ଆହୁରି ମନେ ପଡିଯାଉଥିଲା ଅଭିସାରରେ ଲେଡିଜ୍ ହଷ୍ଟେଲ୍‌ରୁ ଗୋଡ କାଢ଼ି ବାହାରିବା ଆଗରୁ ବିନିତାଙ୍କ ରୂପଚର୍ଯ୍ୟାର ଆକାଂକ୍ଷିତ ମୁହୂର୍ତ୍ତ । ପ୍ରେମିକ ପ୍ରେମିକାଙ୍କ ମିଳନରାତ୍ରିର ନିର୍ଘଣ୍ଟ ସଠିକ୍ ଜଣାପଡିଗଲେ ସଂଧ୍ୟାପହରରୁ ଭାରତୀୟ ଚିତ୍ରବିଭାଗର ଛାତ ଉପରୁ ଆମେ ଲେଡିଜ୍ ହଷ୍ଟେଲର ଝରକାଦେଇ କିମିତି ଭିତରର ସବୁ ଗତିବିଧିକୁ ଗୋଇନ୍ଦା ଆଖିରେ ତନଖି ନେଉଥିଲୁ ତାହାବି ସ୍ମରଣକୁ ଆସିଯାଉଥିଲା । ଆମର ତଥ୍ୟସନ୍ଧିତ୍ସୁ ଆଖି ବେଳେବେଳେ ତଥ୍ୟ ସଂଗ୍ରହରୁ ଉତୁରି ପଡି ପ୍ରେମ ଓ ପ୍ରଣୟର ସ୍ୱପ୍ନିଳ ବେଷ୍ଟନୀ ଭିତରେ ହଜିଯାଉଥିଲା । ମନ ଭିତରର ଆତ୍ମପ୍ରତ୍ୟୟଟି ଦୋହଲି ଯାଉଥିଲା । ରୂପର ଚମକରେ ମୁଁ ଭେଳେକେଇ ଯାଉଥିଲି, ଏହାହିଁ ଚିତ୍ରଶିଳ୍ପୀଟି ଉପରେ ରୂପର ସମ୍ମୋହନ । ବିନିତା ସେଦିନ ନିଜ ସ୍ୱାମୀଙ୍କୁ ହଜେଇଦେଇ ଖୁବ୍ ଏକାକିନୀ ଅନୁଭବ କରୁଥିଲେ ଓ ମୁଁ ବାଲେଶ୍ୱରରେ ରହୁଥିବା ମୋ ସ୍ତ୍ରୀଙ୍କୁ ଭେଟିବାକୁ ଯାଉଥିଲି । ଗୋଟିଏ ନିଦାଘରେ ଆଉଟୁଥିବା ଶୁଖିଲାମନ, ଅନ୍ୟଟି ବସନ୍ତର ସ୍ୱପ୍ନରେ ସାଉଁଳି ଉଠୁଥିବା ଦରଦୀ ମନ । କୋଲାଜ୍ ଚିତ୍ରରେ ରୂପଗୁଡିକ ଯିମିତି ପରସ୍ପର ସମୟର ସଂଭ୍ରମ ଅତିକ୍ରମ କରି ଏକାକାର ହେଇଯାଆନ୍ତି ସେମିତି ସ୍ମୃତିବିଜଡିତ ବେଳାଟିଏ ବସ୍ ଭିତରେ ରୂପାୟିତ ହେଇଗଲା ।

ଖଲିକୋଟ ବେଳର ଅନ୍ୟଗୋଟିଏ ଅଜବ ଅନୁଭୂତି । ଆମେ ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଦୁର୍ଲଭ ଦର୍ଶନ ସାରି ମନର, ପ୍ରାଣର ସବୁ କଳୁଷ ଧୋଇ ଧାଇ ଦେଇ ଋଷିକେଶରୁ ଖଲିକୋଟ ଫେରୁଥାଉ । ଦେହ ଓ ଆତ୍ମାର ଫରକ ଜନିତ ଜ୍ଞାନ, ଦିବ୍ୟ ଅନୁଭୂତି, ଅନାଗ୍ରହ ଆସକ୍ତି ଓ ଋଷିକେଶର ଆଧାତ୍ମିକ ପରିବେଶର ସ୍ପର୍ଶ ଦେହରୁ ମନରୁ ଯାଇନଥାଏ । ରେଳ ଆଲିଗଡ଼ ଷ୍ଟେସନରେ ପହଞ୍ଚିଲା । ଦଳେ ଇଂଜିନିୟରିଂ ପିଲା ଆମ କମ୍ପାର୍ଟମେଣ୍ଟରେ ଉଠିଲେ । ସେମାନଙ୍କ ଢଙ୍ଗଢାଙ୍ଗ, ହାବଭାବରେ ଆମେ ଅତିଷ୍ଠ ହେଇପଡ଼ିଲୁ । ସେମାନଙ୍କୁ ସେମାନଙ୍କ ଉଚାଙ୍ଗ ଅସଂଯତ ଓ ଅସଂଲଗ୍ନ ବ୍ୟବହାରରୁ ନିବୃତ୍ତ କରେଇବାର ସାହସ ଆମର ନଥାଏ । ସଂଧ୍ୟା ଗଡ଼ିଯାଇ ରାତି ଗହୀରା ହେଲା । ମୁଁ ଉପର ବର୍ଥରୁ ଓହ୍ଲେଇ ଆସି ପଦ୍ମାବତୀ ଦିଦିଙ୍କ ପାଖରେ ବସିଥାଏ । ମୋର ଧାରଣାର ସଂପୂର୍ଣ୍ଣ ବାହାରେ ଥିଲା ଯେ ଦିଦି ଖୁବ୍ ଏକାକିନୀ କେବଳ ସେ ମୁହୂର୍ତ୍ତ ପାଇଁ ନୁହେଁ, ଜୀବନ ସାରା ପାଇଁ ବାଟହୁଡ଼ା ମଣିଷଟିଏ । ରାଣୀହଂସପୁର

Digitized by srujanika@gmail.com

ଲେଡ଼ିଜ୍ ହଷ୍ଟେଲର ୱାର୍ଡ଼ନ ହେବା ଏବଂ ଯୁବତୀମାନଙ୍କ ପ୍ରେମର ଉତ୍ତାଳ ତରଙ୍ଗ ଭିତରେ ଖାଲି ଦୀର୍ଘଶ୍ୱାସ ଛାଡ଼ି ଛାଡ଼ି ବଂଚିବାରେ କି ମାନସିକ ବୈକଲ୍ୟ ତାହା ହୁଏତ ଏବେ ବୁଝିହେଉଛି । କିନ୍ତୁ ଖଲିକୋଟରେ ଦିଦି ଆମପାଇଁ ପ୍ରଶାନ୍ତି ମାତୃତ୍ୱର ପ୍ରତୀକ ଥିଲେ । ଉଭର ଚାଳିଶିର ଦିଦି ବେଶ୍ ଗୋରୀ ଆଉ ରୂପବତୀ । ତାଙ୍କ ମନରେ କି ବିକାର ଉପୁଜିଲା କେଜାଣି ସିଏ ମୋତେ କହିଲେ ‘‘ଦିନନାଥ। ଏ ପିଲାଙ୍କୁ ଦେଖିଲେ ମୋତେ ଡର ଲାଗୁଛି ତମେ ମୋତେ ଭିଡ଼ିଧର ।’’ ଦିଦି ବର୍ଥ ଉପରେ ଶୋଇଥାନ୍ତି ଓ ମୁଁ ତାଙ୍କ ଗୋଡ଼ତଳକୁ ବସିଥା'' । ତାଙ୍କ ପାଦ ଦି'ଟାକୁ ମୋ କୋଳଉପରେ ରଖି ଚାପି ଧରିଲି । ସ୍ପର୍ଶର କି ଅନ୍ତରଙ୍ଗ ଅନୁଭବ ପାଇଲେ କେଜାଣି ସିଏ କହିଲେ ସେଠି ନୁହେଁ ଆହୁରି ଉପରକୁ ଜାବୁଡ଼ିଧର । ମୁଁ ଉପରକୁ ଉଠି ଉଠି ଆଣ୍ଠୁଯାଏଁ ଗଲି, ତା ଉପରକୁ ଆଉ ଉଠି ପାରିଲିନି । ମୁଁ ଏବେ ଉପଲବ୍ଧ କରୁଛି ଆଲିଗଡ଼ ପିଲାଙ୍କ ଯୁବସୁଲଭ ପରିପ୍ରକାଶ ଓ ଦିଦିଙ୍କ ଯୁବତୀସୁଲଭ ଅନୁରୋଧ ଭିତରେ ମୋଟେଇ ସଂପର୍କ ନଥିଲା କି ଗୋଟିଏ ଅନ୍ୟଟିର କାରଣ ବି ନଥିଲା । ପ୍ରେମ ନିବେଦନର ଇଏ ଥିଲା ଏକ ଲାକ୍ଷଣିକ ବାହାନା । ପ୍ରେମ ପାଇଁ ବୟସର, ସଂଭ୍ରମର, ଲୌକିକ ସଂପର୍କର ଆକଟ ନଥାଏ । ଖଲିକୋଟର ଚାରିବର୍ଷିଆ ପାଠ୍ୟକ୍ରମ ସରିଆସିଥାଏ । ପରୀକ୍ଷାଫଳ ପ୍ରକାଶ ପାଇସାରିଥାଏ । ଖଲିକୋଟରୁ ଉତୁରି ପଡ଼ି ଅନ୍ୟକେଉଁଠି ନୂଆକରି ଜୀବନଟିଏ ଆରମ୍ଭ କରିବାର ରାହା ନଥାଏ । ମୁଁ ପଣ୍ଡାସାର୍‌ଙ୍କ ଘରେ ଏବେ ଶରଣାର୍ଥୀ ଅତିଥି । ଗୁରୁମା ଉର୍ବଶୀଙ୍କ ଚମତ୍କାର ରାନ୍ଧଣା ଖାଇ ଖାଇ ତାଙ୍କ ଘରେ ମୋ ଆସ୍ଥାନକୁ ଦୃଢ଼ କରିସାରିଥାଏ । ଉର୍ବଶୀ ମୁଁ ଗଂଜାମୀ ପିଲାବୋଲି ମୋ ପାଇଁ ବିଶୁଦ୍ଧ ଅରୁଆ ଚାଉଳ ରାନ୍ଧୁଥିଲେ ଓ ବେଳେବେଳେ ହିଙ୍ଗୁଦିଆ ଚାରୁପାଣି ଓ ଭୃସୁଙ୍ଗା ପତ୍ର ପରଜା ହେଇଥିବା ସାମ୍ବାରୁ ମଧ ତିଆରି କରୁଥିଲେ । ମୋ ଦିନତକ ଭଲରେ ଭଲରେ କଟିଯାଉଥିଲା । ଏସବୁ ଆତିଥ୍ୟର ପ୍ରତିବଦଳରେ ଅଏଲ୍‌ପେଣ୍ଟିଙ୍ଗ୍ କ୍ଲାସରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କିଭଳି ବଢ଼ିବ ଓ ଅଧିକ ପିଲାଙ୍କୁ ତୈଳଚିତ୍ର ବିଭାଗକୁ କିଭଳି ଆକୃଷ୍ଟ କରାଯାଇପାରିବ ତାର ଉପାୟ ପାଞ୍ଚିବା ଓ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ଥିଲା ମୋ କାମ । ମୋର ପୁଣି ଦାୟିତ୍ୱ ଥିଲା ଖାଲି ଉର୍ବଶୀ ନୁହନ୍ତି ସବୁ ଗୁରୁମାତାମାନଙ୍କୁ ଚିତ୍ରକଳାର ପ୍ରାଥମିକତା ଓ ରେଖାଙ୍କନର କୌଶଳ ବିଷୟରେ ସବିଶେଷ ତାଲିମଦେଇ ସେମାନଙ୍କୁ ସ୍କୁଲରେ ଛାତ୍ରୀହେବାର ଯୋଗ୍ୟତା ହାସଲ କରେଇବା । ଥରେ ଅଧାପକମାନେ ନିଷ୍ପତ୍ତି ନେଲେ ଯେ ସେମାନଙ୍କ ସହଧର୍ମିଣୀମାନେ ସରକାରୀ

Digitized by srujanika@gmail.com

ଘରଭିତରେ ଦିନସାରା ଖାଲି ବସିରହି ସମୟର ଅପଚୟ କରିବା ପରିବର୍ତ୍ତେ ଯଦି ଆର୍ଟସ୍କୁଲରେ ଅଧ୍ୟୟନ କରିନ୍ତି ତା ହେଲେ ଚିତ୍ରବିଦ୍ୟା ଭଳି ଦୁର୍ଲଭ ଜ୍ଞାନର ଅଧିକାରିଣୀ ହେବା ସଙ୍ଗେ ସଙ୍ଗେ ସେମାନେ ଛାତ୍ରୀଭାବେ ପାଇବାକୁ ସମ୍ଭାବନା ଥିବା ତରିଶି ଟଙ୍କାର ଷ୍ଟାଇପେଣ୍ଡରୁ ପାଞ୍ଚଦଶଟଙ୍କା ମାତ୍ର ବ୍ୟୟ କରି ଘରପାଇଁ ଚାକରାଣୀଟିଏ ଯୋଗାଡ଼ କରିଦେବାର ସତ୍‌ସାହସ ଥିବାରୁ ବଳକା କୋଡ଼ିଏ ଟଙ୍କା ପରିବା ଓ ମାଛଖର୍ଚ୍ଚରେ ବ୍ୟୟକରାଯାଇ ପାରିବ । ଏହି ମଧ୍ୟବୟସ୍କା ମା' ମାନଙ୍କର ମୁଁ ଗୃହଶିକ୍ଷକ ନିଯୁକ୍ତ ହେଲି । ଗୃହଶିକ୍ଷକଙ୍କୁ ନିଜଆଡ଼କୁ ଆକୃଷ୍ଟ କରେଇବା ପାଇଁ ବୋଧହୁଏ ପ୍ରତିଯୋଗିତାର ମାନସିକତାଟିଏ ରୂପନେଲା । ଏଣୁ ଅସୂୟା ସେହି ମାନସିକତାର ପରିଚାରିକା ହେଇ ଆମମାନଙ୍କର ଅନାବିଳ ସଂପର୍କକୁ ଆବିଳ କରିଦେଲା । ଗୁରୁମା ମାନଙ୍କ ଭିତରେ ଉର୍ବଶୀ ଅତ୍ୟନ୍ତ ସୁନ୍ଦରୀ ଥିଲେ ଓ ମୁଁ ତାଙ୍କ ଘରେ ଅତିଥି ହେଇ ରହୁଥିବାରୁ ଅସୂୟାର 'ନୀଳଦୃଷ୍ଟି' ଆମଉପରେ ନିବିଷ୍ଟ ହେଇଗଲା ।

ଦିନେ ସକାଳୁ ସକାଳୁ ପଣ୍ଡାସାର୍ ସ୍କୁଲଆଡୁ ଫେରିପଡ଼ି ମୋତେ ତାଗିଦା ଦେଲାଭଳି କହିଲେ ''ପାଠୀ! ତମ ବେଗପତ୍ର ବାନ୍ଧ ଆଉ ଏଠୁ ଚାଲ, ଯଥେଷ୍ଟ ହେଇଗଲା ।'' ପଣ୍ଡାସାର୍ ଏମିତି ଅସଂଲଗ୍ନ ଦ୍ୱୈତ ଉଦ୍ଦେଶ୍ୟଯୁକ୍ତ ବାକ୍ୟ କହିବାରେ ଓସ୍ତାଦ୍ । ମୁଁ ତାଙ୍କ କଥାର ମର୍ମ ବୁଝିବା ଆଗରୁ ମୋ ବେଗପତ୍ର ସଜାଡ଼ି ଦେଇଥିଲି ଓ ବସ୍ ଧରିବା ପାଇଁ ବସ୍‌ଷ୍ଟାଣ୍ଡ ଆଡ଼େ ବାହାରିଲି । ଉର୍ବଶୀ କହିଲେ ''ପାଠୀ ! ଖାଇଦେଇଯାଅ ।'' ମାଁ'ଙ୍କ ଅନୁରୋଧକୁ ଅବଜ୍ଞା କରିହେଲାନି ।

ଏହି ଘଟଣାର ବହୁବର୍ଷପରେ ପଣ୍ଡାସାର୍ ମୋତେ ଓ ମୋ ସ୍ତ୍ରୀ ଅବନ୍ତୀଙ୍କୁ ଖଲିକୋଟ ନିମନ୍ତ୍ରଣ କରିଥିଲେ । ଭଦ୍ରଖରେ ପଣ୍ଡାସାର୍‌ଙ୍କ ବୈବାହିକ ସଂପର୍କରୁ ଓ ମୋ ସଡୁ ରାମଚନ୍ଦ୍ର ଶତପଥୀ ଲେଖାରେ ଉର୍ବଶୀଙ୍କ ଭିଣୋଇ ଓ ବାସ୍ତବରେ ଗୃହଶିକ୍ଷକ ହୋଇଥିବାରୁ ଉର୍ବଶୀ ଓ ଅବନ୍ତୀ ଭଉଣୀ ହିସାବରେ ଛନ୍ଦି ହେଇଯାଇଥିଲେ ଓ ଆମ ଗୁରୁଶିଷ୍ୟଙ୍କ ପୁରୁଣା ସଂପର୍କ ସହିତ ସଡୁ ହିସାବଟିଏ ଯୋଡ଼ି ହେଇଯାଇଥିଲା । ଆମେ ପଣ୍ଡାସାର୍‌ଙ୍କ ଘରେ ପହଞ୍ଚିଲା ପରେ ସ୍ନେହ ଆଦରରେ ଉଭୟେ ଆମକୁ ଆହୁରି ଉଲ୍ଲସିତ କରିଦେଇଥିଲେ । ବାଲେଶ୍ୱରିଆ ଭଦ୍ରଖିଆ ଜୁଟିଲେ ଯାହାହୁଏ, ମାଛ, ମାଂସ, କଙ୍କଡ଼ା, କୁକୁଡ଼ା, ଖାଲି ଭାସିଲା, ପଣ୍ଡାସାର୍‌ଙ୍କ ଘର ତ ଏମିତିରେ ସବୁବେଳେ ଆଇଁଷିଆ ବାସ୍ନା ହୁଏ ଏବେ ଏହି ଜଳବାୟୁରେ ଆମିଷ ବାସ୍ନାର ସାନ୍ଦ୍ରତା ବଢ଼ିଗଲା । ଉର୍ବଶୀ ନିଜ ଶୋଇବା ଖଟରେ ଆମ ପାଇଁ ଧଳା ଫର୍ ଫର୍ ବିଛଣା ଚାଦର ପାରିଦେଲେ । ମୁଚୁକାର ଖୋଳବି

Digitized by srujanika@gmail.com

ବଗପକ୍ଷଭଳି ଧଳା, ଶେଯସାରା କି ଅତର ବିଞ୍ଚିଦେଇଥିଲେ କେଜାଣି ଶୋଇବା ବଖରାରେ ପଶିଲାବେଳକୁ ନାକ ମୁହଁ ମହ ମହ ବାସ୍ନାରେ ବାନ୍ଧିହେଇ ପଡୁଥିଲା । ଆମେ ଦିହେଁ ଏତେ ଆଡ଼ମ୍ବର, ଏତେ ସଜାଣ ଭିତରେ ନ ଶୋଇ ତଳେ ସପଟିଏ ପାରି ଶୋଇବା ନିଷ୍ପତ୍ତି ନେଲୁ । ସକାଳ ହେଲା । ଉର୍ବଶୀ ଶୋଇବା ଘର ଭିତରେ ପଶିଲେ । ପରିହାସରେ ଅବନ୍ତୀଙ୍କୁ ପଚାରିଲେ, "ହଇଲୋ ! ତୁ ରାତିସାରା ଆଉ କ'ଣ କରୁଥିଲୁ ?" ମୁଁ ସଂଭ୍ରମରେ ପଣ୍ଡାସାର୍‌ଙ୍କ ଦାଣ୍ଡପିଣ୍ଡାଆଡ଼େ ପଳେଇ ଆସିଲି । ଖଲିକୋଟ ପ୍ରେମ କିମିତି ସଂପର୍କକୁ ଭିନ୍ନ ଭିନ୍ନ ରୂପରେ ବାନ୍ଧି ରଖିଥାଏ, ଏ ଥିଲା ତାର ଅନ୍ୟଏକ କାବ୍ୟିକ ପ୍ରକାଶ ।

ଖଲିକୋଟରେ ପ୍ରେମ ଯାଚଞ୍ଚାର ଶୈଳୀ କାବ୍ୟିକତା ଓ ନାନ୍ଦନିକତାରେ ଭରପୂର ହେଇ ରହିଥିଲା । ଆକାଶରେ ଜହ୍ନ ଉଇଁଲେ ଲେଡ଼ିଜ୍ ହଷ୍ଟେଲରେ ରହୁଥିବା ପ୍ରେମିକାମାନଙ୍କର ମନରେ ପ୍ରାଣରେ ପ୍ରେମର ଜୁଆର ଉଦ୍‌ବେଳିତ ହେଇଉଠୁଥିଲା । ସ୍ୱପ୍ନରେ ଡେଣା କଅଁଳୁଥିଲା ଓ ସେମାନେ ଚକୋରୀ ଭଳି ଜ୍ୟୋସ୍ନା ପିଇବାକୁ ଦରବାର ହଲ୍‌ର ଛାତ ଉପରକୁ ଉଡ଼ି ଆସୁଥିଲେ । ସେଇଠୁ ଚାହିଁଲେ ଆଖିରେ ପଡୁଥିଲା କଟକୀ ପିଲାଙ୍କ ଛାତ୍ରାବାସ । ଦୂତୀ ମାଧ୍ୟମରେ ଆଗରୁ ଚିଠିପତ୍ର ଆଦାନ ପ୍ରଦାନ ଭିତରେ କଣ୍ଢ ଦିଆନିଆ ହେଇ ସାରିଥାଏ । ଏବେ ପ୍ରେମର ନିବେଦନ ଆଉ ପ୍ରତିନିବେଦନ ଗୀତରେ ଗୀତରେ ଝଙ୍କୃତ ହେଇ ଉଠେ । ନିଜ ନାୟିକାକୁ ଛାତଉପରେ ଦେଖି କଟକୀ ହଷ୍ଟେଲରୁ ପ୍ରେମିକଟିଏ ଅକ୍ଷୟ ମହାନ୍ତିଙ୍କ ସେ ସମୟର ଗୀତରୁ ପଦେ ଆରମ୍ଭ କରିଦିଏ ।

ଝିଲିମିଲି ତୋର ଶାଢ଼ୀ ଖିଲିକି
କାନିରେ ଗୁନ୍ଥା ମାଢ଼େ ଝୁମୁକି
କରେ ଚିକିମିକି
ଏ, ସତେ ମୁଁ ପଡ଼ିଯିବିକି ।

ଗୀତର ଭାବରେ, ସ୍ୱରର ସମ୍ମୋହନରେ ଏବେ ପ୍ରେମିକାଟି କୁତୁକୁତୁ ହେଇଉଠିବ ଓ ତାରି ପ୍ରତ୍ୟୁତ୍ତରରେ ସିଏ ଆଉ ପଦେ ଗୀତ ଲମ୍ବେଇ ଦବ ।

ନୁଖୁରା କେଶ ତୋ ମୁଖ ମଲ୍ଲୀକି
ଘୁରୁ ପଂଜାବୀ ଲମ୍ବା କଲିକି
ଯାଏ ମୁଁ ଚମକି
ଏ, ସତେ ମୁଁ ପଡ଼ିଯିବିକି ।

Digitized by srujanika@gmail.com

ସେ ସମୟରେ ଲମ୍ୱାକଲି ଓ ଲମ୍ୱା ପଂଜାବୀର ପ୍ରଚଳନ ଖଲିକୋଟରେ ଆର୍ଟସ୍କୁଲ ପିଲାଙ୍କୁ ମଜେଇ ହଜେଇ ଦେଇଥିଲା । ପ୍ରେମିକ ଓ ପ୍ରେମିକାଙ୍କ ନିକଟରେ ନିର୍ଦ୍ଦିଷ୍ଟ ମନପସନ୍ଦର ଗୀତିକାର ଓ ଗୀତର ମଧ୍ୟ ଚିହ୍ନଟ ଥିଲା । କା. ।ର ପ୍ରେମିକା ଅକ୍ଷୟ ମହାନ୍ତିଙ୍କ ଗୀତ ଗାଇଲେ ଉଲ୍ଲସି ଉଠୁଥିଲାତ ଆଉ କାହାର ଫିଆନସ୍ ରଘୁନାଥ ପାଣିଗ୍ରାହୀ, ପ୍ରଣବ ପଟ୍ଟନାୟକଙ୍କ କଣ୍ଠର ମହକରେ ଉଦ୍‌ବିଘ୍ନ ହେଇପଡୁଥିଲା । ରଘୁନାଥ ପାଣିଗ୍ରାହୀଙ୍କ କଣ୍ଠରୁ ପ୍ରେମ ଗୀତଟିଏ ଏଠି ମୋର ମନେ ପଡୁଛି ।

ବହି ଧରି ହାତରେ
ସବୁଦିନେ ଯାଏ ସିଏ ଆମ ଘର ବାଟରେ
ବୟସ ତା ହେଲେ ଅବା ହେଇପାରେ ସତର
କଳା ମୁଗୁନି ତା ଆଖି ମୁହଁ ପାନ ପତର
ଫୁଲ ପକା ହସଟିଏ
ଲାଗିଥାଏ ଓଠରେ............. ବହିଧରି ..... ।
ହାତଲେଖା ଚିଠିଥିବ ବହିତଳେ ତାହାର
ଜାଣେନା ମୁଁ ଠିକଣା ତା ଲେଖିଥିବ କାହାର
ଜାଣେ ଖାଲି ଚିଠି ଖସେ ମୋ ଝରକା ବାଟରେ
ବହି ଧରି ହାତରେ

ବେଳେ ବେଳେ ପ୍ରେମିକ ନିଜର ଉଦାସ ମନୋଭାବକୁ ପ୍ରକାଶ କରିବା ପାଇଁ ବା ଆଉ କେତେବେଳେ ତା ପ୍ରେମିକାର ରୂପ ବର୍ଣ୍ଣନା କରିବାକୁ ଗାଇବସେ-

ଚୌଦ୍‌ମିକା ଚାନ୍ଦ୍‌ହୋ, ଯାପ୍‌ତାବ୍ ହୋ
ଜୋ ଭି ହୋ ତୁମ୍ ଖୁଦା କି କସମ୍
ଲା ଜୱାବ୍ ହୋ ....
ଜୁଲଫେ ହୈ ଜୈସେ କାଂଧୋପେ
ବାଦଲ୍ ଝୁକେ ହୁଏ
ଆଖେଁ ହୈ ଜୈସେ ମେହେକ ପ୍ୟାଲେ ଭରେ ହୁଏ
ମସ୍ତି ହୈ ଜିସ୍‌ମେ ପ୍ୟାର୍‌କି ତୁମ୍ ୱ ସରାବ୍ ହୋ
ଚୋଦମିକା ଚାନ୍ଦ୍ ହୋ

Digitized by srujanika@gmail.com

ବିଳମ୍ବିତ ସଂଧ୍ୟା ପହରରେ ଗୀତଯାକ ଆର୍ଟସ୍କୁଲର ରଙ୍ଗାଙ୍କ ଅମଳର ପୁରୁଣା କାନ୍ଥ ଓ ଉଆସ ପାଖ ମୁଣ୍ଡିଆମାନଙ୍କରେ ପ୍ରତିଧ୍ୱନିତ ହେଉଥିଲା ।

ମୁଁ ଦିବ୍ୟଜୀବନ ସଂଘକୁ ପ୍ରାର୍ଥନା କରିବାକୁ ଯିବାପାଇଁ ମୁହଁ ଅନ୍ଧାରରୁ ଉଠେ । ରାସ୍ତାରେ ଦେଖେ ପ୍ରେମୀଯୁଗଳମାନେ ବାରଣ୍ଡାରେ ଦି' କଡ଼େ ଖମ୍ବ ସନ୍ଧାମାନଙ୍କରେ ମନ୍ଦିର ଅଳସା ଓ ଦର୍ପଣା ମୂର୍ତ୍ତି ଭଳି ଖାପିହେଇ ରହିଥାନ୍ତି ଆଉ ପରସ୍ପର ଭିତରେ ଚାପା ଚାପା ସ୍ୱରରେ କ'ଣ ସବୁ କଥା ହେଉଥାନ୍ତି । ଅଧକ୍ଷ ଶରତଚନ୍ଦ୍ର ଆମ ମନଭିତରେ ପୂରେଇ ଦେଇଥାଆନ୍ତି ଯେ ପର ନାରୀମାନଙ୍କୁ ଅନେଇଲା ବେଳେ କେବଳ ସେମାନଙ୍କ ପାଦକୁ ଚାହିଁବା ବିଧେୟ । ରାମାୟଣରେ ଏମିତି ଲକ୍ଷ୍ମଣ ରାମ କୁଟୀରରେ ନଥିବାବେଳେ ସୀତାଙ୍କ ପାଦକୁ କେବଳ ଚାହୁଁଥିଲେ । ଏଣୁ ମୁଁ ତଳକୁ ମୁହଁ ପୋତି ଉଆସ ବାରଣ୍ଡାଦେଇ ତିନିମହଲାରେ ଥିବା ସଂଘଶାଖାକୁ ଯାଏ ଓ ଫେରେ । ମୁଁ ସେମାନଙ୍କ ମୁହଁକୁ ଦେହକୁ ଯେତେ ଦେଖିବିନି ବୋଲି ମନକୁ ବୁଝେଇଲେ ମଧ, ଅଧକ୍ଷ ଶରତଚନ୍ଦ୍ରଙ୍କ କଥା ଯେତେ ମନକୁ ଆଣିଲେ ମଧ ଶିଳ୍ପୀର ଆଖି ଦୁଇଟି ସେମାନଙ୍କ ପାଖରୁ ଘୂରିଆସେ । ବେଳେବେଳେ ପ୍ରେମିକା ଜଣକର ଆଖିରେ ଆଖି ମିଶିଗଲେ ତା'ର ମୁହଁ ଲାଜରେ ସାମାନ୍ୟ ଆରକ୍ତ ହେଇଯାଏ । ତଥାପି ସ୍ମିତହାସରେଖା ଓଠରେ ଟୋଳିଧରି ସିଏ ନିଜର ସଂଭ୍ରମକୁ ସମ୍ଭାଳି ନେବାକୁ ଚେଷ୍ଟାକରେ । ମୁଁ ବି ପ୍ରେମ ଓ ପ୍ରଣୟର କଲ୍ଲୋଳିତ ଆଭାରେ ବିମୁଗ୍ଧ ହେଇଯାଏ । ଯୁଗଳମାନଙ୍କର ପ୍ରେମାଳାପ ଓ ଯାଚନା ଘଣ୍ଟା ଘଣ୍ଟାଧରି ନିରବଚ୍ଛିନ୍ନ ଭାବେ ଚାଲେ । ଆର୍ଟପାଠକୁ ପ୍ରେମ ଯାଚନା ସୁହାଏ । ଆର୍ଟସ୍କୁଲର ପାଠ କହିଲେ ଯାହା ବୁଝାଯାଏ ତାହା ସାଧାରଣ ପାଠଠାରୁ ଯଥେଷ୍ଟ ଭିନ୍ନ । ଏଥିରେ ନା ଅଛି କିଛି ବହି ନା କିଛି ଲେଖାପଢ଼ା । ପ୍ରକୃତିର ବୈଚିତ୍ର୍ୟ ହିଁ କଳା ସାଧନାର ଉପଜୀବ୍ୟ । ତା'ରି ଭିତରେ ପ୍ରେମ ମଧ ଅନ୍ୟତମ ଧେୟ ନହେଲେ ଉଲଗ୍ନ ନାରୀର ରୂପଚର୍ଯ୍ୟା ପାଠ୍ୟକ୍ରମ ଭିତରେ କିମିତି ସ୍ଥାନ ପାଇଥାନ୍ତା ।

ଛନଛନିଆ ଉଡ଼ନ୍ତା ମନ ଓ ଦରଦ ହୃଦୟ ଦୁଇଟି ହେଲେ ପ୍ରେମ ଆପେ ଜନ୍ମନିଏ । ପ୍ରେମପାଇଁ ପୁଣି ଲୋଡ଼ାହୁଏ, ଆଖିରେ ଆଖିରେ ଭାବ ଦିଆନିଆ ଓ ପରସ୍ପର ସାନ୍ନିଧ୍ୟ ପାଇଁ ନିକାଞ୍ଚନ ପରିବେଶ । ବସନ୍ତ ପବନର ହିଲ୍ଲୋଳରେ, ବର୍ଷାର ମେଘାଡ଼ମ୍ବର ଭିତରେ, ଶରତର କାଶତଣ୍ଡିର ମୁକୁଳା ହସରେ ପ୍ରେମ ସଂଚରେ । ଆବେଗ ଓ ଆବେଶ ତୀବ୍ର ହେଲେ ଦେହର ଉଷ୍ଣତା ଲୋଡ଼ା ପଡ଼େ ।

Digitized by srujanika@gmail.com

ଏହାହିଁ ପ୍ରେମ ଓ ପ୍ରଣୟର ମୂଳକଥା ଏବଂ ଏଥିପାଇଁ ଖଲିକୋଟ ଆର୍ଟସ୍କୁଲ ବୋଲି କେବଳ ନୁହଁ, ପ୍ରତ୍ୟେକ ଆର୍ଟସ୍କୁଲ ଉପଯୁକ୍ତ ଚରାଭୂଇଁ ।

ପ୍ରେମ ଓ ପ୍ରେମିକାଙ୍କ ମିଳନର ଆଉ କେତୋଟି ଉପଯୁକ୍ତ ସ୍ଥାନ ହେଲା ପାୱାର ହାଉସ୍ ପାଖ ବାଲୁକେଶ୍ୱର ଶିବମନ୍ଦିର ଏବଂ ନେଚ୍‌ର ଷଡ଼ି ଆଳରେ ବ୍ୟବହୃତ ଅସଂଖ୍ୟ ନିକାଞ୍ଚନ ଜାଗା, ଚିଲିକାକୂଳ, ନିର୍ମଳଝରଠାରୁ ଆରମ୍ଭକରି କେଶପୁର ରେଳଷ୍ଟେସନ ଅଚଂଳ ଆଉ କେଶପୁର ଘାଟି । ବାଲୁକେଶ୍ୱର ଶିବମନ୍ଦିରକୁ ଦର୍ଶନ ଆଳରେ ସଂଧ୍ୟାହେଲେ ଗଂଜାମୀ ହଷ୍ଟେଲର କିଛିପିଲା ବରାବର ଆସନ୍ତି । ଆଉ ମା, ମାଉସୀଙ୍କ ଗହଣରେ ଖଲିକୋଟ ଗଡ଼ର କିଛି ମଉନମୁହାଁ ଝିଅ ଠିକ୍ ସମୟ ଉଣ୍ଡି ଶିବ ମନ୍ଦିରକୁ ଗଡ଼ନ୍ତି । ଆଖିରେ ଆଖିରେ ଭାବର ଦିଆନିଆ ହେବାରେ ବାଧା ନଥାଏ । ତଥାପି ପ୍ରେମର ଭାଷାରେ ଦିନବେଳା ଲେଖା ହେଉଥିବା ଚିଠିଟିମାନ ଦିଆନିଆ ହୁଏ । ପ୍ରେମିକ ପୁଅଟି ଶିବଦର୍ଶନ ପରେ ଗଣେଶଙ୍କୁ ମୁଣ୍ଡିଆ ମାରି ଆଶିଷ ମାଗେ । ତା'ରି ଭିତରେ ନିଜର ହାତଲେଖା ଚିଠିଟିକୁ ଗଣେଶଙ୍କ ଥଳଥଳାପେଟ ତଳେ ପଥର କାରିଗର ସୃଷ୍ଟି କରିଥିବା କୋରଡ଼ ଭିତରେ ଲୁଚେଇ ଦିଏ । ପୁଅ ପଛେ ପଛେ ଝିଅର ପରିବାର ମନ୍ଦିର ପରିକ୍ରମା ନ୍ୟାୟରେ ପାର୍ଶ୍ୱଦେବତାମାନଙ୍କୁ ଆରାଧନା କରି କରି ଗଣେଶଙ୍କ ପାଖରେ ପହଞ୍ଚନ୍ତି । ଝିଅ ଚିଠିଟି ପାଖରେ ଲକ୍ଷ୍ୟରଖିଥାଏ । ସିଏ ମୁଣ୍ଡିଆ ମାରେ ଆଉ ତା'ରି ଭିତରେ ଗଣେଶଙ୍କ ତଳିପେଟ ସନ୍ଧିରୁ ଚିଠିଟି ହାତମୁଠାରେ ଅକତିଆର କରି ସାରି ଗଳାରେ ଓ କପାଳରେ ସିନ୍ଦୂର ଲଗେଇବା ଆଳରେ ଚିଠିଟିକୁ ବ୍ଲାଉଜ ଭିତରେ ଖୋସିଦିଏ । ତା'ପର ଦିନ ସଂଧ୍ୟାରେ ପୁଅର ଚିଠିର ଉତ୍ତର ଝିଅ ଅନୁରୂପ ଢଙ୍ଗରେ ଠିକଣା ଯାଗାରେ ପହଞ୍ଚେଇ ଦିଏ । ଗଣେଶ ସିଦ୍ଧିଦାତା ଓ ବିଦ୍ୟାଦାତା । ଖଲିକୋଟ ଆର୍ଟସ୍କୁଲ ପିଲା ଓ ଖଲିକୋଟ ଗଡ଼ର ଝିଅମାନେ ମିଶି ତାଙ୍କୁ ପ୍ରେମ ଓ ପ୍ରଣୟର ଦେବତା କରିଦେଇଥିଲେ ।

ମୋର ଘନିଷ୍ଠ ବନ୍ଧୁ ମଦନ ମୋହନ ସାହୁ ଏଇ ପଦ୍ଧତି ପ୍ରୟୋଗ କରି ତାଙ୍କ ସହଧର୍ମିଣୀଙ୍କୁ ଏଇଠି ଏଇ ବାଲୁକେଶ୍ୱରଙ୍କ ବେଢ଼ାରେ ହିଁ ଭେଟିଥିଲେ । ହାୟରେ ଭାଗ୍ୟ ! ମୋର ଏହି ପରିହାସଟିକକ ଗ୍ରହଣ କରିବାକୁ ମଧ୍ୟ ସିଏ ଆମ ଗହଣରେ ଆଉ ନାହାନ୍ତି ।

Digitized by srujanika@gmail.com

ନେଚ୍‌ର ଷଡ଼ିରେ ବାହାରିଲେ ପୁଅଝିଅଙ୍କ ମିଳାମିଶାରେ ଆଉ କୌଣସି ପ୍ରତିବନ୍ଧକ ରହେନି । ଅବଶ୍ୟ ନେଚର୍‌.ଷଡ଼ିରେ ଗୋଡ଼କାଢ଼ି ଉଆସ ବାହାରକୁ ଯିବାର ସୁଯୋଗ ଝିଅ ପିଲାଙ୍କ ଭାଗ୍ୟରେ ସବୁବେଳେ ଜୁଟେ ନାହିଁ । ଯେବେ ଏହି ମାହେନ୍ଦ୍ର ବେଳା ପହଞ୍ଚେ ପ୍ରେମ ସେତେବେଳେ ଉଭାଳ ହେଇପଡ଼େ । ଗୀତର ମାତ୍ରା ବହୁଭାବରେ ସଂପ୍ରସାରିତ ହେଇଯାଏ । ବେଳେବେଳେ ଅଜିତସାର୍ ଏହି ଦଳର ନେତୃତ୍ୱ ନିଅନ୍ତି । ଅଜିତସାର୍ ଫୁଲାଫାଙ୍କିଆ ଲୋକ । ତାଙ୍କୁ ଭଳକେଇ ଦେବାପାଇଁ ଝିଅପିଲାଙ୍କୁ ବେଶି ସମୟ ଲାଗେନି । ଅଜିତସାର୍‌ଙ୍କୁ ଭଣ୍ଡେଇ ଦେବାର ଏକମାତ୍ର ମହୌଷଧି ହେଲା ତାଙ୍କର ବିଲାତ ରହଣି ବେଳର ଚର୍ଚ୍ଚା, ନହେଲେ ଶାନ୍ତିନିକେତନରେ ତାଙ୍କ ପାଠ ପଢ଼ିବା ବେଳର ବିଭିନ୍ନ ଗପ । ବେଶ୍ ସେତିକିରେ ଅଜିତସାର୍ ସ୍ମୃତି ଚାରଣରେ ମାତିଯାଆନ୍ତି । ସିଏ ସ୍ୱଶରୀରରେ ଥିଲେ ମଧ୍ୟ ତାଙ୍କ ମନ ଓ ପ୍ରାଣ ଲଣ୍ଡନା ହିଲ୍ଲୋଳରେ ନହେଲେ ଶାନ୍ତିନିକେତନର ଆମ୍ରକୁଞ୍ଜରେ ଘୁରିବୁଲୁଥାଏ । ଆଉ ପିଲାଏ ଏଇଠି ସ୍କେଚ୍ କରୁଛି କହି ପ୍ରେମର ନିଭୃତ କୋଳରେ ହଜି ଯାଆନ୍ତି ।

ମୁଁ କାହାସାଙ୍ଗରେ ପ୍ରେମ କରୁନଥିଲି ବୋଲି, ବିନିତାଙ୍କ ଭାଷାରେ ମୁଁ ଭଲପିଲାଟେ ଥିଲି ଭାବିବା ସଂପୂର୍ଣ୍ଣ ଭୁଲହେବ । ପ୍ରେମଜନିତ ନାନା ପ୍ରକାର ଝଂଝାଳ ମୋତେ ଘେରିରହିଥିଲା । ରାଣୀହଂସପୁର ଲେଡ଼ିଜ୍ ହଷ୍ଟେଲର ଝିଅପିଲାଙ୍କର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା, ସେମାନଙ୍କ ଅଭିସାର ଓ ପ୍ରଣୟର ସମୟନିର୍ଘଣ୍ଟ ସଠିକଭାବେ ସଂଗ୍ରହ କରି ଗଂଜାମୀ ହଷ୍ଟେଲର କିଛି ନିର୍ଦ୍ଦିଷ୍ଟ ପିଲାଙ୍କ ଚାଲିଚଳଣର ହିସାବ ନିକାସ କରିବା ମୋ ଦାୟିତ୍ୱବୋଧ ଭିତରେ ଆମ ଦଳ ସମର୍ପି ଦେଇଥିଲା । ଏସବୁ ଗୁଇନ୍ଦା କାର୍ଯ୍ୟରେ ମୋତେ ରାଧାଚରଣ ପଣ୍ଡା, ବଳରାମ ପଣ୍ଡା, ପ୍ରଫୁଲ୍ଲ ଚୌଧୁରୀ ଇତ୍ୟାଦି ଗଂଜାମୀ ହଷ୍ଟେଲର ଅନ୍ତେବାସୀ ବାର୍ତ୍ତାବହ ସହକର୍ମୀ ଭାବେ ସାହାଯ୍ୟ କରୁଥିଲେ । କଥାକଥାରେ ଆମ ତୁଣ୍ଡରୁ ଗଂଜାମୀ ଦୋ' ଅକ୍ଷରୀ ଭାଷା ଉଚ୍ଛୁରି ଯାଉଥିଲା । ଏଣୁ କଟକୀ ପିଲାଏ ଆମ ପାଖ ଭରସୁ ନଥିଲେ । ପୁଣି ଆମ କର୍ତ୍ତବ୍ୟ ସଂପାଦନ ଭିତରେ ନିଃସ୍ୱାର୍ଥପରତା ବାରି ହେଇଯାଉଥିଲା ।

ଗୁଇନ୍ଦାଗିରିର ସବୁଠାରୁ ଆକର୍ଷଣୀୟ ଅଥଚ ଭୟସଂକୁଳ କାର୍ଯ୍ୟଥିଲା ଛାତଉପରୁ ଲେଡ଼ିଜ୍ ହଷ୍ଟେଲକୁ ଲକ୍ଷ୍ୟ ରଖିବା । ଯେଉଁ ଝିଅଟି କଣ୍ଠ ଦେଇଥିବ ସିଏ

Digitized by srujanika@gmail.com

ସଂଧ୍ୟାପହରରୁ ପ୍ରସାଧନରେ ମାତି ରହିବ ଏବଂ ଆମେ ମିଳନର ସେହି ଆକାଂକ୍ଷିତ ପହରଯାଏଁ ଛାତଉପରୁ ତାକୁ ଲକ୍ଷ୍ୟ ରଖିବୁ । ଯିମିତି ଆମ ଆଖି ଦୁଇଟି ଭିଡ଼ିଓ କ୍ୟାମରାର ଛବି ଉତ୍ତୋଳନକାରୀ ଲେନସ୍ । ଅବଶ୍ୟ ଆମବେଳେ ଭିଡ଼ିଓ କ୍ୟାମରା ନଥିଲା । ଏବେ ସେବେଳର ସ୍ଥିତିକୁ ଆକଳନ କଲାବେଳେ ସବୁ ପିଲାଳିଆ ପ୍ରସଙ୍ଗ ଭଳି ମନେହୁଏ । ଆମର ଆଖିଗୁଡ଼ିକ ବେଳେବେଳେ ଝରକାର ଫ୍ରେମ୍‌ଦେଇ ଦୂରରେ ଥିବା ଦୃଶ୍ୟର ଚିତ୍ର ଉତ୍ତୋଳନ କରୁଥିଲା ତ ଆଉବେଳେ କ୍ଲୋଜ୍‌ଅପ୍ ଭ୍ୟୁ ନେଉଥିଲା । ଏହି କ୍ୟାମରାର ସଟ୍‌ଗୁଡ଼ିକରେ ସବୁବେଳେ ଯେ ଗୁଇନ୍ଦା ଅନୁସନ୍ଧାନ କାର୍ଯ୍ୟରେ ସହାୟକ ହେଲାଭଳି ଚିତ୍ର ଉତ୍ତୋଳିତ ହେଉଥିଲା ତା ନୁହେଁ ବରଂ ବେଳେବେଳେ ପ୍ରେମ ଓ ପ୍ରଣୟର ଅତିଚମତ୍କାର ସଟ୍ ଫିଲିମ୍ ପାଇଁ ଉପଯୋଗୀ ହେଲାଭଳି ଦୃଶ୍ୟଚିତ୍ରମାନ ଫ୍ରେମ୍ ଭିତରକୁ ବଳେ ବଳେ ପଶି ଆସୁଥିଲା । ଅବଶ୍ୟ ଫିଲିମ୍ ନିର୍ମାଣ କଥା ଆମ କଳ୍ପନାରେ ନଥିଲା । କିନ୍ତୁ ଏ ଦୃଶ୍ୟଗୁଡ଼ିକ ଅବଚେତନ ମନରେ ଗଚ୍ଛିତ ହେଇଯାଇ ଚିତ୍ରମାଧ୍ୟମରେ ଉତୁରି ପଡୁଥିଲା ।

ଅଭିସାରିକା ଚିତ୍ରରେ ସମ୍ଭାବନା ଅପେକ୍ଷା ବିଡ଼ମ୍ବନା ବେଶି । ନାୟକ ସହିତ ମିଳନପାଇଁ ନିଜର ଅଙ୍ଗଲତାକୁ ସୁନ୍ଦରଭାବେ ପଲ୍ଲବିତ କରି ସଜାଡ଼ି ନେବା, ବିଭିନ୍ନ ପ୍ରସାଧନ ସାମଗ୍ରୀରେ ମୁହଁ ଦେହକୁ ରଙ୍ଗେଇବା, ସ୍ତନରେ ଭ୍ରମରୀ ଜଘନରେ ମକରୀ ଚନ୍ଦନ ଓ କସ୍ତୁରୀରେ ଆଙ୍କିଦେଇ ମଦନକୁ ତା'ର ମନ୍ଦିରରେ ଥାପିଦେବା, ପୁଣି ଅଳଂକାର ଆଭୂଷଣ ହେଇ ଅଭିସାରରେ ବାହାରିବା ଚିତ୍ରର ଓ କାବ୍ୟର ପରିକଳ୍ପନା । ଅଭିସାରିକା ନାୟିକା ଅଭିସାରରେ ଗୋଡ଼କାଢ଼ି ବାହାରିବ । ଘନଘୋର ରାତି । ମେଘରେ ବିଜୁଳିର ଚମକ, ସବୁଆଡ଼େ ନୀରବତାର ଆକୁଳ ଗର୍ଜନ । ତା' ପାଦର ନୂପୁର ଶବ୍ଦରେ ସିଏ ନିଜେ ଚମକି ପଡ଼ିବ । କଳାମେଘୀ ଶାଢ଼ୀରେ ଆଭୂଷଣର ଚପଳ ଉତ୍ତାଳ ତା' ମନରେ ଶଙ୍କା ଆଣିଦେବ । ପୁଣି ଅଳଂକାର ଗୋଟି ଗୋଟି କରି ଦେହରୁ କାଢ଼ିନେଇ ଖାଲି ଚମ୍ପକ ରଙ୍ଗର ଦେହଟାକୁ ନେଇ ଆଗେଇ ଯିବ । ରାଜସ୍ଥାନୀ ଓ ପାହାଡ଼ୀ ଚିତ୍ରମାନଙ୍କରେ ଏ ରୂପକଳ୍ପନା ଚମତ୍କାର । ଚିତ୍ରଶିଳ୍ପୀମାନେ ଦୈବାତ୍ ଗୁଇନ୍ଦା ହେଇଗଲେ ଏଭଳି ରୂପସମ୍ଭାର ହିଁ ସେମାନଙ୍କ ଉପଜୀବ୍ୟ ହେଇପଡ଼ିବ । ରୂପ ସମ୍ଭାରରୁ ଉଦ୍ଭବ ଭାବଭୂମିର ବର୍ଣ୍ଣିଳ ବିଭା ଭିତରେ ସେମାନେ ପ୍ରଜାପତିର ମନନେଇ ଉଡ଼ିବୁଲିବେ । ଆମର ଅବସ୍ଥା ବେଳେ ବେଳେ ଅନୁରୂପ ହେଉଥିଲା ।

Digitized by srujanika@gmail.com

ଖଲିକୋଟ ଗଡ଼ର ପଞ୍ଚାନନ ମହାନ୍ତିଙ୍କ ସାହିରେ ଜଣେ ବାଲେଶ୍ୱରୀ ପିଲା ଭଡ଼ାଘର ନେଇ ରହୁଥାଏ । ତାଙ୍କ ନାଁ ପ୍ରଫୁଲ ଦାସ । ସେ ମୋ ଉପରକ୍ଲାସରେ ଭାସ୍କର୍ଯ୍ୟ ବିଭାଗରେ ପଢୁଥାଏ । ସାଆନ୍ତ ସାହିର ଆମ ତଳକ୍ଲାସରେ ପଢୁଥିବା ଗୋଟିଏ ଝିଅପିଲା ସାଙ୍ଗରେ ତାର ଭଲ ଭାବ ଥାଏ । ଥରେ ସଂପର୍କ କ'ଣ ଅଡୁଆ ହେଇଗଲା କେଜାଣି ସେହି ଝିଅପିଲାର ଭାଇମାନେ ପ୍ରଫୁଲ୍ଲ ଦାସକୁ ଝିଙ୍କାଓଟରା କରି ମାଡ଼ ଦେଲେ । ସକାଳ ନଅ ଦଶ ହେବ । ଆର୍ଟସ୍କୁଲରେ ଆମସାଙ୍ଗରେ ପଢୁଥିବା କୁଡଲା ଘର ଆଗରେ ମୁଁ ଠିଆ ହେଇଥାଏ । ପରିସ୍ଥିତି ବିସ୍ଫୋରକ ଅବସ୍ଥାରେ ଥାଏ । ମୋ ସାଙ୍ଗରେ ଖଲିକୋଟର ଆଉ ପନ୍ଦର କୋଡ଼ିଏ ଠିଆହେଇ ଏ ତାମସା ଦେଖୁଥାନ୍ତି । ଅଧକ୍ଷ ଶରତଚନ୍ଦ୍ର ବସ୍‌ରୁ ଓହ୍ଲେଇ ଉଆସଆଡ଼େ ଉଠୁଥିଲେ । ମୋ ଉପରେ ତାଙ୍କ ନଜର ପଡ଼ିଗଲା । ପଚାରିଲେ ''ଦିନନାଥ । ଏଠି କ'ଣ କରୁଛ । ଆସ ।'' ଅନୁଭବୀ ଲୋକ । ବୋଧହୁଏ ପରିସ୍ଥିତି ଠଉରେଇ ନେଲେ । ଆମେ ଦିହେଁ ଏକାସାଙ୍ଗେ ଉଆସକୁ ଉଠିଲୁ । ବାଟରେ ମୁଁ ପ୍ରେମଜନିତ ଘଟଣା ସଂପର୍କରେ ସବୁକଥା ତାଙ୍କୁ ଅବଗତ କରେଇଲି ।

ଅଧକ୍ଷ ମହାଶୟ ବାଇବେଲରୁ ଆଖ୍ୟାୟିକାଟିଏ ଶୁଣେଇଲେ । କହିଲେ ''ଦିନନାଥ । ବୁଝିଲ ଭଗବାନ ଏ ପୃଥିବୀ ଓ ପୁରୁଷମାନଙ୍କୁ ସୃଷ୍ଟିକରି ମହା ଆନନ୍ଦ ଓ ଅଖଣ୍ଡ ଶାନ୍ତିରେ କାଳ କଟଉ ଥିଲେ । ସଂସାରର ବିସ୍ତାର କଥା ଭାବିଲେ, ମାଇକିନିଆ ଜାତିଟାକୁ ସୃଷ୍ଟି କଲେ । ସେଦିନଠୁ ନା ସିଏ ନା ଆମେ ଶାନ୍ତିରେ ଅଛୁ ।''

Digitized by srujanika@gmail.com



ଡ୍ରାମା ଓ ଥିଏଟର୍

'କ୍ଷଣପ୍ରଭା ! ତମେ ଆଗେଇ ଯାଅ । ନାରୀର ନିବେଦନ ବିଫଳ ହୁଏନା । କାହ୍ନୁଚରଣ ମହାନ୍ତିଙ୍କ ଝଂଜା ନାଟକର ଡ଼ାଏଲଗ୍ । ଧନାଢ଼୍ୟ ମାରୱାଡୀ ଭୂମିକାରେ ଅବତୀର୍ଣ୍ଣ ହେଇ କ୍ଷଣପ୍ରଭା ନାରୀ ଚରିତ୍ରରେ ଅଭିନୟ କରୁଥିବା ଚନ୍ଦ୍ରଶେଖର ରାଓଙ୍କୁ ମୁଁ ଏହି ବଚନିକା କହିଥିଲି । ମୁଁ ଧଳା ଫିନ୍ ଫିନ୍ ଧୋତି ପିନ୍ଧିଥାଏ । ଦିନସାରା ଗଦି ଉପରେ ବସି ବସି ବାତର ପ୍ରକୋପରେ ଫୁଲିଯାଇଥିବା ଅଣ୍ଡକୋଷର ଆଭାସ ଦେବାପାଇଁ ଧୋତି ତଳେ ଅଣ୍ଟାତଳକୁ କନାର ବୁଜୁଳାଟିଏ ବାନ୍ଧିଦେଇଥାଏ । କ୍ଷଣପ୍ରଭାର ପ୍ରସାରିତ ହାତପାପୁଲିକୁ ହାଲୁକା ଭାବେ ସ୍ପର୍ଶ କରି ଦେଇ ଉପରୋକ୍ତ ଡାଏଲଗ୍‌ଟିଏ କହିସାରିଲାପରେ ମାରୱାଡୀ ଚରିତ୍ରର ଆଉ ବିଶେଷ କିଛି ଡ଼ାଏଲଗ୍ କହିବାର କି ଅଭିନୟ କରିବାର ନଥିଲା । ଭାସ୍କର୍ଯ୍ୟ ବିଭାଗରେ ଅଧ୍ୟୟନ କରୁଥିବା ବ୍ରଜବଂଧୁ ମିଶ୍ର ସ୍ନେହ ବେହେରାଙ୍କୁ ଭଲ ପାଉଥିଲେ । ବ୍ରଜବଂଧୁ ଡେଙ୍ଗାପିଲା ଗୋରା, ମୁହଁରେ ବସନ୍ତର ଦାଗ ବ୍ରଣ ମୁହଁର ସୌନ୍ଦର୍ଯ୍ୟକୁ ବଢ଼େଇ ଦେଉଥିଲା ନୀଳନୀଳ ଆଖି । ତାମ୍ବୁଳାକ୍ତ ଓଠ । ସ୍ନେହ ଟିକିଏ ଗେଡ଼ି, ଶ୍ୟାମଳୀ କିନ୍ତୁ

Digitized by srujanika@gmail.com

ସ୍ନେହମୟୀ, ବ୍ରଜବଂଧୁ ସ୍ନେହଙ୍କୁ ନିଜର ସମସ୍ତ ସ୍ନେହ ସମର୍ପି ଦେଇଥିଲେ । ଡ୍ରାମା ଓ ଭେରାଇଟି ସୋ' ମାନଙ୍କରେ ଏ ଯୋଡିକୁ ଏକା ସାଙ୍ଗରେ ଦେଖିବାକୁ ମିଳୁଥିଲା । ପ୍ରେମ ଜଳବାୟୁର ତାପମାନରେ କି ପରିବର୍ତ୍ତନ ହେଲା କେଜାଣି ସ୍ନେହ ବେହେରା ଭାସ୍କର୍ଯ୍ୟ ବିଭାଗର ଆଉଜଣେ ଦରଦୀ ବଂଧୁଙ୍କ ସହିତ ଯୋଡି ହେଇ ସେତେବେଳର ହିଟ୍ ହେଇଥିବା ହିନ୍ଦୀ ଫିଲ୍ମ ଧୂଲ କା ଫୁଲ୍ର ରସରସିଆ ଡୁଏଟ୍ ଗୀତଟିଏ ଗାଇ ଦେଇ ଆଟସ୍କୁଲର ଅସ୍ଥିର ପ୍ରେମ ପ୍ରବାହରେ ଗୋଟିଏ ନୂଆ ଝଡ଼ ସୃଷ୍ଟିକରିଦେଲେ । ଗୀତଟି ଉମେଶ ମହାନ୍ତିଙ୍କ କଣ୍ଠରେ ଲହରାୟିତ ହେଇଗଲା

ତେରେ ପ୍ୟାରକା ଆସ୍ରା ଚାହତା ହୁଁ
ୱାଫା କର୍ ରହା ହୁଁ
ୱାଫା ଚାହତା ହୁଁ... ତେରେ ପ୍ୟାରକା

ଏବେ ସ୍ନେହଙ୍କ ପାଳି । ତାଙ୍କର ବୀଣାଜିଣା କଣ୍ଠରୁ ପ୍ରୀତି ଉତ୍ତରଟିଏ ପ୍ରତ୍ୟୁତ୍ତରରେ ସତେ ଯିମିତି ଶେଫାଳି ଫୁଲ ଭଳି ଝରିଗଲା ।

ହସିନୋ କେ ୟହ୍ ଦିଲ୍
ୱାଫା ଚାହତେ ହୋ
ବଚେ ନା ସମ୍ଝ ହୋ
ୟେ' କ୍ୟା ଚାହତେ ହୋ

ଗାୟକଗାୟିକା ଉଭୟେ ଗୀତରେଗୀତରେ ସେମାନଙ୍କ ପ୍ରେମ ବାଣ୍ଟିଲେ । ଦର୍ଶକମାନେ ପରସ୍ପର ଚହଁାଚହିଁ ହେଇ ସଂପର୍କର ନୂତନ ଡୋରିରେ ଛନ୍ଦି ହେଇଗଲେ । ଶ୍ରୋତାଙ୍କ ଭିତରେ ମୃଦୁଗୁଞ୍ଜରଣ ଖେଳିଗଲା ।

ସ୍ନେହ ଏଥର ଗାଇଲେ

ଜରା ସୋଚ୍ଲୋ ଦିଲ୍ଲଗାନେ ସେ ପେହେଲେ
ଦେଖୋନା ଭି ପଡ଼ତା ହୈ ପାନେସେ ପେହେଲେ
ଇଜାଜତ୍ ତୋ ଲେଲୋ ଜମାନେ ସେ ପେହେଲେ
ୟେ ତୁମ୍ ହୁସନୋ କୋ
ପୂଜନା ଚାହତେ ହୋ
ବଡ଼େ ନା ସମଝହୋ
ୟେ କ୍ୟା ଚାହତେ ହୋ ।

Digitized by srujanika@gmail.com

ହୃଦୟର ବିଆନିଆ କ'ଣ ଏଡ଼େ ସହଜ କଥା ଯେ ପଦେ ଗୀତରେ ପ୍ରେମ ଅଙ୍କୁରିତ ହୋଇଯିବ । ପ୍ରେମିକପ୍ରେମିକା ପରସ୍ପରର ସାନ୍ନିଧ୍ୟ ଚାହୁଁଛନ୍ତି । ପ୍ରେମିକର ଭାବପ୍ରବଣତା ସହିତ ପ୍ରେମିକାର ଧୈର୍ଯ୍ୟଧୌତ ରସିକତାର ଗଭୀରତା ପ୍ରେମର କଷଟିପଥରରେ ମାଜିହେଇଯାଉଛି ।

ଏଥର ପ୍ରେମିକର ପ୍ରଣତିଭରା ନିବେଦନ

କହାଁତକ ଦିଏଁ ତେରି ଉଲ୍‌ଫତ୍ କେ ମାରେ
ଗୁଜରତି ନହିଁ ଜିନ୍ଦେଗି ବିନ୍ ସାହାରେ
ବହୁତ ହୋ ଚୁକେ ଦୂର୍
ରହ୍‌କର୍ ଇସାରେ
ତୁମ୍ଝେ ପାସ୍‌ସେ ଦେଖନା ଚାହତା ହୁଁ
ୱଫା ଚାହତା ହୁଁ ୱାଫା କର ରହାହୁଁ
ତେରେ ପ୍ୟାର୍‌କା !

ଗୀତ ଆରମ୍ଭହେବାର ସୂଚନା ପାଇବାମାତ୍ରେ ବ୍ରଜବଂଧୁ ହଷ୍ଟେଲରୁ ଉଭାନ ହେଇଗଲେ । ବ୍ରଜବଂଧୁ ମନରେ ବିଚାରିଲେ ସଂଗୀତ ଯଦି ପ୍ରେମର ବାହକ ହୁଏ ତା ହେଲେ ପ୍ରଜାପତିର ଦୁଇଟି ଚିତ୍ରିତ ଡ଼େଣା ଭିତରେ ସାମଞ୍ଜସ୍ୟ ରହିବା ଆବଶ୍ୟକ । ଉସ୍ଥ ଓ ସଂଗମ ଯଦି ଉଲଟପାଲଟ ହେଇଯାଏ ତା ହେଲେ ପ୍ରେମର ଫଲ୍‌ଗୁ ବହିବ ବା କେମିତି । ତା' ପରଦିନ ଆର୍ଟସ୍କୁଲରେ ଝଂଜା ନାଟକ ଅଭିନୀତ ହେବାର ଥିଲା, ବ୍ରଜବଂଧୁ ମାରୱାଡୀ ଭୂମିକାରେ ଅଭିନୟ କରିବାର ଥିଲା । ତାଙ୍କ ଅନୁପସ୍ଥିତିକୁ ଭରଣା କରିବା ପାଇଁ ସଂଗଠକମାନେ ଚରିତ୍ରଟିଏ ଖୋଜିଲେ । ଡ୍ରାମାରେ ମୂଳଚରିତ୍ର ଓ ଗୌଣଚରିତ୍ର ସିନା ଅଛି, ଟୋକା ନାଗର ବିଷ କାଟୁକଲାପରି ଗୌଣ ଚରିତ୍ରଟିର ଅନୁପସ୍ଥିତି ମଧ ନାଟକର ସଫଳ ଅଭିନୟରେ ଭଙ୍ଗା ପକେଇ ଦେଇପାରେ । ଡାଏଲଗ୍‌ଟିଏ ମାତ୍ର ଉଚ୍ଚାରଣ ହେବାକୁ ଥିଲେ ମଧ ଅଧିକାଂଶ ପିଲା ଚରିତ୍ରଟିର ଦାୟିତ୍ୱ ନେବାପାଇଁ ହଁ ଭରିବାକୁ ଅମଙ୍ଗ ହେଲେ କହିଲେ କିଏ ପୁଅଟିଏ ଜନ୍ମ କରିଦେଇ ପାରିବ ! ଶେଷରେ ଆୟୋଜକମାନଙ୍କ ଦୃଷ୍ଟି ମୋ ଉପରେ ପଡ଼ିଲା । ସେମାନେ ମୋତେ ଖୁବ୍ ଟେକାଟେକି କରି କହିଲେ । କହିଲେ ତମେ ହିଁ ଅଭିନୟ ନକଲେ ନାଟକ ବନ୍ଦ ହୋଇଯିବ । କଟକୀ ଛାତ୍ରାବାସର ପିଲାଟି ଦ୍ୱାରା ଉଦ୍ଭବ ସମସ୍ୟାଟି ଗଂଜାମୀ ଛାତ୍ରାବାସର ପିଲାଟିଏ ଦ୍ୱାରା ସମାହିତ ହେଇଯିବ । ଏଣୁ ମୁଁ ରାଜି ହେଇଗଲି ।

Digitized by srujanika@gmail.com

ସେମାନେ ମୋ ଅଭିନୟ ପାରଦର୍ଶିତା ଉପରେ ନିର୍ଭରଶୀଳ ହେଇଯିବାର ବିଶେଷ କାରଣଟିଏ ଥିଲା । ଏହି ଘଟଣା ଘଟିବାର କିଛିମାସ ଆଗରୁ ମୋ ନିର୍ଦ୍ଦେଶନାରେ ଗୋଟିଏ ଏକାଙ୍କିକା ଅଭିନୀତ ହୋଇଥିଲା । ମୁଁ ଏହି ନାଟକରେ କମା ସ୍କୁଲ ଇନିସ୍‌ପେକ୍ଟର୍ ଭୂମିକାରେ ଅଭିନୟ କରିଥିଲି । ନାଟକର କାହାଣୀଟି ଇଂରେଜ ଅମଳରେ ଗଂଜାମର କୌଣସି ଗୋଟିଏ ଛୋଟିଆ ଏଲିମେଣ୍ଟ୍ରି ସ୍କୁଲରେ ଘଟିଥିଲା । ସମଗ୍ର ଗଂଜାମ ଜିଲ୍ଲାଟି ସେତେବେଳେ ମାନ୍ଦ୍ରାଜ ପ୍ରେସିଡେନ୍‌ସି ଭିତରେ ସାମିଲ ଥିଲା । ତେଣୁ ଏହି ଅଂଚଳରେ ତେଲୁଗୁମାନଙ୍କର ଅଖଣ୍ଡ ପ୍ରଭାବ ଥିଲା । କମା ହେଲେ ନୈଷ୍ଠିକ ତେଲୁଗୁ ବ୍ରାହ୍ମଣ । ଗଂଜାମରେ କହନ୍ତି 'କମାପିଲା ସଲାପାଣି ନହେଲେ ମଲା' । ତେଲୁଗୁମାନେ ଇଂରାଜୀ ସରକାରଙ୍କ ଅଧିକାଂଶ ବିଭାଗରେ ସାଧାରଣ ବାବୁଠୁ ଆରମ୍ଭକରି ଛୋଟ ଓ ବଡ଼ ହାକିମ ଯାଏଁ ବିଭିନ୍ନ ପଦ ପଦବୀରେ ଚାକିରି କରୁଥିଲେ । ସେ ସମୟ ବୋଲି କେବଳ ନୁହଁ, ଏବେବି ଗାଁଗହଳରେ ଥିବା ପ୍ରାଥମିକ ଶିକ୍ଷା ଦେଉଥିବା ସ୍କୁଲମାନଙ୍କର ଅବସ୍ଥାରେ ବିଶେଷ କିଛି ଉନ୍ନତି ହେଇନାହିଁ । ଗାଁ ପିଲାମାନେ ସ୍କୁଲରେ ନାଁ ଲେଖେଇବେ, ଦଶ ପନ୍ଦର ଦିନ ସକାଳୁ ଓପରଓଳି ନିୟମିତ ଆସିବେ, ତାପରେ ମନକୁ ମନ ଛୁଟି କରିଦେବେ । ବିଲବାଡ଼ିରେ ଧାନରୁଆ ନହେଲେ ଧାନକଟା କାମ ପଡ଼ିଯିବ । ବାପା ମାଁ କହିବେ ହଁ ମାସେ ପନ୍ଦରଦିନ ନଗଲେ କୋ ପାଠଟା ଅଡୁଆ ହେଇଯାଉଛି ଯେ । ମାଷ୍ଟ୍ରବିଚରା ପାଞ୍ଚଦଶଦିନ ବଗ ମାଛକୁ ଟାକିଲା ଭଳିଆ ଅନେଇ ରହିବ । ତା'ପରେ ସିଏ ମଧ ସ୍କୁଲରେ କଞ୍ଚି ପକେଇଦେଇ ତା ନିଜ ଘରକୁ ଛୁଟି କାଟିବ । ଏଣୁ ଏଭଳି ସ୍କୁଲମାନଙ୍କୁ ବାରମ୍ବାର ପରିଦର୍ଶନ କରିବାକୁ କମା ସ୍କୁଲଇନିସ୍‌ପେକ୍ଟର୍‌ମାନେ ନିଯୁକ୍ତି ପାଇଥାନ୍ତି । ଏକାଙ୍କିକାଟି ଏମିତି ଗୋଟିଏ ସ୍କୁଲର ଗୋଟିଏ ଦିନର ଘଟଣା ।

ସ୍କୁଲ ଇନିସ୍‌ପେକ୍ଟର୍ ପରିଦର୍ଶନ କରିବାପାଇଁ ସ୍କୁଲରେ ପହଞ୍ଚି ଯାଇଛନ୍ତି । ପିଲାଙ୍କ ଉପସ୍ଥାନ ସନ୍ତୋଷଜନକ ନୁହେଁ । ଗୁରୁବାରିଆ, ସମ୍ବାରୁ, ଶନିଆ, ଘନିଆ ହେଇ ଏମିତି ଗଣତିରେ ଦଶ ପନ୍ଦର ପିଲା କ୍ଲାସରେ ଅନୁପସ୍ଥିତ । ମାଷ୍ଟର ବିଚରା ଘଡ଼ବଡ଼େଇ ଗଲା । ଇନିସ୍‌ପେକ୍ଟର୍ ସାହେବଙ୍କ ତନଖି ଆରମ୍ଭ ହେଲା । ଉପସ୍ଥାନ ବହିଖୋଲି ପୃଷ୍ଠା ଓଲଟେଇ ଆଖିରୁ ଚଷମା ଖୋଲିଦେଇ ପରିଦର୍ଶକ ମହାଶୟ ଥରେ ପିଲାମାନଙ୍କ ନାଁଯାକ ପଢ଼ିଗଲେ, ଥରେ ସମଗ୍ର କ୍ଲାସରୁମ୍‌ରେ ଆଖି ପହଁରେଇ ଆଣିଲେ । ଶେଷରେ ଠେକୁଆଭଳି ଛାନିଆରେ

Digitized by srujanika@gmail.com

କାକୁତି ଯାଇଥିବା ମାଷ୍ଟ୍ରଙ୍କ ମୁହଁକୁ ଚାହିଁଲେ । ମାଷ୍ଟ୍ରେ କହିପକେଇଲେ ''ସାର୍ ! ପ୍ରାଣପଣେ ଚେଷ୍ଟାକରୁଛି ତଥାପି ପିଲାଙ୍କ ଦେଖାନାହିଁ ।'' ଚନ୍ଦ୍ରଶେଖର ସୁବୁଦ୍ଧି ମାଷ୍ଟ୍ର ଭୂମିକାରେ ଅଭିନୟ କରୁଥିଲା । ନିଜ ଅଭିନୟକୁ ଦର୍ଶକଙ୍କ ଭିତରେ ଗ୍ରାହ୍ୟକରେଇବା ପାଇଁ ତା' ଡାଇଲଗ୍ ରେ କହିପକେଇଲା 'ଶଳେଙ୍କ ବାପା ମା' ତ ପାଠ କହିଲେ ଖମ୍ବଆଳୁ ବୁଝୁଛନ୍ତି, ତାଙ୍କପିଲା କ'ଣ ବୁଝିବେ' ? କମାଇନିସ୍‌ପେକ୍ଟର୍ ମାଷ୍ଟ୍ରେଙ୍କ ମୁହଁକୁ ବଲବଲ ଅନେଇଲେ । ସିଏ ବି ଏଭଳି ଡାଏଲଗ୍‌ରୁ ବୁଝିଲେ ଖମ୍ବଆଳୁ !

ଏଥର ପିଲାମାନଙ୍କୁ ଖଡ଼ିପଟା କାଢ଼ିବା ପାଇଁ ଇନିସ୍‌ପେକ୍ଟର କହିଲେ ଓ ସେ ଶ୍ରୁତଲିଖନ ଡାକିଲେ । 'ପିଲାମାନେ ଲେକ ଡିକ୍‌ଟେସନ୍' । କମା ଇନିସ୍‌ପେକ୍ଟର ଆଦେଶିବା ଭଙ୍ଗୀରେ ମାଷ୍ଟ୍ରେଙ୍କୁ ତାଗିଦାଦେଲେ । 'ମାଷ୍ଟ୍ରେ ପିଲାମାନଙ୍କୁ ବଲ କରି ବେଲ ହେ । ହଁ ଲେକ'

'ଫିନିସ୍ କଷି' ଇନିସ୍‌ପେକ୍ଟର୍ ସାହେବଙ୍କ ତେଲୁଗୁ ତୁଣ୍ଡର ଉଚ୍ଚାରଣ ପିଲାଏ ସହଜରେ ଧରି ପାରିଲେନି । ଇନିସ୍‌ପେକ୍ଟର୍‌ଙ୍କ ମୁହଁକୁ ବଲବଲ କରି ଥରେ ଅନେଇଲେ ତ ଆଉ ଥରେ ତାଙ୍କ ମାଷ୍ଟ୍ରେଙ୍କ ମୁହଁକୁ ଚାହିଁଲେ । ପିଲ୍ଲାନୁକ ବଲ୍ଲୁବାବେ ଶୁଣି ପାରିଲାନି ବୋଲି ଭାବି ଆଉଥରେ ଶବ୍ଦ ଦୁଇଟିକୁ ଦୋହରଇଲେ । 'ଫିନସ୍ କଷି' । ଏଥର ଦ୍ୱିତୀୟ ଉଚ୍ଚାରଣ ମଧ୍ୟ ପିଲାଙ୍କ ଭିତରେ ଆଗଭଳି ଅବୁଝା ରହିଲା । ଇନିସ୍‌ପେକ୍ଟର୍ ସାହେବ ସାମାନ୍ୟ ବିରକ୍ତ ହେବା ଭଙ୍ଗୀରେ ନିଜ ଅଙ୍ଗମୁଦ୍ରା ମାଧ୍ୟମରେ ଶବ୍ଦ ଦୁଇଟିର ଅର୍ଥ ପରିଷ୍କାର କରିଦେବା ପାଇଁ ଚାହିଁଲେ ।

'ଫିନିସ୍ କଷି ମାନେ ମୋଟାରୋଟା କଣ୍ଢାକଣ୍ଢା ପେଲ' । ଇନିସ୍‌ପେକ୍ଟର୍‌ଙ୍କ ବ୍ୟାଖ୍ୟାନଟିଏ ପିଲାଙ୍କ ଭିତରେ ମୃଦୁ ଗୁଞ୍ଜରଣ ସୃଷ୍ଟିକଲା । ଅନନ୍ୟୋପାୟ ହେଇ ସିଏ ଅଗତ୍ୟା ଶବ୍ଦଟିକୁ ଇଂରାଜୀରେ କହିପକେଇଲେ 'ସ୍ମାଲ୍ ଜାକ୍ ଫୁଟ୍' । କାଲି ଆଗରେ ମୂଳା ଚୋବାଇଲା ପରି କଥାଟି ହେଲା । ମୁଁ ନିଜେତ ଇନିସ୍‌ପେକ୍ଟର୍ ହେଇଥାଏ । ପେଲ ଶବ୍ଦ ମୋ ମନରେ ମଧ୍ୟ ସାମାନ୍ୟ ଅଶ୍ଳୀଳ ଭାବ ସୃଷ୍ଟି କରିଦେଲା । ମୁଁ ନିଜକୁ ସଂଯତ କରି ଇନିସ୍‌ପେକ୍ଟର୍ ହିସାବରେ ମୋର ଯାହା କର୍ତ୍ତବ୍ୟ ତାକୁ ପୂରଣ କରିବାକୁ ଚେଷ୍ଟାକଲି । ଦର୍ଶକଙ୍କ ଭିତରେ ଚାପା ଚାପା ହସର ଆଲୋଳ ।

ଥରେ ଗୋଟିଏ ଗାଁର ପୁରୁଣା ପଣ୍ଡିତ ଜଣେ 'ପେଲବ' ଶବ୍ଦକୁ ଧୀରେ ଧୀରେ ଷ୍ଟ୍ରିପ୍‌ଟିଜ୍ ନ୍ୟାୟରେ ହ୍ରାସ କରି କରି ଶେଷରେ ସମ୍ଭାବ୍ୟ ଅଶ୍ଳୀଳ ଶବ୍ଦରେ

Digitized by srujanika@gmail.com

ପରିଣତ କରିଦେଇଥିଲେ । ଏଥି ନେଇ ମୁଁ ସଚେତନ ଥିଲି । ମୁଁ ରୋକ୍‌ଠୋକ୍ କହିଦେବା ପାଇଁ ବିଚାରୁଥିବା ପେଲବ ଶବ୍ଦର ନିଗୂଢ଼ ଅର୍ଥ ସେତିକିରେ ସ୍ଥିର ହେଉରହୁ ।

ଏଥର ଇନିସ୍‌ପେକ୍ଟର୍ ମହାଭାଗ ଦ୍ୱିତୀୟ ଶବ୍ଦ ଶ୍ରୁତଲିଖନ ପାଇଁ ଡାକିଲେ । 'କିହ୍ଲିଡ଼ି' । ପ୍ରଥମ ଶବ୍ଦ ଅପେକ୍ଷା ଏହା ଅଧିକ ବିକୃତ ଓ କଠିନ ଥିଲା । ପିଲାମାନେ ଘାବଡ଼େଇ ଗଲେ । ଏଥିରୁ କୌଣସିଟି ହେଲେ ଶବ୍ଦ ମାଷ୍ଟ୍ରେ ପିଲାମାନଙ୍କୁ ଆଗରୁ ପଢ଼େଇ ନାହାନ୍ତି । ପିଲାମାନଙ୍କ ମୁହଁରେ ଆଖିରେ ଏହି ଅନାଘ୍ରାଭାବ ହିଁ ଲିପିବଦ୍ଧ ହେଇ ରହିଥିଲା । ଇନିସ୍‌ପେକ୍ଟର ପୁଣି ହସ୍ତମୁଦ୍ରା ଓ ବ୍ୟାଖ୍ୟା ଦ୍ୱାରା ଶବ୍ଦଟିକୁ ବୁଝେଇବାକୁ ଚେଷ୍ଟାକଲେ । କିହ୍ଲିଡ଼ି ମାନେ ଲମ୍ୱା ଲମ୍ୱା କଣ୍ଟା କଣ୍ଟା ପେଲ । ଏଥର ମାଷ୍ଟ୍ରେ ନିଜକୁ ସମ୍ଭାଳି ନପାରି ଫେଁ କରି ହସି ପକେଇଲେ ।

ଇନିସ୍‌ପେକ୍ଟର୍ ପରିସ୍ଥିତିକୁ ସମ୍ଭାଳି ନେବା ପାଇଁ ଖୁବ ରାଗି ଯିବାର ଅଭିନୟ ଦେଖେଇଲେ ଆଉ ମାଷ୍ଟ୍ରେଙ୍କୁ ତାଗିଦା ଦେଇ କହିଲେ । 'ମାଷ୍ଟ୍ରେ ! ମନରେ ରଖ ତୁମେ, ତୁ ପିଲ୍ଲାମାନଙ୍କୁ କିଚିହେଲେ ପଢ଼େଇନି । ତୋତେ ମୁଁ ନୌକରିରୁ ସାସ୍‌ପେଣ୍ଡ୍ କରିଦେବି' ।

ମାଷ୍ଟ୍ର ଭୂମିକାରେ ଅଭିନୟ କରୁଥିବା ଚନ୍ଦ୍ରଶେଖର ସୁବୁଦ୍ଧି ଇନିସ୍‌ପେକ୍ଟର୍‌ଙ୍କ ରିଶାକୁ ଖାତିରି ଦେଖାଇ ହଡ଼ବଡ଼େଇ ଯିବାର ଅଭିନୟ କଲା କିନ୍ତୁ କୁମୁଟି ପିଲାତ ଉଦ୍ଭବ ପରିସ୍ଥିତିକୁ ମୁକାବିଲା କରିନେବା ପାଇଁ ସ୍ୱାଭାବିକ ଭାବେ ନିଜ ମନରୁ ପାଞ୍ଚ୍ ଡାଏଲଗ୍‌ଟିଏ ଦର୍ଶକଙ୍କ ଆଡ଼କୁ ସ୍ୱଗତୋକ୍ତି କଲାପରି କହିପକେଇଲା । ଶଳା ସରକାର ତ ଯୋ ବେତନ ଦଉଛନ୍ତି । ମାଷ୍ଟ୍ରକାମ ହେଲେ ତ ହେଲା । ମୁଁ କୁମୁଟି ପିଲା, ନହେଲେ ରାଉରକେଲା । ଘନ ଘନ କରତାଳି ମାଡ଼ ହେଲା । ଲାଗିଲା ଦର୍ଶକମାନେ ଆମ ନାଟକରେ ଅତ୍ୟନ୍ତ ପ୍ରୀତ । ଦର୍ଶକଙ୍କ ଭିତରେ ମୁଖ୍ୟ ଅତିଥିଭାବେ ବସିଥିଲେ ଖଲିକୋଟର ବିଶିଷ୍ଟ ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦ । ନାଟକ ଶେଷହେଲା ପରେ ସେ କମା ଇନିସ୍‌ପେକ୍ଟର୍ ଓ ସ୍କୁଲମାଷ୍ଟ୍ରେଙ୍କୁ ଡାକି ଖୁବ୍ ପ୍ରଂଶସା କଲେ । ମନ୍ତବ୍ୟ ଛଳରେ କହିଲେ, ସବୁ ଭଲ ହେଲା ଯେ ରାଉରକେଲା ଶବ୍ଦଟି ଉଚ୍ଚାରଣ କରିବା ପ୍ରାସଙ୍ଗିକ ହେଲାନି ।

ମୋ ଦ୍ୱାରା ପରିକଳ୍ପିତ ରଚିତ ଓ ନିର୍ଦ୍ଦେଶିତ ଅନ୍ୟ ଏକ ଏକାଙ୍କିକା ହେଲା ଯମଦରବାର । ଏହା ଏକ ସମାଲୋଚନାମୂଳକ ନାଟକ । ଏହା କଟକୀ-

Digitized by srujanika@gmail.com

ଗଂଜାମୀ ବାଦବିସମ୍ବାଦରୁ ଉଦ୍ଭବ ହେଇଥିଲା ଓ ଏହି ନାଟକମାଧମରେ ଅଧ୍ୟାପକମାନଙ୍କର ଦୋଷଯୁକ୍ତ ଆକ୍ରୋଶମୂଳକ ବ୍ୟବହାରକୁ ପଦାରେ ପକେଇ ଦେବା ପାଇଁ ଚେଷ୍ଟା କରାଯାଇଥିଲା । କୋରାପୁଟ ଜୟପୁରର ଗୁଣିଆ, ମୋ ଉପର ବ୍ୟାଚ୍‌ର ଛାତ୍ର ପଞ୍ଚାନନ ଶତପଥୀ ଯମ ଭୂମିକାରେ ଅଭିନୟ କରୁଥିଲେ । ତାଙ୍କର ଗୋରା ଚକଚକ ମୋଟା ମୋଟି ଚେହେରା, ପୁଚୁକା ଗାଲ ଓ ନାଲି ନାଲି ଆଖିକୁ ଯମ ଚରିତ୍ରଟି ବେଶ୍ ମାନୁଥିଲା । ମୁଁ ହେଇଥିଲି ଚିତ୍ରଗୁପ୍ତ, ଚନ୍ଦ୍ରଶେଖର ସୁବୁଦ୍ଧି ଓ ପଞ୍ଚାନନ ମହାନ୍ତି ଯମଦୂତ ଓ ବିଭିନ୍ନ ଚରିତ୍ରରେ ଯେଉଁମାନେ ଅଭିନୟ କରିଥିଲେ, ସେମାନେ ହେଲେ ଭାସ୍କର ସ୍ୱାମୀ ଭାସ୍କର୍ଯ୍ୟ ସାର୍, ପଞ୍ଚାନନ ସାହୁ ପଟେରୀ ସାର୍, ମଦନମୋହନ ପଣ୍ଡା ଅଙ୍କିତ ସାର୍, ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକ, ପଦ୍ମାବତୀ ଦେବୀ ଓ ଯୁଧିଷ୍ଠିର ସାହୁ ହେଇଥିଲେ ଅଧକ୍ଷ ଶରତଚନ୍ଦ୍ର ଦେବ । ଯମଦରବାର ନାଟକ ସଂପର୍କରେ ଆଗରୁ ଆର୍ଟସ୍କୁଲ ଭିତରେ ଆଲ୍ଲାମାର୍କା ପ୍ରଚାରଟେ ହେଇଯାଇଥିଲା । ସେତେବେଳକୁ ମୋର ଦ୍ୱିତୀୟ ବର୍ଷ, ପଣ୍ଡାସାର୍ ଓ ଶତପଥୀସାର୍ ଆର୍ଟସ୍କୁଲରେ ଯୋଗ ଦେଇନଥାନ୍ତି । ବିପ୍ରସାର୍‌ଙ୍କ ଠାରୁ ଓ ଇଣ୍ଡିଆନ୍ ପେଣ୍ଟିଙ୍ଗ୍ କ୍ଲାସରେ କମ୍ ନମ୍ବର ମିଳିବା ଭୟରେ ଭାସ୍କର୍ଯ୍ୟବିଭାଗର ପିଲା ଓ ଅଙ୍କିତସାର୍‌ଙ୍କ ପିଲାମାନେ ଅଭିନୟରେ ଭାଗନେଇନଥାନ୍ତି । ଅଧିକାଂଶ ପିଲା ତୈଳଚିତ୍ର ବିଭାଗର, ପଞ୍ଚାନନ ଶତପଥୀ କମର୍‌ସିଆଲ୍ ଆର୍ଟକ୍ଲାସର । ନାଟକଟିର ପରିକଳ୍ପନା, ରଚନା ଓ ପରିଚାଳନା ସଂପୂର୍ଣ୍ଣଭାବେ ମୋର । ମୋର ଦୁଃସାହସକୁ ମୁଁ ଏବେ ତାରିଫ୍ କରୁଛି । ରିହାରସଲ୍ ରୁଦ୍ଧ ବଖରାଟିକରେ କରାଯାଉଥିଲା ଯିମିତି ନାଟକର ଟିକିଏ ହେଲେ ସୁରାକ କଟକୀ ପିଲାମାନେ ନ'ପାଆନ୍ତି । ଚନ୍ଦ୍ରଶେଖର ସୁବୁଦ୍ଧି, ପଞ୍ଚାନନ ଶତପଥୀ ଓ ମୋ ଭିତରେ ଆମେ ଡାଏଲଗ୍ ସୀମିତ ରଖିଥିଲୁ ଏଣୁ ସାଧାରଣ ରିହାରସଲ୍ ସରିଲା ପରେ ଆମେ ତିନିହେଁ ଆମମାନଙ୍କର ଡାଏଲଗ୍ ଆମ ଭିତରେ ସ୍ଥିର କରିନେଉଥିଲୁ । ମୁଁ ଚିତ୍ରଗୁପ୍ତ ଭାବେ ପାଞ୍ଜିଖୋଲି ମୃତ୍ୟୁପରେ ଯମଙ୍କ ଦରବାରରେ ଯମଦୂତଙ୍କ ମାର୍ଫତରେ ହାଜର କରାଯାଇଥିବା ପ୍ରେତ ଆସାମୀ ସଂପର୍କରେ ପାଞ୍ଜିରେ ଲିପିବଦ୍ଧ ସମସ୍ତ ଦୋଷ, ପାପକର୍ମ ପାଠ କରିବି । ଏ ସମସ୍ତ ତଥ୍ୟ ଶୁଣିଲା ପରେ ଯମରାଜ ତାଙ୍କର ଦଣ୍ଡାଦେଶ ଘୋଷଣା କରିବେ ଓ ଯମଦୂତମାନେ ଯମରାଜଙ୍କ ଆଦେଶ ପାଳନ କରିବେ ।

ମଞ୍ଚରେ ପରଦା ଖୋଲିଲା ପରେ ଦେଖାଗଲା ଗୋଟିଏ ବିରାଟ ମୁଖା ଭିତରେ ସ୍ୱର୍ଣ୍ଣ ସିଂହାସନ ଉପରେ ଯମରାଜ ଆସୀନ । ରାହୁର ଏହି ମୁଖା

Digitized by srujanika@gmail.com

ଭିତରଟାରେ ନାଲି ଆଲୁଅ ଜଳୁଛି । ତା ଭିତରୁ ଝୁଣା ଧୂଆଁ ହାବୁକା ହାବୁକାହେଇ ମଂଚଉପରେ ପହଁରି ଯାଉଛି ଓ ଶେଷରେ ପତଳା ହେଇ ଦର୍ଶକମଣ୍ଡଳୀ ଉପରେ ଶରତ ଋତୁର ହାଲୁକା ମେଘ ଭଳି ପାରି ହେଇ ଯାଉଛି । ରାହୁ ମୁହଁର ବାହାର ପଟକୁ ଯମରାଜଙ୍କ ଡାହାଣ ଦିଗକୁ ଚିତ୍ରଗୁପ୍ତ ଏକ ରୌପ୍ୟ ସିଂହାସନ ଉପରେ ଆସୀନ । ନିଜ ଜଙ୍ଘ ଉପରେ ମୋଟା ପାଞ୍ଜି । ଆର୍ଟସ୍କୁଲ ଦପ୍ତରର ବଡ଼ବାବୁ ଉଦିତ ପ୍ରତାପ ସିଂହ ଓରଫ୍ ଟିକି ବାବୁଙ୍କୁ କହି ଆର୍ଟସ୍କୁଲର ମୋଟା ଷ୍ଟକ ରେଜିଷ୍ଟରଟିକୁ ଆମେ ପାଞ୍ଜିଭାବେ ବ୍ୟବହାର କରିଥିଲୁ ।

ଆର୍ଟସ୍କୁଲ ପିଲାଙ୍କୁ ମଞ୍ଚ ସାଜସଜ୍ଜାରେ ସହଜେ ପାରିବା କଷ୍ଟ । ମୁଁ ଭାଇନା ଲୋକନାଥ ପାଠୀଙ୍କ ମଞ୍ଚସଜ୍ଜାର ସବୁ କୌଶଳ ପ୍ରୟୋଗ କରିଦେଇ ମୋର ସହପାଠୀଙ୍କୁ ଚମକେଇ ଦେଇଥିଲି । ଏବେ ଯମରାଜ ଚିତ୍ରଗୁପ୍ତଙ୍କୁ ଆଦେଶ ଦେଲେ । ମନ୍ତ୍ରୀବର ! ଆଜି ଯେଉଁମାନେ ମର୍ତ୍ତ୍ୟପୁରରୁ ଆସିଛନ୍ତି ସେମାନଙ୍କୁ ମୋ ସମ୍ମୁଖରେ ଜଣ ଜଣ କରି ହାଜର କରାଅ । ଚିତ୍ରଗୁପ୍ତ ସାଙ୍ଗେ ସାଙ୍ଗେ ଦୁଇ ଯମଦୂତଙ୍କୁ ଯମରାଜଙ୍କ ଆଦେଶ ସୂଚେଇ ଦେଇ ପ୍ରେତମାନଙ୍କୁ ସ୍ୱଶରୀରେ ହାଜର କରାଇବା ପାଇଁ କହିଲେ । ଯମଦୂତଦ୍ୱୟ ପ୍ରଥମେ ଧରି ଆଣିଲେ ଭାସ୍କର୍ଯ୍ୟ ସାର୍‌ଙ୍କୁ । ଭାସ୍କର ସ୍ୱାମୀ ପେଟକୁ ଧରି ଧରି ମଞ୍ଚଉପରେ ଉଭାହେଲେ । ଚିତ୍ରଗୁପ୍ତ ତାଙ୍କ ପାଞ୍ଜି ଖୋଲି ପଢ଼ିଲେ । ଯମରାଜଙ୍କୁ ସମ୍ବୋଧନ କରି କହିଲେ । ଧର୍ମାବତାର ଏହି ଆସାମୀ ଦକ୍ଷିଣ ଗୋଲାର୍ଦ୍ଧରେ ବିଷୁବରେଖାର ପନ୍ଦର ଡିଗ୍ରୀ ଦକ୍ଷିଣରେ ଅବସ୍ଥିତ ଖାଲିପଙ୍କ ଦୁର୍ଗର ତିତ୍ରାଙ୍ଗୀ ମହାମୂର୍ଖ ମହାବିଦ୍ୟାଳୟର ମୂର୍ତ୍ତି ଓ କଣ୍ଢେଇ ନିର୍ମାଣ ବିଭାଗର ମୁଖ୍ୟ ଅଧ୍ୟାପକ । ଅକାଳରେ ପେଟମରା ରୋଗରେ ତାଙ୍କରି ବିୟୋଗ ଘଟିଛି । ଏହି ମହାଶୟ ସ୍କୁଲପିଲାଙ୍କ ବ୍ୟବହାର ପାଇଁ ସରକାର ବାହାଦୂର ଦେଉଥିବା ଧଳା ପିଲାଷ୍ଟର୍ ଗୁଣ୍ଡ ନିଜ ଘରକୁ ବସ୍ତାବସ୍ତା ବୋହି ନେଇ ଯାଇଛନ୍ତି । ଛାତ୍ରଛାତ୍ରୀମାନେ ତାଙ୍କ ପେଟରେ ଥିବା ବିଦ୍ୟା ଶିଖିଦେବେ ବୋଲି ଭୟକରି ନିଜ ସରକାରୀ ବାସଗୃହରେ ଅନ୍ୟଏକ ମୂର୍ତ୍ତିନିର୍ମାଣ କାରଖାନା ପ୍ରତିଷ୍ଠାକରି ସରକାରୀ ସମୟର ଅପଚୟ କରି ଅପର୍ଯ୍ୟାପ୍ତ ଅର୍ଥ ଅନ୍ୟାୟ ଭାବରେ ଉପାର୍ଜନ କରିଛନ୍ତି । ଏଥିକୁ ଦଣ୍ଡବିଧାନ କରାଯାଉ । ଯମରାଜ ଘଡ଼ିଏ ଚିନ୍ତିତ ରହି ନିଜର ବିଚାର ଖୁବ୍ ଗମ୍ଭୀର ଭାବେ ଘୋଷଣା କଲେ । ଏହି ବ୍ୟକ୍ତି ଯାହା ଅନ୍ୟାୟ କର୍ମ କରିଛି ତାର ପ୍ରାପ୍ୟ ରୌରବ ନରକ । ତାକୁ ରୌରବ ନରକରେ ନିକ୍ଷେପ କରାଯାଉ । ତାପରେ

Digitized by srujanika@gmail.com

ଚିତ୍ରଗୁପ୍ତ ଯମରାଜଙ୍କ ଆଦେଶକୁ ଦୋହରାଇବେ । ଯମଦୂତଗଣ ଏହି ପ୍ରେତକୁ ନେଇ ରୌରବ ନର୍କରେ ନିକ୍ଷେପ କର । ପଞ୍ଚାନନ ମହାନ୍ତି ଓ ଚନ୍ଦ୍ରଶେଖର ସୁବୁଦ୍ଧି ଏବେ ମଞ୍ଚରୁ ଠେଲି ଠେଲି ଭାସ୍କର ସ୍ୱାମୀକୁ ଷ୍ଟେଜ୍ ପଛଆଡ଼କୁ ନେବେ । ନେଲାବେଳକୁ ସ୍ୱଗତୋକ୍ତି କଲାଭଳି କହୁଥିବେ । ଶଳା ତୁ ଭାବିଥିଲୁ ମର୍ତ୍ତ୍ୟରେ ସମସ୍ତଙ୍କୁ ଏମିତି ଠକି ଦେବୁ । ଏବେ ତୁ ଆମ ହାବୁଡ଼ରେ, ଚାଲ ତତେ ଫୁଟନ୍ତା ତେଲ କଡ଼େଇରେ ଆମେ ଭାଜିବୁ । ଭାସ୍କର ସ୍ୱାମୀ ନିଜର ବିକଳିଆ ମୁହଁଟିକୁ ଦର୍ଶକଙ୍କୁ ଦେଖେଇ ଦେଇ ସାଇଡ୍ ସ୍କ୍ରୀନ ଭିତରେ ପଶିଯିବେ । ଏମିତି ଗୋଟି ଗୋଟି ଚରିତ୍ରମାନଙ୍କୁ ଯମ ଦରବାରରେ ଉପସ୍ଥାପିତ କରାଯିବ । ଚିତ୍ରଗୁପ୍ତଙ୍କ ପରାମର୍ଶରେ ଯମରାଜ ଦଣ୍ଡବିଧାନ କରିବେ ।

ପ୍ରଶାନ୍ତ ପଟ୍ଟନାୟକ ପଦ୍ମାବତୀ ଦିଦି ଭୂମିକାରେ ଓହ୍ଲେଇଥାଏ । ଦିଦିଙ୍କ ନିଜ ବ୍ୟବହାର ଶାଢ଼ୀ ପିନ୍ଧି ଯମ ଦରବାରରେ ପହଞ୍ଚିଲା । ପୁଣ୍ୟବତୀ ନାରୀଟିଏ ବୋଲି ଯମଦୂତମାନେ ପାଖ ଭରସି ନପାରିବାର ଅଭିନୟ କରୁଥାନ୍ତି । ଆଗେ ଦିଦି ଚାଲିଛନ୍ତି ଏବଂ ତାଙ୍କ ପଛେ ପଛେ ଯମଦୂତ । ଜଣେ ସାଧ୍ୱୀ, ପୁଣ୍ୟ ଅର୍ଜନ କରିଥିବା ନାରୀଟିକୁ ନିଜ ଦରବାରରେ ଦେଖି ଯମରାଜଙ୍କ ଶ୍ରୀମୁଖରୁ ବାକ୍ୟସ୍ଫୁରଣ ହେଲା ନାହିଁ । ଟିକିଏ ବିଳମ୍ବରେ ଚିତ୍ରଗୁପ୍ତଙ୍କୁ ଜିଜ୍ଞାସ ବଚନରେ ଯମରାଜ ପଚାରିଲେ, ମହାମନ୍ତ୍ରୀ ! ଏହି ଭଦ୍ରମହିଳାଙ୍କୁ ମୋ ଦରବାରକୁ ଆଣିବାର ଉଦ୍ଦେଶ୍ୟ ଶୀଘ୍ର ପ୍ରକାଶ କର । ଚିତ୍ରଗୁପ୍ତ ପାଞ୍ଜିକୁ ସିଧା ଦେଖୁଥିଲେ । ସିଏ ଏବେ ତଳଉପର କରି ଓଲଟେଇ ଦେଲେ । ଚିତ୍ରଗୁପ୍ତ ତ୍ରିକାଳଦର୍ଶୀ । ପଦ୍ମାବତୀଙ୍କ ଗୁଣ ବର୍ଣ୍ଣନାକରି କହିଲେ ମହାରାଜ ! ଇଏ ଜୀବନରେ ବହୁ ପୁଣ୍ୟ କାର୍ଯ୍ୟ କରିଛନ୍ତି । ଅତଏବ ଯମଲୋକରେ ଏହାଙ୍କ ସ୍ଥାନ ନାହିଁ । ଏଣୁ ଏହାଙ୍କୁ ବୈକୁଣ୍ଠକୁ ପଠେଇ ଦିଆଯାଉ । ସେ ସେଠାରେ ପୁଷ୍ପମାଳା ଗୁନ୍ଥନକରି ସାଧୁସନ୍ଥମାନଙ୍କର ସେବାକରିବେ ।

ପଦ୍ମାବତୀ ଦିଦିଙ୍କୁ ମଂଚଉପରେ ଦେଖି ଦର୍ଶକମାନେ ପୁଲକିତ ହେଲେ । ଭାସ୍କର୍ଯ୍ୟସାର୍‌ଙ୍କ କାର୍ଯ୍ୟକଳାପରେ ପିଲାମାନେ ଅତିଷ୍ଠ ହେଇପଡ଼ିଥିଲେ । ଭାସ୍କର୍ଯ୍ୟ ବିଭାଗରେ ଭଲପିଲାମାନଙ୍କ ଚମତ୍କାର ଭାସ୍କର୍ଯ୍ୟ ଗୁଡ଼ିକୁ ଅଧା ତିଆରିରୁ କିଏ ଭାଙ୍ଗି ଦେଉଥିଲା ଧରା ପଡୁନଥିଲା । ମୋର ଏବେ ବି ସ୍ମରଣ ଅଛି ପ୍ରଥମ ବ୍ୟାଚର ଛାତ୍ର ରମେଶ ଚନ୍ଦ୍ର ମହାନ୍ତି ଗ୍ରୀକ୍-ରୋମାନ ଶୈଳୀରେ ପାଞ୍ଚ ଛ' ଫୁଟ ଉଚ୍ଚର ଗୋଟିଏ ଚମତ୍କାର ଭାସ୍କର୍ଯ୍ୟ ଗଢ଼ିଥିଲେ । ସେ ସମୟରେ ଏହି

Digitized by srujanika@gmail.com

ଭାସ୍କର୍ଯ୍ୟକୁ କେନ୍ଦ୍ରକରି ଆମ ହଷ୍ଟେଲରେ ଓ ସମଗ୍ର ଆର୍ଟସ୍କୁଲରେ ବେଶ୍ ଚର୍ଚ୍ଚା ହେଉଥିଲା । କାହାର ଦେହ ସହିଲା ନାହିଁ କେଜାଣି ଦିନେ ଦେଖିଲା ବେଳକୁ ମୂର୍ତ୍ତିଟିକୁ ବିଧାମାରି ଭାଙ୍ଗି ଦିଆଯାଇଛି । ଏଭଳି ଅନ୍ୟାୟ ବିରୁଦ୍ଧରେ ମୋ ମନ ଭିତରେ ବିଦ୍ରୋହ ଜନ୍ମିଲା । ଅଭିଯୋଗ ହେଉଥିଲା କେତେକ ନିର୍ଦ୍ଦିଷ୍ଟ ପିଲାଙ୍କ ମାଟିର ମୂର୍ତ୍ତିଗୁଡ଼ିକୁ ପ୍ଲାଷ୍ଟରରେ କାଷ୍ଟିଙ୍ଗ୍ ନକରି ଶୁଖେଇ ଶୁଖେଇ ନଷ୍ଟକରି ଦିଆଯାଉଛି । ଏସବୁ ବିଭିନ୍ନ କାରଣରୁ ପିଲାମାନେ ଭାସ୍କର ସ୍ୱାମୀର ଅଭିନୟରେ ପ୍ରୀତ ହେଇଥିଲେ । ଦର୍ଶକମଣ୍ଡଳୀରେ ଉଭୟ ଗଂଜାମୀ ଓ କଟକୀ ଛାତ୍ରାବାସ ତଥା ରାଣୀହଂସପୁର ଲେଡ଼ିଜ୍ ହଷ୍ଟେଲର ଛାତ୍ରୀମାନେ ଉପସ୍ଥିତ ଥିଲେ । ଗଣ୍ଡଗୋଳ ଆଶଙ୍କା କରି କୌଣସି ଅଧ୍ୟାପକ ଏ ନାଟକ ଦେଖିବାକୁ ଆସି ନଥିଲେ ଓ ସହଜେ ରବିବାର ହେଇଥିବାରୁ ଉଭୟ ଅଧ୍ୟକ୍ଷ ମହାଶୟ ଓ ଦିଦି ମଧ୍ୟ ଆର୍ଟସ୍କୁଲରେ ଅନୁପସ୍ଥିତ ଥିଲେ । ନାଟକର ଅସଲ ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ଉଦ୍‌ଘାଟିତ ହେଇନଥାଏ ଏବଂ କ୍ଲାଇମେକ୍ସ ମଧ୍ୟ ପହଞ୍ଚି ନଥାଏ ।

ଏବେ ଶେଷ ଦୃଶ୍ୟ ଅଭିନୀତ ହେଲା । କାନ୍ଧରେ ଧଳା ଦୋସରାଟିଏ ପକେଇ ଧଳା ସୁପରଫାଇନ୍ ଧୋତି ଓ କୁର୍ତ୍ତା ପିନ୍ଧି ପାଟିରେ ପାଇପଟି ଧରି ଯୁଧିଷ୍ଠିର ସାହୁ ଅଧ୍ୟକ୍ଷ ବେଶରେ ମଞ୍ଚରେ ପ୍ରବେଶ କଲେ । ଦର୍ଶକମହଲରେ ସାମାନ୍ୟ କୋଳାହଳ ଶୁଣାଗଲା । ଏମିତି ହେବ ବୋଲି ଆଶଙ୍କା କରି ଗଂଜାମୀ ହଷ୍ଟେଲର ବଳୁଆ ପିଲାମାନେ ଦର୍ଶକଙ୍କ ମଝିମଝିରେ ନିଜର ଆସ୍ଥାନ ଜମେଇ ନେଇଥିଲେ । ତଥାପି କଟକୀ ପିଲାମାନେ ଗୋଟି ଗୋଟିହେଇ ଉଠିଲେ ଓ ହଲ ଛାଡ଼ି ପଳେଇ ଗଲେ । ନାଟକ ତଥାପି ଆଗେଇ ଚାଲିଥାଏ । ଯମରାଜ ଏବେ ଗମ୍ଭୀର ଗଳାରେ ପ୍ରଶ୍ନକଲେ । ''ଏହି ବ୍ୟକ୍ତିଙ୍କୁ ମୋ ଦରବାରକୁ ଆଣିବା ଉଦ୍ଦେଶ୍ୟ ଶୀଘ୍ର ପ୍ରକଟ କର ଏବଂ ଇଏ ଯାହା ଯାହା କର୍ମ ଓ ଅପକର୍ମ କରିଛନ୍ତି ତାହା ବୟାନ କର ।''

ଆଗଭଳି ସର୍ବଜ୍ଞ ଚିତ୍ରଗୁପ୍ତ ନିଜ ପାଞ୍ଜିକୁ ପଛପଟଆଡୁ ଓଲଟାଇଲେ, ପଛପଟ ଆଡ଼େ କୁଆଡ଼େ ପୁଣ୍ୟବାନ ବ୍ୟକ୍ତିଙ୍କ ସଂପର୍କରେ ଲେଖାହେଇଥାଏ । ଏବେ ପାଞ୍ଜି ପଢ଼ି ଚିତ୍ରଗୁପ୍ତ ନିଜ ବକ୍ତବ୍ୟ ବଖାଣିବାରେ ଲାଗିଲେ ।

ମହାରାଜ ! ଉପସ୍ଥିତ ବ୍ୟକ୍ତି , ଜଣେ ପୁଣ୍ୟବାନ ପୁରୁଷ । ଦକ୍ଷିଣ ଗୋଲାର୍ଦ୍ଧର ଚିତ୍‌କଟି ରାଜ୍ୟର ଶ୍ୱେତକ ବଂଶର ରାଜପୁତ୍ର । ନିଜ ପ୍ରଚେଷ୍ଟାରେ ନିଜ ସାମ୍ରାଜ୍ୟର ଅର୍ଥ ବ୍ୟୟକରି କଳିଙ୍ଗ ଦେଶରେ ପ୍ରଥମ ଚିତ୍ରକଳା ବିଦ୍ୟାଳୟ ପ୍ରାଚ୍ୟ

Digitized by srujanika@gmail.com

ମହୋଦଧି ତଟରେ ବ୍ରହ୍ମାଙ୍କ ନାମରେ ନାମିତ ପୁରରେ ପ୍ରତିଷ୍ଠା କରିଥିଲେ । କଳିଙ୍ଗ ଦେଶରେ ଆଧୁନିକ କଳାର ମନ୍ଦାକିନୀ ଧାରା ଏଇଠାରୁ ହିଁ ଆରମ୍ଭ ହେଇଥିଲା । ପୁଣି ରାମଚନ୍ଦ୍ରଙ୍କ ନାମରେ ନାମିତ ମର୍ଦ୍ଦରାଜଙ୍କ ଭବନରେ ଆଧୁନିକ ସରକାରଙ୍କ କୃପାରେ ପରିଚାଳିତ ପ୍ରଥମ ଚିତ୍ରକଳା ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ପଦ ଅଳଙ୍କୃତ କରି ମର୍ତ୍ତ୍ୟଦେଶର ଗୌରବ ବଢ଼େଇଛନ୍ତି । ଚିତ୍ରକଳା ସହିତ ସଂଗୀତ ଓ ଆଧ୍ୟାତ୍ମିକତାର ମଧୁର ସମନ୍ୱୟ ଘଟେଇ କଳାବିଦ୍ୟାକୁ ଜ୍ଞାନ ଆହରଣର ଚରମସୀମାକୁ ନେଇଯାଇଛନ୍ତି । ଅତଏବ ଏତେ ପୁଣ୍ୟକାର୍ଯ୍ୟର ଗୁଣାଗୁଣ ବିଚାର କରି ଯାହା ଯଥାର୍ଥ ଆଦେଶ ହେବ ଏହି ଚିତ୍ରଗୁପ୍ତ ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବ ।

ଯମରାଜ ଧର୍ମଦଣ୍ଡରେ ଓଜନକରି ଦେଖିଲେ ଏହି ବ୍ୟକ୍ତିଟିକୁ ଯମ ଲୋକକୁ ଅଣାଯାଇ ପୁଣ୍ୟର ଅବମାନନା କରାଯାଇଛି । ଅତଏବ ଏହାର ପ୍ରାୟଶ୍ଚିତ ସ୍ୱରୂପ ସେ ଚିତ୍ରଗୁପ୍ତଙ୍କୁ ଆଦେଶ ଦେଲେ । ''ମନ୍ତ୍ରୀବର ! ନିଜେ ସାଙ୍ଗରେ ନେଇ ଏହି ମହାତ୍ମାଙ୍କୁ ବୈକୁଣ୍ଠ ଲୋକରେ ଛାଡ଼ିଦେଇ ଆସ ଏବଂ ଆଗରୁ ଯମଦରବାରରେ ଉପସ୍ଥିତ ହେଇ ବୈକୁଣ୍ଠଗତି ପାଇଥିବା ପଦ୍ମାବତୀଙ୍କୁ ଏହି ମହାନ ପୁରୁଷଙ୍କ ସେବାକାର୍ଯ୍ୟରେ ନିୟୋଜିତ କରିବା ପାଇଁ ଯଥାବିଧି ବନ୍ଦୋବସ୍ତ କର ।''

ବାସ୍ ଇଏ ଥିଲା ଏକାଙ୍କିକାର ଚରମ ପର୍ଯ୍ୟାୟ । ଭିତିରି ଉଦ୍ଦେଶ୍ୟ ପଦାରେ ପଡ଼ିଯିବାରୁ କଟକୀ ହଷ୍ଟେଲର ସବୁନିଲା ଡ୍ରାମା ଦେଖା ଛାଡ଼ି ନିଜ ହଷ୍ଟେଲରେ ପହଞ୍ଚିଲେ । ସେଇଠି ଡ୍ରାମା ସଂପର୍କରେ ସେମାନେ ଆଲୋଚନା କଲେ ଓ ନିଷ୍ପତ୍ତି ହେଲା ସେମାନେ ସେଇ ମୁହୂର୍ତ୍ତରେ ଖଲିକୋଟ ଛାଡ଼ି ଭୁବନେଶ୍ୱରରେ ପହଞ୍ଚିବେ ଓ ତା'ପରଦିନ ରାଜ୍ୟ ବିଧାନସଭା ଆଗରେ ଧାରଣା ଦେବେ । ଶେଷରେ ସେମାନେ ଖଲିକୋଟରୁ ସମୂହଭାବେ ଭୁବନେଶ୍ୱରରେ ପହଞ୍ଚି ଆନ୍ଦୋଳାତ୍ମକ ପନ୍ଥା ଧରିଲେ । ବିଧାନସଭାରେ ଯମଦରବାର ସଂପର୍କରେ ଆଲୋଚନା କରାଯାଇ ବିଧାନସଭା ସଦସ୍ୟଙ୍କ ଏକ ତିନିଜଣିଆ କମିଟି ତଦନ୍ତ କରିବା ପାଇଁ ଖଲିକୋଟ ଆର୍ଟସ୍କୁଲ ଯିବାପାଇଁ ସ୍ଥିରହେଲା ।

ଏହି ଘଟଣାର ପନ୍ଦର କୋଡ଼ିଏ ଦିନ ଭିତରେ ସତ୍ୟାନନ୍ଦ ଚମ୍ପତିରାୟ, ବୃନ୍ଦାବନ ନାୟକ ଓ ନିତ୍ୟାନନ୍ଦ ମହାପାତ୍ର ତଦନ୍ତ କମିଶନ ଖଲିକୋଟରେ ପହଞ୍ଚିଲେ । ଯେଉଁମାନେ ଏହି ନାଟକରେ ଭାଗ ନେଇଥିଲେ ସେମାନେ କମିଶନ ଆଗରେ ହାଜର ହେଇ ବୟାନ ଦେବାପାଇଁ ନୋଟିସ ଜାରି ହେଲା । ଏଭଳି କିଛି

Digitized by srujanika@gmail.com

ଅଘଟଣ ଘଟିବ ବୋଲି ଆଶଙ୍କା କରି ଗଂଜାମୀ ଛାତ୍ରାବାସରେ ଆଗରୁ ଥରେ ଦି'ଥର ବିଚାରବିମର୍ଷ ହେଇସାରି କିଏ କଣ ନିଜ ସପକ୍ଷରେ ସଫେଇ ଦେବେ ତାହା ସ୍ଥିର ହେଇ ସାରିଥିଲା । ଏଥିରେ ସ୍କୁଲର ଟିକିବାବୁ ଓ ଖଲିକୋଟର କିଛି ପ୍ରତିଷ୍ଠିତ ବ୍ୟକ୍ତି ଆମକୁ ସାହାଯ୍ୟ କରିଥିଲେ ।

ତଦନ୍ତ କମିଶନ ଆଗରେ ମୋ ଉତ୍ତର ଥିଲା ଯେ ମୁଁ କେବଳ ଚିତ୍ର କଳାର ଛାତ୍ରନୁହେଁ, ଦିବ୍ୟଜୀବନ ସଂଘ ଖଲିକୋଟ ଶାଖାର ସଂପାଦକ ମଧ୍ୟ । ଭଲମନ୍ଦ, ସତ୍ୟମିଥ୍ୟା, ପାପପୁଣ୍ୟର ବିଚାର କରିବା ଓ ସମାଜରୁ ଅନ୍ୟାୟ ଅବିଚାର ଦୂରକରିବା ମୋର କର୍ତ୍ତବ୍ୟ ବୋଲି ବିଚାରିଛି । ଗୁରୁଦେବ ସ୍ୱାମୀ ଶିବାନନ୍ଦଙ୍କ ଶିଷ୍ୟଭାବେ ଏ ଦାୟିତ୍ୱ ମୁଁ ହାତକୁ ନେଇଛି ଓ ମୋ ବଂଧୁମାନଙ୍କୁ ଏଥିରେ ପ୍ରବର୍ତ୍ତାଇଛି । ଅଧକ୍ଷ ଓ ଟିକିବାବୁ ଆମପଟର ଲୋକ ବୋଲି ଆମର ଧାରଣା ହେଇଥାଏ । ଏଣୁ ମୁଁ ନିର୍ଭୟରେ ମୋ ବକ୍ତବ୍ୟ ଉପସ୍ଥାପିତ କରି ହଷ୍ଟେଲକୁ ବୀରଦର୍ପରେ ଫେରି ଆସିଲି । ନିଜକୁ ମୁଁ ଶହୀଦ ଭଗତ ସିଂହ ବୋଲି ମନେ ମନେ ଧରି ନେଇଥାଏ । ସେମାନଙ୍କ କାର୍ଯ୍ୟକଳାପରୁ ଅନୁପ୍ରେରଣା ନେଇ ଅନ୍ୟାୟ ବିରୁଦ୍ଧରେ ବିପ୍ଳବରବହ୍ନି ଜାଳିଦେଇଛି ବୋଲି ଗର୍ବବୋଧ ଥାଏ । କମିଶନ ଆସିଲେ, ତଦନ୍ତ କଲେ, ଫେରିଗଲେ । ଏବେ ବି ସତ୍ୟାନନ୍ଦ ଚମ୍ପତିରାୟଙ୍କୁ ତଦନ୍ତ କମିଶନ କଥା ମନେପକେଇଦେଲେ ସେ ମଉଜରେ ମୋ କଥାକୁ ଗ୍ରହଣ କରି ହସରେ ଉଡ଼େଇ ଦିଅନ୍ତି ।

ଯମ ଦରବାର ଅଭିନୟ ଓ ତଦନ୍ତ କମିଶନ ପରେ ଆର୍ଟସ୍କୁଲରେ ମୋ ପତିଆରା ବଢ଼ିଯିବା ସ୍ୱାଭାବିକ । ମୁଁ ନିଜକୁ ନିଜେ ଗଂଜାମୀ ହଷ୍ଟେଲର ପ୍ରିଫେକ୍ଟ ଭାବେ ଘୋଷଣା କରିଦେଲି । ଦିବ୍ୟଜୀବନ ସଂଘର ବିଭିନ୍ନ ଚିଠିପତ୍ର ଲେଖା କାମ ହେବବୋଲି ଅଧକ୍ଷ ମହାଶୟ ମୋତେ ତାଙ୍କ ଟାଇପ୍ ରାଇଟର୍‌ଟିଏ ଦେଇଥାନ୍ତି । ମୁଁ ମଝିରେ ମଝିରେ ମୋ ମନ ମୁତାବକ ଚିଠି ଟାଇପ୍ କରି ପିଉମାନଙ୍କୁ ଧରେଇ ଦେଉଥାଏ ଆଉ ବେଳେବେଳେ ବିଭିନ୍ନ ଆଦେଶ ନାମାର ନୋଟିସ ମଧ୍ୟ ହଷ୍ଟେଲ ନୋଟିସ୍ ବୋର୍ଡ଼ରେ ଲଗେଇ ଦେଉଥାଏ । ଏଭଳି କାର୍ଯ୍ୟରେ ମୋତେ ସାଧାରଣତଃ ଆମ ହଷ୍ଟେଲର ପିଲାମାନେ ବିରୋଧ କରୁନଥିଲେ ।

ଗଂଜାମୀ ହଷ୍ଟେଲର ଚନ୍ଦ୍ରଶେଖର ରାଓ ଓ ଦେବରାଜ ସାହୁ ଚମତ୍କାର ଅଭିନୟ କରୁଥିଲେ । ଥରେ ଦେବରାଜ ଝିଅଟିଏ ପୋଖରୀରେ ଗାଧୋଉଥିବାର

Digitized by srujanika@gmail.com

ଅଭିନୟ ଦେଖାଇଲା । ଖଲିକୋଟିଆ ମୋଟେ ଧରିପାରିଲେନି ପୁଅଟିଏ ନା ଝିଅଟିଏ ଅଭିନୟ ଦେଖଉଚି । ତା' ପରଦିନ ଖଲିକୋଟ ବଜାରରେ ଲୋକେ କଥାହେଉଥିବା ଶୁଣା ଯାଉଥିଲା ଯେ ଆର୍ଟସ୍କୁଲକୁ ଭଲ କଟକିଆ ଟୋକିଟେ ଆସିଛି । ନଡ଼ିଆ ସଢ଼େଇର ଥନ ନଲଗେଇ, ବ୍ଲାଉଜ ନ ପିନ୍ଧି ଦେବରାଜ ଗାଉଁଲି ମାଇକିନିଆ ବେଶ କିମିତିକା ପଢ଼େ କେଜାଣି ଭାରି ସତସତିଆ ଲାଗେ । ହାତ ଉଠେଇଲେ ବି ଦେହ ଓ କାଖସନ୍ଧି ଅବିକଳ ମାଇପିଙ୍କ ଭଳିଆ ଦିଶେ । ବେଶ ପଡ଼ିଲେ କିଛି ଲୁଚେଇ ଦେବାର ଯିମିତି ମନୋବୃତ୍ତି ରହେ ଦେବରାଜଙ୍କ ଆଭୂଷଣରେ ନିଜକୁ ସଜାଡ଼ି ନେବାର, ସମ୍ଭାଳି ନେବାର ସିମିତି କିଛି କୃତ୍ରିମତା ଆଖିରେ ପଡ଼େନି ।

ଖଲିକୋଟର ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ କ୍ଲବରେ ଚନ୍ଦ୍ର ଓ ଦେବରାଜ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ ନାଟକରେ ମଣିମାଳାଙ୍କ ସହିତ ଅଭିନୟ କରିଥିଲେ । ଗାଉଁଲି ମାଇପି ଅଭିନୟରେ ଦେବରାଜ ଏତେ ନିଖୁଣ ଅଭିନୟ କଲେ ଯେ କଥା କାନକୁ କାନ ହେଇ ଓଡ଼ିଆ ଚଳଚ୍ଚିତ୍ରର ଅଭିନେତା ଓ ପ୍ରଯୋଜକ ଧୀର ବିଶ୍ୱାଳଙ୍କ ପାଖକୁ ଗଲା । ଧୀର ବିଶ୍ୱାଳ ପରୀକ୍ଷାମୂଳକଭାବେ ତାଙ୍କ ସିନେମାରେ ଝିଅ ଭୂମିକାରେ ପୁଅ ଚରିତ୍ର ପ୍ରୟୋଗ କରିବାକୁ ଚାହିଁଲେ । ଏ ଦିହେଁ ନିଜ ନଥିପତ୍ର ନେଇ କଟକ ଗଲେ ଓ ସେଠି ସାକ୍ଷାତକାର ଦେଲେ । ଏମାନଙ୍କ କଥାକୁହା ଢଙ୍ଗ ଓ ଅଭିନୟ ଧୀର ବିଶ୍ୱାଳଙ୍କ ମନକୁ ପାଇଲା, ହେଲେ ବୋଧହୁଏ ପୁଅଙ୍କୁ ନେଇ ଝିଅ ଭୂମିକାରେ ସିନେମାରେ ଅଭିନୟ କରେଇବାରେ ଅବ୍ୟୟ ରହିଲା ଏଣୁ ଯୋଜନା କାର୍ଯ୍ୟକାରୀ ହେଇ ପାରିଲାନି ।

ଆମ ହଷ୍ଟେଲରୁ ପିଲାଏ ଯାଇ ବାହାରେ ଅଭିନୟ କରିବେ ଏ କଥା ମୋ ମନକୁ ଗଲାନି । ମୁଁ ସେମାନଙ୍କୁ ବଂଧୁତା ଖାତିରିରେ ଥରେଅଧେ ବାରଣ କଲି । ମୋ ମନା କିଏ ନମାନିବାରୁ ନୋଟିସ୍ ବୋର୍ଡ଼ରେ ମୋ ସନ୍ତକ ଥାଇ ନୋଟିସ୍ ଲଗେଇଲି । ମୋର ଏସବୁ କାର୍ଯ୍ୟକଳାପ କ୍ଷମତା ବହିର୍ଭୂତ ଥିଲା ବୋଲି ଏବେ ବିଚାରୁଛି । କିନ୍ତୁ ଏସବୁ କାର୍ଯ୍ୟ ଯେହେତୁ ଅନ୍ୟ କେହି କରୁନଥିଲା, ମୁଁ ମୋ ନିଜ ଦାୟିତ୍ୱ ଭାବି ସେମିତି କାର୍ଯ୍ୟଗୁଡ଼ିଏ କରୁଥିଲି । ଏବେ ବି ମୁଁ ଏମିତି ବେନିୟମ କାମ କରୁଛି ବୋଲି ମୋ ଉପରେ ଅଧିକାଂଶ ବଂଧୁ ଖପା । ମୁଁ ବାରଣ କରୁଛି ବୋଲି ଚନ୍ଦ୍ର ଓ ଦେବରାଜ ବୋଧହୁଏ କ୍ଲବର କର୍ମକର୍ତ୍ତାମାନଙ୍କୁ ଫୋଡ଼ିଦେଲେ । ଦିନେ ମୁଁ

Digitized by srujanika@gmail.com

ଉଆସରୁ ଖଲିକୋଟ ବଜାରକୁ ଆସୁଚି କ୍ଲବପାଖରେ ମୋ ସାଙ୍ଗରେ କର୍ମକର୍ତ୍ତାଙ୍କ ବଚସା ହେ଼ଲା । ଆମେ କଥା କଟାକଟି ହେଉଥିଲା ବେଳେ କ୍ଲବଘରଆଡୁ ମୋଉପରେ ଢେଲାପଡ଼ିଲା ।

ସରସ୍ୱତୀ ଓ ଗଣେଶ ପୂଜା ଉତ୍ସବ ଖଲିକୋଟ ଆର୍ଟସ୍କୁଲରେ ମହା ଆଡ଼ମ୍ବରରେ ପାଳିତ ହୁଏ । ରବିସାର୍ ସାଜସଜାରେ ଆମକୁ ସାହାଯ୍ୟ କରନ୍ତି । ଶାନ୍ତିନିକେତନୀ ଧାରାରେ ଆଲପନା ପଡ଼େ । ବ୍ରାଉନ୍ ପେପର୍ ଉପରେ ଧଳା, ହଳଦୀ ଓ ଗେରୁ ରଙ୍ଗରେ ଚିତ୍ର କରାଯାଏ । ଚାରିଆଡ଼ ଖୁବ ଭବ୍ୟ ଦେଖାଯାଏ । ପୂଜାପାଇଁ ନାଟକ ତ ହୁଏ, ମୂର୍ତ୍ତି ଭସାଣୀ ଉତ୍ସବ ମଧ୍ୟ ଖୁବ୍ ଜମାଣିଆ ହୁଏ । ସାପ ସାପୁଆଣୀ, ବାଘନାଟ, କାଳିକାନାଟ ବାହାରେ । ରାଧାଚରଣ ଓ ମୁଁ ହାଡ଼ି ବାଜା ସାଙ୍ଗରେ ଡ୍ରିପଟା ତାଳରେ ପାହୁଲ ପକେଇ ବାଘନାଟ କରୁଥିଲୁ । ଖଲିକୋଟ ବଜାର କମ୍ପି ଉଠୁଥିଲା । ଏବେ କୁଆଡ଼େ ସରସ୍ୱତୀ ଓ ଗଣେଶ ପୂଜାରେ ପନ୍ଦରଦିନ ଧରି ରାଣୀହଂସପୁରରେ ଡେକ୍ ବାଜୁଛି ଆଉ ମଦପାଣିରେ ପିଲାଏ ଉତ୍ତାଳ ହେଉଛନ୍ତି ।

Digitized by srujanika@gmail.com

ଦିବ୍ୟଜୀବନ ସଂଘ

ଖଲିକୋଟ ଆର୍ଟସ୍କୁଲ ବାଦବିସମ୍ବାଦ, ହିଂସାଦ୍ୱେଷ ଏବଂ ଆଞ୍ଚଳିକ ଭେଦ ଓ ବୈଷମ୍ୟର ହଳାହଳ ଭିତରେ ଦିନସାରା ଆଉଟୁ ପାଉଟୁ ହେଉଥିଲା । କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଯିମିତି ସୂର୍ଯ୍ୟାସ୍ତପରେ ପ୍ରତିପକ୍ଷର ସୈନ୍ୟମାନେ କୋଳାକୋଳି ହେଉଥିଲେ, ସବୁ ତିକ୍ତତା ଭୁଲି ଯାଉଥିଲେ, ସିମିତି ସଂଧ୍ୟାହେଲେ ପ୍ରାୟ ଅଧିକାଂଶ ଛାତ୍ରଛାତ୍ରୀ ଶରତଚନ୍ଦ୍ରଙ୍କ ବାହାର ବାରଣ୍ଡାରେ ଅନୁଷ୍ଠିତ ହେଉଥିବା ପ୍ରାର୍ଥନା ସଭାରେ ଯୋଗ ଦେଉଥିଲେ । ଅବଶ୍ୟ ଆନ୍ଦୋଳନ ତୀବ୍ର ହେବା ସହିତ ପ୍ରାର୍ଥନା ସଭାରେ କଟକୀ ପିଲାଙ୍କ ଉପସ୍ଥାନ କମିବାକୁ ଲାଗିଲା । କେତେକ ଅଧ୍ୟାପକ ଚିତ୍ରକଳା ଓ ଆଧ୍ୟାତ୍ମିକତାର ସଂପର୍କକୁ ନେଇ ସନ୍ଦେହ କଲେ ଏବଂ ଶରତଚନ୍ଦ୍ରଙ୍କ ପ୍ରାର୍ଥନା ସଭାରେ ଯୋଗ ନଦେବା ପାଇଁ ପିଲାମାନଙ୍କୁ ପ୍ରବର୍ତ୍ତେଇଲେ । ଆମେ ଯେଉଁ କେତେଜଣ ନିୟମିତ ପ୍ରାର୍ଥନା ସଭାରେ ଯୋଗ ଦେଉଥିଲୁ ଭଲଭାବରେ ହୃଦୟଙ୍ଗମ କରିନଥିଲୁ କଳା ଓ ଆଧ୍ୟାତ୍ମିକତାର ସଂପର୍କ । ଏବେ

Digitized by srujanika@gmail.com

ଜୀବନର ପରିଣତ ବୟସରେ ଖଲ୍ଲିକୋଟ ସ୍ମୃତି ରୋମନ୍ଥନ କଲାବେଳେ ପ୍ରିନସିପାଲ୍ ଶରତଚନ୍ଦ୍ର ଦେବଙ୍କ କଳାଶିକ୍ଷା ପ୍ରଣାଳୀର ମହତ୍ତ୍ୱ ହୃଦୟଙ୍ଗମ କରିହେଉଛି । ସବୁ ରୂପର ସନ୍ଧାନ ଅରୂପରେ ଲୀନ ହେଲାଭଳି, ବସ୍ତୁ ଅବସ୍ତୁରେ ପରିସମାପ୍ତି ଘଟିଲାଭଳି ଚିତ୍ରଶିକ୍ଷା ବା ଚିତ୍ରକଳା ଶେଷରେ ସଂଗୀତର ଓଁ ନାଦରେ ପରିଣତ ହେଇ ବ୍ରହ୍ମାଶ୍ରିତ ହେଇଯାଏ । ଏଥିପାଇଁ କବିଗୁରୁ ରବୀନ୍ଦ୍ରନାଥ ଶାନ୍ତିନିକେତନରେ ଉପାସନା ମନ୍ଦିରଟିଏ ତୋଳାଇଥିଲେ ଏବଂ ବିଶ୍ୱଭାରତୀ ପରିସରରେ ଉପାସନା ମନ୍ଦିର ସବୁଠାରୁ ପୁରୁଣା ଅନୁଷ୍ଠାନ ଥିଲା ।

ସଂଧ୍ୟା ଗଡ଼ିଗଲେ ପ୍ରିନସିପାଲ୍ ଆର୍ଟସ୍କୁଲରେ ରହୁଥିବା ଦିନମାନଙ୍କରେ ପ୍ରାର୍ଥନା ଘଣ୍ଟାବାଜେ । ମର୍ଦ୍ଦରାଜ ଉଆସ ଝଂକୃତ ହେଇଉଠେ । ଆମେ ଆମ ଜପାମାଳ, ଚାଦର ଆଉ ଛୋଟ ପକେଟ୍ ଭଗବଦ୍‌ଗୀତା ନେଇ ତୃତୀୟ ମହଲା ଉପରକୁ ଉଠୁ । ପ୍ରିନସିପାଲ୍ ରହୁଥିବା ବଖରା ଓ ତାଙ୍କ ଅଫିସ କଡ଼ ବାରଣ୍ଡାରେ ସତରଞ୍ଜି ବିଛାହେଇ ସାରିଥାଏ । ପିଲାଙ୍କ ପାଇଁ ଅଲଗା ଓ ଅଧକ୍ଷଙ୍କ ପାଇଁ ଅଲଗା । ଗୋଟି ଗୋଟି ହେଇ ଗଂଜାମୀ ହଷ୍ଟେଲର ଛାତ୍ର ଏବଂ ରାଣୀହଂସପୁରର ଦିଦି ଓ ଅନ୍ୟାନ୍ୟ ଛାତ୍ରୀମାନେ ଗଡ଼ନ୍ତି । ସାଢ଼େ ଛ' ବେଳକୁ ପ୍ରାର୍ଥନାମଣ୍ଡଳୀ ଭରପୂର ହେଇଯାଏ, ଆଚାର୍ଯ୍ୟ ଶରତଚନ୍ଦ୍ର ଧଳା ଫିନ୍‌ଫିନ୍ ଧୋତି କୁରତା ପିନ୍ଧି ବାଁ କାନ୍ଧରେ ଧଳା ଦୋସରାଟିଏ ଧରି ପହଞ୍ଚନ୍ତି । ତାଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ପଦ୍ମାସନରେ ଉପବେଶନକରି ବେଦ କୃଷ୍ଣଯଜୁର୍ବେଦ ତୈତ୍ତିରୀୟୋପନିଷଦରୁ ମନ୍ତ୍ର ଉଚ୍ଚାରନ୍ତି ।

ଓଁ ଶଂ ନୋ ମିତ୍ରଃ ଶଂ ବରୁଣଃ ।
ଶଂନୋ ଭବତ୍ୱର୍ଯାମା ।
ଶଂନୋ ଇନ୍ଦ୍ରୋ ବୃହସ୍ପତିଃ ।
ଶାଂନୋ ବିଷ୍ଣୁରୁରୁକ୍ରମଃ ।
ନ ମୋ ବ୍ରହ୍ମଣେ ଇତ୍ୟାଦି

ଉଚ୍ଚାରିତ ମନ୍ତ୍ର ପାଖ ପାହାଡ଼ରେ ପ୍ରତିଧ୍ୱନିତ ହେଇ ପୁଣି ସତ୍‌ସଙ୍ଗ ମଣ୍ଡଳୀକୁ ଫେରିଆସେ । ପରିବେଶ ବିମଳ ଉଲ୍ଲାସରେ ମନ୍ତ୍ରିତ ହେଇଯାଏ । କ୍ଷଣିକ ପାଇଁ ଆମେ ଦ୍ୱେଷ ବିଦ୍ୱେଷ ଭୁଲିବସୁ । ତାପରେ ମନ୍ତ୍ର ଉଚ୍ଚାରଣ ଶେଷହେଲେ ଆଚାର୍ଯ୍ୟ ମହାଶୟ ଆମଆଡକୁ ପଛକରି ଘୂରିବସନ୍ତି । ଏବେ ଜପଧ୍ୟାନ କରିବାର ଲଗ୍ନ । ଆଚାର୍ଯ୍ୟେ ଆଖିମୁଦି ପଦ୍ମାସନରେ ଧ୍ୟାନସ୍ଥ ହୁଅନ୍ତି । ଆମେ ତାଙ୍କୁ

Digitized by srujanika@gmail.com

ଦେଖାଦେଖି ଆଖିବୁଜି ଧ୍ୟାନକରୁ । ଧ୍ୟାନପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ ନହେଇଥିଲେ ମଧ୍ୟ ପ୍ରାୟ.ପନ୍ଦର ମିନିଟ ପରେ ଅଧ୍ୟକ୍ଷ ମହୋଦୟ ଧ୍ୟାନସାରି ଆମ ଆଡକୁ ମୁହଁକରି ପିଲାମାନଙ୍କର ଧ୍ୟାନ ଭଙ୍ଗ ହେବାଯାଏ ଅପେକ୍ଷାକରି ବସନ୍ତି । ଜଣେ ଅଧେ ଗଂଜାମୀ ପିଲା ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତୁଚ୍ଛାଟାରେ ଧ୍ୟାନ କଲାଭଳି ଅଭିନୟ କରନ୍ତି । ଏଥିରୁ ପିଲାଟିର ଆଧ୍ୟାତ୍ମିକ ସାଧନାରେ ଅଗ୍ରଗତି ଜଣାପଡେ । ଆସିକା ଦେବଭୂମିର ଯୁଧିଷ୍ଠିର ସାହୁ, ବେଳେବେଳେ ସୋରଡାର ମଦନମୋହନ ପଣ୍ଡା ନହେଲେ ଓଡ଼ଗାଁର ଲକ୍ଷ୍ମୀନାରାୟଣ ସାହୁ ଧ୍ୟାନ ପାଇଁ ପଚିଶି ତିରିଶି ମିନଟ ସମୟ ଲଗେଇ ଦିଅନ୍ତି । ପ୍ରାର୍ଥନା ସାରି ହଷ୍ଟେଲ ଫେରିଲା ପରେ ଆମେ ସେମାନଙ୍କୁ ପଦେ ଅଧେ ଶୁଣଉ, ଷ୍ଟାଇପେଣ୍ଡ ପାଉଛ ଧ୍ୟାନର ଅବଧି କାହିଁକି ଲମ୍ବଉଛ ହେ ବୋଲି ଗମାତ କରୁ । କଟକ ହଷ୍ଟେଲର କିଛି ନିର୍ଦ୍ଦିଷ୍ଟ ଛାତ୍ର ଓ ରାଣୀହଂସପୁର କିଛି ଛାତ୍ରୀଙ୍କ ମଧ୍ୟରେ ପ୍ରେମ ସଂପର୍କ ଥିବାରୁ ଅଧ୍ୟକ୍ଷ ଓ ଅନ୍ୟମାନେ ଆଖିବନ୍ଦକରି ଧ୍ୟାନ କରୁଥିବା ବେଳେ ଏହାକୁ ଉପଯୁକ୍ତ ସମୟ ବିବେଚନା କରି ପରସ୍ପର ମଧ୍ୟରେ ଖୁସୁରା ଫୁସୁରି ହେବା ମୁଁ ଶୁଣିବାକୁ ପାଉଥିଲି । ଏବେ ଆଧୁନିକ ଯୁଗର ଗୁରୁ ଓଷୋ କହିଲେଣି ଦୈହିକ ପ୍ରେମର ଶେଷ ପରିଣତି ମଧ୍ୟ ଆଧ୍ୟାତ୍ମିକତାର ଶ୍ରେୟ ଓ ଶୀର୍ଷ ।

ଧ୍ୟାନ ଶେଷରେ ସମସ୍ତେ ଆଖି ଖୋଲିସାରିଲାପରେ ଅଧ୍ୟକ୍ଷ ମହାଶୟ ନାଭିକେନ୍ଦ୍ରରୁ ଓଁ ଶବ୍ଦ ଉଚ୍ଚାରଣ କରି ସଭାରେ ସାମ୍ୟତା ଆଣିଦିଅନ୍ତି । ତାପରେ ସିଏ ଭଗବଦ୍‌ଗୀତାରୁ ଚାରିପାଞ୍ଚୋଟି ଶ୍ଳୋକ ପଢ଼ି ତା'ର ବ୍ୟାଖ୍ୟା କରି ଆମକୁ ଶୁଣାନ୍ତି । ବେଳେବେଳେ ବାହାରର ଅତିଥିମାନେ ପ୍ରାର୍ଥନାସଭାରେ ଯୋଗ ଦେଇଥିଲେ ଭଗବଦ୍‌ଗୀତାରେ ପିଲାଙ୍କ ଦକ୍ଷତା ପ୍ରତିପାଦନ କରିବାପାଇଁ ମୋତେ କିମ୍ବା ବେଣୁଗୋପାଳଙ୍କୁ ଭଗବଦ୍‌ଗୀତା ଇଂରାଜୀରେ ତର୍ଜମାକରି ବୁଝାଇବାକୁ ପଡେ । ବେଣୁଗୋପାଳର ଘର ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲାରେ । ଭଗବଦ୍‌ଗୀତା ରସରେ ସେ ଏତେ ମାତ୍ରାରେ ଉଦ୍‌ବୁଦ୍ଧହେଇ ପଡ଼ିଲା ଯେ ଶେଷରେ ଖଲିକୋଟରେ ପାଠ ସରିଲାପରେ ସନ୍ନ୍ୟାସଧର୍ମ ଗ୍ରହଣକରି ଶିବାନନ୍ଦଜୀ ମହାରାଜାଙ୍କ ଋଷିକେଶ ଆଶ୍ରମରେ ରହିଲା । ଏବେ ଅଳ୍ପଦିନ ଆଗରୁ ତାର ପ୍ରୟାଣ ଘଟିଛି । ଭଗବଦ୍‌ଗୀତା ପାଠ ସରିଲାପରେ ଶେରଗଡ଼ର ଖଲି ଆଚାରୀ ଅଧ୍ୟକ୍ଷ ମହାଶୟଙ୍କ ପୂର୍ବପୁରୁଷଙ୍କ ଲେଖା ଯୋଗବାଶିଷ୍ଠ ରାମାୟଣରୁ ଅଧ୍ୟାୟଟିଏ ନହେଲେ ଚାରିପାଞ୍ଚ ପତ୍ର ବୋଲନ୍ତି । ତା'ପରେ, ଓଁ ସହନାବବତୁ । ସହ ନୌ ଭୁନକ୍ତୁ । ସହବୀର୍ଯ୍ୟଂ କରବାବହୈ ।

Digitized by srujanika@gmail.com

ତେଜସ୍ୱିନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥ ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ପାଠକରି ପ୍ରାର୍ଥନା ସଭା ଉଦ୍‌ଯାପନ କରାଯାଏ ।

ମୁଁ ଆମ ଗାଁ ଦିଗପହଣ୍ଡିରେ ଗୋକୁଳଚନ୍ଦ୍ର ମେକାପ ଓ ଦୁର୍ଲଭଚନ୍ଦ୍ର ଚୌଧୁରୀଙ୍କ ସଂସ୍ପର୍ଶରେ ଆସି ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦଙ୍କ ରଚିତ ବିଭିନ୍ନ ଗ୍ରନ୍ଥ ପାଠ କରିବାର ସୌଭାଗ୍ୟ ଲଭିଥିଲି । ସ୍ୱାମୀ ଶିବାନନ୍ଦଙ୍କ ସଂପର୍କରେ ଗୋକୁଳ ଭାଇନା ତାଙ୍କର ବହୁ ଅନୁଭୂତି ଶୁଣାଇ ଆମଜୀବନକୁ ଧନ୍ୟ କରିଦେଇଥାନ୍ତି । ତାଙ୍କ ଜୀବନର ଗୋଟିଏ ଘଟଣା ଏଠି ଉଲ୍ଲେଖ କରୁଛି ଶିବାନନ୍ଦଜୀ ମହାରାଜଙ୍କୁ ଦର୍ଶନ କରି ଫେରିବା ଅବସରରେ ଗୋକୁଳ ଭାଇନା ଗୁରୁଦେବଙ୍କ ପାଦତଳେ ପ୍ରଣାମିଭାବେ କିଛିଟଙ୍କା ଥୋଇ, ସେଥିରେ କିଛି ସାଧୁଙ୍କୁ ପଙ୍ଗତ କରେଇବାପାଇଁ ଅନୁରୋଧ କଲେ । ଗୁରୁଦେବ ଶିଷ୍ୟଙ୍କ ବୋକାମିରେ ପରିହାସକରି କହିଲେ 'ମୁଁ କ'ଣ ସାଧୁ ନୁହଁ ଯେ ଅନ୍ୟ ସାଧୁଙ୍କୁ ଏବେ ଖୋଜିବି ।' ଏତିକି କଥାରେ ଗୋକୁଳ ଭାଇନା ନିଜର ଭୁଲ ବୁଝିପାରିଲେ । ସାଷ୍ଟାଙ୍ଗ ହେଇ କ୍ଷମା ଭିକ୍ଷାକଲେ । ଦିବ୍ୟ ଜୀବନ ସଂଘର ଉଦ୍ଦେଶ୍ୟ ଓ ସତ୍‌ସଙ୍ଗ ସଂପର୍କରେ ମୋର ସମ୍ୟକ୍ ଧାରଣା ଥାଏ । ବିଚାରିଲି ଅଧକ୍ଷ ଶରତଚନ୍ଦ୍ରତ ଅଧ୍ୟାତ୍ମବାଦୀ, ଏଣୁ ଗଂଜାମ ହଷ୍ଟେଲରେ ଥିବା ମୋ ବଖରାରେ ସତ୍‌ସଙ୍ଗଟିଏ ଆୟୋଜନ କରି ତାଙ୍କୁ ନିମନ୍ତ୍ରଣ କରିବି । ମୋ ରୁମ୍‌ର ରଘୁନାଥ ମହାପାତ୍ର, ମୋ ରୁମ୍ ପଡ଼ିଶାରେ ରହୁଥିବା ଯୁଧିଷ୍ଠିର ସାହୁ ଓ ଚିକିଟି ପେଣ୍ଠର ଚନ୍ଦ୍ରଶେଖର ସୁବୁଦ୍ଧିଙ୍କ ସଙ୍ଗେ ପରାମର୍ଶ କରି ଓ ତାଙ୍କ ସହାୟତା ନେଇ ସତ୍‌ସଙ୍ଗଟିଏ ଆୟୋଜନ କଲି ।

ମୋ ପାଖରେ ସ୍ୱାମୀ ଶିବାନନ୍ଦଙ୍କ ଫଟୋଗ୍ରାଫ୍ ଥାଏ । ସକାଳପହରୁ ଲାଗି ଆମେ ରୁମ୍‌ଟି ପରିଷ୍କାର ପରିଚ୍ଛନ୍ନ କରି ସଜଡାସଜଡି କଲୁ । ତକ୍ତପୋଷ ପଦାକୁ ବାହାର କରି ରୁମ୍‌ଟିକୁ ଖାଲିକଲୁ । ଆର୍ଟସ୍କୁଲରୁ ସତରଞ୍ଜି ଆଣି ପାରିଲୁ । କଦଳୀ, ନଡିଆ, ସେଉ ପ୍ରଭୃତି ବ୍ରହ୍ମପୁରରୁ ମଗେଇ ଭୋଗଥାଳିଏ ପ୍ରସ୍ତୁତ ହେଲା । ଧ୍ୟାନବେଳେ ଅନ୍ୟାନ୍ୟ ଆଲୁଅ ବନ୍ଦକରିଦେଇ ସବୁଜ ଆଲୁଅ ଲଗେଇ ପରିବେଶକୁ ନାଟକୀୟ କରାଗଲା । ପ୍ରିନସ୍‌ପାଲ୍ ମହୋଦୟ ସତ୍‌ସଙ୍ଗରେ ଯୋଗଦେବାପାଇଁ ଆସିଲେ । ତାଙ୍କର ଉପସ୍ଥିତି ହଷ୍ଟେଲରେ ମୋର ମର୍ଯ୍ୟାଦା ବଢ଼େଇ ଦେଲା ।

ପ୍ରିନସ୍‌ପାଲ୍ ସତ୍‌ସଙ୍ଗରେ ଯୋଗ ଦେଇ ଫେରିଯିବାର ଦି' ଦିନପରେ ତାଙ୍କ ବଖରାକୁ ଗୋପୀ ହାତରେ ମୋତେ ଡକେଇ ପଠେଇଲେ । ସତ୍‌ସଙ୍ଗରେ କିଛି

Digitized by srujanika@gmail.com

ଅଘଟଣ ହେଲାକି ବୋଲି ମନରେ ଅବ୍ୟୟ ଆସିଲା । ସିଏ କହିଲେ ଦିନନାଥ ! ତମ ସତ୍‌ସଙ୍ଗର ବ୍ୟବସ୍ଥା ଭଲହେଇଥିଲା କିନ୍ତୁ ଆରଥରକୁ ଭୋଗରାଗର ପରିମାଣ କମେଇ ଦିଅ ଆଉ ସ୍ୱତନ୍ତ୍ର ଶାଗୁଆ ଆଳୁଅର ବ୍ୟବସ୍ଥା ହଟେଇ ଦିଅ । ଦେଖିବ ଭୋଗ ଲୋଭରେ ଯେଉଁମାନେ ସତ୍‌ସଙ୍ଗରେ ଯୋଗ ଦେଉଥିବେ ସେମାନେ ବଳେ ଆସିବା ବନ୍ଦ କରିଦେବେ । ପୁଣି ଆମ ଗଂଜାମୀ ହଷ୍ଟେଲର୍ ଅନ୍ୟ ଜଣେ ସାଙ୍ଗର ରୁମ୍‌ରେ ସତ୍‌ସଙ୍ଗର ଆଉ ଗୋଟିଏ ବୈଠକୀ ହେଲା ।

ଏଥର ବୋଧହୁଏ ସତ୍‌ସଙ୍ଗ ଆୟୋଜନରେ ମୋର ଦକ୍ଷତା ଅଧକ୍ଷ ମହାଶୟ ବିଡ଼ି ପାରିଲେ ଓ ତାଙ୍କପାଖକୁ ମତେ ଡ଼ାକି ଦିବ୍ୟଜୀବନ ସଂଘର ଗୋଟିଏ ଶାଖା ଖୋଲିବା ପାଇଁ କହିଲେ । ଆମେ ଖୁବ୍ ଆଶାୟୀ ହେଇ ତାଙ୍କର ପରବର୍ତ୍ତୀ ଆଦେଶ ଅପେକ୍ଷାରେ ରହିଲୁ । କିଛିଦିନ ପରେ ଋଷିକେଶରୁ ଅନୁମତି ମିଳିଲା ଓ ଖଲିକୋଟ ଆର୍ଟସ୍କୁଲରେ ଦିବ୍ୟଜୀବନ ସଂଘର ଶାଖାଟିଏ ଖୋଲିଲା । ପ୍ରିନସ୍‌ପାଲ ଶରତଚନ୍ଦ୍ର ଏହି ଶାଖାର ସଭାପତି ହେବାପାଇଁ ଯୁଧିଷ୍ଠିର ସାହୁଙ୍କୁ ଅନୁରୋଧ କଲେ ଓ ମୁଁ ରହିଲି ସଂପାଦକ, ଗଂଜାମୀ ହଷ୍ଟେଲର ବହୁସାଙ୍ଗ ସେଦିନଠାରୁ ମୋତେ ସେକ୍ରେଟାରୀ ବୋଲି ଡାକିଲେ । ଏହା ହିଁ ବୋଧହୁଏ ଥିଲା ଓଡ଼ିଶାରେ ଦିବ୍ୟଜୀବନ ସଂଘ ପ୍ରସାରର ପ୍ରଥମ ଉଦ୍‌ଗମ ।

ତିନିମହଲା ଛାତ ଉପରେ ପ୍ରିନସ୍‌ପାଲ୍‌ଙ୍କ ନିଜ ରହିବା କୋଠରୀ ସମାନ୍ତରାଳରେ ଦକ୍ଷିଣ ବାହୁଉପରେ ଲମ୍ବା ବଖରାଟିଏ ଥିଲା । ସେଇ ବଖରାର ସ୍ୱତନ୍ତ୍ରତା ହେଲା ଗୋଟିଏ ଗମ୍ବୁଜ । ସେଇଟି ପ୍ରିନ୍‌ସ୍‌ପାଲ୍‌ଙ୍କ ବ୍ୟକ୍ତିଗତ ଷ୍ଟୁଡିଓ । ପ୍ରିନସ୍‌ପାଲ୍ ସେହି ଘରଟି ଦିବ୍ୟଜୀବନ ସଘଂଶାଖା ପାଇଁ ସମର୍ପିଦେଲେ । ସେତେବେଳକୁ ଚନ୍ଦ୍ରଶେଖର ସୁବୁଦ୍ଧି, ଯୁଧିଷ୍ଠିର ସାହୁଙ୍କ ସାଙ୍ଗରେ ମୁଁ ଗୋଟିଏ ରୁମ୍‌ରେ ରହିଲିଣି । ପ୍ରିନସ୍‌ପାଲ୍‌ଙ୍କ ପରାମର୍ଶରେ ବିଭିନ୍ନ ଠାକୁର ଓ ମହାପୁରୁଷ ମାନଙ୍କ ଚିତ୍ରରେ ବଖରାଟିକୁ ରୁଚିପୂର୍ଣ୍ଣ କରି ସଜେଇ ଦିଆଗଲା । ପଶ୍ଚିମପଟକାନ୍ଥ ମଝିରେ ଚନ୍ଦ୍ର ସୁବୁଦ୍ଧିଙ୍କ ଦ୍ୱାରା ଅଙ୍କିତ ଗୁରୁଦେବ ଶିବାନନ୍ଦଙ୍କ ଜ୍ଞାନଯଜ୍ଞ ମୁଦ୍ରାର ତୈଳଚିତ୍ର ଓ ତା' ତଳକୁ ହେଣ୍ଡ୍‌ମେଡ୍ ପେପର୍ ଉପରେ ମୋ ଦ୍ୱାରା ଅଙ୍କିତ ଜଳରଙ୍ଗର ଆବକ୍ଷ । ଏଥର ପ୍ରିନସପାଲ୍‌ଙ୍କ ବାରଣ୍ଡାରେ ସାଧାରଣ ପ୍ରାର୍ଥନା ସଭାପରେ ଆମେ ଏଠିକି ଦଳହେଇ ଆସୁଥିଲୁ । ପ୍ରାର୍ଥନା ସଭା ଓ ସତ୍‌ସଙ୍ଗ ଅଧିବେଶନ ମଧ୍ୟରେ ପ୍ରାୟ ଅଧଘଣ୍ଟା ବ୍ୟବଧାନ ରହୁଥିଲା । ମୁଁ ଶାଖାର ସଂପାଦକ

Digitized by srujanika@gmail.com

ହେଇଥିବାରୁ ପ୍ରାର୍ଥନା ଶେଷ ହେଉ ହେଉ ଅନ୍ୟାନ୍ୟ ଯୋଗାଡ ଯନ୍ତ କରିବାପାଇଁ ଦିବ୍ୟଜୀବନ ସଂଘ ଗୃହରେ ପହଞ୍ଚୁଥିଲି । ସଭାପତି ଯୁଧିଷ୍ଠିର ସାହୁ ମଝିରେ ନିଜରୁମକୁ ପଳେଇଯାଇ ଆଫ୍‌ଗାନ୍ ସ୍ନୋ ପୁଳାଏ ମୁହଁରେ ମାଖି ହେଇ ପୁଣି ଦିବ୍ୟଜୀବନ ସଂଘର ସତ୍‌ସଙ୍ଗରେ ଯୋଗ ଦେଉଥିଲେ । ସିଏ ମୋଠୁ ଏମିତିରେ ଗୋରା ପୁଣି ତା'ଉପରେ ଆଫଗାନ୍ ସ୍ନୋର ପରସ୍ତ ପଡ଼ିଲା ପରେ ତାଙ୍କ ମୁହଁରୁ ଝଳି ବାହାରୁ ଥିଲା । ପ୍ରିନସ୍‌ପାଲ୍ ଦିବ୍ୟଜୀବନ ସଂଘର ସଭାପତିଙ୍କ ମୁହଁକୁ ଦେଖି ଭାରି ଖୁସୀ ହେଇ ଯାଉଥିଲେ ।

ଦିବ୍ୟଜୀବନ ସଂଘର ସତ୍‌ସଙ୍ଗରେ ପ୍ରଥମେ ଶିବାନନ୍ଦଙ୍କ ପ୍ରଣୀତ ୟୁନିଭର୍‌ସାଲ୍ ପ୍ରେଆର୍ ବୋଲାଯାଉଥିଲା । ପ୍ରେ୍ଧାର୍‌ରେ ଭଗବାନଙ୍କଠାରେ ମିନତିକରି ଆମେ କହୁଥିଲୁ । 'ହେ ପରମପୂଜ୍ୟ ପରମେଶ୍ୱର ! ତମେ ସର୍ବଶକ୍ତିମାନ୍ । ସର୍ବବ୍ୟାପକ ଓ ସର୍ବଜ୍ଞ, ତମେ ମଙ୍ଗଳମୟ, ତମେ କରୁଣାମୟ, ତମେ ବିଶ୍ୱର ଆଧାର । ଆମ ଉପରେ କୃପାବାରି ବର୍ଷଣ କର । ତିମିରରୂପୀ ଅଜ୍ଞାନ ଦୂରକରି ଆମକୁ ଦିବ୍ୟ ଆଲୋକରେ ଉଦ୍‌ଭାସିତ କର' ଇତ୍ୟାଦି । ପ୍ରାର୍ଥନାଟି ଆମେ ଇଂଲିଶରେ ବୋଲୁଥିଲୁ । ପରେ ଆଶ୍ରମ ଭଜନାବଳୀ ପ୍ରକାଶିତ ହେଲାବେଳକୁ ସମଗ୍ର ଓଡ଼ିଶାର ଦିବ୍ୟଜୀବନ ଶାଖାମାନଙ୍କ ପାଇଁ ଅଧକ୍ଷ ଶରତଚନ୍ଦ୍ର ଦେବ ଏହାକୁ ଓଡ଼ିଆରେ ଅନୁବାଦ କରିଦେଇଥିଲେ ।

ଓଡ଼ିଆରେ ୟୁନିଭର୍‌ସଲ୍ ପ୍ରେଆର୍‌ର ନାଁହେଲା ବିଶ୍ୱ ପ୍ରାର୍ଥନା । ଏହି ପ୍ରାର୍ଥନା ଶେଷ ହେଲାପରେ ଆମେ ଜୟଗଣେଶ ଜୟଗଣେଶ ଜୟଗଣେଶ ପାହିମାମ୍, ଶ୍ରୀ ଗଣେଶ ଶ୍ରୀ ଗଣେଶ ଶ୍ରୀ ଗଣେଶ ରକ୍ଷମାମ୍ ବୋଲୁଥିଲୁ । ଏମିତି ଗଣେଶଙ୍କ ଠାରୁ ଆରମ୍ଭହେଇ ସରସ୍ୱତୀ, ମହାଲକ୍ଷ୍ମୀ, କାର୍ତ୍ତିକେୟ ଆଞ୍ଜନେୟ ଦତ୍ତାତ୍ରେୟ ପ୍ରଭୃତି ଦେବଦେବୀଙ୍କୁ ମିଶେଇ ଆବାହନ କରି ଆମ୍ଭମାନଙ୍କୁ ପରିତ୍ରାଣ କରିବାପାଇଁ ନିବେଦନ କରୁଥିଲୁ । ହାତଯୋଡ଼ି ପ୍ରାଣଭରି ହୃଦୟର ଗଭୀରତମ ପ୍ରଦେଶରୁ ବନ୍ଦନା ବୋଲାହେଉଥିଲା । ତା ଭିତରେ ହରେ ରାମ ହରେ ରାମ ରାମ ରାମ ହରେ ହରେ । ହରେ କୃଷ୍ଣ ହରେ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ମହାମନ୍ତ୍ର ବି କୀର୍ତ୍ତନ ହୁଏ । ଗୁରୁଦେବ ଶିବାନନ୍ଦଙ୍କୁ ସ୍ମରଣା କରି ପ୍ରାର୍ଥନା ବୋଲାଯାଏ । ସଦ୍‌ଗୁରୁ ଦେବ, ସଦ୍‌ଗୁରୁ ଦେବ ସଦ୍‌ଗୁରୁ ଦେବ ପାହିମାମ୍ । ଶିବାନନ୍ଦ ଶିବାନନ୍ଦ, ଶିବାନନ୍ଦ ରକ୍ଷମାମ୍ । ଋଷିକେଶ ଆଶ୍ରମରେ ସବୁ ସଂଧ୍ୟାରେ ବୋଲାଯାଉଥିବା ସ୍ୱତନ୍ତ୍ର ପଦଟି ହେଲା:-

Digitized by srujanika@gmail.com

ଜିସ୍ ହାଲ୍‌ମେଁ, ଜିସ୍ ଦେଶମେଁ, ଜିସ୍ ବେଶମେଁ ରହୋ
ରାଧାରମଣ, ରାଧାରମଣ, ରାଧାରମଣ କହୋ
ଜିସ୍ କାମମେଁ, ଜିସ୍ ଧାମମେଁ, ଜିସ୍ ନାମ୍‌ମେଁ ରହୋ
ରାଧାରମଣ ରାଧାରମଣ, ରାଧାରମଣ କହୋ ।
ଜିସ୍ ଯୋଗମେଁ, ଜିସ୍ ଭୋଗମେଁ, ଜିସ୍ ରୋଗମେ ରହୋ
ରାଧାରମଣ, ରାଧାରମଣ, ରାଧାରମଣ କହୋ ।
ଜିସ୍ ରଙ୍ଗମେଁ, ଜିସ୍ ସଙ୍ଗମେଁ, ଜିସ୍ ଢ଼ଙ୍ଗମେଁ ରହୋ
ଚିଦାନନ୍ଦ, ଚିଦାନନ୍ଦ, ଚିଦାନନ୍ଦ କହୋ ।

ପ୍ରାର୍ଥନା ପରେ ଶିବାନନ୍ଦଙ୍କ ରଚନାରୁ ପାଠ କରାଯାଏ । ପ୍ରିନସ୍‌ପାଲ୍ ମହୋଦୟ ତା'ର ଓଡ଼ିଆ ତର୍ଜମା ଓ ବ୍ୟାଖ୍ୟା କରନ୍ତି । ପ୍ରତ୍ୟହ ବ୍ରାହ୍ମମୁହୂର୍ତ୍ତରେ ଶରତଚନ୍ଦ୍ର ନିଜେ ରଚନା କରିଥିବା ବେଦାନ୍ତସାର ମଧ ପଢ଼ାହୁଏ । ଗଙ୍ଗାଆରତି ପରେ ଶାନ୍ତିମନ୍ତ୍ର ପାଠ ହେଇ ଦେଢ଼ଘଣ୍ଟା ଭିତରେ ସତ୍‌ସଙ୍ଗ ଅଧିବେଶନ ଉଦ୍‌ଯାପିତ ହୁଏ । ଋଷିକେଶ ଆଶ୍ରମରେ ଗଙ୍ଗାଆରତି ବାସ୍ତବରେ ହୃଦୟସ୍ପର୍ଶୀ ଆଧିଦୈବିକ ଦୃଶ୍ୟ । ଖଲିକୋଟରେ ଗଙ୍ଗାତ ନଥାନ୍ତି ଏଣୁ ସତ୍‌ସଙ୍ଗରେ ଗଙ୍ଗାଙ୍କ ରୂପ ଓ ଦୃଶ୍ୟ କଳ୍ପନା କରି ଆରତି ଉତ୍ସର୍ଗ କରାଯାଏ ।

ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରି ନିଜର ସ୍ନାନଶୌଚ ସାରି ଦିବ୍ୟଜୀବନ ସଂଘଗୃହରେ ମୋତେ ପହଞ୍ଚିବାକୁ ହୁଏ । ସାମାନ୍ୟ ବିଳମ୍ବ ହେଲେ ଶରତଚନ୍ଦ୍ର ତିନିମହଲା ଛାତଉପରୁ ପାଞ୍ଚସେଲିଆ ଟର୍ଚ୍ଚ ମୋ ରୁମର କବାଟ ଉପରକୁ ଟିପିବେ । କବାଟର ଜାଲିଦେଇ ଟର୍ଚ୍ଚ ଆଲୁଅ ସିଧା ମୋ ମୁଁହ ଉପରେ ପଡ଼ିବ ଓ ମୁଁ ଧଡ଼ପଡ଼ ହେଇ ଉଠି ନିତ୍ୟକର୍ମ ସାରିବାରେ ଲାଗିପଡ଼ିବି । ସକାଳୁ ବିଭିନ୍ନ ଯୋଗାସନ ଅଭ୍ୟାସ କରାଯିବ, ଧ୍ୟାନଧାରଣା, ପ୍ରାଣାୟାମ କରିବାର କୌଶଳ ମଧ ପ୍ରିନସ୍‌ପାଲ୍ ଆମକୁ ବତେଇ ଦେବେ । ଦଶହରା ଉପଲକ୍ଷେ ଷୋଡ଼ଶଉପଚାର ଦେବୀପୂଜା ଅଧକ୍ଷ ମହାଶୟ ନିଜେ କରିବେ । ଆମେ ତାଙ୍କୁ ପୂଜାସାମଗ୍ରୀ ଓ ଉପଚାର ଯୋଗାଡ଼ କରି ହାତକୁ ବଢ଼େଇବୁ ।

ମୋଟାମୋଟି ଭାବେ ଦେଖିବାକୁ ଗଲେ ଦିବ୍ୟଜୀବନ ସଂଘର କାର୍ଯ୍ୟାବଳୀ ଚିତ୍ରକଳା ଅଧୟନ କରୁଥିବା ଛାତ୍ରଛାତ୍ରୀମାନଙ୍କର ଆଧାତ୍ମିକ ଜୀବନର ବିକାଶ ପାଇଁ ଉଦ୍ଦିଷ୍ଟ ଥିଲା । ବେଦବେଦାନ୍ତ ଉପନିଷଦ ଚର୍ଚ୍ଚା, ଶିବାନନ୍ଦ ରଚନା ଅଧୟନ, ଭଜନ, ପ୍ରାର୍ଥନା ଏବଂ ପ୍ରାଥମିକ ଚିକିତ୍ସାପ୍ରଣାଳୀ ଶିକ୍ଷା ଓ ପ୍ରୟୋଗ

Digitized by srujanika@gmail.com

ମାଧମରେ ବ୍ୟକ୍ତିଗତ ତଥା ସାମୂହିକ ଜୀବନର ବିକାଶ ପାଇଁ ଦିବ୍ୟଜୀବନ ସଂଘ କାର୍ଯ୍ୟଶୀଳ ଥିଲା । ଯେହେତୁ କଲେଜର ଅଧକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଘକାର୍ଯ୍ୟ ପରିଚାଳନା ହେଉଥିଲା ତେଣୁ କଟକୀ ହଷ୍ଟେଲର କୌଣସି ପିଲା ଏଥିରେ ଅଂଶ ଗ୍ରହଣ କରୁନଥିଲେ । ସଂସ୍ଥାର ପଦପଦବୀରୁ ନିଜକୁ ମୁକ୍ତ ରଖିବା ପାଇଁ ସେ ନା ସଭାପତି ଥିଲେ ନା ଅନ୍ୟ କୌଣସି ଆଡ଼ମ୍ବର ବା ପଟାଟୋପ ନିଜେ ଗ୍ରହଣ କରିଥିଲେ ।

ଦିବ୍ୟଜୀବନ ସଂଘର ସଭ୍ୟଭାବରେ ମୋତେ ଆଧାତ୍ମିକ ଦୈନନ୍ଦିନୀ ଲେଖି ଗୁରୁଦେବଙ୍କ ପ୍ରତ୍ୟକ୍ଷ ଅବଗତି ପାଇଁ ଋଷିକେଶ ପଠେଇବାକୁ ପଡୁଥିଲା । ଏହି ଦୈନନ୍ଦିନୀ ପାଇଁ ବିଭିନ୍ନ ପ୍ରଶ୍ନର ଉତ୍ତର କରିବାକୁ ହେଉଥିଲା । ଦୁଇଟି ସେଥିମଧ୍ୟରୁ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ 'ତମେ ସତ୍‌ସଙ୍ଗରେ କେତେ ସମୟ ଓ କୁସଙ୍ଗରେ କେତେ ସମୟ କଟେଇଲ' ? ଖଲିକୋଟରେ ଚିତ୍ରକଳା ପାଠରେ ଉଲଗ୍ନ ନାରୀ ମଡ଼େଲମାନଙ୍କୁ ଚିତ୍ରଣ କରିବାକୁ ହେଉଥାଏ । ଏହି ନ୍ୟୁଡ୍ ଷ୍ଟଡ଼ି କ୍ଲାସରେ ଜଣେ ଯୁବକର ମନ ଚଂଚଳ ହେବା ସ୍ୱାଭାବିକ । ଏଣୁ ମୁଁ ଧରି ନେଇଥିଲି ନ୍ୟୁଡ୍ ଷ୍ଟଡ଼ି କ୍ଲାସରେ କଟାଉଥିବା ସମୟତକ କୁସଙ୍ଗ । ମନରେ ବାରମ୍ବାର ଘୁମୁରି ଉଠୁଥିବା ଏହି ସମସ୍ୟାର ସମାଧାନ ପାଇଁ ଗୁରୁଦେବ ଶିବାନନ୍ଦଙ୍କ ନିକଟକୁ ଚିଠିଟିଏ ଲେଖିଲି । ଆଶାଥିଲା ଏହି ସମସ୍ୟା ଦୂରେଇଯିବ । କିନ୍ତୁ ଉତ୍ତର ମିଳିଲା ନାହିଁ । ଏବେ ବିଚାରୁଛି ଏମିତି କ'ଣ ଭଗବାନଙ୍କ ନିକଟକୁ ଚିଠି ଲେଖାଯାଏ ! ଅଧକ୍ଷ ମହୋଦୟଙ୍କୁ ଏକଥା କହିଲି । ସିଏ ଠୋ ଠୋ ହେଇ ହସିଲେ । ଭଗବଦ୍‌ଗୀତାରୁ ଶ୍ଲୋକଟିଏ ଉଦ୍ଧାର କରି ମୋତେ ବୁଝେଇ ଦେଲେ । ତାଙ୍କ କଥାର ମର୍ମ ହେଲା ଯିମିତି ଅର୍ଜ୍ଜୁନ ମହାଭାରତ ଯୁଦ୍ଧରେ ଶତ୍ରୁପକ୍ଷ ସୈନ୍ୟଙ୍କ ସମ୍ମୁଖରେ ରଥ ଉପରେ ଦଣ୍ଡାୟମାନ ହେଇ ନିଜର କ୍ଷତ୍ରିୟୋଚିତ କର୍ତ୍ତବ୍ୟ ଭୁଲିଯାଇ ବନ୍ଧୁ, ସଖାସହୋଦର କହି ଦୁର୍ବଳ ମନୋବୃତ୍ତିର ପରିଚୟ ଦେଲେ, ସେଭଳି ମୁଁ ଜଣେ କଳାଛାତ୍ରର ଭୂମିକାରେ ଠିଆହେଇ ନିଜର ପରମ କର୍ତ୍ତବ୍ୟକୁ କୁସଙ୍ଗ ଆଖ୍ୟାଦେଇ ନିଜଦାୟିତ୍ୱ ସଂପାଦନାରେ ପଛଘୁଞ୍ଚା ଦେଉଛି । ମୁଁ ମୋର ଭୁଲ ବୁଝିପାରି ନିରବ ରହିଲି । ଏବେ ଭଲ ଭାବରେ ହୃଦୟଙ୍ଗମ କରିପାରୁଛି ବିକାର ମନୋଗତ, ମନୋବୃତ୍ତିର ପରିବର୍ତ୍ତନ ଘଟିଲେ ବିକାର ଆପେ ଆପେ ଦୂରେଇ ଯାଏ । ଦେହର ରୂପ ସୌନ୍ଦର୍ଯ୍ୟ ଚର୍ମଗତ ନହେଇ ରକ୍ତମାଂସର ବିନଶ୍ୱର ଶରୀରଠାରୁ ଅଲଗା ହେଇଯାଇ ବିମଳ ସୌନ୍ଦର୍ଯ୍ୟ ବା ନିଛକ ନାନ୍ଦନିକତାରେ ପ୍ରକାଶ ହେଇଯାଏ । ସେଠି ଆବିଳତା ନଥାଏ ।

Digitized by srujanika@gmail.com

ଥରେ ବ୍ରହ୍ମାନନ୍ଦ ସ୍ୱାମୀ ନାମରେ ଜଣେ ସନ୍ନ୍ୟାସୀ ଦିବ୍ୟଜୀବନ ସଂଘ ପରିଦର୍ଶନରେ ଆସିବେ ବୋଲି ଅଧ୍ୟକ୍ଷ ମହାଶୟ ମୋତେ ସୂଚନା ଦେଲେ । ଆମେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବା ପାଇଁ ଯୋଗାଡ଼ କରି ବସିଲୁ । ଖଲିକୋଟ ପ୍ରାଇମେରୀ ହେଲଥ୍ ସେଣ୍ଟର୍‌ର ଡାକ୍ତରଙ୍କୁ ଅନୁରୋଧ କରି ତାଙ୍କ ଜିପ୍‌ନେଇ ଆଉ ସାଙ୍ଗରେ ଗୋଟିଏ କୀର୍ତ୍ତନ ଦଳ ଏବଂ ପିତଳ ଥାଳିରେ ବନ୍ଦାପନା ସାମଗ୍ରୀ ଧରି କେଶପୁର ରେଲଷ୍ଟେସନରେ ପହଞ୍ଚିଲୁ । ସ୍ୱାମୀ ବ୍ରହ୍ମାନନ୍ଦ ଟ୍ରେନରୁ ଓହ୍ଲେଇଲେ । ସିଏ ଖୁବ୍ ଭବ୍ୟ ଦେଖାଯାଉଥାନ୍ତି । ଛାତି ଉପରକୁ ଫୁରୁଫୁରିଆ ଲମ୍ବାଦାଢ଼ି ଲମ୍ବି ଆସିଥିଲା । ଗୋରା ତକତକ ଚେହେରା, ଉନ୍ନତ କପାଳ, କାନ୍ଧକୁ ଘୋଡ଼େଇ ପକେଇଲା ଭଳି କଳାଧଳାମିଶା ବାଳ । ଅଙ୍ଗରେ ଗେରୁଆ ବସ୍ତ୍ର । ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ଆମେ ଭୂମି ଉପରେ ସାଷ୍ଟାଙ୍ଗ ହେଇ ତାଙ୍କୁ ପ୍ରଣାମ କଲୁ । ସାଙ୍ଗରେ ନେଇଥିବା ଅର୍ଘ୍ୟ ଥାଳି ତାଙ୍କ ପାଦପାଖରେ ଥୋଇ ବନ୍ଦାପନା କଲୁ । ଅଧ୍ୟକ୍ଷ ମହାଶୟ ମଧ୍ୟ ବ୍ରହ୍ମାନନ୍ଦଙ୍କୁ ପ୍ରଣିପାତ କଲେ । ସ୍ୱାମୀଜୀ ଅସ୍ୱାଭାବିକ ଭାବେ ଗମ୍ଭୀର ଦିଶୁଥିଲେ । ତାଙ୍କ ଶ୍ରୀମୁଖରୁ ପଦେହେଲେ ବାକ୍ୟ ସ୍ଫୁରୁନଥାଏ । କେବଳ ସ୍ମିତ ହାସ୍ୟ ରେଖା ତାଙ୍କ ମୁଖ ମଣ୍ଡଳକୁ କାରୁଣ୍ୟ ଭାବରେ ଭରି ଦେଉଥାଏ । ତା'ପରେ କୀର୍ତ୍ତନ ଦଳ ଜିପ୍ ଭିତରେ ବସି ଭଗବାନଙ୍କ ନାମ ନେଲେ । ଜିପ୍ କେଶପୁରରୁ ଖଲିକୋଟରେ ପହଞ୍ଚିଲା । ଅଧ୍ୟକ୍ଷ ଏବଂ ସ୍ୱାମୀଜୀ ଜିପ୍‌ରୁ ଓହ୍ଲେଇପଡ଼ି ଧୀରେ ପଦବ୍ରଜରେ ଉଆସ ଆଡ଼େ ବିଜେ ହେଲେ । ଆଗରେ କୀର୍ତ୍ତନ ଦଳ ବାଟ କଢ଼େଇ କଢ଼େଇ ନେଉଥାନ୍ତି । ସେମାନଙ୍କ ସାଙ୍ଗରେ ମିଶି ଆମେ ମଧ୍ୟ ନାମ ସଂକୀର୍ତ୍ତନ କରୁଥାଉ । ସ୍ୱାମୀଜୀଙ୍କ ଦର୍ଶନରେ ନିଜକୁ କୃତାର୍ଥ ମନେକରି ଖଲିକୋଟର ଶ୍ରଦ୍ଧାଳୁମାନେ ସ୍ୱାମୀଜୀଙ୍କ ଚଲାବାଟରେ ଫୁଲ ବର୍ଷୁଥାନ୍ତି । ଶାଖା ଗୃହରେ ବ୍ୟବସ୍ଥା କରାଯାଇଥିଲା । ଏହି ଅଳ୍ପଦିନ ତଳେ ଆର୍ଟ ଅଫ୍ ଲିଭିଙ୍ଗ୍‌ର ଗୁରୁ ରବିଶଙ୍କରଙ୍କ ପାଇଁ ରାଜ୍ୟ ବିଧାନସଭାରେ ଯେଉଳି ସ୍ୱତନ୍ତ୍ର ସତ୍‌ସଙ୍ଗ ଅଧିବେଶନଟି ଆୟୋଜିତ ହୋଇଥିଲା । ସେଉଳି ସ୍ୱାମୀଜୀଙ୍କ ପାଇଁ ସ୍ୱତନ୍ତ୍ର ସତ୍‌ସଙ୍ଗ ଅଧିବେଶନଟିଏ ଦିବ୍ୟଜୀବନ ପୂଜା ଓ ଔପଚାରିକତା ସରିଲା ପରେ ସ୍ୱାମୀଜୀ ପ୍ରବଚନ ଦେବା ଆରମ୍ଭ କଲେ । ପ୍ରବଚନ ତ ନୁହେଁ ଭକ୍ତି ପରୀକ୍ଷା ଓ ଭଗବତ୍ ସାକ୍ଷାତ୍‌କାର । ସେ ହଠାତ୍ ସମବେତ ଭକ୍ତମାନଙ୍କୁ କିଏ ଆମିଷାଶୀ ଓ କିଏ ନୁହେଁ ପ୍ରଶ୍ନ କଲେ । ଯେଉଁମାନେ ଆମିଷାଶୀ ଥିଲେ, ସେମାନଙ୍କୁ ଠିଆ କରେଇ ଆମିଷ ଛାଡ଼ିବା ପାଇଁ ପ୍ରତିଜ୍ଞା କରେଇଲେ । ସ୍ୱାମୀଜୀ ତାଙ୍କ ସିଦ୍ଧି ଓ ଋଦ୍ଧିର ପ୍ରଭାବ ଅନୁଭୂତ କରେଇବା

Digitized by srujanika@gmail.com

ପାଇଁ ଯାହାକୁ ଇଚ୍ଛାକରୁଥାନ୍ତି ତାକୁ ତୀକ୍ଷ୍ଣ ଦୃଷ୍ଟିରେ ତ୍ରାଟକମୁଦ୍ରାରେ ଅନେଇ ରହୁଥାନ୍ତି । ତାଙ୍କ ଆଖି ଦୁଇଟି ନିଆଁ ଭଳି ଦାଉ ଦାଉ ଦେଖା ଯାଉଥାଏ । ସେ ବିଶ୍ୱାସ କରୁଥାନ୍ତି ତାଙ୍କ ତୃତୀୟ ନୟନରୁ ତେଜସ୍ୱିୟ ଜ୍ୟୋତି ବିସ୍ଫୁରିତ ହୋଇ ଭକ୍ତମାନଙ୍କର ପାପକୁ ଜାଳି ପୋଡ଼ି ଧ୍ୱଂସ କରିଦେଉଛି । ସିଏ ସପ୍ତଫେଣୀ ନାଗର ଔଦ୍ଧତ୍ୟ ନେଇ ଖାଲି ଫଁ ଫଁ ହେଉଥାନ୍ତି ଓ ଭକ୍ତମାନଙ୍କ ମଧ୍ୟରେ ତ୍ରସ୍ତତା ସଂଚରେଇ ଦେବା ପାଇଁ ନାଟକୀୟ ଛଟାରେ ବିଭିନ୍ନ ଅଭିନୟ କରୁଥାନ୍ତି । ସେଦିନ ତାଙ୍କ ହାବୁଡ଼ରେ ଯେଉଁମାନେ ପଡ଼ିଲେ ସେମାନେ ଏକରକମ ଭୟପାଇ ମାଛ ମାଂସ ନ'ଖାଇବାର ପ୍ରତିଜ୍ଞା କଲେ ।

ସତସଙ୍ଗ ଶେଷ ହେଲା ପରେ ସ୍ୱାମୀ ବ୍ରହ୍ମାନନ୍ଦ ଅଜିତସାର୍‌ଙ୍କ ଆତିଥ୍ୟ ଗ୍ରହଣ କରି ସାର୍‌ଙ୍କ ସହିତ ତାଙ୍କ ଘରଆଡ଼େ ଗଲେ । ଆମେ ଅଗଣାତଳୁ ଲକ୍ଷ୍ୟ ରଖିଛୁ ସ୍ୱାମୀ ବ୍ରହ୍ମାନନ୍ଦ ଅଜିତସାର୍ ଓ ତାଙ୍କ ପରିବାର ସହିତ ବିଳମ୍ବିତ ରାତିଯାଏଁ ଯୁକ୍ତିତର୍କରେ ମାତି ରହିଲେ । ମଝିମଝିରେ ସେ ନିଜ ଯୋଗଶକ୍ତିବଳରେ ଅଜିତସାର୍‌ଙ୍କ ପରିବାରକୁ ଭସ୍ମ କରିଦେବା ଧମକ ମଧ୍ୟ ଦେଉଥିଲେ । ସ୍ୱାମୀଜୀଙ୍କ ଅସଂଯତ କଥାଭାଷା, ମିଥ୍ୟାସିଦ୍ଧି, ଶକ୍ତିପ୍ରଦର୍ଶନ ପ୍ରଭୃତି ଅବାଞ୍ଛନୀୟ କ୍ରିୟାକଳାପ ଆମ ମନରେ ସ୍ୱାମୀଜୀଙ୍କ ସାଧୁତାପ୍ରତି ଅବ୍ୟୟ ଆଣିଦେଲା । ସ୍ୱାମୀଜୀ ଅଜିତସାର୍‌ଙ୍କ ଘରେ ଦୁଇତିନି ଦିନ ଧରି ଡେରା ପକେଇଲେ । ଶନିବାର ରବିବାର ପଡ଼ିବାରୁ ଅଧକ୍ଷ ମହାଶୟ ବ୍ରହ୍ମପୁର ବାହୁଡ଼ିଗଲେ । ସୋମବାର ପୁଣି ସରକାରୀ ଛୁଟିଥିଲା ଏଣୁ ସେ ଖଲିକୋଟ ଫେରିବାବେଳକୁ ମଝିରେ ତିନିଦିନ ବିତିଗଲା । ଏ ଭିତରେ ସ୍ୱାମୀଜୀ ବସ୍‌ଯୋଗେ କଟକ ଫେରିଗଲେ । ଦିବ୍ୟଜୀବନ ସଂଘ ଖଲିକୋଟ ଶାଖାର ସଂପାଦକଭାବେ ମୋର କର୍ତ୍ତବ୍ୟ ତୁଲେଇବା ପାଇଁ ମୁଁ ତାଙ୍କୁ ବିଦାୟ ଦେବାକୁ ଖଲିକୋଟ ବସ୍‌ଷ୍ଟାଣ୍ଡରେ ଉପସ୍ଥିତ ଥିଲି । ମୋ ପାଖରେ ତାଙ୍କ ଚରଣ ବନ୍ଦିବାପାଇଁ ନା ବନ୍ଦାପନା ଥାଳ ଥିଲା ନା ଆଧ୍ୟାତ୍ମିକ ଭାବକୁ ଜାଗରୁକ କରିବା ପାଇଁ କୀର୍ତ୍ତନିଆମାନେ ଥିଲେ ।

ପରେ ଖବର ନେବାରୁ ଜଣାପଡ଼ିଲା ସ୍ୱାମୀ ବ୍ରହ୍ମାନନ୍ଦ ଅଜିତସାର୍‌ଙ୍କ ସଂପର୍କୀୟ । ସେ ଜଣେ ଧନାଢ଼୍ୟ ବ୍ୟକ୍ତି ଓ ତାଙ୍କର ଦୁଇଚାରୋଟି କଳକାରଖାନା ମଧ୍ୟ ଥିଲା । ଭାରତ ପାକିସ୍ଥାନ ବିଭାଜନ ହେଇଗଲା ପରେ ସେଗୁଡ଼ିକ ପୂର୍ବ ପାକିସ୍ଥାନ ପଟେ ରହିଗଲା । ସିଏ ପାକିସ୍ଥାନରେ ରହିବା ପାଇଁ ଇଚ୍ଛା ନକରି କଳକାରଖାନାଗୁଡ଼ିକ ଭାରତ ଉଠେଇ ନେବା ପାଇଁ ଚାହିଁଲେ । ସମ୍ଭବ ହେଲାନି ।

Digitized by srujanika@gmail.com

ମାନସିକ ଚାପ ଓ ବିଷାଦ ତାଙ୍କୁ ଘାରିଲା । ଆଉ ସେ ସନ୍ନ୍ୟାସୀ ଦୀକ୍ଷା ନେଇ ସ୍ୱାମୀ ବ୍ରହ୍ମାନନ୍ଦ ବୋଲାଇଲେ । କିଛି ଜମିଜମା ବିବାଦକୁ ନେଇ ସେ ରାତିରେ ଅଜିତସାର୍‌ଙ୍କ ପରିବାର ସହିତ ତାଙ୍କର ବାକ୍‌ବିତଣ୍ଡା ହେଉଥିଲା । କଟକୀ ହଷ୍ଟେଲର ପିଲାମାନେ ତ ସବୁବେଳେ ଗଂଜାମୀ ପିଲାଙ୍କ ପ୍ରତ୍ୟେକ କାର୍ଯ୍ୟକଳାପକୁ ଡିଟେକ୍‌ଟିଭ୍ ଭଳି ତନଖିବାରେ ବ୍ୟସ୍ତ । ସେମାନେ କଟକ କାଳିଆବୋଦା ମଠରେ ବ୍ରହ୍ମାନନ୍ଦ ସ୍ୱାମୀଙ୍କୁ ଦେଖିଥିବା କଥା ପ୍ରକାଶ କଲେ । ଆଉ ଥୋକେ କହିଲେ ସେମାନେ ବ୍ରହ୍ମାନନ୍ଦଙ୍କୁ ମହାନଦୀ ପଠାରେ ପ୍ରାତଃ ଭ୍ରମଣ କରିବା ଦେଖିଛନ୍ତି । ଏଭଳି ଜଣେ ଭଣ୍ଡବାବାଜୀଙ୍କ ଉପରେ ସଂପୂର୍ଣ୍ଣ ଆସ୍ଥାରଖି, ତାଙ୍କୁ ଋଷିକେଶର ସନ୍ନ୍ୟାସୀ ଆଖ୍ୟାଦେଇ ଏତେ ବଡ଼ ଭବ୍ୟ ସମ୍ବର୍ଦ୍ଧନା ଦେଇଥିବାରୁ ଆମେ ସମାଲୋଚିତ ହେଲୁ, ଲଜ୍ଜିତ ମଧ୍ୟ ହେଲୁ । ସମାଲୋଚନା ଓ ଆକ୍ଷେପ ପ୍ରତି ଅଧ୍ୟକ୍ଷ ମହାଶୟଙ୍କ ପରବାୟ ରହିଲା ନାହିଁ । ସିଏ ହୁଏତ ବ୍ରହ୍ମାନନ୍ଦଙ୍କ ଭିତରେ ପରମାତ୍ମାଙ୍କ ଦର୍ଶନ କରୁଥିଲେ । ଦିବ୍ୟଜୀବନ ସଂଘର ମୂଳମନ୍ତ୍ର ଥିଲା ଦାନ କର, ସେବା କର, ନିଜକୁ ପବିତ୍ର କର, ଧ୍ୟାନ କର ଏବଂ ଆତ୍ମସାକ୍ଷାତ କର । ସିଏ ସବୁମନ୍ତେ ସମସ୍ତଙ୍କର ସେବାହିଁ କରୁଥିଲେ ।

ଦିବ୍ୟଜୀବନ ସଂଘ ଥିଲା କଟକୀ ପିଲାଙ୍କ ଦୃଷ୍ଟିରେ ଭାଣ୍ଡାମିର ଏକ ଚରମ ପ୍ରକାଶ । ଗୋଟିଏ କଳାଶିକ୍ଷା ଅନୁଷ୍ଠାନରେ ପୂଜା ପଟଳ, ଯୋଗ ଧ୍ୟାନ, ସନ୍ଥ ସମାଗମ, ଭଜନ କୀର୍ତ୍ତନ ଶୋଭା ପାଏନା । ଏହା ଥିଲା ସେମାନଙ୍କ ମତ । ଅଧ୍ୟକ୍ଷ ଶରତଚନ୍ଦ୍ର ତାଙ୍କ ଆଦ୍ୟ ଜୀବନରେ କୁଆଡ଼େ ମହାନାସ୍ତିକ ଥିଲେ । ସ୍ୱାମୀ ଶିବାନନ୍ଦ ଭାରତ ପରିବ୍ରାଜନରେ ବାହାରି ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସିଥାନ୍ତି ଓ ଏମାର ମଠରେ ଅବସ୍ଥାନ କରୁଥାନ୍ତି । ଆଠଗଡ଼ର ରାଜା ଶରତଚନ୍ଦ୍ରଙ୍କ ସଂପର୍କୀୟ ଓ ସେ ଶରତଚନ୍ଦ୍ରଙ୍କୁ ଶିବାନନ୍ଦଜୀଙ୍କ ଦର୍ଶନ କରେଇବା ପାଇଁ ତାଙ୍କ ପାଖରେ ହାଜର କରେଇଲେ । ଶରତଚନ୍ଦ୍ରଙ୍କ ମନରେ ସନ୍ନ୍ୟାସୀମାନଙ୍କ ପ୍ରତି ସନ୍ଦେହର କୁହେଳି ଭରି ହେଇ ରହିଥିଲା । କିନ୍ତୁ ଶିବାନନ୍ଦଜୀଙ୍କ ଉପସ୍ଥିତିରେ ଏକ ଅଲୌକିକ ଦୃଶ୍ୟ ଦେଖି ତାଙ୍କ ଭାବାନ୍ତର ହେଲା । ଘଟଣା ଥିଲା ବଡ଼ କୌତୂହଳୋଦ୍ଦୀପକ । ବୋଧହୁଏ ଶରତଚନ୍ଦ୍ରଙ୍କ ମନ ପରିବର୍ତ୍ତନ କରିବା ଆଠଗଡ଼ ରାଜାଙ୍କ ଉଦ୍ଦେଶ୍ୟ ଥିଲା ତେଣୁ ସେ ସାଙ୍ଗରେ ଗୋଟିଏ ବିରାଡ଼ି ଓ ମୂଷା ଶରତଚନ୍ଦ୍ରଙ୍କ ଅଜାଣତରେ ନେଇଥାନ୍ତି ଓ ତାଙ୍କର ଦୃଢ଼ ବିଶ୍ୱାସ ଥାଏ, ସ୍ୱାମିଜୀଙ୍କ ଉପସ୍ଥିତିରେ କିଛି ଗୋଟିଏ ଚମତ୍କାରିତା ଘଟିବ । ସେ

Digitized by srujanika@gmail.com

ମୌକା ଦେଖି ଉଭୟଙ୍କୁ ମୁକ୍ତ କରିଦେଇ ଶିବାନନ୍ଦଜୀଙ୍କ ଆଗରେ ଛାଡ଼ିଦେଲେ । ଅଦ୍ଭୁତ ଘଟଣାଟିଏ ଘଟିଲା । ମୂଷାଟି ବିରାଡ଼ିକୁ ଦେଖି ମଧ୍ୟ ଭୟ ନପାଇ ନିଶ୍ଚଳ ହୋଇ ରହିଲା ଏବଂ ବିରାଡ଼ି ମଧ୍ୟ ତା'ର ସହଜଲଭ୍ୟ ଶିକାର ହାତପାଆନ୍ତାରେ ପାଇ ସୁଦ୍ଧା ଅହିଂସ୍ର ହୋଇ ଚୁପ୍‌ଚାପ୍ ବସିରହିଲା । ଏ ପୁରାଣଶୁଣା କଥା ଭଳି ମନେହେବ । ଅଧ୍ୟକ୍ଷ ଶରତଚନ୍ଦ୍ର ମୋତେ ବ୍ୟକ୍ତିଗତ ଭାବେ ତାଙ୍କ ଏହି ଅନୁଭୂତି ଅନେକବାର ବଖାଣିଛନ୍ତି । ଥରେ ମଣିଷର ମନ ପରିବର୍ତ୍ତନ ହୋଇଗଲେ ସମଗ୍ର ବିଶ୍ୱ ରମଣୀୟ ଦେଖାଯାଏ ଆଉ ପାପୀ ଓ ପୂଣ୍ୟବାନ, ଧନୀ ଓ ଦରିଦ୍ର, ସାଧୁ ଓ ଚୋର ଭିତରେ ତାରତମ୍ୟ ହଟିଯାଏ, ସବୁ ଲାଗେ ପରମାତ୍ମାଙ୍କ ପ୍ରକାଶ । ଏକଥା ତ ଆମେ ସହଜଭାବେ ନିଜେ ହୃଦୟଙ୍ଗମ କରିନଥିଲୁ , କଟକୀ ପିଲାଙ୍କୁ ବା କିମିତି ବୁଝେଇ ପାରିଥାନ୍ତୁ ।

ଅଧ୍ୟକ୍ଷ ଶରତଚନ୍ଦ୍ର ଦେବଙ୍କ ପରିବାର ଏବଂ ଦିବ୍ୟଜୀବନ ସଂଘର କେତେକ ବନ୍ଧୁଙ୍କ ସହିତ ଶିବାନନ୍ଦ ଆଶ୍ରମ ପରିଭ୍ରମଣ ଓ ଗୁରୁଦେବଙ୍କ ଦର୍ଶନ ଲାଭ, ଖଲିକୋଟ ଦିବ୍ୟଜୀବନ ସଂଘ ଓ ମୋ ବ୍ୟକ୍ତିଗତ ଜୀବନର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଅପାସୋରା ଘଟଣା । ଏହା ମୋ ସମଗ୍ର ଜୀବନ ପ୍ରବାହକୁ ପ୍ରଭାବିତ କରିଦେଇଥିଲା ଏବଂ କରିଛି ମଧ୍ୟ । ଯଦିଓ ଆଗଭଳି ଦିବ୍ୟଜୀବନ ସଂଘର ମୁଁ ସକ୍ରିୟ ସଭ୍ୟ ନୁହେଁ, ତଥାପି ଜୀବନର ବହୁ ଦୁର୍ଦ୍ଦିନ ମୁହୂର୍ତ୍ତମାନଙ୍କରେ ସ୍ୱାମୀଜୀଙ୍କ ଅମୃତମୟ ବାଣୀ ମୋ ମନ ଓ ପ୍ରାଣରେ ଭରସା ଓ ଆତ୍ମପ୍ରତ୍ୟୟ ଆଣିଦେଇଥିଲା ଓ ପୁଣି ନୂଆକରି ଜୀବନକୁ ପରିଚାଳିତ କରିବା ପାଇଁ ପ୍ରେରଣା ଯୋଗାଇ ଦେଇ ପାରିଥିଲା ।

ଭାରତ ଉପରେ ଚୀନ ଆକ୍ରମଣ ନଗଦ ଶେଷ ହୋଇଥାଏ । ପଣ୍ଡିତ ନେହେରୁଙ୍କ ପଞ୍ଚଶୀଳ ନୀତି ଉପରେ ଅବିଶ୍ୱାସର କୁଠାରଘାତ ହୋଇ ସାରିଥାଏ । ରାଜନୀତିରେ ସ୍ନେହ, ସୌହାର୍ଦ୍ଦ, ବନ୍ଧୁତା ଓ ସଂପର୍କ ସବୁ ବ୍ୟକ୍ତିସ୍ୱାର୍ଥଦ୍ୱାରା ପରିଚାଳିତ ବୋଲି ପ୍ରତିପାଦିତ ହୋଇ ସାରିଥାଏ ଭାରତ ଉପରେ ଏହି ଚୀନ ଆକ୍ରମଣଜନିତ ଦୁର୍ଘଟଣାରେ । ଅଧ୍ୟକ୍ଷ ଶରତଚନ୍ଦ୍ର ଦିବ୍ୟଜୀବନ ସଂଘ ଶାଖା ପକ୍ଷରୁ ଋଷିକେଶ, ହରିଦ୍ୱାର, ମଥୁରା, ବୃନ୍ଦାବନ ପରିଭ୍ରମଣରେ ଯିବାପାଇଁ ପ୍ରସ୍ତାବ ଦେଲେ । ଷ୍ଟାଇପେଣ୍ଡ୍ ମାସକୁ ତିରିଶି ଟଙ୍କା, ରଙ୍ଗ, କାଗଜ, କ୍ୟାନଭାସ କିଣାରେ ସବୁ ଶେଷ । ଷ୍ଟାଇପେଣ୍ଡ୍ ବଳୁଛି କୁଆଡ଼େ ଯେ ରେଳ ଟିକଟ ପାଇଁ ପଇସା ଆସିବ । ମୋ ପାଖରେ ଖଲିକୋଟ ନରସିଂହ ରାଓ ଦୋକାନରୁ କିଣା ଯେତକ ୱିନ୍‌ସର୍ ନିଉଟନ୍ ୱାଟର୍ କଲର୍ ଥିଲା, ହ୍ୱାଟ୍‌ମେନ୍ ପେପର୍ ଥିଲା ତାକୁ ବିକାବିକି

Digitized by srujanika@gmail.com

କରି ଦୁଇଶହ ଟଙ୍କା ଯୋଗାଡ଼ କଲି । ଆମ ବେଳେ ଖଲିକୋଟରେ ଯେଉଁଭଳି ଦାମିକା କାଗଜ ଓ ରଙ୍ଗ ମିଳୁଥିଲା ଏବେ ଭୁବନେଶ୍ୱରରେ ବି ସେଉଁଭଳି ମିଳିବା ସ୍ୱପ୍ନ । ଅଧ୍ୟକ୍ଷ କହିଲେ ସିଏ ଆମ ପାଇଁ ରେଳ ଟିକଟ ବ୍ୟବସ୍ଥା କରିଦେବେ । ଆମ ସାଙ୍ଗରେ ଋଷିକେଶ ଯିବାପାଇଁ ବାହାରିଲେ ସିଲେଇ ଇନଷ୍ଟ୍ରକ୍ଟର ପଦ୍ମାବତୀ ଦେବୀ, ଆମର ଦିଦି, ବାଲିଯୋଡ଼ିର କୃଷ୍ଣଚନ୍ଦ୍ର ଆଚାରୀ, ବ୍ରହ୍ମପୁରର ଦେବେନ୍ଦ୍ର ନାଥ ସାମଲ, ଗୋପାଳପୁରର ବେଣୁଧର ବେହେରା ଓ ନାରାୟଣ । ନାରାୟଣ ଆର୍ଟସ୍କୁଲ ଛାତ୍ରନୁହେଁ । ଅଧ୍ୟକ୍ଷଙ୍କ ଚନ୍ଦ୍ରପ୍ରଭାଶ୍ରମରେ ରହି ପାଠ ପଢୁଥାଏ ଆଉ ଘରକାମରେ ମଧ୍ୟ ସାହାଯ୍ୟ କରୁଥାଏ । ଅଧ୍ୟକ୍ଷଙ୍କ ପରିବାର ଭିତରେ ରାଣୀମା ଗୋଲାପମଞ୍ଜରୀ ଦେବୀ, ବଡ଼ପୁଅ ଗୋଲଖ, ସାନପୁଅ ପ୍ରଦ୍ୟୋତ ଓ ଝିଅ ଆଶାପୂର୍ଣ୍ଣା ? । ଅଧ୍ୟକ୍ଷଙ୍କ ପରିବାର ପ୍ରଥମଶ୍ରେଣୀ ଡବାରେ ବ୍ରହ୍ମପୁରରୁ ଚଢ଼ିଲେ, ଆମେ ତୃତୀୟଶ୍ରେଣୀ ସ୍ଲିପରରେ କେଶପୁରରୁ ବସିଲୁ ।

ଦୁଇଦିନ ଦୁଇରାତି ରେଳଯାତ୍ରା ପରେ ଦିଲ୍ଲୀରେ ରେଳଗାଡ଼ି ବଦଳେଇ ଆମେ ଋଷିକେଶରେ ପହଞ୍ଚିଲୁ । କୁଳୁକୁଳୁନାଦିନୀ ପାବନୀ ଗଙ୍ଗାଙ୍କ ତଟରେ ଶିବାନନ୍ଦ ନଗର ନଦୀପଠାରୁ ଆରମ୍ଭ ହୋଇ ପାହାଡ଼ ଉପରଯାଏଁ ବ୍ୟାପି ରହିଛି । ମଝିରେ ପାହାଡ଼ିଆ ରାସ୍ତାଟିଏ ଡେରାଡୁନ ଦେଇ ବଦ୍ରିନାଥ ପର୍ଯ୍ୟନ୍ତ ଲମ୍ବି ଯାଇଛି । କାଶ୍ମୀର ସହିତ ସଂଯୋଗ ପାଇଁ ଏହାହିଁ ଏକମାତ୍ର ଘାଟିରାସ୍ତା । ଆମେ ଶିବାନନ୍ଦ ନଗରର ଫାଟକ ପାଖରେ ଝାଟକା ଗାଡ଼ିରୁ ଓହ୍ଲେଇଲା ବେଳକୁ କୋହଲିଆ ଥଣ୍ଡା ପବନ ବୋହୁଥାଏ । ଦେହମୁଣ୍ଡ ଶିରିଶିରି ହେଇଯାଉଥାଏ । ଗଙ୍ଗା ଆରପଟେ ଗୀତାଭବନ ଓ ଅନ୍ୟାନ୍ୟ ଦେବସ୍ଥାନ ମାନଙ୍କର ଶିଖର ଆୟୁଧ ଓ ପତାକା ଆକାଶ ଭେଦି ଉପରକୁ ଉଠି ଦୃଶ୍ୟପ୍ରେକ୍ଷାକୁ ରୂପମୟ କରିଦେଉଥାଏ । ଚାରିଆଡ଼େ ଦିବ୍ୟ ମହକ । ମନ୍ଦିରମାନଙ୍କରୁ ଘଣ୍ଟାର ମଧୁମୟ ନିନାଦ ପବନରେ ହିଲ୍ଲୋଳିତ ହେଉଥାଏ । ଆଶ୍ରମରୁ କିଏ ଜଣେ ସାଧକ ଆମ ବେଡ଼ିଙ୍ଗ୍ ପତ୍ର ନେଇ ଯେଝାଙ୍କ ପାଇଁ ଉଦ୍ଦିଷ୍ଟ ବସାଘରମାନଙ୍କରେ ରଖିଲେ । ଆମ ପାଇଁ କୈଳାସ ଧାମ ନିର୍ଦ୍ଦିଷ୍ଟ ହେଇଥାଏ । ସେହି ଅତିଥି ଘରଗୁଡ଼ିକ ରାସ୍ତା ପାଖରୁ ଦି' ଫାର୍ଲାଙ୍ଗ୍ ଉଚ୍ଚାରେ ପାହାଡ଼ଉପରେ ତିଆରି ।

ଗୁରୁପୀଠ ଦର୍ଶନ ପାଇଁ ମନରେ କେଉଁ ଦିନରୁ ଅଭିଳାଷ ଜନ୍ମିଥିଲା । ଲାଗିଲା ଭଗବାନଙ୍କ ଅପାର କୃପାରୁ ଏହି ସୁଯୋଗ ଏବେ ମିଳିଲା । ପିଲାଳିଆ ମନନେଇ ଗଙ୍ଗାରେ ସ୍ନାନ କରିବା ପାଇଁ ବାହାରି ପଡ଼ିଲୁ । ଡିସେମ୍ବର ମାସର

Digitized by srujanika@gmail.com

ହାଡ଼ଭଙ୍ଗା ଶୀତ । ଗଙ୍ଗା ଋଷିକେଶ ପାଖରେ କାଉଆଆଖି ଭଳି ନିର୍ମଳ ଆଉ ହେମାଳ । ହରଦ୍ୱାରରେ ପାହାଡ଼ିଆ ଭୂମିଛାଡ଼ି ଗଙ୍ଗାଙ୍କ ସମତଳରେ ପ୍ରବେଶ । ଏଇଠୁ ବିଷ୍ଣୁଙ୍କ ନଖକୋଣରୁ ଗଙ୍ଗା ସ୍ରୁବିଯାଉଛନ୍ତି । ତା' ଆଗରୁ ଋଷିକେଶର ପଥୁରିଆ ଶେଯ ଉପରେ ପିଟି ହେଇ ଗଙ୍ଗା ଆଗକୁ ମୁହେଁଇଛନ୍ତି । ଶିବଙ୍କ ଜଟାର କଙ୍କରିଳ କୁଣ୍ଡଳୀ ଭିତରୁ ଉତୁରି ଆସିବା ପାଇଁ ଗଙ୍ଗା ଘର୍ଘର ଶବ୍ଦରେ ସମୁଦ୍ର ଲହଡ଼ିର ଭ୍ରମ ସୃଷ୍ଟି କରୁଛନ୍ତି । ପାଣି କାଚକେନ୍ଦୁ ଭଳି ସ୍ୱଚ୍ଛ । ପାଣି ଭିତରକୁ ଗୋଡ଼ ବଢ଼େଇଲେ ଲାଗୁଛି ଏଇ ସଦ୍ୟ ବରଫ ତରଳି ବୋଧହୁଏ ପାଣି ହେଇଛି । ଗୋଡ଼ ନିଥର ହେଇଯାଇ ନଥିଲା ପରି ଲାଗୁଛି । ତଥାପି ଯେନତେନ ବୁଡ଼ନ ନେଇ ଫେରିଲୁ । ଦିନଯାକ ଗୋଡ଼ ଆଉ ଥୟ ରହିଲାନି । ଆଶ୍ରମର ଦିବ୍ୟଭବ୍ୟ ପରିବେଶରେ ଥରେ ନୁହେଁ, ସାତଘେରା ବୁଲି ଆସିଲୁ ଗଙ୍ଗାତଟର ଗୁରୁଦେବଙ୍କ ନିଜ କୁଟିଆ ପାଖରୁ ପାହାଡ଼ର ଶୀର୍ଷରେ ଥିବା ଯୋଗ ବେଦାନ୍ତ ଫରେଷ୍ଟ ଏକାଡ଼େମୀର ଛାପାଖାନା ଯାଏଁ । ଅଧ୍ୟକ୍ଷ ଆମକୁ ଆଶ୍ରମରେ ଚଳିବାର ବାଗ ଶିଖେଇ ଦେଇଥାନ୍ତି । କହିଥାନ୍ତି ଧଳାଲୁଗା ପିନ୍ଧିଥିଲେ ବ୍ରହ୍ମଚାରୀ, ଗେରୁଆ ପରିଧାନ କରିଥିଲେ ସନ୍ୟାସୀ । ସନ୍ନ୍ୟାସୀ ମାନଙ୍କୁ ବୟସର ତାରତମ୍ୟରେ ଗୁରୁ ଲଘୁ ଜ୍ଞାନ ନକରିବାକୁ ମଧ୍ୟ ଆମକୁ କୁହାଯାଇଥିଲା । ତେଣୁ ସନ୍ୟାସୀ ଦେଖିଲା ମାତ୍ରେ ସାଷ୍ଟାଙ୍ଗ ପ୍ରଣାମ । ଆଶ୍ରମର ସେସମୟର ଗୁରୁ ପ୍ରତିମ ସନ୍ୟାସୀମାନେ ହେଲେ ସ୍ୱାମୀ ଚିଦାନନ୍ଦ, ସ୍ୱାମୀ କୃଷ୍ଣାନନ୍ଦ, ମାଧବାନନ୍ଦ, ବ୍ରହ୍ମାନନ୍ଦ, ଭେଙ୍କଟେଶ୍ୱରାନନ୍ଦ ଓ ମାତା ଶିବାନନ୍ଦ ହୃଦୟାନନ୍ଦ । ମାତାଜୀ ଶିବାନନ୍ଦ ନେତ୍ରାଳୟର ମୁଖ୍ୟା । ସନ୍ନ୍ୟାସୀମାନଙ୍କ ଭିତରୁ କିଏ ଭଜନ ହଲ୍, ସତ୍‌ସଙ୍ଗ ଭବନ ପରିଚାଳନା କରୁଥାନ୍ତି ତ କିଏ ଅନ୍ନପୂର୍ଣ୍ଣା ଭୋଜନାଳୟ କଥା ବୁଝୁଥାନ୍ତି କିଏ ଶିବାନନ୍ଦ ଆୟୁର୍ବେଦ ଭବନ ଦାୟିତ୍ୱରେ ଥାଆନ୍ତି ତ ଆଉ କିଏ ଶିବାନନ୍ଦ ପ୍ରେସ୍‌ର ଛାପାକାର୍ଯ୍ୟ ଚଳଉଥାନ୍ତି । ପୁଣି ଦିବ୍ୟଜୀବନ ସଂଘ ଓ ଶାଖାମାନଙ୍କର ପରିଚାଳନା, ଡିଭାଇନ୍ ଲାଇଫ୍ ମାସିକ ପତ୍ରିକା ଇତ୍ୟାଦିର ପ୍ରକାଶନ ଦାୟିତ୍ୱ, ଅତିଥିଗୃହ ଓ ଅଭ୍ୟର୍ଥନା ପ୍ରକୋଷ୍ଠ ବୁଝାସୁଝାର ଦାୟିତ୍ୱ ବିଭିନ୍ନ ସନ୍ନ୍ୟାସୀମାନଙ୍କ ଉପରେ ନ୍ୟସ୍ତ ହେଇଥାଏ ।

ସକାଳସାରା ଘୂରି ବୁଲୁବୁଲୁ ଦିନ ବା'ର ବାଜିଲା । ଶିବାନନ୍ଦ ପ୍ରେସରେ ଆମ ନାଁ ଗୁଡ଼ିକୁ ମୋନୋଲିଡ଼୍‌ରେ ଛାଞ୍ଚ କରି ସ୍ୱାମୀ ଭେଙ୍କଟେଶ୍‌ନନ୍ଦଜୀ ଆମକୁ

Digitized by srujanika@gmail.com

ଉପହାର ଦେଲେ । ଲେଟର୍ ପ୍ରେସରେ ଗୋଟି ଗୋଟି ଅକ୍ଷର କିମିତି ଯୋଡ଼ା ହୁଏ ତାହା ତନଖ୍ ଦେଖିଲୁ । ମୋନୋକାଷ୍ଟିଙ୍ଗ୍‌ରେ ଛାପା ହେଉଥିବା ବ୍ୟବସ୍ଥା ଦେଖି ମନ ପୂରି ଗଲା । ତା'ପରେ ଅଧ୍ୟକ୍ଷ ମହାଶୟଙ୍କ ପରିବାର ସହିତ ଅନ୍ନପୂର୍ଣ୍ଣା ହଲ୍‌ରେ ଭୋଜନବଢ଼ିଲା । ନିଜେ ଷ୍ଟିଲ୍‌ଥାଳି, ଗିନା, ଗିଲାସ ଓ ଆସନ ନେଇ ପଙ୍ଗତ ପାଇଁ ଧାଡ଼ିରେ ବସିବାକୁ ହୁଏ । ସନ୍ନ୍ୟାସୀମାନେ ଅନ୍ନ ପରିବେଷଣ କରନ୍ତି । ସେମାନେ ଅନ୍ନ ଭଗବାନ ଅନ୍ନ ଭଗବାନ କହି ଅନ୍ନ ବାଢ଼ି ଦେଇଗଲେ । ତା'ପରେ ଆସିଲା ସାମ୍ବାରୁ ଗୋବିନ୍ଦ, ରାମଚାରୁ, କୃଷ୍ଣଚଟଣି । ପାଣି ଦେଲାବେଳକୁ ଗଙ୍ଗାମାୟୀ ଗିଲାସମାନଙ୍କରେ ଗିଲାସେ ଗିଲାସେ ଭର୍ତ୍ତିହେଲେ । ଆଶ୍ରମରେ ଅଧାରୁ ଅଧିକା ତାମିଲ ଓ ତେଲୁଗୁ । ଏଣୁ ସେମାନଙ୍କୁ ସୁହାଇଲା ଭଳି ଖାଦ୍ୟ । ପାଣି ଗିଲାସ ସାଙ୍ଗରେ କହ୍ନେୟା ଚହ୍ଲା ଗ୍ଲାସେ ଗ୍ଲାସେ ମିଳିଲା । ଗଂଜାମୀଲୋକଙ୍କୁ ଆମ୍ବିଳ ପ୍ରୟୋଗ ବେଶ ରୁଚିକର ହେଲା ।

ଆଶ୍ରମରେ ରହଣିର ସବୁଠାରୁ ଆକର୍ଷଣୀୟ ମୁହୂର୍ତ୍ତ ହେଲା ଗୁରୁଦେବ ସ୍ୱାମୀ ଶିବାନନ୍ଦଜୀ ମହାରାଜାଙ୍କ ଅମୃତ ଦର୍ଶନ ଲାଭ । ଆମେ ସନ୍ଧ୍ୟା ସତ୍‌ସଙ୍ଗ ପାଇଁ ଗଙ୍ଗାନଦୀ କୂଳରେ ଗୁରୁଦେବଙ୍କ କୁଟୀର ପାଖରେ ଥିବା ଗୋଟିଏ ବଡ଼ ହଲ୍ ଭିତରେ ଯାଇ ବସିଲୁ । ମନ ଭିତରେ ଅସୁମାରୀ ଉତ୍‌କଣ୍ଠା । ଭଗବାନଙ୍କ ସାକ୍ଷାତ୍ ସ୍ୱରୂପ ସଦ୍‌ଗୁରୁଙ୍କ ଦର୍ଶନ ମିଳିବ । ଆମ ଆଚାର ବ୍ୟବହାର କିମିତି ହେବା ଉଚିତ, ବସିବା କାଶିବା କିମିତି କରିବା ଉଚିତ ନିଶ୍ୱାସ ପ୍ରଶ୍ୱାସ କିମିତି ନେବା ଉଚିତ ତା'ର ନିର୍ଦ୍ଦିଷ୍ଟ ଉପାୟ ଅବଲମ୍ବନ ପାଇଁ ଓ କଥା କହିବାରେ ଅହେତୁକ ସଂଯମ ପାଇଁ ଅଧ୍ୟକ୍ଷ ମହାଶୟଙ୍କ ନିର୍ଦ୍ଦେଶ ଥିଲା । ପୁଣି ନିର୍ଦ୍ଦେଶ ଥିଲା ଗୁରୁଦେବ ଭଜନ ହଲ୍‌ରେ ପ୍ରବେଶ କଲେ ମଧ୍ୟ ଆମେ ବସିଥିବା ପଦ୍ମାସନ ଛାଡି ଠିଆହେବୁନି । ମନେମନେ କେବଳ ସାଷ୍ଟାଙ୍ଗ ପ୍ରଣିପାତ କରିବୁ । ଗୁରୁଦେବ ଆସିବାର ଅଧଘଣ୍ଟା ଆଗରୁ ଭଜନ ବୋଲିବା ଆରମ୍ଭ ହେଲା । ଆମେ ସମସ୍ତେ ଭଜନ ଦୋହରାଇଲୁ । ମନରେ ପ୍ରାଣରେ ଅପୂର୍ବ ଅଫୁରନ୍ତ ଆନନ୍ଦ । ଦେହରେ, ମନରେ ଘନ ଘନ ରୋମାଞ୍ଚ ଜାତ ହେଉଥାଏ । ଲାଗୁଥାଏ ମୁଁ ସିନା ପଦ୍ମାସନରେ ବସିଚି କିନ୍ତୁ ଦେହରୁ ଉତୁରି ପଡି ଆକାଶମାର୍ଗରେ ବିଭିନ୍ନ ଦେବାଦେବୀଙ୍କ ସହିତ ବିଚରଣ କରୁଛି । ଦେହରୁ, ମନରୁ ସମସ୍ତ କଳୁଷ ଧୋଇ ହେଇ ଗଲାଣି । ଖାଲି ଆନନ୍ଦ ହିଁ ଆନନ୍ଦ, ଅନିର୍ବଚନୀୟ ଆନନ୍ଦ ଅନିର୍ବଚନୀୟ । ଦେହଭାବ ହଜି ହଜି ଯାଉଛି । ଲାଗୁଛି ମୁଁ ଏ ଶରୀର ନୁହେଁ, ମୁଁ ବିନିଶ୍ୱର ଦେହ ନୁହେଁ, ଖଲିକୋଟ ଆର୍ଟସ୍କୁଲର ଛାତ୍ରନୁହେଁ, ଦିବ୍ୟଜୀବନ ସଂଘ

Digitized by srujanika@gmail.com

ଶାଖାର ସଂପାଦକ ବି ନୁହେଁ । ମହାପୁରୁଷଙ୍କ ସାନ୍ନିଧ୍ୟରେ ପ୍ରତ୍ୟେକ ସାଧାରଣ ମଣିଷର ଏଭଳି କ୍ଷଣିକ ପରିବର୍ତ୍ତନ ହୁଏ । ଏହି ପରିବର୍ତ୍ତନ ଚିରନ୍ତନ ହେଲେ ସାଧାରଣ ମଣିଷ ପୁଣି ମହାମାନବରେ ପରିଣତ ହୋଇଯାଏ । ଏଭଳି ଏକ ବିବର୍ତ୍ତନ ପ୍ରକ୍ରିୟାରେ ଦସ୍ୟୁ ରତ୍ନାକର ମହାକବି ବାଲ୍ମୀକି ହେଇପାରିଲା । ମୋତେ ଲାଗିଲା ମୁଁ ଦିନନାଥ ପାଠୀ ନୁହେଁ, ବ୍ରହ୍ମ ସହୋଦର ଆତ୍ମାସ୍ୱରୂପ, ସୋଽହଂ ।

ଗୁରୁଦେବ ଭେଲ୍‌ଭେଟ୍ ରଙ୍ଗର ଆପାଦମସ୍ତକ ଆବରଣ ହେଲାଭଳି ଲମ୍ୱାକୋଟ ପିନ୍ଧିଛନ୍ତି । ପାଦଦୁଇଟି ରେଶମ ସକସ୍‌ରେ ଆବୃତ ହେଇଛି । ବିଶାଳ ବପୁ, ହିମାଳୟ ଭଳି ଉନ୍ନତ, ଜ୍ୟୋତି ବିକିରଣ କରୁଥିବା ତେଜସ୍ୱାନ୍ ଶରୀର । ସ୍ୱର୍ଗର ଐରାବତ ହାତୀ, ମାନସସରୋବରର ପଦ୍ମବନରେ ଧସେଇ ପଶିଲାପରି ସିଏ ଭଜନ ହଲ ଭିତରେ ପ୍ରବେଶିଲେ । ସାଲବେଗଙ୍କ ଭଜନର ପଂକ୍ତିଟି ଆପେ ଆପେ ମୋର ମନେ ପଡ଼ିଗଲା । ଆହେ ନୀଳଶଇଳ ପ୍ରବଳ ମତ୍ତ ବାରଣ ମୋ ଆରତ ନଳିନୀ ବନକୁ କର ଦଳନ । ହେ ପ୍ରଭୁ ! ହେ ଗୁରୁଦେବ ଦୟାକର, ଗୁରୁଦେବ ଦୟାକର ଦୀନ ଜନେ ।

ଭବସାଗର ତାରଣ କାରଣ ହେ
ରବିନନ୍ଦନ ବନ୍ଧନ ଖଣ୍ଡନ ହେ ।
ଶରଣାଗତ କିଙ୍କର ଭୀତମନେ
ଗୁରୁଦେବ ଦୟାକର ଦୀନଜନେ ।

ଗୁରୁଦେବ ଲକ୍ଷ୍ୟକଲେ ଭଜନ ହଲ ଭିତରେ ଟୋକାଏ ବସିଛନ୍ତି । ଅଧ୍ୟକ୍ଷ ମହୋଦୟଙ୍କ ଆଡ଼କୁ ଚାହିଁ ପଚାରିଲେ 'ହୁ ଆର୍ ଦିଜ୍ ନିଉ ଫେସସ୍ ଇନ୍ ସତ୍‌ସଙ୍ଗ ଟୁଡ଼େ' (ଆଜି ସତ୍‌ସଙ୍ଗରେ ଏହି ନୂଆ ମୁହଁମାନେ କିଏ ?) । ଅଧ୍ୟକ୍ଷ ମହୋଦୟ ବିନମ୍ର ହେଇ ଗୁରୁଦେବଙ୍କୁ କହିଲେ ଆମେସବୁ ଖଲିକୋଟ ଆର୍ଟସ୍କୁଲ ଦିବ୍ୟଜୀବନ ସଂଘ ଶାଖାରୁ ଦର୍ଶନ ଉଦ୍ଦେଶ୍ୟରେ ଆସିଚୁ । ଏମାନେ ମୋର ଛାତ୍ର । ଗୁରୁଦେବ ତ ତ୍ରିକାଳଦର୍ଶୀ । ଏକଥା ଆମ ନିକଟରେ ପ୍ରମାଣିତ କରିବା ପାଇଁ କହିଲେ, 'ଡ଼ିପ୍ ଦେମ୍ ଇନ୍ ରିଭର୍ ଗେଞ୍ଜସ୍ ଏଣ୍ଡ ଗିଭ୍ ଦେମ୍ ମୋକ୍ଷ ' (ସେମାନଙ୍କୁ ଗଙ୍ଗାନଦୀରେ ବୁଡ଼ନ ଦେଇ ମୋକ୍ଷ ପ୍ରଦାନକର) । ଗୁରୁଦେବ ପରିହାସ ଛଳରେ ଯାହା କହିଲେ ତାହାହିଁ ଆମ ମନର ଭାବନା ଥିଲା । ଆମେ ପରସ୍ପର ଚହାଁ ଚହିଁ ହେଲୁ । ମନ

Digitized by srujanika@gmail.com

ଭିତରେ ପ୍ରଶ୍ନ ଉଙ୍କିମାରୁଥିଲା ଆମେ ଗଙ୍ଗାରେ ସ୍ନାନ କଲାବେଳର କୁଣ୍ଠା ଗୁରୁଦେବ ଜାଣିଲେ କିମିତି ? ତା'ପରେ ଗୁରୁଦେବଙ୍କ ଶ୍ରୀମୁଖରୁ ସ୍ଫୁରଣ ହେଲା । 'ଗିଭ୍ ଦେମ୍ ବୁକସ୍ ଟୁ ରିଡ୍' ସେମାନଙ୍କୁ ପଢ଼ିବା ପାଇଁ ବହି ଦିଅ । ସାଧକ ଜଣେ କୁଣ୍ଢ ଭର୍ତ୍ତି ହେଲା ପରି ଆମ କୋଳରେ ଥାକେ ଥାକେ ବହି ଥୋଇ ଦେଇ ଗଲେ । ମୋ ଭାଗ୍ୟରେ ପଡ଼ିଲା ଶିବାନନ୍ଦଙ୍କ ଆତ୍ମଜୀବନୀ 'ହାଉ ଟୁ କିପ୍ ବ୍ରହ୍ମଚର୍ଯ୍ୟ' (ବ୍ରହ୍ମଚର୍ଯ୍ୟ ପାଳନର ବିଧି), 'ଆଶ୍ରମ ଭଜନ', ଓ୍ୱେଜ୍ ଅଫ୍ ସକ୍ସେସ୍ ଇନ୍ ଲାଇଫ୍ (ଜୀବନରେ କୃତକାର୍ଯ୍ୟ ହେବାର ଉପାୟ), ଭଗବଦ୍‌ଗୀତା, ଗୀତା ଫର୍ ଦି ବ୍ଲାଇଣ୍ଡ୍ (ଚକ୍ଷୁହୀନଙ୍କ ପାଇଁ ଗୀତା) ଏବଂ ଏସେନସ୍ ଅଫ୍ ଉପନିଷଦ (ଉପନିଷଦର ସାର) । ତାପରେ ପ୍ରସାଦ । ହାତ ମନ ପ୍ରାଣ ଗୁରୁଦେବଙ୍କ ଆଶିଷରେ ପରିପୂର୍ଣ୍ଣ ହେଇଗଲା । ଗୁରୁଦେବ କର୍ମରେ ପ୍ରତିପାଦିତ କରି କହିଦେଲେ ଦିବ୍ୟଜୀବନର ପ୍ରଥମ ମନ୍ତ୍ର 'ଗିଭ୍' ଦାନ କର, ଦାନ କର, ଦାନ କର ।

ତା' ପରଦିନ ସକାଳୁ ଅଧକ୍ଷ ମହାଶୟ ଓ ତାଙ୍କ ପରିବାର ପକ୍ଷରୁ ଗୁରୁଦେବଙ୍କ ପାଦପୂଜାର କାର୍ଯ୍ୟକ୍ରମ ଥିଲା । ପାଦପୂଜା ସରିଲା । ସକାଳର କଅଁଳିଆ ଖରାରେ ସିମେଣ୍ଟ ବେଞ୍ଚରେ ପଡ଼ିଥିବା ବାଘଛାଲ ଉପରେ ଗୁରୁଦେବ ଆସି ଉପବିଷ୍ଟ ହେଲେ । ଆମ ଭିତରୁ ଜଣ ଜଣକୁ ଡାକି ପ୍ରତ୍ୟେକଙ୍କ ପାଇଁ ତୁଳସୀ ମାଳା ଓ କାଗଜରେ ଲେଖାହେଇଥିବା ଗୁରୁମନ୍ତ୍ର ପ୍ରଦାନ କଲେ । ବାପ ମାଁଙ୍କ ସୁକୃତରୁ ପୂର୍ବଜନ୍ମର ପୁଣ୍ୟବଳରୁ ମହାପୁରୁଷ ସଦ୍‌ଗୁରୁ ଶିବାନନ୍ଦଜୀଙ୍କ ଠାରୁ ଜୀବନର ପାଥେୟ ପାଇଁ ଏହି ମହାନ୍ ଅମୂଲ୍ୟ ଭଗବତ ସଂପଦ ପାଇଲୁ ।

ଖଲିକୋଟ ଆର୍ଟସ୍କୁଲର ଦିବ୍ୟଜୀବନ ସଂଘର ଆଧ୍ୟାତ୍ମିକ ଅନୁଭୂତି ପରବର୍ତ୍ତୀ ସଂଘର୍ଷମୟ ଜୀବନକୁ ସରସସୁନ୍ଦର କରିବାରେ ଯଥେଷ୍ଟ ସାହାଯ୍ୟ କରିଛି । ଏବେ ବି ନିକାଞ୍ଚନ ମୁହୂର୍ତ୍ତମାନଙ୍କରେ, ଦୁଃଖଦ ବେଳାରେ, ଜୀବନର ଯାତ୍ରାପଥ କଣ୍ଟକିତ ହେଇପଡ଼ିଲେ, ସାଫଲ୍ୟରେ ଉତ୍‌ଫୁଲ୍ଲ ହେବା ସମୟରେ ଗୁରୁଦେବ ଶିବାନନ୍ଦ ଆଶିଷ ଢାଳି ଚଲାପଥକୁ ସୁଗମ କରୁଛନ୍ତି ।

Digitized by srujanika@gmail.com

ଆଚାର୍ଯ୍ୟ ଶରତଚନ୍ଦ୍ର

ଆମ ପରଂପରାରେ ରାଜା କବି ହେବା, କବି ପ୍ରସିଦ୍ଧି ଲାଭ କରିଥିବା କିଛି ଆଚମ୍ବିତ କଥା ନୁହେଁ । ରାଜାମାନେ ତ ସକଳ ଗାନ୍ଧର୍ବ ବିଦ୍ୟାରେ ପାରଦର୍ଶିତା ଲାଭ କରୁଥିଲେ । ପିଲାଟିବେଳୁ ନଅରମାନଙ୍କରେ ରାଜପୁତ୍ର ଓ ରାଜକନ୍ୟାମାନଙ୍କୁ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ଧନୁର୍ବିଦ୍ୟା ଶିକ୍ଷା ଦିଆଯାଉଥିଲା । ଭୋଜରାଜଙ୍କ ଠାରୁ ଆରମ୍ଭକରି ଅଭିନବ ଗୀତଗୋବିନ୍ଦର ରଚୟିତା ପୁରୁଷୋତ୍ତମ ଦେବଙ୍କ ପର୍ଯ୍ୟନ୍ତ ବହୁରାଜାଙ୍କ କବି-ପ୍ରଶସ୍ତି ଅଛି । ଏହା କେବଳ ଇତିହାସର ପୁରୁଣା କଥା ନୁହେଁ । ଏବେ ଆମ ସମୟରେ ମଧ୍ୟ ଏହି ପରଂପରା ବଳବତ୍ତର ରହିଛି । ଦିଲ୍ଲୀ ଦରବାରର ପଣ୍ଡିତ ଜବାହାରଲାଲଙ୍କଠାରୁ ଆରମ୍ଭକରି ଅଟଳବିହାରୀଙ୍କ ପର୍ଯ୍ୟନ୍ତ ଅନେକ କବି ଭାରତବର୍ଷର ପ୍ରଧାନମନ୍ତ୍ରୀ ଆସନ ଅଳଂକୃତ କରିଛନ୍ତି । ଏମାନେ ମଧ୍ୟ ଗୋଟେ ପଣ ଏ ଯୁଗର ରଜା । ସେମିତି ଓଡ଼ିଶା ସିଂହାସନରେ ଯେଉଁ ଆଧୁନିକ ରାଜାମାନେ ରାଜକବିମାନେ ଆରୂଢ଼ ହେଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ହରେକୃଷ୍ଣ, ନନ୍ଦିନୀ ଓ ଜାନକୀବଲ୍ଲଭ ।

Digitized by srujanika@gmail.com

ରାଜକବି ସିନା ପୁଞ୍ଜା ପୁଞ୍ଜା, ରାଜଶିଳ୍ପୀ ଚିହ୍ନଟ କଲାବେଳକୁ ଖୋଜିବାକୁ, ଲୋଡ଼ିବାକୁ ପଡୁଛି । ହଁ କେରଳର ରାଜଶିଳ୍ପୀ, ରାଜା ରବିବର୍ମା ବଶ୍ୱବନ୍ଦିତ । ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ବି ଚିତ୍ରକାର ଭାବେ କମ୍ ଜଣାଶୁଣା ନୁହଁନ୍ତି । ସିଏ ଏକାବେଳେକେ ଚିତ୍ରକାର ଓ କବି । ଭାରତବର୍ଷରେ ରାଜଶିଳ୍ପୀ ହୁଏତ ଆହୁରି ଥିବେ । କିନ୍ତୁ ଓଡ଼ିଶାରେ ଲାଗୁଛି ଶରତଚନ୍ଦ୍ର ଦେବ ହିଁ ଆମ ବେଳର ପ୍ରଥମ ଓ ମୁଖ୍ୟ ରାଜଚିତ୍ରକର । ଶରତଚନ୍ଦ୍ର ଚିକିଟି ଗଡ଼ର ରାଜପରିବାରର ଲୋକ । ରାଜସିଂହାସନରେ ତାଙ୍କର ମୋହ ନଥିଲା । ତାଙ୍କ କଥା କହିଲା ବେଳକୁ ଘୁମୁସର ରାଜବଂଶର କବି, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଚରିତ ମନକୁ ଆସୁଛି । ଉପେନ୍ଦ୍ର ଓ ଶରତଚନ୍ଦ୍ର ଉଭୟଙ୍କ ଗଂଜାମ ଭୂମିରେ ଜନ୍ମ, ଜଣେ ଘୁମୁସରରେ ଅନ୍ୟ ଜଣେ ଚିକିଟି ଗଡ଼ରେ । ଜଣେ କବିପ୍ରବର ଓ ଅନ୍ୟଜଣେ ଆନ୍ତର୍ଜାତିକ ଚିତ୍ରକାର । ଯେଉଁମାନେ ସିଂହାସନରେ ବସିଲେ, ସେମାନେ ରାଜାହେଲେ, ସେହି ରାଜପରିବାରରେ ଅନ୍ୟମାନଙ୍କୁ କହିଲେ ଦେଉ, ଦେବ ଅର୍ଥରେ, ବଡ଼ ଦେଉ, ମଝିଆ ଦେଉ, ଟିକି ଦେଉ, ଏମିତି ହେଇ ରଜାଙ୍କ ଭାୟାମାନେ , ଦଦା, କକାମାନେ । ଏମାନେ ସମସ୍ତେ ସିଂହାସନର ରାଜ ପରଂପରାର ଟାଣୁଆ, ଦମ୍ଭିଲା ଖମ୍ବ । ରଜାଙ୍କ ଭଳି ଅୟସରେ ଆଭିଜାତ୍ୟରେ ସେମାନଙ୍କ ଜୀବନ କଟେ । ରଜା ମୁକୁଟ ପିନ୍ଧି ଯାବତୀୟ ରାଜକୀୟ ଜଂଜାଳରେ ଘାଣ୍ଟି ହେଉଥାନ୍ତି ଏମାନେ, ସତେ ଅବା ମୁକୁଟବିହୀନ ସମ୍ରାଟ, ରାଜକୀୟତାର ବେପରୁଆ ଭାଗୀଦାର ।

ଶରତଚନ୍ଦ୍ର ଦେବଙ୍କୁ ଚିକିଟିଗଡ଼ ଲୋକେ ସାହେବ ଦେଉ କହୁଥିଲେ । ବିଲାତରେ ପାଠ ପଢ଼ିଥିବାରୁ ଦେଉ ସାଙ୍ଗରେ ସାହେବ ଶବ୍ଦଟି ଆପେ ଆପେ ଯୋଡ଼ି ହେଇ ପଡ଼ିଥିଲା । ତା' ନ ହେଇଥିଲେ ବୋଧହୁଏ କହିଥାନ୍ତେ ଶରତ ଦେଓ । ସାହେବ ବା ସାଇବ ଦଉ ନାଁଟି ଚିକିଟି ଗଡ଼ର ପରିସୀମାରୁ ଉତୁରି ପଡ଼ି ସାରା ଓଡ଼ିଶାରେ ବ୍ୟାପିଯାଇଥିଲା । ନିଜ ପୁତୁରା ସଚ୍ଚିଦାନନ୍ଦ ଦେବ ନାବାଳକି ଅବସ୍ଥାରେ ଚିକିଟି ରାଜ ସିଂହାସନ ଅଳଂକୃତ କରି ଥିବାରୁ ଦାଦା, ସାହେବ ଦେଉ ରାଜ୍ୟ ପରିଚାଳନା କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରୁଥିଲେ । ମାଇଲ ମାଇଲ ସ୍ୱଚ୍ଛନ୍ଦରେ ଘୋଡ଼ା ଦଉଡ଼େଇବାରେ ସାହେବ ଦେଉଙ୍କ ସଉକ ଥିଲା, ପାରଦର୍ଶିତା ମଧ ଥିଲା । ଦୁର୍ଦ୍ଧର୍ଷ ରୟତଙ୍କୁ ସାବାଡ଼ କରିବା ପାଇଁ ସାହେବ ଦେଉ ସେମାନଙ୍କ ପାଖରେ ରାହୁ ପ୍ରମାଣେ ପ୍ରକଟ ହେଉଥିଲେ । ତାଙ୍କୁ ଆମେ ଖଲିକୋଟ ଆର୍ଟସ୍କୁଲର ଅଧକ୍ଷ ଭାବେ ଦେଖିଲା ବେଳକୁ , ସିଏ ହେଇଯାଇଥିଲେ ଅମାୟିକ, ଦୁର୍ଦ୍ଧର୍ଷତା ହଟିଯାଇଥିଲା ।

Digitized by srujanika@gmail.com

କିନ୍ତୁ ରାଜକୀୟ ଛଟା ତାଙ୍କଠେ ଭରିରହିଥିଲା । ଯଦିଚ କବି ମାୟାଧର ମାନସିଂହ ଓ ଚିତ୍ରଶିଳ୍ପୀ ଗୋପାଳ କାନୁନ୍‌ଗୋ ଖଲିକୋଟର ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପ୍ରତିଷ୍ଠା ସଂକ୍ରାନ୍ତୀୟ ପ୍ରସ୍ତାବ ସରକାରୀ ସ୍ତରରେ ରୋପଣ କରିଥିଲେ, ଖଲିକୋଟର ଆର୍ଟସ୍କୁଲ ଶରତଚନ୍ଦ୍ରଙ୍କ ପରିକଳ୍ପନାର ବାସ୍ତବୀକରଣ ଥିଲା । ସିମିତିରେ କହିବାକୁ ଗଲେ ବ୍ରହ୍ମପୁର ଚନ୍ଦ୍ରପ୍ରଭାଶ୍ରମରେ ଶରତଚନ୍ଦ୍ରଙ୍କ ବ୍ୟକ୍ତିଗତ ଉଦ୍ୟମରେ ପ୍ରତିଷ୍ଠିତ ଉତ୍କଳ ସ୍କୁଲ ଅଫ୍ ଆର୍ଟସ୍‌ର ଏହାଥିଲା ପରିବର୍ଦ୍ଧିତ ଓ ପରିମାର୍ଜିତ ଅନୁଷ୍ଠାନ । ତେଣୁ ଶରତଚନ୍ଦ୍ର ଓ ଖଲିକୋଟ ଆର୍ଟସ୍କୁଲ ଓତପ୍ରୋତ ଭାବରେ ସଂଶ୍ଳିଷ୍ଟ ହେଇ ପଡ଼ିଥିଲେ । କ୍ଲ ପ୍ତରେ କହିଲେ ଖଲିକୋଟ କଳାବିଦ୍ୟାଳୟ ଶରତଚନ୍ଦ୍ର ଦେବଙ୍କ ମାନସ ସନ୍ତାନ । ଜର୍ମାନ ଦେଶରେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଚିତ୍ରକଳାଶିକ୍ଷା କ୍ଷେତ୍ରରେ ଯେଉଁ ବାଉ ହାଉସର ଭୂମିକା ଥିଲା, ତାରି ଢାଞ୍ଚାରେ ଖଲିକୋଟର ପାଠ୍ୟକ୍ରମ ରଚିତ ହେଇଥିଲା ।

ଚିକିଟି ରଜା ଲିଙ୍ଗରାଜ ପାଣିଗ୍ରାହୀଙ୍କୁ ବିଧାନ ସଭାକୁ ନିର୍ବାଚିତ କରେଇବାରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ଲିଙ୍ଗରାଜ ପାଣିଗ୍ରାହୀ ବଡ଼ ମାନୀ ଗୁଣି ବ୍ୟକ୍ତି । ଓଡ଼ିଶାର ହାଇକୋର୍ଟରୁ ମୁଖ୍ୟ ବିଚାରପତି ଭାବେ ଅବସର ଗ୍ରହଣ କରିସାରିଲା ପରେ ବିଧାନସଭାକୁ ନିର୍ବାଚିତ ହେଇ ଓଡ଼ିଶାର ଶିକ୍ଷା ଓ ଆଇନମନ୍ତ୍ରୀ ହେଇଥିଲେ । ରାଣୀ କୈକେୟୀ ରଥର ଖସିଯାଇଥିବା କାନକିଳିରେ ଆଙ୍ଗୁଠିଦେଇ ରଥଚକକୁ ଅଟକେଇ ରାଜା ଦଶରଥଙ୍କଠାରୁ ଦୁଇଟି ବର ହାସଲ କରିଥିଲା ଭଳି ଚିକିଟି ରଜା ଲିଙ୍ଗରାଜ ପାଣିଗ୍ରାହୀଙ୍କୁ ବିଧାନସଭା ନିର୍ବାଚନରେ ସାହାଯ୍ୟ କରି ଦୁଇଟି ପ୍ରତିଜ୍ଞା ଆଦାୟ କରିନେଇଥିଲେ ବୋଲି ଲୋକେ ଖଲିକୋଟରେ କଥା ହେଇଥିବା ମୁଁ ଶୁଣିଛି । ଏହି ଦୁଇଟି ପ୍ରତିଜ୍ଞାରୁ ପ୍ରଥମଟି ହେଲା ଯେ ଲିଙ୍ଗରାଜ ପାଣିଗ୍ରାହୀ ନିର୍ବାଚିତ ହେଇ ରାଜ୍ୟରେ ମନ୍ତ୍ରୀ ହେଲେ ସେ ଖଲିକୋଟ ରାଜା ମର୍ଦ୍ଦରାଜଙ୍କର ରାମଚନ୍ଦ୍ର ଭବନଟିକୁ ସରକାରଙ୍କ ପାଇଁ କିଣିବେ । ସେଇଠି ଓଡ଼ିଶାର ପ୍ରଥମ କଳା ଓ ହସ୍ତଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବ ଏବଂ ଚିକିଟିର ସାହେବ ଦେଉ ସେହି ଅନୁଷ୍ଠାନର ମୁଖ୍ୟ ହେଇ ସରକାରୀ ନିଯୁକ୍ତି ପାଇବେ । ଏଇଆ ଥିଲା ସରକାରୀ ସ୍ତରରେ ବୁଝାମଣା । ଏଭଳି ବୁଝାମଣା ହେଇଥିବାର ମୋ ପାଖରେ ବିଧିବଦ୍ଧ ପ୍ରମାଣ ନ ଥିଲେ ମଧ ଏହା ଯେ ନିଶ୍ଚିତ ଭାବେ ଆର୍ଟସ୍କୁଲ ପ୍ରତିଷ୍ଠା ପରିଯୋଜନାର ଅଂଶ ଥିବ ଏଥିନେଇ ମୁଁ ଦୃଢ଼ । ଖଲିକୋଟର ମର୍ଦ୍ଦରାଜ ଚିକିଟିଙ୍କ ମାମୁଁ ଏବଂ ମର୍ଦ୍ଦରାଜଙ୍କ ଖଲିକୋଟ ଓ ରମ୍ଭା ଦୁଇଟି ବଙ୍ଗଳା ପାଖାପାଖି ଥିବାରୁ ସେ

Digitized by srujanika@gmail.com

ଖଲିକୋଟ ବଙ୍ଗଳାକୁ ହାତଛଡ଼ା କରିବାକୁ ଚାହୁଁଥିଲେ । ପୁଣି ସାହେବ ଦେଉ ବିଲାତରେ କଳାଶିକ୍ଷା କରି ଓଡ଼ିଶା ଫେରିଥିଲେ ଏବଂ ବ୍ରହ୍ମପୁରରେ ନିଜ ଉଦ୍ୟମରେ କଳା ବିଦ୍ୟାଳୟଟିଏ ପ୍ରତିଷ୍ଠା କରି, କିଛିଦିନ ନିଜ ଉତ୍ତାପାଣ୍ଡିରୁ କଷ୍ଟେମଷ୍ଟେ ଚଳେଇ, ଅର୍ଥାଭାବରୁ ଶେଷରେ ଅନୁଷ୍ଠାନଟିକୁ ବନ୍ଦ କରିବାକୁ ବାଧ୍ୟ ହେଇଥିଲେ । ଏଣୁ ଟିକିଟି ରଜା ସାହେବ ଦେଉଙ୍କ ଅଧକ୍ଷ ପଦ ପାଇଁ ଲିଙ୍ଗରାଜ ପାଣିଗ୍ରାହୀଙ୍କ ପାଖରୁ ସମ୍ମତି କରେଇ ନେଇଥିବା କିଛି ବିଚିତ୍ର ନୁହେଁ । କିନ୍ତୁ ଏସବୁ ଚୁକ୍ତି, ପ୍ରତିଜ୍ଞା ଓ ବରଦାନ ଶରତଚନ୍ଦ୍ରଙ୍କ ଉଜ୍ଜ୍ୱଳ ବ୍ୟକ୍ତିତ୍ୱରେ କିଛି ଆଞ୍ଚ ଆଣି ନଥିଲା । ଏଭଳି ମଧ ହେଇଥାଇପାରେ ଶରତଚନ୍ଦ୍ର ଖୁବ୍ ସମ୍ଭବତଃ ଏସବୁ ଭିତିରି କଥାର ଟେର ବି ପାଇନଥିବେ ।

ମୁଁ ଶରତଚନ୍ଦ୍ର ଦେବଙ୍କୁ ଖଲିକୋଟ ଆର୍ଟସ୍କୁଲରେ ଅଧକ୍ଷ ଭାବେ ଦେଖିଲା ବେଳକୁ ସେ ସୁପରଫାଇନ ଧଳା ଧୋତି ପିନ୍ଧୁଥିଲେ, ଦେହରେ ସିମିତି ଚିକ୍କଣ କନାର ଧଳା କୁର୍ତ୍ତା, ଯାହାକୁ ଆମେ ସେତେବେଳେ ପଞ୍ଜାବୀ କହୁଥିଲୁ ଓ କାନ୍ଧରେ ଧଳା ସରୁ ଧଡ଼ି ଥିବା ଖଣ୍ଡିଏ ଦୋସରା । ମୁଁ କିନ୍ତୁ ଶୁଣିଛି ସେ ଆଗରୁ ସୁଟ୍, ବୁଟ୍, ଟାଇ, ହ୍ୟାଟ୍ ପିନ୍ଧି ସାହେବ ଭଳି ଆଦବକାଏଦାରେ ରହୁଥିଲେ । ଥରେ ଶରତଚନ୍ଦ୍ର ମୋତେ କଥାକଥାରେ କହିଥିଲେ ଯେ ସେ ବିଲାତରୁ ଟିକିଟୀ ଗଡ଼ ଫେରିଆସିଲା ପରେ ତାଙ୍କର ମାସକ ତିରିଶି ଦିନ ପାଇଁ ତିରିଶ ହଳ ଦାମିକା ସୁଟ୍ ଥିଲା, ସୁଟ୍ ସାଙ୍ଗକୁ ସାର୍ଟ, ନେକ୍‌ଟାଇ ଏବଂ ବୁଟ୍ ଯୋତା ୱାର୍ଡ଼ରୋବ୍‌ରେ ସଜଡ଼ା ହେଇ ରହିଥାଏ । ଦିନକୁ ସେ ହଳେ ପିନ୍ଧୁଥିଲେ । ଏହି ବ୍ୟବସ୍ଥାର ସାମାନ୍ୟ ଚ୍ୟୁତିବିଚ୍ୟୁତି ହେଲେ ପୋଷାକ ହେପାଜତ କରୁଥିବା ଭଣ୍ଡାରିଆ ପ୍ରତି ଦଣ୍ଡ ବିଧାନ ହେଉଥିଲା । ଅଧକ୍ଷ ଥିଲାବେଳେ ପିଅନ୍ ଗୋପୀ ତାଙ୍କର ପିନ୍ଧା ଧୋତି ହେପାଜତ କରିରଖେ । ଆଗଦିନକୁ ପିନ୍ଧିବାକୁ ଥିବା ଧୋତି ସଂଧ୍ୟାବେଳେ ପାଞ୍ଚୁ କୁଞ୍ଚହେଇ ରହେ । ବେଳେ ବେଳେ ପଞ୍ଜାବୀ ଗିଲ କରାହେଇଥାଏ । କିନ୍ତୁ ଅଧିକାଂଶ ଦିନ ସିମିତି ସାଦା ଇସ୍ତ୍ରୀ । ଶରତଚନ୍ଦ୍ର ସକାଳୁ ନିତ୍ୟକର୍ମ ସାରି ଗାଧୁଆପାଧୁଆ ପରେ ଧୋବ ଫରଫର ଧୋତି ପଞ୍ଜାବୀ, ତା ସାଙ୍ଗକୁ କଳା ହାଫ୍‌ସୁ ପିନ୍ଧି ସକାଳ ଏଗାର ବେଳକୁ କ୍ଲାସ ପରିଦର୍ଶନରେ ତୃତୀୟ ମହଲାରେ ଥିବା ତାଙ୍କ ରହିବା ବଖରାରୁ ଓହ୍ଲେଇବେ । ଗୋରା ତକ ତକ ଚେହେରା, ଚଉଡ଼ା ମୁହଁ, ଓଠରେ ସ୍ମିତ ହସ ସଦା ଲାଗି ରହିଥିବ, ପାଟିରେ ଧରାହେଇଥିବ ଟୋବାକୋଭରା ପାଇପ୍ । ଟୋବାକୋର ଗନ୍ଧ କାଠ ସିଡ଼ି ସାରା ଲହରେଇ ଯାଇଥିବ । ଆମେ ଧର, ଷ୍ଟି

Digitized by srujanika@gmail.com

କରିଥିବୁ, ସେ ଝଡ଼ ବେଗରେ ଷ୍ଟୁଡ଼ିଓ ଭିତରକୁ ପଶିଆସିବେ। ପ୍ରତି ଚିତ୍ରକୁ ଆଖିରେ ନିରେଖି ନେବେ । ପିଲାଙ୍କ ଛବିରେ ସଂଶୋଧନ ପାଇଁ ହାତ ମାରିବେନି । କାଗଜଫର୍ଦ୍ଦର ଖାଲି ପଡ଼ିଥିବା ଗୋଟିଏ କଣେ ମଡ଼େଲର ମୂଳ ପଞ୍ଜରଟି ଠାରରେ ଦେଖେଇ ଦେବେ । ତାପରେ ଇଜ୍‌ଲ ପାଖରୁ ପଛକୁ ଘୁଞ୍ଚିପଡ଼ି ପାଇପ୍‌ରୁ ଦି'ପୁଳା ଟାଣି ଦେବେ । ଧୂଆଁକୁ ଦଣ୍ଡେ ସ୍ତମ୍ଭନରେ ପେଟ ଭିତରେ ରଖି, ହାଲୁକା କରି ଉଦ୍‌ଗାରି ଦେବେ । ଟୋବାକୋର ଚାପାଚାପା ଗନ୍ଧ ଷ୍ଟୁଡ଼ି କ୍ଲାସର ତେଲରଙ୍ଗ ସାଙ୍ଗରେ ଫେଣ୍ଟା ଫେଣ୍ଟି ହେଇ ଏକ ଅପୂର୍ବ ସମ୍ମୋହନରେ ଆମମାନଙ୍କୁ କେଉଁ ଏକ ଅଜଣା ରାଇଜକୁ ଭସେଇ ନେଇଯିବ । ଖରାଦିନ ହେଇଥିଲେ ଏତିକି କ୍ଲାସ ପରିଦର୍ଶନ କଲାବେଳକୁ ଶରତଚନ୍ଦ୍ରଙ୍କ ଦେହ ଝାଳରେ ବୁଡ଼ିଯାଉଥିବ, ବେକ ସଣ୍ଡା ଓ ଡ୍ରିବଲିରୁ ଧାରଧାର ହେଇ ଝାଳ ନିଗିଡ଼ି ପଡୁଥିବ । ଆମେ ସବୁ ଆଁ ହେଇ ଚାହିଁ ରହିଥିବୁ, କିଛି କହିବାକୁ କାହାର ହେଲେ ବୁ ନଥିବ, ମନେ ମନେ ଭାବୁଥିବୁ ସିଏ ଆଉ କ୍ଲାସମାନଙ୍କରେ ନ ବୁଲି ତାଙ୍କ ବଖରାକୁ ଫେରି ଯାଆନ୍ତେ କି ।

ଶରତଚନ୍ଦ୍ର କ୍ଲାସ ଭିତରକୁ ପଶି ଆସିଲେ ଲାଗେ କିଛି ଉନ୍ମାଦନା, ଅନୁପ୍ରେରଣା ମୂର୍ତ୍ତିମନ୍ତ ହେଇ ପଶିଆସିଲା । କଳାବିଦ୍ୟାଳୟମାନଙ୍କରେ ସାଧାରଣ ସ୍କୁଲ କଲେଜ ଭଳିଆ ଶିକ୍ଷା ନୁହେଁ, ଅଧ୍ୟାପକ କଳାପଟା ପାଖରେ ଠିଆ ହେଇ ଆଙ୍କି ଦେଉଥିବେ ବା ଅଙ୍କର ସମାଧାନର ସୂତ୍ରଟିଏ ବତେଇ ଦେଉଥିବେ । ଏଠି ପାଠ ସଂପୂର୍ଣ୍ଣ ଭିନ୍ନ ପ୍ରଣାଳୀରେ ଛାତ୍ରମାନଙ୍କୁ ପରିବେଷଣ କରାଯାଏ । ଚିତ୍ରବିଦ୍ୟାରେ ସାଧାରଣିକରଣ ବା ସର୍ବଜନ ଗ୍ରାହ୍ୟ ହେଲାଭଳି ଫର୍ମୁଲା ବୋଲି କିଛି ନାହିଁ । ଏଠି ଜଣକୁ ଜଣେ , ତାହେଲା ପ୍ରତ୍ୟେକ ବିଦ୍ୟାର୍ଥୀର ସମସ୍ୟା ଅଲଗା ଅଲଗା ଏଣୁ ତାର ସମାଧାନ ବି ଭିନ୍ନ ଭିନ୍ନ । ଶରତଚନ୍ଦ୍ର ଛାତ୍ର ବା ଛାତ୍ରୀର କାମ ସଂଶୋଧନ କରିବାକୁ କାଗଜକଡ଼େ ସଠିକ ଡ୍ରଇଁଟିର ଠାରଟିଏ ଆଙ୍କିଦେଇ ହୋ ହୋ ହେଇ ହସିବେ । ଏହା ସାଫଲ୍ୟର ହସ । ତାଙ୍କ ହସର ଲହରରେ ଶ୍ରେଣୀଗୃହ ଫାଟି ପଡ଼ିବ । ସିଏ କ୍ଲାସ ଭିତରେ ବୁଲୁଥିବେ ବାହାରେ ଗୋପୀ ଟହଲୁଥିବ । ଗୋପୀ ବ୍ଲାକ୍ କମାଣ୍ଡୋ ଭଳି ଦେଖା ଯାଉଥିଲା । କିନ୍ତୁ ତା' ଚାଲିରେ, ଭଙ୍ଗୀରେ ସାମନ୍ତ ବାଦର ଶିଥିଳ ସ୍ପନ୍ଦନ ଭରି ରହିଥିଲା । ଘଣ୍ଟାଏ ଭିତରେ ପରିଦର୍ଶନ ସାରି ଶରତଚନ୍ଦ୍ର ତିନିମହଲାରେ ଥିବା ତାଙ୍କ ଦପ୍ତରକୁ ଉଠିବେ ।‌ ସେତେବେଳକୁ ପାଖାପାଖି ମଧ୍ୟାହ୍ନ ହେଇସାରିଥିବ । ନିଜ ବଖରାରେ ପଶି ପଂଖାବୀଟିକୁ ଉହ୍ଲେଇ ଦେବେ । ଗୋପୀ ଟାକି ବସିଥିବ, ଜାମାଟିକୁ ଉଠେଇ ନେବ । ଖରାଦିନ ହେଇଥିଲେ ଖାଲି ଦେହ, ଶୀତଦିନରେ

Digitized by srujanika@gmail.com

ହାତବାଲା ଖଣ୍ଡେ ସାଣ୍ଡୋ ବାନିଆନ୍ । ପିନ୍ଧିଥିବା ଧୋତିଟି ମଧ୍ୟ ବଦଳାହେବ । ତା'ପରେ ଖଟ ଉପରେ ବସିପଡ଼ି ମଣୋହି ପାଇଁ ଅପେକ୍ଷା କରିବେ । ଶରତଚନ୍ଦ୍ରଙ୍କ ଖଟ ଏବେ ସେଇ ବଖରାରେ ନାହିଁ । କୁଆଡ଼େ ଉଭାନ ହେଇଗଲାଣି । ସେବେଳରେ ଖଟରେ ଗୁଡାଏ ସ୍ପ୍ରିଙ୍ଗ୍ ଲାଗିଥିଲା, ବୋଧହୁଏ ଏକାସାଙ୍ଗରେ ତିରିଶି ବତିଶି ସରିକି ହେବ, ସ୍ପ୍ରିଙ୍ଗ୍ ଉପରେ ମୁଠୁଣିଏ ଉଚ୍ଚାର ଦୁଇଟି ଗଦି । ଶରତଚନ୍ଦ୍ର ଖଟ ଉପରେ ଦୁଲ୍‌କିନା ବସିଗଲେ ଗଦି ସଂଭ୍ରମରେ ସଂକୁଚିତ ହେଇ ତଳକୁ ନଇଁ ପଡୁଥିଲା । ସିଏ ମଣୋହି ପାଇଁ ବସିଗଲା ପରେ ଗୋପୀ ସେଣ୍ଟର୍ ଟେବୁଲଟିକୁ ଟେକି ଆଣି ଖଟ ସଳଖ ଥୋଇବ । ତାଙ୍କର ରୋଷେଇଆ ରାମଭାଇନା ଚାଇନା ପ୍ଲେଟରେ ଖେଚୁଡ଼ିର ଗୋଟିଏ ଗୁଳା ରଖି ପରଷିବା ପାଇଁ ଆଣିବ । ପ୍ଲେଟ ଦି'କଡ଼େ ଫୋର୍କ ଓ ନାଇଫ୍ ଥୁଆହେବ । ଖାଇଲା ହାତି ନାଇଫ୍ ଓ ଡେବିରି ହାତି ଫୋର୍କ । ପ୍ଲେଟର ଉପର ମୁଣ୍ଡକୁ ସ୍ପୁନ୍‌ଟିଏ ରଖାହେବ । ପାଟି ପୋଛିବାକୁ ନାପ୍‌କିନ । ମଣୋହି ପାଇଁ ପ୍ରାକ୍ ପ୍ରସ୍ତୁତି ଯେତିକି ସମୟ ଲାଗେ ଅସଲ ମଣୋହି ପାଞ୍ଚଦଶ ମିନଟ୍‌ରେ ସରିଯାଏ । ମଣୋହି ବଢୁଥିବା ବେଳେ ଯଦି ଦୈବାତ୍ କିଏ ଛାତ୍ର ବା କର୍ମଚାରୀ ପଶି ଆସିଲେ, ପ୍ଲେଟରେ ଖେଚୁଡ଼ି ପରିବେଷଣ ପାଇଁ ତୁରନ୍ତ ଆଦେଶ ହେବ । ସଂଭ୍ରମରେ ଯେତେ ନାହିଁ ନାହିଁ କରି ବାରଣ କଲେ ବି ରାମଭାଇନା ପ୍ଲେଟରେ ଗୋଟିଏ ଛୋଟିଆ ଗୁଳା ଧରି ପହଞ୍ଚିଯିବ । ସେତକ ଖାଇ ହଜମ କରିବା ପୁଟା ସେ ସମୟରେ ଖଲିକୋଟରେ କମ୍ ଲୋକଙ୍କର ଥିଲା । ମୁଁ ଯେଉଁଦିନ ମୁଠାଏ ପ୍ରମାଣର ଖାଇଥିବି, ଦିନ ସାରା ପାଣି ପରେ ପାଣି ପିଉଥିବି ଆଉ ରାତିକି ପେଟ ମାନ୍ଦା ରହିଥିବ ଏବଂ ହାକୁଡ଼ିରେ ଅଜୀର୍ଣ୍ଣିଆ ଦୁଧଘିଅର ମିଶାମିଶା ବାସ୍ନା ଭରସି ପଡୁଥିବ । ବାମୁଣ ପିଲା, ବେଙ୍ଗ ପେଟରେ ଏତେ ଗୁଆଘିଅ ଖାଇ ହଜମ କୁଆଡୁ ବା କରିବ ।

ଶରତଚନ୍ଦ୍ରଙ୍କ ପାଇଁ ରନ୍ଧାହେଉଥିବା ଖାଦ୍ୟ ସଂପୂର୍ଣ୍ଣ ଭିନ୍ନ ଧରଣର, ଡ଼ାଲି, ତରକାରି ହେଇ ଚାରି ପାଞ୍ଚ ପ୍ରକାରର ବ୍ୟଞ୍ଜନର ବ୍ୟବସ୍ଥା ନଥାଏ । ଗୋଟିଏ ଡେକିଚିରେ, ପାଣିମୋଟେ ପଡ଼ିବନି ନତୁବା ପୋଷେ ପଡ଼ିବ, କ୍ଷୀର ଦେଇ ଅରୁଆ ଚାଉଳ, ମୁଗଡ଼ାଲି, ଶାଗ, ପନିପରିବା ସିଦ୍ଧ ହେବ । ସେଥିରେ ପ୍ରତିଥର ରାନ୍ଧଣାରେ ଗୁଆଘିଅ ଦି'ତିନିପୋଷ, ମହୁରୁ ବଡ଼ ଚାମୁଚରେ ଦି'ଚାମୁଚ ପଡ଼ିବ । ତାପରେ ପାକ ସିଦ୍ଧ ହେବ । ମୁଠେ ଚିନି ପଡ଼ିଲା ବେଳକୁ ଖାଦ୍ୟ ଜନ୍ତୁଣି ଭଳି ମେଞ୍ଚେ ହେଇ ଯାଇଥିବ । ଏହାକୁ ନଳରାନ୍ଧଣା କୁହାଯାଏ । ଦମୟନ୍ତୀଙ୍କ ବିନା ଜଙ୍ଗଲରେ ଦୁର୍ଦ୍ଦିନ ଭିତରେ ବେଳ କାଟୁଥିବା ବେଳେ ନଳରାଜା ଏଭଳି ଖାଦ୍ୟ ପ୍ରସ୍ତୁତ କରୁଥିଲେ

Digitized by srujanika@gmail.com

ବୋଲି ପ୍ରବାଦ ଅଛି । ତାଙ୍କ ପାଇଁ ରନ୍ଧାହେବ ଥରେ, ସେ ତାକୁ ଦି' ଭାଗ କରି ସକାଳ, ଉପରଓଳି ଖାଇବେ । ବେଶ୍ ଆଉ ନା ଜଳଖିଆ, ନା ଫଳଖିଆ । ସକାଳୁ ଥରେ ଓପରଓଳି ଥରେ ମାମୁଲି ଚାହା । କାଚର କପ୍ ସସ୍‌ରରେ ଅବଶ୍ୟ ସକାଳୁ ବ୍ରେକ୍‌ଫାଷ୍ଟରେ ବଟ୍‌ର ଲଗେଇ ଟୋଷ୍ଟ୍ ଖିଆଯିବ । ଦେଶି ବିଦେଶୀର ଏକ ଅପୂର୍ବ ସମନ୍ୱୟ ।

ଶରତଚନ୍ଦ୍ରଙ୍କ ନଳରାନ୍ଧଣା ଗଂଜାମୀ ହଷ୍ଟେଲରେ ଏକ ଧରଣରେ ପରିଣତ ହେଇସାରିଥାଏ । ଅନ୍ତତଃ ମୁଁ ଜାଣିବାରେ ଆମ ରୁମ୍‌ର ଯୁଧିଷ୍ଠିର ସାହୁ, ମଦନମୋହନ ପଣ୍ଡା ଏବଂ ପାଖ ବସାର ଚନ୍ଦ୍ରଶେଖର ସୁବୁଦ୍ଧି, ଆଗ ସାଉଡ଼ିର ରାମଲିଙ୍ଗମ୍, ବେଣୁଗୋପାଳ, ଲକ୍ଷ୍ମୀନାରାୟଣ ସାହୁ, ଲକ୍ଷ୍ମୀନାରାୟଣ ଆଚାରୀ ଓଗେର ଏଇ ପଦ୍ଧତିରେ ନିଜ ପାଇଁ ରାନ୍ଧୁଥିଲେ । ଅବଶ୍ୟ ଏଥିରେ ଗୁରୁପାକର କ୍ଷୀର, ଘିଅ, ମହୁ ପଡୁନଥିଲା । ଆମମାନଙ୍କର ରାନ୍ଧଣାରେ ଚାଉଳ, ଡ଼ାଲି, ପନିପରିବା, ତେଜପତ୍ର, ଗୋଲମରିଚ, ଅଦା, ବତୁରା ସାହେବଚଣା ବା ସୋଲିଚଣାର ବ୍ୟବହାର କରାଯାଉଥିଲା । ସାମାନ୍ୟ ହଳଦୀ ସଂଯୋଗ ହେଉଥିବାରୁ ଖେଚୁଡ଼ି ସୁବର୍ଣ୍ଣବର୍ଣ୍ଣ ଧାରଣ କରୁଥିଲା ସିନା ଗୁଣାତ୍ମକ ବିଚାରରେ ଶରତଚନ୍ଦ୍ରଙ୍କ ନଳରାନ୍ଧଣାର ତୁଳନୀୟ ହେଉନଥିଲା । ମୁଁ ପରୀକ୍ଷାମୂଳକଭାବେ ଥରେ ଆମ ନିଜ ନଳରାନ୍ଧଣାରେ ହଳଦୀ ବଦଳରେ ଗିଟେ୍ କଲର୍ ଟ୍ୟୁବ୍‌ରୁ ଲେମନ୍ ୟେଲୋ ବାହାର କରି ପକେଇ ଦେଇଥିଲି । ଖେଚିଡ଼ି ରନ୍ଧା ହେଲା ପରେ ଜହ୍ନିଫୁଲ ଭଳିଆ ତୋଫା ଦିଶିଲା, ତା ଭିତରେ ସାଇବଚଣା ମାନ ଫୁଲି ଫୁଲି ଏଲୋଅକର୍ ରଙ୍ଗର ଏବଂ ତେଜପତ୍ରଗୁଡ଼ିକ ସେପିଆ ରଙ୍ଗର ଚମତ୍କାର ବର୍ଣ୍ଣ ସାଦୃଶ୍ୟ ଆଣିଦେଲେ । ଖାଇଲା ବେଳେ ସାମାନ୍ୟ ଔଷଧିଆ ବାସ୍ନା ବାରିହେଲା, ଚଳେଇନେଲୁ । କିନ୍ତୁ ପରେ ଆମେ ଅଜୀର୍ଣ୍ଣ ଝାଡ଼ା, ବାନ୍ତି ଭୋଗିଲୁ । ବନ୍ଧୁମାନଙ୍କ ଠାରୁ ମୁଁ ଗଞ୍ଜଣା ମଧ ଶୁଣିଲି । କିନ୍ତୁ ପେଟ ବେମାରିରୁ ମୁକୁଳିଗଲା ପରେ ସାଙ୍ଗମାନେ ଅନ୍ୟାନ୍ୟ ରଙ୍ଗ ମିଶେଇ ବିଭିନ୍ନ ବର୍ଣ୍ଣର ନଳରାନ୍ଧଣା କରିବା କଥା ପରିକଳ୍ପନା କଲେ । ନଳରାନ୍ଧଣାରେ ହେଇଥିବା ବର୍ଣ୍ଣ ପରୀକ୍ଷା ଶରତଚନ୍ଦ୍ରଙ୍କ କାନରେ ପଡ଼ିଲା । ସେ ଠୋ ଠୋ ହସି ଘର କଂପେଇ ଦେଲେ ଓ କି କି କେମିକେଲ୍ ମିଶିଲେ ଟ୍ୟୁବ୍ ରଙ୍ଗ ତିଆରି ହୁଏ, ସେ ସଂପର୍କରେ ଆମକୁ ବୁଝେଇ ଦେଲେ ।

ଶରତଚନ୍ଦ୍ର ପ୍ରତି ଶନିବାରେ ରବିବାରେ ବ୍ରହ୍ମପୁର ଯାଆନ୍ତି । ସେଠି ତାଙ୍କ ପରିବାର ରହୁଥିଲେ । ବଡ଼ଖେମୁଣ୍ଡିଙ୍କ ପଡ଼ିଶା ତାଙ୍କ ବଙ୍ଗଳା ମୂଳ ରାସ୍ତାଉପରୁ

Digitized by srujanika@gmail.com

ଭିତରକୁ ଫାର୍ଲାଙ୍ଗେ, ଦି ଫାର୍ଲାଙ୍ଗ ଲମ୍ବିଯାଇଥିଲା । ମୁଁ ଜାଣିଲା ବେଳକୁ ଚାରିଭାଗରୁ ତିନି ଭାଗ ଜମି ବିକା ହେଇ ସାରିଥିଲା । ଘର ଚଳିବାକୁ ନିଅଣ୍ଟ ହେଉଥିଲେ ପ୍ରତିବର୍ଷ କିଛିନା କିଛି ଜମି ବିକା ହେଉଥିଲା । ଏମିତି ହେଇ ବଡ଼ଖେମୁଣ୍ଡି ସାହି ଆଡ଼କୁ ଲାଗି ଜାଗା ଖଣ୍ଡିକ ହିଁ ଶେଷରେ ନିଜ ଅକତିଆରରେ ରହିଲା । ସିଏ ଏହି ବଙ୍ଗଳାର ନାଁ ଦେଇଥାନ୍ତି ଚନ୍ଦ୍ରପ୍ରଭାଶ୍ରମ । ନିଜ ନାଁ ଶରତ ଚନ୍ଦ୍ରରୁ 'ଚନ୍ଦ୍ର' ଆଉ ଧର୍ମପତ୍ନୀ ଗୋଲାପ ପ୍ରଭାଙ୍କ ନାଁରୁ 'ପ୍ରଭା' ମିଶେଇ ଚନ୍ଦ୍ରପ୍ରଭା ହେଇଥିଲା । ସିଏ ସେଇ ଘର ତିଆରି ବେଳକୁ ଆଉ ରଜା ହେଇ ରହି ନ ଥିଲେ ବୋଲି ବଙ୍ଗଳା ରାଜନଅରରୁ ପରିବର୍ତ୍ତିତ ହେଇ ଆଶ୍ରମ ହେଇଯାଇଥିଲା । ସିଏ ଥିଲାବେଳେ ତାଙ୍କ ସହିତ ଏ ଆଶ୍ରମରେ ସମୟ କଟେଇଛି । ଖଲିକୋଟ ଆର୍ଟସ୍କୁଲରେ ଯିମିତି ରାନ୍ଧଣା ହେଉଥିଲା, ଏଠିବି ମୋଟାମୋଟି ସେଇଆ । ଫରକ ଭିତରେ ଚନ୍ଦ୍ରପ୍ରଭାଶ୍ରମର ଖେଚୁଡ଼ିରେ ଘିଅ, ଦୁଧ କମ୍ ପଡୁଥିଲା । ଶ୍ଳୋକଛନ୍ଦ ଚିତ୍ରୋପନ୍ୟାସର ପାଠକଙ୍କ ମନେଥିବ ଚନ୍ଦ୍ରପ୍ରଭାଶ୍ରମର ତଳମହଲାରେ ଉତ୍କଳ ସ୍କୁଲ ଅଫ୍ ଆର୍ଟସ୍ କିଛି ବର୍ଷ ଚାଲିଥିଲା ଏବଂ ଏହି କଳାବିଦ୍ୟାଳୟ ପରିଦର୍ଶନରେ ଓଡ଼ିଶାର ତତ୍କାଳୀନ ଗଭର୍ଣ୍ଣର କୈଳାସନାଥ କାଟ୍‌ଜୁ ଏବଂ ଶାନ୍ତିନିକେତନର ପ୍ରଖ୍ୟାତ ଚିତ୍ରଶିଳ୍ପୀ ନନ୍ଦଲାଲ ବସୁ ଆସିଥିଲେ । ଏଣୁ ଚନ୍ଦ୍ରପ୍ରଭାଶ୍ରମର ରାନ୍ଧଣା ଏବଂ ଖଲିକୋଟ ରାମଚନ୍ଦ୍ର ଭବନର ଖନ୍ଦା ଭିତରେ ସାମଞ୍ଜସ୍ୟ ରହିବା ସ୍ୱାଭାବିକ । ଶିଳ୍ପକଳାର ଭାଷାରେ କହିଲେ, ଏହା ଶୈଳୀଗତ ସାମ୍ୟ ।

ସପ୍ତାହରେ ପାଞ୍ଚଦିନ ଶରତଚନ୍ଦ୍ର ଖଲିକୋଟରେ । ସୋମବାର ସକାଳୁ ବ୍ରହ୍ମପୁର ଫାଷ୍ଟବସ୍ ଖଲିକୋଟ ପହଞ୍ଚିବ । ବେଳଉଣ୍ଡି ତାଙ୍କ ପିଅନ ଗୋପୀ ଓ ଲେଙ୍କା ବସ୍‌ଷ୍ଟାଣ୍ଡରେ ଠିଆ ହେଇଥିବେ । ସିଏ ବସ୍‌ରୁ ତଳକୁ ଓହ୍ଲଉ ଓହ୍ଲଉ ଗୋପୀ ହାତରୁ ଏଟାଚିଟା ନେଇଯିବ ଓ ଶରତଚନ୍ଦ୍ର ସନ୍ତର୍ପଣରେ ଉଆସ ରାସ୍ତାରେ ଆଗେଇ ଚାଲିବେ । ତାଙ୍କର ଉଆସକୁ ଯିବା ଦେଖିଲାଭଳି ଏକ ଦୃଶ୍ୟ । ଖଲିକୋଟ ବଜାରସାରା ଲୋକେ ହାତଯୋଡ଼ି ରାସ୍ତା ଦି' କଡ଼େ ଠିଆ ହେଇଯିବେ । କୁଲିମୂଲିଆ ଗରିବଗରିବା ହାତ ପତେଇବେ । ଏ ଦୃଶ୍ୟ ବଜାର, ସେଠାରୁ ଜଗନ୍ନାଥ ମନ୍ଦିର ଛକ ଓ ସାଆନ୍ତ ସାହି ସାରା ଖେଦି ଯିବ । ଶରତଚନ୍ଦ୍ର ପଂଜାବୀ ପକେଟରେ ହାତ ପୂରେଇ ହାତରେ ଯାହା ପଡ଼ିଲା, ଅଣେ, ଦିଅଣା, ସିଉକେ ସେମାନଙ୍କ ହାତକୁ ବଢ଼େଇଦେବେ । ସେତେବେଳକୁ ପାଞ୍ଚପଇସି, ଦଶପଇସି ଆହୁରି ବାହାରି ନଥାଏ । ଏମିତି ଦାନ ଦକ୍ଷିଣା ଆଉ ଓଳିଗି ମାନ୍ୟ ଭିତରେ

Digitized by srujanika@gmail.com

ଶରତଚନ୍ଦ୍ର ଉବୁଟୁବୁ ହେଇ ଉଆସ ପହଞ୍ଚୁବେ । କଲେଜର ହେଡ୍ କ୍ଲାର୍କ ଟିକିବାବୁ ତାଙ୍କ ଘରଦୁଆରେ ଠିଆ ହେଇଥିବେ । ପ୍ରିନସ୍‌ପାଲ ଶରତଚନ୍ଦ୍ରଙ୍କୁ ଦେଖିଲେ ଦଣ୍ଡବତଟିଏ ମାରି ତାଙ୍କ ପଛେ ପଛେ ଚାଲିବେ । ଉଆସର ସିଂହଦ୍ୱାର ପାରିହେଇ ଶରତଚନ୍ଦ୍ର ଓ ଟିକିବାବୁ ଦଣ୍ଡେ ଠିଆ ହେବେ, ଅଫିସ୍ ସଂପର୍କୀୟ କଥାଭାଷା ହେଲା ପରେ ଟିକିବାବୁ ଅଫିସକୁ ଯିବେ ଏବଂ ଶରତଚନ୍ଦ୍ର କାଠ ସିଡି ଚଢ଼ି ଦରବାର ହଲ ଦେଇ ନିଜ ବଖରା ଆଡ଼େ ମୁହେଁଇବେ । ନିଜ ବଖରାରେ ପହଞ୍ଚି ଧୋତି କୁର୍ତ୍ତା ଓହ୍ଲାଇ ଦେଇ ସଫା ଇସ୍ତିରିଆ ଆଉ ହଳେ ପିନ୍ଧିବେ । ଦେହରୁ କାଢ଼ି ଦେଇଥିବା କୁର୍ତ୍ତା ପକେଟରୁ ଗୋପୀ ଖୋଜା ଲୋଡ଼ା କରି ବଳିଥିବା ଚିଲ୍ଲରା ପଇସାତକ ମାରିନେବ । ନିଜ ବ୍ୟବହାର ପାଇଁ ଶରତଚନ୍ଦ୍ର ବ୍ରହ୍ମପୁରରୁ ଚାରିପାଞ୍ଚ ପେକେଟ କ୍ୟାପ୍‌ଷ୍ଟେନ୍ ସିଗାରେଟ୍ ନେଇଆସିଥାନ୍ତି । ଗୋପୀ ସେଥିରୁ ବି ଗୋଟେ ଖଣ୍ଡେ ପେକେଟ ମାରିନିଏ । ଶରତଚନ୍ଦ୍ର ଏକଥା ଜାଣୁଥାନ୍ତି ସିନା ରାଜାର ରାଜକୀୟ ଢଙ୍ଗଢ଼ାଙ୍ଗ କାଳେ ତଳେ ପଡ଼ିଯିବ ଏଣୁ ହୀନମନ୍ୟତା ପ୍ରକାଶ କରନ୍ତି ନାହିଁ । କିନ୍ତୁ ସିଗାରେଟ୍ ଅବେଳରେ ସରିଗଲେ ଗୋପୀକୁ ଡଲାସନ୍ତି । ଗୋପୀ ନିଜ ପାଖରେ ଲୁଚେଇ ରଖିଥିବା ପ୍ୟାକେଟ୍ ବଜାରରୁ ଆଣିଲି କହି ଶରତଚନ୍ଦ୍ରଙ୍କ ହାତରେ ଧରେଇ ଦିଏ । ଗୋପୀର ଚୋରି ବିଦ୍ୟା ପ୍ରମାଣ କରିବା ପାଇଁ ଶରତଚନ୍ଦ୍ର ଥରେ ଅଭିନବ ଉପାୟଟିଏ ପାଞ୍ଚିଲେ । ସେ ନିଜ ପାଖରେ ବଳିଥିବା ସବୁ ସିଗାରେଟ୍ ଉପରେ ନିଜ ସନ୍ତକ କରିଦେଲେ । ଶିଙ୍ଗୀର ଏ ଚଲାକି ଭଣ୍ଡାରୀ ଜାତିର ରଜାଙ୍କ ଅମଳର ଲୋକ ଗୋପୀ କାହୁଁବା ଠଉରେଇ ଥା'ନ୍ତା । ବଜାରରୁ ଆଣିଦେଲି କହି ଗୋପୀ ଶରତଚନ୍ଦ୍ରଙ୍କ ହାତରେ ତାଙ୍କରି ପେକେଟଟି ହିଁ ଧରେଇଲା । ପେକେଟ୍‌ଟିକୁ ଦେଖି ଅଳପହସି ଶରତଚନ୍ଦ୍ର ଗୋପୀକୁ ଡାକି ନିଜର ଦସ୍ତଖତ ଚିହ୍ନ ଦେଖେଇଲେ । ଗୋପୀ ତ ଗାଲୁଆଟେ, ପାଟି ପାଖରେ ହାତରଖି ଉତ୍ତର ଦେଲା ଛାମୁ ଆଜିକାଲି ବଜାରକୁ ଏଭଳି ନୂଆ ବ୍ରାଣ୍ଡର ସିଗାରେଟ୍ ଆସୁଛି । ଶରତଚନ୍ଦ୍ର ବଡ଼ ରସିକ ଲୋକ, ସେ କହିଲେ ଗୋପୀ ଏଭଳି ବ୍ରାଣ୍ଡର ସିଗରେଟ୍ ହିଁ ମୋ ପାଇଁ ଆଣିବୁ ।

ଏତେ ବଡ଼ ସାତ୍ତ୍ୱିକ ମଣିଷ । ଏଣୁ ସିଗାରେଟ୍ ଖାଇବା, ଦେଖିଲା ଲୋକକୁ ଅଡୁଆ ଲାଗିବ । ସବୁବେଳେ ଧୂମ୍ ପାଇପ୍ ଟଣାହେବ, ବେଳେ ବେଳେ ମଝିରେ ମଝିରେ ସିଗାରେଟ୍ । ମୁଁ ଥରେ ପଚାରିଦେଲି, ଆପଣ ଏତେ ସିଗାରେଟ୍

Digitized by srujanika@gmail.com

କାହିଁକି ଖାଉଛନ୍ତି? ସଙ୍ଗେ ସଙ୍ଗେ ଉତ୍ତର ଫେରେଇ କହିଲେ ଦେଖ, ଦିନାଥ ମୋ ସଂସାର ସହିତ ଯୋଡ଼ି ହେବାପାଇଁ ସିଗାରେଟ ହିଁ ଏକମାତ୍ର ଆସକ୍ତି । ଏଣୁ ଜାଣି ଶୁଣି ମୁଁ ସିଗାରେଟ୍ ସହିତ ଯୋଡ଼ି ହେଇ ରହିଛି ।

ଶରତଚନ୍ଦ୍ର ବ୍ରାହ୍ମମୁହୂର୍ତ୍ତରୁ ନିଦରୁ ଉଠି, ନିତ୍ୟକର୍ମ ପରେ ଜପ, ତପ, ଧ୍ୟାନ ଧାରଣାରେ ବସନ୍ତି । ସେ ଠାକୁର ଫୋଟ,ଫୁଲଚନ୍ଦନ, ଉଦୁବତୀ ପ୍ରଭୃତି ପୂଜା ଉପଚାରରେ ବିଶ୍ୱାସ କରନ୍ତି ନାହିଁ । ତାଙ୍କରି ଧ୍ୟାନ ଧାରଣା ଘଣ୍ଟାଏ ଦେଢ଼ଘଣ୍ଟା ଯାଏଁ ଚାଲେ । ସେ ରାଜଯୋଗରେ ଏକରକମ ସିଦ୍ଧି ପାଇଥିଲେ ବୋଲି ସ୍କୁଲରେ ପ୍ରଚାରିତ ହୋଇଥିଲା । କଟକୀ ହଷ୍ଟେଲର ପିଲାମାନେ ଶରତଚନ୍ଦ୍ରଙ୍କର ଏଭଳି ସିଦ୍ଧି ଅଛି ବୋଲି ବିଶ୍ୱାସ କରୁନଥିଲେ । କିନ୍ତୁ ଗଂଜାମୀ ହଷ୍ଟେଲରେ ଅଧିକାଂଶ ପିଲା ଏଭଳି କଥାରେ ସହମତ ହେଉଥିଲେ । ଶରତଚନ୍ଦ୍ର ଦେବଙ୍କର ଅତି ପ୍ରିୟତମ ଛାତ୍ର ଯୁଧିଷ୍ଠିର ସାହୁ ଏବଂ ଲକ୍ଷ୍ମୀନାରାୟଣ ସାହୁ ଆମ ଗଂଜାମୀ ହଷ୍ଟେଲରେ କଥା ପ୍ରସଙ୍ଗରେ ଏସବୁ ଅଲୌକିକ ଉପଲବ୍‌ଧିର ଅବତାରଣା କରୁଥିଲେ । ଶରତଚନ୍ଦ୍ର କିମିତି ଧ୍ୟାନରେ ବସିଥିବା ସମୟରେ ଭୂଇଁରୁ ହାତେ ଦେଢ଼ହାତ ଉଠି ଶୂନ୍ୟରେ ରହିଥାନ୍ତି ଆଉ ସିଗାରେଟ୍ କଥା ମନେ ପକେଇ ପାରିଲେ ହିଁ ସେ ଶୂନ୍ୟଶରୀରରୁ ପୁଣି ରକ୍ତମାଂସର ସ୍ଥୂଳ ଶରୀରରେ ପ୍ରବେଶ କରନ୍ତି । ତାଙ୍କର ଏ ଭଳି ବୟାନ ଶୁଣିଲା ପରେ ପ୍ରିନସ୍‌ପାଲ୍‌ଙ୍କ ସିଗାରେଟ୍ ସଂପର୍କରେ ବଖାଣିଥିବା ଉକ୍ତି ମନେ ପଡ଼ିଯାଏ । ଯୁଧିଷ୍ଠିର ସାହୁ କିମ୍ବା ଲକ୍ଷ୍ମୀନାରାୟଣ ଭାଇନା, ମୁଁ ତାଙ୍କୁ ଭାଇନା ସମ୍ବୋଧନ କରୁଥିଲି, କିଏ ଜଣେ ନିଜେ ପ୍ରିନସ୍‌ପାଲ୍ ଶୂନ୍ୟରେ ଉଭାହେଇ ଧ୍ୟାନ କରୁଥିବା ସ୍ୱ ଚକ୍ଷୁରେ ଦେଖିଥିବା କଥା କହିଥିଲେ । ମୁଁ ପ୍ରିନସ୍‌ପାଲ୍‌ଙ୍କ ଏଭଳି ଅଲୌକିକ ମହିମାରେ ସଂପୂର୍ଣ୍ଣ ବିଶ୍ୱାସ କରିପାରୁ ନ ଥିଲି । କିନ୍ତୁ ଗଂଜାମୀ ହଷ୍ଟେଲର ପିଲା ହେଇଥିବାରୁ ଓ ଶରତଚନ୍ଦ୍ରଙ୍କ ଖାସ ଚେଲା ହେଇଥିବାରୁ ମୁଁ ନିରବ ରହୁଥିଲି । ମୁଁ ବି ସେତେବେଳେ ପ୍ରତ୍ୟହ ଧ୍ୟାନ କରୁଥିଲି ତଥାପି ଭୂମିରୁ ମୁଁ ଅଧମ ଅଧ ଇଂଚେ ସୁଦ୍ଧା ଉପରକୁ ଉଠିପାରୁ ନ ଥିଲି । ଅବଶ୍ୟ ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଦେବ ଓ ଛାତ୍ର ଦିନନାଥଙ୍କ ଆଧ୍ୟାତ୍ମିକ ସିଦ୍ଧି ଭିତରେ ଆକାଶ ପାତାଳ ତଫାତ ରହିଥିଲା । ପ୍ରିନସ୍‌ପାଲ୍ ଶରତଚନ୍ଦ୍ରଙ୍କ ଧ୍ୟାନ ଧାରଣା ଶେଷ ହେଲା ପରେ ସେ ବ୍ରେକ୍‌ଫାଷ୍ଟ ସାରି ନିଜର ଆଧ୍ୟାତ୍ମିକ ଅନୁଭବ ଓ ଚିନ୍ତାକୁ କବିତା ଆକାରରେ ଲେଖି ଦେଉଥିଲେ। ପ୍ରତିଦିନ ଚାରିପାଞ୍ଚ ପୃଷ୍ଠା ଲେଖେଁ ଲେଖା ହେଉଥିଲା । କେତେବେଳେ ସକାଳୁ ସକାଳୁ ମୁଁ ତାଙ୍କ ପାଖରେ ପହଞ୍ଚିଗଲେ ସେ ତାଙ୍କ କବିତା ପଢି ମୋତେ

Digitized by srujanika@gmail.com

ଶୁଣାନ୍ତି । ଆଧ୍ୟାତ୍ମିକରସର ଚମତ୍କାର କବିତା, ମୁଁ ଜାଣିଛି, ଏହି ଲେଖାଗୁଡ଼ିକୁ ବହି ଆକାରରେ ଛପେଇ ସେ ଋଷିକେଶ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦଙ୍କ ଆଶ୍ରମରେ ସମର୍ପି ଦେଇ ଆସିଥିଲେ । ଅଦ୍ଭୁତ ସମର୍ପଣ ଭାବ ।

ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଦେବଙ୍କ କଳାଶିକ୍ଷା ପଦ୍ଧତି ଶ୍ରେଣୀଗୃହରେ ପ୍ରକାରେ, ଆଉ ନିଜ ଷ୍ଟୁଡ଼ିଓରେ ପ୍ରକାରେ । ଏବେ ଖଲିକୋଟ କଳାମହାବିଦ୍ୟାଳୟର ପ୍ରିନସ୍‌ପାଲ୍ ଦେବକୁଳ ନାରାୟଣ ରାଓ । ନାଁଟା ସୁନ୍ଦର ଲାଗିବ ବୋଲି ଏମିତି ଲେଖିଲି, ନ ହେଲେ ଏମିତିରେ ତାଙ୍କ ନାଁ ଡ଼ି.ଏନ୍.ରାଓ । ଡ଼ି ଏଣ୍ଟିପେରୁର ବିସ୍ତାର ହେଲା ଦେବକୁଳ । ଆଉ କିଛି ଲୋକ 'ଡ଼ି'ର ଅସଲ ତର୍ଜମା ବୁଝିନପାରି ତାଙ୍କୁ ଡାକନ୍ତି ଡକ୍ଟର ନାରାୟଣ ରାଓ । ଅପୂର୍ବ ଚେହେରା । ବିଜେପି ସଭାପତି ଭେଙ୍କୟା ନାଇଡୁଙ୍କ ପାଖାପାଖି ଦେଖାଯାନ୍ତି । ସିଏ ଯଦିଚ ଶରତଚନ୍ଦ୍ରଙ୍କ ଛାତ୍ର ନୁହଁନ୍ତି, ଖଲିକୋଟ କଳା ବିଦ୍ୟାଳୟରେ ଅଧ୍ୟାପକ ଅନନ୍ତ ପଣ୍ଡାଙ୍କ ଛାତ୍ର । ଖଲିକୋଟ ପରଂପରାର ଲୋକ । ରାଓ ମହାଶୟ ଶରତଚନ୍ଦ୍ରଙ୍କ ଖାସ୍ ବଖରାଟିକୁ ଅତିଥିଶାଳାରେ ପରିଣତ କରିଦେଇଛନ୍ତି । ପିଲାଙ୍କ ହଷ୍ଟେଲରୁ ଉଧାର ଆଣି ପାଞ୍ଚ ଛ' କାଠଖଟିଆ ପକେଇଛନ୍ତି । କାଠଖଟ ବା ତକ୍ତପୋଷଗୁଡ଼କରେ ଆନ୍ଧ୍ରଶୈଳୀର ହାଲୁକା ଜାମକୋଳିଆ ରଙ୍ଗ ଦିଆହେଇଛି । ମୁଁ ଏବେ ଯେତେଥର ଖଲିକୋଟ ଆର୍ଟ କଲେଜକୁ ଯାଇଛି ଏହି ଖଟିଆରେ ଶୁଏ, ଶରତଚନ୍ଦ୍ରଙ୍କ ଖାସ୍ କମରାରେ ରାତ୍ରିଯାପନ କରେ । ବନ୍ଧୁ ନାରାୟଣ ରାଓ ମୋତେ ଆତିଥ୍ୟରେ ପୋତି ପକାନ୍ତି । ଶରତଚନ୍ଦ୍ରଙ୍କ ଅଲିଭା ସ୍ମୃତି ଉଜ୍ଜୀବିତ ହେଇଯାଏ । ଏହି ବଖରାକୁ ଲାଗି ଏଟାଚଡ୍ ବାଥରୁମ୍ । ବାଥ୍‌ରୁମ୍‌ରେ ଶରତଚନ୍ଦ୍ରଙ୍କ ବେଳର ମର୍ଦ୍ଧରାଜଙ୍କ ଅମଳର ପୋରସିଲିନ୍ କଲେଇକରା ବାଥ୍‌ଟବ୍ । ବାଥଟବ୍ ଦେଖୁଦେଖୁ ଶରତଚନ୍ଦ୍ରଙ୍କ ନିଜ ଷ୍ଟୁଡ଼ିଓରେ ଆମକୁ ଶିଖାଉଥିବା ଜଳରଙ୍ଗ ଚିତ୍ରର ଶୈଳୀ ମନେ ପଡ଼ିଯାଏ । ମୁଁ ଆଗରୁ ଶରତଚନ୍ଦ୍ରଙ୍କ ଶ୍ରେଣୀ ଗୃହର ଶିକ୍ଷାପଦ୍ଧତି ସଂପର୍କରେ ସମ୍ୟକ୍ ଧାରଣା ଦେଇସାରିଛି ।

ତାଙ୍କର ଷ୍ଟୁଡ଼ିଓ ପଦ୍ଧତି ହେଲା ବଡ଼ ବିଚିତ୍ର । ପିଲାମାନେ, ବିଶେଷ କରି ଗଂଜାମୀ ହଷ୍ଟେଲର ପିଲାମାନେ ସେମାନଙ୍କ ଛବି ନେଇ ତାଙ୍କ ପାଖରେ ପହଞ୍ଚିଲେ ସିଏ ପ୍ରଥମେ ଛବିଟିକୁ ନିରେଖି ନିରେଖି ଦେଖିବେ । ତା'ପରେ ପିଲାଟି ହାତରୁ ଛବିଟିଏ ନେଇ ସେଇ ବାଥ୍‌ଟବ୍ ଭିତରେ ବୁଡ଼େଇଦେବେ । ଛବିଟି ସାମାନ୍ୟ ଭିଜିଗଲା ପରେ ଟବ୍‌ରୁ କାଢ଼ିଆଣି ଛବିର ଯେଉଁ ଜାଗା ଆଲୋକିତ ହେବାକଥା,

Digitized by srujanika@gmail.com

ସେଇ ସେଇ ଅଂଶ ନିଜ ଆଙ୍ଗୁଠି ନଖରେ କୋରି ପକେଇବେ । ତାଙ୍କର ନଖ ଛବି ଉପରେ ଆଖି ପିଛୁଳାକେ ଘୂରି ଆସିବ । ଯିମିତି ଛଲ ପିଚୁରାସ୍ତାଟିକୁ ଇଲେକ୍ଟ୍ରି କିମ୍ବା ସେନିଟାରି ବାଲା ଖୋଳିଖାଳି ଆବୁଡ଼ାଖାବୁଡ଼ା କରି ଦିଅନ୍ତି । ଏବେ ଛବିଟି ମୋଟାମୋଟି ସେମିତି ଦେଖାଯିବ । ଶରତଚନ୍ଦ୍ର ପୁଣି ଛବିଟି ନେଇ ବାଥ୍‌ଟବ୍ ପାଖକୁ ଆସି ଛବି ଉପରେ ଦି' ଚାରି ମଗ୍ ପାଣିଢାଳି ଖଦା ଧୋଇଦେବେ ଓ ତାରି ଉପରେ ଲେମନ୍ ୟେଲୋ ପ୍ରୟୋଗକରି ଛବିର ହାଇଲାଇଟ୍‌ଜାଗାଟିକୁ ହଳଦିଆ କରିଦେବେ ।

ଶରତଚନ୍ଦ୍ରଙ୍କ ଭୂଦୃଶ୍ୟ ଚିତ୍ରଣ ପଦ୍ଧତି ଅନ୍ୟ ଶିଳ୍ପୀମାନଙ୍କଠାରୁ ନିଆରା । ଏବେ ଏଭଳି ପଦ୍ଧତି ଆର୍ଟ କଲେଜମାନଙ୍କରେ ଅନୁସୃତ ହେଉନାହିଁ । ପଦ୍ଧତିଟି ହେଲା ଅତି ସରଳ । ଭୂଦୃଶ୍ୟରେ ଛବିର ଗଭୀରତା ମାପିବାପାଇଁ ତିନୋଟି ସ୍ତର ଅଛି । ପ୍ରଥମଟି ଫୋର୍ ଗ୍ରାଉଣ୍ଡ୍ ବା ସାମନାକୁ ଦେଖାଯାଉଥିବା ଭୂମି ବା ଅଂଶ, ଦ୍ୱିତୀୟଟି ହେଲା ମିଡ଼ିଲ୍ ଗ୍ରାଉଣ୍ଡ୍ ବା ମଝିଅଂଶ ଏବଂ ଶେଷରେ ସ୍କାଇ୍ ବା ଆକାଶ । ଏହି ତିନୋଟି ସ୍ତର ଛବିର ଭେର୍‌ଟିକାଲ୍ ବା ଊର୍ଦ୍ଧ୍ୱରେଖା ଉପରେ ଉପରତଳ ହେଇ ଥାକ ହେଇଥାଏ । ଛବିର ତିନୋଟି ସ୍ତରରେ ସଠିକ୍ ରଙ୍ଗ ପ୍ରୟୋଗ ନ କଲେ ଦୂରତା ବା ଗଭୀରତା ମାପି ହେଇପାରେନି । ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ପିଲାଙ୍କ ଛବିରେ ଏଭଳି ଭୁଲ ଠଉରେଇବା ମାତ୍ରେ ଛବିଟିକୁ ବାଥ୍‌ଟବ୍‌ରେ ବୁଡ଼େଇ ଓଦାଳିଆ କରି ଦିଅନ୍ତି ତାପରେ ଛବିଟିକୁ ଟବ୍‌ରୁ ବାହାର କରି ଫୋର୍ ଗ୍ରାଉଣ୍ଡ୍ ଜାଗାରେ ଲେମନ୍ ୟେଲୋ, ମିଡ଼ିଲ୍‌ଗ୍ରାଉଣ୍ଡରେ ୟେଲୋ ଅକର୍ ଏବଂ ଆକାଶରେ ଉପର ଆଡ଼ୁ ଗାଢ କୋବଲ୍ଟ୍ ଏବଂ ଦିଗନ୍ତ ଆଡ଼କୁ ହାଲୁକା କରି ରୋଜ୍‌ମେଡ଼ର୍ ବ୍ରସ୍‌ରେ ଭସେଇ ଆଣନ୍ତି । ତାପରେ ଦିଗନ୍ତ ପାଖରେ ପାହାଡ଼ ଉପରକୁ ସେ ତୂଳୀରେ ଟେକ୍ ଅଫ୍ କରି ରୋଜ୍‌ମେଡ଼ର୍ ଲଗେଇ ଦିଅନ୍ତି । ରୋଜ୍‌ମେଡ଼ର୍ ଟିକିଏ ଆମ୍ବଠିଆ ହେଇଗଲେ ଶରତଚନ୍ଦ୍ର ଦୂରପାହାଡ଼ ଉପରେ ସାମାନ୍ୟ ଜାମକୋଳି ନତୁବା ଅଲଟ୍ରାମେରିନ୍ ରଙ୍ଗରେ ନଡ଼ିଆ ଓ ତାଳଗଛ ଧାଡ଼ି ଆଙ୍କିଦିଅନ୍ତି । ଏବେ ବାସ୍ତବିକ ପାହାଡ଼ ଏବଂ ତାଳଗଛ ମାଇଲମାଇଲ ଦୂର ପଛକୁ ପଳେଇ ଯାଇ ଛବିକୁ ଗଭୀର ଓ ଗମ୍ଭୀର କରିଦିଏ । ଆଜିକାଲି ଯୁଗରେ ଇଉରୋପିଆନ୍ ରେନାସାଁ ସମୟର ଭୂଦୃଶ୍ୟ ଚିତ୍ରଣର ଏ ପଦ୍ଧତି ପୋଥିବାଇଗଣ ଅବସ୍ଥାକୁ ଆସିଗଲାଣି । ତଥାପି ମୋତେ ଲାଗୁଛି ଶରତଚନ୍ଦ୍ରଙ୍କର ଏହି ଚିତ୍ରଶିକ୍ଷା ପଦ୍ଧତିରେ ସାରବତ୍ତା ଭରି ରହିଛି । ଓଡ଼ିଶାର ଶିଳ୍ପୀମାନେ ଏ ଶୈଳୀକୁ ଆଉଥରେ ଆପଣେଇଲେ ଜଳଚିତ୍ରର ଏକ ନୂଆ ପଦ୍ଧତି ଓଡ଼ିଶାରେ ପୁନଃ ପ୍ରଚଳିତ ହେଇ ପାରନ୍ତା ।

Digitized by srujanika@gmail.com

ଥରେ ମୁଁ ମୋର ଧୌତଚିତ୍ର ଖଣ୍ଡିଏ ନେଇ ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଦେବଙ୍କ ପାଖରେ ପହଞ୍ଚିଲି । ଚିତ୍ରର ବିଷୟବସ୍ତୁ ଥିଲା ଏକ ମନସ୍ତାତ୍ତ୍ୱିକ ଉପଖ୍ୟାନ (ଚିତ୍ର ୧୧ ପ୍ରଥମ ପ୍ରକୋଷ୍ଠ) । ଘର ଭିତରେ ଯୁବକଟିଏ ଶୋଇଛି, ତାର 'କା'ଟିଏ ହାତ ବଢ଼େଇ ସ୍ୱପ୍ନର ପ୍ରାଣପ୍ରତିମାକୁ ଛୁଇଁବାପାଇଁ ଚେଷ୍ଟା କରୁଛି । ହାତ ବଢ଼ଉଛି ଅଥଚ ଛୁଇଁ ପାରୁନି । ମାନସ କନ୍ୟାଟିର ବକ୍ଷ ଉନ୍ମୁକ୍ତ । ସେ ଧରା ଦେବନି ବୋଲି ଆକାଶରେ ଭାସି ଭାସି ଯାଉଛି । ଚିତ୍ରଟି ରାଜା ରବିବର୍ମାଙ୍କ ଶୈଳୀକୁ ଆଧାର କରି ଅଙ୍କିତ ହେଇଥିଲା । ମନେ ପଡୁଛି ରବିବର୍ମାଙ୍କ କଂସ ଓ ବିଜୁଳୀ କନ୍ୟା ଚିତ୍ରର ଛାୟାରେ ମୁଁ ଏହାକୁ ଗାରେଇଥିଲି । କଂସ ପଥର ଉପରେ ଝିଅଟିକୁ କଚାଡ଼ି ଦେଉଛି । ଛୋଟିଆ ଝିଅଟି ଦେବୀରେ ରୂପାନ୍ତରିତ ହେଇଯାଇ ଆକାଶ ମାର୍ଗରେ ଉଡ଼ିଯାଉଛି, କିନ୍ତୁ ଲକ୍ଷ୍ୟ ରହିଛି ଭୂମି ଉପରେ । ମୋ ସ୍ୱପ୍ନ ଛବିର ନାୟିକାଟିର ଭାବଭଙ୍ଗୀ ଅନୁରୂପ ଏଭଳି ଥିଲା । ମୁଁ ଗୋଟିଏ ନିବୁଜ ବଖରା ଭିତରେ ଲୋକଟିକୁ ଶୁଆଇ ଦେଇଥିଲି । ଶରତଚନ୍ଦ୍ର ମୋ ହାତରେ ଛବିଟି ଦେଖି ହଠାତ୍ ପ୍ରଶ୍ନ କଲେ, ଦିନନାଥ ! ଲୋକଟାର ତ ନିଶ୍ୱାସ ରୁଦ୍ଧ ହୋଇଯିବ, ସେ ଶୋଇବ କିମିତି ହେ ? ଦିଅ କହି, ଛବିଟି ମୋ ହାତରୁ ଏକ ରକମ ଛଡ଼େଇ ନେଇଯାଇ ବାଥ୍‌ଟବ୍ ଭିତରେ ବୁଡ଼େଇ ଦେଲେ ଓ ଟବ୍‌ରୁ ଉଠେଇ ଆଣି ନଖରେ କୋରିଦେଇ କାନ୍ଥରେ ଗବାକ୍ଷଟିଏ ଖୋଲିଦେଲେ । ଗବାକ୍ଷ ଦେଇ ଧାଡ଼ିଏ ପାଇନ୍ ଗଛ ବଡ଼ରୁ ସାନ ହେଇ ଦିଗନ୍ତରେ ମିଶିଗଲା । ଆଉ ଆକାଶରେ ଜହ୍ନଟିଏ ଉଇଁ ଗଲା । ଏଥର ସେ ଠୋ ଠୋ ହସି ହସି କହିଲେ, ଦେଖିଲ ! କିମିତି ହେଲା । ଶରତ ଚନ୍ଦ୍ର ସଂଶୋଧନ ଆଳରେ ଛବିରେ ଯାହା ପରିବର୍ତ୍ତନ କଲେ ସେଥିରେ ମୋ ମନ ମାନି ନ ଥିଲା । ସେଠି ମନ ଶୁଖେଇ ଠିଆ ହେବାର ଚାରା ନଥିଲା । ମନକୁ ଯୁଗପତ୍ ପ୍ରସନ୍ନ ରଖି ଛବିଟି ହାତରେ ନେଇ ହଷ୍ଟେଲକୁ ଫେରିଆସିଲି । ସମସ୍ତେ କହିଲେ ଏଡ଼େ ସୁନ୍ଦର ଚିକିଣିଆ ଛବି ନେଇ ପ୍ରିନ୍‌ସ୍‌ପାଲ୍‌ଙ୍କୁ କେବେହେଲେ ତମେ ଦେଖେଇବନି, ଖାସ୍‌କରି ଯଦି ତାହା ଧୌତଚିତ୍ର ହେଇଥିବ ତା'ହେଲେ ମହାବିପଦ । ମୁଁ ତା'ପରଠୁ ଆଉ ଛବିନେଇ ତାଙ୍କୁ ଦେଖେଇଲି ନାହିଁ । ଏହା ମୋ ଖଲିକୋଟ ଜୀବନର ଦ୍ୱିତୀୟବର୍ଷ ଛାତ୍ରଥିବା ବେଳର ଘଟଣା । ମୋ ତୃତୀୟ ବର୍ଷରେ ଅନୁରୂପ ଘଟଣାଟି, ଘଟିଥିଲା । ମୁଁ ଅଏଲ ପେଟିଙ୍ଗ୍ କ୍ଲାସରେ ରମ୍ଭାର ବେଶ୍ୟା ସରସ୍ୱତୀ କୁ ମଡ଼େଲ ବସେଇ, ତା'ର ପୋଟ୍ରେଟ୍ ଷ୍ଟଡ଼ି କରୁଥିଲି । ପ୍ରିନସ୍‌ପାଲ୍ ଶରତଚନ୍ଦ୍ର କ୍ଲାସ ପରିଦର୍ଶନରେ ଆସି ମୋ ପାଖରେ ପହଞ୍ଚିଲେ । ଛବି ପାଖରେ ଠିଆ ହେଇ ପାଇପ୍‌ରୁ ପୁଳେ ଦି'ପୁଳା ଟାଣିଲେ, କହିଲେ ପେଲେଟ୍ ଦିଅ । ମୁଁ ସୁନା ପିଲାଟି ଭଳି ତାଙ୍କ ହାତକୁ

Digitized by srujanika@gmail.com

ପେଲେଟ୍ ଓ ବ୍ରସ୍ ବଢେଇ ଦେଲି । ସେ ସାଧାରଣ ଭାବେ, ପିଲାଙ୍କ ଛବିରେ ହାତ ଦିଅନ୍ତି ନାହିଁ । ସେ କ'ଣ ଭାବିଲେ କେଜାଣି କ୍ରିମ୍‌ସନ୍‌ରୁ ମେଞ୍ଚାଏ ନେଇ ସରସ୍ୱତୀ ଛବିର ଗାଲରେ ଲଗେଇ ହଳଦିଆ ରଙ୍ଗର ଗାଲକୁ ପୁଟୁକା ନାଲି କରିଦେଲେ । ସରସ୍ୱତୀର ଗାଲ ନାଲିଚିଆ ଥିଲା କିନ୍ତୁ ଛବିରେ ତାହା ମୋତେ ଅଡୁଆ ଅଡୁଆ ଲାଗିଲା । ସିଏ ମୋତେ ଚାହିଁ ତୃପ୍ତିର ହସଟିଏ ହସିଦେଲେ । ମୁଁ ମଧ୍ୟ ମନଭିତରେ କଲ୍ମଷ ରଖି ହସି ପକେଇଲି ।

ଶରତଚନ୍ଦ୍ର ବହୁ ଚରିତ୍ର ଓ ବହୁ ଘଟଣା-ଆଧାରିତ ଯେତେ ପ୍ରକାଣ୍ଡ ପ୍ରକାଣ୍ଡ ଲେପ ଚିତ୍ରମାନ ରଚନା କରିଥିଲେ ସେ ସମୟରେ ଖଲିକୋଟ କଳା ବିଦ୍ୟାଳୟର ଜଣେ ହେଲେ ଅଧ୍ୟାପକ ତାଙ୍କ ସମକକ୍ଷ ନ ଥିଲେ । ଏହି ଚିତ୍ରଗୁଡ଼ିକରେ ଭିତ୍ତିଚିତ୍ରର ପ୍ରଚ୍ଛନ୍ନ ପ୍ରଭାବ ବାରିହେଇ ଯାଉଥିଲା । ତାଙ୍କ ଖାସ୍ କୋଠରୀର ପାଖ ବଖରାଟି ଥିଲା ତାଙ୍କରି ଅଫିସ । ଏଠି ଜଣେ ପ୍ରିନ୍‌ସପାଲ୍ ବସି ଅଫିସ୍ କଲାଭଳି ଟେବୁଲ ଚୌକି ସଜିଆ ହେଇଥିଲା, କିନ୍ତୁ ଶରତଚନ୍ଦ୍ର ଏଠି ପ୍ରିନସ୍‌ପାଲ୍ ଢ଼ଙ୍ଗରେ ବସି ଅଫିସ କରିବା ମୁଁ କେବେ ଦେଖିନି । ଏଇ ବଖରାରେ ତାଙ୍କର ତିନୋଟି ଗୁରୁତ୍ୱପୂର୍ଣ୍ଣ ଚିତ୍ର ପ୍ରଦର୍ଶିତ ହେଇଥିଲା । ସେଗୁଡ଼ିକ ହେଲା ଅଯୋଧ୍ୟାକୁ ଶ୍ରୀରାମ ଲକ୍ଷଣ ସୀତାଙ୍କ ପ୍ରତ୍ୟାବର୍ତ୍ତନ ବା କୁହାଯାଉ 'ଭରତ ଭେଟ', ଦ୍ୱିତୀୟଟି ହେଲା 'ଶ୍ଳୋକଛନ୍ଦ' ଓ ତୃତୀୟଟି 'ଫସଲ ଅମଳ ବେଳର ସଙ୍ଗୀତ' । ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଚିତ୍ରରେ ଶହଶହ ଚରିତ୍ରର ସମାବେଶ ଏତେ ନିପୁଣ ଭାବେ , ନିଖୁଣ ଭାବେ ହେଇପାରିଛି ଯେ ଲାଗିବ ଏହା ଶିଳ୍ପୀଙ୍କ ଅନବଦ୍ୟ ସୃଷ୍ଟି । 'ଶ୍ଳୋକଛନ୍ଦ' ଚିତ୍ରଟି ରାମାୟଣର ପ୍ରଥମ ଉଚ୍ଚାରିତ ଛନ୍ଦ ''ମା ନିଷାଦ ପ୍ରତିଷ୍ଠା ତ୍ୱଂମଗମଃ ଶାଶ୍ୱତି ସମା'' ଉପରେ ଆଧାରିତ । କ୍ରୌଞ୍ଚ ମିଥୁନ ଯୁଗଳ ମଧ୍ୟରୁ କ୍ରୌଞ୍ଚର ମୃତ୍ୟୁରେ ବିଗଳିତ ବାଲ୍ମିକୀ ନିଷାଦକୁ ଅଭିଶାପ ଦେବା ପାଇଁ ନିଜ ଶଙ୍ଖରୁ ଜଳଢ଼ାଳି ଦେଇଛନ୍ତି । ଜଳ ଦୁଗ୍ଧ ହେଇ ଶାୟିତା ନୀଳ ସରସ୍ୱତୀଙ୍କ ସ୍ତନଯୁଗଳ ଉପର ଦେଇ ନିଗିଡ଼ି ଯାଇଛି । ସେଇଠୁ ପୁଣି ବହିଯାଇ ଜଳାଶ୍ରୟଟିଏ ସୃଷ୍ଟି ହେଇଯାଇଛି । ଶ୍ଳୋକକୁ ସାକାର କରିବାକୁ ଯାଇ ତାଳପତ୍ର ଖେଦା ଉପରେ ରାମାୟଣରୂପୀ କନ୍ୟାଟି ଜନ୍ମ ହେଇଛି ଓ ସେ ହାତ ପ୍ରସାରିତ କରି ନୀଳ ସରସ୍ୱତୀଙ୍କ ମାତୃସ୍ତନକୁ ଉତ୍‌ଖାଦ୍ କରୁଛି । ମାନସ ସରୋବରରୁ ହଂସଯୁଥ ଉଡ଼ିଆସି ଜଳାଶୟଟିରେ ସନ୍ତରଣ କରୁଛନ୍ତି । ଏଭଳି ଚମତ୍କାରରୂପ ସର୍ଜନା ଓଡ଼ିଶାର ସାଂପ୍ରତିକ ଚିତ୍ରକଳା ଇତିହାସରେ ଅନନ୍ୟ । ଶରତଚନ୍ଦ୍ରଙ୍କର ଏହି ଅଭିନବ କଳ୍ପନାକୁ ଆଧାରକରି ମୁଁ ଏବେ ଶ୍ଳୋକଛନ୍ଦ ନାଁରେ

Digitized by srujanika@gmail.com

ଚିତ୍ରୋପନ୍ୟାସଟିଏ ରଚନା କରିଛି । ଆଗ୍ରହୀ ପାଠକମାନେ ଶରତଚନ୍ଦ୍ରଙ୍କ ଚିତ୍ରକଳାର ଉତ୍କର୍ଷ ସଂପର୍କରେ ଜାଣିବାପାଇଁ 'ଶ୍ଳୋକଛନ୍ଦ' ପାଠ କରନ୍ତୁ ।

ତୃତୀୟ ଚିତ୍ରଟି ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନ ହେଲେ ମଧ୍ୟ ଗୋଟିଏ ରସାଳ ଛବି । ଅଦୂରରେ ନିଛାଟିଆ ଗାଁଟିଏର ଦୃଶ୍ୟ । ଛବି ମଝିରେ ବନ୍ଧୁରିତ ଭୂମି ଉପରେ ଓହଳ ଓ ଶାଖାପ୍ରଶାଖାରେ ଭରପୂର ନିଘଞ୍ଚ ଘନସବୁଜ ପତ୍ରଭରା ବଟବୃକ୍ଷ । ଛବିର ବାମଭାଗରେ ନଦୀଟିଏ ବହିଯାଉଛି । ଗଛମୂଳରେ କ୍ଷେତସମୂହର ମାଲିକ ମାଇପିଙ୍କ କ୍ଷେତକାମକୁ ନିଘା ରଖିଛି । ମାଇପିମାନେ ତଳି ରୋପଣ କରୁଛନ୍ତି । ଜଣେଅଧେ ଶ୍ରମ ଲାଘବ କରିବା ପାଇଁ ଅଣ୍ଟା ସଳଖୁଛନ୍ତି । ଚରିତ୍ର ସଂଯୋଜନା ଓ ବର୍ଣ୍ଣ ଆଡ଼ମ୍ବରରେ ଛବିଟି ଖୁବ୍ ଭାବଗମ୍ଭୀର ।

ମୁଁ ଖଲିକୋଟରେ ପଢୁଥିବାବେଳେ ଯେତେବେଳେ ଶରତଚନ୍ଦ୍ରଙ୍କୁ ଦେଖା କରିବାକୁ ତାଙ୍କ ବଖରାକୁ ଯାଏ ତାଙ୍କଠୁ ଫେରିଲା ବାଟରେ ଅଫିସରେ ଟଙ୍ଗା ହେଇଥିବା ଏହି ଚିତ୍ର ତିନୋଟିକୁ ଧ୍ୟାନର ସହିତ ଅନେଇ ରହେ । ଭାବେ କେଡ଼େ ସୁନ୍ଦର ଓ ତଥ୍ୟଗର୍ଭକ ଏହିଛବି ତିନୋଟି । ଅବଲୀଳାକ୍ରମେ ଏଭଳି ହେଲା, ମୁଁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର କଳା ବିଭାଗର କ୍ୟୁରେଟର୍ ହେଲି ଏବଂ ଏହି ତିନୋଟି ଚିତ୍ରକୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପାଇଁ କିଣିବାକୁ ସରକାରଙ୍କୁ ପ୍ରସ୍ତାବ ଦେଲି । ପ୍ରସ୍ତାବ ଗୃହୀତ ହେଲା ଓ ଛବିତିନୋଟି ସଂଗ୍ରହାଳୟର ଚିତ୍ରବୀଥିରେ ରହିଲା । ଏହି ଚିତ୍ର ସଂପର୍କରେ ସଂଗ୍ରହାଳୟର ଗବେଷଣାମୂଳକ ପତ୍ରିକାରେ ଇଂରାଜୀରେ ପ୍ରବନ୍ଧଟିଏ ଲେଖି ପ୍ରକାଶ କଲି । ଅତ୍ୟନ୍ତ ଦୁଃଖର କଥା ଏ ସବୁ ସତ୍ତ୍ୱେ ସଂଗ୍ରହାଳୟରେ ଚିତ୍ରଯାକକୁ କିଏହେଲେ ହେପାଜତ କଲେ ନାହିଁ ଓ ଶେଷରେ ଚିତ୍ରଗୁଡ଼ିକ କୀଟଦ୍ରଂଷ୍ଟ ହେଇ ଧ୍ୱଂସ ଆଡ଼କୁ ଆଗଉଛି ଏବଂ ସଂପୂର୍ଣ୍ଣ ନିଶ୍ଚିହ୍ନ ହେଇଯିବା ପାଇଁ ଆଉ ବେଶି ସମୟ ବାକି ନାହିଁ ।

ଶରତଚନ୍ଦ୍ର ଦେବ ଓଡ଼ିଶାରେ ଆଧୁନିକ କଳାର ଜନକ । ସେ କଳା ଶିକ୍ଷାର ପ୍ରସାର ପାଇଁ ପ୍ରଥମ କଳା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ପ୍ରଥମ ସରକାରୀ କଳାବିଦ୍ୟାଳୟରେ ପ୍ରଥମ ଅଧ୍ୟକ୍ଷ ଥିଲେ । ଭାଗ୍ୟର ଏଡ଼େ ବିଡ଼ମ୍ବନା ଯେ କଳାର ଅଭିବୃଦ୍ଧି ପାଇଁ ଏତେ ସବୁ ପ୍ରଚେଷ୍ଟା ସତ୍ତ୍ୱେ, ଏତେ ପ୍ରକାର ଅବଦାନ ସତ୍ତ୍ୱେ ସରକାରୀ ବା ବେସରକାରୀ ସ୍ତରରେ ତାଙ୍କୁ ସ୍ୱୀକୃତି ମିଳିଲାନି । ଅନ୍ୟ ଶିଳ୍ପୀମାନେ, ଯେଉଁମାନେ ତାଙ୍କ ଜୀବନରେ ଗୁରୁର ମହାନ ଦାୟିତ୍ୱ ତୁଲେଇ ନ ଥିଲେ, ଗୁରୁପରଂପରାର ମହନୀୟ

Digitized by srujanika@gmail.com

ଭୂମିକାରେ କେବେହେଲେ ଉଦ୍‌ବୁଦ୍ଧ ହେଉନଥିଲେ ସେଭଳି ଶିଳ୍ପୀମାନେ ଶେଷରେ ଗୁରୁବୋଲାଇଲେ, ଆଉ ଅସଲଶିଳ୍ପୀ ଗୁରୁ ଶିଳ୍ପାଚାର୍ଯ୍ୟ ଶରତଚନ୍ଦ୍ର ସମସ୍ତ ଆଡ଼ମ୍ବର, ପ୍ରତିଷ୍ଠା, ସମ୍ମାନରୁ ଦୂରରେ ରହିଲେ । ଶେଷରେ ଖଲିକୋଟର କଳା ମହାବିଦ୍ୟାଳୟଟି ତାଙ୍କ ନାଁରେ ନାମିତ ବି ହୋଇପାରିଲାନି ।

ଶରତଚନ୍ଦ୍ରଙ୍କ ପ୍ରତି ଏତେ ଅସୂୟା କାହିଁକି ? ଏ ଜାତିଟା କ'ଣ ଏତେ କୃତଘ୍ନ ? ଖଲିକୋଟରେ ମୁଁ ପଢୁଥିଲାବେଳେ ତାଙ୍କ ଚିତ୍ରଣ ଶୈଳୀକୁ ଆକ୍ଷେପକରି କୁତ୍ସା ପ୍ରଚାରଟେ ଆରମ୍ଭ କରାଯାଇଥିଲା । କୁହାଗଲା ଶରତଚନ୍ଦ୍ର ଦେବଙ୍କ ଚିତ୍ରର ମୁହଁଗୁଡ଼ିକ ଆଦୌ ସୁନ୍ଦର ନୁହେଁ । ଯେଉଁମାନେ ଏ ଭଳି ଅପପ୍ରଚାରର ନାୟକ ଥିଲେ ହୁଏତ ସେମାନଙ୍କ ଚିନ୍ତା ଭିତରେ ଗୋପାଳ କାନୁନ୍‌ଗୋ ତଥା ଅନ୍ୟାନ୍ୟ ଶାନ୍ତିନିକେତନୀୟ ଧାରାର ଶିଳ୍ପୀଙ୍କ ଚିତ୍ରର ମୁହଁଗୁଡ଼ିକ ଜଳଜଳ ଦେଖାଯାଉଥିଲା । ଭାରତୀୟ ନନ୍ଦନତତ୍ତ୍ୱର ସମୀକ୍ଷା ଭିତରେ ସୁନ୍ଦର ଅସୁନ୍ଦର ଏଭଳି ବିଚାର କରାଯାଏ ନାହିଁ । ଚିତ୍ରକୁ ସୁନ୍ଦର କିମ୍ବା ଅସୁନ୍ଦର ନ କହି ତା'ର ଲକ୍ଷଣ, ରୂପାତ୍ମକତା, ଭାବଭଙ୍ଗୀ ଇତ୍ୟାଦିକୁ ନେଇ ଆଲୋଚନା କରାଯାଇପାରେ । ଏଣୁ ଯେଉଁମାନେ କଳା ସମାଲୋଚନାର ଧାର ଧାରୁନଥିଲେ ସେଭଳି ଅପଣ୍ଡିତମାନେ ଏଭଳି ବିଷମୟ ବାକ୍ୟ ପ୍ରୟୋଗ କରି ଖଲିକୋଟ କଳାବିଦ୍ୟାଳୟର ପରିବେଶକୁ ଦୂଷିତ କରୁଥିଲେ । କଥାଟି ହେଲା ଶରତଚନ୍ଦ୍ର ରାଜକୀୟ ଠାଣିରେ ହାତୀ ଭଳି ରାଜଦାଣ୍ଡରେ ଢ଼ଳିଢ଼ଳି ଚାଲୁଥିଲେ । କିଛି ହୀନମନା ଚିତ୍ରଶିଳ୍ପୀ ତାଙ୍କୁ ସହ୍ୟ କରିନପାରି ଶ୍ୱାନ ଭଳି ପ୍ରଳାପ କରୁଥିଲେ । ଏବେବି କାଁ ଭାଁ ସେମାନେ ଶ୍ୱାନଭଳି ଭୁକୁଛନ୍ତି । ସେମାନଙ୍କ ସ୍ୱର କିନ୍ତୁ ସ୍ତିମିତ ହେଇଗଲାଣି । ଏଣେ ଶରତଚନ୍ଦ୍ରଙ୍କ ଚିତ୍ରର ମହକ, ମହନୀୟତା ବିକଶିତ ହେଇ ଉଠୁଛି । ମୁଁ ଶରତଚନ୍ଦ୍ରଙ୍କ ଆଶିଷ ଲଭିବାର ସୌଭାଗ୍ୟ ଅର୍ଜନ କରିଥିଲି । ମୋ ଶିଳ୍ପୀ ଜୀବନର ବିକାଶରେ ତାଙ୍କର ଅବଦାନ ଚିରସ୍ମରଣୀୟ ।

Digitized by srujanika@gmail.com

ପଣ୍ଡାସାର୍‌ଙ୍କ ସାଂଚାର

ଆମେ ସେତେବେଳକୁ ତୃତୀୟ ବର୍ଷରେ ପଢୁଥିଲୁ । ନୂଆହେଇ ଦୁଇଜଣ ସାର୍ ଆର୍ଟ୍‌ସ୍କୁଲରେ ଯୋଗଦେଲେ । ଜଣେ ଅଏଲ୍‌ପେଟିଙ୍ଗ୍ ବିଭାଗରେ, ଆଉଜଣେ କମର୍‌ସିଆଲ୍ ଆର୍ଟ୍‌ରେ । ଅଏଲ୍‌ପେଣ୍ଟିଙ୍ଗ୍‌ର ଓଡ଼ିଆ ତର୍ଜମା ତୈଳଚିତ୍ର ଭାବରେ ମୋଟାମୋଟି ଗ୍ରହଣୀୟ ହେଇସାରିଥିଲା, କମର୍‌ସିଆଲ୍ ଆର୍ଟ୍‌ର ପରିଭାଷା ଆହୁରି ଠିକଣା ହେଇନଥାଏ । ଦଳେ ଦରପାଠୁଆ ପିଲା ଶୁଦ୍ଧ ଓଡ଼ିଆରେ କହିବାକୁ ଇଚ୍ଛାକରି କହୁଥାନ୍ତି ବାଣିଜ୍ୟକଳା ବିଭାଗ । ସାଧାରଣ ଆର୍ଟସ୍ କଲେଜମାନଙ୍କରେ କମର୍‌ସ ବିଭାଗଟି ମୋଟାମୋଟି କମର୍‌ସ ନାଁରେ ହିଁ ପରିଚିତ ହେଉଥାଏ । ଆର୍ଟସ୍କୁଲର ସେତେବେଳେ କ'ଣ, ସବୁବେଳେ ବିଭାଗଗୁଡିକର ନାମକରଣ ବଡ଼ ଅଜବଧରଣର, ଅଯୌକ୍ତିକ । ଖଲିକୋଟ ଆର୍ଟସ୍କୁଲରେ ଚିତ୍ରକଳା ବିଭାଗ ଦି'ଟା ଥିଲା, ଗୋଟିଏ ଇଣ୍ଡିଆନ୍ ପେଣ୍ଟିଙ୍ଗ୍ ବା ଭାରତୀୟ ଚିତ୍ରକଳା ଆଉ ମୁଁ ଯେଉଁ ବିଷୟକୁ ସ୍ୱତନ୍ତ୍ର ବିଷୟଭାବେ ପଢ଼ିବାପାଇଁ ଚାହୁଁଥିଲି । ତା' ହେଲା ତୈଳଚିତ୍ର । ତାକୁ ପାଶ୍ଚାତ୍ୟ ଚିତ୍ରକଳା ବିଭାଗ କୁହାଯାଉଥିଲେ ବୋଧହୁଏ ଯଥାର୍ଥ ହୁଅନ୍ତା ।

Digitized by srujanika@gmail.com

ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଦେବ ତୈଳଚିତ୍ର ବିଭାଗ ଦାୟିତ୍ୱରେ ଥିବାରୁ ସେଥିପ୍ରତି ମୋର ଆକର୍ଷଣ ବଢ଼ିଯାଇଥିଲା । ପୁଣି ଆମର ବିଶ୍ୱାସ ଥିଲା କଟକୀ ଗଂଜାମୀ ନ୍ୟାୟରେ ପରୀକ୍ଷାବେଳେ ନମ୍ବର ପାଇଁ ଆମକୁ ହଇରାଣ ହେବାକୁ ପଡ଼ିବନି । କମର୍‌ସିଆଲ୍ ଆର୍ଟ୍‌ପ୍ରତି ମୁଁ ପ୍ରଥମରୁ ହିଁ ବିତସ୍ପୃହ ଥିଲି । ମୋର ହୃଦ୍‌ବୋଧ ହେଉଥିଲା ଯେ ଲୋକନାଥ ଭାଇନାଙ୍କ ଶିଳ୍ପକଳା ମନ୍ଦିରର ତାଲିମ୍‌କୁ ବଳି ଏଠି କମର୍‌ସିଆଲ୍‌ରେ ଅଧିକା କିଛି ଶିଖିବାର ନାହିଁ । ଶରତଚନ୍ଦ୍ର ଲଣ୍ଡନ ଫେରନ୍ତା ଏଣୁ ତାଙ୍କ ପାଖରୁ ଯେତିକି ଚିତ୍ରବିଦ୍ୟା ଛଡ଼େଇ ଆଣିପାରିବ ସେତିକି ତମ ଭାଗ୍ୟ ଉଦୟ ହେବ । ଦଳେ ପିଲା ପ୍ରଚାର ଚଳେଇଥିଲେ ଅଏଲ୍‌ପେଣ୍ଟିଙ୍ଗ୍ ପାଠ ରାଜକୀୟ କଳା । ମୋର କିନ୍ତୁ ଧାରଣାଥିଲା ଭାସ୍କର୍ଯ୍ୟ ହିଁ ରଜାମାର୍କା ପାଠ । ଭାସ୍କର୍ଯ୍ୟହିଁ କାଳଜୟୀ କଳା । ଖରା ବର୍ଷା, ଶୀତ କାକର କେଉଁଥିକି ହେଲେ ତାର ପରବାୟ ନାହିଁ । ମିଶର ଦେଶର ସ୍ଫିଙ୍କସ୍ ଓ ଗ୍ରୀକ୍ ଦେଶର ଡ଼ାଏନା ଭାସ୍କର୍ଯ୍ୟଠାରୁ କୋଣାର୍କର ଯୋଦ୍ଧୃଅଶ୍ୱଯାଏଁ ଅବକ୍ଷୟ ସହିତ ଅବିରତ ସଂଗ୍ରାମ କରି ଭାସ୍କର୍ଯ୍ୟ ଏବେ ବି ତାର ଆଣ୍ଟପଣ ବଜାୟ ରଖିଛି । ଚିତ୍ରତ ଆଲଟାମିରାର ଗିରିଗହ୍ୱର ଭିତରେ ନତୁବା ଅଜନ୍ତାର ଗୁମ୍ଫାମାନଙ୍କରେ କାଳକୁ ଡ଼ରି ଲୁଚି ରହିଛି । ଡ଼ରଥାଏ ପୁଣି ଗଂଜାମୀ ପିଲା ଚେତେଇ ଦେଇଥାନ୍ତି ବିପ୍ରସାର୍ କଟକୀ ଲୋକ । ଭାସ୍କର୍ଯ୍ୟ ସ୍ୱତନ୍ତ୍ର ବିଷୟ ନବ, ଫସିଯିବ । ଏଣୁ ଭାସ୍କର୍ଯ୍ୟ ବିଭାଗ ପ୍ରତି ଆକର୍ଷଣ ବେଳେବେଳେ ମନକୁ ବିଚଳିତ କରୁଥିଲେ ମଧ୍ୟ ତୈଳଚିତ୍ରକୁ ଶିକ୍ଷା ଜୀବନର ପାଥେୟ କରିବାପାଇଁ ସ୍ଥିର କଲି ।

ଦିନେ ଷ୍ଟଡିକ୍ଲାସରେ ଏନାଟମି ପଢ଼ଉ ପଢ଼ଉ ପ୍ରିନସ୍‌ପାଲ୍ ଘୋଷଣା କଲେ ଯେ ଆମ ଅଏଲ୍‌ପେଣ୍ଟିଙ୍ଗ୍ କ୍ଲାସକୁ ଶାନ୍ତିନିକେତନ ଫେରନ୍ତା ଜଣେ ସାର୍ ଆସିବେ । ଆମେ ଯେତେକ ଗଂଜାମୀ ପିଲା ଥିଲୁ ସମସ୍ତେ ଶଙ୍କାଗ୍ରସ୍ତ ହେଇପଡ଼ିଲୁ । ଏଇ ନୂଆସାର୍ ଯଦି କଟକୀ ହେଇଥିବେ କଥା ସରିଲା, ଆମ ଭବିଷ୍ୟତ ମାଟିରେ ମିଶିଯିବ । ଆମେ ନୂଆସାର୍‌ଙ୍କ ନାଁ' ଗାଁ ବଂଶଗୋତ୍ର ସନ୍ଧାନରେ ଲାଗିପଡ଼ିଲୁ । ଖୋଜାଲୋଡାରେ ଯେତିକି ଜାଣିହେଲା କୋ କୂଳକୁ ହେଲେ ପାଇଲାନି । ସାର୍ ବିଶ୍ୱବିଖ୍ୟାତ ଭାସ୍କର ରାମକିଂକରଙ୍କ ଛାତ୍ର ଆଉ ବାଲେଶ୍ୱର ଜିଲ୍ଲାର ଲୋକ । ମନ କିନ୍ତୁ ଷୋ'ଳଅଣା ମାନିଲାନି, ଗୋଳେଇ ଘାଣ୍ଟିହେଲା । ଏବେ ସାର୍‌ଙ୍କ ଆଗମନକୁ ଅପେକ୍ଷା ।

Digitized by srujanika@gmail.com

ଆମେ ଲାଇଫ୍‌ଷ୍ଟଡ଼ି କ୍ଲାସରେ କାମ କରୁଚୁ, ଧପ୍ ଧପ୍ ଚେହେରାର ପତଳା ଢ଼େଙ୍ଗା ମଧ୍ୟ ବୟସ୍କ ଗମ୍ଭୀର ଦେଖାଯାଉଥିବା ଲୋକ ଜଣେ କ୍ଲାସ ଭିତରକୁ ପଶିଆସିଲେ । ପିଲାଏ ପରସ୍ପର ଭିତରେ ଫୁସ୍‌ଫାସ୍ ହେଲେ, ନିଶ୍ଚୟ ପଣ୍ଡାସାର୍ । ତାଙ୍କର ପୂରା ନାଁ ଅନନ୍ତ କୁମାର ପଣ୍ଡା, ଇଂରାଜୀ ରେ ଲେଖାହେଲା ବେଳକୁ ଅନନ୍ତୋ ପାଣ୍ଡା ଆଉ ଆମେ ତାଙ୍କୁ ସମ୍ବୋଧନ କରିବା ଆରମ୍ଭ କରିଦେଲୁ ପଣ୍ଡା ସାର୍ । ଚଉଡ଼ା ଗହମିଆ ରଙ୍ଗର ଧଡ଼ି ଥାଇ ଫିନ୍‌ଫିନ୍ ଧଳା ଧୋତି, ଧଳା କୁର୍ତ୍ତାରେ ହାତୀଦାନ୍ତର ଈଷତ୍ ଧଳା ବୋତାମ୍, ଲମ୍ବା ବେକ, ଧାରୁଆ ମୁହଁ, ତିକ୍ଷ ନାକ, ଉଜ୍ଜ୍ୱଳ ଚଉଡ଼ା ଆଖି, ଘୁମନ୍ତ କଳା କଳା ଡୋଳା, ହଳେ ଜମାଣିଆ ନିଶ, ସରୁଆ ଓଠ, କୁଞ୍ଚକୁଞ୍ଚିଆ ମୁଣ୍ଡଉପରକୁ କୁଣ୍ଡିଆ ହେଇଥିବା ବାଳ, ପାଦରେ ଚମଡ଼ାର ଚପଲ, ଚାହାଣିରେ ମାଦକତା ଆଉ ଭାବଭଙ୍ଗୀରେ ଶାନ୍ତିନିକେତନିଆ ଭାବବିନୋଦିଆ ଠାଣି । ତାଙ୍କ ରୂପରେ, ଢ଼ଙ୍ଗରେ, ଭାବରେ ଆମେ ମୁଗ୍ଧ ହେଇପଡ଼ିଲୁ । ମନରେ କିନ୍ତୁ ଦୋ ଦୋ ପାଞ୍ଚଭାବ ଥାଏ, ଲୋକଟା କଟକିଆ ପଡ଼ିଗଲେ ଗଲା, ସର୍ବନାଶ ।

ପଣ୍ଡାସାର୍ ଲାଗୁଥିଲେ ନିଜ ସଂପର୍କରେ ବେଶ୍ ସଚେତନ ଥିଲାଭଳି । ଏଣୁ ପ୍ରଚ୍ଛନ୍ନଭାବେ ତାଙ୍କ ବ୍ୟକ୍ତିତ୍ୱକୁ ଆମ ଉପରେ ଜାହିର କରିବାପାଇଁ ସେ କେତୋଟି କୌଶଳ ସ୍ଥିର କରି ନେଇଥିଲେ ଏବଂ ଆମ ସହିତ ସାକ୍ଷାତ ହେବା ମୁହୂର୍ତ୍ତ ପାଖରୁ ସେ ନିଃଶଙ୍କୋଚଭାବେ ତାହା ପ୍ରୟୋଗ କରିବା ଆରମ୍ଭ କରିଦେଲେ । ସବୁବେଳେ ଇଂରାଜୀ କିମ୍ବା ବଙ୍ଗଳାଭାଷାରେ ହିଁ କଥାବାର୍ତ୍ତା କରିବା, କଥା କହୁକହୁ ବର୍ତ୍ତମାନରୁ ଖସିଯାଇ କେଉଁ ଏକ ଅତୀତ ଭିତରେ ହଜିଯିବା, ବାର୍ତ୍ତାଳାପବେଳେ ଭାବାନ୍ତରରେ କଣ୍ଠକୁ ବାଷ୍ପସଂକୁଳ କରି ନିରବେଇ ଯିବା, ଆଖିତରାଟି ଚାହିଁବା ଅଥଚ କେଉଁ ଏକ ଅଦୃଶ୍ୟ ଦିଗନ୍ତରେ ଦୃଷ୍ଟିବଦ୍ଧକରି ବା କ୍ଲାସ ନସାରି ଅଧାରୁ ବିନାକାରଣରେ କାଳିସୀ ଲାଗିଲାପରି ବା କେଉଁ ଏକ ଅଜଣା ଶକ୍ତିର ଆକର୍ଷଣରେ ଭିଡ଼ିହେଇ, ଆମ ପାଖରୁ ଉଠି ପଡ଼ି ବାହାରିଯିବା ପ୍ରଭୃତି କେତୋଟି ନାଟକୀୟ ଅଭିବ୍ୟକ୍ତି ପଣ୍ଡାସାର୍‌ଙ୍କ ବ୍ୟକ୍ତିତ୍ୱର ଅନନ୍ୟ ଓ କୌତୂହଳୋଦ୍ଦୀପକ ବିଭାବଭାବେ ଆମ ପାଖରେ ଚିହ୍ନଟ କରିଦେଇଥିଲା । ଯେଉଁ ପିଲାମାନେ ଇଂରାଜୀ କିମ୍ବା ବଙ୍ଗଳା କହିପାରୁ ନଥିଲେ, ସେମାନେ ପଣ୍ଡାସାର୍‌ଙ୍କ ପାଖ ପଶିବାକୁ ସାହସ କରୁନଥିଲେ । ଗଂଜାମୀ ପିଲା ବଙ୍ଗଳା ଭାଷାର ଧାର ଧରନ୍ତିନି ଏଣୁ ବଙ୍ଗଳା ଭାଷାରେ ମୋର ବ୍ୟୁତ୍ପତ୍ତି ନରହିବା ସ୍ୱାଭାବିକ । ଅନେକ ବର୍ଷଧରି ଆମେ ମାନ୍ଦ୍ରାଜ ପ୍ରେସିଡେନ୍‌ସି

Digitized by srujanika@gmail.com

ସାଙ୍ଗରେ ମିଶିଯାଇଥିଲୁ ବୋଲି ଗଂଜାମ ଆଡେ କଥାରେ ଲଥାରେ ଇଂରାଜୀ ପ୍ରୟୋଗ । ବାପା ନକହି କହିବେ ଫାଦର୍, ଆମ ଫାଦର୍ ବଡ଼ ରାଗି ଲୋକ ହେ । କଥାଟି ମନକୁ ପାଇଗଲେ କହିବେ ରାଇଟୋ । ମୁଁ ସେତେବେଳକୁ ମେଟ୍ରିକ ପାସ୍ କରିଥିଲେ ମଧ ଏକା ଧାପରେ ଚାରିପାଞ୍ଚଟି ଇଂରାଜୀ ବାକ୍ୟ କହିଦେଉଥିଲି ।

ଆମ ଭିତରେ ବାରଣାପିଲା ମେଟ୍ରିକ ବି ପାସ୍ କରିନଥିଲେ, ଆଠ ପର୍ଯ୍ୟନ୍ତ ପଢ଼ିଥିବେକି ନାହିଁ ସନ୍ଦେହ । ଚିତ୍ରବିଦ୍ୟାକୁ ପାଠକୁ ସାତତାଳ ଅନ୍ତର । ଉଚ୍ଚାରିବାକୁ ଉଦ୍ଦିଷ୍ଟ ଥିବା ବାକ୍ୟଯାକକୁ ମନେ ମନେ ଆଗତୁରା ଇଂରାଜୀରେ ଅନୁବାଦ କରିପାରିଲେତ ପଣ୍ଡାସାର୍‌ଙ୍କ ଆଗରେ କହିହେବ ! ପଣ୍ଡାସାର୍ ପିଲାଙ୍କ ଏହି ଦୟନୀୟ ପରିସ୍ଥିତି ସଂପର୍କରେ ସମ୍ଭବତଃ ସଚେତନ ଥିଲେ । ମୁଁ ଏହି ଅଭାବନୀୟ ପରିପ୍ରେକ୍ଷୀର ସୁଯୋଗ ନେଇ ପଣ୍ଡାସାର୍‌ଙ୍କ ପାଖରେ ପହଞ୍ଚୁଥିଲି ଓ ମୋର ପାରଦର୍ଶିତା ସଂପର୍କରେ ତାଙ୍କୁ ଅବଗତ କରେଇ ପାରୁଥିଲି ।

ସେତେବେଳେ ଖଲିକୋଟର ରାଜନୈତିକ ବ୍ୟୂହଭିତରେ ପ୍ରବେଶକରି ପରିସ୍ଥିତି ଓ ପରିବେଶ ସଂପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ପଣ୍ଡାସାର୍ ମୋତେ ଆୟୁଧ ଭଳି ବ୍ୟବହାର କଲେ ଓ ସମସ୍ତ ପ୍ରକାର ସାହାଯ୍ୟ ଯୋଗେଇ ଦେଇ ତାଙ୍କର ଜଣେ ଯୋଗ୍ୟ ଛାତ୍ରର ଭୂମିକାରେ ଠିଆ କରେଇବାରେ ସେ ଚେଷ୍ଟିତ ରହିଲେ । ମୋ ପାଇଁ ଏହାଠାରୁ ବଳି ଅନ୍ୟ କ'ଣ ଅଧିକ ଉପାଦେୟ ହେଇ ପାରିଥାନ୍ତା । ଗୁରୁଶିଷ୍ୟଙ୍କ ଭିତରେ ଘନିଷ୍ଠତା ସଂଚରିବାକୁ ଲାଗିଲା । ତଥାପି ମୁଁ ପଣ୍ଡାସାର୍‌ଙ୍କ ଚରିତ୍ରର ନାଟକୀୟତାକୁ ଗ୍ରହଣ ନକରି ନିଜଢ଼ଙ୍ଗରେ ନିଜେ ବଂଚିବାକୁ ପସନ୍ଦ କରୁଥିଲି । ଖଲିକୋଟ ଆର୍ଟସ୍କୁଲରେ ଯୋଗଦେବା ଦିନଠୁ ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଦେବଙ୍କ ବିମଳ ବ୍ୟକ୍ତିତ୍ୱର ପରାକାଷ୍ଠା ମୋତେ ଆକ୍ରାନ୍ତ କରିରଖିଥିଲା ।

ଅନନ୍ତ ପଣ୍ଡା ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଉତ୍ତର ବାଲେଶ୍ୱର-ଭୋଗରାଇର ବସନ୍ତ ପଣ୍ଡାଙ୍କ ସୁଯୋଗ୍ୟ ସନ୍ତାନ । ମୁରଲୀଧର ଟାଲି ଯିମିତି ତେଲରଙ୍ଗର ଆଲେଖ୍ୟ ଚିତ୍ରଣରେ ଧୂରୀଣ ଥିଲେ ଓ ପାଶ୍ଚାତ୍ୟ ଚିତ୍ର ଧାରାକୁ ଅତି ଦକ୍ଷତାର ସହିତ ଆପଣେଇ ପାରିଥିଲେ ବସନ୍ତ ପଣ୍ଡା ସିମିତି ବର୍ଣ୍ଣ ପ୍ରଲେପର ସ୍ୱଚ୍ଛତା ରକ୍ଷାକରି ଜଳରଙ୍ଗରେ ଭୂଦୃଶ୍ୟ ଚିତ୍ରଣରେ ସିଦ୍ଧହସ୍ତ ଥିଲେ । ବସନ୍ତ ପଣ୍ଡାଙ୍କ ଚିତ୍ରଣଶୈଳୀ ଦ୍ୱାରା ଅନନ୍ତ ପଣ୍ଡା ପ୍ରଭାବିତ ହେଇଥିଲେ ମଧ, ପଣ୍ଡାସାର୍ ଅତି ଚମତ୍କାର ଏକ ନବ୍ୟଶୈଳୀରେ ଭୂଦୃଶ୍ୟ ଚିତ୍ରଣ କରୁଥିଲେ ଏବଂ ତୈଳଚିତ୍ରରେ

Digitized by srujanika@gmail.com

ତାଙ୍କର ଅପୂର୍ବ ଦକ୍ଷତା ଥିଲା । ଓଦା ତୂଳୀରେ ଏକା ଥରକେ ଗାଢ଼ ଓ ହାଲୁକା ରଙ୍ଗକୁ ପେଲେଟ୍‌ରୁ ଉଠେଇନେଇ କାଗଜ ଉପରେ ଶ୍ରାବଣ ମେଘ ଭଳି ଅଜାଡ଼ି ଦେବା ନିଶ୍ଚିତ ଭାବେ ଦୁର୍ଦ୍ଧର୍ଷ ପଦ୍ଧତୀୟ ବ୍ୟାପର । କିନ୍ତୁ ଏହି ପଦ୍ଧତିରେ ହିଁ ବର୍ଣ୍ଣ ସ୍ୱଚ୍ଛତା ରକ୍ଷା କରିହୁଏ ଓ ଅଯାଚିତ ଭାବେ ସେମାନଙ୍କ ସ୍ୱଚ୍ଛନ୍ଦ ଓ ସାମୟିକ ପରିମିଶ୍ରଣରୁ ଅପୂର୍ବ ବର୍ଣ୍ଣବିଭା ଚକ୍ଷୁ, ମନ ଓ ପ୍ରାଣରେ ସଂଚରିଯାଏ । ପୁଣି ମାତ୍ର ତିନି ଚାରୋଟି ରଙ୍ଗ; କ୍ରୋମ, ଘନହଳଦି, ପ୍ରୁସିଆନ୍ ଘନନୀଳ, ବଣ୍ଡସାଏନା, ମାଟିଆ ଏବଂ ଭରମିଲାନ୍ ସିନ୍ଦୂର ଭଳି ବା କେତେବେଳେ ନିଷିଦ୍ଧବର୍ଣ୍ଣ କଳାର ସାମାନ୍ୟ ସ୍ପର୍ଶଦେଇ ସେ ଅତି ଅଦ୍ଭୁତ ଭାବେ ବର୍ଣ୍ଣାଳୀ ସୃଷ୍ଟିକରିପାରୁଥିଲେ । ଭାରତୀୟ ଚିତ୍ରଣ ପରଂପରାରେ କଳାବର୍ଣ୍ଣର ଯଥେଷ୍ଟ ଗୁରୁତ୍ୱ ସ୍ଥଳେ ପାଶ୍ଚାତ୍ୟ ଜଳରଙ୍ଗର ଚିତ୍ରଣ ପଦ୍ଧିତରେ କଳା ବର୍ଣ୍ଣର ବ୍ୟବହାର ନିଷିଦ୍ଧ । ବର୍ଣ୍ଣ ନିର୍ବାଚନରେ ସଂଯମତା ଅଥଚ ପ୍ରୟୋଗରେ ସଂଚାରୀ ଭାବ ତାଙ୍କ ଚରିତ୍ରଗୁଡିକୁ ସ୍ୱତନ୍ତ୍ରକରି ଚିହ୍ନେଇ ଦେଉଥିଲା । ତୈଳଚିତ୍ରରେ ମୋଟା ମୋଟି ଏକାଭଳି ପ୍ରୟୋଗ କିନ୍ତୁ କଳା ଓ ଧଳା ବିନା ତୈଳଚିତ୍ରର ବର୍ଣ୍ଣବିନ୍ୟାସ ସମ୍ଭବନୁହେଁ । ଧଳା, କଳା ଓ ୟେଲୋ ଅକର୍, ଫିକାକାଇମାଟିଆ ହଳଦୀର ମାତ୍ରାନୁପାତିକ ମିଶ୍ରଣରେ ଅତି ମିଠାଳିଆ ଗ୍ରେ ରଙ୍ଗର ବ୍ୟବହାର ତାଙ୍କର ତୈଳଚିତ୍ରକୁ ଦୃଷ୍ଟିରୋଚକ କରି ଦେଉଥିଲା ।

କିନ୍ତୁ ବିଡ଼ମ୍ବନାର ବିଷୟ ପଣ୍ଡାସାର୍ ଶାନ୍ତିନିକେତନ କଳାଭବନର ଛାତ୍ରଥିଲେ ଯେଉଁଠି ସେବେଳର ପାଠ୍ୟକ୍ରମରେ ନା ତୈଳଚିତ୍ର ନା ଜଳରଙ୍ଗରେ ବିଦେଶୀ ପଦ୍ଧତିର ଚିତ୍ରଚର୍ଯ୍ୟା ସ୍ଥାନ ପାଇଥିଲା । ଭାରତୀୟ କଳା ପରଂପରାର ପରାକାଷ୍ଠାକୁ ଟେକିଧରିବା ପାଇଁ ଆଚାର୍ଯ୍ୟ ନନ୍ଦଲାଲ ଏବଂ ତାଙ୍କର ସହଯୋଗୀ ଶିକ୍ଷୀମାନେ ଶାନ୍ତିନିକେତନରେ ସ୍ୱଦେଶୀ କଳାଧାରାର ପ୍ରବର୍ତ୍ତନ କରିଥିଲେ । ଏଣୁ ଶାନ୍ତିନିକେତନରେ ସ୍ୱଦେଶୀ ଶିକ୍ଷଶୈଳୀରୁ ଉତୁରି ଆସି ପଣ୍ଡାସାର୍ ଖଲିକୋଟରେ ସ୍ୱଚ୍ଛ ଜଳରଙ୍ଗ ଓ ତେଲରଙ୍ଗର ବିଦେଶୀ ଧାରା ଆରମ୍ଭ କରିବାରୁ କଲିକତା କଳାବିଦ୍ୟାଳୟରୁ ଡ଼ିଗ୍ରୀନେଇ ଫେରିଥିବା ତାଙ୍କର ଜଣେ ଦି'ଜଣ ସହକର୍ମୀ ଭ୍ରୂକୁଞ୍ଚନ କରିବା ଆରମ୍ଭ କରିଦେଲେ । ସେତେବେଳେ ମୁଖ୍ୟତଃ ବମ୍ବେର ଜେଜେ ସ୍କୁଲ, ମାନ୍ଦ୍ରାଜର କଳାବିଦ୍ୟାଳୟ ଓ କଲିକତାର କଳାବିଦ୍ୟାଳୟ ପାଶ୍ଚାତ୍ୟକଳା ପଦ୍ଧତିର ପୃଷ୍ଠପୋଷକତା କରୁଥିଲେ । ଶାନ୍ତିନିକେତନିଆ ବୈତାଳିକ କରିବାଲୋକ ସେମାନେ ପୁଣି ସାହେବୀ ଢ଼ଙ୍ଗର ତୈଳଚିତ୍ର କରିବେ, ପିଲାଙ୍କୁ ଚିତ୍ରଶିକ୍ଷୀ କରି ଗଢ଼ିବେ ? ଏକଥା ସେମାନଙ୍କ ମଗଜରେ ଭେଦିଲାନି । ପଣ୍ଡାସାର୍‌ଙ୍କ କଳାଶିକ୍ଷାଗତ

Digitized by srujanika@gmail.com

ଯୋଗ୍ୟତା ଓ ଦକ୍ଷତାନେଇ ଓଡ଼ିଶାର ଅନେକ ଶିଳ୍ପୀଙ୍କ ଚିନ୍ତାରେ ଅଯଥା ସନ୍ଦେହର ଅଳନ୍ଧୁ ଦାନା ବାନ୍ଧିଥିଲା ।

ଆମେ ଶୁଣିବାକୁ ପାଉଥିଲୁ ପଣ୍ଡାସାର୍ କୁଆଡେ ଭାସ୍କର୍ଯ୍ୟ ବିଭାଗ ଓ ତୈଳଚିତ୍ର ବିଭାଗର ଅଧ୍ୟାପକ ପଦବୀ ପାଇଁ ଲୋକସେବା ଆୟୋଗରେ ସାକ୍ଷାତକାର ଦେଇ ଉଭୟ ବିଭାଗପାଇଁ ଯୋଗ୍ୟ ବିବେଚିତ ହେଇଥିଲେ । ରାମ କିଂକରଙ୍କ ଛାତ୍ର ତ, ତାଙ୍କର ଉଦ୍ଦେଶ୍ୟ ଥିଲା ସିଏ ଭାସ୍କର୍ଯ୍ୟ ବିଭାଗରେ ଯୋଗ ଦେବେ କିନ୍ତୁ ଭାସ୍କର୍ଯ୍ୟ ବିଭାଗରେ ଏଡ୍‌ହକ୍ ଭାବେ କାର୍ଯ୍ୟକରୁଥିବା ବିପ୍ରସାର୍‌ଙ୍କୁ ବଂଚେଇବା ପାଇଁ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ପ୍ରରୋଚନାରେ ଭାସ୍କର୍ଯ୍ୟ ବିଭାଗର ଅଧ୍ୟାପକ ପଦବୀ ଛାଡି ତୈଳଚିତ୍ର ବିଭାଗରେ ଅଧ୍ୟାପକ ପଦ ସମ୍ଭାଳିବାକୁ ପଡ଼ିଥିଲା । ଏହାହିଁ ବିପ୍ରସାର୍ ଓ ପଣ୍ଡାସାର୍‌ଙ୍କ ଶୀତଳ ଶତ୍ରୁତାର କାରଣ ହେଇପଡ଼ିଥିଲା । ବିପ୍ରସାର୍ କଲିକତା କଳାମହାବିଦ୍ୟାଳୟରେ ବିଦେଶୀ ଢ଼ାଞ୍ଚାର ପାଠ ପଢ଼ିଥିଲେ, ଏଣୁ କଲିକତା ଓ ଶାନ୍ତିନିକେତନୀୟ କଳାଧାରାର ବୈଷମ୍ୟ ଓ ବ୍ୟବଧାନ ମଧ୍ୟରେ ଶୀତଳ ଶତ୍ରୁତା ଅତ୍ୟନ୍ତ ଅତିଷ୍ଠ ହୋଇ ବେଳେବେଳେ ସୁପ୍ତ ଆଗ୍ନେୟଗିରି ଚଳଚଂଚଳ ହେଲାଭଳି ଫୁଟି ପଡୁଥିଲା ।

ପଣ୍ଡାସାର୍ ନିଜ ତୈଳଚିତ୍ର ବିଭାଗକୁ ଆର୍ଟସ୍କୁଲର ଅନ୍ୟ ସବୁବିଭାଗ ଠାରୁ ଅଧିକ ଦକ୍ଷ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗକରି ଗଢ଼ିବାପାଇଁ ଛାତ୍ରଛାତ୍ରୀଙ୍କ ପିଛା ଦିନରାତି ଲାଗିଥିଲେ । ମଧ୍ୟରାତ୍ରିର ବିଳମ୍ବିତ ପ୍ରହରରେ ଦଳେଛାତ୍ରଙ୍କୁ ସାଙ୍ଗରେ ନେଇ ଖଲିକୋଟ ବଜାରରେ ପହଞ୍ଚିବେ । କେବଳ ବଜାର ବୋଲି ନୁହଁ ମର୍ଦ୍ଧରାଜଙ୍କ ପୁରୁଣା ଗଡ଼ଟି କ୍ଲାନ୍ତିରେ ଗାଢ଼ନିଦ୍ରାରେ ହଜିଯାଇଥିବ । ଚାରିଆଡେ ଅପାର୍ଥିବ ନୀରବତା । ଷ୍ଟ୍ରିଟ୍‌ଲାଇଟ୍‌ର କାଉଁଳିଆ ଆଲୁଅ ତଳେ ଦଳେ ଗୁହାଳଫିଟା ଗୋରୁ ଠିଆହେଇ, ତଳେ ଲେପଟି ପଡ଼ି ପିଠିକଡ଼େଇ ଘୁମଉଥିବେ ଆଉ ପାକୁଳଉଥିବେ । ପଣ୍ଡାସାର୍ ସେ ଆଡ଼କୁ ଠାରି କହିବେ ଗୋରୁଗାଈଙ୍କୁ ଖିନ୍ ଭିନ୍ କରି ଅନୁଧାନ ଓ ଅନୁଶୀଳନ କରିବାର ଏହାହିଁ ପ୍ରକୃତ ମୁହୂର୍ତ୍ତ । ଆମେ ଡ୍ରଇଁ ବୋର୍ଡ଼ ଧରି ସେମିତି ଅମଙ୍ଗୁଆ ରାସ୍ତାକଡ଼େ ନିଠେଇ ପଡ଼ିବୁ । ଗାଈମାନେ ସେମାନଙ୍କ ଅଙ୍ଗସୌଷ୍ଠବକୁ ଯୁବଶିଳ୍ପୀମାନଙ୍କ ଆଗରେ ମେଲେଇଦେଇ ଘଣ୍ଟା ଘଣ୍ଟା ନିର୍ଜୀବ ବସ୍ତୁ ଭଳି ଥିର ହେଇ ରହିବେ । ଆମେ ଲାଇଟ୍‌ଖମ୍ବତଳେ ବେଳେବେଳେ ସ୍ୱତଃସ୍ଫୂର୍ତ୍ତ ଭାବେ, ବେଳେବେଳେ ଅଗତ୍ୟା ପାହାନ୍ତା ପହର ଯାଏଁ ବନେଇ ଚୁନେଇ ନିରେଖି ନିରେଖି ପେନ୍‌ସିଲକୁ ମୁହୁର୍ମୁହୁଃ ମୁନିଆକରି ଗାରେଇ ଯାଉ । ଗାଈଗୋରୁଙ୍କ ଏନାଟମି

Digitized by srujanika@gmail.com

ସେଦିନଠୁ ମୋର ହାତପଇଠ । ଏବେବି ପୁଞ୍ଜେ ଦି' ପୁଞ୍ଜା ସେ ବେଳର ଗାଇ ସ୍କେଚ୍ ମୋ ପାଖରେ ଖଲିକୋଟର ସ୍ମୃତିକୁ ଉଜ୍ଜୀବିତ କରୁଛି । ଦୀର୍ଘ ଚାଳିଶି ବର୍ଷ ତଳର କଥା ।

ପଣ୍ଡାସାର୍ ଦିନେ ଦିନେ ମୁହଁ ଅନ୍ଧାରରୁ ଆମ ହଷ୍ଟେଲ ଭିତରକୁ ପଶିଆସି ମୋ ରୁମ୍ କବାଟରେ ଖଟ୍‌ଖଟେଇବେ । ବଡ଼ପାଟିରେ ଡ଼ାକିବେ । ପାଠୀ ! ପାଠୀ ! ୱାଟର୍‌କଲର୍ ପାଇଁ କେଶପୁର ଯିବା ଉଠିପଡ଼ । ମୋତେ ସାଇକେଲ୍ ଚଳେଇବା ଆସୁନଥାଏ ବୋଲି ପଣ୍ଡାସାର୍ ଜାଣିଥାନ୍ତି । ମୁଁ ଧଡ଼ ପଡ଼ ହେଇ ଉଠେ ଏବଂ ସଂଧ୍ୟାପହରରୁ ହେଣ୍ଡମେଡ୍ ପେପର୍ ମାଉଣ୍ଟହେଇଥିବା ବୋର୍ଡ଼ ଦି'ଟା ଧରି ତାଙ୍କ ସାଇକେଲ୍ ରଡ୍‌ରେ ବସେ । ବୋର୍ଡ଼ଦି'ଟାକୁ ଆଗଚକା ମାଡ୍‌ଗାର୍ଡ଼ ଉପରେ ଠେସଦେଇ ଅଟକେଇ ରଖିଥାଏ । ପଣ୍ଡାସାର୍ ଅତି ସନ୍ତର୍ପଣରେ ସାଇକେଲ ପେଡ୍‌ଲିଙ୍ଗ୍ କରୁଥାନ୍ତି । ଖଲିକୋଟ କେଶପୁର ରାସ୍ତା ପ୍ରବଳ ଉଠାଣି ପକାଣି, ଉଠାଣି ପଡ଼ିଲେ ମୁଁ ଓହ୍ଲେଇପଡିବା ପାଇଁ କହେ, ପଣ୍ଡାସାର୍ କିନ୍ତୁ ଏକଧଡ଼ସିଧା କେଶପୁର ଆଡ଼େ ମୁହେଁଇଥାନ୍ତି, ସୂର୍ଯ୍ୟୋଦୟ ପୂର୍ବରୁ କେଶପୁର ବଜାରରେ ପହଞ୍ଚି ଆମେ ପେନ୍‌ସିଲ ସ୍କେଚ୍ ଆରମ୍ଭ କରିଦେଉ । ଆଜିକାଲି ଆର୍ଟକଲେଜର ପିଲାମାନେ ନୂଆ ଫେସନ୍‌ରୁ ହେଉ ନତୁବା ଅଳସୁଆମିରୁ ହେଉ ହେଣ୍ଡମେଡ୍ ପେପର୍ ମାଉଣ୍ଟ୍ କରିବା କଥା ଧାର ଧରୁନାହାନ୍ତି । ମାଉଣ୍ଟ୍‌କରିବା ପାଇଁ ଉଭୟ ଡ୍ରଇଁବୋର୍ଡ଼ ଓ ହେଣ୍ଡମେଡ୍ ପେପର୍‌କୁ ପାଣିରେ ତିନ୍ତେଇ ନେବାକୁ ହୁଏ । ଓଦା କାଗଜଫର୍ଦ୍ଦକୁ ବୋର୍ଡ଼ ଉପରେ ପାରିଦେଇ କାଗଜ ଉପରେ ପାପୁଲିରେ ପୋଛିଆଣିଲେ ବୋର୍ଡ଼ ଓ କାଗଜ ମଝିରେ ଅଟକିରହିଥିବା ପବନ ଫୋଟକା ପଦାକୁ ବାହାରି ଆସେ । ବୋର୍ଡ଼ଟିକୁ ଦଣ୍ଡେ ଠିଆ କଡ଼ିଆ ରଖିଦେଲେ ପାଣି ନିଗିଡ଼ି ଯାଏ ଓ ତା'ପରେ ବ୍ରାଉନ୍ ପେପର୍‌ର ପଟିଦେଇ ଡ୍ରଇଁ ବୋର୍ଡ଼ର ଚାରିଦିଗକୁ ବାନ୍ଧିଦେଲେ ବୋର୍ଡ଼ ଓ କାଗଜ ଭିତରର ଫାଙ୍କରେ ପବନ ପଶି ଝୁମୁକୁଳେଇ ଦେବାର ଆଉ ଭୟନଥାଏ । ପାଣି ଶୁଖିଗଲେ ହାଡ଼ି ବାଇଦର ଚମଡାଭଳି କାଗଜ ଫର୍ଦ୍ଦଟି ଟାଣିହେଇରହେ ଓ ଏହା ଉପରେ ମନମୁତାବକ ରଙ୍ଗରେ ଖେଳିହୁଏ ଓ ପାଣିପ୍ରକୋପରେ କାଗଜ ଟୋଲାମେଲା ହୁଏ ନାହିଁ ।

ଜଳରଙ୍ଗର ଚିତ୍ରରେ ସକାଳର କଅଁଳ ଖରାକୁ ଧରିପାରିଲେ ଛାଇ ଆଲୁଅର ସଂପାତକୁ ଅତି ଚମତ୍କାରଭାବେ ଛବିରେ ଚିରନ୍ତନ କରି ହୁଏ । ଜଳରଙ୍ଗର ଚିତ୍ରରେ ଛାଇ ଓ ଆଲୁଅର ଖେଳ ଖେଳିବାକୁ ହୁଏ । ପେନ୍‌ସିଲ୍ ଡ୍ରଇଁ କରିବା ପାଇଁ ଅଧଘଣ୍ଟା ସମୟ ଲାଗେ ଆଉ ଘଣ୍ଟାଏ ଲାଗେ ରଙ୍ଗମଡ଼େଇବା ପାଇଁ । ବେଶ୍

Digitized by srujanika@gmail.com

ଦେଢ଼ଘଣ୍ଟା ଦି' ଘଣ୍ଟାରେ ୱାଟର୍‌କଲର୍ ଛବି ସଂପୂର୍ଣ୍ଣ ହେଇଯାଏ । ଆମେ ଆଠ ନଅ ବେଳକୁ ସ୍କୁଲ ଫେରିଆସୁ ।

ଚଟାପଟ୍ ଗାଧୁଆ ପାଧୁଆ ସାରି ଜଳଖିଆ ଖାଇ ପଣ୍ଡାସାର୍ ଦଶବେଳକୁ ଷଡ଼ି କ୍ଲାସରେ ହାଜର ହେଇଯାଆନ୍ତି । ଆମବେଳେ ସଂପୂର୍ଣ୍ଣ ଉଲଗ୍ନ ନାରୀମାନଙ୍କୁ ମଡେଲ ବସେଇ ଛାତ୍ରଛାତ୍ରୀମାନେ ସ୍କେଚ୍ ଅଙ୍କନ କରୁଥିଲେ । ରମ୍ଭାର ଦାରୀଆଣିମାନେ ନ୍ୟୁଡ୍ ମଡ଼େଲ ହେବାପାଇଁ ଆଗଭର ହେଉଥିଲେ । ଷାଠିଏ ଦଶକରେ ଦୈନିକ ମଜୁରି ଥିଲା ପାଞ୍ଚଟଙ୍କା, ଲୁଗାପଟା ପିନ୍ଧି ମଳିଧୂଳି ନହେଇ ପଙ୍ଖାତଳେ ମଡ଼େଲ ବସିଲେ ସନ୍ଧ୍ୟାବେଳକୁ ମିଳିଯାଉଥିଲା ନଗଦ ଆଠଟଙ୍କା । ରମ୍ଭାର ଦାରୀଆଣୀହେଲେ କ'ଣ ହେବ ପ୍ରଥମେ ପ୍ରଥମେ ସେମାନେ ମୁଣ୍ଡରୁ ଓଢ଼ଣା ଖୋଲିବାକୁ ମଧ ମଙ୍ଗୁନଥିଲେ । ଏମିତିରେ କି ମଡ଼େଲ ଷଡ଼ି ହେବ । ହେଡ୍‌କ୍ଲର୍କ ଚିଙ୍କିବାବୁ ପ୍ରିନସ୍‌ପାଲ୍ ମହାଶୟଙ୍କୁ ବୁଝେଇ ଶୁଝେଇ ବିନାଓଢ଼ଣା ହେଲେ ଦୈନିକ ଦଶଟଙ୍କା ପାରିଶ୍ରମିକ ବ୍ୟବସ୍ଥା କରିଦେଲେ । କାଉ ରାବିବାକୁ ତାଳ ପଡ଼ିବାକୁ ଭଳିଆ କଥା । କୁଆଡୁ ଗୋଟିଏ ଦଣ୍ଡା ବଙ୍ଗାଳୀ ଟୋକି ପହଞ୍ଚିଲା କେଜାଣି ଶାଢ଼ୀଖୋଲି, ବ୍ଲାଉଜ୍ ସାୟାପିନ୍ଧି ମଡ଼େଲ ବସିବାପାଇଁ ରାଜି ହେଇଗଲା । ଦଶଟଙ୍କା ବଢ଼ି ପନ୍ଦର ଟଙ୍କା ହେଲା । ସିଏ ତା' ପରେ ବ୍ଲାଉଜ୍‌ଖୋଲି ମଡ଼େଲ ବସିଲା କୋଡ଼ିଏ ପାଇଲା । ଆଉ ସଂପୂର୍ଣ୍ଣ ଉଲଗ୍ନ ହେଲାବେଳକୁ ମଡ଼େଲର ଦୈନିକ ମଜୁରି ପଚିଶ ଛୁଇଁଲା । ବଂଗାଳୀ ଟୋକିକୁ ଦେଖାଦେଖି ଏଥର ରମ୍ଭାର ବେଶ୍ୟାମାନେ ଉଲଗ୍ନ ହେବାକୁ ରାଜିହେଲେ । ଛାଇତଳ ପଙ୍ଖାରେ ଦେହ ମୁଣ୍ଡକୁ କାକରକରି ବସିବେ, ଅଙ୍ଗରେ ପରାସ ହବ ନା ମୁଣ୍ଡରୁ ଝାଳବାହାରିବ । ସିନେମା ହଲରେ ବସି ସିନେମା ଦେଖିଲା ଭଳିଆ କଥା । ପୁଣି ଘଣ୍ଟେବସିଲେ ଦଶମିନଟରେ ଇଣ୍ଟରଭଲ୍ । ଅଣ୍ଟା ସଳଖ କି ବେକ ସଳଖ ସବୁ ମାଫ୍ ।

ଆଚ୍ଛା ଆଚ୍ଛା ଦେହ ଗଢ଼ଣର ମଡ଼େଲମାନଙ୍କୁ ଦେଖିଲେ ପଣ୍ଡାସାର୍ ଖଳଖାଳ ହୁଅନ୍ତି । କାଠ କଂପାସ ବାହାର କରି ଚୁଚୁକ ଦୁଇଟିର ବ୍ୟବଧାନ ମାପନ୍ତି । ନିତମ୍ବର ବେଢ଼ଣ, ଜଘନର ଗୋଲେଇ, ବେକର ମୋଟେଇ ମାପି ବସନ୍ତି । ଚିତ୍ରବିଦ୍ୟା ପ୍ରସଙ୍ଗରେ ଆନୁପାତିକତାରେ ସାମାନ୍ୟ ବ୍ୟତିକ୍ରମ ହେଲେ ରୂପଯୋଜନାରେ ଭଟା ପଡ଼ିବାର ସମ୍ଭାବନାଥାଏ । ରମ୍ଭାମଡ଼େଲମାନଙ୍କର ପ୍ରଶଂସନୀୟ ଅଙ୍ଗ ସୌଷ୍ଠବ ହେଲେ ମଧ ଆଣ୍ଠୁଠାରୁ ଗୋଡ଼ ତଳକୁ ସହସା ସରୁ ହେଇଯାଇ ଥାଏ, ପାଦଦୁଇଟି ଚେପଟା, ବାଗ ଦେଖା ଯାଏନି । ପଣ୍ଡାସାର୍ ଘରୁ ଗୋଡ଼କାଢ଼ି ବାହାରିବା ପୂର୍ବରୁ ସାମାନ୍ୟ ଦେଶୀ ପାନୀୟ ସେବନ କରିଦେଇଥାନ୍ତି,

Digitized by srujanika@gmail.com

ତାଙ୍କର ଆଖିଦୁଇଟି କଷାୟ ଦେଖା ଯାଉଥାଏ । କାଠ କଂପାସର ମୁନିଆ ଦଣ୍ଡ ଦୁଇଟି ସ୍ତନ ପାଖାପାଖି ହେଲେ ଚୁମ୍ବକୀୟ ପ୍ରତିକ୍ରିୟାରେ ମଡ଼େଲର ଦେହ ଶିରି ଶିରି ହେଇଯାଏ । ଚୁଚୁକର ଆବର୍ତ୍ତ ମର୍ମରିତ ହୁଏ ଆଉ ମଡ଼େଲ ଲାଜରେ ସାଗିଯାଏ । ସିଏ ଆଉ କ'ଣ ବା କରିପାରନ୍ତା । ପେଟପାଟଣା ପାଇଁତ ଆମ ଆଗରେ ଉଲଗ୍ନ ହେଇ ସାରିଥାଏ । ଦଇବ ଦଉଡ଼ି ମଣିଷ ଗାଈ ଭଳିଆ କଥା । ପଣ୍ଡାସାର୍ ମଡ଼େଲ ଥ୍ରୋନ୍ ତଳେ ଠିଆହେଇ, ଦେହରେ ହାଡ଼ମାନଙ୍କର ଅବସ୍ଥିତି ଓ ବିଭିନ୍ନ ମଂସପେଶୀରବିନ୍ୟାସ ସଂପର୍କରେ ଅନର୍ଗଳ ଭାଷଣ ଦିଅନ୍ତି ।

ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଖଲିକୋଟ ଆର୍ଟସ୍କୁଲରେ ନ୍ୟୁଡ଼ମଡ଼େଲ ଷ୍ଟଡ଼ି ପରଂପରା ଆରମ୍ଭ କରିଥିଲେ । ଏହା ଏକ ସଂପୂର୍ଣ୍ଣ ବିଦେଶୀ ବ୍ୟବସ୍ଥା । ପାଶ୍ଚାତ୍ୟ ଦେଶର ବଡ଼ବଡ଼ ଚିତ୍ରଶିଳ୍ପୀମାନେ ସେମାନଙ୍କ ଚିତ୍ରସର୍ଜନାରେ ବ୍ୟବହୃତ ନର ଓ ନାରୀମାନଙ୍କର ଆବଶ୍ୟକୀୟ ଅଙ୍ଗଭଙ୍ଗୀ ଓ ଠାଣିପାଇଁ ମଡ଼େଲମାନଙ୍କର ସାହାଯ୍ୟ ନେଉଥିଲେ । ବାସ୍ତବ ମଣିଷ, ପଶୁପକ୍ଷୀ ଓ ପ୍ରକୃତିର ଚିତ୍ରରେ ଯେତିକି ସତ୍ୟନିଷ୍ଠ ଅନୁକରଣ ରହୁଥିଲା ତାହାର ଶୈଳ୍ପିକ ପରାକାଷ୍ଠା ସେତିକି ବୃଦ୍ଧି ପାଉଥିଲା । ଏଣୁ ମଡେଲମାନଙ୍କର ଅଙ୍ଗସୌଷ୍ଠବର ଅନୁଶୀଳନ ଶିଳ୍ପଚର୍ଯ୍ୟାରେ ବିଶେଷ ସହାୟକ ହେଉଥିଲା ।

ପଣ୍ଡାସାର୍‌ଙ୍କ ଶୈଳ୍ପିକ ଅବବୋଧ ଭିତରେ ଦୃଢ଼ ହେଇଯାଇଥିଲା ଯେ ଚିତ୍ରଶିଳ୍ପୀ ଜଣେ ସଂପୂର୍ଣ୍ଣ ନିଆରା ମଣିଷ । ସାମାଜିକ ଜୀବ ହେଇଥିଲେ ମଧ ସମାଜର ନୀତିନିୟମ ଭିତରେ ସେ ବନ୍ଧାନୁହେଁ । ସାଧାରଣଠାରୁ ଭିନ୍ନ ହେଇ ଅସାଧାରଣରେ ପହଞ୍ଚିବାହିଁ ସୃଜନଶୀଳ ମଣିଷର କର୍ତ୍ତବ୍ୟ । ଏଣୁ ସିଏ ନିଜ ଚାଲିଚଳଣିରେ ପାଶ୍ଚାତ୍ୟଶିଳ୍ପୀଙ୍କ ଭଳି ବୋହମିଆନ୍ ଢଙ୍ଗଢ଼ାଙ୍ଗ ପ୍ରଦର୍ଶନ କରୁଥିଲେ । ଦିନ ଦିନ ଧରି କେଶପୁର ବଜାର ଚିତ୍ର ହେଉଛି ତ ହେଉଛି, ପୁଣି ସେଇଠୁ ହଟି ଆରମ୍ଭ ହେଇଯିବ ଚିଲିକାରେ ମାଛଧରା । ସଂଧ୍ୟାମାନ ଖଲିକୋଟରେ କେଞ୍ଚୁଆ ଖୋଜାରେ ଯିବ । ସକାଳୁ ସକାଳୁ ଲାଠିକଣ୍ଟା କେଞ୍ଚୁଆ ଓ ବାଉଁଶ ଖାଳେଇ ଧରି ସାଇକେଲରେ ଛୁଟିବେ କେଶପୁର । ସେଇଠି ପହଞ୍ଚି କେଉଁଠି ଦୋକାନ କଡ଼େ ବାଉଁଶ ତାଟିଉପରେ ସାଇକେଲ ଡ଼େରିଦେଇ ଚିଲିକାପାଣିରେ ସକାଳପହରୁ ପଶିବେ ଯେ ବେଳବୁଡ଼ ଯାଏଁ । ଲାଠିକଣ୍ଟା ପାରିଦେଇ ଭାସମାନ ଟେରେଣ୍ଡାକୁ ଏକା ଲାଖରେ ଅନେଇ ରହିଥିବେ ବୁକୁଏ ପାଣିରେ । ଏହାହିଁ ତ

Digitized by srujanika@gmail.com

ତ୍ରାଟକ । ଖରାରୁ ରକ୍ଷାପାଇବା ପାଇଁ ମୁଣ୍ଡରେ ତଲାରି ଥିବ । ତଥାପି ପାଣି ଉପରେ ପ୍ରତିବିମ୍ବିତ ହେଉଥିବା ଟାଣଖରାର ଧାପେରେ ଛାତି, ବେକଦଣ୍ଡା, କପାଳ, ଗାଲ, ନାକ କଳା ପଡ଼ିଯାଇଥିବ । ଥରେ ଥରେ ଲାଠି କଣ୍ଟାରେ ପଡ଼ିଲେ ଆହ୍ଲାକରି ଭେକଟିଟିଏ ନହେଲେ ମିରକାଳିଟିଏ ପଡ଼ିବ, ଚାରି ପାଞ୍ଚ କେଜିରୁ ଉଣା ନୁହେଁ । ଘରକୁ ଫେରିଲାବେଳକୁ ଖଲିକୋଟ ପାହାଡ଼ ସେପଟେ ସୂର୍ଯ୍ୟ ବୁଡି ଯାଉଥିବେ ଆଉ ଦଳ ଦଳ ହୋଇ କେଉଟ ମଧ ତାଙ୍କ ସାଙ୍ଗରେ ଚିଲିକାରୁ ଘରକୁ ମୁହଁଉଥିବେ । କାର୍ତ୍ତିକ ମାସର ଆକାଶଦୀପ ଖୁଣ୍ଟି ଭଳି ସିଲ୍‌ହଉଟ୍ ମଣିଷଙ୍କ କାନ୍ଧଭେଦି ଲାଠିକଣ୍ଟାଯାକ ଆକାଶ ମୁହାଁ ହୋଇପଡ଼ିଥିବ । ଇଣ୍ଡିଗୋ ଅନ୍ଧାରର ଆସ୍ତରଣ ଭିତରେ କଳାକଳା ମଣିଷମାନେ ଗେରୁଆ ଆକାଶକୁ ପିଠିକରି ସବୁଜ ପାହାଡ଼ର ବେଢ଼ଣ ଭିତରେ ଧୀରେ ଧୀରେ ହଜିଯାଉଥିବେ । ଏଭଳି ଶହଶହ ଚିଲିକା ଫେରାଳିଙ୍କ ସାଂଧ୍ୟଦୃଶ୍ୟ ଖଲିକୋଟ ଆର୍ଟସ୍କୁଲ ପିଲାଏ ଆଙ୍କିଛନ୍ତି ଚିତ୍ରରେ, ଖୋଦେଇ କରିଛନ୍ତି ଲିନୋରେ, କାଠରେ ଆଉ ଭାସ୍କର୍ଯ୍ୟର ତ୍ରିମାତ୍ରିକତାରେ ଅମର କରିଦେଇଛନ୍ତି ।

ଥରେ ପଣ୍ଡାସାର୍‌ଙ୍କ ପ୍ରତିପକ୍ଷର ଲୋକମାନେ ଚିଲିକାରେ ମାଛଧରା ପ୍ରସଙ୍ଗକୁ ନେଇ ରାଜ୍ୟ ବିଧାନସଭାରେ ପ୍ରଶ୍ନ ପଚରା କରେଇଦେଲେ । ସରକାର ନିଜକୁ ବଂଚେଇ ବିଧାନସଭାର ଫ୍ଲୋର ଉପରେ କି ଉତ୍ତର ବା ଦେଇପାରିଥାନ୍ତେ । ଅଡୁଆରେ ପଡ଼ିଲେ । ମାଛଧରା ସହିତ ଚିତ୍ରସର୍ଜନାର କିବା ସଂପର୍କ । ବିଧାସଭାରେ ଚାକିରି କରୁଥିବା ତାଙ୍କର କିଛିବଂଧୁ ତାଙ୍କୁ ଏକଥା ନେଇ ସତର୍କ କରିଦେଲେ । ତାଗିଦାଦେଲେ ଯେ ଚିଲିକାରେ ମାଛମରା ଓ ଚିତ୍ରକଳାର ସଂପର୍କକୁ ନେଇ କିଛି ତଥ୍ୟଭିତ୍ତିକ ପ୍ରମାଣ ଉପସ୍ଥାପନ କରିବାକୁ ପଡ଼ିବ । ଏଠି ପାଠକଙ୍କୁ ସୂଚେଇ ଦେବା ଯଥାର୍ଥ ହେବ ଯେ ଖଲିକୋଟ ଆର୍ଟସ୍କୁଲରେ ଚାକିରି ଆଗରୁ ପଣ୍ଡାସାର୍ ବିଧାନସଭାର ବାଚସ୍ପତି ଓ ମୁଖ୍ୟମନ୍ତ୍ରୀମାନଙ୍କ ଆଲେଖ୍ୟଚିତ୍ର ଅଙ୍କନ କରି ବିଧାନସଭା ଅଫିସର ମହଲରେ ବେଶ ପରିଚିତ ହୋଇଯାଇଥିଲେ । ପଣ୍ଡାସାର୍ ଚିଲିକାରେ ମାଛଧରିବା ପାଇଁ ଗଲାବେଳେ ମୋତେ କେବେ ସାଙ୍ଗକରନ୍ତିନି । କାରଣ ସେ ମୋ ସ୍ୱଭାବଚରିତ୍ରକୁ ଭଲଭାବେ ଆକଳନ କରିଥାନ୍ତି । ମୁଁ ମାଛମାଂସ ଖାଏ ନାହିଁ, ମଦପାଣି କରେନାହିଁ ଏଣୁ ଏସବୁ କାର୍ଯ୍ୟରେ ତାଙ୍କ ସହଚର ହେବା ମୋ ପାଇଁ ଯେତିକି ଦୁରୂହ ବ୍ୟାପାର ତାଙ୍କ ପାଇଁ ମଧ ସେତିକି ଅଡୁଆ । ଚିଲିକାରେ ମାଛମରା ଓ ଖଲିକୋଟ ଉଆସରେ ଚିତ୍ରକଳା ଶିକ୍ଷା ଭିତରେ ସଂମ୍ଭାବ୍ୟ ସାମଞ୍ଜସ୍ୟ ଓ ସମନ୍ୱୟର

Digitized by srujanika@gmail.com

ସୂତ୍ର ବାହାର କରିବାପାଇଁ ଦିନେ ମୁହଁ ଅନ୍ଧାରରୁ ପଣ୍ଡାସାର୍ ମୋତେ ସାଇକେଲ୍‌ରେ ବସେଇ ଚିଲିକା ପାଖରେ ପହୁଞ୍ଚେଇ କହିଲେ ସିଏ ମାଛ ଧରିବେ ଓ ମୁଁ ପେନ୍‌ସିଲ୍‌ରେ ତାଙ୍କ ମାଛଧରା ପୋଜ୍‌ଗୁଡିକର ରିଏଲିଷ୍ଟିକ୍ ସ୍କେଚ୍ ଆଙ୍କିବି । ସପ୍ତାହେ ଭିତରେ କୋଡ଼ିଏ ତିରିଶି ସରିକି ସ୍କେଚ୍ ଜମା ହେଇଗଲା । ପଣ୍ଡାସାର୍ ସ୍କେଚ୍‌ଗୁଡ଼ିକ ନେଇ ଭୁବନେଶ୍ୱର ପହଞ୍ଚିଲେ । ବିଧାନସଭାରେ ଶେଷରେ କୁହାଗଲା ଅଧ୍ୟାପକ ଅନନ୍ତ କୁମାର ପଣ୍ଡା ଛାତ୍ରମାନଙ୍କୁ ମାଛଧରା କେଉଟମାନଙ୍କର ଏକସନ୍ ଡ୍ରଇଁ ବତେଇ ଦେବାପାଇଁ ନିଜ ସାଙ୍ଗରେ ଚିଲିକା ନିଅନ୍ତି । ଏ ସବୁକାର୍ଯ୍ୟର ଉଦ୍ଦେଶ୍ୟ ହେଲା ପ୍ରକୃତି ପର୍ଯ୍ୟବେକ୍ଷଣ, ଚିଲିକାରେ ମାଛଧରା ନୁହେଁ । ଏହାହିଁ ଅସଲ ଚିତ୍ରଶିକ୍ଷା । ଚିତ୍ରଶିକ୍ଷା କେବଳ ପ୍ରତ୍ୟକ୍ଷ ଅନୁଶୀଳନ ଓ ଅନୁଧ୍ୟାନରେ ସମ୍ଭବ ହେଉଥିବାରୁ ଚିଲିକାରେ ମାଛଧରା ସହିତ ସଂପୃକ୍ତ ହେବା ଅଧ୍ୟାପକ ଓ ଛାତ୍ରମାନଙ୍କ ପକ୍ଷେ ଏକାନ୍ତ ଅପରିହାର୍ଯ୍ୟ ବ୍ୟାପାର ।

ଅନନ୍ତ ପଣ୍ଡା ମାସେ ଦେଢ଼ମାସପରେ ଚିଲିକା ମାଛଧରାରୁ ଫେରିପଡ଼ି ଦାରୁଭାସ୍କର୍ଯ୍ୟ ଖୋଦେଇରେ ବୁଡ଼ିଯିବେ । ଦିନରାତି ଅହର୍ନିଶ ଚାଲିବ ଠକ୍ ଠକ୍ । କାଠ ଛେଲି ଶଗଡ଼ ପ୍ରମାଣେ ଗଦାହେବ । ସେଇ ଷ୍ଟୁଡିଓ ଭିତରେ ଝାଡ଼ା ଝପଟ ଛଡ଼ା ସବୁ ନିତ୍ୟ କର୍ମ, ଖାଇବା, ପିଇବା, ଶୋଇବା ସବୁ ସେଇଠି । ବଡ଼ ବଡ଼ ଜର୍‌କିନ୍‌ରେ ରନ୍ଧାଚାଉଳି ଭରିହେଇ ଷ୍ଟୁଡ଼ିଓରେ ଥୁଆ ହେଇଥିବ । ଆର୍ଟିଷ୍ଟିକ୍ ମୁଡ୍ ବଜାୟ ରଖିବା ପାଇଁ ଅଧଘଣ୍ଟାଏ ଘଣ୍ଟାଏ ଅନ୍ତରରେ ଗ୍ଲାସେ ଗ୍ଲାସେ ସେବନ ହେଉଥିବ । ଘରେ ମନ ବିସ୍ତାପରେ ଗୁରୁମାତା ଉର୍ବଶୀ ଦିନକାଟୁଥିବେ । ରାତିଯାକ ଅସହ୍ୟ ବେଦନା । ଶିଳ୍ପୀକୁ ବାହାହେଇ ଜୀବନ ବ୍ୟର୍ଥ ହେଇା । ପଣ୍ଡାସାର୍‌ଙ୍କ ବୁକେ ଉଚ୍ଚର ଭାସ୍କର୍ଯ୍ୟ ଉତୁରିଲା ବେଳକୁ ଦୁଇତିନିମାସ ଲାଗିଯିବ । ଶିଳ୍ପୀର ଜୀବନତ ଏଇଆ । ଆମେ ବେଳେବେଳେ ଷ୍ଟୁଡ଼ିଓ କବାଟ ଫାଙ୍କରେ ଓ ଅଧାମେଲା ଝରକା ଦେଇ ନିଜର କୌତୂହଳ ମେଣ୍ଟାଉଥିଲୁ ।

ଭାସ୍କର୍ଯ୍ୟ ଖୋଦେଇ ସରିଲା, ଏବେ ଆରମ୍ଭ ହେଇଯିବ ପକ୍ଷୀଶିକାର । ପକ୍ଷୀଶିକାର ବୋଇଲେ ମୁଖ୍ୟତଃ ବାଦୁଡ଼ି ଧରା । ବାଦୁଡ଼ି ମାଂସ କୁଆଡ଼େ ଖୁବ୍ ସ୍ୱାଦିଷ୍ଟ । ପଣ୍ଡାସାର୍ ହେରିକା ପ୍ରଥମେ ପ୍ରଥମେ ଗଛଉପରକୁ ଜାଲଫିଙ୍ଗି, ଜାଲରେ ଝୁଲୁଥିବା ସୂତାକୁ ତଳକୁ ଟାଣି ଆଣି ଧରାପଡ଼ିଥିବା ପକ୍ଷୀମାନଙ୍କୁ କାବୁ କରିଦେଉଥିଲେ । ପକ୍ଷୀଶିକାର ଜଣକିଆ କାମ ନୁହେଁ, ସାଙ୍ଗରେ ଥିବେ ଅଧ୍ୟାପକ ଅଜିତକେଶରୀ ଓ ଅଧ୍ୟାପକ ଲୋକନାଥ ଶତପଥୀ, ସମସ୍ତେ ଖଣ୍ଡେ ଖଣ୍ଡେ

Digitized by srujanika@gmail.com

ହାପ୍‌ପେଣ୍ଟ ଆଉ ଦେହରେ ଖଣ୍ଡେ ଖଣ୍ଡେ ଗେଞ୍ଜି ନାଇଥିବେ । ହାତରେ ତିନିସେଲିଆ ଟର୍ଚ୍ଚଲାଇଟ୍ ଥିବ । ଜାଲରେ ପଡ଼ି ପକ୍ଷୀଟିଏ ଅସହାୟ ଭାବେ ପଡ଼୍‌ପାଡ଼୍ ହେଉଥିବା ବେଳେ ଶତପଥୀ ସାର୍ ଟର୍ଚ୍ଚମୁଣ୍ଡରେ ପାହାରେ ପକେଇ ପକ୍ଷୀପ୍ରାଣକୁ ନିଃଶେଷ କରିଦେବେ । ଜାଲରେ ଧରା ପଡ଼ି ଅସହାୟ ଅବସ୍ଥାରେ ଥିବା ପକ୍ଷୀର ବା ଟାଣ କେତେ ? ଏମିତି ପଦ୍ଧତିରେ ଶିକାର କିଛିଦିନ ଚାଲିଲାପରେ କଳାହାଣ୍ଡି କେଶିଙ୍ଗାର ଗୋଟିଏ ପିଲା କାଶୀନାଥ ଜେନା ଗୋଟିଏ ନୂଆବାଗରେ ଅଠାକାଠିରେ ଶିକାର କରିବାର ମଜା ବୁଝେଇ ଦେଲା । କାଠି ଗୁଡ଼ିକ ଇମିତି ବାଗରେ ସିଏ ତିଆରି କଲାଯେ ଗୋଟିଏ କାଠିର ପଛପଟେ ଆଉଗୋଟିଏ କାଠିର ମୁନିଆ ଅଗ ପଶି ଲାଖିରହିପାରିବ । ସବା ଅଗରେ ଲାଗୁଥିବା କାଠିର ମୁଣ୍ଡରେ ଲୁହାର ଗୋଟିଏ ତିଖ ଖଞ୍ଜା ହେଉଥିଲା । ତଳଆଡୁ ଗୋଟିଏ ଗୋଟିଏ କରି କାଠି ଖଞ୍ଜାହେଇଥିବ ଓ ତାହା ନଳପ୍ରମାଣେ ଲମ୍ବହେଇ ବାଦୁଡ଼ି ଝୁଲୁଥିବା ଗଛଡ଼ାଳ ପାଖାପାଖି ହେଇଯିବ । ବାଦୁଡ଼ି ଡ଼ାଳରୁ ତଳମୁହାଁ ହେଇ ଝୁଲିଥାଏ ଓ ତ୍ରସ୍ତ ଅନୁଭବ କଲେ ତଳମୁହାଁ ହେଇହିଁ ଉଡ଼ିବ । ନଳରେ ଲାଗିଥିବା ତୀକ୍ଷ୍ଣ ଲୁହାତିଖର ସ୍ପର୍ଶରେ ତଳକୁ ଲମ୍ପଦେଇ ଉଡ଼ିବାକୁ ଚେଷ୍ଟାକରିବ ଆଉ ତା ଦେହରେ ତୀରଟି ଭୁସି ହେଇଯିବ । ତାପରେ ବାଦୁଡ଼ି ମାଂସର ପିଣ୍ଡୁଳାଟି ହେଇ ଆପେ ଧରାପଡ଼ିଯିବ ଏମାନଙ୍କ ପାଖରେ । ମାଂସଲୋଭରେ ଏ ଅଧ୍ୟାପକ ତିନିହେଁ ଅତି ଦୟନୀୟଭାବେ ବାଦୁଡ଼ିଙ୍କୁ ହତ୍ୟା କରୁଥିଲେ । ସେମାନେ ମୃତବାଦୁଡ଼ିଙ୍କୁ କାନ୍ଧରେ ଝୁଲେଇ ସଗର୍ବେ ଘରକୁ ଫେରିଲା ବେଳକୁ ରାତି ଦୁଇ ତିନ । ତା'ପରେ ଆରମ୍ଭ ହେଇଯିବ ବାଦୁଡ଼ିଙ୍କୁ କେଳାକେଳି କରିବା ପର୍ଯ୍ୟାୟ । ମସଲାମସଲି ବାଟିବା ଆଉ ରୋଷେଇ ସରିଲା ବେଳକୁ କୁଆ କା କରିବେଣି । ସେଇ ପାହାନ୍ତା ପହରରେ ସେମାନଙ୍କ ଆସୁରୀ ଭୋଜନଟିଏ ବଢ଼ିବ ମହାଆନନ୍ଦରେ । ତା' ସାଙ୍ଗରେ ଥିବ ଦେଶୀ କିମ୍ବା ବିଦେଶୀ ପାନୀୟ । ସକାଳ ପହରୁ ସେମାନେ ଶୋଇବେ ଯେ ଉଠିଲା ବେଳକୁ ଅପରାହ୍ଣ ଗଡ଼ି ଯାଇଥିବ । ତାପରେ ଗାଧୁଆ ପାଧୁଆ ସାରି ଭୋଜନଟିଏ ବଢ଼େଇଦେଇ ଆର୍ଟସ୍କୁଲ ଆଡ଼େ ଘେରାମାରି ଫେରିଲାବେଳକୁ ସଂଧ୍ୟା । ପୁଣି ସେତେବେଳକୁ ଶିକାରରେ ବାହାରିବା ବେଳ ଆସନ୍ନ ହେଉଯାଇଥିବ । ଏମିତି ଶିକାର ପର୍ବଚାଲିବ ମାସେଦେଢ଼ମାସ । ଅସଂଖ୍ୟ ନିରୀହ ପକ୍ଷୀ ଏମାନଙ୍କ ମାଂସଲୋଭ ପାଇଁ ବଳି ପଡ଼ିଯିବେ ।

ତାପରେ ସବୁ ଛାଡ଼ିଛୁଡ଼ି ଦେଇ ପଣ୍ଡାସାର୍ ପିଲାଙ୍କ ପଛରେ ଲାଗିଯିବେ । ଦିନବେଳା ତ କ୍ଲାସ ହେବ । ସେତିକିରେ ମନ ତୋଷ ହେବନି । ସଂଧ୍ୟା

Digitized by srujanika@gmail.com

ଯାଇ ରାତିଅଧଯାଏଁ ଷଢ଼ି ହେଉଥିବ । କଂପୋଜିସନ୍ କ୍ଲାସ ଚାଲୁଥିବ, ଲାଗୁଥିବ ଯିମିତି ଅଖଣ୍ଡ ନାମଯଜ୍ଞ ବାଜିଛି । ପଣ୍ଡାସାର୍ ଆମ ସାଙ୍ଗରେ ଛବି ଆଙ୍କୁଥିବେ ପୁଣି ରଙ୍ଗତୂଳୀ ଥୋଇଦେଇ ମାତିଯିବେ ସଂଗୀତରେ । ସୀତାଖରେ ରେୟାଜହେବ, ବେଳେବେଳେ ମୁଡ୍ଡ଼ର ପ୍ରଚୋଦନା ତୀବ୍ରହେଲେ ସେ ଆଳାପକରି ବସିବେ । ସୁନ୍ଦର କଣ୍ଠ, ଓସ୍ତାଦ ଭଳିଆ ଗଳାର କାମ । ଆମେ ତଟସ୍ଥ ହେଇ ତାଙ୍କ ମୁହଁକୁ ଅନେଇ ରହିବୁ । ସିଏ ସଂଗୀତର କଲ୍ଲୋଳରେ ଭାସି ଭାସି ହଜିଯାଉଥିବେ ଶାନ୍ତିନିକେତନର ପୁରୁଣା ସ୍ମୃତିରେ । ଚିତ୍ର ଓ ସଂଗୀତ ଏକାକାର ହେଇ ନାଦରେ ପରିଣତ ହେଇଯାଉଥିବ । ଜୀବନରେ ପ୍ରଥମକରି ମୁଁ ବୁଝିଲି ଚିତ୍ର ଓ ସଂଗୀତ, ବର୍ଣ୍ଣ ଓ ସ୍ୱରର ଯୁଗଳବନ୍ଦୀ, ପ୍ରଥମକରି ମୋର ଏ ଅପୂର୍ବ ଅନୁଭବ ହେଲା । ଚିତ୍ର ଉତ୍ତରିତ ହେଲେ ସଂଗୀତ ହେଇଯାଏ । ଏହାହିଁ ସ୍ୱଦେଶୀ କଳାର ପରଂପରା, ଏହାହିଁ ରବୀନ୍ଦ୍ର ପରଂପରା ।

ଖଲିକୋଟ ଆର୍ଟସ୍କୁଲରେ ତୈଳଚିତ୍ର ବିଭାଗହିଁ ଓଡ଼ିଶା ମାଟିରେ ଆଧୁନିକତାର ମନ୍ଦାକିନୀ ବୁହାଇ ଦେଇଥିଲା । ଏଠି ଯେଉଁ ସ୍ଫୁଲିଙ୍ଗ ଉଦ୍ଭବ ହେଲା ତାହା ଶେଷରେ ଉଦ୍‌ଭାଷରେ ପରିଣତ ହେଇଯାଇ ସମଗ୍ର ଓଡ଼ିଶାକୁ ଆଧୁନିକତାର ଉଜ୍ଜ୍ୱଳ କିରଣରେ ଆଲୋକିତ କରିଦେଲା । ଅଜିତକେଶରୀ ଭାରତୀୟ ଚିତ୍ରକଳା ବିଭାଗର ଅଧ୍ୟାପକ ହେଲେ ମଧ୍ୟ ତାଙ୍କର ଆତ୍ମିକ ସଂପର୍କ ଥିଲା ଆଧୁନିକ ଚିତ୍ରକଳା ସହିତ । ପଣ୍ଡାସାର୍ ଓ ଅଜିତସାର୍‌ଙ୍କ ମଧ୍ୟରେ ମନୋବୃତ୍ତିର ସାମ୍ୟ ଓ ଆଭିମୁଖ୍ୟର ସମାନତା ଥିଲା, ଉଭୟଙ୍କ ମଧ୍ୟରେ ଶାନ୍ତିନିକେତନୀୟ ବନ୍ଧନ ବଳବତ୍ତର ଥିଲା । ଦୁହେଁ ଥିଲେ ଶାନ୍ତିନିକେତନର ପ୍ରାକ୍ତନ ଛାତ୍ର । ସର୍ବୋପରି ଏହି ବିଭାଗ ଉପରେ ପ୍ରିନସ୍‌ପାଲ୍ ଶରତଚନ୍ଦ୍ରଙ୍କ ଶୁଭଦୃଷ୍ଟି ଥିଲା । ଅଜିତକେଶରୀ ଯିମିତି ପିକୋସୋଙ୍କୁ ଓଡ଼ିଶା ଆଣିଲେ, ପଣ୍ଡାସାର୍ ସିମିତି ରାମକିଙ୍କରଙ୍କୁ ଖଲିକୋଟରେ ଉଭାକରେଇଦେଲେ । ଶାନ୍ତିନିକେତନରେ ପିକୋସୋ ରାମକିଙ୍କରଙ୍କ ଶିଳ୍ପ ମାନସିକତାରେ ସିଂହାସନ ଆବୋରି ବସିସାରିଥିଲେ । ଚିତ୍ରକଳା କ୍ଷେତ୍ରରେ ଯେତେସବୁ ଆଧୁନିକ ପରୀକ୍ଷା, ନିରୀକ୍ଷା ତୈଳଚିତ୍ର ବିଭାଗରେ ହିଁ ଘଟୁଥିଲା । ନିର୍ଦ୍ଧାରିତ ପାଠ୍ୟକ୍ରମର ଗଡ଼ାଳିକା ପ୍ରଭାବରୁ ମୁକ୍ତହେଇ ଆଧୁନିକତାର ମନ୍ତ୍ରାଲୋକରେ ନିଜକୁ ପଖାଳି, ନୂଆନୂଆ ସୃଷ୍ଟି କରିବାକୁ ପଣ୍ଡାସାର୍ ପିଲାଙ୍କୁ ଅନୁପ୍ରେରଣା ଯୋଗାଇଦେଉଥିଲେ । ପିଲାଙ୍କ ମନରୁ ବଦ୍ଧମୂଳ ଧାରଣା ଦୂର କରିବା ପାଇଁ କହିବେ - ଗଛର ପତ୍ର ସବୁଜ ନୁହେଁ କି ଆକାଶର ରଙ୍ଗ ନୀଳ ନୁହେଁ । କଥାଯାକ ଏବେ ସରଳ ସହଜ ଲାଗୁଛି କିନ୍ତୁ ଗଛକୁ ସଂପୂର୍ଣ୍ଣ ନାଲିରଙ୍ଗରେ

Digitized by srujanika@gmail.com

ଚିତ୍ରେଇବା ପାଇଁ ବା ଆକାଶକୁ ଶାଗୁଆ କରିଦେବା ପାଇଁ ସେତେବେଳେ ଆମର ସାହସ ହେଉନଥିଲା । କିନ୍ତୁ ଏହି ପରିବର୍ତ୍ତନ ଭିତରେ ହିଁ ଆଧୁନିକତାର ସ୍ୱର ସ୍ପଷ୍ଟ ହେଇ ଶୁଣାଯାଉଥିଲା ।

ଷ୍ଟ୍ରେଚର୍ ଫ୍ରେମ୍‌ରେ କ୍ୟାନ୍‌ଭାସ୍ ମାଉଣ୍ଟ୍‌କରିବା ଏବଂ କ୍ୟାନଭାସ୍ ଉପରେ ଟେକ୍‌ଶ୍ଚର୍ ହ୍ୱାଇଟ୍ ଦେବା ଓ ଚିତ୍ରସରିଗଲାପରେ ସୁନ୍ଦର ଫ୍ରେମ୍‌ଲଗେଇ ଚିତ୍ରକୁ ପ୍ରଦର୍ଶନଯୋଗ୍ୟକରିବା କଥା ପଣ୍ଡାସାର୍ ହିଁ ଆମକୁ ଶିଖେଇଥିଲେ । ହଷ୍ଟେଲରେ ତା'ପରେ ଟେକ୍‌ଶ୍ଚର୍ ପ୍ରସ୍ତୁତି ପାଇଁ ସିରିସ ଅଠା, ଡ଼ବଲ ବଏଲ୍‌ଡ଼ ଲିନ୍‌ସିଡ଼ ଅଏଲ୍ ଓ ଜିଙ୍କ୍ ହ୍ୱାଇଟ୍ ଏକା ସାଙ୍ଗରେ ଷ୍ଟୋଭ୍‌ରେ ରନ୍ଧା ହେଲା । ଏବେ ସିନା କେମେଲ୍ ରଙ୍ଗ କଂପାନୀ ଟେକ୍‌ଶ୍ଚର୍ ହ୍ୱାଇଟ୍ ଡ଼ିବା ବିକିଲାଣି, ଆଗରୁ ଏ ସଂପର୍କରେ ଆମର ଧାରଣା ବି ନଥିଲା । ଆମେ ମୟୂରଗିରା ପଡ଼ି ରନ୍ଧାହେଇଥିବା ମଇଦା ଅଠା କ୍ୟାନ୍‌ଭାସ୍ ଉପରେ ପ୍ରଲେପ ଦେଇ ଚିତ୍ର କରୁଥିଲୁ ।

ତୈଳଚିତ୍ର ବିଭାଗ ଓ ଏହି ବିଭାଗର ଛାତ୍ରମାନେ ଓଡ଼ିଶାର କଳାକ୍ଷେତ୍ରରେ ବହୁ ନୂଆ ପରଂପରା ଆରମ୍ଭ କରିବାରେ ସଫଳ ହେଇଛନ୍ତି । ପଣ୍ଡାସାର୍ ମନପ୍ରାଣ ଦେଇ ଛାତ୍ରମାନଙ୍କୁ ଗଢ଼ିବା ପାଇଁ ଚେଷ୍ଟାକରୁଥିଲେ ଏବଂ ସେମାନଙ୍କ ଭିତରେ ସିଏ ବଂଚି ରହିବାର ଆଶା ପୋଷଣ କରିଥିଲେ । ତାଙ୍କର ଆଶା ଓ ସ୍ୱପ୍ନ ଫଳବତୀ ହେଇ ପାରିଥିବା ଖୁବ୍ ଗର୍ବ ଓ ଗୌରବର ବିଷୟ । କିନ୍ତୁ ତାଙ୍କ ଛାତ୍ରମାନଙ୍କର ସମୃଦ୍ଧିରେ ଆନନ୍ଦିତ ହେବାର ମାନସିକତା ପରବର୍ତ୍ତୀ କାଳରେ ସିଏ ହରେଇ ବସିଲେ । ଏବେ ତାଙ୍କୁ ଦେଖିଲେ ଷାଠିଏ ଦଶକର ପ୍ରାଣ ପ୍ରାଚୁର୍ଯ୍ୟଭରା ସେଇ ମଣିଷଟିର କଥା ମନେ ପଡ଼ିଯାଉଛି । ମନେ ପଡ଼ିଯାଉଛି ପଣ୍ଡାସାର୍‌ଙ୍କ ସୃଜନ ଶକ୍ତିର ଅଫୁରନ୍ତ ଅମାପ ଉତ୍ସ । ଏବେ ସେ ପଥଭ୍ରଷ୍ଟ ମଣିଷ, ଜୀବନର ସବୁ ଓଜ, ତେଜ, ଆନନ୍ଦଦାୟିକା ଶକ୍ତି ସ୍ତିମିତ । ସେ ଲାଗୁଛନ୍ତି ଜଣେ ପରାଜିତ ପ୍ରତିଦ୍ୱନ୍ଦୀ ଭଳି ।

ପଣ୍ଡାସାର୍ କହିଲେ ଦିନେ ଚିତ୍ର, ଭାସ୍କର୍ଯ୍ୟ, ସୀତାର, ସଂଗୀତ, କବିତା, ଉନ୍ମାଦନା ଓ ପ୍ରଚୋଦନାକୁ ବୁଝଉଥିଲା । ଏବେ ମନେ ପଡ଼ିଯାଏ ଜ୍ୟୋତ୍ସ୍ନାରାତିରେ ସିଏ ସୀତାର ବାଦନ କରିବାର ଦୃଶ୍ୟ । ଦୀପ୍ତିମନ୍ତ, ସୌମ୍ୟ ଚେହେରାର ନିରଳସ ମଣିଷଟିଏ ଗୋଡ଼ ଦୁଇଟି ଏକପାଖିଆ ବାଁ ଆଡକୁ କରି ଅଣ୍ଟାସିଧା କରି ବସିବେ । ସୀତାରର ତୁମ୍ବାଟି ଡ଼ାହାଣ ଜଙ୍ଘ ଉପରେ ଦେଇ ମାର୍ଡା ହେଇଥିବା ପାଦପାଖାପାଖି ଥୁଆହେବ । ଡ଼ାହାଣ କହୁଣି ଚାପାଦେଲେ ଦଣ୍ଡାଟି ଝୁଲନ୍ତ ଅବସ୍ଥାରେ ରହିବ । ପଣ୍ଡାସାର୍ ବାଁ ହାତରେ ତାରଯାକକୁ ମିଡ଼୍‌ଉପର ଦେଇ ସାଉଁଳେଇ ଆଣିବେ ଆଉ

Digitized by srujanika@gmail.com

ଦି'ଚାରିଥର ଭିତର ପଟକୁ ଟାଣି ଟଂକାରି ଦେବେ । ସୀତାର ରାଉଁ ରାଉଁ ହେଇ ଝଂକୃତ ହେବ । ପଣ୍ଡାସାର୍ ସେତେବେଳେକୁ ଆଖିବୁଜି ସାରିଥିବେ ଏବଂ ସୀତାରର ଝଂକୃତ ଲହର ସାଙ୍ଗରେ ନିଜେ ଗୁଂଜରି ଉଠିବେ । ଲାଗିବ ଯିମିତି ଦୀପଶିଖାଟିଏ ଉଜ୍ଜ୍ୱଳି ଉଠୁଛି । ଏଣେ ଡ଼ାହାଣ ହାତରେ ତୁମ୍ୱାର ପିଠି ଉପରେ ଥିବା ଚୌକୀ ପାଖାପାଖି ତାରପୁଞ୍ଜାଉପରେ ସିଏ ଗୁଣୁଗୁଣେଇବେ । ସୀତାର ଏବେ ଅପୂର୍ବ ସ୍ୱର ସଂଗୀତ ପରିବେଷଣ କରିବ ଏବଂ ଆମେ ମନ୍ତ୍ରମୁଗ୍ଧ ସର୍ପଭଳି ଆଖିଡରାଟି ପଣ୍ଡାସାରଙ୍କୁ ଚାହିଁ ରହିଥିବୁ । ଜ୍ୟୋତ୍ସ୍ନାରାତିର ଭାବଗମ୍ଭୀର ପରିବେଶ ଭିତରେ ନିଃଶବ୍ଦ ରାଜପ୍ରାସାଦ ସଂଗୀତର ମାଦକତାରେ ଶିହରି ଯିବ ଓ ସଂଗୀତର ଟୁକୁଡାମାନ ପାଖ ପାହାଡ଼ରେ ପ୍ରତିଧ୍ୱନିତ ହେଇ ପୁଣି ଉଆସ ଭିତରକୁ ଫେରିଆସିବ । ଆମେ ପୁଲକିତ ହେଇ ଉଠିବୁ । ସଂଗୀତର ଗୁରୁଗମ୍ଭୀର ମଧୁର ଝଙ୍କାର ଜ୍ୟୋତ୍ସ୍ନାର ଶୀଳତ ସ୍ନିଗ୍ଧତାରେ ଧୋଇହେଇ ସ୍ୱପ୍ନଭଳି କ୍ଲାସ ଭିତରେ ଅଜାଡ଼ି ହେଇ ପଡୁଥିବ ।

ବେଳେବେଳେ ସିଏ ଆମକୁ ରବୀନ୍ଦ୍ର ସଂଗୀତ ଶିଖେଇ ବସିବେ । ଆମେ ବାଧ୍ୟଛାତ୍ରଭଳି ତାଙ୍କ କଣ୍ଠରେ କଣ୍ଠ ମିଳେଇ ଗାଇବା ଆରମ୍ଭ କରିବୁ ।

ଜ୍ୟୋସ୍ନା ରାତେ ସବାଏ ଗେଛେ ବନେ

ତା'ପରେ ଦଳବଦ୍ଧହେଇ ଆମେ ରାମଚନ୍ଦ୍ର ଭବନର ଛାତ ଉପରକୁ ଉଠିବୁ । ପଣ୍ଡାସାର୍ ସଂଗୀତର ମାଦକତାରେ ବିହ୍ୱଳିତ ହୋଇ ଉଚ୍ଚସ୍ୱରରେ ଗାଉଥିବେ ଆଉ ଆମେ ସେତେବେଳକୁ ଲାଜ ଛାଡ଼ିସାରି ଗଳା ଖୋଲି ଦେଇଥିବୁ, ଗୋପୀଙ୍କ ଭଳି ଆମର ଅବସ୍ଥା, ସଂଭ୍ରମ କଟିଯାଇଥିବ । ଜ୍ୟୋତ୍ସ୍ନାବିଧୌତ ରଜନୀ ଆମ ପ୍ରାଣକୁ ପୁଲକିତ ଓ ପ୍ଲାବିତ କରି ତୁଳା ପ୍ରମାଣେ ହାଲୁକା କରି ସାରିଥିବ । ଆମେ ଆମର ବସ୍ତୁସତ୍ତା ଭୁଲିଯାଇ ସ୍ୱପ୍ନରାଜ୍ୟରେ ଭାସି ବୁଲୁଥିବୁ । ଏବେ ଖଲିକୋଟ ଆର୍ଟସ୍କୁଲରେ ରାକାରଜନୀରେ ଚିତ୍ରବିହାର ସ୍ୱପ୍ନହେଇଯାଇଛି । ଜହ୍ନ ତା' ବାଟରେ ସିଏ ଆସୁଛି ଯାଉଛି, ତାକୁ ଘେନିବାକୁ, ଅଙ୍ଗରେ ପ୍ରାଣରେ ସ୍ୱପ୍ନର - ପରାକାଷ୍ଠା ହେଜିବାକୁ କିଏ ନାହାନ୍ତି । ଅଧ୍ୟାପକମାନେ ସେମାନଙ୍କ ତେଲଲୁଣ ସଂସାରରେ ଉବୁଟୁବୁ ହେଉଛନ୍ତି । ପିଲେ ଅବା ଜ୍ୟୋସ୍ନା ସ୍ନାନ କ'ଣ ବୁଝିବେ ? ସୋଡ଼ଶେ ପ୍ରେମରେ ଏମାନେ ଉବୁଟୁବୁ ହେବା ମଣିଷ, ସବୁଆଡ଼େ ଅଦ୍ଭୂତ ଭୌତିକ ପରିବେଶ । ପାଞ୍ଚବର୍ଷପରେ ସାର୍ଟିଫିକେଟ୍ ନାମଧେୟ କାଗଜ ଖଣ୍ଡେ ଲଭ୍ୟହେବ ଏଥିନେଇ ଗୁରୁ ଓ ଶିଷ୍ୟ ଉଭୟେ ବ୍ୟସ୍ତ । ଚିତ୍ରକଳାରେ ଜ୍ୟୋତ୍ସ୍ନାର ଅଭାବ, ଅସଲ ପ୍ରେମ ହଜିହଜିଯାଉଛି ।

Digitized by srujanika@gmail.com

ପଣ୍ଡାସାର୍ କୁଆଡେ ଦାରୁଣ ପ୍ରେମିକ ଥିଲେ । ଶାନ୍ତିନିକେତନରେ ଏହି ଶବ୍ଦର ଅର୍ଥ ଭଲରେ ମନ୍ଦରେ ଚିହ୍ନା ପଡ଼ିଯାଏ । କୁଆଡ଼େ ସଂଗୀତ ଭବନର ଜନୈକ ବଙ୍ଗାଳୀ ଝିଅସାଙ୍ଗରେ ତାଙ୍କର ଭାବ ହେଇ ସାରିଥିଲା । ସେଠାକାର କାବ୍ୟିକ ପରିବେଶ ହିଁ ପ୍ରେମର ସ୍ୱତଃ ସ୍ଫୁରଣ ପାଇଁ ଖୋରାକ ଯୋଗେଇ ଦେଇଥାଏ । ଏଠି କୁଆଡେ ପ୍ରେମ, କବିତା, ସଂଗୀତ ଓ ଚିତ୍ର ସବୁ ସ୍ୱାଭାବିକ, ସାବଲୀଳ ଓ ଛନ୍ଦାୟିତ । ବର୍ଣ୍ଣର ବିଭାରେ ରୂପର ଛଟାରେ ପ୍ରେମ ସଂଚରେ । ପଣ୍ଡାସାର୍‌ଙ୍କ ସୀତାର ପ୍ରେମର ଆଧାର ଥିଲା, ଆୟୁଧ ଥିଲା ମଧ । ସୀତାର ଓ ପ୍ରେମ ଯିମିତି ତାଙ୍କ ଜୀବନର ବ୍ୟାଖ୍ୟା । ପ୍ରେମ ସଂଚରି ଯାଇଥିଲା ଦେହ, ମନ ଓ ଭବିଷ୍ୟତର ସୁନେଲ ସଂସାର ଭିତରକୁ । ଝିଅଟି ନିଜର ସୁନ୍ଦର ପିନ୍ଧା ଶାଢ଼ୀଟି ପ୍ରେମର ସନ୍ତକ ବୋଲି ବିସର୍ଜି ଦେଇଥିଲା । ନିଜ ହାତରେ କାଟିକୁଟି ସୀତାର ପାଇଁ ଘୋଡ଼ଣୀଟିଏ ତିଆରି ଦେଇଥିଲା । ଶାଢ଼ୀର ବର୍ଣ୍ଣ ବିଭାରୁ ଲାଗୁଥିଲା ଉନ୍ନତ ରୁଚିର ପ୍ରେମିକା । କିନ୍ତୁ ଶାନ୍ତିନିକେତନ ଛାଡ଼ିଲାପରେ ପ୍ରେମର ସଂପର୍କ ଅନ୍ୟ ମୋଡ଼ ନେଇଥିଲା । ଜୀବନରେ ପତ୍ନୀଭାବେ ଉଭାହେଲେ ଅନିନ୍ଦ୍ୟ ସୁନ୍ଦରୀ ସ୍ୱର୍ଗର ଅପସରା ଉର୍ବଶୀ । ସେ କିନ୍ତୁ ନିବେ ନା ସଂଗୀତ ନା ସୀତାର ସହିତ ସଂପର୍କ ରଖିଥିଲେ । ଯଦିଓ ତାଙ୍କ ସୌନ୍ଦର୍ଯ୍ୟରେ ପରିବେଶ ସଂଗୀତ ମୟ ହେଇଯାଇଥିଲା । ପଣ୍ଡାସାର୍ ହୁଏତ ଅଟକିଁ ରହିଯାଇଥିଲେ ସୀତାରର ଘୋଡ଼ଣୀ ପାଖରେ । ଏଣୁ ବେଳେବେଳେ ଗାଇ ଦେଉଥିଲେ,

ଯଖନ୍ ତୁମି ବାନ୍ଧଛିଲେର୍ ତାର୍
ଏଯେ ଭୀଷଣ ବ୍ୟଥା...........

Digitized by srujanika@gmail.com



ମଡ଼ର୍ଣ୍ଣଆର୍ଟ ଓ ଅଜିତକେଶରୀ

କୋ ଦିନରୁ ମର୍ଡ଼ର୍ଣ୍ଣଆର୍ଟ ବିଗତ ଦିନମାନଙ୍କର କଳାଧାରା ଭଳି ପରମ୍ପରାରେ ପରିଣତ ହୋଇଗଲାଣି । ସମୟ ତା କରାମତି ଦେଖେଇ ଚାଲିଛି । ଏବେ ଉତ୍ତର ଆଧୁନିକତାର ବେଳ । ଏବେ ହୁଏତ ପରତେ ହବନି ଯେ ପ୍ରାୟ ଚାଳିଶି ବର୍ଷ ତଳେ ଖଲିକୋଟ ଭଳି ଏକ ରାଜରାଜୁଡ଼ା-ଅଧ୍ୟୁଷିତ ପୁରୁଣା ସହରରେ, ରକ୍ଷଣଶୀଳ ପରିବେଶ ଭିତରେ ଓଡ଼ିଶାର ଆଧୁନିକ କଳାର ପ୍ରଥମ ଅଙ୍କୁରୋଦ୍‌ଗମ ହେଇଥିଲା ଓ ନାନା ଘାତପ୍ରତିଘାତ ଭିତରେ ବୀଜଟି ବୃକ୍ଷରେ ପରିଣତ ହେଇ ଶୀତଳ ଛାୟା ପ୍ରଦାନ କଲା ।

ଓଡ଼ିଶାର ଆଧୁନିକ କଳାର ଇତିହାସ ଲେଖାଗଲେ ଶରତଚନ୍ଦ୍ର ଦେବ, ଅଜିତକେଶରୀ ରାୟ ଓ ଅନନ୍ତ ପଣ୍ଡାଙ୍କ ଅବଦାନର ପ୍ରାଥମିକତା ଉପରେ ନିଶ୍ଚୟ ଗୁରୁତ୍ୱ ଦିଆଯିବ । ଏ ତିନିହେଁ ଆଧୁନିକ କଳାର ତ୍ରିମୂର୍ତ୍ତି ଭାବେ ଅଗ୍ରଗଣ୍ୟ ହେବେ । ତଥାପି ଅଜିତକେଶରୀ ବିରାଡ଼ି ବେକରେ ପ୍ରଥମ ଘଣ୍ଟି ବାନ୍ଧିଥିବାର ଶ୍ରେୟ ଓ

Digitized by srujanika@gmail.com

ସାହସିକତାର ସମ୍ମାନ ପାଇବେ । ଓଡ଼ିଶୀ ଆଧୁନିକ କଳାର ଏହି ଗୌରବାବହ ମୁହୂର୍ତ୍ତ ଏକ ବିଡ଼ମ୍ବିତ ଲଗ୍ନ ମଧ୍ୟ ଥିଲା । ଇତିହାସର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଘଟଣାର ଭାଗ୍ୟ ହିଁ ଏମିତି ।

ଅନନ୍ତ ପଣ୍ଡାଙ୍କ ଭଳି ଅଜିତକେଶରୀ ମଧ୍ୟ ଶାନ୍ତିକେତନର ଛାତ୍ର, ଯେଉଁ ସମୟରେ ଶାନ୍ତିନିକେତନର କଳାଭବନରେ ଘୋଟାରଙ୍ଗ ଓ ମୁଠିଭିକ୍ଷାର ପ୍ରଚଳନ ଥିଲା । ଆଚାର୍ଯ୍ୟ ନନ୍ଦଲାଲ କୁଆଡ଼େ ବଡ଼ ବଡ଼ ମାଟି ପାତ୍ରରେ ଘୋଟାରଙ୍ଗ ରଖି ଚିତ୍ର କରୁଥିଲେ । ଅଜିତକେଶରୀ ଦି'ବର୍ଷ ଲଣ୍ଡନରେ ପାଠ ବି ପଢ଼ିଥିଲେ କିନ୍ତୁ ପାଠଥିଲା ପଥର ଖୋଦେଇ ଆଉ କାଠ ଏନ୍‌ଗ୍ରେଭିଙ୍ଗ୍ । ପାଶ୍ଚାତ୍ୟର ବହୁ ସଂଗ୍ରହାଳୟ ବୁଲି ପିକାସୋ, ବ୍ରାକ୍, ମୋନେ, ମାନେ, ପିସାରୋ ଓ ଡାଲିଙ୍କ ଚିତ୍ରଦେଖି ଉଦ୍‌ବୁଦ୍ଧ ହେଇଥିଲେ ମଧ୍ୟ ଖଲିକୋଟରେ ଶରତଚନ୍ଦ୍ରଙ୍କୁ ପଚାରିଲେ, ତୈଳଚିତ୍ରର ଲକ୍ଷଣ କ'ଣ ? କିମିତି ତୈଳଚିତ୍ର କରାଯାଏ ? ଉତ୍ତରରେ ଶରତଚନ୍ଦ୍ର କହିଥିଲେ, ଟେମ୍ପେରା ଓ ତୈଳଚିତ୍ର ଭିତରେ ପ୍ରଭେଦ ନାହିଁ, ଟେମ୍ପେରା ଜଳରଙ୍ଗ ଆଉ ତୈଳଚିତ୍ର କହିଲେ ହିଁ କଥା ବୁଝି ହେଉଛି । ଉଭୟ ହେଉଛି ଲେପଚିତ୍ର । ଏହା ଷାଠିଏ ଦଶକ ପ୍ରାରମ୍ଭର କଥା ।

ବେଶ୍ ଅଜିତକେଶରୀ ତା'ପରେ ଆରମ୍ଭ କଲେ ତୈଳଚିତ୍ର । ରାମଚନ୍ଦ୍ର ଭବନର ଦ୍ୱିତୀୟ ମହଲାରେ ଥିବା ତାଙ୍କ ରହିବା ବଖରାରୁ ଦିନେ ଆସନ୍ନ ସନ୍ଧ୍ୟାବେଳରେ ଆକାଶକୁ ଚାହିଁଛନ୍ତି । ଆଖିରେ ପଡ଼ିଲା ଆକାଶରେ ଚକ୍କର କାଟୁଥିବା ଦଳେ ପକ୍ଷୀ । ପକ୍ଷୀମାନେ ନିସ୍ତବ୍ଧ ଆକାଶରେ ଦେଖାଯାଉଥିଲେ ତ୍ରିକୋଣାକାର ଉଡ଼ନ୍ତ ବସ୍ତୁପରି । ପକ୍ଷୀଦଳଙ୍କ ଉଡ଼ାଣରୁ ଆରମ୍ଭ ହେଲା ଚିତ୍ରକଳାରେ ଘନବାଦର ପରିଚର୍ଚ୍ଚା । ଶ୍ରୀରାମଚନ୍ଦ୍ର ଭବନର ଖୋଲା ଅଗଣା, ତା' ଭିତରେ ହାଲୁକା ମେଘ ଓ ତା'ରି ଉପରେ ଲେଣ୍ଡିଙ୍ଗ୍ ପୂର୍ବରୁ ଉଡ଼ାଜାହାଜ ଚକ୍କର କାଟିଲା ପରି ଚାରି ପାଞ୍ଚୋଟି ପକ୍ଷୀ । ଆଗର ସବୁ ଚିତ୍ର ପରଂପରାକୁ ପଛରେ ପକେଇ ଓଡ଼ିଶା ଲଳିତକଳା ଏକାଡେମୀର ପ୍ରଥମ ଚିତ୍ରକଳା ପ୍ରଦର୍ଶନୀରେ ଆଧୁନିକ ଚିତ୍ରକଳା ବିଭାଗରେ ଏହି ପକ୍ଷୀ, ଫ୍ଲାଇଟ୍ ଚିତ୍ରଟି ପୁରସ୍କୃତ ହେଲା, ଏଇଠୁ ଆରମ୍ଭ ହେଲା ଓଡ଼ିଶାରେ ଆଧୁନିକ କଳାର ତଥ୍ୟଭିତ୍ତିକ ଇତିହାସ ।

Digitized by srujanika@gmail.com

ଅଜିତକେଶରୀ ଭାରତୀୟ ଚିତ୍ରକଳା ବିଭାଗର ଅଧ୍ୟାପକ ନହେଇ, ଗ୍ରାଫିକ୍ କିମ୍ବା ଭାସ୍କର୍ଯ୍ୟ ବିଭାଗର ଶିକ୍ଷକ ହେଇଥିଲେ ସ୍କୁଲର ଏବଂ ପିଲାମାନଙ୍କର ପ୍ରଭୂତ ଉନ୍ନତି ସାଧିତ ହେଇ ପାରିଥାନ୍ତା । ବୋଧହୁଏ ଅଜିତକେଶରୀଙ୍କୁ ଚାକିରିରେ ଥଇଥାନ କରିବାକୁ ପଡ଼ିଲା । ଧରେଇ ଦେଲେ ଭାରତୀୟ ଚିତ୍ରକଳା ବିଭାଗ । ଅଜିତକେଶରୀ ନାମକୁ ମାତ୍ର ଥିଲେ ଭାରତୀୟ ଚିତ୍ରକଳା ବିଭାଗରେ କିନ୍ତୁ ଆଧୁନିକ ଚିତ୍ରକଳା ସବୁମନ୍ତେ ପ୍ରସାର କରେଇବାରେ ସେ ଚେଷ୍ଟିତ ଥିଲେ ।

ଅଜିତକେଶରୀଙ୍କ ସମ୍ପର୍କରେ ଅନନ୍ତ ପଣ୍ଡା ଚମତ୍କାର କଥାଟିଏ କହୁଥିଲେ । ଅଜିତକେଶରୀଙ୍କୁ ବାରହାତ ଖଣ୍ଡାଟିଏ ମିଳିଥିଲା, ଖାଲି ଥରେ ଉଠେଇ ଘେରାଟିଏ ବୁଲେଇ ଦେଇଥିଲେ ତ୍ରିଭୁବନ କମ୍ପି ଉଠନ୍ତା, ଖଣ୍ଡା ସିମିତ ତଳେ ପଡ଼ି ପଡ଼ି କଳଙ୍କି ଧରିଗଲା ।

"ଶଶୁର ଯାହାର ଜରାସନ୍ଧ ବୀର, ସଖା ଯାର ବୀରକେଶୀ । ଏକା ନିମିଷକେ ଚରାଚରମହି, ପକାଇ ପାରଇ ଧ୍ୱଂସି । ଶୂର, ନାରକା, ବ୍ୟୋମା, ଅଘା, ପ୍ରଳମ୍ବା, କଦମ୍ବା, ଦ୍ବିବିନ୍ଦ ବୀର । ଚାଣୂର, ମୁଷ୍ଟିକ, ଶଲ୍ୟଆଦିମାନେ ଅଛନ୍ତି ମୋ ହନ୍ତକାର ।" ଅଷ୍ଟାଦଶ ଶତାବ୍ଦୀର କବି ଭକ୍ତଚରଣ ଦାସ କଂସର ଚିଟାଉରେ କଂସ ରଜାର ପରାକ୍ରମ ଯେଭଳି ବର୍ଣ୍ଣନା କରି ଯାହା ଅବତାରଣା କରିଥିଲେ ଅଜିତସାର୍‌ଙ୍କ କ୍ଷେତ୍ରରେ ମଧ୍ୟ ତାହା ପ୍ରଯୁଜ୍ୟ । ପ୍ରଥମ ଓଡ଼ିଆ ବ୍ରିଗେଡ଼ିଅର୍ ସଂଗ୍ରାମକେଶରୀଙ୍କ ସାନଭାଇ, ସେତେବେଳର ପ୍ରସିଦ୍ଧ ଗାଇନାକୋଲୋଜିଷ୍ଟ ଡାକ୍ତର ଜ୍ୟୋତ୍ସ୍ନା ଦେଇ ଆଉ ଡାକ୍ତର ବୀଣା ଦେଈଙ୍କ କନିଷ୍ଠ, ମହାପ୍ରତାପୀ ଜମିଦାର କ୍ଷେତ୍ରମୋହନ ରାୟଙ୍କ ଅଲିଅଳ ପୁଅ, ଡି.ପି.ଆଇ ବାମା ଦାସଙ୍କ ସମ୍ପର୍କୀୟ, ଲଣ୍ଡନଫେରନ୍ତା ଅଜିତକେଶରୀ ଶେଷରେ ଜଣେ ଦ୍ୱିତୀୟ ଶ୍ରେଣୀ ସରକାରୀ କର୍ମଚାରୀଭାବେ ଖଲିକୋଟ କଳାବିଦ୍ୟାଳୟରୁ ଅବସର ନେଲେ । ବାମା ଦାସଙ୍କୁ ପଦେ କଥା କହିଦେଇଥିଲେ ଆର୍ଟସ୍କୁଲ ପ୍ରିନସ୍‌ପାଲ୍‌ମାନଙ୍କର ଯୁଗଯୁଗର ଯନ୍ତ୍ରଣା ଶୂନ୍ୟେ ଶୂନ୍ୟେ ଉଭେଇ ଯାଇଥାନ୍ତା । ଅଜିତକେଶରୀ ଶିଳ୍ପୀକୂଳର ତ୍ରାଣକର୍ତ୍ତା ଭାବେ ଇତିହାସରେ ଅମର ହେଇ ରହିଯାଇଥାନ୍ତେ । ହାୟ ! କାହା ଭାଗ୍ୟରେ ବି ଏତକ ସୁଯୋଗ ଜୁଟିଲାନି ।

ଅଜିତକେଶରୀଙ୍କୁ କ'ଣ ଜଣେ ନିର୍ଲିପ୍ତ, ନିର୍ଲୋଭ, ନିଚ୍ଛକ ଶିଳ୍ପୀ ପ୍ରାଣର ମହାନୁଭବ ବ୍ୟକ୍ତି କୁହାଯିବ ନା କୁହାଯିବ ଜଣେ ଭୀରୁ, ଅସମର୍ଥ ଓ ଦୁର୍ବଳ ବ୍ୟକ୍ତିତ୍ୱର

Digitized by srujanika@gmail.com

କଳା ପ୍ରଶାସକ । ଏହାର ଆକଳନ କାଳ ଉପରେ ସମର୍ପି ଦେଇ ମୁଁ ଆଧୁନିକ ଚିତ୍ରକଳାର ଜଣେ ଦରଦୀ ଚିତ୍ରଶିଳ୍ପୀ- ଅଜିତକେଶରୀଙ୍କ ପାଖକୁ ଫେରିଯାଉଛି ।

ଆମେ ଭଲଭାବରେ ଅଜିତକେଶରୀଙ୍କୁ ଚିହ୍ନି ନେଇଥିଲୁ । ଅଜିତସାର୍ ଦଳେ ପିଲାଙ୍କୁ ନେଇ ସ୍କେଚ୍ କରିବା ପାଇଁ ବାହାରିବେ । ତାଙ୍କର ସ୍କେଚ୍ କରିବା ପ୍ରଣାଳୀ ବଡ଼ ଅଦ୍ଭୁତ । ସ୍କେଚ୍‌ଖାତା ଉପରେ ପେନସିଲ ଧରିଥିବା ହାତ ଦଶଥର ଘୂରି ଆସିବ କିନ୍ତୁ ଥରେ ବି କାଗଜ ଉପରେ ଭୁଲରେ ଗାରଟିଏ ପଡ଼ିବନି । କାନ୍ଧମୂଳରୁ ନିଘଞ୍ଚ ମାଂସପେଶୀର ସବଳ ହାତଟି ବକ୍‌ସିଙ୍ଗ୍‌ରେ ଯେମିତି ଆଗକୁ ପଛକୁ ହେଇ ପ୍ରତିପକ୍ଷକୁ ଜବାବ ଦେବାପାଇଁ ସୁଯୋଗ ଉଣ୍ଡୁ ଥାଏ ଠିକ୍ ସିମିତି ହାତରୁ ମନଲାଖି ରେଖାଟିଏ ନିଗିଡ଼ିଲା ଯାଏଁ ଅଜିତସାର୍ ଉପରେ ଉପରେ ପହଁରୁଥିବେ ସିନା ଡୁବନ୍ ଦେବେନି । ସ୍କେଚ୍‌ରେ ସିଏ ଦୃଶ୍ୟମାନ ବସ୍ତୁ ଓ ଜୀବଜନ୍ତୁମାନଙ୍କର ବାହ୍ୟ ଗଢ଼ଣକୁ ଆପଣେଇବାକୁ ଚେଷ୍ଟାକରିବେ, ବନେଇଚୁନେଇ ସୁନ୍ଦର କରିବା ତାଙ୍କରି ଧାରା ନୁହେଁ । ରେଖାର ଦୃଢ଼ତା, ରୈଖିକତା ଓ ଚାରିତ୍ରିକ ସାମ୍ୟ ସହିତ ସ୍କେଚ୍‌ଗୁଡ଼ିକ ଅପୂର୍ବ ଦେଖାଯିବ ।

ଆମେ ବେଳ ଉଣ୍ଡି ତାଙ୍କ ଲଣ୍ଡନ ରହଣି ଓ ପାଣିଜାହାଜରେ ଲଣ୍ଡନ ଗସ୍ତ ସମ୍ପର୍କରେ ପ୍ରଶ୍ନ ପଚାରିବା ଆରମ୍ଭ କରିଦେବୁ । ଅଜିତସାର୍ ନିଜର ଚଉଡ଼ା ବପୁକୁ ଧସେଇ ଧସେଇ ଏବଂ ବଳିଷ୍ଠ ବାହା ଦି'ଟାକୁ ପହୁଞ୍ଚେଇ ପହୁଞ୍ଚେଇ ତାଙ୍କର ଲଣ୍ଡନ କଥା ଗପିବା ଆରମ୍ଭ କରିଦେବେ । କିମିତି ସିଏ ଅପାମାନଙ୍କର ପ୍ରରୋଚନାରେ କୃଷିବିଜ୍ଞାନ ପଢ଼ିବା ପାଇଁ ଲଣ୍ଡନରେ ପହଞ୍ଚିଥିଲେ । କିମିତି ଶାନ୍ତିନିକେତନ କଳାଭବନରେ ତାଙ୍କର ଉପର କ୍ଲାସରେ ପଢୁଥିବା ଶଙ୍ଖ ଚୌଧୁରୀଙ୍କ ସହିତ ଅଚାନକ ଲଣ୍ଡନ ରାସ୍ତାରେ ଦେଖାହୁଏ ।

ଶଙ୍ଖୋ'ଦା ପରିହାସ କରି ଅଜିତସାର୍‌ଙ୍କୁ ପଚାରନ୍ତି, 'ଅଜିତ ! ଲଣ୍ଡନରେ ଇଂଲିଶ ଚାଷୀ କଣ ଧାନ ନା ଆଖୁ ଫଳଉଛି ଯେ ତୁ ତା'ଠୁ କୃଷିବିଦ୍ୟା ସଂକ୍ରାନ୍ତୀୟ ଜ୍ଞାନ ଆହରଣ କରିବୁ । ଏଠି ନିଜ ଜୀବନ ବ୍ୟର୍ଥ କରନା, ଆର୍ଟ୍ ପଢ଼ ।' ଆମେ ଅତି ଉତ୍‌କଣ୍ଠାର ସହ ତାଙ୍କ କଥାଯାକକୁ ସତେ ଯିମିତି ପିଇ ଯାଉଥିବୁ । ଆମ ମନ ଭିତରେ ଉଙ୍କି ମାରୁଥିବ ଶଙ୍ଖୋଦା'ଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ପିପାସା ।

Digitized by srujanika@gmail.com

ବେଳେବେଳେ ଅଜିତସାର୍ ଏଙ୍ଗ୍ଲୋ ଫ୍ରେଞ୍ଚ୍ ସେଣ୍ଟରରେ ତାଙ୍କ ପାଠ ପଢ଼ାର ଧାରାବିବରଣୀ ଗପି ବସିବେ । କିମିତି ତାଙ୍କର ଶିକ୍ଷକ କ୍ରମ୍ପଟନ୍ ଅଜିତସାର୍‌ଙ୍କୁ କୌଣସି ଗୋଟିଏ ଭାରତୀୟ ବିଷୟ ଉପରେ ଆଧାର କରି ଭାସ୍କର୍ଯ୍ୟଟିଏ ଗଢ଼ିବା ପାଇଁ କହିଥିଲେ । ସିଏ କିମିତି ଭାରତୀୟ ଓ ମିଶରୀୟ ମିଶ୍ରଧାରାରେ ଜମିରେ ହଳକରୁଥିବା ଗୋଟିଏ ଚାଷୀର ପଥର ଖୋଦେଇ କରି ପ୍ରଶଂସାଭାଜନ ହେଉଥିଲେ । କିମିତି ତାଙ୍କ ଛୋଟ ଭାଇ ରଣଜିତର ଇଂଲିଶ୍ ପ୍ରେମିକା ସାଙ୍ଗରେ ଭାରତୀୟ ରେସ୍ତୋରାଁରେ ସେ ଲଞ୍ଚ୍ ଖାଉଥିଲେ ଓ ପରେ ଦୁହେଁ ମିଶି ସିନେମା ଦେଖୁଥିଲେ । ସବୁକଥା ମନ ଖୋଲି ଆମ ଆଗରେ ଗାଇ ଯାଉଥିଲେ । ଅଜିତ୍‌ସାର୍‌ଙ୍କ ଲଣ୍ଡନ କଥା ଶୁଣି ଆମ ମନ ବି ଲଣ୍ଡନଆଡ଼େ ଛୁଟିଯାଏ, ଆମେ ମନେ ମନେ କେତେ କଳ୍ପନା ଜଳ୍ପନା କରି ବସୁ ।

ଆମବେଳେ ନା କଳା ଇତିହାସ ନା କଳା ସମାଲୋଚନା ସ୍କୁଲରେ ପଢ଼ା ହେଉଥିଲା । ଏମିତିରେ ପିଲାମାନେ ପାଠଶାଠରୁ ଦୂରରେ ରହୁଥିଲେ । ପଣ୍ଡାସାର୍ ଓ ଅଜିତସାର୍‌ଙ୍କ ସଙ୍ଗେ କଥାଭାଷା ବେଳେ ବହୁ ଉପାଦେୟ ତଥ୍ୟ ବଳେବଳେ ମିଳି ଯାଉଥିଲା । ଇମିତିରେ କଳା ସଂପର୍କରେ ପ୍ରଶ୍ନକଲେ ଅଜିତ ସାର୍‌ଙ୍କଠୁ ଉତ୍ତର ମିଳିବା କାଠିକର ବ୍ୟାପାର । ତାଙ୍କ କଥା ପେଡ଼ିର ଚାବିକାଠି ହେଲା ଗୋଟିଏ ଶବ୍ଦ 'ଲଣ୍ଡନ' । ସିଏ ଖଲିକୋଟରେ ଥାଇ ମଧ୍ୟ ସ୍ମୃତିରେ ସ୍ମୃତିରେ ପହଞ୍ଚିଯିବେ ଲଣ୍ଡନର ଏଙ୍ଗ୍ଲୋ ଫ୍ରେନ୍‌ଞ୍ଚ୍ ସେଣ୍ଟରରେ, ନହେଲେ ସେ ରହୁଥିବା ହଷ୍ଟେଲ୍ ଅକସ୍‌ଫୋର୍ଡ଼ ହାଉସ୍‌ର ଲନ୍ ପାଖରେ, ନହେଲେ ଜିମ୍‌ନାସିଏମ୍‌ର ବକ୍‌ସିଙ୍ଗ୍ ରିଙ୍ଗ୍ ପାଖରେ ।

ଅଜିତସାର୍‌ଙ୍କ ଜୀବନରେ ଥରକର ଗୋଟିଏ ଅବିସ୍ମରଣୀୟ ଘଟଣା । ସିଏ କ୍ଲାସରେ ପଥର ଖୋଦେଇ କରୁଥାନ୍ତି, ପ୍ରସିଦ୍ଧ ବ୍ରିଟିଶ୍ ଭାସ୍କର ହେନ୍‌ରୀ ମୁର୍ ତାଙ୍କ ଶିକ୍ଷକ କ୍ରମ୍ପଟନ୍‌ଙ୍କ ଗହଣରେ କ୍ଲାସରୁମ୍ ଭିତରକୁ ପଶିଆସିଲେ । ଅଜିତସାର୍‌ଙ୍କ ଭାସ୍କର୍ଯ୍ୟ ଉପରେ ହେନେରୀ ମୁର୍‌ଙ୍କ ଦୃଷ୍ଟି ପଡ଼ିଲା । ସେ ଖୁବ୍ ଅନୁସନ୍ଧିତ୍ସୁ ସ୍ୱରରେ କହି ଉଠିଲେ, ବୋଧହୁଏ ଭାରତୀୟ ଛାତ୍ରଟିର ଏ ଭାସ୍କର୍ଯ୍ୟ । କ୍ରମ୍ପଟନ୍ ଅଜିତସାରଙ୍କୁ ହେନେରୀଙ୍କ ସହିତ ଚିହ୍ନା କରେଇ ଦେଲେ । ତା' ପରେ ହେନେରୀ ମୁର୍ ଓଡ଼ିଶାର କୋଣାର୍କ ଓ ଦକ୍ଷିଣ ଭାରତର ଭାସ୍କର୍ଯ୍ୟର ଶିଳ୍ପ-ମାଧୁର୍ଯ୍ୟର ଭୂୟସୀ ପ୍ରଶଂସା କଲେ । ସିଏ ମନ୍ତବ୍ୟ ଦେବା ଛଳରେ କହିଲେ, ଶହ ଶହ ବର୍ଷ ପୂର୍ବେ ମଧ ଭାରତୀୟ ଭାସ୍କରମାନଙ୍କର ପଥରର ଭାଷା ଓ ରୂପବିଦ୍ୟା ଉପରେ ଗଭୀର ଅନୁଶୀଳନ ଥିଲା । ସିଏ ପୁଣି ଗପିଚାଲିବେ ହଜାର ହଜାର ବର୍ଷ ତଳର ମିଶର ଦେଶର ଭାସ୍କରମାନଙ୍କର ଗରିମାମୟ ସୃଷ୍ଟିର ଇତିହାସ ।

Digitized by srujanika@gmail.com

ଆମେ ଭାବି ବସିବୁ ଅଜିତସାର୍‌ଙ୍କ ଭାଗ୍ୟ କେତେ ଟାଣ, ସେ ହେନେରୀ ମୁର୍‌ଙ୍କ ଭଳି ପୃଥିବୀବିଖ୍ୟାତ ଭାସ୍କରଙ୍କ ସଂସ୍ପର୍ଶରେ ଆସିଛନ୍ତି । ପୁଣି ପର ମୁହୂର୍ତ୍ତରେ ନିଜକୁ ପ୍ରବୋଧନା ଦେଇ କହିବୁ ଆମର ଭାଗ୍ୟ ବି କିଛି କମ୍ ନୁହେଁ, ଆମେ ଅଜିତସାର୍‌ଙ୍କ ଭଳି ଲଣ୍ଡନ ଫେରନ୍ତା ଶିକ୍ଷକ ପାଇଛୁ ।

ଅଜିତସାର୍ ବେଶ୍ ହୃଷ୍ଟପୁଷ୍ଟ ମଣିଷ । ପଥରଖୋଦେଇ କରୁଥିବେ, ନତୁବା ଲିନୋଖୋଦେଇ କରୁଥିବେ, ମନ କଣ ହେବ ସେଇଠୁ ଉଠିପଡ଼ି ଛାତ ଉପରେ ଗଣ୍ଡେପାଞ୍ଚଟା ଦଣ୍ଡବୈଠକ ଲଗେଇ ଦେବେ । ନହେଲେ ପଥର ଚକି ଲୁହାରଡ଼ରେ ପୂରେଇ ଭୂଇଁ ତଳୁ କାନ୍ଧ ଉପରକୁ ଉଠେଇବେ । ଉଆସଉପରୁ ଖଲିକୋଟ ବଜାରକୁ ଗଡୁଥିଲା ବେଳେ ଅଜିତସାର୍‌ଙ୍କୁ ଲକ୍ଷ୍ୟ କରିବାର କଥା, ଯିମିତି ମଲ୍ଲଯୋଦ୍ଧାଟିଏ ତା'ର ଆଖଡ଼ାକୁ ମୁହାଁଉଛି । ଅଜିତସାର୍‌ଙ୍କ ମନ ପୂରିଥିଲେ ସିଏ ଟିକିଏ ଟାଣୁଆ ଛାତ୍ରଜଣକୁ ପାଖକୁ ଡାକି ତାଙ୍କ ପେଟକୁ ଭୁସି ମାରିବା ପାଇଁ କହିବେ । ଚୁକ୍ତି ରହିବ ଛାତ୍ରଟିଏ ତା'ର ଯଥାସମ୍ଭବ ବଳ ପ୍ରୟୋଗ କରି ସାର୍‌ଙ୍କୁ ଦଶଟି ଭୁସି ମାରିବ ଏବଂ ତାରି ପ୍ରତିବଦଳରେ ସିଏ ଶେଷକୁ ଥରଟିଏ ମାତ୍ର ସାର୍‌ଙ୍କଠୁ ଖାଇବ । ମୁଁ ଦେଖିଛି ଅଜିତସାର୍‌ଙ୍କ ଭୁସି ମାଡ଼ରେ ପିଲାଟା ଲହୁଲୁହାଣ ହେଇ ପେଟକୁ ଧରି ତଳେ ବସି ପଡ଼ିବ ।

ଅଜିତସାର୍ ଭାରି କୌତୁକପ୍ରିୟ ମଣିଷ । ପିଲାଙ୍କ ସାଙ୍ଗରେ ଟେବୁଲ ଟେନିସ୍ ଖେଳିବେ । ନହେଲେ ପିଲାଙ୍କ ହାତରେ ହାତ ମିଶେଇ କହୁଣି ଉପରେ ଭରାଦେଇ ବଳ କଷା କଷି ଚାଲିବ, କିଏ କାହା ହାତକୁ ପଟ କରିଦେବ । ଅଧିକାଂଶ ପିଲା ତାଙ୍କସାଙ୍ଗରେ ବାଜି ମାରିବେ କିନ୍ତୁ ଜିତାପଟ ଅଜିତସାର୍‌ଙ୍କ ହିଁ ହେବ ।

ଅଜିତସାର୍ ତାଙ୍କ ପ୍ଲାଇଟ୍ ଚିତ୍ରରେ ପୁରସ୍କୃତ ହେଲାପରେ ହଷ୍ଟେଲରେ ମଡ଼ର୍ଣ୍ଣ ଆର୍ଟକୁ ନେଇ ନାନା ପ୍ରକାର କୌତୁକ, ଚର୍ଚ୍ଚା, ତାମସା ମଧ ଚାଲିଲା । କେତେକ ରକ୍ଷଣଶୀଳ ଅଧ୍ୟାପକ ମଧ ଆଧୁନିକ କଳାର ସାରବତ୍ତା ଓ ଯଥାର୍ଥତାକୁ ନେଇ ଭ୍ରୂକୁଞ୍ଚନ କଲେ । ଆମ ଗଂଜାମୀ ହଷ୍ଟେଲର ଗୋଟିଏ ବଖରାରେ ସୋରଡ଼ାର ଭାସ୍କର ସ୍ୱାମୀ, ଜାନିବିଲିର ଗଣେଶ ନାୟକ ଓ ମୁଁ ମିଶି ଆଧୁନିକ ଚିତ୍ରର କୌତୁକ ପ୍ରଦର୍ଶନୀଟିଏ ବ୍ୟବସ୍ଥା କରି, ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ପାଇଁ ଅଜିତସାର୍‌ଙ୍କୁ ହଷ୍ଟେଲକୁ ନିମନ୍ତ୍ରଣ କରି ଆଣିଲୁ । ଅଜିତସାର୍ ଆମର ଫିସାଦର ଟେର ଧରି ନପାରି ବେଶ ଖୁସି ମନରେ ଆଧୁନିକ ଚିତ୍ରକଳା

Digitized by srujanika@gmail.com

ପ୍ରଦର୍ଶନୀ ଉଦ୍‌ଘାଟନ କଲେ । ପିଆଜ ଚୋପାକୁ କାଛ ଉପରେ ଯୋଡ଼ିଯାଡ଼ି ଫୁଲ ସଦୃଶ ମୋଟିଫ୍, ତାଟକୁଲାର ସାହାଯ୍ୟରେ ବିଭିନ୍ନ କୋଲାଜ୍, ଛିଣ୍ଡା ଅଖାକୁ କଣ୍ଟାରେ ଝୁଲେଇ ତା ତଳେ ଅଦ୍ଭୁତ ଏକ ଶବ୍ଦ ଲେଖି ଛବିର ନାମକରଣ ଭଳି ବହୁ ଅଜବ ଧରଣର କଳାକୃତି ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା । ଆମେ ଆମର ବିଚାରକୁ ଯେତେ ହାଲୁକା ଭାବରେ ଗ୍ରହଣ କରିଥିଲେ ମଧ ସାର୍ ଏଗୁଡ଼ିକ ଦେଖିସାରିଲା ପରେ ଆମ ଶୈଳ୍ପିକ ପରିକଳ୍ପନା ଓ ସୃଜନଶୀଳତାର ଭୂୟସୀ ପ୍ରଶଂସା କଲେ ।

ଅଜିତସାର୍‌ଙ୍କ ଆଧୁନିକ ଚିତ୍ରକଳାରେ ପୁରସ୍କାର ସହିତ ଯଦିଓ ତାଙ୍କ ଭାରତୀୟ ଚିତ୍ରକଳା ବିଭାଗର କୌଣସି ସଂପର୍କ ନଥିଲା ପଣ୍ଡାସାର୍‌ଙ୍କୁ ଲାଗିଲା ଯିମିତି ତୈଳଚିତ୍ର ବିଭାଗ ଏଇ ଗୋଟିଏ ଘଟଣାରେ ଅବହେଳିତ ହେଇପଡ଼ିଲା । ଏଣୁ ପଣ୍ଡାସାର୍ ତାଙ୍କ ବିଭାଗର ସବୁଛାତ୍ରଙ୍କୁ ଆଧୁନିକ କଳା ପ୍ରସ୍ତୁତ କରି ସର୍ବ ଭାରତୀୟ ଚିତ୍ର ପ୍ରଦର୍ଶନୀମାନଙ୍କୁ ପଠେଇବା ପାଇଁ ଅନୁପ୍ରାଣିତ କଲେ । ଅଜିତ ସାର୍‌ଙ୍କ ପୁରସ୍କାର ମୋ ମନରେ ମଧ ଆଶା ଓ ଭରସା ସଂଚାରିତ କରିଥିଲା ।

ମୁଁ ଦେଶୀ ରଙ୍ଗରେ ତୈଳଚିତ୍ରଟିଏ ଆରମ୍ଭ କଲି । ଛବିର ସାଇଜ୍ ହବ ମୋଟାମୋଟି ସାଢ଼େ ତିନିଫୁଟରେ ଦୁଇଫୁଟ । ମାଟିଆରଙ୍ଗର ଚାଷୀଟିଏ ହାତରେ ବଂଶୀଟିଏ ଧରି ବଜଉଛି, ମୁଣ୍ଡରେ ତଲାରିଟିଏ ମୁଣ୍ଡେଇଛି,ଡେବିରି ଜଂଘ ଭୂଇଁକୁ ସମାନ୍ତରାଳ କରି ଖାଇଲା ଜଂଘ ଉପରକୁ ଉଠେଇଛି, ଲାଗୁଛି ସିଏ କର୍ମ-ଜଂଜାଳରୁ ମୁହୂର୍ତ୍ତେ ନିଜ ପାଇଁ ଛଡ଼େଇ ଆଣିଛି । ତା' ପଛରେ ଠିଆ ହେଇଛି ତା ଘରଣୀ । ଏମାନଙ୍କ ରୂପବିନ୍ୟାସ ଭିତରେ ଘନବାଦର ଦ୍ୟୋତନା ସ୍ପଷ୍ଟହେଇ ପଡୁଛି । ଲାଗୁଛି ସମଗ୍ର ଚିତ୍ର ଭିତରେ ଘନବାଦରେ ମନ୍ତ୍ରିତ ରୂପ-ସମ୍ଭାରର ଉର୍ଦ୍ଧ୍ୱାୟିତ ଛନ୍ଦ । ବଂଶୀସ୍ୱରର ଲହରରେ ଉଦ୍‌ଭାସିତ ସ୍ପେଚୁଲାର ଦ୍ରୁତ ଓ ଦୃଢ଼ ପ୍ରୟୋଗରେ ବର୍ଣ୍ଣାଳି ପ୍ରକିୟା ଅତ୍ୟନ୍ତ ଗତିଶୀଳ ଓ ବର୍ଣ୍ଣଯୋଜନା ଅତ୍ୟନ୍ତ ଗମ୍ଭୀର । ଅଜିତସାର୍‌ଙ୍କ ପ୍ଲାଇଟ୍ ଠାରୁ ଏହି ଛବିଟି ଅଧିକ ଆମ ମାଟିର କଥା କହୁଥିଲା । ରଙ୍ଗଥିଲା ୟେଲୋ ଅକର୍, ମାଇଲଡ୍ ଗ୍ରେ ଆଉ ବ୍ରାଉନ୍ । ମୁଁ ଛବିଟିର ନାଁ ରଖିଥିଲି 'ଫସଲ ଅମଳର ସଙ୍ଗୀତ', 'ହାରଭେଷ୍ଟିଙ୍ଗ୍ ସଙ୍ଗସ୍' । ଚିତ୍ରଟି ସେଇ ବର୍ଷ କଲିକତାର ଫାଇନ୍ ଆର୍ଟ ଏକାଡ଼େମୀର ସର୍ବଭାରତୀୟ ଚିତ୍ର ପ୍ରଦର୍ଶନୀରେ ପୁରସ୍କୃତ ହେଲା । ଅଜିତସାର୍, ପଣ୍ଡାସାର୍ ଓ ମୁଁ ଆମେ ତିନିହେଁ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲୁ ତଥାପି ଜଣେ ଅଧ୍ୟୟନରତ ଛାତ୍ର ଏଭଳି ଗୌରବର ଅଧିକାରୀ ହେବା ଖଲିକୋଟର

Digitized by srujanika@gmail.com

ଚିତ୍ରକଳା ବିଦ୍ୟାଳୟ ପାଇଁ ଏକ ଅନନ୍ୟ ଘଟଣା ଥିଲା । ମୋ ପୁରସ୍କାର ପ୍ରାପ୍ତିରେ ଅଜିତସାର୍ ଆଉ ପଣ୍ଡାସାର୍ ଅତ୍ୟନ୍ତ ଖୁସି ହେଇ ପଡ଼ିଥିଲେ । ଅଜିତସାର୍ ମୋତେ କୁଣ୍ଢେଇ ପକେଇ ଭୂଇଁ ଉପରୁ ହାତେ ଦି'ହାତ ଉପରକୁ ଉଠେଇ ଦେଲେ । ପଣ୍ଡାସାର୍ ପାଖରେ ଠିଆ ହେଇ ଅଜିତସାର୍‌ଙ୍କୁ ଅନେଇ ନିଜ ଛାତ୍ରର ପ୍ରାପ୍ତିରେ କୁରୁଳି ଉଠୁଥାନ୍ତି ।

ଆମେ ଖଲିକୋଟରେ ପଢୁଥିବା ବେଳେ କେନ୍ଦ୍ର ଲଳିତକଳା ଏକାଡ଼େମୀର ସର୍ବଭାରତୀୟ ପ୍ରଦର୍ଶନୀ କଥା ଆମକୁ ଜଣା ନଥିଲା । ଆମର ଅଧ୍ୟାପକମାନେ ମଧ୍ୟ ଏହି ପ୍ରଦର୍ଶନୀ ସଂପର୍କରେ ସଚେତନଇ ନଥିଲେ । ଆମପାଇଁ କଲିକତାର ଲେଡ଼ି ରାନୁ ମୁଖାର୍ଜୀଙ୍କ ଫାଇନ୍ ଆର୍ଟ ଏକାଡ଼େମୀ ହିଁ ଆଶା, ଭରସା ଓ ସବୁ ଶୈକ୍ଷୀକ ପାରଦର୍ଶିତାର ପରିମାପକ ଥିଲା । ଏକାଡ଼େମୀ ପୁରସ୍କାର ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ତଥା ଛାତ୍ରଛାତ୍ରୀ ମହଲରେ ମୋ ପାଇଁ ଯଥେଷ୍ଟ ସମ୍ମାନ ବୋଧ ଆଣିଦେଇଥିଲା ଏବଂ ତୈଳଚିତ୍ର ବିଭାଗ ଓ ସର୍ବୋପରି ଖଲ୍ଲିକୋଟ ଆର୍ଟସ୍କୁଲ ପୁରସ୍କାର କଥାକୁ ନେଇ ଏକରକମ ଗର୍ବିତ ଥିଲା । ମୋ ଆଗରୁ ମୁରଲୀଧର ଟାଲି ଏହି ଏକାଡେମୀ ପୁରସ୍କାର ପାଇଥିଲେ । କିନ୍ତୁ ସିଏ ଓଡ଼ିଶା ବାହାରେ ରହୁଥିବାରୁ ଓଡ଼ିଶାରେ ପୁରସ୍କାରର ପ୍ରଭାବ ଅନୁଭୂତ ହେଇନଥିଲା । ଏଣୁ ଆଧୁନିକତାର ପ୍ରଥମ ସର୍ବଭାରତୀୟ ସ୍ୱୀକୃତି ରୂପେ 'ଫସଲଅମଳର ସଂଗୀତ' ପରିଗଣିତ ହେଲା ।

ମୁଁ ତୃତୀୟ ଓ ଚତୁର୍ଥ ବର୍ଷରେ ଅଧ୍ୟୟନ କରୁଥିବା ବେଳେ ଦିଲ୍ଲୀର ଜାତୀୟ ଆଧୁନିକ ଚିତ୍ର ସଂଗ୍ରହାଳୟ ଚିତ୍ର ସଂଗ୍ରହ କରିବା ପାଇଁ ଖବରକାଗଜରେ ବିଜ୍ଞାପନ ପ୍ରକାଶ କରିଥିଲେ । ଡକ୍ଟର ଲକ୍ଷ୍ମୀପ୍ରସାଦ ସିହାରେ ନିର୍ଦ୍ଦେଶକ ଭାବେ ସେତେବେଳକୁ ନଗଦ ଦାୟିତ୍ୱ ନେଇଥାନ୍ତି । ଆମେ ତିନିହେଁ ଚିତ୍ର ପଠେଇବା ପାଇଁ ଯୋଗାଡ଼ରେ ଲାଗିପଡ଼ିଲୁ । ହରେକୃଷ୍ଣ ବେହେରା ସାର୍‌ଙ୍କୁ ଡାକି ଅଏଲ୍ ପେଣ୍ଟିଙ୍ଗ୍ କ୍ଲାସରେ ଛବିକ୍ରେଟ ତିଆରି ହେଲା । ମସ୍ତବଡ଼ ବାକ୍ସ, ପାଞ୍ଚଫୁଟରେ ଚାରିଫୁଟ ହେବ । ବହୁ ଶ୍ରମସ୍ୱୀକାର କରି ବଡ଼ କଷ୍ଟରେ କ୍ରେଟ୍‌କୁ ପ୍ରଥମ ମହଲାରୁ ଓହ୍ଲେଇ ବଳଦ ଗାଡ଼ିରେ ଲଦାହେଲା । ଆମେ ତିନିହେଁ ବଳଦଗାଡ଼ି ପଛେ ପଛେ କେଶପୁର ରେଳଷ୍ଟେସନକୁ ଚାଲିଲୁ । ଚିଲିକା ହ୍ରଦର ଇଟଲଗା କଙ୍କଡ଼ା, ବାଗଦା ଚିଙ୍ଗୁଡ଼ି ଓ ଖଇଙ୍ଗା ମାଛ ସାଙ୍ଗରେ ଛବିକ୍ରେଟ୍ ମଧ୍ୟ ରେଳ ଡବାରେ ଦାଖଲ ହେଲା । ଦୁଇ

Digitized by srujanika@gmail.com

ତିନିମାସ ପରେ ପୁଣି ଦିଲ୍ଲୀରୁ ଫେରି ଆସିଲାବେଳକୁ ଛବିକ୍ରେଟ୍‌ର ଅଧାରୁ ଅଧିକା ଲୁହାପାତିଆ ଖସି ପଡ଼ିଯାଇଥିଲା । ଦି' ଡଜନ ସ୍କ୍ରୁ ହୁଗୁଳି ଯାଇ ଅତି ବିପଜ୍ଜନକ ଅବସ୍ଥାରେ ବାକ୍ସଟି ଦିଲ୍ଲୀ ପରିକ୍ରମା କରି ଆର୍ଟସ୍କୁଲକୁ ପ୍ରତ୍ୟାବର୍ତ୍ତନ କରିଥିଲା । ମନବିସ୍ତାପରେ ଆମ ଉପସ୍ଥିତିରେ ଛବିଗୁଡ଼ିକୁ ଉଦ୍ଧାର କରାଗଲା । ଆମର ହୃଦ୍‌ବୋଧ ହେଲା ଆଧୁନିକ ଚିତ୍ରକଳା ସଂଗ୍ରହାଳୟ କର୍ତ୍ତୃପକ୍ଷ ଖୁବ୍ ସମ୍ଭବତଃ ଆମ ଛବିବାକ୍ସଟିକୁ ଜମାରୁ ଖୋଲି ନାହାନ୍ତି । ଆମେ ଏହି ଦୁଃସମ୍ବାଦକୁ ଚାପିରଖି ଏକ ସମ୍ମାନଜନକ ସିଦ୍ଧାନ୍ତରେ ପହଞ୍ଚିଲୁ ଯେ ବୋଧହୁଏ ଆମ ଛବିବାକ୍ସଟି କର୍ତ୍ତୃପକ୍ଷଙ୍କ ନିକଟରେ ନିର୍ଦ୍ଦିଷ୍ଟ ଓ ନିର୍ଦ୍ଧାରିତ ସମୟସୀମା ଭିତରେ ପହଞ୍ଚି ପାରିନି । ଆତ୍ମସମ୍ମାନ ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନେବାରେ ଯଥେଷ୍ଟ କାରଣ ଥିଲା ।

କିନ୍ତୁ ଏହି ଘଟଣା ଆମର ଉତ୍ସାହ ଓ ଉଦ୍ଦୀପନାକୁ କୌଣସି ପ୍ରକାରେ ସ୍ତିମିତ କରିପାରିନଥିଲା । ମୁଁ ସାର୍‌ମାନଙ୍କ ସାଙ୍ଗରେ ମିଶି ଆଉ ଦୁଇଟି ବର୍ଷ ଛବି ପଠେଇଥିବି । କିନ୍ତୁ ଅଙ୍ଗୁରକୋଳି ଖଟା ବୋଲି ଆମେ କେବେହେଲେ ଘୋଷଣା କରିନଥିଲୁ । ଏହି ଘଟଣାର ବହୁ ବର୍ଷପରେ ଏହି ଜାତୀୟ ଆଧୁନିକ କଳା ସଂଗ୍ରହାଳୟର କଳାସାମଗ୍ରୀ ଚୟନ ସମିତିରେ ସଭ୍ୟ ହେବାର ଗୌରବ ଅର୍ଜନ କରିଥିଲି । ଭାରତର ବିଶିଷ୍ଟ ଶିଳ୍ପୀ ସତୀଶ ଗୁଜ୍‌ରାଲ୍ ଆର୍ଟ ଏକ୍ୟୁଜିସନ୍ କମିଟିର ଅଧ୍ୟକ୍ଷ ଥିଲେ । ଅମରନାଥ ଶେହଗଲ୍, ବାଲାନ୍ ନାମ୍ବିଆର୍, ହାକୁ ଶାହା ପ୍ରଭୃତି ବିଶିଷ୍ଟ ଶିଳ୍ପୀମାନେ ଅନ୍ୟ ସଭ୍ୟ ଭାବେ ରହିଥିଲେ । ମୁଁ ଏମାନଙ୍କ ସାଙ୍ଗରେ ସଭାରେ ବସି ଚିତ୍ର, ଭାସ୍କର୍ଯ୍ୟ ମନୋନୀତ କଲାବେଳେ ମୋ ଖଲିକୋଟ ଅନୁଭୂତି ସ୍ମରଣ କରୁଥିଲି ।

ମୁଁ ପୁରସ୍କାର ପାଇସାରିଲା ପରେ ଅଜିତସାର୍ ଆଉ ପଣ୍ଡାସାର୍ ସେମାନଙ୍କ ଛବି ଦେଖିବା ପାଇଁ ମଝିରେ ମଝିରେ ମୋତେ ତାଙ୍କ ଷ୍ଟୁଡ଼ିଓକୁ ଡାକୁଥିଲେ । ଏହି ଘଟଣା ମୋ ପାଇଁ ଯେତିକି ଗୌରବ ଓ ବିଶ୍ୱାସ ଆଣି ଦେଉଥିଲା, ମୋର ଶିକ୍ଷକମାନଙ୍କ ଉପସ୍ଥିତିରେ ମୁଁ ସେତିକି ହତପ୍ରଭ ହେଇ ପଡୁଥିଲି । ମୁଁ କିଂକର୍ତ୍ତବ୍ୟ ବିମୂଢ଼ ହେଇ ସେମାନଙ୍କ ଛବି ଆଗରେ ବେଳେ ବେଳେ ଚୁପକରି ଠିଆହେଇ ରହୁଥିଲି ।

ଅଜିତସାର୍‌ଙ୍କ ରହିବା ଘରଟି ବେଶ୍ ରୁଚିପୂର୍ଣ୍ଣ ଭାବେ ସଜା ହେଇଥିଲା । ବୈଠକଖାନାରେ ଧଳା ଏନାମଲ୍ ଦିଆ ଚାରୋଟି ବେତର ଚୌକୀ,

Digitized by srujanika@gmail.com

ଗୋଟିଏ ଛୋଟିଆ ବହିଥାକ, କାନ୍ଥରେ ଅଜିତସାର୍‌ଙ୍କ ଦି'ଖଣ୍ଡ ଟେମ୍ପେରା, ଟେମ୍ପେରା ଭିତରେ ଆଖିରେ ପଡୁଥିଲା ଭରତ ନନ୍ଦି ଗ୍ରାମରୁ ରାମଙ୍କ ପାଦୁକା ପଟୁଆରରେ ଆଣୁଥିବାର ଦୃଶ୍ୟ ଏବଂ ବହିଥାକର ସବା ଉପର ପଟାରେ ସିରାମିକ୍‌ର ଗୋଟିଏ ପେଚା । ସାର୍‌ଙ୍କ ଘରକୁ ଯେବେହେଲେ ଗଲେ ବୈଠକ ଖାନାର ପେଚାଟି ବରାବର ମୋ ଦୃଷ୍ଟି ଆକର୍ଷଣ କରୁଥାଏ । ମୁଁ ଶାନ୍ତିନିକେତନ ଓ ଶ୍ରୀନିକେତନରେ ଏହି ପେଚାର ବହୁବାର ସନ୍ଧାନ ନେଇଛି । କିନ୍ତୁ ସବୁଥର ବିଫଳ ମନୋରଥ ହେଇ ଫେରିଛି ।ସେ ଭଳିଆ ପେଚାଟିଏ ମିଳିଲେ ଏବେବି ସଂଗ୍ରହକରି ରଖିବା ପାଇଁ ମୁଁ ତିଆର ଅଛି ।

ଅଜିତସାର୍ କଟକିଆ ଥିଲେ ମଧ କଟକୀ ଗଂଜାମୀ ବିବାଦ ସହିତ ପ୍ରାୟ ସଂପୃକ୍ତ ନଥିଲେ । ଏମିତିରେ ସବୁ ଛାତ୍ରଙ୍କ ସହିତ ତାଙ୍କର ସଂପର୍କ ସୌହାର୍ଦ୍ୟପୂର୍ଣ୍ଣ ଥିଲା । ସିଏ ଅଧିକାଂଶ ସମୟ ତାଙ୍କ ସୃଷ୍ଟିରେ ନିମଜ୍ଜି ରହୁଥିଲେ । ଏଣେ ତାଙ୍କ ଘର ଖଲିକୋଟର ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କ ମିଳନକେନ୍ଦ୍ର ଥିଲା । ଆଜି ଭୋଜିତ କାଲି ଟି ପାର୍ଟି । ପୁଣି କିଛି ଦିନ ଅନ୍ତରରେ ବନ୍ଧୁମାନଙ୍କ ଆସର, ବୈଠକି । ଅବଶ୍ୟ ଦି' ଚାରିଜଣ ସରକାରୀ ଅଫିସରଙ୍କୁ ବାଦଦେଲେ ପାର୍ଟିରେ ଯୋଗଦେଲା ଭଳି ଖଲିକୋଟରେ ବିଶିଷ୍ଟ ବ୍ୟକ୍ତି ମାନଙ୍କର ଘୋର ଅଭାବ ଥିଲା । ଖଲିକୋଟରେ ମୁଁ ଛାତ୍ରଥିବା ବେଳେ ଗଂଜାମୀ ଦଳରେ ସାମିଲ ହେଇଥିଲି ଏବଂ ଦଳର ବହୁ ସାଂଗଠନିକ କାର୍ଯ୍ୟରେ ନିଜକୁ ସଂପୃକ୍ତ ରଖିଥିଲି । ଆମ ଦଳର ମୁଖିଆ ମାନେ ଅଜିତସାର୍ ଓ ତାଙ୍କ ପରିବାର ସହିତ ସଂପୃକ୍ତ ନହେବା ପାଇଁ ତାଗିଦା କରି ଦେଇଥିଲେ । ମୁଁ ଦ୍ୱନ୍ଦରେ ପଡୁଥିଲି, ଏଣେ ଆଧୁନିକ କଳାଆନ୍ଦୋଳନରେ ଦାୟୀ ହେଇ ଅଜିତସାର୍‌ଙ୍କ ସାନ୍ନିଧ୍ୟର ଧ୍ୟେୟ ହେଇଥିଲି ତ ତେଣେ ଗଂଜାମିଆ ହେଇଥିବାରୁ ଦଳପତିଙ୍କ ଆଦେଶ ମାନି ବେଳେବେଳେ ଅଡୁଆ ଅଜବ କାର୍ଯ୍ୟକ୍ରମ ସହିତ ବସ୍ତୁତଃ ନହେଲେ ମଧ ମାନସିକ ସ୍ତରରେ ସଂପୃକ୍ତ ରହୁଥିଲି ।

ଆଜି ବୋଲି ନୁହଁ, ସବୁବେଳେ ରାଜନୀତି ଓ ଦଳକନ୍ଦଳରେ ଆଲୋଚନା ଓ ସମାଲୋଚନା ସମସ୍ତ ସଂଭ୍ରମକୁ ଅତିକ୍ରମ କରି ନିମ୍ନସ୍ତରର କୁତ୍ସାରଟନାରେ ପରିଣତ ହେଇଯାଏ । ଗୋଟିଏ ଦଳର ଲୋକେ ଅନ୍ୟ ଦଳର ଲୋକଙ୍କ ସଂପର୍କରେ ଅଯଥା କଥାଗୁଡ଼ିଏ ଭାବନ୍ତି, ବିରୋଧୀ ଦଳତ ତାଙ୍କ ଗୋହି ଖୋଳ, ମା, ମାଇପଙ୍କ ନାଁରେ ବି ଦୁର୍ନାମ କର, ସପ୍ତପୁରୁଷ ଉଦ୍ଧାର କର ।

Digitized by srujanika@gmail.com

ଖଲିକୋଟ ଆର୍ଟସ୍କୁଲ ଶିକ୍ଷା ବିଭାଗ ଅଧୀନରେ ଥିଲା । ଏଣୁ ଡି.ପି.ଆଇ ବାମା ଚରଣ ଦାସ କୋରାପୁଟ, ଫୁଲବାଣୀ ଓ ଗଂଜାମ ଗସ୍ତରେ ଗଲାବେଳେ ଓ ଫେରିଲାବେଳେ ଖଲିକୋଟରେ ଅଟକୁ ଥିଲେ ଓ ଅଜିତସାର୍‌ଙ୍କ ଘରେ ଅତିଥି ହେଉଥିଲେ । ସିଏ କୁଆଡ଼େ ଅଜିତସାର୍‌ଙ୍କ ବନ୍ଧୁବାନ୍ଧବ । ଖଲିକୋଟ ଲୋକଙ୍କ ଦେହରେ ଏକଥା ଗଲାନି । ସନ୍ଦେହ ହେଲା ହୁଏତ କିଛି ଷଡ଼ଯନ୍ତ୍ର ଚାଲିଛି । କିଛି ଖଲିକୋଟ ଲୋକ ଆଉ ଗଂଜାମୀ ଦଳ ମିଶି ଅଜିତସାର୍ ଓ ତାଙ୍କ ପରିବାରକୁ ଦୁର୍ନାମ କରିବା ପାଇଁ ଯୋଜନା କଲେ । 'ଭାରତ' ପାକ୍ଷିକ ସମାଲୋଚନା ପତ୍ରିକାର ସଂପାଦକ ରଘୁବୀର ଯାଦବଙ୍କୁ ଖଲିକୋଟ ନିମନ୍ତ୍ରଣ କରିଆଣିଲେ । ପତ୍ରିକାର ସଂପାଦକ ମାନେ ସବୁବେଳେ ନିଜ ପତ୍ରିକାକୁ ଜନାଦୃତ କରିବା ପାଇଁ କିଛି ଗରମା ଗରମ ଚାଞ୍ଚଲ୍ୟକର ସଂବାଦ ଖୋଜିଥାନ୍ତି । 'ଭାରତ' ପତ୍ରିକାର ପରବର୍ତ୍ତୀ ସଂଖ୍ୟାର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ବାହାରିଲା 'ମାଛ ଯାକରେ ଫଳି, ମାଇପ ଯାକରେ ଶାଳୀ' ଏବଂ ଆର୍ଟସ୍କୁଲର ଅନ୍ୟସବୁ ଦୁନିଆ ଯାକର ଭିତିରି ଖବର, ଗୁମରକଥା । ଏଭଳି ସଂବାଦ ଆର୍ଟସ୍କୁଲ କେବଳ ନୁହଁ, ଖଲିକୋଟ ତଥା ଗଂଜାମ ଅଂଚଳରେ ଉଷ୍ଣ ବାତାବରଣ ସୃଷ୍ଟି କରିଦେଲା । ରଘୁବୀର ଯାଦବଙ୍କ ସହିତ ମୋ ବ୍ୟକ୍ତିଗତ ସଂପର୍କ ନଥିଲା । ଗଂଜାମ ଦଳରୁ ଏଭଳି ସଂବାଦ କିଏ ପରିବେଷଣ କଲା ତା' ବି ମୋ ଧାରଣା ବାହାରେ ଥିଲା । ଅଜିତସାର୍ ଏ ସଂବାଦ ପ୍ରକାଶ ପାଇଲା ପରେ ନା ମୋତେ ସନ୍ଦେହ କରିଛନ୍ତି ନା ସେ ସଂପର୍କରେ ମୋତେ କିଛି କେବେ ପଚରା ଉଚୁରା କରିଛନ୍ତି । ସେ ଅବଶ୍ୟ ଏଭଳି ବାଦବିସଂବାଦ ଠାରୁ ସବୁବେଳେ ଦୂରରେ ରହୁଥିଲେ ।

'ଫ୍ଲାଇଟ' ଛବି ପରେ ଅଜିତସାର୍ ପାଶ୍ଚାତ୍ୟ ଜଗତର ଆଧୁନିକ ଚିତ୍ରକଳାର ପ୍ରବାଦ ପୁରୁଷ ପିକାସୋ ଓ ବ୍ରାକ୍‌ଙ୍କ ଅନୁସରଣରେ 'ଦି ଭାଓଲିନିଷ୍ଟ', ବୋଟ୍‌ସ, ହାରଭେଷ୍ଟ ଟାଇମ୍, ଫ୍ଲାଭାର୍ ଭାସ୍, ଆଫଟେର୍ ଦି ଲଞ୍ଚ୍ ପାର୍ଟି, ସେଟରଡ଼୍ ସନ୍ ପ୍ରଭୃତି ଛବି ଆଙ୍କିଲେ । ଭାଓଲିନ୍ ବାଲା ଛବିଟି ଦେଖିଲେ ପିକାସୋଙ୍କ ୧୯୧୫ ମସିହାରେ ଚିତ୍ରିତ 'ହରଲେକ୍ୟୁନ୍' ଓ ୧୯୧୩ ମସିହାରେ ଅଙ୍କିତ ଗିଟାର୍ ଛବିଦୁଇଟି କଥା ମନେ ପଡ଼ିବ ।

ଏଇ ଛବିରେ ବ୍ରାକ୍‌ଙ୍କ ଗିଟାର୍ ଚିତ୍ରର ମଧ ରୂପଗତ ଓ ବର୍ଣ୍ଣଗତ ପ୍ରଭାବ ଅଛି । କୁହାଯାଏ ଓଡ଼ିଶାରେ କେବଳ ନୁହେଁ ଭାରତରେ ମଧ କ୍ୟୁବିଜମ୍ ଆମ ଚିତ୍ରଶିଳ୍ପୀଙ୍କ କାନ୍ଧରେ ସବାର ହେଇ ଆଧୁନିକ ଚିତ୍ରକଳା ଜଗତରେ ପ୍ରବେଶ କଲା ।

Digitized by srujanika@gmail.com

ଅଜିତସାର୍ ଷାଠିଏ ଦଶକ ଆରମ୍ଭରେ କ୍ୟୁବିଜମ୍ ଦ୍ୱାରା ଅତିମାତ୍ରାରେ ପ୍ରଭାବିତ ହେଇଥିଲେ ଓ ତାହା ତାଙ୍କର ସମଗ୍ର ଶୈଳ୍ପିକ ଜୀବନକୁ ମୋହଗ୍ରସ୍ତ କରି ରଖିଥିଲା । ସିଏ ପକ୍ଷୀ ଆଙ୍କନ୍ତୁ କି ଘୋଡ଼ା ଆଙ୍କନ୍ତୁ, ସ୍ତ୍ରୀ ଆଙ୍କନ୍ତୁ କି ପୁରୁଷ ଆଙ୍କନ୍ତୁ ସବୁଥିରେ ଘନବାଦର ଭାବ, ସବୁଥିରେ ପିକାସୋଙ୍କ ଛାପ । ଏବେ ପର୍ଯ୍ୟନ୍ତ ଘନବାଦ ଅଜିତସାର୍‌ଙ୍କ ସହଚର ହେଇ ରହିଛି । ଅଧକ୍ଷ ଶରତଚନ୍ଦ୍ର ସେତେବେଳକୁ ଆଉ ଛବିପତ୍ର କରୁନଥିଲେ ମଧ, ଘନବାଦ ତାଙ୍କ ଆଦ୍ୟ ଚିତ୍ରର ଗଛଲତା, ନଦୀପାହାଡ଼, ପଶୁପକ୍ଷୀ, ସ୍ତ୍ରୀପୁରୁଷ ସମସ୍ତଙ୍କ ରୂପରେ ପ୍ରତିଫଳିତ ହେଇ ସାରିଥିଲା । ଏଣୁ ତାଙ୍କରି ଅନୁପ୍ରେରଣାରେ ଖଲିକୋଟ ଆର୍ଟସ୍କୁଲରେ ଆଧୁନିକତା କେବଳ ଯେ ଜନ୍ମନେଲା ତା ନୁହେଁ, ପରିପୁଷ୍ଟ ଓ ପରିବର୍ଦ୍ଧିତ ହୋଇ ଛାତ୍ରମାନଙ୍କ ସୃଜନଶୀଳ ରଚନାରେ ବ୍ୟାପିଯାଇ ଆଧୁନିକତାର ପରଂପରା ହେଇ ତିଷ୍ଠି ରହିଲା ।

ଆଧୁନିକତା ରୂପର ଓ ଶୈଳୀର ଭେଲିକି ଯେତିକି ନୁହେଁ ତାହାଠାରୁ ତତୋଽଧିକ ଏକ ନୂତନ ବିଶ୍ୱାସର ପରିଭାଷା । ଆଧୁନିକତାର ବିମଳ ଆଲୋକରେ ଯେଉଁମାନେ ଉଦ୍‌ଭାସିତ ହେବାକୁ ଚାହିଁଥିଲେ, ସେମାନଙ୍କ ମଧରେ ବେଶି ମନେ ପଡୁଛି ସହପାଠୀ ଶିବ ପାଣିଗ୍ରାହୀଙ୍କ କଥା । ଶିବ ପାଣିଗ୍ରାହୀଙ୍କୁ ଯଦିଓ ପିକାସୋଙ୍କ ଘନବାଦର ମହକ ଛୁଇଁ ଛୁଇଁ ଯାଇଥିଲା ତଥାପି ସିଏ ସୈଲୋଜ୍ ମୁଖାର୍ଜୀଙ୍କ ଅଭିବ୍ୟଞ୍ଜନାବାଦର ପୂଜାରୀ ହେଇଯାଇଥିଲେ । ତାଙ୍କର ତିନି ଭଉଣୀ ଚିତ୍ର ଅଭିବ୍ୟଞ୍ଜନାବାଦର ବଳିଷ୍ଠ ଆଭାସ ଦିଏ ।

ଏହି ଚିତ୍ରଟି ଓଡ଼ିଶା ଲଳିତକଳା ଏକାଡେମୀର ପ୍ରଥମ ବାର୍ଷିକ ଚିତ୍ରପ୍ରଦର୍ଶନୀରେ ଆଧୁନିକ ଚିତ୍ର ବିଭାଗର ଆମେଚର ଶ୍ରେଣୀରେ ପ୍ରଥମ ପୁରସ୍କାର ପାଇଥିଲା । ମୋର ତୈଳରଙ୍ଗର ଚିତ୍ର 'ମୋ ଗାଁ' ଏହି ପ୍ରଦର୍ଶନୀରେ ପୁରସ୍କୃତ ହେବାର ଗୌରବ ଅର୍ଜନ କରିଥିଲା । ଓଡ଼ିଶାରେ ଆଧୁନିକ କଳା ଆନ୍ଦୋଳନର ଇତିହାସ ଖୋଜିଲା ବେଳକୁ ଏହି ଚିତ୍ରଗୁଡ଼ିକ ଆଧୁନିକତାର ପ୍ରଥମ ସ୍ପନ୍ଦନ ଭଳି ସ୍ମୃତିକୁ ରୋମନ୍ଥିତ କରିଦିଏ । ଭାସ୍କର୍ଯ୍ୟ ବିଭାଗରେ ବ୍ରଜବନ୍ଧୁ ମିଶ୍ର ଧନରାଜ ଭଗତଙ୍କ ଶୈଳୀରେ ବଂଶୀବାଦକ ପ୍ରଭୃତି କେତୋଟି ଭାସ୍କର୍ଯ୍ୟ କରି ଆଧୁନିକତାର ନାମ ସାର୍ଥକ କରିଥିଲେ । ଧନରାଜ ଭଗତ ପିକାସୋଙ୍କ ଜଣେ ଦୃଢ଼ ସମର୍ଥକ ଏବଂ ବ୍ରଜବନ୍ଧୁଙ୍କ ବଂଶୀବାଦକ କବନ୍ଧରେ, ମୁହଁରେ ଓ ଆବନ୍ଧରେ ଘନବାଦର ପ୍ରତିଛବି ସ୍ପଷ୍ଟ ହେଇଯାଏ । ଅତି ଆଚମ୍ବିତ କଥା, ଭାରତୀୟ ଚିତ୍ରକଳା ବିଭାଗର ଜଣେ

Digitized by srujanika@gmail.com

ହେଲେ ଛାତ୍ର କିମ୍ବା ଛାତ୍ରୀ ଆଧୁନିକତାରେ ବିଶ୍ୱାସ କରି ପାରିନାହାନ୍ତି ଏଣୁ ପରଂପରାର ଗତାନୁଗତିକ ପ୍ରଭାବରୁ ମୁକ୍ତ ହେଇପାରି ନାହାନ୍ତି । ଏଣୁ ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ଅଜିତସାର୍ ଓ ଏଭଳିକି ପଣ୍ଡାସାର୍‌ଙ୍କ ଖୁବ୍ କମ୍ ଛାତ୍ରଥିଲେ ଯେଉଁମାନେ କି ଆଧୁନିକତାର ପରିଭାଷାରେ ବିଶ୍ୱାସ ରଖୁଥିଲେ ଓ ଓଡ଼ିଶାର କଳାଆନ୍ଦୋଳନକୁ ଭବିଷ୍ୟତରେ ପରିଚାଳିତ କରିବାର ପ୍ରତିଶ୍ରୁତି ବହନ କରିଥିଲେ । ପରବର୍ତ୍ତୀ ଜୀବନରେ ମୋର କିଛି ସହପାଠୀ ଆଧୁନିକ ଚିତ୍ରକଳା ଦ୍ୱାରା ପ୍ରଭାବିତ ହେଇ ଚିତ୍ର ଅଙ୍କନ କରିଥିଲେ ଓ ପ୍ରଦର୍ଶନୀମାନଙ୍କରେ ଅଂଶ ଗ୍ରହଣ କରି ପୁରସ୍କୃତ ମଧ ହେଇଥିଲେ । କିନ୍ତୁ ଷାଠିଏ ଦଶକ ପ୍ରାରମ୍ଭରେ ଗଭୀର ମନନ ଓ ଅନୁଶୀଳନକୁ ମଜ୍ଜାଗତ କରି ଅଜିତସାର୍ ଏବଂ ପଣ୍ଡାସାର୍‌ଙ୍କ ଅଭିନବ ଆଧୁନିକ ଚିତ୍ର ଆନ୍ଦୋଳନର ଜଣେ କର୍ମନିଷ୍ଠ ପଦାତିକ ଭାବେ ମୁଁ ଠିଆହେବାର ଯୋଗ୍ୟତା ଅର୍ଜନ କରିପାରିଥିଲି ଏକଥା ଆଜି ଭାବି ବସିଲେ ଗର୍ବରେ ଛାତି ଫୁଲି ଉଠେ ଓ ବିନମ୍ରରେ ସାର୍‌ମାନଙ୍କ ପାଦତଳେ ପ୍ରଣତି ଜଣେଇବାକୁ ଇଚ୍ଛାହୁଏ ।

Digitized by srujanika@gmail.com

ଶତପଥୀସାର୍‌ଙ୍କ ବଂଶୀ

ଯିମିତି ଖଲିକୋଟର ଗାଈ, ବାରିପଦାର ମାଈ, ବାଣପୁରର ଭାଇ ଆଉ ଭଂଜନଗରର ଘାଇ ସିମିତି ଯତିପାତ ନ ହେଉଥିଲେ ମଧ ବିପ୍ରସାର୍‌ଙ୍କ ଗୋପବନ୍ଧୁ, ପଣ୍ଡାସାର୍‌ଙ୍କ ସୀତାର, ପଦ୍ମାଦିଦିଙ୍କ କ୍ରୁସ୍‌ଷ୍ଟିଚ୍‌, ଆଉ ଲାଲାସାର୍‌ଙ୍କ ବେତବାଉଁଶର ଡ଼ାଲା । ଏହା ସାଙ୍ଗରେ ଆଉ ଦୁଇଟି ଲଥା ଯୋଡ଼ା ନହେଲେ ଖଲିକୋଟ ଆର୍ଟସ୍କୁଲର ପତିଆରାରେ ଫାଙ୍କ ରହିଯିବ । ସେ ଦୁଇଟି ହେଲା ହରେକୃଷ୍ଣ ବେହେରାଙ୍କ ମଦପିମ୍ପା ଆଉ ଶତପଥୀସାର୍‌ଙ୍କ ବଂଶୀ ।

ମୋ ତୃତୀୟ ବର୍ଷରେ ଯେଉଁ ଦୁଇଜଣ ଛନଛନିଆ, ଚକଚକିଆ ଅଧାପକ ଖଲିକୋଟ ଆର୍ଟସ୍କୁଲରେ ଯୋଗଦେଲେ ସେମାନେ ହେଲେ ଅନନ୍ତ ପଣ୍ଡା ଆଉ ଲୋକନାଥ ଶତପଥୀ, ଲୋକନାଥ ଶତପଥୀଙ୍କ ଗଢ଼ଣ ଗୋଟାଳିଆ ଆମ୍ବୁଆ ଦେହ, ମୁହଁ ଲମ୍ବାଳିଆ ଦେଖାଯାଉଥିଲେ ବି ଲମ୍ବାଳିଆ କହିହେବନି, ଧାରୁଆ ନାକ, କୁଞ୍ଚୁକୁଞ୍ଚିଆ ବାଳ, ସରୁଆ ଓଠ ଉପରେ ସରୁଆ ନିଶ ଶତପଥୀ ସାର୍‌ଙ୍କ ରସିକ

Digitized by srujanika@gmail.com

ପଣିଆକୁ ବଢ଼େଇଦେଇଥାଏ । ତାଙ୍କ ଘର ବାଣପୁର ପାଖରେ କୋଟ ବିଦ୍ୟାଧରପୁର ଶାସନ । ଚାଲିଚଳଣିରେ ଶାସନିଆ ଢ଼ଙ୍ଗ । ନିଜକୁ ସ୍ୱତନ୍ତ୍ର କରେଇ ନେବାରେ ପ୍ରବଣତା । କଲିକତା ଆର୍ଟସ୍କୁଲରୁ କମର୍‌ସିଆଲ୍ ଆର୍ଟରେ ଡିଗ୍ରୀପାସ୍ କରି ଖଲିକୋଟରେ ଅଧ୍ୟାପକ ଚାକିରୀରେ ଯୋଗଦେଇଥିଲେ ।

ଶତପଥୀସାର୍ ଆଉ ପଣ୍ଡାସାର୍ ଉପରେ ମିଶୁଥିଲେ । ଭିତରେ ଭିତରେ କିନ୍ତୁ ଭାବ ଅଲଗା, କଲିକତିଆ ଆଉ ଶାନ୍ତିନିକେତନିଆ ଶିକ୍ଷୀଙ୍କ ଭିତରେ ଶୈଳୀଗତ ଅନ୍ତରୁଆଟିଏ, ବନ୍ଧୁତା ସଂପର୍କରେ ମଧ୍ୟ ପ୍ରତିଫଳିତ ହେଇଯାଏ । ଯେମିତି ଭାରତ ଓ ପାକିସ୍ଥାନର ବାସିନ୍ଦାମାନେ ଏକା ପାଣିପବନର ଲୋକ ହେଲେ ମଧ୍ୟ ରାଜନୈତିକ ଶତ୍ରୁତାଟିଏ ପ୍ରାଚୀର ଭଳି ଠିଆ ହେଇଯାଏ । ତାପରେ ଯେଉଁମାନେ ଖାଣ୍ଟି ଲଳିତକଳାର ସାଧକ ସେମାନେ କମର୍‌ସିଆଲ୍ ଶିକ୍ଷୀମାନଙ୍କୁ ଟିକିଏ ତଳୁଆ ଦେଖନ୍ତି । ଗଂଜାମରେ ବ୍ରାହ୍ମଣ ଆଉ କୁମୁଟିଙ୍କ ଭିତରେ ମଧ୍ୟ ଏମିତିକା ତଳ ଉପରିଆ ସ୍ନେହସଂପର୍କ ଅଛି । କମର୍‌ସିଆଲ୍ ଆର୍ଟିଷ୍ଟ କୁମୁଟି ଲୋକଙ୍କ ଭଳି ବେପାର କରନ୍ତି ଆଉ ଯେତେକ ଫାଇନ୍ ଆର୍ଟ ବାଲା, ବ୍ରାହ୍ମଣ ଭଳି ଭିକ ମାଗନ୍ତି ସିନା କଥାରେ କଥାରେ ପଣ୍ଡିତ ବୋଲେଇ ହୁଅନ୍ତି । ଆଜିର କର୍‌ପୋରେଟ୍ ସମାଜରେ କମର୍‌ସିଆଲ୍ ବାଲାଙ୍କର କଳାଜଗତରେ କାଟତି ବେଶୀ । ରାସ୍ତାଘାଟରେ ମାଳମାଳ ହୋର୍ଡିଙ୍ଗ୍, ଦୋକାନବଜାରରେ ଶହ ଶହ ଗ୍ଲୋ ସାଇନ, କେତେ ରଙ୍ଗବେରଙ୍ଗର ମୁହଁ, କେତେ ଆଖିରୋଚକ ଦେହ, କେତେ ମଲ୍ଲୀଫୁଲିଆ ହସ, ହରିଣୀ ଚାହାଣି- ଏ ସବୁ କମର୍‌ସିଆଲ୍ ଆର୍ଟ୍‌ର କମାଲ । କ୍ରିକେଟ ଖେଳ ହେଉକି ଧର୍ମ ପ୍ରବଚନ ହେଉ ସବୁଠି କମର୍‌ସିଆଲ୍ ଆର୍ଟିଷ୍ଟର ରଙ୍ଗୀନ୍ କରାମତି ।

ଏକବିଂଶ ଶତାବ୍ଦୀରେ କମର୍‌ସିଆଲ୍ ଆର୍ଟର ଗୁଣ ତ ବୁଝିହେଉଛି, ଆଜକୁ ଚାଳିଶ ବର୍ଷତଳେ ନିମ, ସାହାଡ଼ା ଦାନ୍ତକାଠିରେ ଦାନ୍ତ ଘଷୁଥିବା ଖଲିକୋଟର ଗଡ଼ିଆଲୋକଙ୍କର କମର୍‌ସିଆଲ୍ ଆର୍ଟ୍‌ର ସଚେତନତା ସହଜରେ ଅନୁମେୟ । ଆଦିମ ଗନ୍ଧରେ ସନ୍ତୁଳି ହେଉଥିବା ଉଆସ ଭିତରେ ଶତପଥୀସାର୍ କମର୍‌ସିଆଲ୍ ଆର୍ଟକୁ ନେଇ କ'ଣ ବା କରିପାରିଥାନ୍ତେ ? ସିଏ କଲିକତାରୁ ନଗଦ ଆସି ଖଲିକୋଟରେ ପାଦ ଦେଉ ଦେଉ କମର୍‌ସିଆଲ୍ ଆର୍ଟ୍‌ର ସ୍ଥିତି ସଂପର୍କରେ ଅବହିତ ହେଇଗଲେ ଓ ମନେମନେ ନିଷ୍ପତ୍ତି ନେଲେ ଯେ ଅଯଥା ଶକ୍ତିର ଅପଚୟ କରି ସେ କଳାର ଉତ୍‌କର୍ଷ ପାଇଁ ଧନ୍ଦି ହେବେନି । ବେଶ୍ ତାଙ୍କ ବ୍ୟକ୍ତିଗତ କଳା

Digitized by srujanika@gmail.com

ପ୍ରୟାସରେ ସେଇଠୁ ପୂର୍ଣ୍ଣଚ୍ଛେଦ ପଡ଼ିଲା । ଶତପଥୀସାର୍ ନିଜ ବାକ୍‌ଚାତୁରୀରେ ଏବଂ ବିଭିନ୍ନ ଅଣଶୈକ୍ଷିକ କୌଶଳ ପ୍ରୟୋଗ କରି କଳା ଅଧ୍ୟାପକ ଭାବେ ନିଜ ପ୍ରଭାବ ବିସ୍ତାର କରିବାକୁ ଲାଗିଲେ । ସିଏ ଓଡ଼ିଶା ଲଳିତ କଳା ଏକାଡ଼େମୀକୁ କି ମନ୍ତ୍ର ପଢ଼େଇଲେ କେଜାଣି ଏକାଡେମୀ କର୍ତ୍ତୃପକ୍ଷ ଏକାଡେମୀର ପ୍ରଥମ ବାର୍ଷିକ ଚିତ୍ରପ୍ରଦର୍ଶନୀରେ କମରସିଆଲ୍ ଆର୍ଟ ପାଇଁ ବିଭାଗଟିଏ ଖୋଲିଲେ ଓ ଶତପଥୀ ସାର୍ ସୁଲେଖା କାଳିର ପୋଷ୍ଟର ପାଇଁ ସ୍ୱର୍ଣ୍ଣପଦକ ପାଇଲେ । ପାଠକଙ୍କ ଗୋଚରାର୍ଥେ ସ୍ପଷ୍ଟକରିଦେବା ପାଇଁ ଚାହୁଁଛି ଯେ କୌଣସି ଲଳିତକଳା ଚିତ୍ର ପ୍ରଦର୍ଶନୀରେ କମରସିଆଲ୍ ଆର୍ଟର ସ୍ଥାନ ନାହିଁ । ଓଡ଼ିଶା ଲଳିତକଳା ଏକାଡେମୀର କମରସିଆଲ୍ ଆର୍ଟ ବିଭାଗଟି ତା ପରବର୍ଷ ବନ୍ଦହେଇଗଲା । ଶତପଥୀସାର୍‌ଙ୍କ ଶିକ୍ଷାଜୀବନରେ ଏହାହିଁ ବୋଧହୁଏ ପ୍ରଥମ ଓ ଶେଷ ପୁରସ୍କାର ।

ମୋର ସ୍ମରଣ ହେଉଛି ଥରେ ପଣ୍ଡାସାର୍, ଶତପଥୀସାର୍ ଓ ମୁଁ ଖଲିକୋଟ ଆର୍ଟସ୍କୁଲ ପକ୍ଷରୁ ଅନୁଷ୍ଠିତ ଗୋଟିଏ ଚିତ୍ରପ୍ରଦର୍ଶନୀର ଆୟୋଜନ ପାଇଁ ବ୍ରହ୍ମପୁର ଯାଇଥାଉ । ପଣ୍ଡାସାର୍ ତ ସହଜେ କମରସିଆଲ୍ ଆର୍ଟର ଧାର ଧାରନ୍ତିନି, ଶତପଥୀସାର୍ ଓ ମୋ ଉପରେ ଦାୟିତ୍ୱ ପଡ଼ିଲା । ମୁଁ ତ ଛାତ୍ର, ଏଣୁ ସାର୍‌ଙ୍କ ସୁଚିନ୍ତିତ ମନ୍ତବ୍ୟ ଓ ନିର୍ଦ୍ଦେଶ ଉପରେ ସବୁକଥା ସମର୍ପି ଦେଇ ଚୁପ୍ ରହିବାକୁ ବାଧ୍ୟହେଲି । ଅଶୋକସ୍ତମ୍ଭର ଚିତ୍ରଟିଏ ଆଙ୍କିବାକୁ ଥାଏ । ଶତପଥୀସାର୍‌ଙ୍କ ବିଚାର ହେଲା ଆଶୋକସ୍ତମ୍ଭର ଛପାହେଇଥିବା ଚିତ୍ରଟିଏ ମିଳିଲେ ସେ ତାକୁ ନକଲ କରିବେ । ମୋତେ ଶହେଟଙ୍କିଆ ନୋଟଟିଏ ଖୋଜିବା ପାଇଁ କହିଲେ । ଷାଠିଏ ଦଶକରେ ବ୍ରହ୍ମପୁର ସହରରେ ମୁଁ, ପୁଣି ଶହେଟଙ୍କିଆ ନୋଟ ସବୁ ବେଖାପିଆ କଥା । ଚନ୍ଦ୍ରଶେଖର ସୁବୁଦ୍ଧି ମୋର ସହପାଠୀ, କୁମୁଟି ଲୋକ, ତା' ବଡ଼ ବଜାର ଘରେ ପହଞ୍ଚିଲି, ନୋଟଟିଏ ପାଇଲି । କିନ୍ତୁ ମୁଁ ନୋଟ ଆଣି ବିଳମ୍ବରେ ପହଞ୍ଚିଲା ବେଳକୁ ଶତପଥୀସାର୍ ପୁରା ନିରୁତ୍ସାହ ହେଇ ସାରିଥିଲେ । ନକଲ କରିବାପାଇଁ ତାଙ୍କର ଆଉ ଧୈର୍ଯ୍ୟ ନଥିଲା । ମୋତେ ଗ୍ରାଫ୍‌କାଟି ଅଶୋକସ୍ତମ୍ଭକୁ ବଡ଼କରି ଆଙ୍କିବାପାଇଁ କହିଲେ । ଏତେ ସେଣାରେ ପାଣି ଉଠାଇବା ପାଇଁ ମୋର ବି ଧୈର୍ଯ୍ୟ ନଥାଏ । ଶହେଟଙ୍କିଆ ନୋଟର ଅଶୋକସ୍ତମ୍ଭ ଅନୁକରଣ ନକରି ନିଜେ ମନରୁ ଆଙ୍କିଦେବି ବୋଲି ମୁଁ ଶତପଥୀସାର୍‌ଙ୍କୁ କହିଲି । ମୁଁ ଆଙ୍କିଦେଲି ମଧ୍ୟ । ଗାଁ ଗହଳିରେ କମ୍ ବଜେଟରେ ହେଉଥିବା ପ୍ରଦର୍ଶନୀମାନଙ୍କରେ କୌଣସି ଚିତ୍ର ଉଣେଇଶି ବିଶ୍ ହେଲେ ଚଳେ । କାମ ବେଶ୍ ଚଳିଗଲା । କମରସିଆଲ୍ ଆର୍ଟପାଠ

Digitized by srujanika@gmail.com

ଏବଂ ବାଡ଼ିବାଇଗଣ ଦୁଇଟି ସଂପୂର୍ଣ୍ଣ ଅଲଗା । ଏଭଳି ଅନେକଥର ଗୁରୁଶିଷ୍ୟ ଏକାଠି ପ୍ରଦର୍ଶନୀ କାମ କରିବାର ସୁଯୋଗ ପାଇଛୁ । ସବୁଥିରେ ଶତପଥୀସାର୍‌ଙ୍କ ପୋଥିବାଇଗଣ କଥା ।

ଶତପଥୀସାର୍ ଭଲ ଗୀତ ଗାଆନ୍ତି ଓ ଭଲ ବଂଶୀ ମଧ୍ୟ ବଜାନ୍ତି । ତାଙ୍କ ସ୍ୱରରେ ଦରଦ ଭରିହେଇ ରହିଥାଏ । ମିଠା ଗଳାର କରାମତିରେ ସେ ଭାବାନ୍ତର ସୃଷ୍ଟି କରିଦେଇ ପାରୁଥିଲେ । ନିକାଞ୍ଚନ ଅପରାହ୍ଣ ବେଳାରେ କମର୍ସିଆଲ୍ ଷ୍ଟୁଡିଓ ଭିତରୁ ବେଳେବେଳେ ନିରୋଳା ବଂଶୀର ସ୍ୱନ ରାଣୀହଂସ ପୁରକୁ ଝଂକୃତ କରିଦିଏ । ସେ ତାଙ୍କ କ୍ୱାଟର୍ସ୍‌ର ଅଗଣାରେ ବସି କେବେ କେବେ ବଂଶୀ ବଜଉଥିବାବେଳେ ଚାରିକାନ୍ଥର ପ୍ରତିବନ୍ଧକ ଡେଇଁ ସ୍ୱରଲହର ଉଆସ ଚଢ଼ିଲା ଓ ଓହ୍ଲେଇଲା ବେଳେ ଶୁଣାଯାଏ । ଶତପଥୀସାର୍‌ଙ୍କର ଚିତ୍ରକଳା ଅପେକ୍ଷା ସଂଗୀତରେ ଅଧିକ ପ୍ରବେଶ ଓ ପ୍ରୟାସ ଥିଲା । ସେ ଅଧିକାଂଶ ସମୟରେ ଗାଉଥିବା ଗୀତ ଦି' ଧାଡି ଏବେବି ମୋ ସ୍ମୃତିରେ ଜାଗ୍ରତ ଅଛି ।

'ତୁମରି ଭରସା ଆଶାରେ ଯଦି
ଚାଲିଛି ଏ ଚଲାପଥେ
ହେ ଅଦେଖା ଦେବତା କୁହ
ଆଉ ଖେଳିବ ଖେଳ କେତେ ।
ଦାନୀର ଛଳନା କରି ତୁମେ ଦିଅ
ଲୁହେ ଲୁହ ଭରି
ପଚାରିଲେ ମୁହଁ ଖୋଲି ମୁଁ ଗୋପନେ
ନ କୁହ କଥା ପଦେ '।

ବୋଧହୁଏ ଏ ଗୀତଭିତରେ ସେ ନିଜ ଅନ୍ତରର ବେଦନାକୁ ପରିପ୍ରକାଶ କରିବାପାଇଁ ଚାହୁଁଥିଲେ । କିଛି ଅକୁହା କଥା ହୃଦୟର କେଉଁ କୋଣରେ ଜମାଟ ବାନ୍ଧି ଦେଇଥିଲା କେଜାଣି । ପ୍ରାୟ ପ୍ରତି ଶିଳ୍ପୀର ଜୀବନରେ ଏଭଳି କିଛି ଗୋପନ ଯାତନା ଅବ୍ୟକ୍ତ ହେଇ ରହିଯାଏ । ଚିତ୍ରରେ ତାହା ପ୍ରକାଶ ପାଇପାରେନି ବୋଲି ଚିତ୍ରଶିଳ୍ପୀ ଗୀତଗାଏ, କବିତା ଲେଖେ । ମୋର ତୃତୀୟ ବର୍ଷରେ ଶତପଥୀ ସାର୍ ଆମକୁ କଲିକତା ଓ ଶାନ୍ତିନିକେତନ ପରିଭ୍ରମଣରେ ନେଇ ଯାଇଥିଲେ । ଓଡ଼ିଶା ବାହାରକୁ ଯିବା ଏହାହିଁ ମୋର ପ୍ରଥମ । ମୋ ଭଳି ବହୁ ପିଲାଙ୍କ ପାଇଁ

Digitized by srujanika@gmail.com

ଶାନ୍ତିନିକେତନ ଦେଖା ଏହା ହିଁ ଥିଲା ପ୍ରଥମ । ହାବଡ଼ା ଷ୍ଟେସନରେ ପହଞ୍ଚି ଆଲୁଅର ଭେଳିକିରେ ଆମେ ହତବାକ୍ ହୋଇଯାଇଥିଲୁ । ଏତେଗୁଡ଼ିଏ ପ୍ଲାଟ୍‌ଫର୍ମ ଏକାଠି ଯୋଡିହୋଇ ଗୋଟିଏ ଛାତତଳେ ଥିବାର ଦୃଶ୍ୟ ଦେଖିବା ଆମ ଜୀବନରେ ପ୍ରଥମ । ହାବଡ଼ା ଷ୍ଟେସନର ନିଅନ ଆଲୁଅରେ ଖଲିକୋଟ ଆର୍ଟସ୍କୁଲର ପିଲା ପ୍ରଜାପତି ଭଳି ଘୂରିବୁଲିଲେ । ସଂଧ୍ୟା ବେଳେ ଆମ ଟ୍ରେନ ହାବଡା ପହଞ୍ଚିଥିଲା । ଶତପଥୀସାର୍ ତାଙ୍କ ପୁରୁଣା କଲିକତା ସହରରେ ପହଞ୍ଚିବାର ଉନ୍ମାଦନାରେ ଉଦ୍‌ବେଳିତ ହୋଇଗଲେ । ନିଜର କର୍ତ୍ତବ୍ୟ ଭୁଲି ଡ଼ଗ ଡ଼ଗ ହୋଇ ଟ୍ରେନ୍‌ରୁ ଓହ୍ଲାଇ ପ୍ଲାଟଫର୍ମ ବାହାରକୁ ଚାଲିଲେ । ପଛକୁ ଦେଖିବା ବା ଆମକୁ କିଛି କହିବା ନାଁ ଗନ୍ଧ ନାହିଁ । ସିଏ ଚାଲିଲେ, ଟ୍ରାମ୍‌ରେ ଉଠିଲେ ଯିମିତି ପାଠ ପଢ଼ିଲା ବେଳେ ଟ୍ରାମରେ ଉଠୁଥିଲେ । ତାଙ୍କ ପଛେ ପଛେ ଦଳେ ପିଲା ଗୋଲାପଛରେ ଛେଳିବାଇ ହେଲାପରି ଟ୍ରାମରେ ଚଟାପଟ୍ ଚଢ଼ିଗଲେ । ଆମେ ବଳକା ପିଲାତକ ହାବଡ଼ା ଷ୍ଟେସନରେ ଅଟକି ରହିଗଲୁ । ଆମଭିତରୁ କିଛି ଚଗଲା ପିଲା ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧିକରିବା ତେଣେ ଥାଉ ବଙ୍ଗାଳୀ ଟୋକିଙ୍କ ପିଛାଧରିଲେ । ଲାଗିଲା ସେମାନେ ବି ଏଡ଼େ ସୁନ୍ଦିରିଆ ଝିଅ ମାନଙ୍କୁ ଜୀବନରେ ପ୍ରଥମକରି ଦେଖୁଛନ୍ତି । ଆମ ପାଖରେ ଆର୍ଟସ୍କୁଲର ଟଙ୍କା, କାଗଜପତ୍ର । ପିଅନ ଚନ୍ଦ୍ର ମୋ ଆଡ଼େ ଚାହିଁଲା । ଟର୍ଚ୍ଚ ଆଲୁଅରେ କାପ୍ତାପକ୍ଷୀ ଯିମିତି ଭୀତ ହୋଇଯାଏ ଆମେ ସିମିତି ସାଗିଯାଇଥିଲୁ । ସଂଧ୍ୟା ଧୀରେ ଧୀରେ ଗାଢ଼ହେଲା । ବଙ୍ଗଳା ଭାଷାର ଆମେ ଧାର ଧାରୁନଥିଲୁ । ଆମ ଅସହାୟତାର ସୁଯୋଗ ନେଇ ଦଳେ ଗୁଣ୍ଡା ଆମକୁ କାବୁକରିବାକୁ ଚେଷ୍ଟିତ ହେଲେ । ମୋ ପାଖରେ କଲିକତା ସହରର ଗାଇଡ୍ ବହି ଟିଏ ରହିଥିଲା । ସାହସ ସଞ୍ଚୟ କରି ମିନିବସ୍‌ଟିଏ ଠିକଣା କରି ସମସ୍ତେ ମିଶି ଗୋଟିଏ ହୋଟେଲରେ ପହଞ୍ଚିଲୁ । ହୋଟେଲର ନାଁ ମନେ ପଡୁନି । ହୋଟେଲର ଦରଓ୍ୱାନ୍‌ର ବେଶପୋଷାକ ଆମ ପୋଷାକ ଅପେକ୍ଷା ଯଥେଷ୍ଟ ଉନ୍ନତ ଥିଲା । ରାଜକପୁରଙ୍କ ଗୀତ ମେରା ଜୁତା ହୈ ଜାପାନୀର ଠିକ୍ ଓଲଟା ବ୍ୟବସ୍ଥା । କିଏ କାହାଠୁ ଯୋତା ଧାର ମାଗି ପିନ୍ଧିଥିଲା ଏଣୁ ଗୋଡ଼କୁ ଖାପୁ ନଥିଲା । କାହାର ସାର୍ଟପେଣ୍ଟ ବିଚିତ୍ର ଧରଣର ଦେଖାଯାଉଥିଲା । କଲିକତାର ସହରୀ ପୃଷ୍ଠଭୂମିରେ ଆମେ ସବୁ ଜୋକର୍ ଭଳି ଦେଖାଯାଉଥିଲୁ । ଆମର ଦେଶୀ ବେଗପତ୍ର ଗଣ୍ଠିଲି ବୁଜୁଳା ଦେଖି ହୋଟେଲର କର୍ମଚାରୀମାନେ କ'ଣ ଭାବିଥିବେ କେଜାଣି, ନିଶ୍ଚୟ କହିଥିବେ ଶାଳା ଉଡ଼େ । ରାତିଖାଇବା ଅର୍ଡର ନଦେଇ ବିଶୁଦ୍ଧ ଜଳପାନ କରି ଶୋଇଯିବାପାଇଁ ବଂଧୁମାନଙ୍କୁ ମୁଁ ତାଗିଦା

Digitized by srujanika@gmail.com

ଦେଇଦେଲି । ଆର୍ଟସ୍କୁଲର ଚଉଠେ ପଇସାତ ହୋଟେଲ ଭଡ଼ାରେ ଗଲା ଆମେ କୋ ସାହାସରେ ଡିନର୍ ଖାଇଥାନ୍ତୁ । କ୍ଲାନ୍ତିର ନିଦ ସମସ୍ତଙ୍କୁ ହୋଟେଲ ଗଦିରେ ବହଲେଇ ଦେଲା । ତେଣେ ଶତପଥୀସାର୍ ତାଙ୍କ ଅଧାରୁ ଅଧିକା ଛାତ୍ରଙ୍କୁ ନପାଇ ଚିନ୍ତିତ ହେଇ ପଡ଼ିଲେ । ଅନନ୍ୟୋପାୟ ହେଇ ଆମର ହଜିଯିବା ସଂବାଦ ପୋଲିସ ଥାନାରେ ଜିମା ଦେଇଦେଲେ । ପୋଲିସ୍ ଆମ ଖବର କିମିତି ପାଇଲା କେଜାଣି । ସକାଳୁ ସକାଳୁ ପୋଲିସ୍ ଜିପ ଆସି ହୋଟେଲ୍ ଆଗରେ ଠିଆହେଇ ଆମକୁ ତଲାସିଗଲା । ପୋଲିସ୍ ଭ୍ୟାନରେ ଆମକୁ ବସେଇ ଶ୍ୟାମବଜାରରେ ଥିବା ଓଡ଼ିଆ ହଷ୍ଟେଲକୁ ନେଇ ସେଠି ଛାଡିଦେଲା । ସେଠି ଶତପଥୀସାର୍‌ଙ୍କୁ ଦେଖି ଆମେ ସତେ ଯେମିତି ହଜିଲା ପ୍ରାଣ ଫେରିପାଇଲୁ । ହୋଟେଲ କର୍ମଚାରୀ ଏହି ନିଷ୍ପତ୍ତିରେ ନିଶ୍ଚୟ ଉପନୀତ ହେଇଥିବେ ଏରା ଶାଳା ଓଡ଼େ ବୋକା ।

ଶତପଥୀସାର୍ ତାଙ୍କ ଚିତ୍ରଗୁଡିକୁ ଚମତ୍କାରଭାବେ କଥାରେକଥାରେ ଜୀବନ୍ତ କରିଦିଅନ୍ତି । ତୂଳୀ ଆଉ ରଙ୍ଗ କାଗଜରେ ଯାହା କରିଥାନ୍ତା ତାଙ୍କର ମୁହଁର ଭାଷା ଓ ହାତର ମୁଦ୍ରାଭିନୟ ତାହାଠାରୁ ବଳି ଚିତ୍ର ଆଙ୍କି ଦେଉଥିଲା । କଲିକତା ଆର୍ଟସ୍କୁଲରେ ପଢ଼ିବା ବେଳର କିଛିଚିତ୍ର, ନିଜର ହେଇଥାଇପାରେ ବା ସହପାଠୀଙ୍କଠାରୁ ସଂଗୃହୀତ ହେଇ ତାଙ୍କ ପାଖରେ ଥାଏ । ସେଇଥିରୁ ଗୋଟିଏ ନେଇ କ୍ଲାସକୁ ଆସିବେ ଏବଂ ତାହା ଉପରେ ଟିପଣୀ ଦେବା ଆରମ୍ଭ କରିଦେବେ । ଖଲିକୋଟ ବେଳର ଦୁଇଟି ଚିତ୍ର ମୋ ଆଖିଆଗରେ ଏବେ ବି ନାଚୁଛି । ଗୋଟିଏ ହେଲା ଉଷାପଙ୍ଖା, ଅନ୍ୟଟି ଲିପ୍‌ଟନ୍ ଚାହାର ବିଜ୍ଞାପନ ଚିତ୍ର । ଉଷାପଙ୍ଖା ଚିତ୍ରର ପୃଷ୍ଠଭୂମିରେ ଚିଲିକାର ଦୃଶ୍ୟ । ଗୋଟିଏ ଦୁଇଟି ପାଲଟଣା ଡ଼ଙ୍ଗା ଚିଲିକାରେ ଭାସୁଛି । ହ୍ରଦକୂଳରେ ଉଷାପଙ୍ଖାଟିଏ ଥୁଆ ହେଉଛି । ପଙ୍ଖା ବାସ୍ତବରେ ବିଦ୍ୟୁତ୍ ଦ୍ୱାରା ପରିଚାଳିତ ହେବାପାଇଁ ଉଦ୍ଦିଷ୍ଟଥିଲେ ମଧ୍ୟ ସତେ ଯେପରି ବିଦ୍ୟୁତ ପରିଚାଳିତ ନୁହେଁ । ଚିଲିକା ହ୍ରଦରୁ ଭାସିଆସୁଥିବା ଶୀତଳ ପବନହିଁ ପଙ୍ଖାରେ ମୂର୍ତ୍ତିମନ୍ତ ହେଇଯାଉଛି ଏବଂ ପଙ୍ଖା ଯେତେବେଳେ ଘୂରୁଛି ମନେହେଉଛି ଚିଲିକାର ପବନ ହିଁ ଆମ ଦେହ ଓ ମନକୁ ଶୀତଳତାର ସ୍ପର୍ଶରେ ହିଲ୍ଲୋଳିତ କରି ଦେଉଛି । ଲିପ୍‌ଟନ୍ ଚାହାର ବିଜ୍ଞାପନ ଚିତ୍ରରେ ବରଫଦେଶର ଧଳାଭାଲୁଟିଏ ହାତରେ ଚାହା କପ୍‌ଟିଏ ଧରି ପିଉଛି । ବରଫଭଳିଆ ଥଣ୍ଡା ଚାହାର ଉଷୁମରେ କୁଆଡେ ଉଭେଇ ଯାଉଛି । ଚାହାରୁ ଯେଉଁ ହାଉ ବାହାରୁଛି ସେଥିରେ ଦେଖିଲା ଲୋକର ପ୍ରାଣରେ ଉଷ୍ମତା ଜମିଯାଉଛି । କଳ୍ପନାର ବାହାଦୂରୀରୁ ତ ଯାହା ଜଣା ପଡୁଛି, ବେଶି କିଛି

Digitized by srujanika@gmail.com

ଘେନି ହେଇଯାଉଛି ବର୍ଣ୍ଣମାନଙ୍କର ପ୍ରଲେପରୁ । ଚିତ୍ରରେ ରୂପ ଓ ବର୍ଣ୍ଣ ଉଭୟେ ବାଙ୍‌ମୟୀ । ଯେଉଁମାନେ ଚିତ୍ରକୁ ଓ ଭାସ୍କର୍ଯ୍ୟକୁ ନୀରବ କାବ୍ୟ ଆଖ୍ୟାଦେଇଛନ୍ତି ସେମାନେ ଶତପଥୀସାର୍‌ଙ୍କ 'ଆଇଡିଆ' ସହିତ ପରିଚିତ ନୁହନ୍ତି । ବର୍ଣ୍ଣ ସଂପର୍କରେ ଶତପଥୀ ସାର୍‌ଙ୍କର ବୟାନ ଯେତେ ମୋଲାୟାମ ରଙ୍ଗର ବାସ୍ତବ ପ୍ରଲେପରେ ହୁଏତ ଏତେ ଚମତ୍କାରିତା ନାହିଁ । ଉଷାପଙ୍ଗା ଛବିକୁ ଉଦାହରଣ ନିଆଯାଉ । ସେ ତାଙ୍କ ଛାତ୍ରମାନଙ୍କୁ କହିବେ ହାଲୁକା ନୀଳ ବେକ୍‌ଗ୍ରାଉଣ୍ଡଟିଏ ଦିଅ । ଏକଥା ପଦକ କହିଲା ବେଳେ ନିଜ ହାତରେ ତୂଳୀ ଧରି ସତେ ରଙ୍ଗ ଦେଲାଭଳି ଅଭିନୟ କରିବେ । ପୁଣି ତୂଳୀ ଚିତ୍ରର ଉପର ମୁଣ୍ଡରୁ ପହଁରେଇ ହେଇ କାଗଜର ତଳମୁଣ୍ଡକୁ ଛୁଇଁବ । ଶତପଥୀସାର୍ କଥାରେକଥାରେ କାଗଜଉପରେ ହାଲୁକା ନୀଳର ଦି' ତିନି କୋଟିଙ୍ଗ୍ ଦେଇଦେବେ । ତାପରେ କଥାକୁ ଲମ୍ବେଇ କହିବେ ରଙ୍ଗରେ ସାମାନ୍ୟ ଧଳାମିଶେଇ ଦେଲେ ଶୀତଳ ପଣର ସ୍ପର୍ଶ ପାଇହେବ ।

ଚିତ୍ରସଂପର୍କରେ ଶତପଥୀସାର୍‌ଙ୍କ ବୟାନକୁ ଆର୍ଟଥିଓରୀ ଭିତରେ ଅନ୍ତର୍ଭୁକ୍ତ କରିହେବନି । ତାଙ୍କ କଥାଯାକ କଳାଇତିହାସ ପର୍ଯ୍ୟାୟର ବି ନୁହେଁ । ଏହା ତାଙ୍କର ଏକାନ୍ତ ବ୍ୟକ୍ତିଗତ ଚିତ୍ରାଭିବ୍ୟକ୍ତି । ଏଭଳି ଚିତ୍ରଦଗ୍ଧ ସଂଳାପକୁ ଚିତ୍ରଭାଷା କୁହାଯାଇପାରେ । ଶତପଥୀସାର୍ ଖାଲି ତୁଣ୍ଡରେ କଥା କହୁଥିବେ, ନିଜେ ତୂଳୀରେ ରଙ୍ଗନେଇ କାଗଜ ଉପରେ ଲଗେଇବା କେବେ ଦେଖାଯାଇନି । ଶତପଥୀସାର୍‌ଙ୍କ କଥା ସହିତ ମୋ ଗାଁର ଆମସାହିର ବାଇନାଥ ପାଢ଼ୀଙ୍କ କଥାକୁ ଯୋଡ଼ାଯାଇପାରେ । ବାଇନାଥ ରଜାରାଜୁଡା ଅମଳର ଲୋକ । ଘିଅ ସରସର ମାଲପୁଆ, ମୁସ୍‌ମୁସିକା ଖଜା ଗଜା ଖାଇ ଖାଇ ପେଟ ଟାକରା ଅନୁଭବରେ ସିଏ ପାକଳ । ରଜାଙ୍କ ବେଳର ଘିଅ ବାସ୍ନା ଯିମିତି ତାଙ୍କ ଜିଭ ଅଗରେ ଲହଡ଼ି ଭାଙ୍ଗୁଛି । ଆମ ଘର ପିଣ୍ଡାଉପରେ ବସି ରଜାଙ୍କ ସୁଆର କିମିତି ଚନ୍ଦ୍ରକାନ୍ତି ପୁଳି କରୁଥିଲା ତାହା ବନେଇଚୂନେଇ କହିବେ । ରନ୍ଧନପ୍ରଣାଳୀ ଟିକି ନିଖି ବର୍ଣ୍ଣନା କରିବେ ଆରମ୍ଭରୁ ଶେଷ ଯାଏଁ ଅତି ନିଖୁଣ ଭାବରେ । ତମେ ଆଉ କରନ୍ତ ବା କ'ଣ ? ତାଙ୍କ ମୁହଁକୁ ବଲବଲ ହେଇ ଅନେଇ ରହିଥିବ । ଏଣେ ତାଙ୍କର ପିଠା ଖଜା କଥାରେକଥାରେ ତିଆରି ସରିଥିବ । ସେ ଶ୍ରୋତାଟିର ଖାଦ୍ୟ ଅସଂପୃକ୍ତି ରେ ଅତିଷ୍ଠ ହେଇପଡ଼ି ବିରକ୍ତିଭରା ସ୍ୱରରେ ଗଂଜାମୀ ଶବ୍ଦ ପ୍ରୟୋଗକରି ପ୍ରଶ୍ନକରିବେ, ଶଳା ଚାହୁଁଛୁ କ'ଣ ? ତାଙ୍କ ନିଷିଦ୍ଧ ଅଙ୍ଗକୁ ଦେଖେଇ, ମୋ ଅମୁକଟା ଖା, ଯେତେଖାଇବୁ । ଚନ୍ଦ୍ରକାନ୍ତି ଖା, ରସପୁଳି ଖା, ଖୁରମା ଖା, ଯାହା ଖାଇବୁ ଖା । ଶତପଥୀସାର୍ ବାରଣ କରାଯାଇଥିବା ଶବ୍ଦ ବ୍ୟବହାର

Digitized by srujanika@gmail.com

କରନ୍ତିନି କିନ୍ତୁ ଆମ ଗାଁ ଆଡ଼େ ଯିମିତି କହନ୍ତି କଥାରେ କଥାରେ ସିଏ ଅପରକୁ ପେଟ କରେଇଦେବା ଲୋକ ।

ଖଲିକୋଟର ବଣ ପାହାଡ଼ଘେରା ପରିବେଶରେ ରହି ସକାଳୁ ସଂଧ୍ୟା କୁଟୁରା, ସମ୍ବର, ମିରିଗ ଓ ଢିଆଦଙ୍କ କୁହାଟ ଶୁଣି ଶୁଣି ଶତପଥୀଙ୍କୁ ଶିକାର ନିଶା ଘାରିଲା । ଅନନ୍ତ ପଣ୍ଡାଙ୍କ ଲାଠିକଣ୍ଡା ବେପାର ବା ବାଦୁଡ଼ି ଶିକାରଠାରୁ ସେ ଭିନ୍ନ ପରଂପରାଟିଏ ତିଆରି କରିଦେବାର ନିଶାରେ ଆବିଷ୍ଟ ହେଇପଡ଼ିଲେ । ଗାଁରୁ ଦେଶୀ ବନ୍ଧୁକଟିଏ ଯୋଗାଡ କଲେ । ବନ୍ଧୁକ ଲାଇସେନ୍ସ ନଥିଲେ କାର୍ତ୍ତିଜ୍ କିଣା କିଣି କରି ଆଣିବା ପ୍ରମାଦ । ଶତପଥୀଙ୍କ କହିବା କଥା ସିଏ ଆଉ ତ ମହାବଳ ଶିକାର କରୁନାହାନ୍ତି ଯେ କାର୍ତ୍ତିଜ୍ ଗୁଳି ଦରକାର । ଢିଆଦଙ୍କ ପାଇଁ ଛେରା ହେଲେ ଚଳିବ । ପୁଣି ତାଙ୍କ ବନ୍ଧୁକଟା ଠୁସା, ଗୁଳି ଲୋଡ୍ କରିବାର ସୁବିଧାନାହିଁ । ମାଟିଆ ଖାକି କନାର ହାପ୍‌ପେଣ୍ଟ ପିନ୍ଧି ଖଣ୍ଡେ ଖଣ୍ଡେ କାବା ଦେହରେ ଗଳେଇ ଦେଇ ହାତରେ ବେଗ୍ ଖଣ୍ଡିକରେ ଟର୍ଚ୍ଚ, ବିଡ଼ିକାଟା ଓ ନିଆଁପେଡ଼ି ଧରି ଅଜିତସାର୍, ପଣ୍ଡାସାର୍ ଓ ଶତପଥୀସାର୍ ପାହାଡ଼ ପାଖ ଜଙ୍ଗଲ ଭିତରକୁ ପଶିଯିବେ । ସାଙ୍ଗରେ ଆର୍ଟସ୍କୁଲର ପିଅନ, ଖୋଲସାହିର କେଦାର ମଧ ଥିବ । ବନ୍ଧୁକ ଶତପଥୀଙ୍କ କାନ୍ଧରେ ଓ ସେ ଦଳର ନେତା । ଲୋକନାଥ ଶତପଥୀଙ୍କ ଆଖି ଅପେକ୍ଷା ପଣ୍ଡାଙ୍କ ଦୃଷ୍ଟି ବଡ଼ ତୀକ୍ଷ୍ଣ ଛବି ନିରେଖିବାରୁ ତ ଶିକାର ନରେଖିବା । ସେମାନେ କଣ୍ଟାଲଟା କାଠିରେ ଆଡ଼େଇ ଆଡ଼େଇ ପାହାଡ଼ ଚଢୁଥିବେ । ଚୁପ୍‌ଚାପ୍, ଝିଙ୍କିବେନି କି କାଶିବେନି, ନିଜ ନିଜ ଭିତରେ କଥାବାର୍ତ୍ତାବି ହେବେନି । ସବୁକଥା ଖାଲି ଠାରରେ ଠାରରେ । ଆଖିର ଭାଷା, ସତରେ ଶିକାର ଓ ପ୍ରେମଭିତରେ ବିଶେଷ ଫରକ ନାହିଁ । ମୋଟାମୋଟି ଭାବେ କହିବାକୁ ଗଲେ ସେମାନେ ଜଙ୍ଗଲ ଭିତରେ ରାସ୍ତା ଉଣ୍ଡୁ ଥିବେ, ଗୁରୁଣ୍ଡୁ ଥିବେ ଆଉ କୁଆଡୁ ସାମାନ୍ୟ ଖସ୍‌ଖାସ୍ ଶବ୍ଦ ଶୁଣାଗଲେ ଅନନ୍ତସାର୍ ଦିଗବାରି ଟର୍ଚ୍ଚ ପକେଇବେ । ଆମେ ପୁରାଣରେ ପଢ଼ିଛେ । ସେ କାଳରେ ଦିଗବାରି, ଦିଗଭେଦି ବାଣଥିଲା । ରାଜାମାନେ ପାରିଧିରେ ଗଲେ ଏମିତି ଠାସ୍‌ମାରି ବାଣପେଶି ଦେଉଥିଲେ । ବେଳେବେଳେ ଶିକାର ଧରାଶାୟୀ ହେଉଯାଇଥିଲା ତ ଆଉ ବେଳେବେଳେ ନରହତ୍ୟା ଦୋଷରେ ସନ୍ତାପିତ ହେବାକୁ ପଡୁଥିଲା । ଦଶରଥ ଏମିତି ଭୁଲଟିଏ କରିପକେଇ ତୃଷାର୍ତ୍ତ ବୃଦ୍ଧଅନ୍ଧପିତାମାତାଙ୍କପାଇଁ ନଦୀରୁ ପାଣି ଆଣିବା ଉଦ୍ଦେଶ୍ୟରେ କୁମ୍ଭରେ ପାଣି ଭରିବା ଶବ୍ଦକୁ ମୃଗର ବୋବାଳି ଭାବି ଶ୍ରବଣକୁମାର ଉପରେ ଦିଗଭେଦୀ ବାଣ ନିକ୍ଷେପ କରିଦେଇଥିଲେ । ଫଳରେ

Digitized by srujanika@gmail.com

ଶ୍ରବଣକୁମାରର ମୃତ୍ୟୁଘଟିଲା ଓ ତା'ର ଶୋକାର୍ତ୍ତ ପିତାମାତା ପୁଅର ଚିତାରେ ପ୍ରାଣ ବିସର୍ଜନ କରିଦେଲେ ଏବଂ ମୃତ୍ୟୁପୂର୍ବରୁ ଦଶରଥଙ୍କୁ ଅଭିଶାପ ଦେଇଗଲେ ଯେ ସେମାନେ ପୁତ୍ରଶୋକରେ ଜର୍ଜରିତ ହେଇ ଯେଭଳି ପ୍ରାଣ ବିସର୍ଜନ କରୁଛନ୍ତି ଦଶରଥ ସେଭଳି ପୁତ୍ର ଶୋକରେ ସନ୍ତାପିତ ହେଇ ପ୍ରାଣ ହାରିବାକୁ ବାଧ୍ୟହେବେ ।

ଏକଥା ସତ ଯେ ଶତପଥୀସାର୍‌ଙ୍କ ନିକଟରେ ଦିଗଭେଦୀ ବାଣ ନଥାଏ କିନ୍ତୁ ବେଳେବେଳେ କୁଟରା ବଦଳରେ କୁକୁର ଶିକାର କରି ଉଆସ ଫେରିବାର ବହୁନଜିର ଅଛି । କଥା ସତ କି ମିଛ ତା ନିର୍ଦ୍ଦିଷ୍ଟ କରି ଏବେ କହିହେବନି । ଥରେ ବାରିହା ନାଁରେ ଶତପଥୀସାର୍ ଘୁଷୁରିଟିଏ ଶିକାର କରିପକେଇଲେ । ଘଟଣାଟି ଏବେ କାହାଣୀଟିଏ ଭଳି ଲାଗିବ । ତିନିତୁଣ୍ଡରେ ଛେଳିକୁକୁର ଭଳି ଖଲିକୋଟିଆ ଘୁଷୁରିମାନେ ଜଙ୍ଗଲରେ ବରାହର କିମ୍ବଦନ୍ତୀୟ ମାନ୍ୟତା ବୋଧହୁଏ ପାଇଯାଇଥିଲେ । ଘୁଷୁରିଟିଏ ହୁଏତ ଫିଟିପଡ଼ି ଢିମିରାଆଡ଼େ ପଶିଯାଇଛି । ପଶୁପଶୁ ବଣ ଭିତରେ ବାଡ଼ହୁଡ଼ି ଘୁଷୁରିରୁ ବାରିହାରେ ରୂପାନ୍ତରିତ ହେଇଯାଇଛି । ଶତପଥୀସାର୍ ଅନ୍ଧାରରେ ଘୁଷୁରି ଓ ବାରିହାର ପ୍ରଭେଦ ବାରିପାରିନାହାନ୍ତି ଓ ଶେଷରେ ଘୁଷୁରିଟିଏ ବଳିପଡ଼ିସାରିଲା ପରେ ଚଲାକି ଚତୁର କରି ଖଲିକୋଟର ସୁମା ଭଣ୍ଡାରୀକୁ କାଣ୍ଟା ଦରରରେ ଶସ୍ତାରେ ବିକିଦେଇଛନ୍ତି । ବାରିହାମାଂସ ଅତି ଶସ୍ତାରେ ଘୁଷୁରି ଦରରେ ଗଡ଼ିଆଲୋକ ପାଇ ଖୁସ୍ । ପରେ ଅବଶ୍ୟ ସତ୍ୟ ପ୍ରଘଟ ହେଇଯାଇଛି ଓ ଯେଉଁମାନେ ଘୁଷୁରି ମାଂସ ଖାଇଥିଲେ ସେମାନେ ଗୋବର ପାଣି ଓ ଗଙ୍ଗାଜଳ ପିଇ ଖିରସ୍ତାନୀରୁ ହିନ୍ଦୁହେଇଛନ୍ତି ।

ଦିନେ ଶତପଥୀସାର୍ ଛେରାପାଇଁ ବାରୁଦ ଗୋଳି ତିଆରି କରୁକରୁ ଓଠରୁ ବିଡ଼ି ଖସିଯାଇ ବାରୁଦରେ ପଡ଼ିଗଲା ଓ ସେଥିରୁ ଯେଉଁ ବିସ୍ଫୋରଣ ଘଟିଲା ସେଥିରେ ତାଙ୍କ ମୁହଁରୁ ଫାଳେ ଆଉ ଡ଼ାହାଣ ହାତର ଆଙ୍ଗୁଠିଯାକ ପୋଡ଼ି କାଞ୍ଚଲା ହେଇଗଲା । ରକ୍ଷାହେଇଥିଲା ଆଖିଦି'ଟା ବଂଚିଗଲା । ଏହା ମୁଁ ଖଲିକୋଟ ଛାଡ଼ିବାର ବହୁଦିନ ପରର ଘଟଣା । ଖଲିକୋଟରେ ତାଙ୍କ ସହିତ ମୋ ଦେଖାହୁଏ । ମୁଁ ତାଙ୍କ ଭଲମନ୍ଦ ପଚାରିବାରେ ସିଏ ଏହି ବାରୁଦ ଦୁର୍ଘଟଣାକୁ ଖୁବ୍ ଚମତ୍କାର ଭାବେ ବର୍ଣ୍ଣନା କଲେ । କହିଲେ ''ବୁଝିଲ ପାଠୀ ! ଭଗବାନଙ୍କ ଦୟାରୁ ବଂଚିଗଲି । ତା'ପରେ କଥା ଆଗକୁ ବଢ଼ିଲା ।'' ବାରୁଦ ଗୋଳି ତିଆରି କଲାବେଳେ ମୁଁ ମୋ ସ୍ତ୍ରୀ ସାଙ୍ଗରେ କଥାହେବାକୁ ମୁହଁ ବୁଲେଇଛି ମୁହଁଟା ତଳେ ପରାଯାଇଥିବା ବାରୁଦ

Digitized by srujanika@gmail.com

କାଗଜର ଚାରିଭାଗରୁ ତିନିଭାଗ ବାହାରକୁ ରହିଥିଲା । ମୁଁ ଟିକିଏ ଡରବରିଆ ହେଇଗଲି । ଜଳନ୍ତା ବିଡ଼ିଟା କଥା କହିଲା ବେଳେ ପାଟିରୁ ଖସିପଡ଼ିଲା । ଏମିତି ବାଗରେ ଦାରୁକାଗଜ ଉପରେ ପଡ଼ିଲା ଯେ ତା' ନିଆଁ ରଙ୍ଗକଟା କାଗଜକୁ ଛୁଇଁ ନ ଛୁଇଁ ଅବସ୍ଥାରେ ରହିଲା । ସେତିକିରେ ଅବସ୍ଥା ସମ୍ଭାଳା ଗଲାନି । କଥାରେ ଅଛି ନିଆଁ ଆଉ ଦାରୁର ସଂପର୍କରେ ରାଜ ଜୋଟକ । ସାମାନ୍ୟ ଚେହେଁକାରେ ଦାରୁରେ ହାଉକରି ନିଆଁ ଧରିଲା । ମୁଁ ଆଖିଉପରେ ହାତଟା ଘୋଡେଇଦେଲି, ମୁହଁଉପରେ ହାତଆଙ୍ଗୁଳିର ଛାପାକୁ ଦେଖେଇ କହିଲେ ନହେଲେ ଆଉ ଆର୍ଟିଷ୍ଟ୍ହେଇ ରହି ପାରିନଥାନ୍ତି ।

ଅଜିତରାୟ ଯେତେବେଳେ ପ୍ରିନସ୍ପାଲ୍ ହେଲେ ଶତପଥୀସାର୍ ଓ ଅନନ୍ତସାର୍ ପରସ୍ପର ଘନିଷ୍ଠ ହେଇ ତାଙ୍କ ବିରୁଦ୍ଧରେ ବେନାମୀ ଲେଖାଲେଖି ଆରମ୍ଭ କରିଦେଲେ । ପଣ୍ଡା ଓ ଶତପଥୀ ତାଙ୍କ ବେନାମୀ ଚିଠିର ଉଦ୍ଭବ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ଭୁବନେଶ୍ୱର ଆସନ୍ତି ଓ ମୋ ଅଶୋକନଗର ବସାରେ ଅତିଥି ହେଇ ରହନ୍ତି । ଆମେ ତିନିହେଁ ମିଶି ଗଂଜାମ ହୋଟେଲରେ ଖାଉ । ସେମାନେ କି ଚିଠି ଲେଖନ୍ତି, କାହିଁକି ଲେଖନ୍ତି ତାହା ଜାଣିବା ମୋ ଅକତିଆର ବାହାରେ ଥାଏ । ଅଜିତସାର୍ ଅଧ୍ୟକ୍ଷ ହେଇଗଲା ପରେ ଅନନ୍ତ ପଣ୍ଡାଙ୍କ ଭୁବନେଶ୍ୱର ଡି.ପି.ଆଇ ଅଫିସକୁ ବଦଳିହେଲା । ସେ ସ୍କୁଲ କଳାଶିକ୍ଷା କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ସ୍ୱତନ୍ତ୍ର ଅଧିକାରୀ ହେଇ ଯୋଗଦେଲେ । ଶତପଥୀ ଧରିନେଇଥିଲେ ଯେହେତୁ ତାଙ୍କ ବନ୍ଧୁ ଡି.ପି.ଆଇ ଅଫିସ୍‌ରେ ଖଲିକୋଟ ଆର୍ଟସ୍କୁଲ ଦାୟିତ୍ୱରେ ଅଛନ୍ତି ତେଣୁ ତାଙ୍କ କାମଟି ସୁରୁଖୁରୁରେ ସମାହିତ ହେଇଯିବ । କିନ୍ତୁ ଫଳ ଓଲଟା ହେଲା । ଶତପଥୀଙ୍କୁ ଅନନ୍ତ ପଣ୍ଡା ନିଜ ଅଫିସ୍‌ରୁମ୍‌ରେ ଦେଖୁଦେଖୁ ଅଫିସରିଆ ଢ଼ଙ୍ଗରେ ପ୍ରଶ୍ନକଲେ, ''ଆଚ୍ଛା ମିଷ୍ଟର୍ ଶତପଥୀ ! ଅଧ୍ୟକ୍ଷଙ୍କ ବିନା ଅନୁମତିରେ ଭୁବନେଶ୍ୱର ଆସି ମୋତେ ଦେଖାକରିବାକୁ ଆପଣ ସାହସ କିମିତି କଲେ ? ଆପଣ ଯେହେତୁ ନିୟମ ଗର୍ହିତ କାର୍ଯ୍ୟ କରିଛନ୍ତି ଆପଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାନଯିବ ତାର କୈଫିୟତ ଦେବାକୁ ହେବ ।'' ଶତପଥୀ ଏକଥା ଶୁଣି ହତବାକ୍ ହେଇ ମୁଣ୍ଡକାନ ଆଉଁଷି ଖଲିକୋଟ ଫେରିଆସିଲେ ।

ଖଲିକୋଟ ଆର୍ଟସ୍କୁଲରେ ବରାବର ଗଣ୍ଡଗୋଳ ଲାଗିରହିଥାଏ । କେତେବେଳେ ପିଲାଙ୍କ ଭିତରେ ଦି'ଦଳ ହେଇ ଗୋଳମାଳ ତ ଆଉ କେତେବେଳେ

Digitized by srujanika@gmail.com

ଅଧ୍ୟାପକମାନଙ୍କ ମଧ୍ୟରେ ବିଭିନ୍ନ କାରଣରୁ ମତାନ୍ତର ଆଉ ସେଥିରୁ ମନାନ୍ତର । ସେତେବେଳକୁ ପ୍ରଫେସର୍ ବିଧୁଭୂଷଣ ଦାସ ଶିକ୍ଷାନିର୍ଦ୍ଦେଶକ ଥାଆନ୍ତି । ସିଏ ଅଧ୍ୟାପକମାନଙ୍କୁ ଭୁବନେଶ୍ୱର ଡ଼କେଇ ନିଜ ଅଫିସରୁମ୍‌ରେ ବସେଇ ଗଣ୍ଡଗୋଳ ନକରିବା ପାଇଁ ଯଥାଶକ୍ତି ବୁଝେଇବାକୁ ଚେଷ୍ଟାକଲେ । ପ୍ରଫେସର୍ ଦାସ ଇଂରାଜୀରେ ବୁଝାଉଥାନ୍ତି ଆଉ ଲୋକନାଥସାର୍ ନିଜ ଚିନ୍ତ୍ର ସଂପର୍କରେ ଓଡ଼ିଆରେ ତର୍ଜମା କରିଚାଲିଥାନ୍ତି । ପରସ୍ପରଙ୍କ କଥା ଭିତରେ କୌଣସି ସାମଞ୍ଜସ୍ୟ ନଥାଏ । ଏଭଳି ପରିସ୍ଥିତିରେ ଯେ କୌଣସି ପଦସ୍ଥ କର୍ମକର୍ତ୍ତାଙ୍କ ଧୈର୍ଯ୍ୟ ଚ୍ୟୁତି ଘଟିବା କଥା । ପ୍ରଫେସର୍ ଦାସଙ୍କର ତାହାହିଁ ହେଲା । ସେ ଏମାନଙ୍କ ଯୋଗ୍ୟତା ଠଉରେଇ ପାରି ହାବଭାବ ଉପଲବ୍ଧି କରିପାରି ନିଜ ଅଫିସର ବଡ଼ବାବୁଙ୍କୁ ଡ଼ାକି ସେମାନଙ୍କୁ ନିଜ ଦାୟିତ୍ୱ ସଂପର୍କରେ ସମ୍ୟକ ଧାରଣା ଦେବାପାଇଁ ନିର୍ଦ୍ଦେଶ ଦେଲେ । ବଡ଼ବାବୁ ଅଧ୍ୟାପକମାନଙ୍କୁ ନିଜ ପାଖକୁ ଡ଼ାକିନେଲେ । ପ୍ରଫେସର୍ ଦାସଙ୍କ ମନୋଭାବ ବୁଝେଇବା ପାଇଁ ଚେଷ୍ଟାକଲେ ଓ ଅସୌଜନ୍ୟ ବ୍ୟବହାର ପାଇଁ ଶତପଥୀଙ୍କୁ ମୃଦୁ ଭର୍ତ୍ସନା କଲେ । ବଡ଼ବାବୁ କ'ଣ ଗୋପନ ଚରିତ୍ର ପଞ୍ଜିକା ଲେଖିବେ ଯେ ଶତପଥୀସାର୍ ବିଚଳିତ ହେବେ । କଂସାରୀ ଘର ପାରାକୁ କୁଲା ଢ଼ାଉଁ ଢ଼ାଉଁ । ଶତପଥୀସାର୍ ତ କଥା କହିବାରେ ମାହିର୍ । କହିଲେ ଆମେ ସାଦାକାଗଜରେ ରୂପ କଲାବାଲା । ମିଛ କଥାକୁ ସତବୋଲି ପ୍ରତେ କରେଇଲା ବାଲା, ଆମକୁ ହାର୍‌ଭାର୍ଡ୍ ଦେଖେଇଲେ ଆମେ କ'ଣ ବା ବୁଝିବୁ ଆଜ୍ଞା ।

ଶତପଥୀସାର୍ ଅସଲ ମଞ୍ଚପାଖକୁ ଯିବାଲୋକ ନୁହଁନ୍ତି । ଅଧ୍ୟାପକ ଭାବେ କମରସିଆଲ୍ ଆର୍ଟର ସୁସ୍ଥ ପରଂପରାଟିଏ ତିଷ୍ଠେଇ ରଖିପାରିଲେନି । ଅବଶ୍ୟ ଖଲିକୋଟରେ କମର୍‌ସିଆଲ୍ ଆର୍ଟର ଅଭିବୃଦ୍ଧି ଆଶାକରିବା ହାସ୍ୟାସ୍ପଦ କଥା । ସିଏ ତାଙ୍କ ସହପାଠୀଙ୍କଠାରୁ ଯୋଗାଡ଼ଯନ୍ତ କରି କିଛି ଭଲଛବି ସଂଗ୍ରହକରି ରଖିଥାନ୍ତି । କଲିକତା ଆର୍ଟସ୍କୁଲରେ ପଢ଼ିଥିବା ପିଲାଙ୍କପାଇଁ ଏଇଟା ବଡ଼କଥା ନୁହେଁ । ଆମେ ଏ ସଂପର୍କରେ ଏତେଟା ସଚେତନ ନଥାନ୍ତୁ ଯଦି ଶତପଥୀସାର୍ ଆମ ସାଙ୍ଗେ କଲିକତା ପରିଭ୍ରମଣରେ ଗଲାବେଳେ ଭୁଷଣ୍ଡପୁର ବଂଶୀଧର ପାତ୍ରଙ୍କ କିଛି ଛବି ତାଙ୍କୁ ଫେରେଇ ଦେବାପାଇଁ ନେଇ ନଥାନ୍ତେ । ଅନ୍ୟ ଅଧ୍ୟାପକମାନେ ଆମକୁ ଚେତେଇ ଦେଲେ ଯେ ଶତପଥୀ ଓଡ଼ିଶା ଲୋକସେବା ଆୟୋଗର ସାକ୍ଷାତକାର ପାଇଁ ଗୁଡ଼ିଏ ଛବି ବିଭିନ୍ନ ବଂଧୁଙ୍କଠାରୁ ଯୋଗାଡ଼ କରି ଆଣିଥିଲେ । ଛବି ଉଧାରଆଣି ଅଧ୍ୟାପକ ହେବା ପରଂପରା ଏବେ ପର୍ଯ୍ୟନ୍ତ ଶିକ୍ଷାସଂପ୍ରଦାୟରେ

Digitized by srujanika@gmail.com

ବଳବଉର ରହିଛି । ମୁଁ ଓଡ଼ିଶା ଲୋକସେବା ଆୟୋଗକୁ ବି.କେ. ଚିତ୍ରକଳା ମହାବିଦ୍ୟାଳୟର ଅଧ୍ୟାପକମାନଙ୍କୁ ଇଣ୍ଟରଭ୍ୟୁ କରିବାକୁ ଗଲାବେଳେ ଏହି ଗହନ କଥାଟି ସହଜରେ ବୁଝିପାରିଲି ।

ନିଜ ଛାତ୍ରଛାତ୍ରୀମାନଙ୍କ ପାଖରେ ସ୍ୱକଳାତ୍ମକତା ସଂପର୍କରେ ଭଲଧାରଣା ସୃଷ୍ଟିକରିବାପାଇଁ ଶତପଥୀସାର୍ ଗୋଟିଏ ଚମତ୍କାର ଉପାୟ ବାଛିନେଇଥାନ୍ତି । ସିଏ ଖଲିକୋଟରୁ ନୂଆକରି ଆସିଥିବା କିଛି ନିରୀହ ଅଥଚ ଆଗ୍ରହୀ ପିଲାଙ୍କୁ ମନେମନେ ଠାବକରିବେ । ସେହି ପିଲାମାନେ ଉଆସରୁ ବଜାରକୁ ଗଲାବେଳେ ସେଇଭିତରୁ ନିଜେ ଚିହ୍ନଟ କରିଥିବା ପିଲାଜଣକୁ ଘରକୁ ଡ଼ାକିବେ । ସାର୍ ଘରକୁ ଡ଼ାକୁଛନ୍ତି, ଏହା ଗୌରବ ମନେକରି ପିଲାଟି ସଂଭ୍ରମରେ ସାର୍‌ଙ୍କ ଘରକୁ ଯିବ । ଅନ୍ୟଯେଉଁ ପିଲାତକ ବଳକା ହେଇ ରହିଗଲେ ସେମାନେ ଭାବୁଥିବେ ଶଳା ଚାନ୍ସ୍ ମାରିନେଲା । ପିଲାଟି ଘରେ ପଶିଲାପରେ ଘରର ସାମନା କବାଟ ଭିତରପଟୁ କିଳି ଦିଆଯିବ । ଏବେ ଶତପଥୀସାର୍ ଛବି ବାକ୍ସଖୋଲି ତାଙ୍କର ଛବି ଗୋଟିଗୋଟି କରି ଦେଖେଇବେ । ପିଲାଟି ନୂଆକରି ଆର୍ଟସ୍କୁଲକୁ ତ ଆସିଥିବ ଏମିତି ଛବି ଆଗରୁ ଦେଖିନଥିବ । ସିଏ ଏତେ ମାତ୍ରାରେ ଅଭିଭୂତ ହେଇପଡ଼ିବ ଯେ ସାର୍‌ଙ୍କୁ ମନେ ମନେ ପ୍ରଶଂସା କରିବ । ବେଳେ ଅଧେ ଭାବପ୍ରବଣରେ ନିଜର ମନୋଭାବକୁ ବ୍ୟକ୍ତକରି ପକେଇବ । କହିବ ଆପଣ ହେଉଛନ୍ତି ଏ ଦେଶର ଶ୍ରେଷ୍ଠଶିଳ୍ପୀ । ଶତପଥୀସାର୍ ପରିସ୍ଥିତିକୁ ହାଲୁକା କରିବା ପାଇଁ କହିବେ, ହେଲେ ହେଇଥିବି । ପ୍ରାୟ ଘଣ୍ଟେ ଦେଢ଼ଘଣ୍ଟା ଧରି ଛବି ଦେଖାପର୍ବ ଚାଲିବ । ପିଲାଟି ଶତପଥୀସାର୍‌ଙ୍କ ଘରୁ ବାହାରିଲାବେଳକୁ ଚିତ୍ରାନୁଭୂତିରେ ତିନ୍ତିଲା ମୂଷାଭଳି ସାଗି ଯାଇଥିବ । ନିଜ ଭାଗ୍ୟକୁ ପ୍ରଶଂସି ପ୍ରଶଂସି ସିଏ ହଷ୍ଟେଲକୁ ଫେରିଲାପରେ ଖଲିକୋଟରେ ଚାରିବର୍ଷର ରହଣିସାରା ଶତପଥୀସାର୍‌ଙ୍କୁ ବିଶ୍ୱର ପ୍ରସିଦ୍ଧ ଚିତ୍ରଶିଳ୍ପୀର ମାନ୍ୟତା ଦେବ ଏବଂ ତା'ର ଛବି ଦେଖା ଅନୁଭୂତି ବଖାଣିବାରେ କେବେହେଲେ ହେଳାକରିବନି ।

ବେଳେ ବେଳେ ଜଣେଅଧେ ଚଲାକି ପିଲା ଶତପଥୀସାର୍‌ଙ୍କ ସିଆଣିଆ ପଣକୁ ଧରି ପକାନ୍ତି । ପିଲାଜଣକ ନିଜ ପ୍ରୟାସରେ ହେଉ ବା ଅନ୍ୟକେଉଁ ସାର୍‌ଙ୍କ ପ୍ରରୋଚନାରେ ହେଉ ଛବି ଦେଖାର ଭିତିରିକଥା ଆଗରୁ ଜାଣି ପକେଇଲେ ଛବି ଦେଖିବାକୁ ଶତପଥୀସାର୍‌ଙ୍କ ଘରକୁ ଯାଏ କିନ୍ତୁ ସେଇଠୁ ଫେରି ସାର୍‌ଙ୍କ

Digitized by srujanika@gmail.com

ବିରୋଧରେ ବିଭିନ୍ନ ଅପ୍ରିୟ କଥା କହିବାକୁ ହେଳାକରେ ନାହିଁ । ଯଦି ପିଲାଟି ଶତପଥୀସାର୍‌ଙ୍କ କମର୍‌ସିଆଲ୍ ବିଭାଗର ହୋଇଥାଏ ତା' ହେଲେ ସବୁ ଶୁଣେ, ସବୁ ଜାଣେ, ଅଥଚ କିଛି ନ ଜାଣିବାର ଅଭିନୟ କରି ଚାରିବର୍ଷ କଟେଇ ଦିଏ । ଭୟଥାଏ ନିଜ ମନୋଭାବ ପ୍ରଘଟ ହେଇଗଲେ ପରୀକ୍ଷାରେ ନମ୍ବର କଟିଯିବ ।

ଶତପଥୀସାର୍‌ଙ୍କ ବଂଶୀ ତାଙ୍କ ଛାତ୍ର ଦିବାକର ଶତପଥୀଙ୍କୁ ଯଥେଷ୍ଟ ପ୍ରଭାବିତ କରିଥାଏ । ସାର୍‌ଙ୍କ ଅନୁକରଣ କରି ସିଏବି ବଂଶୀ ବଜାନ୍ତି । ଦିବାକର ଗଂଜାମୀ ଛାତ୍ରାବାସରେ ଅନୁଗୋଳର ଅନିରୁଦ୍ଧଙ୍କ ସହିତ ସାଙ୍ଗହେଇ ରହୁଥିଲେ । ଦିବାକରଙ୍କ ଚମତ୍କାର ଚେହେରା, ଏଣୁ ସେ ତାଙ୍କ ବଂଶୀ ମାଦକତାରେ ରାଣୀହଂସପୁର ଲେଡିଜ୍ ହଷ୍ଟେଲର ଝିଅପିଲାମାନଙ୍କୁ ମୋହି ଦେଉଥିଲେ । ମନେ ହୁଏ ବଂଶୀର ପ୍ରଭାବ ଦ୍ୱାପର ଯୁଗର କୃଷ୍ଣଙ୍କ ପାଖରୁ ଦିବାକର ଯାଏଁ ବା ତାଙ୍କ ଶିକ୍ଷାଗୁରୁ ଶତପଥୀସାର୍‌ଙ୍କ ପର୍ଯ୍ୟନ୍ତ କୌଣସି ମତେ ହ୍ରାସ ହେଇନାହିଁ ।



Digitized by srujanika@gmail.com



Digitized by srujanika@gmail.com

ଚିତ୍ରବୀଥି : ତୃତୀୟ ପ୍ରକୋଷ୍ଠ

୨୬. **ଆମ ମେସ୍ ଉପକରଣ,**
ବସ୍ତୁଚର୍ଯ୍ୟା, କଣ୍ଟିକ୍ରେନ୍ (୫୩ x ୩୯ ସେ. ମି.), ୧୯୬୦

୨୭. **ଜୋତା**
ବସ୍ତୁଚର୍ଯ୍ୟା, କଣ୍ଟିକ୍ରେନ୍, (୪୫ x ୩୪ ସେ. ମି.), ୧୯୬୦

୨୮. **ଅର୍ଗି**
ରେଖାଚିତ୍ର, କଣ୍ଟିକ୍ରେନ୍, (୫୦ x ୩୦ ସେ. ମି.), ୧୯୬୦

୨୯. **ରୂପଚର୍ଯ୍ୟା**
ନାରୀମଡ଼େଲ୍, ଦ୍ରୁତଚିତ୍ରଣ, (୩୫ x ୨୫ ସେ. ମି.), ୧୯୬୧

୩୦. **ରୂପଚର୍ଯ୍ୟା**
ନାରୀମଡ଼େଲ୍, ଦ୍ରୁତଚିତ୍ରଣ, (୩୧ x ୨୫ ସେ. ମି.), ୧୯୬୩

୩୧. **ରୂପଚର୍ଯ୍ୟା**
ନାରୀମଡ଼େଲ, ତୈଳଚିତ୍ର, (୮୦ x ୪୫ ସେ. ମି.), ୧୯୬୧

୩୨. **ପୁରୀ ତୀର୍ଥଯାତ୍ରୀ**
ତୈଳଚିତ୍ର, (୮୧ x ୫୭ ସେ. ମି.), ୧୯୬୨

୩୩. **ମୋ ଗାଁ**
ତୈଳଚିତ୍ର, (୧୦୦ x ୪୦ ସେ. ମି.) ୧୯୬୧

୩୪. **ଚିଲିକାରେ କେଉଟ**
ଦ୍ରୁତଚିତ୍ରଣ, ଜଳରଙ୍ଗ, (୮୦ x ୨୩ ସେ. ମି.), ୧୯୬୨

୩୫. **ସୀତାବିବାହ**
ଲେପଚିତ୍ର, (୧୨୦ x ୭୦ ସେ. ମି.), ୧୯୬୧

୩୬. **ଭୂଦୃଶ୍ୟ**
ରେଖାଚିତ୍ର, (୩୬ x ୨୭ ସେ. ମି.), ୧୯୫୯

୩୭. ଦ୍ରୁତଚିତ୍ରଣ, (୪୫ x ୩୨ ସେ. ମି.) ୧୯୬୨

Digitized by srujanika@gmail.com





Digitized by srujanika@gmail.com

216-ଚିଲିକା ପାଣିରେ ଛାଇ

Digitized by srujanika@gmail.com

Digitized by srujanika@gmail.com

218-ଚିଲିକା ପାଣିରେ ଛାଇ

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ବିପ୍ରସାର୍‌ଙ୍କ ଗୋପବଂଧୁ

ବିଶ୍ୱଭାରତୀର ଭାରପ୍ରାପ୍ତ କୁଳପତି ପ୍ରଫେସର୍ ଅଞ୍ଜନ ଚକ୍ରବର୍ତ୍ତୀ ବିଭୂତି କାନୁନ୍‌ଗୋ ସ୍ମୃତି ବକ୍ତୃତା ଦେବାକୁ ଭୁବନେଶ୍ୱର ଆସିଥାନ୍ତି । ତାଙ୍କ ଅନୁରୋଧରେ ତାଙ୍କର ପୁରୁଣା ବଂଧୁ ବିପ୍ରଚରଣ ମହାନ୍ତିଙ୍କ ସଙ୍ଗେ ଦେଖା କରେଇଦେବା ପାଇଁ ମୁଁ ପ୍ରଫେସର୍ ଚକ୍ରବର୍ତ୍ତୀଙ୍କୁ ନେଇ ବିପ୍ରସାର୍‌ଙ୍କ ଘରକୁ ଯାଇଥାଏ । ପ୍ରଫେସର୍ ଚକ୍ରବର୍ତ୍ତୀ କଲିକତା ଆର୍ଟସ୍କୁଲରେ ଚାଳିଶି ଦଶକରେ ବିପ୍ରଚରଣଙ୍କ ସହପାଠୀ ଥିଲେ । ଦି'ଜଣ ଯାକ ଭାସ୍କର୍ଯ୍ୟ ବିଭାଗର ଛାତ୍ରଥିଲେ । ଜଣେ ଚିତ୍ରଶିଳ୍ପୀ କୁଳପତି ଆସନ ଅଳଂକୃତ କରିପାରିଛନ୍ତି ବୋଲି ମୋ ମନରେ ଗର୍ବବୋଧ ଥାଏ ।

ସେ ଦିହେଁ ଦୁଃଖସୁଖ ହେଲେ ତା'ରି ଭିତରେ ବିପ୍ରସାର୍ ମୋତେ କହିସାରିଥାନ୍ତି ତାଙ୍କ ଶିକ୍ଷା-ଜୀବନର ପ୍ରଥମ କୁଣ୍ଠାଗୁଡ଼ିକ । ଅଞ୍ଜନ ଚକ୍ରବର୍ତ୍ତୀ ଭଳି ସିଏ ମଧ ଚେକୋସ୍ଲୋଭାକିଆ ଯାଇ ଭାସ୍କର୍ଯ୍ୟରେ ଉଚ୍ଚ ଗବେଷଣା କରିବା ପାଇଁ ଚେକ୍ ସରକାରଙ୍କ ପକ୍ଷରୁ ଆନ୍ତର୍ଜାତିକ ବୃତ୍ତି ପାଇଥାନ୍ତି । ଠିକ୍ ଏତିକି ବେଳେ କଟକ

Digitized by srujanika@gmail.com

ଶୈଳବାଳା ମହିଳା ମହାବିଦ୍ୟାଳୟରେ ମଧୁବାବୁଙ୍କ ମୂର୍ତ୍ତି ପ୍ରତିଷ୍ଠା ପାଇଁ ବରାଦ ଆସିଲା । ସେତେବେଳେ ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ଡକ୍ଟର ମହତାବଙ୍କ ଧାରଣାଥିଲା ଯେ ଓଡ଼ିଶାରେ ମଣିଷେଉଚର ପୂର୍ଣ୍ଣାବୟବ ମାର୍ବଲ ମୂର୍ତ୍ତି ତିଆରି ହେଇପାରିବା ଅସମ୍ଭବ । ବିପ୍ରଚରଣଙ୍କ କଥା କିଏ ଜଣେ ମହତାବ ବାବୁଙ୍କୁ କହିଲେ । ବିପ୍ରଚରଣ ସେତେବେଳେ କଲିକତାରେ ନିଜର କମର୍ସିଆଲ୍ ଷ୍ଟୁଡ଼ିଓ ପ୍ରତିଷ୍ଠା କରି ନିଜ କଳା ବ୍ୟବସାୟ ଆରମ୍ଭ କରୁଥାନ୍ତି । ମହତାବ ବାବୁ ବିପ୍ରସାର୍‌ଙ୍କୁ ଭୁବନେଶ୍ୱର ଡକେଇ ବିଚାର ବିମର୍ଶ କଲେ । ବିପ୍ରଚରଣ ଏମିତି କିଛି ସୁଯୋଗଟିଏ ଉଣ୍ଡୁ ଥିଲେ । ଲାଗିଲା ହାତୀ ସୁନା କଳଶ ତାଙ୍କ ମୁଣ୍ଡରେ ଢାଳିଲା । ମୂର୍ତ୍ତି ତିଆରି ପ୍ରସଙ୍ଗଟି ଏବେ ଆଈମା କାହାଣୀ ଭଳି ଲାଗିବ । ଚିନ୍ତା ପଡ଼ିଲା ଦଶଫୁଟିଆ ଲମ୍ବା ପାଞ୍ଚଫୁଟିଆ ଗୋଲେଇର ଏତେ ବଡ଼ ମାର୍ବଲଗଡ଼ ଆସିବ କୁଆଡୁ । ଏବେ ସିନା ଓଡ଼ିଶାର ସବୁ ସହରରେ ମାର୍ବଲ ଦୋକାନ, ସେ ସମୟରେ କଲିକତା ନହେଲେ ମାନ୍ଦ୍ରାଜରୁ ମାର୍ବଲ ଆସୁଥିଲା । ଶେଷରେ ମାର୍ବଲ କଲିକତାରୁ ଆସିବ ବୋଲି ସ୍ଥିର ହେଲା । ପୁଣି ମାର୍ବଲ ଗଡ଼ଆଣିବା ପାଇଁ ଓଡ଼ିଶାରେ ଟ୍ରକ୍ କାହିଁ । ବିଜୁବାବୁଙ୍କ ଏକସ୍‌ପ୍ରେସ୍ ହାଇୱେର ପରିକଳ୍ପନା ଆହୁରି ହେଇନଥାଏ । ରେଳବିଭାଗକୁ ସ୍ୱତନ୍ତ୍ରଭାବେ ଅନୁରୋଧ କରାଯାଇ ପୁରୀ ଏକସ୍‌ପ୍ରେସ୍‌ରେ ଖୋଲା ୱାଗନ୍‌ଟିଏ ଯୋଡ଼ାହେଲା । ତାପରେ ଚିନ୍ତା ପଡ଼ିଲା ପଥର ଉଠେଇବା ପାଇଁ କ୍ରେନ୍ କଥା । ତାକୁ ବି ଅନୁରୂପ ଯୋଗାଡ଼ କରିବାକୁ ପଡ଼ିଲା । କାଠ ଚାରା ଦେଇ ଟ୍ରକ୍‌ଉପରୁ ପଥର ତଳକୁ ଗଡ଼େଇ ଦେଇ ହୁଅନ୍ତା ଯେ ଟିକିଏ ଫାଟ ଦେଇଦେଲେ ଆଉ ମୂର୍ତ୍ତି ଖୋଦେଇ ହେବନି ଏହାଥିଲା ବିପ୍ରସାରଙ୍କ ତାଗିଦା । ମଧୁବାବୁଙ୍କ ମୂର୍ତ୍ତି ଖୋଳି ମାର୍ବଲଖଣ୍ଡ ଭିତରୁ ବାହାର କରିବା ପାଇଁ ବିପ୍ରଚରଣଙ୍କୁ ବର୍ଷେ ସମୟ ଲାଗିଲା । ଆଉ ବେଳ କେଉଁଠି ଥିଲା ଯେ ସେ ବିଦେଶକୁ ଯାଇ ଭାସ୍କର୍ଯ୍ୟରେ ଗବେଷଣା କରିଥାନ୍ତେ !!

ବିପ୍ରସାରଙ୍କଠୁ ଏ ସବୁ ଗପ ଶୁଣିବା କଥା । ସ୍ୱାଧୀନୋତ୍ତର ଓଡ଼ିଶାର ଏ ହେଲା ପ୍ରଥମ ମାର୍ବଲ ମୂର୍ତ୍ତି । ତାଙ୍କର ଖ୍ୟାତି ଅମାପ ବଢ଼ିଗଲା ଆଉ ସିଏ ହେଇଗଲେ ଓଡ଼ିଶାର ବିଶିଷ୍ଟ ଭାସ୍କର । ତାପରେ ଡକ୍ଟର ମହତାବ ବିପ୍ରଚରଣଙ୍କୁ ଅଧ୍ୟାପକ ବନେଇ ଖଲିକୋଟ ପଠେଇ ଦେଲେ । ମହତାବ ବାବୁଙ୍କ ପାଖରୁ ଓଡ଼ିଶାର ଶାସନ ଡୋରି ଯାଇ ପଡ଼ିଲା ବିଜୟାନନ୍ଦ ପଟ୍ଟନାୟକଙ୍କ ହାତରେ । ଓଡ଼ିଶାରେ ଅବିଭକ୍ତ ଜାତୀୟ କଂଗ୍ରେସର ଅଧିବେଶନ ହେବବୋଲି ସ୍ଥିରହେଲା । ଏବର

Digitized by srujanika@gmail.com

ଭୁବନେଶ୍ୱରରେ ଯାହାକୁ ଆଠନମ୍ବର କୁହାଯାଉଛି ସେହି ସମଗ୍ର କଲୋନିଟି ସେତେବେଳେ ନୂଆକରି ତିଆରି ହେଲା କଂଗ୍ରେସ ଅଧିବେଶନରେ ଯୋଗଦେବାକୁ ଥିବା ନେତୃବର୍ଗଙ୍କ ପାଇଁ । ସ୍ଥିର ହେଲା ଉତ୍କଳମଣି ଗୋପବଂଧୁଙ୍କ ନାଁରେ କଲୋନିଟି ନାମିତ ହେବ ଏବଂ କଲୋନିର ପ୍ରାରମ୍ଭରେ ମୁଖ୍ୟସଡ଼କ ଉପର ଉଭାହେବେ ଓଡ଼ିଶାର ଦରିଦ୍ରଙ୍କ ମଣି ଉତ୍କଳମଣି । ପୁଣି ଚର୍ଚ୍ଚା ଭିତରକୁ ଆପେ ଆପେ ପଶି ଆସିଲେ ବିପ୍ରଚରଣ ।

ବିପ୍ରଚରଣ ଖଲିକୋଟରେ ଅଧ୍ୟାପକ ହେଇ ଯୋଗଦେଲାପରେ ମଧ୍ୟ ମୂର୍ତ୍ତିନିର୍ମାଣ ପାଇଁ ତାଙ୍କୁ ଖୋଜା ହେଲା । ବିପ୍ରସାର୍ ଏ କଥାଟିକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରନ୍ତି ।

ଖଲିକୋଟ ତାଙ୍କ କ୍ୱାଟର୍ସରେ ସିଏ କୌଣସି ଗୋଟିଏ କାମରେ ବ୍ୟସ୍ତ ଅଛନ୍ତି । ବାହାରୁ ଆଉ କବାଟ ବନ୍ଦ ଅଛି । ବାହାରେ ଠକ୍ ଠକ୍ ହେଲା, କବାଟ ଖୋଲିଲା ବେଳକୁ ଅଜଣା ମୁହଁଟିଏ । ସେହି ଲୋକଟି ସାର୍‌ଙ୍କୁ କହିଲା, ମୁଁ ଛତ୍ରପୁରରୁ ଆପଣଙ୍କ ନାଁ ଶୁଣି ଦୌଡ଼ି ଆସିଚି । ଆପଣ କଟକରେ ମଧୁବାବୁ ଆଉ ଭୁବନେଶ୍ୱରରେ ଗୋପବଂଧୁଙ୍କ ପ୍ରତିମୂର୍ତ୍ତି କରିଛନ୍ତି ନା ? ଗତବର୍ଷ ଛାତ୍ର ଦଙ୍ଗାରେ ଆମ ଗାଁର ଅମୁକ ପିଲାଟି ପୋଲିସ୍ ଗୁଳିର ଶିକାର ହୋଇଗଲା । ବିଚରା ସେଇଠି ବସ୍‌ଷ୍ଟାଣ୍ଡରେ ହିଁ ଟଳି ପଡ଼ିଲା । ଏବେ ଗାଁ ଲୋକେ ଲଗେଇଛନ୍ତି ସେଇ ଜାଗାରେ ତାର ମୂର୍ତ୍ତିଟିଏ ସ୍ଥାପନା କରାଯିବ । ବିପ୍ରସାର୍ ସେତେବେଳକୁ ଚିତ୍ରଶିଳ୍ପୀଙ୍କ ଭାଷାରେ ବାଷ୍ଟ୍‌କୁ ପନ୍ଦର ହଜାର ଆଉ ପୂର୍ଣ୍ଣାବୟବ ଲାଇଫ୍‌କୁ ଦେଢ଼ଲକ୍ଷ ସ୍ଥିର କରିଦେଇଥାନ୍ତି । ଏବେ ପନ୍ଦର ବଢ଼ିବଢ଼ି ପଞ୍ଚାବନ ଷାଠିଏ ଆଉ ଦେଢ଼ଲକ୍ଷ ଆସି ଏଗାର ବାରରେ ପହଞ୍ଚିଲାଣି । ବିପ୍ରଚରଣ ଅର୍ଡ଼ର ପାଇ କାମ ଆରମ୍ଭ କରିଦେଇଥିବେ ଆଉ ଦଶ ପନ୍ଦର ଦିନପରେ ପୁଣି କବାଟ ଠକ୍ ଠକ୍ ହେବ । ସିଏ ଧରି ନେବେ ପୁଣି ଆଉ ଗୋଟିଏ ଜୁଟିଗଲା । କବାଟ ଠକ୍ ଠକ୍ ସାଙ୍ଗରେ ଟଙ୍କା ବି ଠଣ୍ ଠଣ୍ । ଇଏ ଚଢ଼େଇ ଫୁର୍‌କିନା ଉଡ଼ିଗଲା ଗପଭଳି ଲାଗିବ । ତା'ପରେ ପୁଣି ଫୁର୍ ପୁଣି ଫୁର୍ । ଲଗାତାର ଫୁର୍ ଫୁର୍ ଭଳିଆ କଥା । ଲକ୍ଷ୍ମୀ ଯେତେବେଳେ ଧସେଇ ପସେଇ ଘର ଭିତରେ ପଶୁଛନ୍ତି ତାଙ୍କୁ ମନା କରିବ କିଏ ! ସେଇଠୁ ଆରମ୍ଭ ହେଲା ବିପ୍ରସାର୍‌ଙ୍କ ହାତରେ ମୂର୍ତ୍ତିମାନଙ୍କ ଆବିର୍ଭାବର ଅଖଣ୍ଡ ଯଜ୍ଞ । ଓଡ଼ିଶାର ସହର ବଜାର ରାସ୍ତାଘାଟରେ ଏମାନେ ଏ ଜାତିର ସନ୍ତକ ହେଇ ଠିଆହେଲେ । ବିପ୍ରସାର୍‌ଙ୍କ ଗନ୍ତାଘର ପୂରିଉଠିଲା । ମୁଣ୍ଡର ଝାଳ ତୁଣ୍ଡରେ ମାରି ସିଏ ରାତିଦିନ ଲାଗିପଡ଼ିଲେ ଆଉ

Digitized by srujanika@gmail.com

ସେଇଦିନଠୁ ଓଡ଼ିଶାରେ ସୃଜନଶୀଳ ଭାସ୍କର୍ଯ୍ୟର ଅବକ୍ଷୟ ଘଟିଲା । ବିପ୍ରସାର୍ ଜୀବନରେ ଖଣ୍ଡିଏ ହେଲେ ସୃଜନଶୀଳ ଭାସ୍କର୍ଯ୍ୟ କରିନାହାନ୍ତି, ଏକଥା ଭାବିଲା ବେଳକୁ କ୍ଷୋଭ ଜାତହୁଏ । କୁଆଡ଼େ ଗଲେ ଓଡ଼ିଶାର ରାମକିଙ୍କର, ଶଙ୍ଖଚୌଧୁରୀ, ଅମରନାଥ ଶେହଗଲ, ଖଜୁରିଆ ? ସବୁ ହେଇଗଲେ ବିପ୍ରସାର୍‌ଙ୍କ ଭଳି ବା ତାଙ୍କଠାରୁ ଆହୁରି ଖର୍ବାକୃତିର ଭାସ୍କର । ଦେ, ମୋଡ଼ ମୋଡ଼ି ହେଇଗଲା, ଚଳନ୍ତା ନନ୍ଦିଘୋଷଙ୍କୁ ଚାରପକେଇ ଅଟକେଇ ଦେବାପାଇଁ କିଏ ରହିଲେନି । ଖାଲି ମାଳମାଳ ଆବକ୍ଷ, ଲମ୍ବାଲମ୍ବା ଭୂତ ପ୍ରମାଣେ ଜନନେତା, ମହାପୁରୁଷ । ସିଦ୍ଧାନ୍ତ ଦର୍ପଣ ତାଳପତ୍ର ଖେଦା ହାତରେ ଧରି ପଠାଣିସାମନ୍ତ, ଘୋଡ଼ା ସବାରରେ ନେତାଜୀ ସୁଭାଷ, ଶାନ୍ତିର ପାରାବତ ଉଡ଼ଉଥିବା ଜବାହରଲାଲ, ଛାତି ପାଖରେ ଚାପି, ବହିଖଣ୍ଡେ ଧରି ଠିଆହେଇଥିବା ଫକୀରମୋହନ, ମହାତ୍ମା ଗାନ୍ଧୀ, ବିର୍ସାମୁଣ୍ଡା, ଦାସିଆ ବାଉରୀ, ଜୟପ୍ରକାଶ ଏମିତି କେତେକେତେ ସ୍ମୃତିର ମହା ମଣିଷ ଉଭା ହେଇଗଲେ ରାସ୍ତା ଧାରେ ଧାରେ, ଖରା ବର୍ଷା ଶୀତ କାକର ସହି ଏଦେଶ ଓ ଜାତିକି ଉଦ୍‌ବୁଦ୍ଧ କରିବା ପାଇଁ ଠିଆ ହେଇଗଲେ । ଏତିକିରେ ପୂଜ୍ୟପୂଜା ହେଇଗଲା । ଓଡ଼ିଆ ଜାତି ଖୁସ୍, ବିପ୍ରସାର୍ ଖୁସ୍ ।

ଘରୋଇଭାବେ ମୂର୍ତ୍ତି ଗଢ଼ିବା ପାଇଁ ବିପ୍ରସାରଙ୍କୁ ଲୋଡ଼ାହେଲା ଘରୋଇ ଷ୍ଟୁଡ଼ିଓ, ବ୍ରୋଞ୍ଜ ତରଳେଇବା ପାଇଁ ଚୁଲି, ବଡ଼ ବଡ଼ କୁସିବଲ୍, ଚିମୁଟା, ବିଭିନ୍ନ କିସମର ହାତ ହତିଆର । ସରକାରୀ କ୍ୱାର୍ଟର ଭିତରେ ନିର୍ମାଣ ହେଇଗଲା ଆଉ ଗୋଟିଏ ସମାନ୍ତରାଳ ଭାସ୍କର୍ଯ୍ୟ ବିଭାଗ । ରାମଚନ୍ଦ୍ର ଭବନର ହତାରେ ଥିବା ଭାସ୍କର୍ଯ୍ୟ ବିଭାଗରେ ଖାଲି ଗଢ଼ାହେଲା ପ୍ଲାଷ୍ଟର୍ ଅଫ୍ ପେରିସ୍‌ର ମୂର୍ତ୍ତି । ମାଟିରେ ମୂର୍ତ୍ତି ଗଢ଼, ପ୍ଲାଷ୍ଟରରେ ଛାଞ୍ଚ ସଜାଡ଼ ଓ ସେଥିରୁ ମୂର୍ତ୍ତି କାଢ଼ ଏହାଥିଲା ଭାସ୍କର୍ଯ୍ୟ ଶିକ୍ଷାର ମୂଳମନ୍ତ୍ର । ପିଲାଏ ପଥର କ'ଣ, କାଠ କ'ଣ, ପୋଡ଼ାମାଟି କ'ଣ କିଛି ଜାଣିଲେନି । ଇଂରେଜୀମାନେ ସେମାନଙ୍କ ଚିତ୍ରକଳା ଶିକ୍ଷା ପାଠ୍ୟକ୍ରମରେ ପ୍ଲାଷ୍ଟର୍ ଅଫ୍ ପେରିସ୍‌କୁ ହିଁ ମାନ୍ୟତା ଦେଉଥିଲେ । ଖଲିକୋଟରେ ଆର୍ଟସ୍କୁଲ ଉଆସ ପରିସରରେ ଶହେ ଦି'ଶହ ବର୍ଷ ତଳର ମନ୍ଦିର ଥିଲା । ଭାସ୍କର୍ଯ୍ୟ ଅଧ୍ୟାପକ ଦିନେ ବି ଆମକୁ ଦେଖେଇଲେ ନି । ଆମେ ଆମ ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଆମର ଶିଳ୍ପ ଐତିହ୍ୟ-ସଂପର୍କରେ ସଚେତନ ହେଲୁନି । ବଣପାହାଡ଼ଘେରା ଖଲିକୋଟର ପରିବେଶ ଭିତରେ ପିଲାଏ କାଠ ଚିହ୍ନିପାରିଲେନି । କାଠରେ ଭାସ୍କର୍ଯ୍ୟଟିଏ ତିଆରି କରିବା ଜାଣିଲେନି । ଖାଲି ଚାଲିଲା ପ୍ଲାଷ୍ଟର୍‌ର ଧବଳ ଅଭିଯାନ । କଳା ଇତିହାସ ତ

Digitized by srujanika@gmail.com

ସହଜେ ପଢ଼ା ହେଉନଥିଲା । ଆମେ ନିର୍ମଳଝରର ଗାଧୋଇବାକୁ ଯାଉଥିଲୁ ସିନା, ସେଠିଥିବା କୌଣସି ହେଲେ ଭାସ୍କର୍ଯ୍ୟର ମହତ୍ତ୍ୱ ବୁଝୁନଥିଲୁ । ଆମ ପରଂପରା ଆମ ପାଖରେ ଗାଁ କନିଆଁ ସିଙ୍ଘାଣିନାକି ଭଳି ଅଲୋଡ଼ା ହେଇପଡ଼ିରହିଲା । ଏବେ ବିଚାରକୁ ଆସୁଚି ଆମକୁ ଆମ ଭାସ୍କର୍ଯ୍ୟ ସଂପର୍କରେ ଅବଗତ କରେଇ ଦେବା ପାଇଁ କାହାର କ'ଣ ଉଚିତ ନଥିଲା ?

ଖଲିକୋର୍ଟ ଆର୍ଟସ୍କୁଲକୁ ଆଉ ଦି'ବର୍ଷ ପରେ ପଚାଶ ପୂରିବ । ଓଡ଼ିଶାର ବିଖ୍ୟାତ ଭାସ୍କର, ସେ ସମୟର ବିଶିଷ୍ଟ ଶିଳ୍ପୀ ଏଠି ଅଧ୍ୟାପକ ଥିଲେ । ଓଡ଼ିଶାରେ ଚାରିଆଡ଼େ ଭାସ୍କର୍ଯ୍ୟର ଉତ୍ସବ ଛୁଟିଲା । କାହିଁ ଖଣ୍ଡିଏ ହେଲେ ଆଖିଦୃଷ୍ଟିଆ ଭାସ୍କର୍ଯ୍ୟ ଏହି ବିଦ୍ୟାଳୟର ଶୋଭା ମଣ୍ଡନ କଲାନି । କଳାଜଗତରେ କ'ଣ ଜଣେହେଲେ ନେତୃସ୍ଥାନୀୟ ଲୋକଟିଏ ନାହିଁ ? ପଚାଶ ବର୍ଷ ଭିତରେ ପଚାଶ ନହେଲେ ବି ପନ୍ଦରକୋଡ଼ିଏ, ପାଞ୍ଚଦଶ ମଧ୍ୟ ଉତୁରି ପାରିଲାନି । ହାୟରେ ହତଭାଗା ଦେଶ !

ବିପ୍ରସାର୍‌ଙ୍କ ୱାଟର୍‌କଲର୍ ହାତ ଭଲ । କଲିକତା ଆର୍ଟସ୍କୁଲର ବ୍ରିଟିଶ୍ ପରଂପରାରେ ସ୍ୱଚ୍ଛ ଜଳରଙ୍ଗ ପ୍ରୟୋଗ କରି ବିପ୍ରସାର୍ ଚମତ୍କାର ଜଳରଙ୍ଗର ଭୂଦୃଶ୍ୟ କରୁଥିଲେ । ଆମେ ପଢୁଥିବା ବେଳଠୁ ହିଁ ଶାନ୍ତିନିକେତନିଆ ଓ କଲିକତିଆଙ୍କ ଭିତରେ ଚିତ୍ରକଳାରେ ଦୁଇଟି ଧାରାକୁ ନେଇ ମତାନ୍ତର ଥାଏ । କଲିକତାର ବିଦେଶୀଧାରା, ହାତର କୌଶଳ ଉପରେ ମୁଖ୍ୟତଃ ନିର୍ଭରଶୀଳ ଏବଂ ଶାନ୍ତିନିକେତନର ସ୍ୱଦେଶୀଧାରା, ସୃଜନଶୀଳ ଅଭିବ୍ୟକ୍ତି ତଥା ଦେଶଜ ପରଂପରା ଉପରେ ଜୋର ଦିଏ । ଥରେ ଆମେ ଅନନ୍ତ ପଣ୍ଡାଙ୍କ ଅଏଲ୍ ପେଣ୍ଟିଙ୍ଗ୍ ଷ୍ଟୁଡ଼ିଓରେ ୱାଟରକଲରର୍ ଷ୍ଟିଲଲାଇଫ୍ ଷ୍ଟଡି କରୁଥାଉ । ବିପ୍ରସାର୍ କ୍ଲାସ ଭିତରକୁ ପଶିଆସି ଆମ ଛବି ସଂପର୍କରେ ମନ୍ତବ୍ୟ ପ୍ରକାଶ କଲେ । ମନେ ପଡୁନାହିଁ କେଉଁ ଗୋଟିଏ ପିଲାର ଛବିରେ ସାମାନ୍ୟ ସଂଶୋଧନ କରିଦେଲେ । ଅଧ୍ୟାପକ ଅନନ୍ତ ପଣ୍ଡା କୁଆଡ଼େ ଥିଲେ କେଜାଣି ଝଡ଼ ବେଗରେ କ୍ଲାସ ଭିତରକୁ ପଶିଆସିଲେ ଆଉ ଇଂରାଜୀରେ ଅତି ରୁକ୍ଷଭାବରେ ବିପ୍ରସାର୍‌ଙ୍କୁ ଚେତେଇଦେଲେ । ତାଙ୍କର ଇଂରାଜୀ କଥାର ମୋଟାମୋଟି ଅନୁବାଦ ହେଲା, ତମେ ମୋ କ୍ଲାସ୍ ଭିତରକୁ ପଶିଆସି ଅନଧିକାର ଚର୍ଚ୍ଚା କରିସାରିଚ । ପୁଣି ମୋ ଛାତ୍ରର ଛବିରେ ହାତ ଲଗେଇ ଗର୍ହିତ କାର୍ଯ୍ୟ କରିସାରିଚ । ମନେରଖ ଏଇଟା ମୋ କ୍ଲାସ, ଭବିଷ୍ୟତରେ ଏଭଳି କଲେ ମୁଁ ଧକ୍କାମାରି ମୋ କ୍ଲାସରୁ ବାହାର କରିଦେବା ପାଇଁ ପଛେଇବି ନାହିଁ ।

Digitized by srujanika@gmail.com

ବିପ୍ରସାର୍ ହଠାତ୍ କୌଣସି କଥାରେ ବିଚଳିତ ହେବାଲୋକ ନୁହନ୍ତି, ସିଏ ପ୍ରତିଟି ସମସ୍ୟାର ସମାଧାନର ବାଟ ଜାଣନ୍ତି । କେଉଁ ଜାଗାରେ ମାଡ଼ ଦେଲେ, ପଦାକୁ ଦିଶିବନି, ଅଥଚ ବେଶ୍ ଗହୀରକୁ ଭେଦିବ, ସେକଥା ତାଙ୍କୁ ଜଣା । ଏ ଘଟଣାର ପରଦିନ ସିଏ ଜାଣିଶୁଣି ନିଜ କ୍ୱାଟରସ୍ ବାରଣ୍ଡାରେ ଆମେ ବଜାରରୁ ଫେରିବାକୁ ଅପେକ୍ଷା କରିଥାନ୍ତି । ଆମକୁ ଦେଖୁ ଦେଖୁ ହାତ ଠାରି ଡାକିଲେ । ତାଙ୍କର ଧାରଣା ଥାଏ ମୁଁ ହରିଶରଣଙ୍କ ଛାତ୍ର । କାନରେ ଠିକ୍ କଥାଟା ପଡ଼ିଲେ ଅଲବତ୍ କାମ ଦେବ । ଆମେ ଘର ଭିତରକୁ ଖୁବ୍ ସଂଭ୍ରମରେ ପଶିଲୁ । ତାଙ୍କର କଲିକତା ବେଳର ପୁରୁଣା ଛବି ବାକ୍ସ ଖୋଲି ୱାଟର୍‌କଲର ଚିତ୍ରଗୁଡ଼ିକ ଦେଖେଇଲେ । ଆମେ ଚିତ୍ରର ଗୁଣାତ୍ମକତାରେ ବାସ୍ତବରେ ଅଭିଭୂତ ହେଇପଡ଼ିଲୁ । ସେଥିରୁ ଦି'ତିନୋଟି ଜଳରଙ୍ଗର ଭୂଦୃଶ୍ୟ ଏବେ ବି ମୋର ସ୍ମୃତିରେ ଅଛି ।

ବିପ୍ରସାର୍ ପିଲାମାନଙ୍କୁ ଖାଲି ମଡ଼େଲ ଷ୍ଟଡ଼ି ଶିଖେଇଲେ । ଯେଉଁ ପିଲା ଏଥିରେ ଭଲ କଲା ସିଏ ହେଲା ତାଙ୍କର ଅତ୍ୟନ୍ତ ପ୍ରିୟ । ଆଉ ବେଳଉଣ୍ଡି ସେଭଳି ପିଲାଙ୍କୁ ନିଜ ଘର ଷ୍ଟୁଡ଼ିଓକୁ ନେଇ କାମରେ ଲଗେଇବେ । ଫଳରେ ପିଲାଟି ଭାବିବ ସିଏ ସାର୍‌ଙ୍କ ଅତି ଆପଣାର । ଏଇ ଅଳ୍ପଦିନ ତଳେ 'ବିଶ୍ୱମୁକ୍ତି' ପତ୍ରିକାକୁ ସାକ୍ଷାତକାର ଦେଇ ବିପ୍ରସାର୍ କହିଲେ 'ଆମେ ସରକାରଙ୍କ ସହ ଯୋଗାଯୋଗ କରି ୩୦୦ ପଦବୀ ବିଭିନ୍ନ ସ୍କୁଲ ଏବଂ ଅନ୍ୟାନ୍ୟ ବିଭାଗରେ ବ୍ୟବସ୍ଥା କରାଇଲୁ । ଏବେ ଆଉ ପଦବୀ ସୃଷ୍ଟି ହେଉନି । ଏଥି ପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି । ଯୁବପିଢ଼ୀର ଶିଳ୍ପୀମାନଙ୍କୁ କେବଳ ଚିତ୍ର ଓ ସ୍ଥାପତ୍ୟ ବିକ୍ରି କରି ବଞ୍ଚିବାକୁ ପଡ଼ିବ । ଉତ୍କର୍ଷ କଳାର ଦେଶ ଉତ୍କଳରେ ଏହାଠାରୁ ଦୁର୍ଭାଗ୍ୟ ଆଉ କ'ଣ ବା ଥାଇପାରେ' ।

ଏବେ ଶହ ଶହ ବିପ୍ରସାର୍‌ଙ୍କ ଛାତ୍ର ମୂର୍ତ୍ତିମାନ ଗଢ଼ିଚାଲିଛନ୍ତି । ଏବେ ଏହି ମୂର୍ତ୍ତି ଶିଳ୍ପକୁ ନେଇ ଭଲ ବେପାର ଚାଲିଛି । ଯେଉଁମାନେ ସାର୍‌ଙ୍କ ପାଖରୁ ଶିଖିଥିଲେ ସେମାନେତ ମୂର୍ତ୍ତି ଗଢୁଛନ୍ତି ଏଥିରେ ଆଶ୍ଚର୍ଯ୍ୟ ହେବାରେ ବିଶେଷ କିଛି ନାହିଁ । କୁହାଯିବ ଯେ ବିପ୍ରସାର୍‌ଙ୍କ ବିଦ୍ୟା କାମଦେଲା । କିନ୍ତୁ ଦୁର୍ବଳ, ବୁଭୁକ୍ଷୁ ଶିଳ୍ପୀଙ୍କ ଉପରେ ସବାର ହେଇ କେତେକ ଚଲାଖଚତୁର ଶିଳ୍ପୀ ଅନ୍ୟର କାମରେ ବାହାଦୁରି ନେଇ ଓଡ଼ିଶାର ସହରମାନଙ୍କରେ ମୂର୍ତ୍ତି ସ୍ଥାପନା କଲେଣି । ଏଥିରେ ନା ଭାସ୍କର୍ଯ୍ୟ ଅଛି ନା କଳାର ଚାତୁରୀ ଅଛି, ଅଛି କେବଳ ବେପାର, ଶାଶୁ ପାଣିକି ବୋହୂପାଣି, କ୍ଷୀର ଦେଖିଲା ବେଳକୁ ଜଳବତ୍ ଅନ୍ତଃସାରଶୂନ୍ୟ ଗୋରସ ।

Digitized by srujanika@gmail.com

ଓଡ଼ିଶାର ଜନସାଧାରଣଙ୍କ ଏହି ପ୍ରତିକୃତିମାନଙ୍କ ପ୍ରତି ଆଗ୍ରହ ବେଶୀ । ଖବରକାଗଜମାନଙ୍କରେ ମୂର୍ତ୍ତି ସ୍ଥାପନା ନେଇ ସରକାରଙ୍କଠାରେ ଦାବୀ ଉପସ୍ଥାପିତ କରାଯାଏ । ଆମ ଲୋକଙ୍କ ଧାରଣା ଗୋଟିଏ ମୂର୍ତ୍ତି ବ୍ୟତୀତ ମହାନ୍ ପ୍ରତିଭାମାନଙ୍କର ସ୍ମୃତିରକ୍ଷାର ଅନ୍ୟ ବିକଳ୍ପ ନାହିଁ । ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଗୁଡିକର ବିକଳ ଅବସ୍ଥା ସଂପର୍କରେ ଆମେ ସଂପୂର୍ଣ୍ଣ ଅବହିତ । ଜାତିର ପିତା କେଉଁ ଅବସ୍ଥାରେ ରାସ୍ତା କଡ଼ରେ, ବଜାର ଛକମାନଙ୍କର ଜରାଜୀର୍ଣ୍ଣ ହେଇ ଏ ଜାତିକୁ ଉପହାସ କରୁଛନ୍ତି ତାହା ଆମେ ଦେଖୁଛେ । ଯେଉଁମାନଙ୍କର ପ୍ରତିକୃତି ଗଢ଼ାଯାଉଛି, ସେମାନେ କ'ଣ ଏ ଜାତିର ଚୌକିଦାର ନା ହାବିଲଦାର୍ । ସାକ୍ଷୀ ଗୋପାଳ ବସ୍‌ଷ୍ଟାଣ୍ଡ ପାଖର ପଞ୍ଚସଖାଙ୍କ ଦୈନ୍ୟ ବା ଉତ୍କଳ ସାହିତ୍ୟ ସମାଜର କାନ୍ଥକଡ଼େ ବସା ଯାଇଥିବା ଏ ଜାତିର ବରେଣ୍ୟ କବି ଓ ସାହିତ୍ୟକଙ୍କ ବୈକଲ୍ୟ ଅସହ୍ୟ । ଏହା କୌଣସି ସୁସ୍ଥ ସମାଜର ନାନ୍ଦନିକ ପରିପ୍ରକାଶ ନୁହେଁ । ଯେଉଁ ଦେଶର କାରିଗର କୋଣାର୍କ ଭଳି ମନ୍ଦିର ଗଢ଼ି ଶିଳ୍ପର ସୁନ୍ଦର ପରିବେଶ ପରିକଳ୍ପନା କରି ପାରିଥିଲା ଏବେ ସେହି କାରିଗରର ଦାୟାଦମାନଙ୍କ ଅରୁଚିଗର୍ଭକ ଚିନ୍ତାରେ ବିସ୍ମିତ ହେବାକୁ ପଡ଼େ । ଅନିୟନ୍ତ୍ରିତ ସହରର ମାନଚିତ୍ର, ଅପ୍ରିୟ ଭୂଗୋଳର ପ୍ରସାର ଏବଂ ଅବଗୁଣର ମଣିଷ ଭାସ୍କର୍ଯ୍ୟ ଶିଳ୍ପ ଭଳି ଏକ ମହାନ ପରଂପରାକୁ ତଳିତଳାନ୍ତ କରିସାରିଲେଣି । ଏଥିପାଇଁ ଖଲିକୋଟ ଆର୍ଟସ୍କୁଲର ମୋର ସହପାଠୀ ଓ ବଂଧୁମାନେ କମ୍ ଦାୟୀ ନୁହନ୍ତି । ମୂର୍ତ୍ତି ନିର୍ମାଣ କୋଇଲା ବ୍ୟବସାୟ ନୁହେଁ । ଚିତ୍ରଶିଳ୍ପରେ ଅର୍ଥର ଆଭିମୁଖ୍ୟ ପ୍ରବଳ ହେଲେ ନାନ୍ଦନିକତାର ଘୋର ଅପଚୟ ଘଟେ ।

ଇଂରେଜ ଶାସକମାନେ ସେମାନଙ୍କ ପ୍ରଶାସକ, ସଫଳ ଯୋଦ୍ଧା, ସେନାପତି, ରଜା ଓ ରାଣୀମାନଙ୍କର ସତକ ଏ ଦେଶରେ ଛାଡ଼ି ଦେବାପାଇଁ ଉଦ୍ୟାନରେ, ଉପବନରେ, ରାଜରାସ୍ତାମାନଙ୍କରେ ପ୍ରତିକୃତି ବସେଇ ଦେଇଗଲେ । ସେମାନେ ଆମର ଶତ୍ରୁ ହୁଅନ୍ତୁ ପଛେ ସେମାନଙ୍କ ପ୍ରତିକୃତିମାନଙ୍କ ଶୈଳ୍ପିକ ଚାତୁରୀ, ଅବୟବମାନଙ୍କର ସୌସାଦୃଶ୍ୟ, ପୋଷାକପରିଚ୍ଛଦର ବିନ୍ୟାସ ଚିତ୍ରକଳା ବିଦ୍ୟାଳୟର ଛାତ୍ରଭାବେ ଆମେ ଅନୁଧ୍ୟାନ, ଅନୁଶୀଳନ କରୁଥିଲୁ । ଯୋଦ୍ଧୁ ଅଶ୍ୱମାନଙ୍କର ବୀରଠାଣି, ପାହୁଲମରା ଚାଲି, ମାଛି ଖସିପଡୁଥିବା ମାଂସଳ ଦେହ ଆମମାନଙ୍କର ଉପଜୀବ୍ୟ ହେଉଥିଲା । ସେହି ମୂର୍ତ୍ତିମାନଙ୍କର ଶିଳ୍ପଚାତୁରୀ ପ୍ରତି ସଂଭ୍ରମ ଓ ସମ୍ମାନବୋଧ ଥିଲା । ଏବେ ସେ ସବୁ ଗଲା କୁଆଡ଼େ ? ଆମେ ଏବେ

Digitized by srujanika@gmail.com

ଯେଉଁ ପ୍ରତିକୃତି ସବୁ ଗଢୁଛୁ ତାହା ଏକ ବ୍ୟଙ୍ଗାତ୍ମକ ପ୍ରତୀକ ଭଳି ଲାଗୁଛି । ଦୁଇଟି ଚଷମା ଥାଇ, ଲଣ୍ଡିତ ମୁଣ୍ଡ ଓ ଠାକରା ଗାଲର ଆବକ୍ଷ ହେଲା ମହାତ୍ମା ଗାନ୍ଧୀ, କଂଗ୍ରେସ ଟୋପୀ ପିନ୍ଧି ଦେହରେ ଲମ୍ବା ସେର୍‌ୱାନୀ ଗଳେଇଥିଲେ ଓ ଗୋଡ଼ଚିପା ଚୁଡ଼ିଦାର ପିନ୍ଧିଥିଲେ ଜବାହରଲାଲ ନେହେରୁ, ଖାକି ୟୁନିଫର୍ମରେ ସେନାଧ୍ୟକ୍ଷ ଭଳି ଦେଖା ଯାଉଥିଲେ ଓ ଦିଲ୍ଲୀ ନଗରୀ ଆଡ଼କୁ ଅଙ୍ଗୁଳିଟିଏ ନିର୍ଦ୍ଦେଶ କରିଥିଲେ ନେତାଜୀ ସୁଭାଷଚନ୍ଦ୍ର । ଥରେ ଥରେ ଗଢ଼ଣ ଶୈଳୀ ଏତେ ନିମ୍ନମାନର ଯେ ପ୍ରତିଭାମାନଙ୍କୁ ପ୍ରତିକୃତିଗୁଡ଼ିକ ତାସଲ୍ୟ କଲାଭଳି ଲାଗୁଛି । ଭଦ୍ରକ ସହରର ପ୍ରବେଶ ଦ୍ୱାରରେ, ପୁରୁଣା ରାଜଧାନୀର ଉପକଣ୍ଠରେ, ରାଜମହଲ ଛକ ପାଖରେ ଏବଂ ବିଧାନସଭା ସମ୍ମୁଖରେ ଦଣ୍ଡାୟମାନ ନବ ଉତ୍କଳର ନିର୍ମାତା ଡକ୍ଟର ହରେକୃଷ୍ଣ ମହତାବଙ୍କ ପ୍ରତିକୃତି ଦେଖିଲେ ଲଜ୍ଜାରେ ମୁଣ୍ଡ ତଳକୁ ହେଇଯାଏ । ସେଥିରେ ନା ଅଛି ରୂପର ଚାତୁରୀ ନା ସେଥିରୁ ବାରି ହେଉଛି ଡକ୍ଟର ମହତାବଙ୍କ ଜନନେତାପଣିଆ ।

ବିପ୍ରଚରଣ ଓଡ଼ିଶାରେ ପାଶ୍ଚାତ୍ୟ ଭାସ୍କର୍ଯ୍ୟର ବାର୍ତ୍ତାବହ ଥିଲେ । ତାଙ୍କର କୁଶଳୀ ହାତ ଦେଇ ପାଶ୍ଚାତ୍ୟ ଧାରା ସ୍ୱାଧୀନୋତ୍ତର ଉତ୍କଳ ଦେଶରେ ଆମ ଭାସ୍କର୍ଯ୍ୟ ପରଂପରାର ପ୍ରତିଦ୍ୱନ୍ଦ୍ୱୀ ହେଇ ଠିଆ ହେଇଥିଲା । ପୁଣି ସେଇଠୁ ହିଁ ଆରମ୍ଭ ହେଇଥିଲା ଆଧୁନିକ ଭାସ୍କର୍ଯ୍ୟର ରୂପଚର୍ଚ୍ଚା । ଆମେ ସିନା କହୁଛୁ ପାଶ୍ଚାତ୍ୟ ଧାରା, ବିପ୍ରସାର୍‌ଙ୍କ ଶୈଳୀଥିଲା ଔପନିବେଶୀୟ ଇଂଲିଶ ଭାସ୍କର୍ଯ୍ୟ କଳା । ମୁଁ ଯେତେଥର ବିଲାତ ଯାଇଛି ସେଠିକାର ବ୍ରୋଞ୍ଜ ମୂର୍ତ୍ତିଗୁଡ଼ିକୁ ବାରମ୍ବାର ନିରୀକ୍ଷଣ କରି ବିପ୍ରସାର୍‌ଙ୍କୁ ଓ ମୋ ବେଳର ଖଲିକୋଟକୁ ମନେ ପକେଇଛି । ମୋର ସହକର୍ମୀ ଏବଂ ବିପ୍ରସାର୍‌ଙ୍କ ସୁଯୋଗ୍ୟ ଛାତ୍ର ଅଧ୍ୟାପକ ଜୟନ୍ତ କୁମାର ଦାସଙ୍କ ନିକଟକୁ ଚିଠି ଲେଖିଛି, କହିଛି, ଥରେ ଆସି ଦେଖିଯାଅ ମୂର୍ତ୍ତିଶିଳ୍ପର ପରାକାଷ୍ଠା । ବିଦେଶର ସଂଗ୍ରହାଳୟଗୁଡ଼ିକରେ ମିଶରୀୟ, ଗ୍ରୀକ୍, ରୋମାନ୍, ଏସିରିଆନ୍ ଶିଳ୍ପୀମାନଙ୍କର ଭାସ୍କର୍ଯ୍ୟ ପ୍ରାୟ ତିନିହଜାର ଊର୍ଦ୍ଧ୍ୱ ବର୍ଷର ପରଂପରାର ପରାକାଷ୍ଠା ଉଦ୍‌ଘୋଷଣା କରୁଛି । ସେହି ଭାସ୍କର୍ଯ୍ୟମାନଙ୍କରେ ବ୍ୟବହୃତ ବସ୍ତୁର ଗୁଣାତ୍ମକ ମୂଲ୍ୟ ସ୍ୱତଃ ବାରିହେଇପଡ଼େ । ଉନ୍ନତ ଜାତିର ପଥର, କାଠ, ଧାତୁମାନଙ୍କରେ ନିର୍ମିତ ଭାସ୍କର୍ଯ୍ୟମାନ ଶୈଳ୍ପିକ ପରାକାଷ୍ଠାରେ ଉତ୍‌କୀର୍ଣ୍ଣ । ମାଇକେଲ୍ ଏଞ୍ଜେଲ୍‌ଙ୍କ ଡାଭିଡ୍‌ର ଯୌବନଦୀପ୍ତ ଦର୍ପ ଓ ଅଙ୍ଗବିଳାସର ସାବଲୀଳ ଭଙ୍ଗିମା କାହିଁ ! କାହିଁ ହରକ୍ୟୁଲେସ୍ ସ୍ୱର୍ଗକୁ ଧାରଣ କରିବାର ଔଦ୍ଧତ୍ୟ, ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀର ଡ଼େଲଫି ସାରଥି

Digitized by srujanika@gmail.com

ବ୍ରୋଞ୍ଜପ୍ରତିମୂର୍ତ୍ତିରେ ରୈଖିକ ସାନ୍ଦ୍ରତା ଓ ସାବଧାନ ଭଙ୍ଗୀର ଗାରିମା ବା ଖ୍ରୀଷ୍ଟପୂର୍ବ ଦୁଇଶହ ବର୍ଷତଳର ମିଲୋ ମାର୍ବଲ ଭେନସ୍‌ର ସୌନ୍ଦର୍ଯ୍ୟ ବା ସଂଗ୍ରାମରତ ଲାଓକୁନ୍ ଓ ତା'ରପୁତ୍ରମାନଙ୍କର ଯନ୍ତ୍ରଣାଦଗ୍ଧ ଦେହର ସଂବେଦନ । ଏ ଗୁଡିକ ହେଲା ପାଶ୍ଚାତ୍ୟ ଭାସ୍କର୍ଯ୍ୟକଳାର ଗୋଟିଏ ଗୋଟିଏ ମହାର୍ଘ ନିଦର୍ଶନ । ବିପ୍ରସାର୍‌ଙ୍କ ପ୍ରବର୍ତ୍ତିତ ଭାସ୍କର୍ଯ୍ୟ ପରଂପରାରେ ଏଥିରୁ ଗୋଟିଏ ହେଲେ ଭାସ୍କର୍ଯ୍ୟର ସାମାନ୍ୟତମ ପ୍ରତିଫଳନ ନାହିଁ ।

ପୁଣି ଅନ୍ୟ ଦିଗରୁ ଆକଳନ କଲେ ସ୍ପଷ୍ଟହେଇଯିବ ଆମ ଭାରତୀୟ ବା ଓଡ଼ିଶୀ ପରଂପରାର କାଞ୍ଚନିକ ସୌରଭଠାରୁ ଖଲିକୋଟର ପିଲାମାନେ ବହୁଦୂରରେ ରହିଥିଲେ । ନା ସେମାନେ ସ୍ୱଦେଶୀକଳାର ସ୍ୱାଦ ଚାଖିଥିଲେ ନା ବିଦେଶୀକଳାର ମହକ ବୁଝିଥିଲେ । ସେମାନେ କେବଳ ଅନୁଭବ କରିଥିଲେ ଔପନିବେଶୀୟ ଇଂଲିଶ ଭାସ୍କର୍ଯ୍ୟର ସାମାନ୍ୟ ସ୍ପର୍ଶ । ଆମଦେଶ ଭାସ୍କର୍ଯ୍ୟର ଦେଶ । ଗିରିଗୁହା ମନ୍ଦିର ଓ ବିହାରମାନଙ୍କରେ ଖୋଦିତ ଭାସ୍କର୍ଯ୍ୟର ହଜାର ହଜାର ବର୍ଷର ଐତିହ୍ୟ ଆମ ଶିଳ୍ପ ପରଂପରାରେ ପ୍ରତିଫଳିତ । ଅଥଚ ସେଗୁଡିକୁ ପାରଂପରିକ ବୋଲି ଅଭିହିତ କରିଦେଇ ପାଠ୍ୟକ୍ରମରୁ ଦୂରେଇ ଦିଆଗଲା । ସେଥିରୁ ସାରବତ୍ତା ଗ୍ରହଣ କରି ଶିଳ୍ପସୃଷ୍ଟିଭିତରେ ତା'ର ଉପଯୋଗ କରିବାର କୌଶଳ ମଧ ଶିକ୍ଷା ଦିଆଗଲାନି । ଇଣ୍ଡିଆନ୍ ପେଣ୍ଟିଙ୍ଗ୍ ନାଁରେ ଶାନ୍ତିନିକେତନୀୟ ଚିତ୍ରଶୈଳୀ ଅଭ୍ୟାସ କରିବା ପାଇଁ କୁହାଯାଉଥିଲେ ମଧ ଶାନ୍ତିନିକେତନରେ ସେତେବେଳେ ପାଠ୍ୟକ୍ରମରେ ସ୍ଥାନପାଇଥିବା ଆଧୁନିକ ଭାସ୍କର୍ଯ୍ୟଧାରା ଖଲିକୋଟ କଳାବିଦ୍ୟାଳୟରେ ପ୍ରବର୍ତ୍ତିତ ହେଲା ନାହିଁ । କୁଆଡ଼େ ଗଲେ ରାମକିଙ୍କର ବେଜ୍ ଓ ତାଙ୍କ ସାନ୍ତାଳ ପରିବାରର ହାଟବାହୁଡା ଦୃଶ୍ୟ, ସୁଜାତା ଭାସ୍କର୍ଯ୍ୟର ସରଳ ରୈଖିକତା ? ଚିତ୍ରକଳାରେ ନନ୍ଦଲାଲ ପ୍ରତିଫଳିତ ହେଇ ପାରିଲେ । ରାମକିଙ୍କର ହେଲେନାହିଁ । ଅନ୍ତତଃ ଦେବୀପ୍ରସାଦ ରାୟଚୌଧୁରୀତ ଖଲିକୋଟରେ ଉଭାହେଇପାରିଥାନ୍ତେ । ବିପ୍ରସାର୍ କଲିକତା କଳାବିଦ୍ୟାଳୟର ଛାତ୍ର ହେଇଥିବାରୁ ସ୍ୱାଭାବିକ ଭାବେ ଇଂଲିଶଧାରା ଓଡ଼ିଶାର ଆଧୁନିକ ଭାସ୍କର୍ଯ୍ୟର ମୂଳମନ୍ତ୍ର ହେଇପଡିଲା । କିନ୍ତୁ ଏହି ଧାରା ଏତେ ଦୁର୍ବଳ ଯେ ତାହା କସ୍ମିନ କାଳେ ଆଧୁନିକତାକୁ ପ୍ରଚୋଦନା ଦେଇ ପାରିଲା ନାହିଁ ।

ଓଡ଼ିଶୀ ପଥରଖୋଦେଇକୁ କୁହାଯାଉଥିଲା କ୍ରାଫଟ୍ । ଏବଂ ତା'ର ଅଧ୍ୟାପନା ଦାୟିତ୍ୱରେ ଥିଲେ ପୁରୀର ପଥୁରିଆ ପରିବାରର ସୋମନାଥ ମହାପାତ୍ର । ଯେହେତୁ ପାରଂପରିକ ପଥରଖୋଦେଇକୁ ଇଂଲିଶ ସାହେବମାନେ କାରୁଶିଳ୍ପ ବା

Digitized by srujanika@gmail.com

କ୍ରାଫ୍‌ଟ୍ ନାଁରେ ଅଭିହିତ କରିଦେଇଥିଲେ, ସୋମନାଥ ସାର୍‌ଙ୍କୁ ଚାକିରି ଜୀବନ ସାରା ଷ୍ଟୋନ୍‌କାର୍‌ଭିଙ୍ଗ୍ ଇନ୍‌ଷ୍ଟ୍ରକ୍‌ଟର ହେଇ ରହିବାକୁ ହେଲା । ତାଙ୍କୁ କିନ୍ତୁ ନା ମିଳୁଥିଲା କୁଣ୍ଡା ପଥର ନା ମୁଗୁନି । କୋଚିଲା, ବଉଳମାଳିଆ ନାଁ ମଧ୍ୟ ଆମେ ଶୁଣି ନଥିଲୁ । ଏହି ଦୁଇଟି ଭାସ୍କର୍ଯ୍ୟ ବିଭାଗ ଭିତରେ ପାଠ୍ୟକ୍ରମରେ ଆକାଶପାତାଳ ଫରକ । ଗୋଟିଏ ଆଭିଜାତ୍ୟର ଆଡ଼ମ୍ବରର ପାଟରାଣୀ ଓ ଅନ୍ୟଟି ହତାଦରର ହୀନପ୍ରଭ ଚାକରାଣୀ । ମହାପାତ୍ରସାର୍ ହାତରେ ଖଡ଼ିପଥର ଖଣ୍ଡେଧରି ନହୁରୁଣୀରେ ଖୋଦେଇ କରୁଥିଲେ । ଭାସ୍କର୍ଯ୍ୟରେ ବ୍ୟବହୃତ କୌଣସିଟି ଉପାଦାନର ଗୁଣାତ୍ମକ ବିଚାର ପାଠ୍ୟକ୍ରମଭିତରେ ସ୍ଥାନପାଇ ନଥିଲା । ଛାତ୍ରମାନେ ପଥରର ସ୍ୱାଭାବିକ ଗଢ଼ଣ, ତାର ଟେକ୍‌ଶ୍ଚର୍‌ର ସମ୍ବେଦନତା ସଂପର୍କରେ ସଚେତନ ନଥିଲେ । ଅଖୋଦା ପଥର ଭାସ୍କରକୁ ତା ନିଜକଥାକହେ । ଶିଳ୍ପୀକୁଆଡେ ପଥରଦେହରେ ଲିହାଣ ଦାଗଟିଏ ଦେଲାପୂର୍ବରୁ ପଥରର ଅନ୍ତର୍ଚ୍ଛନ୍ଦକୁ, ତା'ର ସଂଗୀତକୁ ଖାଲି ଶୁଣେନି ନିଜ ମନରେ ପ୍ରାଣରେ ମଜେଇରଖେ, ଶିଳ୍ପୀ ପଥରର ସ୍ୱରୂପ, ଚରିତ୍ର ଓ ଭାଷା ସହିତ ଏକାତ୍ମ ହୁଏ । କିଭଳି ମୂର୍ତ୍ତି ଗଢ଼ିବାକୁ ହେବ ପଥର ହିଁ ଶିଳ୍ପୀକୁ ସୂଚେଇ ଦିଏ ପୁଣି ପଥର ହିଁ ଶିଳ୍ପୀର ହାତଧରି ଲିହାଣ ଧରି ବାଟ କଢ଼େଇନିଏ । ପଥରଦେହରେ ଆଗରୁ ପ୍ରକୃତି ପ୍ରତିକୃତିର ରୂପ ସାଇତି ରଖିଥାଏ । ପଥରର ଦନ୍ତୁରିତ ଦେହ ଭାବର କଳ୍ପନାର ରୂପ ସୃଷ୍ଟି କରିବାରେ ସମର୍ଥ ହେଇଥାଏ । ଏହାହିଁ ଟେକ୍‌ଶ୍ଚର୍ । କୋଣାର୍କର ଶିଳ୍ପୀ ଏକଥା ହୃଦୟଙ୍ଗମ କରିପାରିଥିଲା ବୋଲି ଯୋଦ୍ଧୃଅଶ୍ୱର ଦେହ ଓ ନର୍ତ୍ତକୀର ଅଙ୍ଗଭିତରେ ଭିନ୍ନଭାବ ସଂଚରେଇ ଦେଇପାରିଛି । ଏହାହିଁ ଭାସ୍କର୍ଯ୍ୟରେ ଶବ୍ଦର ଗୁଞ୍ଜନ । ଏହାହିଁ ମୂର୍ତ୍ତିମାନଙ୍କର ଧ୍ୱନି । ଏସବୁ ତତ୍ତ୍ୱ ଖଲିକୋଟ ଆର୍ଟସ୍କୁଲର ପିଲାଙ୍କ ପାଖରେ ଅପହଞ୍ଚ ଓ ଗହନ ହେଇ ରହିଥିଲା ।

ଅଜିତସାର୍ ଲଣ୍ଡନରେ ପଥରଖୋଦେଇ ଶିଖିଥିଲେ । ସିଏ ଖଲିକୋଟ ରହଣୀ ଭିତରେ ଭାସ୍କର୍ଯ୍ୟଆଡ଼କୁ ମନଦେଲେନି, ମନେପଡୁଛି ମେକ୍‌ସିକାନ୍ ଶୈଳୀର ଅଧାଖୋଦା ହେଇଥିବା ପଥରଟିଏ ଆର୍ଟସ୍କୁଲରେ ଅନେକ ଦିନ ଧରି ଏଠି ସେଠି ପଡ଼ିରହିଲା । ଅନନ୍ତ ପଣ୍ଡା ଅଧ୍ୟାପକ ହେଲାପରେ ଦି' ତିନୋଟି ଦାରୁଭାସ୍କର୍ଯ୍ୟ ଗଢ଼ିଲେ । ଏସବୁ ପ୍ରଚେଷ୍ଟା ଛାତ୍ରମାନଙ୍କୁ ପ୍ରଭାବିତ କଲାନି । କଲିକତାର ବ୍ରିଟିଶ୍ ଭାସ୍କର ପରଂପରା, ଦେବୀପ୍ରସାଦ ରାୟଚୌଧୁରୀଙ୍କ ପ୍ରକାଣ୍ଡ ଯୌଥ ଭାସ୍କର୍ଯ୍ୟ, ରାମକିଙ୍କର ବେଜ୍‌ଙ୍କ ପରିବେଶ ଭାସ୍କର୍ଯ୍ୟ ଖଲିକୋଟରେ ସ୍ୱପ୍ନହେଇ ରହିଲା ।

Digitized by srujanika@gmail.com

ରବିନାରାୟଣଙ୍କ ଚିଲିକା

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଚିଲିକା, 'ରହ ରହ କ୍ଷଣେ ବାଷ୍ପୀୟ ଶକଟ, ଦେଖିବି ଚିଲିକା ଚାରୁ ଚିତ୍ରପଟ' ବା କବିବର ରାଧାନାଥ ରାୟଙ୍କ 'ଉତ୍କଳ କମଳା ବିଳାସ-ଦୀର୍ଘିକା, ମରାଳମାଳିନୀ ନିଳାମ୍ବୁ ଚିଲିକା' ପରେ କହିବାକୁ ହେବ ରବିନାରାୟଣଙ୍କ ଚିଲିକା' । ଗୀତରେ ଗାଇହେବନି ସିନା କାବ୍ୟ ଭାଷାରେ ଉତୁରି ଉଠୁଥିବା, କାବ୍ୟ ଗନ୍ଧରେ ଉଜ୍ଜ୍ୱଳି ଉଠୁଥିବା ଚିତ୍ର, ଚିଲିକା । ଗୋଟିଏ ଦୁଇଟି ନୁହଁ କି ପାଞ୍ଚଦଶ ନୁହଁ, ଶହ ଶହ, ହଜାର ସରିକି ଚିଲିକା, ଛବିବାକ୍ସ, ଖଟତଳ, ଗଦିତଳ, କାନ୍ଥବାଡ ସବୁଆଡେ ମରାଳମାଳିନୀ ନୀଳାମ୍ବୁ ଚିଲିକା । ସତେ ଯିମିତି ଚିଲିକାର ନୀଳନୀଳ ଢେଉ ଉପରେ ରବିନାରାୟଣ ମରାଳ ଭଳି ଉଲ୍ଲାସରେ ପହଁରୁଛନ୍ତି ।

ରବିନାରାୟଣ ନାୟକ ଆମର କ୍ରାଫ୍ଟ୍ ଇନ୍ଷ୍ଟ୍ରକ୍ଟର । ବାଟିକ୍, ଲେଦର୍ କ୍ରାଫ୍ଟ୍ ଆଉ ଡେକୋରେଟିଭ୍ ଡିଜାଇନ୍ ପଢ଼ଉଥିଲେ । କର୍ମନିଷ୍ଠ, ସମୟାନୁବର୍ତ୍ତୀ ଓ

Digitized by srujanika@gmail.com

ଚଳଚଂଚ୍ଚଳ ମଣିଷ । ପ୍ରଥମ ମହଲାରେ ଇଣ୍ଡିଆନ୍ ପେଣ୍ଟିଙ୍ଗ୍, ଭାରତୀୟ ପାରଂପରିକ ଚିତ୍ରକଳା ବିଭାଗକୁ ଲାଗି ତାଙ୍କର ଷ୍ଟୁଡିଓ । ଷ୍ଟୁଡିଓର ରୁଚିପୂର୍ଣ୍ଣ ସାଜସଜ୍ଜାରୁ ଶାନ୍ତିନିକେତନ କଳାଭବନର ଗନ୍ଧ ବାରିହେଇଯିବ । ଦୁଇ ତିନୋଟି ସୋ'କେଶ୍‌ରେ ବିଭିନ୍ନ ଧରଣର ସୁନ୍ଦର ସୁନ୍ଦର କାଗଜରେ ଅଙ୍କା ଡିଜାଇନ୍,ବାଟିକ୍, ଚମଡ଼ା ଭେନିଟି ବ୍ୟାଗ, ସଜା ହେଇଥିବ । ଚଟାଣ ଉପରେ ନୀଳ ରଙ୍ଗର ନାଲି ଧଡ଼ିଥାଇ ସୂତା କାର୍ପେଟ୍ ପରା ହେଇଥିବ । ସବୁବେଳେ ସାଦା ଧଳାଧୋତି ଓ ଧଳାରଙ୍ଗର ହାପ୍‌ସାର୍ଟ । ପାଦରେ ମାଟିଆ ରଙ୍ଗର ହଳେଚପଲ ।

ରବିନାରାୟଣ ଚାକିରିରୁ ଗଲାଠୁ ସେ ଷ୍ଟୁଡିଓର ଇଜ୍ଜତ ବୋଲି କିଛିନାହିଁ । ଭଙ୍ଗା ଆସବାବପତ୍ର, ନଅରର ପରିତ୍ୟକ୍ତ କବାଟ, ଦୁଆରବନ୍ଧ କଡ଼ିବର୍ଗା ସେଠି ଜମାହେଇଛି । କଳାମୁକତାର ବିଚିତ୍ର ବିବର୍ତ୍ତନ । ରବିନାରାୟଣ ମନେ ମନେ ଶପଥ ନେଇଥିଲେ ବୋଧେ, ସେ ଖଲ୍ଲିକୋଟ ଆର୍ଟସ୍କୁଲକୁ ଶାନ୍ତିନିକେତନରେ ପରିଣତ କରିଦେବେ । ସତରେ ଦିନରାତି ପିଲାଙ୍କ ପଛରେ ଲାଗିଥିବେ । ଆର୍ଟସ୍କୁଲରେ ନୂଆହେଇ ଆସିଥିବା ପିଲାଙ୍କ ପାଇଁ ରବିନାରାୟଣ ସମସ୍ତ ଶୈକ୍ଷିକ ପ୍ରେରଣାର ଉତ୍ସଥିଲେ । ଦୁଇବର୍ଷ ସିଲାବସ୍‌ରେ ସବୁପ୍ରକାର ପାଠ ଯଥା ତୈଳଚିତ୍ର, ଭାରତୀୟ ଚିତ୍ର, ଭାସ୍କର୍ଯ୍ୟ,ଗ୍ରାଫିକ୍, କମର୍‌ସିଆଲ୍ ଆର୍ଟ, ନିଡ଼ିଲ୍ ଓ ଷ୍ଟିଚିଙ୍ଗ୍, କେନ୍ ଏବଂ ବେମ୍ବୁ, ଲେଦର୍ କ୍ରାଫଟ୍, ଷ୍ଟୋନ୍ କାର୍‌ଭିଙ୍ଗ୍ ଅଧ୍ୟୟନ କଲାପରେ ଗୋଟିଏ ବିଶେଷ ସୂକ୍ଷ୍ମକଳା ବିଷୟରେ ଡିପ୍ଲୋମା କରିବାକୁ ହେଉଥିଲା ଆଉ ସେତେବେଳେ ଇନ୍‌ଷ୍ଟ୍ରକ୍‌ଟର୍ ରବିନାରାୟଣ ଲୋଡା ପଡୁନଥିବା ସ୍ୱାଭାବିକ । ଅବଶ୍ୟ ଯେଉଁମାନେ ତୃତୀୟବର୍ଷ ବେଳକୁ ଭାରତୀୟ ପାରଂପରିକ ଚିତ୍ରକଳା ବିଭାଗର ଛାତ୍ରଛାତ୍ରୀ ହେଉଥିଲେ ସେମାନେ ରବିନାରାୟଣଙ୍କର ଷ୍ଟୁଡ଼ିଓକୁ ନିଜର କରିନେଉଥିଲେ ।

ତୈଳଚିତ୍ର ବିଭାଗ ବା ଆମେ ଧରିନେଇଥିବା ଆଧୁନିକ ଚିତ୍ରକଳା ବିଭାଗ ପରେ ଆର୍ଟସ୍କୁଲରେ ରବିନାରାୟଣଙ୍କ ଷ୍ଟୁଡିଓ ଆକର୍ଷଣର ଅନ୍ୟତମ ବିନ୍ଦୁ ଥିଲା । ଅଜିତକେଶରୀ ରାୟ ପାରଂପରିକ ଭାରତୀୟ ଚିତ୍ରକଳା ବିଭାଗର ମୁଖ୍ୟ ଥିଲେ ମଧ ସେ ମନରେ ପ୍ରାଣରେ ଆଧୁନିକ କଳା ପରଂପରାକୁ ଆପଣେଇ ଥିବାରୁ ରବିସାର୍ ଅଧିକାଂଶ ସମୟ ଅଜିତଭାଇଙ୍କ କ୍ଲାସ ଚଳେଇ ନେଉଥିଲେ । ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଲା ରବିସାର୍‌ଙ୍କ ଥିଓରି ପାଠ ପଢ଼େଇବାର ଆଗ୍ରହ ।

Digitized by srujanika@gmail.com

ସେବେଳେ ଥିଓରି ଓ କଳା ଇତିହାସ ଭିତରେ ଥିବା ସୂକ୍ଷ୍ମପ୍ରଭେଦକୁ ନେଇ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ସଚେତନ ନଥିଲେ । ଥିଓରି ପାଠପଢ଼ା ସଂପର୍କରେ ଗୋଟିଏ କୌତୁହଳପୂର୍ଣ୍ଣ ଘଟଣା ଆର୍ଟସ୍କୁଲରେ ଶୁଣିବାକୁ ମିଳୁଥିଲା । ଖଲିକୋଟରେ ଓଡ଼ିଶାର ସରକାରୀ କଳାବିଦ୍ୟାଳୟ ପ୍ରଥମକରି ପ୍ରତିଷ୍ଠା ହୋଇଥିବାରୁ ଓ ସେବେଙ୍କର ଅଧିକାଂଶ ପ୍ରତିଷ୍ଠିତ ଶିଳ୍ପୀ ତଥା ଶିକ୍ଷାନବିସ୍‌ମାନଙ୍କର ଶିକ୍ଷାଗତ ଯୋଗ୍ୟତା ନିମ୍ନତମ ଆବଶ୍ୟକତା ମେଟ୍ରିକ୍ୟୁଲେସନ୍‌ଠାରୁ କମ୍ ହେବା ଏକ ପରଂପରାରେ ପରିଣତ ହୋଇଯାଇଥିଲା । ଏଭଳି ଏକ ଅଭାବନୀୟ ପରିସ୍ଥିତିରେ ଥିଓରି ପାଠ ପଢ଼ାହେଲା, ପିଲାଏ ପଢ଼ିଲେ ଓ ପରୀକ୍ଷା ଖାତାରେ ଉତ୍ତର ଲେଖିଲେ । ଉତ୍ତର ଖଲିକୋଟ ବାହାରର ପରୀକ୍ଷକଙ୍କ ପାଖକୁ ଗଲା । ପ୍ରଶ୍ନପତ୍ରରେ ପଚରା ଯାଇଥିଲା ଧରାଯାଉ 'ହାରମୋନି' କହିଲେ କ'ଣ ବୁଝାଯାଏ ? 'ଟୋନ୍'ର ଚିତ୍ରକଳାରେ ଗୁରୁତ୍ୱ କ'ଣ ? ପ୍ରଶ୍ନଭିତରେ ହିଁ ଓଡ଼ିଆ ପରିଭାଷାକୁ ନେଇ ସମସ୍ୟା ରହିଥିଲା । ଇଂଲିଶ ଭାଷାର ହାରମୋନିକୁ ଓଡ଼ିଆରେ ବର୍ଣ୍ଣସାମ୍ୟ, ବା ବିଭାସମତା କୁହାଯାଇପାରିଥାନ୍ତା । ରେଖା, ବର୍ଣ୍ଣ ଓ ରୂପଯୋଜନାର ସନ୍ତୁଳନ ଭାବକୁ ହାରମୋନି କୁହାଯିବା କଥା, ସିମିତି ବର୍ଣ୍ଣର ହ୍ରସ୍ୱ ଦୀର୍ଘ ବା ଗୁରୁ ଲଘୁ ପ୍ରୟୋଗକୁ ବା ପ୍ରୟୋଗ ସଂକ୍ରାନ୍ତୀୟ ପ୍ରକ୍ରିୟାକୁ ଟୋନ୍ ବିଷୟକ ଉତ୍ତରରେ କୁହାଗଲେ ଚଳିବ । ଛାତ୍ର ମହାଶୟ ପୂରା ଗଂଜାମୀ ଭାଷାରେ ଓ ଭାଷାର ବ୍ୟାବହାରିକ ଢ଼ଙ୍ଗରେ ଉତ୍ତର ଲେଖିପଠେଇ ଥିଲେ, ହାରମୋନି ବୋଇଲେ ଗୀତ ଗାଇବାର ପେଡ଼ି ଏକା, ଆଉ ଟୋନ୍ ବୋଇଲେ ସାମିତ ଗୀତଗାଇବାର କଣ୍ଠନଳୀ ଏକା । ଏଭଳି ଉତ୍ତରରେ କଟକୀ ପରୀକ୍ଷକ ମହୋଦୟଙ୍କ ଅକଲ ଗୁଡୁମ୍ । ସେ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରି ଥିଓରି ପଢ଼େଇବା ପ୍ରଚେଷ୍ଟା ବନ୍ଦ କରିବାପାଇଁ ଅନୁରୋଧ କଲେ । ସେ ତାଙ୍କ ଚିଠିରେ 'ଦଳେ ଅଯୋଗ୍ୟ ଅଧ୍ୟାପକଙ୍କଦ୍ୱାରା ଦଳେ ଅଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଥିଓରି ପଢ଼ାବନ୍ଦ କରିବା କଥା' ଉଲ୍ଲେଖ କରିଥିଲେ କି ନାହିଁ ତାହା ଆମକୁ ଅଗୋଚର । ମୋଟାମୋଟି ଭାବେ ଦେଖିବାକୁ ଗଲେ ଏହା ତ୍ରିନାଥ ମେଳାର ଛୋଟା ଅନ୍ଧକୁ ନୁହେଁ ଅନ୍ଧ ଛୋଟାକୁ ବାଟ କଢ଼େଇଲାଭଳିଆ ପ୍ରସଙ୍ଗ ।

ଥିଓରି ନ ପଢ଼ାଇବା ପାଇଁ ଶିକ୍ଷାନିର୍ଦ୍ଦେଶକଙ୍କ ଆନୁଷ୍ଠାନିକ ନିର୍ଦ୍ଦେଶ ସତ୍ତ୍ୱେ ରବିନାରାୟଣ ନାୟକ ଥିଓରି ପଢ଼େଇବାରେ ଅଟଳ ରହିଲେ । ରବିସାର୍ ଭାରି ଏକଜିଦିଆ ଲୋକ, ଯାହା ବୁଝିଥିବେ ସେଇଆ ଠିକ୍ । ପ୍ରଥମବାର୍ଷିକୀ ଛାତ୍ରଛାତ୍ରୀଙ୍କୁ ହାତଲେଖା ଫୁଲସ୍କେପ୍ କାଗଜର ବାଇଂଡିଙ୍ଗ୍ ଖାତା ନେଇ ଥିଓରି

Digitized by srujanika@gmail.com

କ୍ଲାସକୁ ଆସିବା ପାଇଁ କୁହାଯିବ ଆଉ ସିଏ ତାଙ୍କ ଷ୍ଟୁଡ଼ିଓ ନହେଲେ ଭାରତୀୟ ଚିତ୍ରକଳା ବିଭାଗରେ ବସି ଥିଓରି ପଢ଼େଇବେ । ସିଏ ମଧ୍ୟ ଗୋଟିଏ ମୋଟା ବନ୍ଧେଇ ଥିଓରି ଖାତା ରଖିଥିବେ ଏବଂ ସେଥିରୁ ପୃଷ୍ଠାଏ ପୃଷ୍ଠାଏ ପିଲାଙ୍କୁ ଡାକିଦେବେ ଓ ପିଲାଏ ଆଣ୍ଠେଇ ପଡି ଝାଳନାଳ ହେଇ ତାକୁ ଲେଖି ପକେଇବେ । ମୁଁ ଦି' ଚାରି ଥର ସାର୍‌ଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଥିଓରି ଲେଖାଲେଖି କଲି, ମୋ ମନ ମାନିଲାନି, ଛାଡି ଦେଲି । ପରେ ତାଙ୍କ ହିସାବରୁ ସେ ମୋତେ ବାଦ୍ ଦେଇଦେଲେ । ମୋର ଚିତ୍ରକଳାରେ ସାମାନ୍ୟ ଦକ୍ଷତା ଥିଲା । ଏଣୁ ରବିସାର୍ ମୋର ଏସବୁ ଅମନଯୋଗ ସତ୍ତ୍ୱେ ସବୁବେଳେ ସ୍ନେହ କରୁଥିଲେ ଓ କହୁଥିଲେ ଦିନନାଥର ହାତଭଲ ।

ଅଜନ୍ତା ଓ ବାଗ୍ ଗୁମ୍ଫାର ଭିତ୍ତିଚିତ୍ରାବଳୀ, ମୌଳିକ ଓ ଯୌଗିକ ବର୍ଣ୍ଣମାନଙ୍କର ପାରଂପରିକ ଗୁଣ, ପ୍ରତୀକାତ୍ମକତା ଓ ତା'ର ମହତ୍ତ୍ୱ, ଭାରତୀୟ ସ୍ଥାପତ୍ୟର ଶ୍ରେଣୀଭେଦ, ଚିତ୍ରଶୈଳୀର ପ୍ରକାରଭେଦ, ଯଶୋଧାରାଙ୍କ ଷଡ଼ଙ୍ଗ ସୂତ୍ରର ବ୍ୟାଖ୍ୟା ଇତ୍ୟାଦି ବହୁ ଉପାଦେୟ ତଥ୍ୟ ଥିଓରି ପାଠରେ କୁହାଯାଉଥିଲା । ତା' ସହିତ ରେଖାପ୍ରକରଣ, ବର୍ତ୍ତନ, ମୁଦ୍ରା, ସ୍ଥାନକ ପ୍ରଭୃତି ରୂପବିନ୍ୟାସ ବି ରବିସାର୍‌ଙ୍କ ଥିଓରି ପାଠ୍ୟକ୍ରମର ଅର୍ନ୍ତଭୁକ୍ତ ଥିଲା । ରବିସାର୍ ଶାନ୍ତିନିକେତନ କଳାଭବନ ପରଂପରାର ସମସ୍ତ ପାଠ ଓ ନନ୍ଦଲାଲଙ୍କ ପ୍ରଣୀତ 'ନନ୍ଦଲାଲ ଅନ୍ ଆର୍ଟ' ପୁସ୍ତିକାର ନିର୍ଯ୍ୟାସକୁ ନିଜ ଢ଼ଙ୍ଗରେ ତତ୍‌ସମ ଶବ୍ଦଯୁକ୍ତ ଶୁଦ୍ଧଭାଷାରେ ନିଜ ଥିଓରି ଖାତାରେ ଲିପିବଦ୍ଧ କରିଥିଲେ ଓ ସେଥିରୁ ଉଦ୍ଧୃତି ଦେଇ ଛାତ୍ରଛାତ୍ରୀଙ୍କୁ ଜ୍ଞାନ ବିତରଣ କରୁଥିଲେ ।

'ନନ୍ଦଲାଲ ଅନ୍ ଆର୍ଟ' ବହିରେ ଗୋଟଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାକ୍ୟଟିଏର ଉଲ୍ଲେଖ ଥିଲା 'ୱାନ୍ ହୁ ହେଜ୍ ଏରାଇଭଡ୍ କେନାଟ୍ ମେକ୍ ଏ ମିଷ୍ଟେକ୍' । ଆଚାର୍ଯ୍ୟ ନନ୍ଦଲାଲ କଳାଭବନରେ ଛାତ୍ରଛାତ୍ରୀଙ୍କ ସହିତ କଥୋପକଥନ ବେଳେ ସମଗ୍ର ଶିଳ୍ପୀଜୀବନର ଆତ୍ମୋପଲବ୍ଧିର ଏଭଳି ଚମତ୍କାର ଉକ୍ତିଟିଏ ପ୍ରକାଶ କରିଥିଲେ । ବାସ୍ତବିକ ଜଣେ ଚୀନ ଦେଶର ଶିଳ୍ପୀଙ୍କ ଅନୁଭବରେ ଏଭଳି କଥାଟିଏ ଘଟିଥିଲା । ଶିଳ୍ପୀ ଚିତ୍ର ଅଙ୍କନ କରୁଥିବା ବେଳେ ତାଙ୍କର କାଳିଦୁଆତଟି ଛବିଉପରେ ଲଢ଼ିଗଲା । ଶିଳ୍ପୀଜଣକ ବିଚଳିତ ନହେଇ ଲଢ଼ିଯାଇଥିବା କାଳିରେ ଗୋଟିଏ ଡ୍ରାଗନ୍‌ର ଚିତ୍ର କରିଦେଲେ । ମୁଁ ଥରେ ମୋର ଜଣେ ସହପାଠୀର (ଏଠି ନାମ

Digitized by srujanika@gmail.com

ଉଲ୍ଲେଖ ଅନାବଶ୍ୟକ) ଥିଓରି ଖାତା ଓଲଟଉ ଓଲଟଉ ଏହି ବାକ୍ୟଟି ମୋ ଆଖିରେ ପଡିଲା । ସହପାଠୀ ବନ୍ଧୁ ଏହି ବାକ୍ୟର ତର୍ଜମାରେ ଲେଖିଥିଲେ 'ଯେପରି ଜଣେ କଳାପିପାସୁ ଶାନ୍ତିନିକେତନରେ ପହଞ୍ଚିଗଲେ ଆଉ ଜୀବନରେ ଗୋଟିଏ ହେଲେ ଭୁଲ କରେନାହିଁ ସେପରି ଛାତ୍ର ବା ଛାତ୍ରୀଟିଏ ଖଲିକୋଟ ଆର୍ଟସ୍କୁଲରେ ପହଞ୍ଚିଗଲେ ଜୀବନ ଦୋଷଶୂନ୍ୟ ହୋଇଯାଏ ।' ଏବେ ବୁଝୁଛି ସାର୍‌ମାନେ ନନ୍ଦଲାଲଙ୍କ ବାକ୍ୟର ଏଭଳି ତର୍ଜମା କରିନଥିବେ, କିନ୍ତୁ କାହିଁକି କେଜାଣି ସେବଠୁ ଥିଓରି ପାଠ ପ୍ରତି ମୋର କିମିତି ଗୋଟାଏ ଅନାସ୍ଥାଭାବ ଥିଲା । ଏବେ କେଉଁ କେଉଁ ପୁରୁଣା ସହପାଠୀର ଥିଓରି ଖାତା ଓଲଟେଇବାକୁ ଇଚ୍ଛାହୁଏ । ଜ୍ଞାନସମୁଦ୍ର ଭିତରୁ ମୁକ୍ତା ଉତ୍ତୋଳନର ଆନନ୍ଦରେ ଉଲ୍ଲସିତ ହେବାକୁ ଭଲ ଲାଗେ । ମୁକ୍ତା ବଦଳରେ ଗେଣ୍ଡାଟେ ପାଇଲେ ମଧ୍ୟ ମନ ସନ୍ତୋଷ ହୁଏ । ଲାଗେ ସ୍ମୃତିର ସାମଗ୍ରୀଟିଏ ତ ପାଇଲି ।

ରବିନାରାୟଣ ଶାନ୍ତିନିକେତନର ପୁରୁଣା ଛାତ୍ର । ଶାନ୍ତିନିକେତନର ରଙ୍ଗାମାଟିର ମହକ, ଆମ୍ରବଉଳର ବାସ୍ନା, ସାନ୍ତାଳପଲ୍ଲୀର ମାଦଳର ଦିଗନ୍ତ ଭେଦି ଟଙ୍କାର ଏବେବି ତାଙ୍କ ପ୍ରାଣରେ ପୁଲକ ଜଗାଇ ଦିଏ । ଆଚାର୍ଯ୍ୟ ନନ୍ଦଲାଲ, ବିଶୁଦା, ଗୌରୀଦି, ସୁକୁମାରଦା, ପେରୁମଲଦା,ଏମିତି ବହୁ ଦାଦାଦିଦି ତାଙ୍କର ଅତି ନିଜର, ଆପଣାର । ବହୁତ ପ୍ରସଙ୍ଗ ବଦଳିଗଲା, ଯିମିତି କଥାରେ କହନ୍ତି, ମହାନଦୀରେ କେତେ ଯେ ପାଣି ବହିଗଲା, ଖୋଦ ଶାନ୍ତିନିକେତନରେ ଅଏଲ୍ ପେଣ୍ଟିଙ୍ଗ୍ ପଢ଼େଇବାରେ ବାଧାରହିଲା ନାହିଁ, କିନ୍ତୁ ରବିନାରାୟଣଙ୍କର ପୁରୁଣା ଶାନ୍ତିନିକେତନୀୟ ମନୋଭାବରେ ପରିବର୍ତ୍ତନ ହେଲାନାହିଁ, ଏବେ ବି 'ମୋଦେର ତରୁମୂଲେର ମେଲା, ଖୋଲାମାଟିର ଖେଲା, ନୀଲ ଗଗନର ସୋହାଗ ମାଖା ସକାଲ ସଂଜବେଲା, ମୋଦେର ଶାନ୍ତିନିକେତନ' ଚାରି ପାଞ୍ଚଫୁଟ ଉଚ୍ଚର ଖୁବ୍ ବଡ ବଡ ଲେପଚିତ୍ର । ଫୁଲସ୍କେପ୍ ହ୍ୱାଟମେନ୍ ପେପର୍‌ରେ ଧୌତଚିତ୍ରର ମାଧୁର୍ଯ୍ୟଭିତରେ ରବିନାରାୟଣ ନାୟକ ମହୁମାଛି ଭଳି ମହୁ ଚୋଷି ଚୋଷି ରହିଗଲେ । ତାଙ୍କର ଚିତ୍ରଗୁଡିକ ଦେଖିଲେ ଲାଗିବ ଆଉଥରେ ନନ୍ଦଲାଲ ତାଙ୍କରି ହାତରେ ପୁନର୍ଜୀବିତ ହୋଇଯାଇଛନ୍ତି । ଅଳ୍ପଦିନ ତଳେ ରବିନାରୟଣଙ୍କୁ ତାଙ୍କ ଜ୍ୱାଇଁ ଚନ୍ଦ୍ରମଣିଙ୍କ ଉଦୟଗିରି-ଖଣ୍ଡଗିରି ପାଖ ନିକାଞ୍ଚନ ଘରେ ଭେଟିଥିଲି । ମୋତେ ଦେଖି ଭାବୋଚ୍ଛ୍ୱାସରେ ତାଙ୍କ ଦେହ ଥରି ଉଠିଥିଲା । ମୋତେ ସ୍ନେହରେ କୁଣ୍ଢେଇ ପକେଇ ଶାନ୍ତିନିକେତନ ବେଳର ସ୍ମୃତିକୁ ଦୋହରେଇ ଥିଲେ ଓ ମୋ ଭିତରେ ତାଙ୍କ ପୁରୁଣା

Digitized by srujanika@gmail.com

ଛବିଗୁଡିକ ଜୀବନ୍ତ ହୋଇ ଉଠିଥିଲା, ସେଇ ସ୍ମୃତି ଭିତରେ ଥିଲା ଉମାର ତପସ୍ୟା, ଅର୍ଜୁନ, ଅଭିସାରିକା ରାଧା, ଶକୁନ୍ତଳା, ମୀରାବାଈ ଆହୁରି ଅନେକ ଲାଳିତ୍ୟଭରା ରୂପବିମ୍ବ ।

ମୁଁ ତାଙ୍କୁ ମନେପକେଇ ଦେଇଥିଲି ଆଚାର୍ଯ୍ୟ ଶରତଚନ୍ଦ୍ର ଦେବଙ୍କ ବ୍ରହ୍ମପୁର ଉତ୍କଳ ସ୍କୁଲ ଅଫ୍ ଆର୍ଟସ୍‌ରେ ସୂକ୍ଷ୍ମବିନ୍ଦୁ ପ୍ରୟୋଗକରି ସିଏ ଅଙ୍କନ କରିଥିବା ଗୋଟିଏ ବିଲାତି କୁକୁରର ଚିତ୍ର । ଖଲିକୋଟରେ ରବିନାରାୟଣଙ୍କ ବସାରେ ତାଙ୍କ ଶୋଇବା ବଖରାରେ ଏହି ଚିତ୍ରର ପ୍ରଥମ ଦର୍ଶନରେ ରେଖା ଓ ବିନ୍ଦୁର ଅଦ୍ଭୁତ ସଂଯମ ଓ ଶୃଙ୍ଖଳା ମୋତେ ଅଭିଭୂତ କରିଦେଇଥିଲା । ଛୋଟିଆ ଚିତ୍ରଟିଏ କିନ୍ତୁ ଶରତଚନ୍ଦ୍ର ଦେବଙ୍କ ଛାତ୍ରଥିବା ବେଳର ଏନାଟମି ଓ ନେଚୁରେଲିଜମ୍ ଶାନ୍ତିନିକେତନର ଭାରତୀୟ କଳାର ପାରଂପରିକ ପ୍ରଭାବରେ ପରବର୍ତ୍ତିତ ହୋଇଯାଇଥିଲା । ଉଭୟେ ଶରତଚନ୍ଦ୍ର ଦେବଙ୍କ ଛାତ୍ର ହିସାବରେ ଆମେ ଦୁହେଁ ଗୁରୁଭାଇ, ଆଉ ଖଲିକୋଟ ଲେଖାରେ ସିଏ ଶିକ୍ଷକ ଓ ମୁଁ ଛାତ୍ର । ଏଣୁ ରବିସାର୍‌ଙ୍କ ପାଇଁ ମୋ ଶିଳ୍ପୀଅନ୍ତର ବେଳେବେଳେ ଆଲୋଡିତ ହୁଏ । ଯେଉଁ ଇନ୍‌ଷ୍ଟ୍ରକ୍‌ଟର୍‌କୁ ସେଇ ଇନ୍‌ଷ୍ଟ୍ରକ୍‌ଟର୍ । ଖଲିକୋଟରେ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱସମୟ କଟି ଗଲା । ଲୋକଟିର ପ୍ରଗାଢ଼ ଅଧ୍ୟବସାୟ ଅଛି । ତଥାପି ଅଧ୍ୟାପକଟିଏ ବି ହେଇପାରିଲେନି । ଖାଲି ଡର କାଳେ ମୋ ଭଳି ଶିଳ୍ପୀଜଣକୁ ଲୋକସେବା ଆୟୋଗ ପ୍ରତ୍ୟାଖ୍ୟାନ କରିଦେବ, କିଏ ସାକ୍ଷାତକାର ନେବା ପାଇଁ ଆସିବ, ତା' ମନୋଭାବ କିଭଳି ହେବ । ତେଣୁ କାଦୁଅରେ ନ ପଶିଲେ ଗଲା ।

ମୁଁ ଶୁଣିଛି ତାଙ୍କରି ବନ୍ଧୁ, ସହକର୍ମୀମାନେ ତାଙ୍କୁ ଭଡ଼କେଇ ଦେବେ, କହିବେ "ରବି ଦେଖ ତମଭଳି ଆର୍ଟିଷ୍ଟଙ୍କୁ ସରକାର ଏଡ୍‌ହକ୍‌ରେ ଅଧ୍ୟାପକ କରିଦେବା କଥା, ତା' ହେଇଥିଲେ କଥା ଦାଣ୍ଡକୁ ସୁନ୍ଦର ଦିଶିଥାନ୍ତା । ଏବେ ପି. ଏସ. ସି ପରୀକ୍ଷା ଦେବାକୁ ହେବ । ରାମା, ଦାମା, ଶାମା ସମସ୍ତେ ପରୀକ୍ଷା ଦେବେ । ତମେ ଜାଣିନ, ପି.ଏସ୍.ସି. ରେ ଧରାଧରି କେତେ । ତମେ ଜମାରୁ ପାରିବନି । ଦେଖ ଯାହା ଭଲ ବିଚାରୁଛ ତା'କର । ପୁଣି ପି.ଏସ୍.ସିରେ ସିଲେକ୍‌ସନ୍ ହେଲାପରେ ସରକାର ଦେଇ ଫାଇଲ ଡ଼ି.ପି.ଆଇ. ପର୍ଯ୍ୟନ୍ତ ଆସିଲା ବେଳକୁ ଦି'ଚାରିମାସ ଲାଗିଯିବ । ଦରମା ତ ବନ୍ଦ ହେବା ନିଶ୍ଚିତ । ତମେ ଚଳିବ କିମିତି !" ଦରମା ବନ୍ଦ ହେବା କଥା କହିଲେ ରବିସାର୍ ଚମକି ଯିବେ । ପୁଣି ରବିସାର୍‌ଙ୍କ ମନ ନେବା ପାଇଁ ତାଙ୍କର ଖାସ୍ ଜଣେ ସହକର୍ମୀ କହିବେ, "ଅବଶ୍ୟ ଦରମା ବନ୍ଦହେଲେ ମୁଁ ମାସେ ଦି ମାସ ଚଳେଇଦେବି, ହୁଏତ ଆଗକୁ କି ପରିସ୍ଥିତି ହେବ କହିପାରିବିନି ।"

Digitized by srujanika@gmail.com

ରବିସାର୍ ବଡ ଅଭିମାନିଆ ଆଉ ଓପ୍ରୋଧିଆ ଲୋକ । ସରକାରଙ୍କୁ ଦରଖାସ୍ତ ଦେବାକୁ ହେଲେ, ଚାକିରିକ୍ଷେତ୍ରରେ ହେଉ ବା କଳାକ୍ଷେତ୍ରରେ ହେଉ କ'ଣ କିଛିଗୋଟିଏ ବିଚାରବିମର୍ଷ ଆବଶ୍ୟକ ହେଲେ ତାଙ୍କର ସହଯୋଗୀମାନେ, ବେଳେବେଳେ କଟକୀ ହଷ୍ଟେଲର ଛାତ୍ରଛାତ୍ରୀମାନେ ତାଙ୍କ ବସାରେ ପହଞ୍ଚିଯିବେ । ରବିସାର୍‌ଙ୍କ ହାତଅକ୍ଷର ଅତି ଚମତ୍କାର । ସେ ଅତି ସୁନ୍ଦର ଦରଖାସ୍ତ ଲେଖିପାରନ୍ତି । ଭଲରେ ମନ୍ଦରେ ପଡ଼ିଶାଘରେ ରହୁଥିବା ବିପ୍ରସାର୍ ତାଙ୍କ ଠେ ପହଞ୍ଚିବେ ହିଁ ପହଞ୍ଚିବେ । ଆର୍ଟିଷ୍ଟମାନେ ଲେଖାପଢ଼ାର ଧାର ଧାରନ୍ତିନି । ସୁନ୍ଦର ସୁନ୍ଦର ଭାବଗର୍ଭକ ଚିତ୍ରମାନ କରିଦେଉଥିବେ, ମୂର୍ତ୍ତିମାନ ଗଢ଼ିଦେଉଥିବେ, ଅଥଚ ପାଠଶାଠ ବେଳକୁ ଅଧିକାଂଶ ସିଦ୍ଧିରସ୍ତୁ ବିବର୍ଜିତ । ଏଭଳି ପରିସ୍ଥିତିରେ ରବିସାର୍‌ଙ୍କ ଅଭିମାନର ମାତ୍ରା ବଢ଼ିଯିବା ସ୍ୱାଭାବିକ । ରବିସାର୍‌ଙ୍କ ଖଲିକୋଟ ରହଣି ଭିତରେ ଅଧ୍ୟାପକ ପଦବୀ ମାନ ଆସିଲା ଗଲା । ତାଙ୍କ ପାଇଁ ସବୁ ସୁଯୋଗ ଅପହଞ୍ଚ ରହିଲା । ହାତରେ ଧରା ଦେଉ ଦେଉ ଫୁର୍ କିନା ବଣି କୁଆଡ଼େ ଉଡ଼ିଗଲା ।

ଗୋଟିଏ କଉତୁକିଆ ଘଟଣା ମୋର ମନେ ପଡୁଛି । ଖଲିକୋଟ କଳାବିଦ୍ୟାଳୟର ଅଧ୍ୟକ୍ଷ ପଦବୀ ପାଇଁ ବିଜ୍ଞାପନ ବାହାରିଲା । ଆବଶ୍ୟକ ଯୋଗ୍ୟତା ଥିଲା ମେଟ୍ରିକ୍ୟୁଲେସନ୍ ପାସ୍ ଏବଂ ଚିତ୍ରକଳାରେ ଡିପ୍ଲୋମା ବା ଡିଗ୍ରୀ । ମୋର ଏତିକି ଥିଲା ବୋଲି ମୁଁ ଦରଖାସ୍ତ ଖଣ୍ଡେ ପକେଇଦେଲି ଅବଶ୍ୟ ଅନନ୍ତ ପଣ୍ଡାସାର୍‌ଙ୍କ ପ୍ରରୋଚନାରେ । ଅଧ୍ୟକ୍ଷ ପଦ ପାଇଁ ଅଜିତକେଶରୀ ରାୟ, ଗୌରାଙ୍ଗଚରଣ ସୋମ ଓ ରବିନାରାୟଣ ନାୟକ ପ୍ରାର୍ଥୀ ଥିଲେ, ତା' ସହିତ ମୁଁ ମଧ୍ୟ ଯୋଡି ହୋଇଗଲି । ରବିସାର୍‌ଙ୍କ କାନରେ ଏକଥା ପଡିଲା । ସେ କହିଲେ ''ମୋ ଛାତ୍ର ଦିନନାଥ ଯେଉଁ ପଦବୀ ପାଇଁ ପ୍ରାର୍ଥୀ, ମୁଁ ସେ ପରୀକ୍ଷା ଦେଇ କଅଣ କରିବି ।'' ସେ ଅସମ୍ଭବ ରାଗିଗଲେ ଓ ପି.ଏସ୍.ସି. ପରୀକ୍ଷା ଦେବାପାଇଁ କଟକ ଗଲେନି । ସାକ୍ଷାତ୍‌କାର ପାଇଁ ମୋ ପାଖରେ ଚିଠି ପହଞ୍ଚିଲା ନାହିଁ । ଏଣୁ ଅଜିତ ଅଜିତକେଶରୀ ଓ ଗୌରାଙ୍ଗ ଚରଣ ସୋମଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଲା ଆଉ ଅଜିତ କେଶରୀଙ୍କୁ ପି.ଏସ୍.ସି. ମନୋନୀତ କଲା । ରବିସାର୍ ରବିସାର୍ ହେଇ ରହିଲେ । ରବିସାର୍‌ଙ୍କ ଜୀବନରେ ବାରମ୍ବାର ଏମିତିକା ଅଭାବନୀୟ ଘଟଣା ଘଟିଛି । ସିଏ ଗ୍ରାଫିକ୍ କଳା ବିଭାଗର ଅଧ୍ୟାପକ ପଦ ପାଇଁ ନିହାତି ଯୋଗ୍ୟ ଶିଳ୍ପୀ । ଶୂନ୍ୟ ମେଘେ ବଜ୍ରପାତ ହେଲାଭଳି ବିପିନବିହାରୀ ଚୌଧୁରୀ ଏଡ୍‌ହକ୍ ଏପଏଣ୍ଟ୍‌ମେଣ୍ଟ୍‌ନେଇ ଖଲିକୋଟରେ ପହଞ୍ଚିଲେ । ବିପନବିହାରୀ ଅବସର

Digitized by srujanika@gmail.com

ନେଲାପରେ ପୁଣି ପୂର୍ବଭଳି ଘଟଣାଟିଏର ପୁନରାବୃତ୍ତି ହେଲା । ବିନୋଦ ରାଉତରାୟ ଗ୍ରାଫିକ କଳାର ଅଧ୍ୟାପକ ହେଲେ ଓ ଶେଷରେ ସିନିଏରଟି ଭିତ୍ତିରେ ଅଧ୍ୟକ୍ଷ ବି ହେଲେ । ଅଜିତସାର୍ ପ୍ରିନସିପାଲ୍ ଦାୟିତ୍ୱ ନେଲାପରେ ରବିସାର୍‌ଙ୍କୁ ବୁଝେଇ ଦିଆଗଲା । ତମର ଅସୁବିଧା ଆଉ କ'ଣ, ଅଜିତ ଭାଇ ଅଧ୍ୟକ୍ଷ ହେଲାପରେ ଭାରତୀୟ ଚିତ୍ରକଳା ବିଭାଗର ଅଧ୍ୟାପକ ପଦ ତ ଆପେ ଆପେ ଆସି ତମ ପାଖରେ ପହଞ୍ଚିବ । କିନ୍ତୁ ସିମିତି ଘଟିଲାନି । ଏତେ ସବୁ ଝଡଝଞ୍ଜା କଳ୍ପନା ଜଳ୍ପନା ଭିତରେ ରବିସାର୍ ମନ ମାରି ଯିମିତି ଥିଲେ ସିମିତି ରହିଗଲେ ।

ସ୍କୁଲର ଗଣେଶ ପୂଜା, ସରସ୍ୱତୀ ପୂଜାରେ ରବିସାର୍ ମୂର୍ତ୍ତି ସଜେଇବେ । ସବୁପ୍ରକାର ଅଳଂକରଣ ଦାୟିତ୍ୱ ନେଇ ସୁଚାରୁ ରୂପେ ତୁଲେଇବେ । ହେଲେ ଅସଲ ସମୟ ବେଳକୁ ସେ କୁଆଡେ ଉଭାନ ହୋଇଯାଇଥିବେ । ସ୍କୁଲରେ ସ୍ୱାଧୀନତା ଓ ଗଣତନ୍ତ୍ର ଦିବସ ପାଳିତ ହେବ, ସବୁପ୍ରକାର ବ୍ୟବସ୍ଥା ସିଏ କରିବେ, କିନ୍ତୁ ପତାକା ଉତ୍ତୋଳନ ସମୟରେ ସେ ଚୁପ୍ ଚାପ୍ ନିଜ କ୍ୱାର୍ଟର୍‌ରେ ଲୁଚିଯାଇଥିବେ । ଆମେ ତାଙ୍କ ଘରକୁ ଯିବୁ ଡାକିବୁ, ରବିସାର୍ କିନ୍ତୁ ନିଜ ମତରେ ଅଟଳ ରହିବେ, ଟିପେ ଘୁଞ୍ଚିବେନି । ସେବେଳେ ରବିସାର୍‌ଙ୍କ ଏଭଳି ବ୍ୟବହାରରେ ଆମେ ଅତିଷ୍ଠ ହେଇ ଯାଉଥିଲୁ, କିନ୍ତୁ ଏବେ ବୁଝି ହେଉଛି ଶିକ୍ଷକର କର୍ତ୍ତବ୍ୟ, ଶିଳ୍ପୀର ସମ୍ମାନବୋଧ ଓ ପ୍ରଶାସନିକ ବ୍ୟବସ୍ଥା ଭିତରେ ପଦପଦବୀର ମର୍ଯ୍ୟାଦାକୁ ନେଇ ଏକ ସନ୍ତୁଳିତ ମନସ୍ତାତ୍ତ୍ୱିକ ଅବବୋଧ ନରହି ପାରିଲେ ବ୍ୟବହାର ବେଳେବେଳେ ଅଭିମାନରେ ଭାରାକ୍ରାନ୍ତ ହୋଇଯାଏ ତ ଆଉ ବେଳେବେଳେ ଉଦଣ୍ଡ ଅମନଯୋଗିତାରେ ପରିଣତ ହୋଇଯାଏ ।

ରବିସାର୍ ଜଣେ ମାର୍ଜିତ ରୁଚିର ବ୍ୟକ୍ତି । ଆଲଂକାରିକ ସାମ୍ୟ, ଛନ୍ଦର ଲାଳିତ୍ୟ ତାଙ୍କ ସୃଷ୍ଟିସମ୍ଭାରର ମୂଳ ଉପଜୀବ୍ୟ । ସାମ୍ୟ ସୌମ୍ୟତାରେ ସେ ଏତେ ଉଦ୍‌ବୁଦ୍ଧ ଯେ ସାମାନ୍ୟ ଅସଂଗତି ଓ ବିଚ୍ୟୁତି ତାଙ୍କୁ ବିଚଳିତ କରିଦେଉଥିଲା । ସେ ବେଳର ଗୋଟିଏ ଘଟଣା ଏଠି ଉଲ୍ଲେଖ କରୁଛି । ମୁଁ ସ୍କୁଲରେ ତୃତୀୟ ବର୍ଷରେ ପଢୁଥିବା ବେଳେ ଏହା ଘଟିଥିଲା । ରବିସାର୍ ପେନାଲ୍ ଡିଜାଇନ୍‌ର ପ୍ରତିଯୋଗିତାଟି ସ୍କୁଲରେ ପିଲାଙ୍କ ଭିତରେ କରାଇଥାନ୍ତି । ପ୍ରତିଯୋଗିତା ଆରମ୍ଭରୁ ସେ ସୂଚନା ପ୍ରସଙ୍ଗରେ କହିଲେ ଯେ ପେନାଲ୍ ଡିଜାଇନ୍‌ଟି ଶାଢ଼ୀର ଧଡି ପ୍ରମାଣେ ହେବ ଏବଂ ସେଥିରେ ଅଜନ୍ତା ଶୈଳୀର ଗଛଲତା, ଫୁଲଫଳ ରହିବ । ରବିସାର୍‌ଙ୍କ କଥା ମୋ ମନକୁ

Digitized by srujanika@gmail.com

ମାନିଲାନି । ଖଲିକୋଟରେ ସେତେବେଳେ ଆଧୁନିକତାର ପ୍ରଭାବରେ ଆମେ ଉଦ୍‌ବୁଦ୍ଧ ହେଉଥିଲୁ । ଏଣୁ ସାର୍‌ଙ୍କୁ ଏବଂ ଅନ୍ୟ ପ୍ରତିଯୋଗୀଙ୍କୁ ଚମକେଇ ଦେଲାଭଳି ଡିଜାଇନ୍‌ଟିଏ କଲି, ଚୌକି, ଟେବୁଲ, ଷ୍ଟୁଲ ଇତ୍ୟାଦି ଆସବାବପତ୍ରକୁ ନେଇ ଏବଂ ବାରମ୍ବାର ଏହି ପ୍ରତୀକଗୁଡିକୁ ଦୋହରେଇ ଲମ୍ବା ପେନାଲ୍ ଡିଜାଇନ୍‌ଟିଏ ତିଆରି ହେଲା । ଏହା ଯଦିଚ ପେନାଲ ଡିଜାଇନ୍‌ର ବ୍ୟାକରଣସମ୍ମତ ଚିତ୍ର ଥିଲା ତଥାପି ରବିସାର୍‌ଙ୍କ ଶାନ୍ତିନିକେତନୀୟ କଳାରୁଚିକୁ ଏହା ପୋଷେଇଲା ନାହିଁ । ମୋର ଡିଜାଇନ୍‌ଟି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ପାଇଲା । ପ୍ରଥମ ହେଲା ମୋର ସହପାଠୀ ପଦ୍ମନାଭ ବେହେରା । ପେନାଲ୍ ଡିଜାଇନ୍‌ରେ ଦ୍ୱିତୀୟ ପୁରସ୍କାର ପାଇବା କଥା ମୁଁ ଅଭିମାନରେ ମୋ ବାଏଓଡ଼ାଟାରେ ଉଲ୍ଲେଖ କଲିନାହିଁ । ମନକୁ ଆସୁଚି ପୁରସ୍କାରର କୌଣସି ନିର୍ଦ୍ଦିଷ୍ଟ ପରିମାପକ ନାହିଁ । ଯିଏ ପୁରସ୍କାର ଦିଏ ତା'ର ରୁଚି ହିଁ ପୁରସ୍କାରର ପରିମାପକ ହେଇଯାଏ । ଏଣୁ ସେଦିନର ଅଭିମାନ ପିଲାଳିଆମି ଛଡା କ'ଣ ହେଇପାରେ ।

ରବିସାର୍‌ଙ୍କ 'ଚିଲିକା' ଛବିର ଏକ କିମ୍ବଦନ୍ତୀୟ ପର୍ଯ୍ୟାୟ ଅଛି । ତାଙ୍କର ଚିଲିକା ଛବି ହେଲା ଅସଲ ଚିଲିକାର ଏକ ସ୍ୱପ୍ନିଳ ରୂପକଳ୍ପ । ଯଦିଓ ଚିତ୍ର ବାସ୍ତବତାର ଅନୁକରଣ ନୁହେଁ ତଥାପି ତାଙ୍କ ହାତଅଙ୍କା ଚିଲିକା ଛବିଗୁଡିକ ଉଭୟ କାଳ୍ପନିକ ଓ କାବ୍ୟିକ । ନୀଳ, ଘନନୀଳ, ଇଣ୍ଡିଗୋ ପ୍ରଭୃତି ବର୍ଣ୍ଣର କୁହୁକ ଆସ୍ତରଣ ଭିତରେ, ପାଣି ଓ ଭୂଇଁର ଲୁଚକାଳି ଘେରରେ ଏକ ଦିଗନ୍ତ ବିସ୍ତାରୀ ସ୍ୱପ୍ନ । ତା'ରି ଭିତରେ କେଉଟଙ୍କ ଦେଶୀ ଡ଼ଙ୍ଗା, ବେଳେବେଳେ ଟଣାପାଲ ତ ଆଉ ବେଳେବେଳେ ଠିଆକାତ, ଆକାଶରେ ବଗ, ମାଛରଙ୍କା ଧାଡି । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ରଙ୍ଗିମା, ଧୌତରଙ୍ଗର ଚିଲିକା, ପଏଣ୍ଟିଲିଜମ୍ ଚିତ୍ରଭଳି ଅସଂଖ୍ୟ ବିନ୍ଦୁର ମଧୁର ସମାହାରର ଚିଲକା, ସାଦା ରଙ୍ଗର ପ୍ରଲେପରୁ ଉତୁରି ପଡୁଥିବା ଚିଲିକା, କେଉଁ କେଉଁ ଛବିରେ ଉପକୂଳରେ ଶୁଖିଲା ତାଳର ନୁଆଁଣିଆ ଗଛ, ଆଉ ଅନ୍ୟ କେଉଁ ଛବିରେ ଅଣ୍ଟେପାଣିରେ କେଉଟ ଲାଠିକଣ୍ଟା ପକାଉଥିବାର ଦୃଶ୍ୟ ।

ଅଧ୍ୟାପକ ଅନନ୍ତ ପଣ୍ଡାଙ୍କ ଚିଲିକା ଛବି, ଚିଲିକାକୁ ଚାକ୍ଷୁଷ କଲାପରେ, ତାର ଦୃଶ୍ୟସମ୍ଭାରକୁ ଅନୁଧ୍ୟାନ ଓ ଅନୁଶୀଳନ କଲାପରେ ଅଙ୍କିତ । ତାଙ୍କ ଚିଲିକା ଚିତ୍ରର ବୈଭବ, ସଂଗୀତ, ସ୍ୱାଦ ଓ ଦୃଶ୍ୟଭୋଗ ଅନ୍ୟପ୍ରକାରର, ପ୍ରକୃତିର ପାଖାପାଖି । ରବିନାରାୟଣ ଚିଲିକା ଅନୁଶୀଳନ ନ କରିଛନ୍ତି ବୋଲି ନୁହଁ । କିନ୍ତୁ

Digitized by srujanika@gmail.com

ସମସ୍ତ ବାସ୍ତବତାକୁ ପରୋକ୍ଷ କରି ଶାନ୍ତିନିକେତନୀୟ ଶୈଳୀରେ ନିଜ କଳ୍ପନାକୁ ରୂପ ଦେଇ ଚିଲିକାର ବିମ୍ବଟିଏ ପ୍ରକଟ କରେଇବାରେ ରବିସାର୍ ଅପାର ଆନନ୍ଦ ଲାଭ କରୁଥିଲେ । ସେ ଚିଲିକା ଚିତ୍ରଣରେ ଏତେ ମାତ୍ରାରେ ତଲ୍ଲୀନ ହୋଇ ପଡୁଥିଲେ ଯେ ତାଙ୍କର ଆଦରର ଛାତ୍ରଛାତ୍ରୀଙ୍କୁ ପାଖକୁ ଡାକି ଆଣି ପ୍ରତ୍ୟେକଙ୍କ ପାଇଁ ଚିଲିକା ଛବିଟିଏ ଆଙ୍କିଦେଉଥିଲେ ଏବଂ ଏହି ଛାତ୍ରଛାତ୍ରୀମାନେ ସମୟକ୍ରମେ ଓଡ଼ିଶା ଲଳିତକଳା ଏକାଡେମୀର ବାର୍ଷିକ ପ୍ରଦର୍ଶନୀମାନଙ୍କରେ ରବିସାର୍‌ଙ୍କ ଚିଲିକା ଚିତ୍ର ପ୍ରଦର୍ଶନ କରି ପ୍ରଶଂସିତ ଓ ପୁରସ୍କୃତ ହେଉଥିଲେ । ପିଲାମାନଙ୍କ ପାଇଁ ଚିଲିକା ଚିତ୍ରଗୁଡିକ ଚିତ୍ରଣ କରିଦେବାରେ ତାଙ୍କର ଅସଂପୃକ୍ତ ଆନନ୍ଦ ହୁଏତ ପ୍ରକଟିତ ହେଉଥିଲା । କିନ୍ତୁ ଅପର ପକ୍ଷରେ ରବିସାର୍‌ଙ୍କ ହାତ ଅଙ୍କା ଚିତ୍ରଗୁଡିକ ସଂପୃକ୍ତ ଛାତ୍ରଛାତ୍ରୀମାନେ ନିଜ ନାଁରେ ଭଣିତା କରି କିମିତି ନିର୍ଲଜ୍ଜଭାବେ ପୁରସ୍କାର ପାଇବା ଆଶାରେ ଏକାଡେମୀର ପ୍ରଦର୍ଶନୀମାନଙ୍କୁ ଦେଉଥିଲେ ଏବଂ ଗୋଟିଏ ଶୈଳୀର ଛବି ବାରମ୍ବାର କିମିତି ପ୍ରଦର୍ଶନୀମାନଙ୍କରେ ଲଗାତାର ବର୍ଷବର୍ଷ ଧରି ପୁରସ୍କୃତ ହେଉଥିଲା ତାହା ଭାବିଲାବେଳକୁ ଆଶ୍ଚର୍ଯ୍ୟଲାଗେ । ରବିସାର୍‌ଙ୍କ ଚିଲିକା ତାଙ୍କ ନିଜର ସନ୍ତକ (ସିଗ୍‌ନେଚ୍‌ର) ପର୍ଯ୍ୟାୟକୁ ଉନ୍ନୀତ ହୋଇପଡ଼ିଥିବାରୁ ଯେଉଁଠି ଚିତ୍ରଟିଏ ଟଙ୍ଗା ହୋଇଥିଲେ ମଧ୍ୟ ଯେକେହି ଶିଳ୍ପୀ ନାମରେ ଭଣତା ହୋଇଥିଲେ ମଧ୍ୟ ତା'ରି ଭିତରୁ ରବିସାର୍‌ଙ୍କ ନିଷ୍ପାପ ମୁହଁଟିଏ ଉକୁଟି ଉଠେ । ମୁଁ ଏକଥା ହୃଦୟଙ୍ଗମ କରିଥିଲି ବୋଲି ଚିଲିକା ଛବିଗୁଡ଼ିକର ଫୋଟଗ୍ରାଫ୍‌ଗୁଡିକୁ ଗବେଷଣା ଉଦ୍ଦେଶ୍ୟରେ ମୋତେ ଯୋଗାଇ ଦେବାପାଇଁ ଲଳିତକଳା ଏକାଡେମୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲି । ମୋ ଚିଠିର ମର୍ମ ବୁଝିପାରି ଏକାଡେମୀ ମୋ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥଲେ । ଏବେ ଏକାଡେମୀର ମୁଁ ସଭାପତି, ସେହି ଚିତ୍ରଗୁଡିକର ଫୋଟଗ୍ରାଫ୍ ଅନାୟାସରେ ପାଇପାରିବା ଅବସ୍ଥାରେ ଥିଲେ ମଧ୍ୟ ଆଉ ସେହି ଝଂଝାଳ ଭିତରେ ପଶିବା ପାଇଁ ଆଗ୍ରହ ନାହିଁ । ଏହି ଚିତ୍ରଗୁଡିକର ଅଧିକାଂଶ ଶିଳ୍ପୀ ଏବେ ମୋଭଳି ପରିଣତ ବୟସର ଏବଂ ଓଡ଼ିଶାରେ ପ୍ରତିଷ୍ଠିତ । ସେମାନଙ୍କ ପ୍ରତିଷ୍ଠାରେ ଆଞ୍ଚ ଆସିବାର ସମ୍ଭାବନା ଥିବାରୁ ଏହି ପ୍ରସଙ୍ଗ ଏଇଠି ମୁଣ୍ଡିମାରୁଛି ।

ଜଣେ ପ୍ରତିଷ୍ଠିତ ଶିଳ୍ପୀଙ୍କର ଛବି ଅନ୍ୟଜଣେ ନକଲ କରି ନିଜର ବୋଲି ଦାବିକଲେ ତାକୁ କଳାପରିଭାଷାରେ ଫେକିଙ୍ଗ୍ କୁହାଯାଉଛି । ଫେକିଙ୍ଗ୍‌ର ଦୁଇଟି ଦିଗ, ଗୋଟିଏ ହେଲା ଫେକିଙ୍ଗ୍‌କୁ ଚିହ୍ନି ନ ପାରିବାର ଅସହାୟତା ଓ ଅନ୍ୟ ଦିଗଟି ହେଲା ଫେକିଙ୍ଗ୍ ଉପରେ ନିର୍ଭର କରି ଗଢ଼ିଉଠିଥିବା କଳାଇତିହାସର ଭିତ୍ତିଭୂମି ।

Digitized by srujanika@gmail.com

ଫେକିଙ୍ଗ୍ ଚିହ୍ନଟ କରିବାପାଇଁ କେତେକଣ ବୈଜ୍ଞାନିକ ପଦ୍ଧତି ବାହାରିଲାଣି, ଏକ୍ସରେ, କାର୍ବନଡେଟିଙ୍ଗ୍, କାଗଜ ଓ ବର୍ଣ୍ଣପରିପାଟୀର ରାସାୟନିକ ପରୀକ୍ଷା ଆହୁରି ଏମିତି ବହୁପ୍ରକାରର ଉପାୟ । ରବିସାର୍‌ଙ୍କ ଚିଲିକାଛବିଗୁଡିକ ଫେକ୍ ନୁହେ । ସବୁଗୁଡିକ ପ୍ରାମାଣିକଭାବେ ତାଙ୍କର ହାତଅଙ୍କା, ଜେନେଟିକେଲି ସତ୍ୟ, ବାଓଲୋଜିକେଲି ସତ୍ୟ । ଅସୁବିଧା ଭିତରେ ଏତିକି, ଏ ଚିତ୍ରଗୁଡିକର ଶିକ୍ଷାଭାବେ ରବିସାର୍‌ଙ୍କର ନାମ ନଥାଇ ଅନ୍ୟାନ୍ୟ ବହୁ ଅପଦାର୍ଥଙ୍କ ନାମ ଲିପିବଦ୍ଧ । ଏହାକୁ ଫେକିଙ୍ଗ୍ ନକହି ଆମେ କହିବା ଚିତ୍ରଚୋରୀ ବା ଚିତ୍ତଚୋରୀ । ଏହି ଚିଲିକା ଛବିରେ ଯାହାର ନାଁ ଥାଉ ପଛକେ ଏ ସବୁ ଗୁଡ଼ିକ ରବିସାର୍‌ଙ୍କ ମାନସ-ସନ୍ତାନ । ରବିନାରାୟଣଙ୍କର ଚିଲିକା ।



Digitized by srujanika@gmail.com

ହରେକୃଷ୍ଣଙ୍କ ମଦ୍‌ପିମ୍ପା

'ଆଜି ମଲେ ମୁଁ ମରିବି ନ ହେଲେ ହରେକୃଷ୍ଣ ବେହେରା ମରିବ'

ମଦନିଶାରେ ଟୁଳ ଟୁଳ ହୋଇ ହରେକୃଷ୍ଣ ଦାମ୍ଭିକତାର ସହିତ ଏଭଳି ଅସଂଲଗ୍ନ ବାକ୍ୟ ଉଚ୍ଚାରଣ କରୁଥିଲେ । ପୂର୍ବାପର ସଂପର୍କ ନରଖି ଏହି ବାକ୍ୟଟିକୁ ବିଚାରକଲେ ଏଥିରେ ଦାର୍ଶନିକ ତତ୍ତ୍ୱ ଭରିରହିଥିଲା ଭଳି ଲାଗିବ । ଦେହ-ଆତ୍ମା, ନିଜ-ପର ଜନ୍ମ-ମୃତ୍ୟୁର କୁହେଳି ଭିତରେ ହଜି ଯିବାକୁ ହେବ । 'ମୁଁ' 'ହରେକୃଷ୍ଣ ବେହେରା' ହୋଇଥିବାରୁ 'ମୋର' ମୃତ୍ୟୁରେ ହରେକୃଷ୍ଣ ବେହେରାର ମୃତ୍ୟୁହେବ ବୋଲି ଆପାତତଃ ପ୍ରତ୍ୟୟ ହେଉଥିଲେ ମଧ୍ୟ ମଦ ପିଇ ପିଇ ମୋର ମୃତ୍ୟୁ ହେଲେ ବି ହରେକୃଷ୍ଣ ଶିଳ୍ପୀ ଭାବେ ଅମର ରହିବ । 'ମୁଁ' ପରମାତ୍ମା ସ୍ୱରୂପ ଓ ହରେକୃଷ୍ଣ ବେହେରା ରକ୍ତମାଂସର ବିନଶ୍ୱର ଦେହ ।

ହରେକୃଷ୍ଣ ବେହେରା ଚରିତ୍ରଟିକୁ ଏଭଳି ବି ଅବଧାରଣା କରାଯାଇପାରେ । ହରେକୃଷ୍ଣ ବେହେରା ନାମଧେୟ ଚରିତ୍ରର ଦୁଇଟି ଦିଗ । ଜଣେ

Digitized by srujanika@gmail.com

ମଦ ପାଣି ନିଶା କରୁଥିବା, ଗାଏ ସନ୍ତାନସନ୍ତତି ର ଜନକ ହୋଇ ଚେଇଁଲୁଣ ସଂସାରରେ ଘାଣ୍ଟିହେଉଥିବା ସାଧାରଣ ମଣିଷ, ଆଉ ଜଣେ ଶିଳ୍ପପୁରୁଷ ହରେକୃଷ୍ଣ । ଖଲିକୋଟର ସ୍ମୃତି ସହିତ ହରେକୃଷ୍ଣ ଅତି ଅନ୍ତରଙ୍ଗ ଭାବେ ଜଡିତ । ଖଲିକୋଟ ଆର୍ଟସ୍କୁଲରେ ପଢୁଥିବା ସେବେଳର ପିଲାମାନେ ଏହି ବାକ୍ୟଟି ଶୁଣିଲେ ସେହି ବର୍ଣ୍ଣିଳ ଚରିତ୍ରଟିର କଥା ନିଶ୍ଚିତ ମନେ ପକେଇବେ । ଲମ୍ବା, ପତଳା, ଧଡଧଡିଆ, କିମିତି ପ୍ରକାରେ ଅଣ୍ଟାଭାଗକୁ ଆଗକୁ ପେଲିପେଲି ଚାଲିବା ଲୋକ । ଗୋଡରେ ସବୁବେଳେ ହାଓ୍ୱାଇ, ଅଧିକାଂଶ ସମୟ ସାର୍ଟ ଇନ୍ ଓ ତା ଉପରେ ଅଣ୍ଟାକୁ ଜୋରକରି ବନ୍ଧାହେଇଥିବା ଚମଡାର ବେଲଟ୍ । ହରେକୃଷ୍ଣଙ୍କ କଥାବାର୍ତ୍ତାରେ ଚିର୍ଚିଆ ସ୍ୱର କିନ୍ତୁ ଫିଙ୍ଗିଲାଫିଙ୍ଗିଲା ଭାବ । ପାଠଶାଠ ନପଢ଼ିଥିଲେ ସହରର ଲୋକଟି ଯିମିତି ଆକାଶରୁ ତୋଳିଆଣିଲାଭଳିଆ କଥାକହେ । 'ଲିଅ କେତେ ଲବ ଲିଅ, ଲବେ ପଇସାକୁ ଇ'ଟା ଲଡିଆ ଆଉ କଅଣ କହିବ କୁହ ।'

ହରେକୃଷ୍ଣ ବେହେରା ଖଲିକୋଟ ଆର୍ଟସ୍କୁଲର ପଟେରୀ ବିଭାଗର ଇନ୍ଷ୍ଟ୍ରକ୍ଟ୍ର । ନିଜ ଘର କଟକ କାଠଗଡା ସାହିରେ । କାଠଗଡାସାହି କୁମ୍ଭାରଙ୍କ ବସ୍ତି ସିନା, ପଟେରୀ ବା ହାଣ୍ଡିଗଢ଼ା ସହିତ ସେମାନଙ୍କ ସଂପର୍କ ନାହିଁ । ହାଣ୍ଡିଗଢ଼ିବା ପାଇଁ ସେମାନଙ୍କ ଶାଳରେ ନା କୁମ୍ଭାର ଚକ ଥିଲା ନା ହାଣ୍ଡିମାଠିଆ ପୋଡିବା ପାଇଁ ଚୁଲିଥିଲା । ସେମାନେ ନଡାଛାଞ୍ଚ ମାଟି ଦୋପୁରିଆକରି ଦୁର୍ଗା, ଗଣେଶ, ସରସ୍ୱତୀ, ଶିବପାର୍ବତୀ, ଭାଲୁକୁଣୀ, ଲକ୍ଷ୍ମୀ ଓ କାର୍ତ୍ତିକେଶ୍ୱର ମୂର୍ତ୍ତି ଗଢ଼ନ୍ତି । ସେମାନେ ହିଁ କଳାକୁଞ୍ଜର ଆଦ୍ୟ ବିନ୍ଧାଣୀ । ଯିମିତି ପାଞ୍ଚଶହ ଛ'ଶହ ବର୍ଷତଳେ ବିଷ୍ଣୁ ଶଙ୍ଖଚକ୍ର ତେଜି ବଂଶୀହାତ ହେଇ ଗୋପୀନାଥ ହେଇ ପଡିଥିଲେ ଏମାନେ ସିମିତି ଚକ୍ରୀରୁ ନିଷ୍କ୍ରୀ ହେବାର ଶହେବର୍ଷରୁ ଅଧିକା ହୋଇଯିବ । ଏହି କୁମ୍ଭାରମାନେ ପ୍ଲାଷ୍ଟର୍ ଅଫ୍ ପେରିସ୍ ଓ କଳା ଧଳା ସିମେଣ୍ଟରେ ଛାଞ୍ଚ ମୋଲ୍ଡକରି ମୂର୍ତ୍ତି ତିଆରନ୍ତି । ତାଙ୍କର ମୂର୍ତ୍ତି ଧରଣକୁ କିଏ ଓରିଏଣ୍ଟାଲ୍ କହିଛନ୍ତି କେଜାଣି, ଓରିଏଣ୍ଟାଲ୍ ନାଁରେ ଓଡ଼ିଶୀକଳାର ଆଉ ଧାରାଟିଏ ସେମାନଙ୍କ ପାଖରୁ ଉଦ୍ଭବ ହେଇଯାଇଛି । ଓରିଏଣ୍ଟାଲ୍ ଭାରତ, ଚୀନ, ଜାପାନ ଓ ଇଣ୍ଡୋନେସିଆ ସମେତ ଏସୀୟ ଓ ଦକ୍ଷିଣପୂର୍ବ ଏସିଆର କଳାଶୈଳୀକୁ ପ୍ରତିନିଧିତ୍ୱ କରୁଥିଲା । ଏହି କୁମ୍ଭାରମାନେ ତା ସହିତ ଇଟାଲୀୟ, ରୋମୀୟ ଓ ଗ୍ରୀକ୍ ପରଂପରା ଯୋଡିଦେଇ କହିଲେ ଓରିଏଣ୍ଟାଲ୍ । ଏଭଳି କଳା ପରିଭାଷା ବ୍ୟବହାରରେ ଅଜନ୍ତା ଆଉ ଓଡ଼ିଶୀ ଚିତ୍ରଶୈଳୀ ଲଜ୍ଜିତ ହେବେ । ତଥାପି କାହାର କିଛି ଯାଏ ଆସେ ନାହିଁ ।

Digitized by srujanika@gmail.com

ଅଧୁନା ଭୁବନେଶ୍ୱର ସହରର ରାଜରାସ୍ତା ଧାରେ ଧାରେ ଦଳେ ବନ୍‌ଜାରା ସଂପ୍ରଦାୟର ବାରବୁଲା ଲୋକ ପ୍ଲାଷ୍ଟର୍ ଅଫ୍ ପେରିସ୍‌ର ବିଚିତ୍ର ମୂର୍ତ୍ତିମାନ ଛାଞ୍ଚରେ ଗଢ଼ି ସମ୍ଭ୍ରାନ୍ତ ଓଡ଼ିଆ ଘରମାନଙ୍କର ବୈଠକଖାନା ଭରି ଦେଲେଣି । ଆମର ଓଡ଼ିଆ ଖବରକାଗଜ ଓ ପତ୍ରପତ୍ରିକାରେ ସେଗୁଡ଼ିକ ଓଡ଼ିଶୀକଳାର ଶ୍ରେଷ୍ଠ ନିଦର୍ଶନ ଭାବେ ଚର୍ଚ୍ଚିତ ଓ ପ୍ରଶଂସିତ ହେଲେଣି । ଏଣୁ କଟକୀ କୁମ୍ଭାର ତାଙ୍କ ସିମେଣ୍ଟ ମୂର୍ତ୍ତିକୁ ଓରିଏଣ୍ଟାଲ୍ କହି ବନାନ ଅଶୁଦ୍ଧ କରିଦେଲେ ବୋଲି ଆମେ କାହିଁକି କ୍ଷୋଭ ପ୍ରକାଶ କରିବା ।

କଟକୀ କୁମ୍ଭାରମାନେ ଏମିତିରେ ତ ବେହେରା, ରଣା, ସେନାପତି ବୋଲାନ୍ତି, କିନ୍ତୁ ନିଜକୁ ଶିଳ୍ପୀ, କାରିଗର ଆଉ ଆର୍ଟିଷ୍ଟ ବୋଲାଇବା ପସନ୍ଦ କରନ୍ତି । କିଏ ଆର୍ଟିଷ୍ଟ କହିଲେ ବେଶି ଖୁସୀ ହୁଅନ୍ତି । ସେମାନେ ଓଡ଼ିଶୀ କଳାର ଧାର ଧରନ୍ତି ନାହିଁ । ଏହି ବିଲକ୍ଷଣଟିକୁ ହେଜିବା ପାଇଁ ପାଠକେ କଟକ ଦୁର୍ଗାମଣ୍ଡପମାନଙ୍କରେ ଶୋଭାପାଉଥିବା ସିଂହମାନଙ୍କୁ ନେଇ ଓଡ଼ିଶୀ ଗଜସିଂହ ପାଖରେ ରଖି ତୁଳନା କରନ୍ତୁ, ନହେଲେ କଟକର ଦୁର୍ଗାମେଢ଼, ଚାନ୍ଦିମେଢ଼କୁ ପୁରୀର ସାହିଯାତ ବା ବ୍ରହ୍ମପୁରର ଠାକୁରାଣୀ ଯାତ୍ରାର ରଥ ସାଙ୍ଗରେ ମିଶେଇ ଦେଖନ୍ତୁ ଅସଲ କଥା ହେଜିପାରିବେ । କଲିକତୀ ଦୁର୍ଗା ବଙ୍ଗଭୂମିରୁ ହାବଡା ଦେଇ ରେଳଯୋଗେ କଟକ ପହଞ୍ଚିଛନ୍ତି ଆଉ କଟକ ସହରରୁ ସାର୍ବଜନୀନ ଦୁର୍ଗାପୂଜା ନାଁରେ ଓଡ଼ିଶାର ଗାଁ ଗଣ୍ଡାରେ ବ୍ୟାପୀଯାଇ ଓଡ଼ିଶୀ କଳାକୁ ନ୍ୟୂନ କରିବା ଚେଷ୍ଟାକରିଛନ୍ତି ଓ ସଫଳ ମଧ୍ୟ ହୋଇଛନ୍ତି ।

କଟକ କାଠଗଡା ସାହିର ଅଧିକାଂଶ କାରିଗର ମୋ ବନ୍ଧୁ । କିନ୍ତୁ ହରେକୃଷ୍ଣ ବେହେରା ମୋର ଶିକ୍ଷକ । ସରକାର ବିଚାରିଲେ ହରେକୃଷ୍ଣ ବେହେରାଙ୍କୁ ପଟେରୀ ଇନ୍‌ଷ୍ଟ୍ରକ୍‌ଟ୍‌ର ଭାବେ ଖଲିକୋଟ ଆର୍ଟସ୍କୁଲରେ ନିଯୁକ୍ତିଦେଲେ ଓଡ଼ିଶାର ଟେରାକୋଟା ଶିଳ୍ପ ଓ ପରେପରେ ସେରାମିକ୍ ଶିଳ୍ପର ଆଦର ବଢ଼ିବ ଓ ଆଧୁନିକ କଳାଶିକ୍ଷା କରୁଥିବା ଛାତ୍ରଛାତ୍ରୀମାନେ ଭାରତୀୟ କଳା ତଥା ବିଶ୍ୱକଳାରେ ପଟେରୀର ମହତ୍ତ୍ୱ ବୁଝିପାରିବେ । ହରେକୃଷ୍ଣ ବେହେରାଙ୍କ ଚାକିରି କାଳରେ ଏକଥା ସମ୍ଭବ ହେଇପାରିଲା ନାହିଁ । ମୋର ସନ୍ଦେହ ହୁଏ ଖଲିକୋଟ ଆର୍ଟସ୍କୁଲରେ ଆମକୁ ପଢ଼ଉଥିବା ଅଧ୍ୟାପକମାନଙ୍କ ମଗଜରେ ଆଧୁନିକ କଳାରେ ପଟେରୀର ମହତ୍ତ୍ୱ ସଂପର୍କରେ କିଛି ଧାରଣା ନ ଥିଲା । ପାଠକେ ଶୁଣିଲେ ଆଚମ୍ବିତ ହେବେ ଭୁବନେଶ୍ୱର ବିଭୂତି କାନୁନ୍‌ଗୋ ଚାରୁକଳା ମହାବିଦ୍ୟାଳୟ ଆରମ୍ଭ ହେବାପରେ

Digitized by srujanika@gmail.com

୧୯୮୫ ମସିହାରେ ଏନ୍.ସି.ଇ. ଆର.ଟି. ର ସର୍ବ ଭାରତୀୟ ଚିତ୍ରଶିକ୍ଷକ ଶିବିରରେ ଆଧୁନିକ କଳାଶିକ୍ଷା କ୍ଷେତ୍ରରେ କୁମ୍ଭାର ଚକର ପ୍ରୟୋଗ ଆରମ୍ଭ ହେଲା । ଏହି ଘଟଣାର ଛଅସାତ ବର୍ଷ ଆଗରୁ ମୋ ବଂଧୁ ଓ ମ୍ୟୁଜିୟମ୍ ରିଟ୍‌ବର୍ଗର ନିର୍ଦ୍ଦେଶକ ଏବର୍‌ହାର୍ଡ ଫିସର୍ ମୋତେ ପାରଂପରିକ ଟେରାକୋଟାର ଗୁରୁତ୍ୱ ବିଷୟରେ ସଚେତନ କରେଇଥିଲେ ଏବଂ ଆମେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଓ ବକ୍‌ସିବାଡି ଗାଁର କୁମ୍ଭାରମାନଙ୍କ ଶିଳ୍ପ ଶୈଳୀର ପଞ୍ଜୀକରଣ କରି ଆମ ଜର୍ମାନ ଭାଷାର ବହି 'କୁନଷ୍ଟ୍ ଉଣ୍ଡ୍ କୁଲଟର୍ ଇନ୍ ନୋରଦଷ୍ଟ୍ ଇଣ୍ଡେନ' ରେ ଅନ୍ତର୍ଭୁକ୍ତ କରିଥିଲୁ । ଓଡ଼ିଶାର ସେତେବେଳର ବିଶିଷ୍ଟ ଶିଳ୍ପୀମାନେ ଖଲିକୋଟ ଆର୍ଟସ୍କୁଲ ଦାୟିତ୍ୱରେ ଥିଲେ ମଧ୍ୟ କୁମ୍ଭାର ଜାତିର ହରେକୃଷ୍ଣ ବେହେରା ଆମର ପଟେରୀସାର୍ ହେଇଥିଲେ ମଧ୍ୟ ଆମର ପଟେରୀ ସଂପର୍କରେ କିଛି ଧାରଣା ନରହିବା ବିଡମ୍ବନା ମାତ୍ର ।

ଆର୍ଟସ୍କୁଲ ଭିତରେ ହରେକୃଷ୍ଣ ବେହେରାଙ୍କ କୌଣସି ନିର୍ଦ୍ଦିଷ୍ଟ ଷ୍ଟୁଡିଓ ନଥିଲା । ଏଣୁ ଷ୍ଟୁଡିଓରେ ଚକି ଥିବା ନଥିବା ପ୍ରଶ୍ନ ଆସୁଛି କୁଆଡୁ ! ହରେକୃଷ୍ଣ ସଦାସର୍ବଦା ଏକ ଭାସମାନ ଅବସ୍ଥାରେ ରହୁଥିଲେ । ଦରକାର ପଡିଲେ ତାଙ୍କୁ ଆମେ ତାଙ୍କ ବସାଘରେ, ମଦଦୋକାନରେ ନତୁବା ବେତକ୍ଲାସ ପଡିଶା କାଠ ସରଂଜାମ ମରାମତି ବଖରାରେ ଭେଟୁଥିଲୁ । ସିଏ ପଟେରୀ ବିଦ୍ୟା ସିନା ଜାଣିନଥିଲେ କାଠରେ ଆସବାବପତ୍ର ତିଆରିବା ଓ ଆର୍ଟସ୍କୁଲର ଚୌକୀ ଟେବୁଲ ମରାମତି କରିବାରେ ଦକ୍ଷଥିଲେ ।

ତୈଳଚିତ୍ର ବିଭାଗ ସହିତ ହରେକୃଷ୍ଣ ବେହେରାଙ୍କ ସଂପର୍କ ଅତି ଘନିଷ୍ଠ । ଏମିତିରେ ଦେଖିଲେ ଆର୍ଟସ୍କୁଲର ସବୁପିଲା, ଚିତ୍ରବିଭାଗର ହୁଅନ୍ତୁ ବା ଭାସ୍କର୍ଯ୍ୟ ବିଭାଗରେ ଅଧ୍ୟୟନ କରୁଥାନ୍ତୁ, ହରେକୃଷ୍ଣ ବେହେରାଙ୍କ ସହିତ ସଂପର୍କ ରଖିବାକୁ ବାଧ୍ୟ । ତୈଳଚିତ୍ର ବିଭାଗ ପାଇଁ ଆବଶ୍ୟକ ହେଉଥିବା ଷ୍ଟ୍ରେଚର୍ ଫ୍ରେମ୍ ହରେକୃଷ୍ଣ ବେହେରା ଯୋଗାଉଥିଲେ । ଏଥିପାଇଁ ଖଲିକୋଟରେ କାଠର ଅଭାବ ନଥିଲା । କୁରୁମ, ଅସନ, ପଣସ, ଆମ୍ବ ପ୍ରଭୃତି କାଠ ପର୍ଯ୍ୟାପ୍ତ ପରିମାଣରେ ମିଳୁଥିଲା । ପାଇନ୍ କାଠରେ ଭଲ ହାଲୁକା ଷ୍ଟ୍ରେଚର୍ ହୁଏ ବୋଲି ସେତେବେଳେ ଆମର ଧାରଣା ହେଇନଥିଲା । ଆମେ ସିନା ଷ୍ଟ୍ରେଚର୍ କହୁଥିଲୁ କିନ୍ତୁ ଫ୍ରେମଗୁଡ଼ିକ ଆଣ୍ଡ ଯୋଡେଇ ହେଇ ଦୁଆର ଚଉକାଠ ଭଳି ତଆରି ହେଉଥିଲା । ଷ୍ଟ୍ରେଚର୍ ସାଙ୍ଗରେ ସିଏ କୁରୁମକାଠର ଫୋଟ ବନ୍ଧେଇ ଫ୍ରେମ ମଧ୍ୟ କରୁଥିଲେ । ମୋଟା ମୋଟି ଭାବେ ଦେଖିବାକୁ ଗଲେ ଖଲିକୋଟରେ ହରେକୃଷ୍ଣ ବେହେରାଙ୍କ ସହିତ ସମସ୍ତ ଯୁବଶିଳ୍ପୀ ତଥା ଅଧ୍ୟାପକଙ୍କ ସଂପୃକ୍ତି ଥିଲା ।

Digitized by srujanika@gmail.com

ହରେକୃଷ୍ଣ ବେହେରାଙ୍କ ହାତତିଆରି ଛବିବାକ୍ସ ଆମବେଞ୍ଚର ସବୁ ପିଲାଙ୍କ ପାଖରେ ଏକ ଅପରିହାର୍ଯ୍ୟ ସାମଗ୍ରୀ ହୋଇପଡିଥିଲା । ଛବି ବାକ୍ସଟି ହଷ୍ଟେଲକୁ ଯୋଗାଇ ଦିଆଯାଇଥିବା କାଠ ଚୌକୀର ଦୁଇବାହୁ ଉପରେ ଶୋଭା ପାଉଥିଲା ଏବଂ ନବାଗତମାନେ ତାକୁ ଦେଖି ଲୋଭେଇ ଯାଉଥିଲେ । ଫୁଲ୍ ସ୍କେପ୍ ଡ୍ରଇଁ କାଗଜରେ କରାଯାଉଥିବା ଲାଇଫ୍ ଷ୍ଟଡି ଓ ଅନ୍ୟାନ୍ୟ ଡ୍ରଇଁଗୁଡିକୁ ଧୂଳି, ଅସରପା ଓ ମୂଷାଙ୍କ ଦାଉରୁ ରକ୍ଷାକରିବାରେ ହରେକୃଷ୍ଣ ବେହେରାଙ୍କ ଛବିବାକ୍ସ ଗିରି ଗୋବର୍ଦ୍ଧନ ଭଳି ରକ୍ଷାକାରୀ ସାଜିଥିଲା ଏବଂ ଛବିବାକ୍ସ ଗୁଡିକ ବସ୍ ଓ ଟ୍ରେନରେ ନିଅଆଣ କରିବାରେ ସହଜ ହେଉଥିଲା । ଏହି ବାକ୍ସଗୁଡିକୁ ସୁଦୃଢ ଓ ସୁଦୃଶ୍ୟ କରିବା ପାଇଁ ପିଲାମାନେ କାଠ ପଟାଉପରେ କନାପକାଉ ଥିଲେ ଓ ବାକ୍ସ କଣଗୁଡିକରେ ପିତଳ ବିଦ ବାଡ଼ଉ ଥିଲେ । ଛବିରଖିବା ବ୍ୟତୀତ ବାକ୍ସଗୁଡିକ ବିଭିନ୍ନ ବ୍ୟବହାରରେ ଉପଯୋଗ ହେଉଥିଲା । ଉପର ତଳ ହେଇ ଥୁଆ ହେଇଥିବା ଦୁଇଟି ଟ୍ରଙ୍କ ଉପରେ ଛବିବାକ୍ସଟି ଥୋଇ ସମ୍ବଲପୁରୀ କନାରୁ ଖଣ୍ଡେ ପକେଇ ଦେଲେ ଷ୍ଟଡି ଟେବୁଲ ଏବଂ ଦୁଇ ଶୋଇବା ଖଟ ମଝିରେ ଉପରୋକ୍ତ ପ୍ରକାରେ ଟ୍ରଙ୍କ ଉପରେ ରଖି ରେକସିନ୍ ଖଣ୍ଡେ ପକେଇଦେଲେ ଡାଇନିଙ୍ଗ୍ ଟେବୁଲ ଭଳି କାମ ଦେଉଥିଲା । ଯେଉଁ ପିଲାମାନେ ବେଶିଛବି ଆଙ୍କୁଥିଲେ ସେମାନେ ହରେକୃଷ୍ଣ ବେହେରାଙ୍କ ହାତ ତିଆରି ଦୁଇ ତିନୋଟି ଛବିବାକ୍ସ ରଖୁଥିଲେ । ହରେକୃଷ୍ଣଙ୍କ ହାତତିଆରି ଛବିବାକ୍ସଟି ଏବେ ବି ମୋ ପାଖରେ ଅଛି । ଛବି ନିଅ ଆଣ କରିବା ପାଇଁ ଏବେ ବିଭିନ୍ନ ପ୍ରକାରର ପୋର୍ଟଫୋଲିଓ ବ୍ୟାଗ୍ ମିଳିଲାଣି । କଲେଜ ଯାଉଥିବା ଛାତ୍ରଛାତ୍ରୀଙ୍କ ହାତରେ ବଡ ପୋର୍ଟଫୋଲିଓ ଦେଖିଲେ ସେମାନଙ୍କୁ ଆର୍ଟ କଲେଜ ବା ଆର୍କିଟେକ୍ଚର ପିଲାବୋଲି ସହଜରେ ବାରି ହେଇଯିବ । ହରେକୃଷ୍ଣ ବେହେରା ଓଡ଼ିଶା ପୋର୍ଟଫୋଲିଓ ବ୍ୟାଗ୍ର ଉଦ୍ଭାବକ କହିଲେ ହୁଏତ ଏବେ କେହି ପରତେ ଯିବେନି । ମାତ୍ର ଦଶଟଙ୍କାର ଛବିବାକ୍ସଟିଏ ଲଭ୍ୟ ହେଉଥିଲା ଏବେ ଭାବିଲେ ଅବିଶ୍ୱାସ ଲାଗୁଚି । ଚାହା ଡବଲକୁ ଯୋଡିଯାଡି ବାକ୍ସଟି ତିଆରି ହେଉଥିଲା କିନ୍ତୁ କଳକବ୍ଜା, ଲଗେଇ ସାରିଲେ ବାକ୍ସଟି ରୁଚିବନ୍ତ ଦେଖାଯାଉଥିଲା ।

ହରେକୃଷ୍ଣ ବେହେରା ବଡ ବେପରୁଆ ଲୋକ । ଗଞ୍ଜାମୀ ହଷ୍ଟେଲ ପାରିହେଇ ଆହୁରି ଭିତର ଖଞ୍ଜାରେ ପଶିଲେ ତାଙ୍କ ସରକାରୀ କ୍ୱାର୍ଟର । ଘରେ ଶ୍ରୀମତୀ ବେହେରା, ଆମ ମାଉସୀ ପଟେରୀସାର୍ଙ୍କ ଔରସରୁ ଲାଗ ଲାଗ ଚାରି ପୁଅ, ଟୁନା, କଣ୍ଢେଇ, ଟୁଟୁ, ବାୟା ଜନ୍ମକରି ସଂସାର ଭାରାରେ ନଇଁ ପଡିଥାନ୍ତି । ପଇଁତିରିଶି ଛତିଶି ବର୍ଷର ମଣିଷ, ସିଏ ଲାଗୁଥାନ୍ତି ପଚାଶ ପଞ୍ଚାବନ ବର୍ଷର ବୁଢୀ ଲୋକ ଭଳି ।

Digitized by srujanika@gmail.com

ଘରେ ପଞ୍ଜୁରୀରେ ଶୁଆ, ବଣି, ଅଗଣାରେ କାଠଡ଼ବଲ ଭିତରେ ପାରା ସାଙ୍ଗକୁ, ଗୋଟିଏ ନାଲିମୁହାଁ ମାଙ୍କଡ, ନେଉଳ ଦୁଇଚାରି, ବିଲେଇ ଆଉ ଗୋଟେ ଦେଶୀ କୁକୁର, ମୋଟାମୋଟି ଗୋଟିଏ ଛୋଟକାଟିଆ ଚିଡ଼ିଆଖାନାର ଦୃଶ୍ୟ । ଘର ଭିତରେ ଥିଲେ ହରେକୃଷ୍ଣ ନେଳିରଙ୍ଗର ଖୋର୍ଦ୍ଧାଲୁଙ୍ଗି ଓ ସେଣ୍ଡୋ ବାନିଆନ୍ ଖଣ୍ଡେ ଦେହରେ ନାଇଥିବେ । ଆଉ ଧୁମ୍ ସିଗାରେଟ୍ ଟାଣୁଥିବେ । ତାଙ୍କ ବଡ ଗୁଣ ହେଲା ସିଏ କିଛି ନା କିଛି ଗୋଟିଏ କାମରେ ସଦାବେଳେ ବ୍ୟସ୍ତ ରହିଥିବେ । ତାଙ୍କ କାର୍ଯ୍ୟପ୍ରଣାଳୀ ବଡ ଅଦ୍ଭୁତ । ସିଏ କାମଟିଏ ପୂରା କରିବା ପାଇଁ ସାଧ୍ୟମତେ ଚେଷ୍ଟାକରିବେ, କାମଟି ଯେତେ ଅଡୁଆ ଆଉ ସମୟସାପେକ୍ଷ ହେଉଥାଉ ପଛକେ । ବେଳେ ବେଳେ କ'ଣ ହେବ କେଜାଣି ହଠାତ୍ ସବୁକିଛି ବିଗିଡି ଯିବ । ସିଏ ରନ୍ଦାମାରିବେ, ବାଙ୍କ ସଳଖିବେ, ଟାଲ ମାରିବେ, ସାଇବିନ୍ଧ କରିବେ କିନ୍ତୁ ଦେଉଳ ମୁଣ୍ଡିମାରିଲା ବେଳକୁ ସବୁ ଅସଲଟ ହେଇଗଲାଭଳି ଶେଷ କଣ୍ଟାଟିଏ ମାରିବାକୁଥିବ, ଏତେ ଜୋରରେ ହାତୁଡ଼ି ମାଡ ଦେବେଯେ ପୂରା କାମଟି ଚଉପଟ ହେଇଯିବ । ବୋଧହୁଏ ନିଶା କମିଆସିଲେ ଏମିତି ବିଭ୍ରାଟି ଘଟେ । ନିଶାପାଣି ହରେକୃଷ୍ଣ ବେହେରାଙ୍କ ଚରମ ଦୁର୍ବଳତା ।

ସବୁଠାରୁ ଉଲ୍ଲେଖନୀୟ କାର୍ଯ୍ୟଭାବେ ହରେକୃଷ୍ଣଙ୍କ ମଦପିମ୍ପା ଖଲିକୋଟ ସ୍ମୃତିରେ ସଜଳ ରହିବ । ହରେକୃଷ୍ଣ ତାଙ୍କ ଭଣଜା ମୋର ସହପାଠୀ ପଦ୍ମନାଭ, ପଣ୍ଡାସାର୍ ଓ ଶତପଥୀସାର୍ ମିଶି ଗୋଟିଏ ନିଶାଭାଙ୍ଗୁଣି ତିଆରିକଲେ । ଏହା ୧୯୬୨ ମସିହାର ଘଟଣା । ପିବୁ ଡ୍ରମଟିଏ ଆଣି ଗଂଜାମୀ ହଷ୍ଟେଲ ଭିତରେ ଥିବା ମଣ୍ଡପର କଣେ ଥୁଆ ହେଲା । ସେଥିରେ ଆମ୍ବିଳି ତୋରାଣୀ, ବାସି ପଖାଳ ଭାତ, ମହୁଲ, ଆଉ କାମ୍ପିନି ପିଡିଆ ପକେଇ ପୋଚ ତିଆରି ହେଲା । ତିନି ଚାରିଦିନ ପରେ ସେଥିରୁ ଗମରା ବିଚିକିଟିଆ ଗନ୍ଧ ବାହାରିଲା । ଆମେ ପିଲାଦଳକ ଢାଙ୍କୁଣୀ ଖୋଲି ମଝିମଝିରେ ପିମ୍ପା ଭିତରକୁ ଚାହୁଁ, ପିଲାବେଳେ କୂଅ ଭିତରକୁ ଅନେଇଲାଭଳି । ଉତ୍କଟ ଗନ୍ଧରେ ନାକ ଫାଟି ପଡୁଥାଏ । ଏମିତି ସାତ ଆଠ ଦିନ ଗଲାପରେ କାମ୍ପିନି ପିଡିଆ ପ୍ରଭାବରେ ଭାତ ଓ ମହୁଲତକ ପିମ୍ପା ଭିତରେ ମିଳେଇ ଗଲା । ଆଉ ନିର୍ମଳ ସ୍ୱଚ୍ଛ ଜଳ ଭଳି ତରଳ ପଦାର୍ଥ ଉପରକୁ ଦେଖାଗଲା । ବିନା ଗରମ ପ୍ରୟୋଗରେ ପରୀକ୍ଷାମୂଳକ ଭାବେ ଏହି ବିଚିତ୍ର ଭାଙ୍ଗୁଣୀଟିଏ ତିଆରି ହେଲା । ପଦ୍ମନାଭ ଏହି ଭାଙ୍ଗୁଣି ଭିତରେ ଦି'ଚାରି ବୋତଲ ହ୍ୱିସ୍କି ଢାଳିଦେଲା । ଏବେ ଭାଙ୍ଗୁଣୀ ସେବନ ଯୋଗ୍ୟ ହେଲା । ଏଭଳି ବିଚିତ୍ର କକ୍‌ଟେଲ ଗିନିସ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା କଥା । ହରେକୃଷ୍ଣ ତଥା ତାଙ୍କର ବନ୍ଧୁମାନେ ଯାଉଣୁ

Digitized by srujanika@gmail.com

ଆସୁଣୁ ଏଥିରୁ ମଗେ ମଗେ ପାଦୁକ ଭଳି ସାରିଲେ । ଏମିତି ବୋଧହୁଏ ମାସେ ପନ୍ଦରଦିନ ସେଇଠି ଭାଙ୍ଗୁଣୀ ନିରାପଦରେ ରହିଲା । ଏବେ ସମଗ୍ର ଘଟଣାଟିକୁ ନାନ୍ଦନିକତାର ବ୍ୟବଧାନ ବଜାୟ ରଖି ମନେପକେଇଲେ ଆଶ୍ଚର୍ଯ୍ୟଲାଗେ, କିମିତି ପିଲାଙ୍କ ହଷ୍ଟେଲ ଭିତରେ, ଗୋଟିଏ ସରକାରୀ ଅନୁଷ୍ଠାନର ପରିସରରେ ମଦ୍ୟପାନ ତ ଅଲଗା କଥା, ମଦପ୍ରସ୍ତୁତ ଭଳି ଗର୍ହିତ କାର୍ଯ୍ୟ ସମ୍ଭବ ହେଉଥିଲା । ଅବଶ୍ୟ ମଦ ସହିତ ଗାର୍ନ୍ଧବ ବିଦ୍ୟା ଓ ଚିତ୍ରକଳାର ସଂର୍ପକ ଅତି ପ୍ରାଚୀନ ଏବଂ ଏହି ସଂପର୍କ ଅବିସମ୍ବାଦିତ ସତ୍ୟ ଉପରେ ପ୍ରତିଷ୍ଠିତ । ଶାନ୍ତିନିକେତନର କଳାଛାତ୍ର ତଥା ଅଧ୍ୟାପକ ମାନେ ମଦପାଣି କଥା ମନେ ପଡିଗଲେ ସାନ୍ତାଳପଡାଆଡେ ପଳେଇଯାଆନ୍ତି । ଖଲିକୋଟରେ ନୂଆସାହି, ଗୁହାରିଆ ପାଟ, ନହେଲେ ବଜାର ଛକର ମାର୍କଣ୍ଡ ପାନଦୋକାନ କଳାତ୍ମକତାର ଉନ୍ମେଷରେ ସହାୟକ ହେଉଥିଲା ।

ନିଶାପାଣି ପ୍ରତି ଅହେତୁକ ଅଦ୍ଭୁତ ଦୁର୍ବଳତା ଥିବାହେତୁ ହରେକୃଷ୍ଣ ବେହେରା ନାହିଁ ନଥିବା ଦୁର୍ଗତି ଭୋଗୁଥିଲେ । ସବୁବେଳେ ଏହି କାର୍ଯ୍ୟପାଇଁ ସନ୍ଧ୍ୟାବେଳକୁ ପକେଟରେ ଅନ୍ୟୁନ ଚାରି ପାଞ୍ଚ ଟଙ୍କା ପଡିଥିବା ଦରକାର । ସେ ଅଭାବନୀୟ ମୁହୂର୍ତ୍ତରେ ତାଙ୍କ ହାତକୁ ଯିଏ ଟଙ୍କାଟା ବଢେଇ ଦେଲା ସିଏ ହେଇଗଲା ସେ ସଂଧ୍ୟାର ତାଙ୍କର ଅତି ଆପଣାର ପୃଷ୍ଠପୋଷକ କହିଲେ ଅସଂଗତ ହେବନାହିଁ । ଦଳେ ଶିଳ୍ପୀ ଏକାଠି ବସବାସ କଲେ, ସେମାନଙ୍କ ଭିତରେ ହିଂସା,ଦ୍ୱେଷ ଉପୁଜିବା ସ୍ୱାଭାବିକ । ଏଭଳି ଘଟଣା ଶିଳ୍ପୀ କାହିଁକି ସାଧାରଣ ଲୋକଙ୍କ ଭିତରେ ବି ଘଟେ । ମଣିଷମାନଙ୍କ ଭିତରେ ଭାସୁକୁଟି, ପରନିନ୍ଦା, ପରଚର୍ଚ୍ଚାକୁ ଦୁର୍ବୁଦ୍ଧି ସହିତ ଭଗବାନ ଯୋଡି ଦେଇଛନ୍ତି । ଉଦାହରଣ ଛଳରେ ପ୍ରସଙ୍ଗଟିକୁ ବ୍ୟାଖ୍ୟା ନକଲେ କଥାଟି ପରିଷ୍କାର ହେବନି ବା ହରେକୃଷ୍ଣ ବେହେରାଙ୍କ ଚରିତ୍ରର ଏହି ଅଭିନବ ଦିଗଟି ଉନ୍ମୋଚିତ ହେବନି ।

ଧରାଯାଉ ବିପ୍ରସାର୍ ଶତପଥୀସାର୍‌ଙ୍କ ପ୍ରତି କୌଣସି ଘଟଣାରେ ଅସୁଖୀ ବା ଉଭୟଙ୍କ ସ୍ତ୍ରୀ ମଧ୍ୟରେ କୌଣସି କାରଣରୁ ବୋଲାବୋଲି ହୋଇଯାଇଛି ଏବଂ ବିପ୍ରସାର୍‌ଙ୍କ ସ୍ତ୍ରୀ ରଫା ଦଫାଟିଏ ଚାହିଁଚନ୍ତି । ସଂନ୍ଧ୍ୟାବେଳେ ହରେକୃଷ୍ଣ ମନସୁଖେଇ ମୁଣ୍ଡ ପୋତି ଉଆସ ଉପରୁ ବାଘ ପାଣି ପାଖକୁ ଗଡ଼ିଲାଭଳି ସିଏ ଭିଡ଼ି ମୋଡ଼ି ହେଇ ଘୋଷାଡ଼ି ହେଇ ଗଡୁଛନ୍ତି । ବେଳଉଣ୍ଡି ବିପ୍ରସାର୍ ନିଜ ବାରଣ୍ଡାରେ ଠିଆହେଇ ଖୋଲସାହି ବା ବାହୁଟି ଠାକୁରାଣୀ ମନ୍ଦିରଆଡେ ମିଛେମିଛେ ଚାହିଁଛନ୍ତି । ଉଭୟେ ଉଭୟଙ୍କୁ ଦେଖିସାରିଲେଣି । ଧରାଯାଉ ହରେକୃଷ୍ଣ ବେହେରା କପର୍ଦ୍ଦକ ଶୂନ୍ୟ ।

Digitized by srujanika@gmail.com

ବିପ୍ରସାର୍ ଖଣ୍ଡିକାଶଟିଏ ମାରି ପଚାରିଦେଲେ 'ଓ ବେହେରା ବାବୁ ! କୁଆଡେ ଏମିତି ଝପଟିଯାଉଚ' । ବେହେରାଙ୍କ ମନରେ ଆଶାର ସଂଚାର ହେଲା । ବିପ୍ରସାର୍ କଥା ଇମ୍ନେଇଲେ, ତମେ ପରା କହୁଥିଲ ଗୋପବନ୍ଧୁ ର ଆର୍ମେଚର୍ ଭିଡିବା ପାଇଁ ନିବୀ ଶାଳ କାଠ ଖଣ୍ଡେ ଦରକାର, ରଖ ଦଶଟଙ୍କା, ବେହେରାଙ୍କ ହାତକୁ ଦଶଟଙ୍କିଆ ଖଡଖଡିଆଟେ ବଢେଇ ଦେବେ । ବେହେରାଙ୍କ ମୁଖ ଉଜ୍ଜ୍ୱଳ ହେଇଉଠିବ, ମନ ଝଲସି ଯିବ । ବେହେରାଙ୍କ ପାଟିରୁ କୃତଜ୍ଞତାର ଓ ସହାନୁଭୂତିର ବଚନିକା ସ୍ଫୁରିବ । "ବୁଝିଲେ ବିପ୍ରଭାଇ ! କଥାଟା ପସନ୍ଦିଆ ହେଲାନି । ମାଉସୀଙ୍କୁ (ବିପ୍ରସାର୍ଙ୍କ ସହଧର୍ମଣୀଙ୍କ ଉଦ୍ଦେଶ୍ୟରେ) ଏମିତି ଝିଙ୍ଗାସ କରି କଥା କହିବା ଠିକ୍‌ହେଲାନି । " ବିପ୍ରସାର୍ ସବୁ ବୁଝୁଥିବେ, ସବୁ ହେଜୁଥିବେ ବୁରୁଝାଞ୍ଜି ଆଡେଇ ପାଣି ତୁଠରେ ପଶିଲାପରି ସେ ଏକଥାଯାକକୁ ଆଡେଇ ଦେବେ ଖାଲି କହିବେ "ବେହେରାବାବୁ ! ମାଇପିଙ୍କ ଏସବୁ କଥା, ତମେ ସେଥିରେ ମୁଣ୍ଡ ପୂରାଅନି । ଏମିତି ସବୁ ହଏ । ହଉ କାଠପଟା ଖଣ୍ଡକ ଶୀଘ୍ର ଆଣି କାମଟା ଆରମ୍ଭ କରିଦିଅ ।"

ହରେକୃଷ୍ଣ ଏବେ ବିପ୍ରସାର୍ଙ୍କ ବାରଣ୍ଡାରୁ ଉହ୍ଲେଇ ପଡି ହାତ ପହଞ୍ଚେଇ ପହଞ୍ଚେଇ ମାର୍କଣ୍ଡ ପାନଦୋକାନ ଆଡେ ଚାଲିବେ । ସେଠି ପାଓ୍ୱାର ସୋଡାରୁ କାଚେ ଦି'କାଚ ଡେଣ୍ଡିଦେବେ । ଯେତେବେଳେ ସିଏ ହେଜିବେ ଯେ ନିଶା ମୁଣ୍ଡକୁ ଉଠିଲାଣି ହୋଟେଲରୁ ମାଂସକସା ବା ଚିଙ୍ଗୁଡ଼ି ଭଜା ପ୍ଲେଟଟିଏ ଚଢେଇ ଦେଇ ପୁଣି ମାର୍କଣ୍ଡ ଦୋକାନକୁ ଫେରିଯାଇ ସିଗାରେଟ୍‌ରେ ନିଆଁ ଧରେଇବେ । ପୁଳେ ଦି'ପୁଳା ଧୂଆଁ ସଂଧ୍ୟାବଜାରର ଗହଳି ଭିତରେ ମିଳେଇଯିବ । ଏସବୁ ଉପଚାର ବଢ଼ିଲାବେଳକୁ ରାତି ଦଶ ଏଗାର ହେଇଯାଇଥିବ । ମାର୍କଣ୍ଡ ଦୋକାନରେ ଠିଆହେଇ ଶତପଥୀସାର୍ ଓ ତାଙ୍କ ପରିବାର ଉଦ୍ଦେଶ୍ୟରେ ଅତୁଆ ବାକ୍ୟଗୁଡିଏ ଆରମ୍ଭ ହେଇଯିବ । ପ୍ରଥମେ ତାହା ଅପେକ୍ଷାକୃତ ସଂଯତ ଲାଗିବ ତା'ପରେ ଶବ୍ଦମାନଙ୍କର ବେଡି ଖୋଲି ହୁଗୁଳା ହେଇଯିବ ଓ ସେଗୁଡିକ ଅସଂଯତ ଓ ଅଶାଳୀନ ହେଇପଡ଼ିବ । ହରେକୃଷ୍ଣ ବେହେରା ବିପ୍ରସାର୍ ଓ ଶତପଥୀସାର୍ଙ୍କ ଘର ପାଖାପାଖି ହେଲାବେଳକୁ ବାକ୍ୟରେ ସନ୍ନିବେଶିତ ଶବ୍ଦଗୁଡିକ ସଂପୂର୍ଣ୍ଣ ଦୋ'ଅକ୍ଷରୀ ହେଇସାରିଥିବ ଓ ସେ ସେଇଠି ଠିଆହେଇ ପ୍ରାୟ ଅଧଘଣ୍ଟା ଯାଏଁ ଶତପଥୀଙ୍କ ସପ୍ତପୁରୁଷ ଉଦ୍ଧାର କରିବେ । ଏମିତି ବକବକ ନିଃଶେଷ ହେଲାପରେ ସେ ଉଆସଆଡେ ମୁହେଁଇବେ ।

Digitized by srujanika@gmail.com

ହରେକୃଷ୍ଣଙ୍କ ଗାଳି ଉଭୟେ ବିପ୍ରସାର୍ ଘର ଓ ଶତପଥୀସାର୍ ଘର ଶୁଣୁଥିବେ । ବିପ୍ରସାର୍ ମନେ ମନେ ହେଣ୍ଡି ମାରୁଥିବେ ଯେ ଦଶଟଙ୍କିଆ ନୋଟ କାମ ଦେଇଛି ଆଉ ଶତପଥୀ ଘର ସ୍ୱାମୀ ସ୍ତ୍ରୀ ଭାବୁଥିବେ, ହଉ କାଲିକି ଦେଖିବା । ପୁଣି ଗତ ହେଇଯାଇଥିବା ସଂଧ୍ୟାଭଳି ଆଉ ସଂଧ୍ୟାଟିଏ ଆସିବ । ଏଥର ଶତପଥୀ ବେହେରାସାର୍‌ଙ୍କୁ ଭେଟିବେ ଆଉ ସେମିତି ଗୋଟିଏ ଅତର୍କିତ ମୁହୂର୍ତ୍ତରେ । ମିଛରେ ହେଉ ସତରେ ହେଉ ମାସେ ତଳେ ବରାଦ ଦେଇଥିବା ଫୋଟ ପ୍ରେମକଥା ପଚାରିବେ । ବେହେରା କୌଣସି ନା କୌଣସି ଆଳଦେଇ ଶତପଥୀଙ୍କୁ ଭଣ୍ଡେଇବା ପାଇଁ ଚେଷ୍ଟାକରିବେ । ଶତପଥୀଙ୍କ ତ ଭିତିରି ଉଦ୍ଦେଶ୍ୟ ରହିଥିବ ଗତ ସଂଧ୍ୟାର ପ୍ରତିଶୋଧ । ସିଏ କଥାରେ କଥାରେ ଦଶଟଙ୍କିଆ ନୋଟଟିଏ ବେହେରାଙ୍କୁ ଅନୁରୂପ ବଢେଇ ଦେବେ । ବେହେରାଙ୍କ ହାତ ଚିକ୍କଣ ହେଲାପରେ ସେଇଠୁ ହିଁ ବିପ୍ରସାରଙ୍କ ଉଦ୍ଦେଶ୍ୟରେ ପଦେ ଦି'ପଦ ହାଲୁକା ମନ୍ତବ୍ୟ ଦେବେ ଝିଂକ ଦେହରୁ କାଠି ଝାଡ଼ିଲା ପରି । ରାତି ଦଶ ଏଗାର ସରିକି ଘରକୁ ଫେରିଲା ବେଳକୁ ବିପ୍ରସାର୍ ଓ ତାଙ୍କ ପରିବାର ଅକଥ୍ୟ, ଅଶ୍ରାବ୍ୟ ଗାଳିଗୁଳଜ ଭିତରେ ପୋତିହେଇ ପଡୁଥିବେ ।

ପୁଣି ପ୍ରତି ସକାଳର ନୂଆ ସୂର୍ଯ୍ୟୋଦୟରେ ସବୁ ସଂପର୍କ ଅତୁଟଥିବ, ଯେଉଁ ହରେକୃଷ୍ଣ ବେହେରା ସଂଧ୍ୟାମାନଙ୍କରେ ମଦରେ ଆକ୍ରାନ୍ତ ହେଇ ଇଜ୍ଜତ ମହତ ନେଉଥିଲେ ତା'ର ମୃତ୍ୟୁ ହେଇଯାଇଥିବ । ଉଭୟେ ବିପ୍ରସାର୍ ଓ ଶତପଥୀସାର୍ ହରେକୃଷ୍ଣଙ୍କ ସହିତ ସ୍ନେହସୌହାର୍ଦ୍ୟ ଭରା ବ୍ୟବହାର କରୁଥିବେ ।

Digitized by srujanika@gmail.com



ଜିସ୍‌କି ବିବି ମୋଟି

ଜିସକି ବିବି ମୋଟି ଉସକାହି ଭି ନାମ ହୈ ।
ବିସ୍ତର ପେ ଲୈଟା ଦୋ ଗଦ୍‌ଦୀ କା କ୍ୟା କାମ୍ ହୈ ।।

ଲାୱାରିସ୍ ଚଳଚିତ୍ରରେ ଅମିତାଭ ବଚ୍ଚନ ଏହି ଗୀତ ନିଜେ ଗାଇବାର ବହୁ ଆଗରୁ ଖଲିକୋଟ ଆର୍ଟସ୍କୁଲରେ ଯିଏ ଏହି ଗୀତକୁ ଗଜଲଭଳି ବନେଇ ଚୁନେଇ ବିସ୍ତାର କରି ନୂଆ ନୂଆ ପଦ ଯୋଡି ଦରଦ ଦେଇ ଗାଇ ଗଂଜାମୀ ହଷ୍ଟେଲର ଅନ୍ତେବାସୀଙ୍କୁ ମଜେଇ, ହଜେଇ ଦେଉଥିଲେ ସିଏ ହେଲେ ଦୀପେନ୍ ବୋଷ । ଖୁବ୍ ନାମଜାଦା ବଙ୍ଗାଳୀ ପରିବାରର ପିଲା । ବାପା ଉଚ୍ଚପଦସ୍ଥ ପୁଲିସ ଅଫିସର । ସେ ସମୟରେ ସି.ଆଇ. ଡି ଡି.ଏସ୍.ପି. । ଭାଇ ଦେବୁ ବୋଷ ଜଣାଶୁଣା ଅଭିନେତା ଓ ଭଉଣୀ ସାଧନା ବୋଷ ଅତ୍ୟନ୍ତ ସୁନ୍ଦରୀ ଓ ବିଚକ୍ଷଣ ଓଡିଶୀ ନୃତ୍ୟାଙ୍ଗନା । ଦୀପେନ ବୋଷ ଦେଖିବାକୁ ହୃଷ୍ଟପୁଷ୍ଟ, ଡେଙ୍ଗା ମଣିଷ, ଅତୁଟ ସ୍ୱାସ୍ଥ୍ୟ, ଧାରୁଆ ମୁହଁ, ନାକତଳେ ସରୁ ନିଶ, ଚାଲିଚଳନ, କଥାଭାଷା ଭଦ୍ର, ସଂଯତ । ସିଏ

Digitized by srujanika@gmail.com

ମାପିଚୁପି କଥା କହିବେ, ତାଙ୍କର ସାମାନ୍ୟତମ ଉପକାରଟିଏ କରିଦେଲେ 'ଥାଙ୍କ୍ୟୁ' କହିବେ ହିଁ କହିବେ । ସିମିତି କଥା କହିବା ପ୍ରୟାସ କରିବା ଆଗରୁ ନିଜେ ଗଳା ସଫାକରି କ୍ଷମା ମାଗିନେବେ, ବାକ୍ୟ ଉଚ୍ଚାରଣ କରିବେ । ଏ ତ ବେଦ ଉପନିଷଦର ବାଣୀ ସାଙ୍ଗରେ ସମାନ । ଆମେ ମାଟି ଉପରେ ପାଦ ରଖୁଚୁ ବୋଲି ମାଟିକୁ ମୁଣ୍ଡିଆ ମାରିବୁ, ପାଣି ଜୀବନ ବଂଚଉଚି ବୋଲି ବରୁଣ ଦେବତାଙ୍କୁ ସାଷ୍ଟାଙ୍ଗ ହେବୁ । ମୁଁ ଦିଗପହଣ୍ଡି ଗଡରୁ ଆସିଥାଏ, କଥାବାର୍ତ୍ତା ରୋକଠୋକ୍, ଲାଳିତ୍ୟ ନଥାଏ ପୁଣି ଏତେ ଆଦବ କାଏଦା ଆସିବ କୁଆଡୁ । ଏଣୁ ଆମେ ଦୀପେନ୍ ବାବୁଙ୍କ ସାଂଗରେ ହୁସିଆର ହେଇ କଥା ହେବା ଶିଖିଲୁ । ଦୀପେନ ବାବୁ ଏମିତିରେ କମ୍ କଥା କହନ୍ତି । ପୁଣି କଥା କହିବା ଆଗରୁ ପାଟି ଆଗରେ ହାତରଖି ପ୍ରତ୍ୟେକ ଶବ୍ଦକୁ, ବାକ୍ୟକୁ ସାହେବୀ ପରଂପରାରେ ଥରେ ତଉଲି ନିଅନ୍ତି । ଗଂଜାମୀ ଛାତ୍ରାବାସର ପାଟ ଅଗଣା ଭିତରେ ପଶିବା ପରେ ଖାଇଲା ହାତି ପ୍ରଥମ ରୁମ୍ ତାଙ୍କର, ସେଇପଟକୁ ତାଙ୍କର ରହିବା ବଖରାଟି ଖୁବ୍ ନିଆରା । ତାଙ୍କ ସାଙ୍ଗରେ ବାଣପୁରର ପୁରୁଷୋତ୍ତମ ଆଉ ରଙ୍କ । ବେଶ୍ ପ୍ରଶସ୍ତ ବଖରା । ପୁରୁଷୋତ୍ତମ ଓ ରଙ୍କର ଘର ବାଣପୁର ହେତୁ ଛୋଟ ମୋଟ କଥାରେ ବସାରୁ ଗାଁ'କୁ ଉଭାନ୍ ହେଇ ଯାଆନ୍ତି । ତାଙ୍କ ବଖରା ଅଧିକାଂଶ ଦିନ ଖାଲିପଡେ । ସେଠି ସଙ୍ଗୀତ ଆସର ଜମେ । ବେଳେବେଳେ ଭାବ ଉତ୍ତାଳ ହେଲେ ଦୀପେନ୍ ବାବୁ ହାର୍‌ମୋନିୟମ୍ କାନ୍ଧରେ ଝୁଲେଇ ପାଟଅଗଣାକୁ ବାହାରି ପଡନ୍ତି । ତାଙ୍କ କଣ୍ଠରୁ ଦରଦଭରା ସେହି କେଇ ପଦ ଗୀତ ପାଟ ଅଗଣାରେ ସତେ ଅଜାଡି ହେଇ ପଡେ ।

ଜିସକି ବିବି ମୋଟି ହୋ... ହୋ... ହୋ.... ହାଏ

(ଖାଇଲା ହାତରେ ହାରମୋନିୟମ୍ ପିକ ଚଳଉଥିବେ ଓ ଡେବିରି ହାତ ଉପରକୁ ଉଠେଇ ଗୀତର ଭାବକୁ ଖାପିଲା ଭଳିଆ ମୁଦ୍ରା ଦେଖଉ ଥିବେ । ଓଠରେ ମୁଚୁକୁନ୍ଦ ହସ ଲାଗି ରହିଥିବ)

ଗୀତ ପୁଣି ଆଗକୁ ବଢ଼ିବ

ଜିସକି ବିବି ମୋଟି ହୋ (ଏବେ ଜୁରନାଥ ସାହୁକୁ ଲକ୍ଷ୍ୟକରି । ଟିକିଟିପେଣ୍ଟର ଜୁରନାଥ ସାହୁ ବାହାଚୁଡା ହେଇ ଆମ ଉପରକ୍ଲାସରେ ପଢୁଥାଏ)

ଇସକୋ ତକିଆ ଦରକାର ନାହିଁ ।

ତା'ପରେ ଆମେ ପାଳି ଧରିବୁ

ହାଏ... ହାଏ... ହାଏ..., ତକିଆ ଦରକାର୍ ନାହିଁ ।

Digitized by srujanika@gmail.com

ତୁର ସାହୁବି ଆମସାଙ୍ଗରେ କହିବ, ତକିଆ ଦରକାର୍ ନାହିଁ । ତକିଆ ଦରକାର ନାହିଁ ।

ଦୀପେନ୍ ବାବୁ ଏଥର ଟର୍କିସ୍ ଟାୱାଲ୍‌ଟିକୁ ମୁଣ୍ଡଉପରେ ଓଢ଼ଣାଭଳି ଟାଣିଦେଇ, କମରରେ ଡେବିରି ହାତ ଭରା ଦେଇ, ଖାଇଲା ହାତକୁ ଥମସ୍ ଅପ୍ ମୁଦ୍ରାରେ ମୁଣ୍ଡଉପରେ ରଖି ନିତମ୍ବ ମୃଦୁ ଚାଳନା କରି ନାଚିବେ । ମୁଁ ସିନା ଥମସ୍ ଅପ୍ କହୁଚି ଆମବେଳେ ସୋଡା ଓ ଲିମ୍‌ନେଡ ଛଡା ଆଉକିଛି ଅଣନିଶା ବୋତଲ ପାନୀୟ ଖଲିକୋଟରେ ମିଳୁନଥିଲା । ତା' ପରେ ରଙ୍କ ପାଖରେ ଥିଲେ ସେ ହାରମୋନିୟମ୍‌ରେ ସୁର ଧରିବ ଓ ଦୀପେନ ବାବୁ ଅଭିନୟରେ ମାତିଯିବେ । ତା'ପରେ ପାଟଅଗଣାରେ ଆସରରେ ଯୋଗଦେଇଥିବା ଅନ୍ୟ ପିଲାମାନଙ୍କର ଗୋଡହାତ ଖଲଖଲ ହେବ । ପୁଣି ଦୀପେନ୍ ଜଣେ ଦି'ଜଣ ଖାସ୍ ସାଙ୍ଗଙ୍କୁ ହାତଧରି ଭିଡିବେ ଆଉ ନାଟର ଆସର ଜମାଣିଆ ହେଇଉଠିବ ।

ଦୀପେନ୍ ବାବୁ ପାଠପଢ଼ାରେ ମୋଠାରୁ ଦି ବର୍ଷ ବଡ, ଖଲିକୋଟ ଆର୍ଟସ୍କୁଲର ପ୍ରଥମ ବ୍ୟାଚ୍‌ର ଛାତ୍ର । ସିଏ ଏବେ ଆଉ ଆମ ଗହଣରେ ନାହାନ୍ତି । ଭାବିଲାବେଳକୁ ମନ ବିଷାଦରେ ଭରିଯାଉଛି । ତୁହାକୁ ତୁହା ମନେ ପଡିଯାଉଛି ପାଟଅଗଣାରେ ମନଖୋଲା ପରିବେଶରେ ସଙ୍ଗୀତର ଲହର ସାଙ୍ଗରେ ତାଳ ଦେଇ ନାଚୁଥିବା ଦୀପେନ୍ ବୋଷ । ସହରୀ ପିଲାହେଲେ କ'ଣ ହେବ । କଟକ, ବ୍ରହ୍ମପୁର ସହର ଦିଲ୍ଲୀ ସହରକୁ ଛାଡିବ । ଦିଲ୍ଲୀରେ ଡିଟିସି ବସରେ ଉଠିଲାବେଳେ ଗହଳି, ଠେଲାପେଲା ଭିତରେ ବସ୍ ଦଣ୍ଡାରୁ ହାତ ଛାଡି ହୋଇଗଲା, ଫୁଟ୍ ପାଥ୍‌ର ଧାରୁଆ ମଙ୍ଗରେ ମୁଣ୍ଡବାଡେଇ ହୋଇଯିବାରୁ ସେଇଠି ରାସ୍ତାକଡେ ହିଁ ପ୍ରାଣବାୟୁ ଉଡିଗଲା । ପ୍ରାୟ ପଚିଶି ତିରିଶ ବର୍ଷ ତଳର ଘଟଣା । ତାଙ୍କର ସ୍ମୃତିରକ୍ଷା ପାଇଁ ଆମେ କିଛି କରିପାରିଲୁନି । ମାର୍କେଟ୍ ବିଲ୍‌ଡିଙ୍ଗ୍‌ର ପୁରୁଣା ବସ୍‌ଷ୍ଟାଣ୍ଡ କଡ ଦୁର୍ଗାମଣ୍ଡପରେ ସଭାଟିଏ ଆୟୋଜିତ ହେଲା । ଜଗଦୀଶବାବୁ ଲଳିତକଳା ଏକାଡେମୀରେ କାମକରୁଥାନ୍ତି । ମୁଁ ଅନୁରୋଧକଲି, କହିଲି ଦୀପେନ୍ ବାବୁଙ୍କର ଛବିଟିଏ କିଣାହେଇ ଓଡ଼ିଶା ଲଳିତକଳା ଏକାଡେମୀ ଗ୍ୟାଲେରୀରେ ରହୁ, କଥା କଥାରେ ହିଁ ରହିଲା ।

ଅଧକ୍ଷ ଶରତଚନ୍ଦ୍ର ଦେବଙ୍କ ଶୈଳୀର ଅନୁସରଣରେ ତାଙ୍କ ଛବି । ହାତ ବେଶ୍ ପାକଳ କିନ୍ତୁ ଅଜବ ଧରଣର ମନୁଆ । ସମଗ୍ର ଜୀବଦଶାରେ ବୋଧହୁଏ କୋଡିଏ ତିରିଶି ଖଣ୍ଡ ଛବି ସମ୍ଭବ ହୋଇଥିବ । କୌଣସି କଥାରେ ତରବରିଆ ଭାବ ନୁହେଁ । ତାଙ୍କ କଥା ଯିମିତି ଛବି ବି ସିମିତି ଧୀର ମନ୍ଥର । କାଗଜରେ ଗାରଟିଏ

Digitized by srujanika@gmail.com

ଗାରେଇବା ପୂର୍ବରୁ ଶୂନ୍ୟରେ ଦି'ଚାରିଥର ହାତ ଘୂରାଇ ଆଣିବେ, ହାତ ସଳଖିବାପାଇଁ ବେଟିଙ୍ଗ୍ କରୁଥିବା ଖେଳାଳି ଶୂନ୍ୟରେ ପାଞ୍ଚଦଶଥର ବେଟ୍ ଘୂରେଇ ପକେଇଲା ଭଳି । ଦୀପେନ୍ ବାବୁ ତାପରେ ଦଣ୍ଡେ ଅଟକି ଯାଇ ପେନସିଲ୍‌କୁ ଓଠ ପାଖରେ ରଖି କ'ଣ କେତେ ଭାବିଯିବେ । ଲାଗିବ ଶିଳ୍ପୀଙ୍କ କଳ୍ପନା ଆହୁରି ଦାନା ବାନ୍ଧିନି । ଏବେ ଖଣ୍ଡିଏ ସିଗାରେଟ୍ ଓଠରେ ଚାପିଧରି ନିଆଁ ଲଗେଇବେ । ହାତ ଗୁଣ୍ଡା କରି ପେନ୍‌ସିଲକୁ କାଗଜ ଉପରେ ଥୋଇ ଦେଇ ହାର୍‌ମୋନିୟମ୍‌ରେ ପଦେ ଦି'ପଦ ଗଡେଇ ନେବେ । ପୁଣି କ'ଣ ମନହେବ କେଜାଣି ହାର୍‌ମୋନିୟମ୍ ପାଖରୁ ଫେରିଆସିବେ କାଗଜ ପାଖକୁ । ଅତି ଅଦ୍ଭୁତ ଭାବେ ଦ୍ରୁତ ରେଖାମାନ କାଗଜରେ ଆଙ୍କି ହେଇଯିବ ଓ ତା'ଆରି ଭିତରୁ ଅଭିସାରିକା ନାୟିକାଟିଏ ଉତୁରି ଆସିବ ଅପୂର୍ବ ଭଙ୍ଗିମାରେ । ମୁହଁ ପାଖରେ ଡାହାଣହାତ ରଖି ପଛକୁ ବୁଲି ପଡି ଅନନ୍ୟ ଠାଣିରେ ସେ ଚାହିଁ ଦେଉଥିବ । ଡେବିରି ହାତ ଫିଟି ପଡିଥିବ ଦେହକୁ ଭାରସାମ୍ୟ କରି । ଅଭିସାରିକା ଅତି ସନ୍ତର୍ପଣରେ ଆଗକୁ ଭରସି ଯାଉଥିବ । ଗଳାରେ ତ୍ରିବଳି, ସାମାନ୍ୟ ଝୁଲନ୍ତ ଆଖିପତା, ଚାହାଣିରେ କିନ୍ତୁ ଦ୍ରୁତତା, କ୍ଷୀଣ କଟୀ, ଗୁରୁ ଜଘନା, ଉନ୍ନତ ସ୍ତନଯୁଗଳରେ ପରିଶୋଭିତା, ଠିକ୍ ଅଧକ୍ଷ ଶରତଚନ୍ଦ୍ରଙ୍କ ଚିତ୍ରଛାୟାରେ ଉତୁରି ପଡିଥିବା ଅଙ୍କନଟିଏ । ପାଖରେ ତଳକ୍ଲାସର ପିଲାଟିଏ ଦୈବାତ୍ ଠିଆହେଇ ତାଙ୍କ କାମକୁ ନିଘା କରୁଥିଲେ ରେଖାଚିତ୍ର ଉପରେ ସାମାନ୍ୟ ଟିପ୍ପଣୀ ଦିଆହେବ, କଥାକଥାରେ ଶରତଚନ୍ଦ୍ରଙ୍କ ଭୂୟସୀ ପ୍ରଶଂସା ହେବ ।

ସକାଳ ହଉ ନ ହଉଣୁ ଦୀପେନ୍ ବୋଷଙ୍କ ଝରକାରୁ ଭାସି ଆସିବ ସଙ୍ଗୀତର ଅପୂର୍ବ ମୂର୍ଚ୍ଛନା । ଶାନ୍ତ କାନ୍ତ ସକାଳ ଅନୁରଣିତ ହେଇଯିବ ଫିଲିମ୍ ସଙ୍ଗୀତର ଲହରରେ । ବ୍ରହ୍ମପୁର ସିନେମା ହଲମାନଙ୍କରେ ସଦ୍ୟ ଖେଳୁଥିବା ନାମଜାଦା ସିନେମା ହିଟ୍ ସଙ୍ଗୀତରୁ ପଦେ ପଦେ । ସିନେମାମାନଙ୍କ ଭିତରେ ଶ୍ରୀ ଚାରଶବିଶ୍, ଦୋଁଆଖେଁ ବାରହାଥ୍, ଗଙ୍ଗାଯମୁନା, ସୁଜାତା, କାଲାବାଜାର, କାଲାପାନି, ମଧୁମତୀ, ମଦରଇଣ୍ଡିଆ ଓ ମୋଗଲ ଇ ଆଜାମ ପ୍ରଭୃତି ଗୀତର ପଦଯାକ ଯାହା ମନେପଡୁଛି-ଗଙ୍ଗାଯମୁନାର ଦୋ ହଂସକା ଯୋଡା ବିଛଡ୍ ଗୟାରେ, ଚାରିଶବିଶ୍‌ର ମେରା ଜୁତା ହେ ଜାପାନୀ, ସୁଜାତାର ଜଲତେ ହେଁ ଜିସକେ ଲିଏ, ମଧୁମତୀର ଦିଲ୍ ତଡପ୍ ତଡପ୍ କହ ରହା ହେ, କାଲାବଜାରର ଖୋୟା ଖୋୟା ଚାନ୍ଦ୍ ଖୁଲେ ଆସମାନ୍, ମୋଗଲ ଇ ଆଜାମର ପ୍ୟାର କିଆ ତୋ ଡରନା କ୍ୟା ।

Digitized by srujanika@gmail.com

ମୁଁ ହରିଣୀର ତଟସ୍ଥତା ନେଇ କାନପାରି ତାଙ୍କ ସଙ୍ଗୀତ ଶୁଣେ । ଦିଗପହଣ୍ଡି କଥା ମନେପଡିଯାଏ କିମିତି ମୋ ସ୍କୁଲ ସାଙ୍ଗ କିଶୋରଚନ୍ଦ୍ର ଅଧିକାରୀ ଆଉ ଦୁର୍ଗାମାଧବ ଦାଶ ବ୍ରହ୍ମପୁରରୁ ନୂଆ ନୂଆ ସିନେମା ଦେଖିଆସି ଆମ ଆଗରେ ଜଳବତ୍ ତରଳମ୍ ଏହି ଗୀତ ସବୁ ଗାଇଦେଉଥିଲେ । ମନ ମୋର ସଙ୍ଗୀତର ମାଦକତାରେ ଭରିଯାଏ । ଦୀପେନ୍ ବାବୁଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଆହୁରି ବଢ଼ିଯାଏ । ତାଙ୍କ ରେଖାର କରାମତି ଯିମିତି, ଗଳାର ଯାଦୁକରୀ ସିମିତି । ଅଧିକାଂଶ ଚିତ୍ରଶିଳ୍ପୀ ଚମତ୍କାର ଗୀତ ବୋଲିପାରନ୍ତି । ହାରମୋନିୟମ୍, ତବଲା ସାଧି ପାରନ୍ତି । ବିଶିଷ୍ଟ ଭାସ୍କର ରାମକିଙ୍କର, ପ୍ରସିଦ୍ଧ ଚିତ୍ରଶିଳ୍ପୀ ମନଜିତ୍ ବାବାଙ୍କ ଠାରୁ ଆରମ୍ଭକରି ଖଲିକୋଟ ଆର୍ଟସ୍କୁଲର ଅଧ୍ୟାପକ ଅନନ୍ତ ପଣ୍ଡା ଓ ଲୋକନାଥ ଶତପଥୀ ଯାଏଁ ସଙ୍ଗୀତର ପରଂପରା ଲମ୍ବିଆସିଛି । ଗାନ୍ଧର୍ବ ବିଦ୍ୟାର ଏହି ବିଭାଗଟି ମୋ ଦେଇ ପଇଟିଲାନି । ତଥାପି ଅଧିକାଂଶ ଦିନ ଗଂଜାମୀ ଛାତ୍ରାବାସର ଅନୌପଚାରିକ ସଙ୍ଗୀତ ଆସରମାନଙ୍କରେ କାଠ ଦ୍ୱାବଲ, ଟ୍ରଙ୍କପେଡି, ଡ୍ରଇଁବୋର୍ଡ ନହେଲେ ରସ ଡେକିଚିରେ ମୁଁ ତାଳ ଠୁକେ । କେବେ କିମିତି ଗୀତରେ ତାଳ ସଙ୍ଗତ କରିବାପାଇଁ ଦୀପେନ ବାବୁଙ୍କଠାରୁ ବରାଦ ଆସେ । ମୋର ଆତ୍ମପ୍ରତ୍ୟୟ ବଢ଼ିଯାଏ । ଗଂଜାମୀ ଛାତ୍ରାବାସରେ ଦୀପେନ ବାବୁଙ୍କ ରୁମ୍ ସବୁପିଲାଙ୍କର ଆଡ୍ଡାସ୍ଥଳୀ ଥିଲା ଓ ସଙ୍ଗୀତ ବୈଠକୀମାନ ମଧ୍ୟ ସେଠି ମଧ୍ୟରାତିଯାଏଁ ବିସ୍ତରୀ ଯାଉଥିଲା ।

ଧନୀଘରର ପିଲା ଦୀପେନ ବୋଷ । ଖଲିକୋଟ ହୋଟେଲମାନଙ୍କରେ ମିଲସ୍ ପ୍ରଚଣ୍ଡ ରାଗ, ଲଙ୍କାମରିଚର ମାତ୍ରା ପ୍ରବଳ । ଖାଦି ଦେହରେ ନଯିବା ସ୍ୱାଭାବିକ । ଅକାଳେସକାଳେ ରୋଷେଇ କରିବା ପାଇଁ ରୁମ୍‌ରେ କିରୋସିନ୍ ଷ୍ଟୋଭ ଓ ରନ୍ଧା ସଂରଜାମ ମହଜୁଦ ଥାଏ । ତଥାପି ଧରାବନ୍ଧାଭାବେ ତାଙ୍କ ଖାଇବାଟା ବସ୍‌ଯୋଗେ ବ୍ରହ୍ମପୁରରୁ ଖଲିକୋଟ ପ୍ରତିସଂଧ୍ୟାରେ ଆସିପହଞ୍ଚୁବ । ବ୍ରହ୍ମପୁର ଆଡେ ଡ୍ରାଇଭର୍‌ଙ୍କ ମାର୍ଫତରେ ଏଭଳି ନିଅଆଣ କାମ ବରାବର ଚଳେ । ବସଷ୍ଟାଣ୍ଡରୁ ଟିଫିନ୍ କେରିଅର୍ ଦୀପେନ ବାବୁଙ୍କୁ ଆଣିବାକୁ ପଡେନି । ଖଲିକୋଟ ବସ୍‌ଷ୍ଟାଣ୍ଡରେ କାମଧାମ ନଥାଇ ଫାଲତୁ ବୁଲୁଥିବା କିଏ ଜଣେ ଦୀପେନ ବାବୁଙ୍କ ହାତରୁ ସଂଭ୍ରମରେ କେରିଅର୍‌ଟି ଘେନି ତାଙ୍କ ପଛେ ପଛେ ହଷ୍ଟେଲ ପର୍ଯ୍ୟନ୍ତ ଆସି ରୁମ୍‌ରେ ଥୋଇଦେଇ ଯାଏ । ସେ ବାବଦକୁ ଦୀପେନ୍‌ବାବୁ ତା ହାତକୁ ଅଣେ ଦି'ଅଣା ପଇସା ବଢ଼େଇ ଦିଅନ୍ତି ।

ଦୀପେନ୍ ବାବୁଙ୍କ ଘର ରାନ୍ଧଣା ବେଶ ସୁସ୍ୱାଦୁ । ଓଡ଼ିଆ ବ୍ରାହ୍ମଣ ପୂଜାରୀ ବଙ୍ଗାଳୀ ଧରଣର ରନ୍ଧାବଢ଼ା କରିଥାଏ । ଦୀପେନ୍ ବାବୁଙ୍କ ଘର ବୋଲି ନୁହେଁ,

Digitized by srujanika@gmail.com

କଲିକତା ସହରସାରା ସମ୍ଭ୍ରାନ୍ତ ବଙ୍ଗାଳୀଙ୍କ ଘରେ ଏହି ବ୍ୟବସ୍ଥାର ପ୍ରଚଳନ ଅଛି । ଦି'ତିନି ପ୍ରକାରର ମାଛ ତରକାରୀ, ଅଧିକାଂଶ ଦିନ ଭାକୁରମାଛମୁଣ୍ଡବା ଇଲିସି ଝୋଳ, ତା' ସାଙ୍ଗକୁ ଆଳୁପୋଟଳ ପୋସ୍ତ, ଖଡ଼ଖଡ଼ିଆ ଭଜା ଓ ସ୍ୱାଦିଷ୍ଟ ଚଟଣି । ଟିଫିନ୍ କେରିଅର୍‌ର ଖାଦ୍ୟ ଖାଇଲେ ଦି'ତିନି ବଙ୍ଗାଳୀ ଥରକରେ ଖାଇବେ । ଜଣେ ଓଡ଼ିଆଙ୍କ ବଳେ ପାଇଁ ଯଥେଷ୍ଟ । ଓଡ଼ିଆଙ୍କ ଖାଇବାରେ ବାଗ ବାଇସ ନାହିଁ । କୁଢ଼ କୁଢ଼ ଖାଇବେ, ଗାଈ ଚରିଲା ଭଳି ଚରିଯିବେ । ଖାଇ ଖାଇ ଜାତିଟା ବରବାଦ ହେଇଗଲାଣି । ବଙ୍ଗାଳୀଙ୍କ ଖାଇବାରେ ଭଦ୍ରାମି ବୋଲି କିଛି ଅଛି । ସବୁଥିରୁ ଟିକିଏ ଟିକିଏ ଖାଇବେ । ଥାଳିରେ, ଗିନାରେ ବଢ଼ା ହେଇଥିବା ତିଅଣ ଦେହରେ ଅଙ୍ଗୁଳି ସାମାନ୍ୟ ସ୍ପର୍ଶକରି ଜିଭରେ ଛୁଇଁ ଦେବେ ଓ କହିବେ ରାନ୍ଧଣା ଖୁବ୍ ଚମତ୍କାର । ଏକାସାଙ୍ଗରେ ଗୋଳେଇଘାଣ୍ଟି ଦେବେନି । ଆମର ମିନିଏଚର ପେଣ୍ଟିଙ୍ଗ୍ ଚିତ୍ର କଲାଭଳିଆ କଥା, ବଙ୍ଗାଳୀ ଯାହା ଖାଇବେ ପୋଛି ପାଛି ଥାଳି ଚିକ୍କଣ କରିଦେବେ । ଶେଷରେ ଆଙ୍ଗୁଠି ଟିପ ଚାଟିବେ । ଦେଖିବା ଲୋକ ପାଟିରୁ ଲାଳ ଗଡିଯିବ । ଦୀପେନ୍ ବୋଷଙ୍କର ମଧ ଏହି ଅଭ୍ୟାସଟି ଥାଏ । ଘରୁ ଭଲ ତରକାରୀ ଆସିଲେ ହଷ୍ଟେଲର ସାଙ୍ଗସୁଖଙ୍କୁ ଡକରା ପଡିବ । ମିଳିମିଶି ଭୋଜନ ବଢ଼ିବ । ମୁଁତ ଆମିଷ ଖାଉନଥିଲି ଏଣୁ କଦବାକୋଚିତ୍ ମୋ ଭାଗରେ ଶୁକ୍ତ, ପୋସ୍ତକ ଚଡଚଡି ନତୁବା ପୋଇଶାଗ ରାଇ ଜୁଟେ ।

ଦୀପେନ୍‌ବାବୁ ନାଇଟ୍ ଗାଉନ୍ ପିନ୍ଧି ବେଳେବେଳେ ମୋ ରୁମ୍‌କୁ ପଶିଆସିବେ । ମୁଁ ଯଦି ଛବିରେ ବସିଥାଏ କହିବେ, ଦିନନାଥ ବାବୁ ଆପଣ ଯଦି କିଛି ମନେ ନ କରନ୍ତି ମୋ ସାଙ୍ଗରେ ଆସନ୍ତୁ କହି ନିଜରୁମ୍‌କୁ ବାଟ କଢ଼େଇ ନେବେ । ଚୌକୀରେ ବସେଇବେ, ବୋନ୍ ଚାଇନା ପ୍ଲେଟରେ ତାଙ୍କ ଘରୁ ଆସିଥିବା ରସଗୋଲା ଖୁଆଇବେ । ସିମିତିକା ମଲ୍ଲିଫୁଲିଆ ଧୋବ ଫରଫର ରସଗୋଲା ବ୍ରହ୍ମପୁରରେ ଆସିବ କୁଆଡୁ । କଲକତାରୁ ଆଣି ବାବୁଙ୍କ ଘରେ କିଏ ଭେଟି ଦେଇଥାଏ । ପୁଲିସ୍ ଅଫିସର ଘରତ, ରସଗୋଲା ଛାର କଥା ।

ଅଗତ୍ୟା ବେଳେବେଳେ ଦୀପେନ୍ ବୋଷ ରନ୍ଧାରେ ହାତ ଦେବାକୁ ବାଧ୍ୟହେବେ । ବଡ ଖର୍ଚ୍ଚି ମଣିଷ । ଏଣୁ ମାସର ପ୍ରଥମ ଦଶପନ୍ଦର ଦିନ ଭିତରେ ସାଙ୍ଗସୁଖରେ ପଇସା ଉଡିବ । ତାପରେ ଧୀରେ ଧୀରେ ଖରାଦିନିଆ ପାଣିଝର ଶୁଖିଲା ଭଳି ପଇସା ସରିଆସିବ । ତହୁଁ ସରିକି କିରୋସିନ ଷ୍ଟୋଭ ରେଡି ହେବ, ଡେକିଚି ଧୁଆମଜା ହେବ । ଦୀପେନ୍ ବାବୁ ନିଜେ ରାନ୍ଧିଲେ ଦୁଇଟି କାମଚଳା

Digitized by srujanika@gmail.com

ବ୍ୟଞ୍ଜନ ଭିତରେ ରୋଷେଇ ଶେଷ । ଡାଲି ଆଉ ଅଣ୍ଡା ସିଝା, ବିଭିନ୍ନ ଅବ୍ୟବସ୍ଥା ଭିତରେ ରନ୍ଧା କାର୍ଯ୍ୟଟି ବଢ଼ିବ । ଡାଲି ଷ୍ଟୋଭରେ ବସି ବିଜୁଳୁଥିବ । ଦୀପେନ ବାବୁ ନାଇଟ୍ ଗାଉନଟାକୁ ଦେହରେ ଘୋଡେଇ ହୋଇ ମୋ ରୁମ୍ ଭିତରକୁ ପଶିଆସିବେ । ଡାଲି ପରଜିବା ପାଇଁ ଶୁଖିଲା ଲଙ୍କାମରିଚ ଦରକାର । ବଡ ଭଦ୍ର ଭାବରେ, ଖୁବ୍ ବିନୟରେ କହିବେ ଇଂରାଜୀରେ, ତାର ଓଡ଼ିଆ ତର୍ଜମା ହେଲା ଦିନାନାଥ ବାବୁ, କ୍ଷମାକରିବେ କିଛି ମନେକରିବେନି, ଆପଣଙ୍କ ପାଖରେ 'ଡ୍ରାଇଚିଲି' ମାନେ ଶୁଖିଲା ଲଙ୍କାଟେ ଅଛିକି ? ମୋତେ ଦେଇ ପାରିବେ ? ସେ କଥାକହିଲା ବେଳେ ହାତରେ ମୁଦ୍ରା ମାଧ୍ୟମରେ ଲଙ୍କାଟି ଦେଖେଇ ଦେଉଥିବେ । ଆବଶ୍ୟକ ଲଙ୍କା ମରିଚ ଚିହ୍ନଟ କରିବା ପାଇଁ ଓଡ଼ିଶୀ ହସ୍ତମୁଦ୍ରା ପ୍ରଣୟନ ହୋଇନାହିଁ । ତଥାପି ବୁଢ଼ାଆଙ୍ଗୁଳିକୁ ଚାପିଧରି, ଅନ୍ୟ ତିନୋଟି ଆଙ୍ଗୁଠିକୁ ତାଙ୍କ ଅଭିସାରିକା ଚିତ୍ରର ଡେବିରି ହାତର ଆଙ୍ଗୁଳି ଭଳି ଈଷତ୍ ଖୋଲାକରି ସିଏ ମାଗିବେ । ଗୋଟିଏ ଲଙ୍କାମରିଚ ଉଧାର ନେବାପାଇଁ ଏତେ ଭଳି ଉପଚାରର ଆବଶ୍ୟକତା ନାହିଁ । ପୁଣି ଦୀପେନ୍ ବାବୁଙ୍କୁ ମନାକଲା ଭଳି ପିଲା କିଏବା ଅଛି । ଝରକା ପାଖରେ ଲଙ୍କା ବୋଲି ପାଟିକରିଦେଲେ ପାଞ୍ଚିଏ ଦକ୍ଷିଣୀ ଲଙ୍କା ମରିଚ ତାଙ୍କ ରୁମ୍‌ରେ ପହଞ୍ଚିଯିବ । ସେ ସମସ୍ତଙ୍କୁ ଏଭଳି ଲାଜକଥା କହିବେ ବା କିମିତି ଯେ ତାଙ୍କର ସାମାନ୍ୟ ଲଙ୍କାଟିଏ ଦରକାର । ତାଙ୍କ ବସାରୁ ବାହାରି ବାଁପଟକୁ ଆସିଲେ ମୋ ରୁମ୍ ଏଣୁ ସେଇଠି ପହଞ୍ଚିବାରେ ତାଙ୍କ ଆପତ୍ତି ନଥିଲା ଆଉ ମୁଁ ନିପଟ ମଫସଲରୁ ଆସିଥିବା ଗାଉଁଲି ଓ ଭଲପିଲାଟେ ବୋଲି ସେ ଧରିନେଇଥିଲେ ।

ଲଙ୍କାମରିଚଟି ପାଇଲାପରେ ଦୀପେନ୍ ବାବୁ ରୁମ୍‌ର କାନ୍ଥମାନଙ୍କ ଉପରେ ଆଖିବୁଲେଇ ଆଣିବେ । ନୂଆଛବି ଦୈବାତ୍ ଆଖିରେ ପଡ଼ିଲେ ସାମାନ୍ୟ ଚର୍ଚ୍ଚା କରିବେ । ସ୍କେଚ୍ ବହି ଦେଖିବାକୁ ମାଗିବେ, ସ୍କେଚ୍‌ର ପ୍ରଶଂସା କରିବେ । ସ୍କେଚ୍ କରିବାରେ ହେଳା ନ କରିବା ପାଇଁ ଉପଦେଶ ଦେବେ । ଏସବୁ ସରିଲାପରେ ଫେରିଯାଉଥିବେ । ପୁଣି ଲେଉଟି ପଡି କହିବେ । ଦିନନାଥ ବାବୁ ଆପଣ ବା ଆପଣଙ୍କ ସାଙ୍ଗମାନେ ବ୍ରହ୍ମପୁର ଯିବାକୁ ଥିଲେ ମୋତେ କହିବେ ମୁଁ ଟ୍ରେନ୍ ଟିକେଟ ବନ୍ଦୋବସ୍ତ କରିଦେବି । ମୁଁ ତାଙ୍କ କଥାକୁ ସମ୍ମାନ ଦେଇ ବ୍ରହ୍ମପୁର ଯିବାପାଇଁ କିଛିଦିନ ପରେ ଚାରି ପାଞ୍ଚଜଣ ସାଙ୍ଗ ଯୋଗାଡ଼ କରି ତାଙ୍କୁ ଯାଇ ଖବର ଦିଏ । ସିଏ ଦିନ ଧାର୍ଯ୍ୟ କରିଦିଅନ୍ତି । ନିଜେ ଡବରକରି ଡ୍ରେସ୍‌ଟିଏ ପିନ୍ଧନ୍ତି, ପେଣ୍ଟକୋଟ୍, ନେକ୍‌ଟାଇ୍ ମଡ଼େଇ ହୁଅନ୍ତି । ଲାଗନ୍ତି କୌଣସି କଲେଜର ପ୍ରଫେସର୍ ବା ଜିଲ୍ଲା

Digitized by srujanika@gmail.com

କଲେକ୍ଟର୍ । ଆମେ ଖଲିକୋଟରୁ ବସ୍‌ରେ ବାହାରି କେଶପୁର ପହଞ୍ଚୁ । କେଶପୁର ଖଲିକୋଟର ରେଲଷ୍ଟେସନ୍ । ସେ ଟିକେଟ୍ ଫିକେଟ୍ ନକରି ଆମକୁ ପ୍ରଥମ ଶ୍ରେଣୀ ଡବାରେ ଚଢ଼ିଯିବା ପାଇଁ କହନ୍ତି । ଆମର ସାହସ ନଥାଏ । ଛାତି ଧଡ ଧଡ ହେଉଥାଏ । ସେ କିନ୍ତୁ ଖୁବ୍ ଗମ୍ଭୀର ଭାବେ ପ୍ଲାଟଫର୍ମ ଉପରେ ଠିଆ ହୋଇ ଆମକୁ ନିର୍ଦ୍ଦେଶ ଦିଅନ୍ତି । ପ୍ରଥମଶ୍ରେଣୀ ଡବାର ଗଦି ସିଟ୍ ଉପରେ ବସିଲା ପରେ ଆମ ମନଭିତରେ ଭୟମିଶା ଆନନ୍ଦ ଦେଖାଦିଏ । ଟିଟିସି ହାତରେ ଧରା ପଡିଯିବାର ଭୟ ଆଉ ଜୀବନରେ ଏଭଳି ସୁଯୋଗ ଆସିଥିବାରୁ ଉଲ୍ଲାସ । ଏମିତି ସିଏ ଆମକୁ ଦି' ବର୍ଷଭିତରେ ପାଞ୍ଚଦଶଥର ବ୍ରହ୍ମପୁର ବାଟ କଢ଼େଇ ନେଇଥିବେ । ଥରେ ହେଲେ ଆମେ ଟିଟିସି ହାବୁଡରେ ପଡି ହରକତ ହେଇନୁ । ବ୍ରହ୍ମପୁରରେ ଓହ୍ଲେଇପଡି ପ୍ଲାଟଫର୍ମ ବେଞ୍ଚଉପରେ ଚୁପ୍‌ଚାପ୍ ବସିବା ପାଇଁ ଆମକୁ କହିବେ । ଯାତ୍ରୀଙ୍କ ପିଛାଧରିଲେ ତ ଗେଟ୍ ପାଖରେ ଧରାପଡିଯିବା ନିଶ୍ଚିତ । ଦୀପେନ୍ ବାବୁ ଷ୍ଟେସନମାଷ୍ଟର୍‌ଙ୍କ ଅଫିସରେ ପଶିଯାଇ ଗାଡିପଠେଇବା ପାଇଁ ଘରକୁ ଟେଲିଫୋନ୍ କରିଦେବେ । ଷ୍ଟେସନ୍‌ମାଷ୍ଟର୍ ସିଆଇଡି. ଡି.ଏସ୍.ପି. ଏମିତି କେତେକ ଶବ୍ଦ ଶୁଣିଲା ପରେ ଟିକିଏ ତ୍ରସ୍ତ ହୋଇଯିବ ଆଉ ଦୀପେନ ବାବୁଙ୍କ ପ୍ରତି ତା'ର ଖାତିର ବଢ଼ିଯିବ । ଷ୍ଟେସନ୍‌ମାଷ୍ଟର୍‌ଙ୍କ ଅଫିସରେ ଦୀପେନ୍ ବାବୁ ପଶିବା ଆମ ଆଖିରେ ବି ପଡିଥିବ । ତାଙ୍କପ୍ରତି ଆମମାନଙ୍କର ସଂଭ୍ରମ ଦ୍ୱିଗୁଣିତ ହେଇସାରିଥିବ । ଦଶ ପନ୍ଦରମିନିଟ୍ ପରେ ନାଲିବତୀ ଲଗେଇ କଳାରଙ୍ଗର ପୁଲିସ ଗାଡି ଷ୍ଟେସନ୍ ପାଖରେ ପହଞ୍ଚିବ ଓ ଏକ ସ୍ୱତନ୍ତ୍ର ରାସ୍ତାଦେଇ ଗାଡିଟିକୁ ପ୍ଲାଟଫର୍ମ ଭିତରକୁ ଆସିବା ପାଇଁ ଅନୁମତି ମିଳିଯିବ । ଗାଡି ପହଞ୍ଚି ଗଲେ ଦୀପେନ ବାବୁଙ୍କ ଛାତି କୁଣ୍ଢେମୋଟ ହୋଇଯିବ । ଏବେ ଷ୍ଟେସନମାଷ୍ଟର୍ ଖୋଦ୍ ବାଟେଇ ଦେବାପାଇଁ ତାଙ୍କ ଗାଡି ପର୍ଯ୍ୟନ୍ତ ଆସିବେ । ଦୀପେନ ବାବୁ ତାଙ୍କ ସାଙ୍ଗରେ କରମର୍ଦ୍ଦନ କରି ଗାଡିଭିତରେ ବସୁବସୁ ଷ୍ଟେସନମାଷ୍ଟର୍ ମହାଶୟଙ୍କୁ ଥାଙ୍କ୍ ୟୁ ଥାଙ୍କ୍ ୟୁ କହିବେ । ସିଏତ ଟ୍ରେନଭିତରେ ଆମମାନଙ୍କ ପାଖରୁ ତୃତୀୟ ଶ୍ରେଣୀ ଭଡା ଆଦାୟ କରିସାରିଥିବେ । ପୁଲିସ୍ ଠାଉକା ଚୋରଦଳଙ୍କୁ ଗାଡିରେ ନେଇ ଖଣ୍ଡେ ଦୂରରେ ଛାଡିଲା ଭଳି ଦୀପେନ୍ ବାବୁ ଆମକୁ ଷ୍ଟେସନ ପାରକରିଦେଇ ତାଙ୍କ ସରକାରୀ କ୍ୱାର୍ଟରର୍ସରେ ପହଞ୍ଚିବା ଆଗରୁ ଆମକୁ ଓହ୍ଲେଇ ଦେବେ ।

ଏସବୁ ପ୍ରସଙ୍ଗ ଏବେ କୌଣସି ଗୋଟିଏ ହିନ୍ଦୀ ସିନେମାର ଷ୍ଟୋରି ଲାଇନ୍ ଭଳି ଲାଗିବ । ହାଏ... ହାଏ....

Digitized by srujanika@gmail.com

କରଣସାହିର ମାଉସୀମେସ୍

ଖଲିକୋଟ ଆର୍ଟ ସ୍କୁଲରେ ମେସ୍‌ର କିଛିଗୋଟିଏ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିବାରୁ ପିଲାଏ ସବୁସମୟରେ ସବୁପ୍ରକାର ସମ୍ଭାବନା ଖୋଜୁଥିଲେ ଓ କୁଟା ଖଣ୍ଡିଏ ପାଇଲେ ମଧ୍ୟ ଆଶ୍ରାକରୁଥିଲେ । ମୁଁ ନୂଆହୋଇ ପ୍ରଥମ ବାର୍ଷିକ ଛାତ୍ରଭାବେ ଖଲିକୋଟରେ ପହଞ୍ଚିଲାପରେ ବଡ଼ଦାଣ୍ଡରେ ଘରଟିଏ ଭଡ଼ାନେଇ ରହିଲି । ମୋ ସାଙ୍ଗରେ ଆମ ଗାଁର ଗୋପାଳ କୃଷ୍ଣ ନନ୍ଦ, ଚିକିଟିଗଡ଼ର ହାତକଟାତେଲ ବିକୁଥିବା ରାଧାଶ୍ୟାମ ମହାନ୍ତି, ଏବଂ ଆନ୍ଧ୍ରପ୍ରଦେଶ ଆନକାପଲ୍ଲୀର ଗୁଲୁଗୁଣ୍ଡା ଭେଙ୍କଟ ରାଓ ଭୂପତି ଦେବ । ଘରଟି ଦି' ସାଉଡି, ମଝିରେ ଫର୍ଚ୍ଚା ଅଗଣା । ପ୍ରଥମ ସାଉଡ଼ିର ଦି'ଟା ବଖରାରେ ଆମେ ବାଣ୍ଟିହୋଇ ରହୁଥିଲୁ । ମୁଁ ଆଉ ଗୋପାଳ ଗୋଟିଏ ରୁମ୍‌ରେ, ସେ ଦି'ଜଣ ସାଙ୍ଗ ହୋଇ ତା' ପଡ଼ିଶା ବଖରାରେ । ରାଧାକାନ୍ତ ମହାନ୍ତି ଏକୁଟିଆ ହୋଟେଲରେ ତା'ଖାଇବା ବ୍ୟବସ୍ଥା କରିଥାଏ । ତା'ର ସହସ୍ରବାର କଟାହୋଇ ଥିବା ଓ ହାତକଟା ତେଲର ମହିମାରେ ପୁଣି ଯୋଡ଼ି ହୋଇଯାଇଥିବା ହାତଟି ଦେଖା

Digitized by srujanika@gmail.com

କହିଲେ ରାଧାକାନ୍ତ ବିରକ୍ତ ହୁଏ । ଭୂପତି ତ ତେଲୁଗୁ ପିଲା ସାମ୍ବାରୁ ରସମ୍, ଚଟଣି ଗିଟିଣି କରି ନିଜେ ଚଳେଇନିଏ । ଆମେ ଦୁଇ ଦିଗପହଣ୍ଡିଆ ବଡ଼ ଧାନ ସିଝା ହାଣ୍ଡିରେ ଖାଲି ଉଷୁନା ଚାଉଳ ରାନ୍ଧୁ । ଗୋପାଳ ମତେ ଡ଼ରେଇ ଦେଇଥାଏ । ଭଲ ପାଠ ତୁଣ କରିଖାଇଲେ, ଭଲ ଲୁଗାପଟା ପିନ୍ଧିଲେ ଷ୍ଟାଇପେଣ୍ଡ୍ ମିଳିବନି । ଘରୁ ପଇସା ଆଣି ଖଲିକୋଟରେ ଆଡ୍ଡାକରିବା ପାଇଁ ଆମ ସମ୍ବଳ ନଥାଏ । ଆମେ ସକାଳୁ ଓପରଓଳି ରାତି ତିନିଥର ଯାକ ବିଶୁଦ୍ଧ ଉଷୁନାଭାତ ଓ ଚହ୍ଲା ହିଁ ଖାଉଥିଲୁ । ଚହ୍ଲା ସାଙ୍ଗରେ ଲୁଣ, ଲଙ୍କା ମିଶେଇବାରେ ବାଧା ନଥିଲା । ରବିବାର ହେଲେ ଗୋପାଳ ଗୋଟିଏ ତରକାରି ପାଇଁ ଅନୁମତି ଦେଉଥିଲା । ଯିମିତି କଲେଜ ମେସ୍ ମାନଙ୍କରେ ୱାଡ଼ନ୍ ମାଂସ ତରକାରି ଏକସ୍ଟ୍ରା ମିଳିବାର ଘୋଷଣା କରିଦେଲେ ପିଲାଏ ଉତ୍‌ଫୁଲ୍ଲ ହେଇଯାଆନ୍ତି ମୁଁ ସିମିତି ଖୁସିଟେ ହେଇଯାଏ । ଗୋପାଳର ତରକାରି ବୋଇଲେ ବତୁରା ସାରବଟଣା, କଞ୍ଚା ବୋଇତାଳୁ କିମ୍ବା ସାରୁରେ ଚଣା-ଚୁନା ମଣ୍ଡଦେଇ ଘାଣ୍ଟ । ଏଠି ପନିପରିବା ଅପେକ୍ଷାକୃତ ଶସ୍ତା ଓ ମଜ୍ଜାବାଲା । ଆର୍ଟ ପାଠପଢ଼ା ଦିନବେଳେ ହିଁ ଶେଷ । ନା ଥିଓରି ନା କଳାଇତିହାସ ଯେ ରାତିରେ ଲଣ୍ଠନ ଲୋଡ଼ାହେବ । ଜହ୍ନପକ୍ଷରାତି ହେଇଥିଲେ ଅଗଣାରେ ହିଁ ଆମଦୁହିଁଙ୍କର ରାତ୍ରି ମଣୋହି ବଢ଼ିଯାଏ । ନହେଲେ ଦାଣ୍ଡପିଣ୍ଡାରେ ଷ୍ଟ୍ରିଟ୍‌ଲାଇଟରୁ ବିଚ୍ଛୁରିତ ହେଉଥିବା ଆଲୋକରେ ଆମେ ସାଂଧ୍ୟ ଭୋଜନ କାର୍ଯ୍ୟ ଚଳେଇନେଉ । ଗୋପାଳ ମତେ ତାଗିଦା ଦେଇଥାଏ ଆମେ ମେସ୍‌ରେ ଯାହାଖାଇଲେ ବି ବାହାରକୁ ତିନି ତିଅଣର ମୁଁ ତାଲିକା ଦେବି । ଆମ ଭଡ଼ାଘରର ଡ଼େବିରି କାନି କୁମୁଟିଘର, ଖାଇଲା ହାତି ଆଚାର୍ଯ୍ୟ ମାଷ୍ଟ୍ରେ ରହୁଥିଲେ । ଆଉ ଦି' ଚାରି ସାଉଡ଼ି ଡ଼େଇଁଲେ ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଘର ପଡୁଥିଲା । ବାଇକୋଳି ଦିଗଜ ପଣ୍ଡିତ । ସବୁ ଭୂତଭବିଷ୍ୟ କଥା ହାତ ପାପୁଲିକୁ ଚାହିଁ ସେ ଜାଣିଯାଉଥିଲେ । କଣ ହିସାବ ଓଲମ ବିଲମ ହେଲା କେଜାଣି ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ନିକଟତମ ପ୍ରତିଦ୍ୱନ୍ଦୀଙ୍କ ଠାରୁ ଶୋଚନୀୟ ଭାବେ ପରାସ୍ତ ହେଲେ ।

ଦିନେ ସଂଜରେ ଆମେ ସାଂଧ୍ୟ ଭୋଜନ ସାରି ଦାଣ୍ଡପିଣ୍ଡାରେ ଗଡ଼ପଡ଼ ହେଉଛୁ । ମାର୍ଚ୍ଚ ଏପ୍ରିଲ ମାସ । ଗୋପାଳ ପଡ଼ିଶା କୁମୁଟିଘର ବୁଢ଼ା ସାଙ୍ଗରେ ଦୁଃଖ ସୁଖ ହେଉଥାଏ । କୁମୁଟି ଘରେ ବୋଧହୁଏ ତା ନାତିଟୋକାଟି ରାହା ଧରି କାନ୍ଦୁଥାଏ । ଗୋପାଳ ଫୁଟାଣି ମାରି ଦରଦ ଦେଖେଇବା ପାଇଁ ପିଲା କାହିଁକି

Digitized by srujanika@gmail.com

କାନ୍ଦୁଛି ବୋଲି ପଚାରିଦେଲା ? ଉତ୍ତର ଯାହା ମିଳିଲା ସେଥିରେ ଆମେ ଓ ଆମର ଗୁମର ଧରାପଡ଼ିଯିବାର ଭୟ ରହିଥିଲା । ଭୋକରେ ରହିମଧ ମିଛରେ ପୁଞ୍ଜେ ଦି'ପୁଞ୍ଜା ଏଉଡ଼ି ମାରିବା ଗଡ଼ିଆ ଲୋକ । ଆମ ମେସ୍‌ରେ କାନ୍ଦୁଲଡ଼ାଲି ସାଙ୍ଗରେ ବଡିଘାଣ୍ଟ ଓ ବାଇଗଣ ଭଜା ହେଇଥିଲା ବୋଲି ଗୋପାଳ ମିଛେମିଛେ ଘୋଷଣା କରିଦେଇଥିଲା । ଗୋପାଳ ତୁଣ୍ଡରୁ ତା ଅଲକ୍ଷ୍ୟରେ କଥା ଖସି ଯାଇଥିଲା ଯେ ଆମେ ଖାଇସାରିଲା ପରେ ବି କାନ୍ଦୁଲଡ଼ାଲି ଯଥେଷ୍ଟ ବଳିଛି । କୁମୁଟିଘର ବୁଢ଼ା ଏତକ ଶୁଣିସାରି ନାତିପାଇଁ ଡ଼ାଲିଟିକିଏ ମାଗିଲା । କୁମୁଟି ବୁଢ଼ା ସାଙ୍ଗରେ ଗୋପାଳର ଦୁଃଖସୁଖ ମୁଁ ମନକାନ ଦେଇ ଶୁଣୁଥାଏ । କୁମୁଟିର ଡ଼ାଲିମଗାରେ ମୋର ଫାଙ୍କାସି ଉଡ଼ିଗଲା । ଗୋପାଳ ଏବେ ମୋଆଡ଼େ ଚାହିଁ ଅନୁରୋଧ ଭଙ୍ଗୀରେ କହିଲା, ''ଦିନ୍ନାଥ ! ଯା' ଡ଼ାଲିଟା ଗରମକରେ ମୁଁ ଆସୁଚି ।'' ଏତକ ବାକ୍ୟବିନିମୟ ପରେ ଆଗପଛହେଇ ଆମେ ଦିହେଁ ଡ଼ାଲି ନାଁ ଧରି ଘରେ ପଶିଲୁ । କାଳବିଳମ୍ବ ନକରି ପଛପଟ ଅଗଣା କାନ୍ଥଡେଇଁ ପାଖ ଦୋକାନରୁ ଡ଼ାଲି ପାଏ ଆଉ ଆପଡ଼ାଲୁ ଖାର ଅଣାକର ଆଣିବା ପାଇଁ ଗୋପାଳ ମୋତେ କହିଦେଇ ସିଏ ଅଙ୍ଗାର ଚୁଲି ଧରେଇଲା । ମୁଁ ଯେମିତି ଶୂନ୍ୟେ ଶୂନ୍ୟେ ଯାଇ ଡାଲି ନେଇ ଲେଉଟିଲି ଗୋପାଳ ସେମିତି ପାଞ୍ଚମିନିଟରେ ଡାଲି ଚୁଲିରୁ ଉହ୍ଲେଇ ଦେଲା । କୋ ହକିନ୍‌ସ ବା ପ୍ରେଷ୍ଟିକ୍ ଗୋପାଳ ବୁଦ୍ଧିକୁ ସରିହେବାର ନୁହେଁ । ସେବେ ପ୍ରେସର୍ କୁକର୍ ଉଦ୍‌ଭାବନ ହେଇନଥିଲା । ଆପଡ଼ାଲୁଖାରର ପରିମାଣ ସାମାନ୍ୟ ବଢ଼େଇଦେବାରୁ ଡାଲି ମୁହୂର୍ତ୍ତକରେ ପିଗିଳିଗଲା । ସିଏ ଚଟାପଟ୍ ଶୁଖିଲାମରିଚ, ଜିରା ପକେଇ ପରଚି ଦେଲା । ଆଉ ସଁ ସଁ ହାଉ ବାହାରୁଥିବା ଅବସ୍ଥାରେ ପିଞ୍ଚାରେ ପିଞ୍ଚେ ଡାଲି ଆଣି କୁମୁଟିଘର ପିଣ୍ଡାରେ ଥୋଇ ଦେଲା । କହିଲା ଡାଲି ଗରମ ନ ଖାଇଲେ ସୋରତା ନାହିଁ । କୁମୁଟି ପାଖରେ ଆମ ପତିଆରା ସମ୍ଭାଳା ହେଇଗଲା, ଆଉ ତା ନାତିର ଭାତଗୁଣ୍ଡା ବି ତଣ୍ଟିରେ ବେଶ୍ ଗଳିଲା ।

ଏମିତି ଅଣଦୋସରା ଖାଦ୍ୟ ଖାଇ ମଧ ମୋ ସ୍ୱାସ୍ଥ୍ୟର ଯଥେଷ୍ଟ ଉନ୍ନତି ହେଇଥିଲା, ମୁଁ ଦଶହରା ଛୁଟିରେ ଖଲିକୋଟରୁ ଗାଁକୁ ଫେରିଲା ପରେ ମୋ ଚେହେରାରେ ଚହ୍ଲାପାଣିର ଶୁଭ୍ର ଚମକ ଦେଖି ସାଙ୍ଗମାନେ ତାରିଫ୍ କଲେ । ପଚାରିଲେ ତୁ ଏମିତି କଲେଜ ମେସ୍‌ରେ କଣ ଖାଉଛୁ ଯେ ତୋ ଗାଲ ଆଉ ଗର୍ଦ୍ଦନ ରୋଟ ହେଲାଣି । ବୋଧହୁଏ ତମ ମେସ୍‌ରେ ସକାଳୁ, ଓପର ଓଳି ଖାଲି ଚିକେନ୍ । ସେଇଥିରୁ ମୋ ଧାରଣା ହେଲା ବିଜ୍ଞାନ ବହିର ଭିଟାମିନ୍ ଓ ବାସ୍ତବ ଖାଦ୍ୟ ସହିତ

Digitized by srujanika@gmail.com

କିଛି ସଂପର୍କ ନାହିଁ ବରଂ ମନର ଖାଦ୍ୟ ସହିତ ବନ୍ଧନ ନିବିଡ଼ । ଖଲିକୋଟର ଚିତ୍ରକଳା ବିଦ୍ୟାଳୟ ଓ ମେସ୍‌ର ସଂପର୍କ ଅତି ବିଚିତ୍ର । ମୋ ଖଲିକୋଟ ରହଣି ଭିତରେ ମୁଁ ପନ୍ଦର ଷୋହଳ ମେସ୍ ବଦଳେଇ ଥିବି । ଖଲିକୋଟରେ ପଢ଼ିଲାବେଳେ ମୁଁ ମାତ୍ରାଧିକ ଖାଦ୍ୟ ଖାଉଥିଲି ଏଣୁ କୌଣସି ମେସ୍‌ରେ ଅଧିକ ଦିନ ତିଷ୍ଠି ପାରୁନଥିଲି । ତେଣୁ ବାରମ୍ବାର ମୋତେ ମେସ୍ ବଦଳାଇବାକୁ ପଡୁଥିଲା । ଏଇ ଆମର ପ୍ରଥମ ଚାରିଜଣିଆ ମେସ୍‌ରେ ବି ଶେଷରେ ମୋ ଖାଇବାର ପରିମାଣ ଦେଇ କନ୍ଦଳ ଆରମ୍ଭ ହେଲା । ଗୋପାଳଙ୍କୁ ଷ୍ଟାଇପେଣ୍ଡ୍ ନ ମିଳିବାରୁ ସିଏ ପାଠ ଛାଡ଼ି ଦିଗପହଣ୍ଡି ପଳେଇଗଲା । ତା ଜାଗାରେ ତାରିଣୀ ତ୍ରିପାଠୀ ଆଉ ପିଲାଟିଏ ଜୁଟେଇଦେଲେ । ସିଏ ଚିତ୍ରକର ନୁହେଁ, ଆମ ସାଙ୍ଗରେ ତିଷ୍ଠି ପାରିଲାନି । ଚାରିଜଣିଆ ମେସ୍ ତିନିଜଣିଆ ହେଇଗଲା । ଭୂପତି ରାଓ ମୋ ଖାଇବା ପରିମାଣ ଉପରେ ଅଙ୍କୁଶ ଲଗେଇଲା । ଏବେ ଭାତ ଡ଼ାଲି ତରକାରି ଗିନା ମାପ ହେଲା । ଆଉ ମୁଠାଏ ଭାତ, ଟିକିଏ ଡ଼ାଲି, ଟିକିଏ ତରକାରି ନୁହେଁ । ଗିନାଏ ନ ହେଲେ ଦି ଗିନା ଭାତ, ଗିନେ ଡ଼ାଲି ଏମିତି ହିସାବ ଚାଲିଲା । ଏଭଳି ବ୍ୟବସ୍ଥାରେ ବଡ଼ ଆଧାର ଥିବା ଲୋକର ଅଡୁଆ ବେଶୀ । ମୋର ତାହାହିଁ ହେଲା ।

ଖଲିକୋଟର ବିଭିନ୍ନ ମେସ୍‌ମାନଙ୍କ ଭିତରେ ମାଉସୀମେସ୍ କଥା ଏକ ସ୍ମରଣୀୟ ଘଟଣାଭଳି ଏବେ ମନେ ପଡୁଛି । କରଣ ସାହିରେ ଟ୍ରେନଡ଼ିବା ଭଳି ପଛକୁ ପଛ ବଖରା ଥାଇ ମାଉସୀର ଖଞ୍ଜାଘର । ଗଂଜାମଆଡ଼େ ଅଧିକାଂଶ ଘର ଏମିତି ଲମ୍ବା । ଦାଣ୍ଡ କବାଟରେ ଖଡ୍ ଖଡ୍ କରି କିଏ ଡ଼ାକିଲେ ଏକବାରେ ବାଡ଼ିଘରେ ଥାଇ ନାକସଳିଖା ଝରକାମାନ ଦେଇ 'ତାଙ୍କେ ନାହାନ୍ତି' ବୋଲି କହିଦେଇ ହେବ । ଏଭଳି ଘରର ସୁବିଧା ଏତିକି । ମାଉସୀ ବିଧବା ବ୍ରାହ୍ମଣୀଟିଏ । ନିଶ୍ଚିତ ଭାବେ ନିଃସନ୍ତାନ । ତାକୁ ଅକାଳରେ ବୈଧବ୍ୟ ଘାରିଦେଇଥିଲା । ଆମେ ଦେଖିଲାବେଳକୁ ତା' ବୟସ ଉଭର ଚାଳିଶିପଚାଶ ମୁହାଁଉଥିଲା । ମାଉସୀର ଦେହ ଆମ୍ବୁଆ ଦେହ । ଆହୁରି ପୂରାଭାଙ୍ଗି ନଥାଏ । ଦେହ ଗୋରା, ଓଠ ନାଲିଚିଆ, ଦାନ୍ତ ସଫା ଧଳା । ଆଖିତଳେ କିନ୍ତୁ କଳାଦାଗରୁ ପରସ୍ତେ । ସମସ୍ତଙ୍କର ସିଏ ମାଉସୀ । ମାଉସୀର କ'ଣ ହେଇଥାଏ କେଜାଣି ତା ମୁଣ୍ଡ ସବୁବେଳେ ଥରୁ ଥାଏ । ଥରାରୋଗ ବୋଧହୁଏ । ସବୁବେଳେ ମୁଣ୍ଡରେ ଓଢ଼ଣା ଦେଇଥିବ, ମୋଟା କସ୍ତାଲୁଗାଟିଏ ଦେହରେ ଗୁଡ଼େଇଥିବ । ସେ କାଳରେ ଏ ବୟସରେ ପୁଣି ବିଧବା ବ୍ରାହ୍ମଣୀଟିଏ କୁଞ୍ଚ ପିନ୍ଧିବା ସମ୍ଭବ ନୁହେଁ । ଏବୁକୁ ସବୁ ବଦଳି ଯାଉଛି । ନା ସାୟା ନା ବ୍ଲାଉଜ୍ । ଆମର ମା ମାଉସୀମାନେ ଏମିତିହିଁ

Digitized by srujanika@gmail.com

ପିନ୍ଧୁଥିଲେ । ତାଙ୍କ ଆଡ଼କୁ ବଦନଜର କରିବା ଲୋକ ନଥାନ୍ତି । ଆର୍ଟସ୍କୁଲରେ ଚିତ୍ରାଙ୍କିପାଠ ପଢୁଥିବା ପିଲେ ଟିକିଏ ଚଗଲା, ଦେହକୁ ମୁଣ୍ଡକୁ ଦେଖିବା ସେମାନଙ୍କ ଅଭ୍ୟାସ ।

ମାଉସୀ ମେସ୍‌ରେ ଆମେ ଆଠ ନଅ ଜଣ ଖାଉଥାଉ । ଆର୍ଟସ୍କୁଲରୁ ବୋଧହୁଏ ଆମେ ତିନିଜଣ ରାଧାଚରଣ, ବଳରାମପଣ୍ଡା ଆଉ ମୁଁ । ମାଉସୀର ହାତରନ୍ଧା ବେଶ ସୁସ୍ୱାଦୁ । ସୋରିଷ ଦେଇ ମାଛ ବେସର କରେ । ବଡ଼ି ମୁନିଗା ଆଳୁ, ଟମାଟ ପକେଇ ଝୋଳଝୋଳିଆ ତରକାରି କରେ । ଚମତ୍କାର ସଂସାର ଯାକର ଶାଗ ଖରଡ଼େ । ସିଏ କିମିତି ବାଗରେ ରାନ୍ଧେ କେଜାଣି ତା' ହାତରେ ମୁଗପଇତି ରଣଭଣ ବାସେ । ସେ ବେଳେ ବେଳେ ଚଣାଚୁନା ଗୋଳେଇ ବୋଇତାଳୁ ଫୁଲ ଭାଜେ ଆଉ ମସଲାଦେଇ ବଡ଼ି କଙ୍କଡ଼ା ମିଶେଇ ଝୋଳ କରେ, ଇଟଲଗା ଚିଲିକା କଙ୍କଡ଼ା । ବାଘୁଆ ଚିଙ୍ଗୁଡି ଭିତରେ ପୁର ଦେଇ ପତ୍ରପୋଡ଼ା କରେ । ମାଉସୀର ଆମ୍ବୁଲ ଖଟେଇଟି ଭଇ । ଆଙ୍ଗୁଠି ଚାଟି ଭାତ ଖାଇହେବ ।

ଆମେ ବି' ଓଳି ମାଉସୀ ମେସ୍‌ରେ ବୋଧହୁଏ ବି' ଚାରିମାସ ଖାଇଥିବୁ । ସକାଳ ଖାଇବା ଗୋଟେ, ସାଢ଼େ ଗୋଟେ ବେଳେ ଆଉ ରାତିବେଳାକ ନ' ସାଢ଼େ ନଅ । ରାତିବେଳା ଖାଇବା ବେଶ୍‌ମଜା ହୁଏ । ମାଉସୀ ଚାହିଁବ ଆମେ ଶୀଘ୍ର ଶୀଘ୍ର ଖାଇ ଦେଇ ତା ଘରୁ ଗୋଡ଼ କାଢ଼ି ଉଆସକୁ ଫେରି ଯାଉ । ମାଉସୀ ମେସରେ ଜଣେ ବୟସ୍କ ଲୋକ ବି ଖାଉଥାନ୍ତି । ସିଏ ଖଲିକୋଟର ସଂଗୀତ ମାଷ୍ଟ୍ର । ବିଭିନ୍ନ ଘରେ 'ଝିଅପିଲାଙ୍କୁ' ଟିଉସନ କରିସାରି ମାଉସୀ ମେସ୍‌କୁ ଫେରିଲାବେଳକୁ ରାତି ସାଢ଼େ ନଅ' ଦଶ । ମାଷ୍ଟ୍ରେ ହେଉଛନ୍ତି କଣ୍ଟ ସଂଗୀତଜ୍ଞ, ଗୀତ ଶିଖାନ୍ତି । ନାଟ, ଥେଟରରେ ହାରମୋନିୟମ ବଜାନ୍ତି । ତାଙ୍କ ଗାଇଠାକରା ପଡ଼ିଯାଇଥାଏ, ବୟସ ସେବେଳକୁ ଷାଠିଏ ପାଖାପାଖି, ପୋଷାକ ଧୋତି, ହାଫ୍ ସାର୍ଟ । ପାନଖାଇ ପାଟି ରଙ୍ଗେଇଥାନ୍ତି । ଟିକିଏ ରଙ୍ଗିଲାରଙ୍ଗିଲା ଲାଗୁଥାନ୍ତି । ମାଷ୍ଟ୍ରେ ଖାଇବାକୁ ଆସିଲେ ମାଉସୀ ଆମ ସାଙ୍ଗରେ ତାଙ୍କୁ ଖାଇବାକୁ ବସେଇବନି । ଆମେ ଜାଣିଶୁଣି ମାଷ୍ଟ୍ରେଙ୍କୁ ଡ଼ାକୁ, ମାଷ୍ଟ୍ରେ ଆଜ୍ଞା ! ଆସିବା ହେଉ ଏକାଠି ବସିଯିବା । ମାଷ୍ଟ୍ରେ ଆମ ପାଖରେ ମିଛଟାରେ ବସିଲା ବସିଲା ହେବେ । ମାଉସୀ ଚୁଲିମୁଣ୍ଡରେ ଥାଇ ପାଟି କରିବ । ତମେ ପିଲାଯାକ ଖାଇସାରି ଯାଅ ତା'ପରେ ମାଷ୍ଟ୍ରେ ବସିବେ । ଆମେ କିଛି ନ ଜାଣିଲା ପରି ଅଭିନୟ କରୁଥିବୁ କିନ୍ତୁ ସବୁକଥାକୁ ଲକ୍ଷ୍ୟରଖିଥିବୁ । ଆମେ ଖାଇ ବସିଥିବୁ ମାଷ୍ଟ୍ରେ ଅଗତ୍ୟା ପଶିଆସିଲେ ମାଉସୀ ଗୋଡ଼ଧୋଇବା ପାଇଁ ଅଗଣାରେ

Digitized by srujanika@gmail.com

ପାଣି ଢ଼ାଳେ ଥୋଇ ଦେବ । ମାଷ୍ଟ୍ରେଙ୍କୁ ରନ୍ଧାଘର ଚୁଲିମୁଣ୍ଡପାଖରେ ବସେଇ ବିଭିନ୍ନ ବ୍ୟଞ୍ଜନ ବାଢ଼ିଦେବ, ସାଙ୍ଗେ ସାଙ୍ଗେ କଡ଼େଇ ବସେଇ ଏଣୁ ତେଣୁ କ'ଣ ଦିଟା.ଖରଡ଼ି ଦେବ ।

ଆମେ ଜାଣୁଥିବୁ ମାଉସୀ ମାଷ୍ଟ୍ରେଙ୍କୁ ଗୋଟେ ଦି'ଟା ତରକାରି ଅଧିକା ଦେଇଛି । ଆମେ ଯେତେକରି ଦୋହଡ଼ା ମାଗିଲେ ବି ସିଏ ଶୁଣି ନଶୁଣି ରହିବ । ଆମେ ବେଶି ଉଚ୍ଛନ୍ନ କଲେ ମାଉସୀ ମନକାଣ୍ଡିଆ କରି ମୁଣ୍ଡକୁ ଥରେଇ ଥରେଇ ଆସିବ । ଚାମୁଚେ ଦି ଚାମୁଚ ଝୋଳ ଭାତ ଉପରେ ଭୁରେଇ ଦେବ ନହେଲେ ଫଳରୁ ଖଣ୍ଡେ ଦି ଖଣ୍ଡ ପକେଇ ଦେଇ ମାଷ୍ଟ୍ରେଙ୍କ ପାଖରେ ହାଜର ହେଇଯିବ । ମାଷ୍ଟ୍ରେଙ୍କ ପାଇଁ ସିଏ ସବୁବେଳେ କ'ଣ ଗୋଟାଏ ଅଧିକା କରିବ ହିଁ କରିବ ।

ଆମେ ପଚାରିଲେ କହିବ ବୟସାଧିକ ଏକୁଟିଆ ଲୋକ । ଗୀତ ବୋଲି ବୋଲି ତୁଣ୍ଡକୁ ଅରୁଚି ଧରୁଚିତ ଏଣୁତେଣୁ କ'ଣ ଟିକିଏ କରିଦେଉଛି । ମାଷ୍ଟ୍ରେଙ୍କ ଆଧାର ବା କେତେ । ଘରଚଟିଆ ଭଳିଆ ଫୁକୁରୁ ଫୁକୁରୁ କ'ଣ ଦିଟା ଖାଉଛନ୍ତି । ତମେ ପିଲାଏ ସେଥିରୁ କ'ଣ ପାଇବ । ଖାଇଲ ତ ଯାଅ । ସତରେ ଆମେ ସେଇ ଘଡ଼ିକ ମାଉସୀ ଘରେ ହିଁ ମାଷ୍ଟ୍ରେଙ୍କ କଥା ବିଚାରୁ ନ ହେଲେ ଦେହକୁ ନେବାପାଇଁ ସିମିତି କିଛି ନଥାଏ ।

ଥରେ ଥରେ ମାଷ୍ଟ୍ରେଙ୍କ ପ୍ରତି ମାଉସୀର ଅଯାଚିତ ବ୍ୟବହାରରେ ରିଶା ଲାଗିଲେ ବାକିଖାତାରେ ଆମ ହିସାବ ନ ଲେଖି ମାଉସୀକୁ ଫାଙ୍କି ଦେଇ ଉଆସ ଫେରିଆସୁ । ମନେ ମନେ ଭାବୁ ଶାଳୀ ବୁଢ଼ୀକି ଏମିତି ଠିକ୍ ଅଛି । ମାଷ୍ଟ୍ରେଙ୍କ ପାଇଁ ପ୍ରେମ ଉତୁରି ପଡୁଛି । କ'ଣ ନା ମାଛ ମାଗିଲାବେଳକୁ ଆମକୁ ଲାଞ୍ଜ ଆଉ ଶଳା ମାଷ୍ଟ୍ର ଖାଉଚି ପେଟ ଆଉ ମଞ୍ଜି ।

ଆମେ ବୁଝିପାରୁ ନଥିଲୁ ପ୍ରେମ ସ୍ନେହ କିମିତି ହାତରନ୍ଧା ତିଅଣ ଭିତରେ ସଂଚରିଯାଏ, କିମିତି ଅବେଳରେ ପ୍ରେମ ପୁଲକିତ ହୁଏ । ପ୍ରେମ ପାଇଁ ବେଳ ଅବେଳ, ବୟସ ବା ବସନ୍ତ କ'ଣ ?

ମାଉସୀର ଆପଣାର ବୋଲି କିଏ ନଥିଲା, ମାଷ୍ଟ୍ରେ ବୋଧହୁଏ ଏକାକୀ ଥିଲେ । ଏଣୁ ଦୁଇଟି କକ୍ଷଚ୍ୟୁତ ତାରକା ପରସ୍ପରକୁ ଆକର୍ଷିତ କଲେ, ସେମାନେ ପରସ୍ପର ସଂପର୍କିତ ହେଇ ପୃଥିବୀର କେଉଁ ଗୋଟିଏ ଆଦିମ ଇଲାକାରେ ଓହ୍ଲାଉ

Digitized by srujanika@gmail.com

ଥିଲେ । ମାଷ୍ଟ୍ରେ ବୋଧହୁଏ ରାତ୍ରିଭୋଜନ ସରସିଆ କରି ବଢ଼େଇ ସାରିଲା ପରେ ମାଉସୀଘରେ ହିଁ ରାତିଟି ବିତେଇ ଦେଉଥିଲେ ।

ମାଷ୍ଟ୍ରେ ଅନୁଭବୀ ଲୋକ । ସିଏ ଠଉରେଇ ଦେଉଥିଲେ ଆମର ମନୋଭାବ । ଯେଉଁ ରାତିରେ ଭଲ ତୁଣ ତରକାରି ହେଇଥାଏ ଆଉ ମାଉସୀ ପରିବେଷଣରେ ପାତରଅନ୍ତର କରିଥାଏ ସିଏ ଭାବିନେଉଥାନ୍ତି ଯେ ଟୋକାଦଳଙ୍କ ନିଶ୍ଚୟ କିଛି ବଦମାସି କରିବେ । ଏଣୁ ଆମେ ମାଉସୀର ହିସାବଖାତାରେ ମିଛିମିଛିକା ଆମ ଖାଇବା ଟିପି ଦେବାର ଅଭିନୟ କରି ଫେରିଆସିଲା ପରେ ମାଷ୍ଟ୍ରେ ତାଙ୍କ ଅଲଗା ପୃଷ୍ଠାରେ ମେସ୍‌ରେ ଆମ ଉପସ୍ଥିତି ଓ ଖାଇବାର ହିସାବ ସଠିକ ଲିପିବଦ୍ଧ କରି ରଖୁଥିଲେ । ମାସଶେଷରେ ହିସାବ ହେଲାବେଳକୁ ମାଉସୀ ଆମକୁ ଠିକ୍ ହିସାବ ଦିଏ ଆଉ ହୃଦ୍‌ବୋଧ ହେଇଯାଉଥାଏ ଯେ ମାଉସୀର ଯେତେ ସବୁ ଅନିୟମିତତା, ଅସଂପୃକ୍ତି ଓ ହିସାବ ରଖି ନପାରିବାର ଅସହାୟତା ଭିତରେ ତା'ର କିଛିଗୋଟିଏ ଅଦ୍ଭୁତ ଦୈବୀଶକ୍ତି ଅଛି, ଯାହାବଳରେ ସିଏ ସବୁ ଘଟଣା ଓ ଅଘଟଣାର ଆକଳନ କରିବାରେ ଅସୁବିଧା ହଉନି । ଅରକ୍ଷିତକୁ ଦଇବ ସାହାଭଳିଆ କଥା । ଆମେ କୌଣସି ପ୍ରତିବାଦ ନ'କରି ଠିକ୍ ପଇସାତକ ଗଣିଦେଉ । ମିଲସ୍ ଗୋଟାକ ସିଉକେ ଏଣୁ ପୂରା ଦି' ଓଳି ଖାଇଲେ ମାସକୁ ପନ୍ଦରଟଙ୍କା ହିସାବ ହୁଏ । ପୁଣି ମାସକରେ ପାଞ୍ଚଦଶ ଖାଇବା ଏପଟ ସେ'ପଟ ହୁଏ । ଏଣୁ ବାର ତେର ଟଙ୍କାରୁ ଅଧିକ ଆମକୁ ଦେବାକୁ ପଡ଼େନି । ମାଉସୀର ମାସକୁ ଶହେଟଙ୍କା ସରିକି ମୋଟ ବେପାର ହୁଏ ଆଉ ପେଟୁବାଡ଼ି ଯାଇ ସିଏ ଚାଳିଶି ପଚାଶ ଟଙ୍କା ପାଏ ।

ଗଂଜାମ ଓ ଗଂଜାମ ସୀମାରେ ଏମିତି ଅନେକ ମେସ୍ ସକ୍ରିୟ ଥିବା ମୁଁ ଜାଣିଛି । ଟେକାଲି, ମଂଜୁଷା, ଜୟନ୍ତୀପୁର ଏଭଳିକି ଚିକିଟିପେଣ୍ଠ ତଥା ଅନେକ ଛୋଟବଡ଼ ଗାଁରେ ମେସ୍‌ର ପରିବର୍ଦ୍ଧିତ ରୂପ ଦେଖିବାକୁ ମିଳେ । ଏହି ମେସ୍‌ଗୁଡ଼ିକୁ ଗାଁ'ଲୋକେ ହୋଟେଲ କହନ୍ତି । ଏହି ହୋଟେଲମାନଙ୍କରେ ଦି'ଓଳି ଖାଇବା ସହିତ ଦି ଓଳି ଜଳଖିଆ ମିଳେ । ବରା, ପିଆଜି, ବଣ୍ଡା, ଆଳୁଚପ୍‌ରୁ ଆରମ୍ଭ କରି ଖଜା , ଗଜା, ଲଡୁ, ଝିଲାପି, ଚାହାଯାଏଁ । ଏହି ହୋଟେଲଗୁଡ଼ିକୁ ମାଉସୀମାନେ ପରିଚାଳନା କରନ୍ତି । ତା' ସହିତ ଖଲିକୋଟ ମେସ୍‌ର ଅସଂଲଗ୍ନ ମାଷ୍ଟ୍ରଚରିତ୍ରଟି ଆଉ ଅଧିକା ସଂପୃକ୍ତ ହେଇଯାଇ ପ୍ରୋପ୍ରାଇଟର୍ ଭାବେ କାର୍ଯ୍ୟନିର୍ବାହ କରେ । ମାଉସୀର ଯଦି ଗୋଟିଏ ଦି'ଟା ବଢ଼ିଲା ଝିଅ ଥାଏ ତା ହେଲେ ଏଭଳି ହୋଟେଲମାନଙ୍କରେ ସକାଳୁ ସଂଧ୍ୟା ଗହଳି ଲାଗିରହେ ।

Digitized by srujanika@gmail.com

କି ଗାଁ ଗହଳ କି ସହର ସବୁଠି ହୋଟେଲ, ମୋଟେଲ, ରେଷ୍ଟୋରାଁ ଭିତରେ ପ୍ରଭେଦ ବାରିହୁଏନି, ଆଜିକାଲି କାଁ ଭାଁ ରେଷ୍ଟୋରାଁ ଲେଖା ହେଉଛି । ନ ହେଲେ ସବୁ ଗୁଡ଼ିକ ମିଲସ୍ ଓ ଟିଫିନ୍ ହୋଟେଲ । ଗଂଜାମ ଆଡ଼େ ହୋଟେଲର ବାଉଁଶ ଖୁଣ୍ଟରେ ଗୋଟିଏ ଛୋଟିଆ ସାଇନ୍‌ବୋର୍ଡ ଝୁଲିଥା ହେଇ ସେଥିରେ ଲେଖା ହେଇଥିବ ମିଲସ୍ ରେଡ଼ି । କିନ୍ତୁ ଏସବୁ ମାଉସୀ ମେସ୍‌ର ପରିବର୍ଦ୍ଧିତ ରୂପ, ମାର୍ଜିତ ସଂସ୍କରଣ ଭଳି ଲାଗେ ।

କରଣ ସାହିର ମାଉସୀ ମେସ୍ ଆମ ପାଇଁ ଆତ୍ମୀୟତାର ପ୍ରତୀକ ଥିଲା ଏବେ ଯିମିତି ହୋଟେଲମାନଙ୍କ ପାଇଁ ଇଂରେଜୀ ବାକ୍ୟଟିଏ ପ୍ରଚଳନ ହେଇଗଲାଣି 'ଏ ହୋମ୍ ଏୱେ ଫ୍ରମ୍ ହୋମ' । ମାଉସୀ ଆମ ପାଇଁ ମାତୃତ୍ୱର ସ୍ନେହମୟୀ ମୂର୍ତ୍ତିଟିଏ ହେଇଯାଇଥିଲା । ପଇସା ଦିଆନିଆର ବେପାର ଭିତରେ ସୁନ୍ଦର ସଂପର୍କଟିଏ ଗଢ଼ିଉଠିଥିଲା । ଯିଏ ଅନ୍ନ ପରଶେ ସିଏ ଅନ୍ନପୂର୍ଣ୍ଣା ହେଇଯାଏ ।

ଦିନେ ସକାଳୁ ସକାଳୁ ମାଉସୀ ମେସ୍‌ର ମାଷ୍ଟ୍ରେ ହାତରେ ଖାତାଟିଏ ଧରି ରାଣୀହଂସପୁର ଗଂଜାମୀ ଛାତ୍ରାବାସରେ ହାଜର ହେଇ ଚରଣକୁ ଆଉ ମୋତେ ଖୋଜିଲେ । ଆମେ ଦିହେଁ ମାଷ୍ଟ୍ରେଙ୍କୁ ଆମ ହଷ୍ଟେଲରେ ଦେଖି ଆଶାୟୀ ହେଇଗଲୁ । ମାଷ୍ଟ୍ରେ ହଷ୍ଟେଲ ବାରଣ୍ଡାର ଗୋଟିଏ କ'ଣକୁ ଡ଼ାକିନେଇ ଆମକୁ ଅତି ଦୁର୍ଭାଗ୍ୟଜନକ ସଂବାଦଟିଏ ପରିବେଷଣ କଲେ । ଆମେ ତା' ଆଗଦିନ ରାତିରେ ମେସ୍‌ରେ ଖାଇଛୁ । ମାଉସୀ ଅସୁସ୍ଥ ଥିବା ଜଣା ପଡୁନଥିଲା । ସବୁବେଳେ ଯିମିତି ତା ମୁଣ୍ଡ ଥରୁଥାଏ ସେତିକି । ରାତିରେ କ'ଣ ହେଲା କେଜାଣି ମାଉସୀ ଚାଲିଗଲା । ଶବ ଉଠେଇବାକୁ ପଇସା ନାହିଁ । ମାଷ୍ଟ୍ରେ ତାଙ୍କ ହିସାବ ଯୋଡ଼ି ଦେଖିଲେ ମୋର ଦୁଇଟଙ୍କା ଆଠଣା ଆଉ ଚରଣର ତିନିଟଙ୍କା ବାକିଅଛି । ଆମ ହିସାବ ତ ସଫା କିନ୍ତୁ ବୋଧହୁଏ ଆମେ ଫାଙ୍କି ଦେଇଥିବା ମିଲସ୍‌ଯାକ ହିସାବକରି ମାଷ୍ଟ୍ରେ ଏ ଗଣିତରେ ଉପନୀତ ହେଇଥିଲେ । ଏକ ଅଭାବନୀୟ ଯନ୍ତ୍ରଣାରେ ମୋ ଛାତି ଭିତରଟା ଦୁହିଁ ହେଇଗଲା । ମୋତେ ଲାଗିଲା କିଏ ଯିମିତି ଅତିଆପଣାର କେଉଁ ଜନ୍ମଜନ୍ମାନ୍ତରରେ ସଂପର୍କିତ ଲୋକଟିଏ ଚାଲିଗଲା । ସବୁଦିନ ପାଇଁ ମାଉସୀ ମେସ୍ ବନ୍ଦ ହେଇଗଲା ।

Digitized by srujanika@gmail.com

ପଣ୍ଡା-ପାଠୀ : ଗୁରୁଶିଷ୍ୟ ସଂପର୍କ

ଗୁରୁଶିଷ୍ୟର ମହନୀୟ ପରଂପରା ସାଧାରଣ ସଂପର୍କକୁ ଅତିକ୍ରମ କରି ସଦାକାଳେ ଗଭୀର ଓ ବ୍ୟାପକ ହେଇପଡ଼େ । ସଂଗୀତ ଓ ଚିତ୍ରକଳାକ୍ଷେତ୍ରରେ ଏହା ସହସା ବାରିହେଇଯାଏ । ଶାସ୍ତ୍ରୀୟ ସଂଗୀତର ପରିଧି ଭିତରେ ଘରାନା ଓ ଶୈଳୀକୁ ନେଇ ଗୁରୁଶିଷ୍ୟ ଛନ୍ଦି ହେଇପଡ଼ନ୍ତି । ସଂପର୍କ ଲମ୍ବିଯାଏ ଭୂତରୁ ଭବିଷ୍ୟ ଯାଏଁ । ପାରଂପରିକ ଚିତ୍ରଶାଳାରୁ ଉଦ୍ଭବ ସଂପର୍କ ସ୍ଥାନୀୟ ଶିଳ୍ପପରଂପରାକୁ ଋଦ୍ଧିମନ୍ତ କରିଦିଏ । ସେହି ସଂପର୍କରୁ ପାହାଡ଼ୀ ଚିତ୍ରଶୈଳୀ ପୁଣି ଓଡ଼ିଶୀଶୈଳୀ ମଧ୍ୟ ଜନ୍ମନିଏ । ଗ୍ରୀକ୍ ଭାସ୍କର୍ଯ୍ୟକର୍ମଶାଳାରୁ ଆରମ୍ଭକରି କୋଣାର୍କର ଶିଳ୍ପଶିବିର ଯାଏଁ ଗୁରୁଶିଷ୍ୟର ସଂପର୍କହିଁ ରୂପକୁ ସହସ୍ରଭାବରେ, ସହସ୍ର ଭଙ୍ଗୀମାରେ ଗଢ଼ିଦେଇଛି । ଆଧୁନିକ ଚିତ୍ରକଳାରେ ସଂପର୍କର ନୂତନ ପରିଭାଷା ହେଲା ପ୍ରଭାବ । ତାକୁ ବି ବେଳେ ବେଳେ ଅସ୍ୱୀକାର ନକଲେ ନିଜର ଅସ୍ମିତା ହଜିଯିବାର ଭୟଥାଏ । ଉତ୍ତରଆଧୁନିକତାର ଅଗଣାରେ ଗୁରୁଶିଷ୍ୟର ଲୌକିକ ପରଂପରା ବୋଲି ସିମିତି

Digitized by srujanika@gmail.com

କିଛି ନାହିଁ । ଏଠି ସବୁ ବନ୍ଧନ ଶିଥିଳ । ଏଠି ଇଜମ୍ ବାଟହୁଡ଼ା ପଥିକ । ପ୍ରତିଦ୍ୱନ୍ଦ୍ୱିତା ହେଲା ଆତ୍ମୀୟତାର, ସଂପର୍କର ଶୈଳ୍ପିକ ପରିଭାଷା ଯଦିଓ ଉତ୍ତରଆଧୁନିକତା ସହୋଦରଧର୍ମୀ ଓ ସମନ୍ୱୟମୁଖୀ ଏବଂ ବିଶ୍ୱଭାବନାରେ ଅନୁପ୍ରେରିତ ।

ପଣ୍ଡା-ପାଠୀ ସଂପର୍କ ଓଡ଼ିଶାର ଆଧୁନିକ କଳାରେ ଏକ ବ୍ୟତିକ୍ରମ । ସଂପର୍କର ଆରମ୍ଭ ଏକ ଅହେତୁକ ନିର୍ଲୋଭ ଆକର୍ଷଣରୁ, ପରିମାର୍ଜିତ ଓ ପରିପୁଷ୍ଟ ପ୍ରତିଦ୍ୱନ୍ଦ୍ୱୀର ମାନସିକତାରୁ ଏବଂ ବିକର୍ଷଣ ଲାକ୍ଷଣିକ ଅବକ୍ଷୟରୁ । ଆକର୍ଷଣ ଓ ବିକର୍ଷଣ ଉଭୟରେ ସଂପର୍କ - ପରଂପରାରୁ ଉତ୍ତର ଆଧୁନିକ ଯାଏଁ । ଅନ୍ୟଭାବରେ ଏହି ସଂପର୍କକୁ ବର୍ଣ୍ଣ ଦିଆଯାଇପାରେ । ଜଳରଙ୍ଗର ଚିତ୍ରଣ ପଦ୍ଧତି ଭଳି ଏହା ପତଳାରୁ ଗାଢ଼ା ଏବଂ ତୈଳଚିତ୍ରର ବହଳ ପ୍ରଲେପରେ କ୍ୟାନଭାସ୍ ମୁହୁର୍ମୁହୁଃ ପରିବର୍ତ୍ତିତ ହେଲାଭଳି ଏହା ବିବର୍ତ୍ତିତ ଓ ପୁନର୍ନବିତ । ପୁଣି ଢାଇ ଅକ୍ଷରର ପ୍ରେମ ଭଳି ଖଲିକୋଟରେ ଆମର ସଂପର୍କ ଅଢ଼େଇବର୍ଷର । ମନେହୁଏ ପଣ୍ଡାସାର୍ ମନେ ମନେ ଶିଷ୍ୟଟିଏର ପରିକଳ୍ପନା କରିଥିଲେ ଓ ଖୁବ୍ ସମ୍ଭବତଃ ମୋରି ଭିତରେ ତାଙ୍କ କଳ୍ପନା ରୂପ ନେଇଥିଲା । ଏଣୁ ଆଧାର ଓ ଆଧେୟପରି ଏହା ଲାକ୍ଷଣିକ ହେଇଗଲା ।

ସହପାଠୀମାନଙ୍କ ମଧ୍ୟରେ ମୋର ମଡ଼େଲଷ୍ଟଡ଼ି ଖେଟାହେଇ ପଡୁଥିଲା । ରେଖାର ସାବଲୀଳତା, ଦ୍ରୁତତା ଓ ଦୃଢ଼ତା ଥିଲା ଅଙ୍କନର ବିଶେଷତ୍ୱ । ନିଠେଇ ନିଠେଇ, ମାଠି ମାଠି ଚିତ୍ରକୁ ଚିକଣେଇବାରେ ମୁଁ ବିଶ୍ୱାସ କରୁନଥିଲି । ମୋ ଧାରଣା ଥିଲା ଶ୍ରାବଣର ମେଘଭଳି ରେଖା ହେଉ ବା ବର୍ଣ୍ଣ ହେଉ ରାଜିହେଇ ଅଜାଡ଼ି ପଡ଼ିବା ଆବଶ୍ୟକ । ପୁଣି ରେଖା ଭାବମୟ ଓ ସଂଗୀତମୟ ହେଲେ ସାର୍ଥକତା ଲଭେ । କବିତା ଯିମିତି ଚିତ୍ର ବି ସିମିତି । ଅତି ମାଠିଲେ ପିତା ହେଇଯାଏ । କବିତାରେ ଶବ୍ଦ ଓ ଛନ୍ଦ ଯେଭଳି ଆପେ ଆପେ ଉତ୍ତରନ୍ତି ରେଖାଙ୍କନରେ ଆଉ ଜଳରଙ୍ଗରେ ରୂପ ବି ସେଭଳି ସ୍ୱତଃ ଅବତରିଯାଏ । ମାଡ୍ରାଜ ଆର୍ଟସ୍କୁଲର ପ୍ରଫେସର୍ ରାମଗୋପାଳ ଆମସ୍କୁଲକୁ ପରିଭ୍ରମଣରେ ଆସିଥାଆନ୍ତି । ଏହା ୧୯୬୩ ମସିହାର ଘଟଣା । ରାମଗୋପାଳଙ୍କ ରେଖାଙ୍କନରେ ଅସମ୍ଭବ ପାରଦର୍ଶିତା ଥାଏ । କାଗଜ ଉପରେ ପେନ୍‌ସିଲରେ ଟିପଣା ନକରି ତୂଳିରେ ଭରପୁର ରଙ୍ଗନେଇ ମଡ଼େଲର ସୌସାଦୃଶ୍ୟ ରକ୍ଷାକରି ସେ ଏକା ନିଶ୍ୱାସକେ ଚିତ୍ର ଉତରେଇ ଆଣୁଥିଲେ । ଆମେ ରାମଗୋପାଳଙ୍କୁ ବେଢ଼ିଯାଇ ବିସ୍ଫାରିତ ଚାହାଣିରେ ତାଙ୍କରି

Digitized by srujanika@gmail.com

ଯାଦୁକରୀ ରେଖାକୁ ପିଇ ଯାଉଥାଉ । ପଣ୍ଡାସାର୍ ଚାହୁଁଥିଲେ ପିଲାଙ୍କ ଭିତରୁ କିଏ ଜଣେ ରାମଗୋପାଳଙ୍କୁ ଟକ୍କର ଦେଉ । ମୋ ହାତବି ଖଇ ଖଇ ହେଉଥାଏ । ପଣ୍ଡାସାର୍ଙ୍କ ଇଙ୍ଗିତକୁ ମୁଁ ଅପେକ୍ଷା କରିଥାଏ । ସାର୍ ମୋତେ ଏମିତି ଅନୁପ୍ରେରିତ କରିଦେଲେ ଯେ, ମୁଁ ରାମଗୋପାଳଙ୍କ ଇଜଲ୍ ପାଖାପାଖି ମୋ ଇଜଲ୍ ଆଉ ବୋର୍ଡ଼ ଲଗେଇ ରାମଗୋପାଳଙ୍କ ଶୈଳୀର ଅନୁକରଣରେ ବିନା ପେନସିଲ୍ ରେଖା ପ୍ରୟୋଗରେ ଜଳରଙ୍ଗର ସ୍କେଚ୍‌ଟିଏ ଆଙ୍କିଦେଲି । ପଣ୍ଡାସାର୍ ମୋ ପଛରେ ଠିଆହେଇ ତାଙ୍କ ଛାତ୍ରର ଦୁଃସାହସକୁ ଲକ୍ଷ୍ୟ ରଖିଥାନ୍ତି ଏବଂ ଛାତ୍ରର ସାଫଲ୍ୟରେ ଉତ୍‌ଫୁଲ୍ଲ ହେଇ ଉଠୁଥାନ୍ତି । ବୋଧହୁଏ ସେନାପତି ଭୂମିକାରେ ରହି ପଣ୍ଡାସାର୍ ପଦାତିକର କର୍ମ କରିବାପାଇଁ ଚାହୁଁ ନଥାନ୍ତି ।

ମୋ ଆର୍ଥିକ ଦୁଃସ୍ଥିତି ସଂପର୍କରେ ପଣ୍ଡାସାର୍ ସଂପୂର୍ଣ୍ଣ ସଚେତନ ଥାଆନ୍ତି । ଅଲଗା ମୋତେ ପାଖକୁ ଡାକିନେଇ ଭରସା ଦେଇଥାନ୍ତି ଯଦି କ୍ଲାସରେ ଅନ୍ୟପିଲାଙ୍କଠାରୁ ମୁଁ ଶୀଘ୍ର ଶୀଘ୍ର ଚିତ୍ର ଶେଷ କରିଦେଇ ପାରେ ତାହେଲେ ସେ ଡିମନ୍‌ଷ୍ଟ୍ରେସନ୍ ପାଇଁ ଅଫିସ୍‌ରୁ ଯେଉଁ ରଙ୍ଗ ପାଇଛନ୍ତି ସେଥିରୁ ରାଜଭାଗ ମୋତେ ଦେଇଦେବେ । ଏଭଳି ବ୍ୟବସ୍ଥାରେ ଅନ୍ୟ ସହପାଠୀମାନଙ୍କର ଆପତ୍ତି କରିବା ପାଇଁ ବେଶି କିଛି ଖୋରାକ ନଥିବ । ହେଲା ଯଦି ଛାତ୍ରଟିଏ ଦୈବାତ୍ ଏ ସଂପର୍କରେ ସାମାନ୍ୟତମ ସନ୍ଦେହ ପ୍ରକାଶ କରେ ପଣ୍ଡାସାର୍ କହିବେ ତମେ ବି ପାଠୀ ଭଳି ହାତର ବିଚକ୍ଷଣତା ଦେଖାଅ, ରଙ୍ଗ ନିଶ୍ଚୟ ପାଇବ ।

ଖଲିକୋଟ ଚିତ୍ରକଳା ବିଦ୍ୟାଳୟ ଶିକ୍ଷା ବିଭାଗ କର୍ତ୍ତୃତ୍ୱରେ ଥିଲାବେଳେ କ୍ଲାସ୍‌ୱାର୍କ ଡିମନ୍‌ଷ୍ଟ୍ରେସନ୍ ପାଇଁ ପ୍ରତ୍ୟେକ ବିଭାଗ, ଚିତ୍ରଶିକ୍ଷା ସାଜସରଂଜାମ, ରଙ୍ଗ, ପ୍ଲାଷ୍ଟର୍ ଇତ୍ୟାଦି ଭରପୂର ପାଉଥିଲା । ସାଧାରଣ ସ୍କୁଲ କଲେଜମାନଙ୍କରେ ପରୀକ୍ଷାରେ ଉତ୍ତର ଲେଖିବା ପାଇଁ ଯିମିତି ଖାତା ଯୋଗେଇ ଦିଆଯାଏ ଆର୍ଟସ୍କୁଲରେ ସିମିତି ପରୀକ୍ଷା ପାଇଁ ରଙ୍ଗ ଓ କ୍ୟାନଭାସ୍ ଯୋଗେଇ ଦିଆଯାଉଥିଲା । ଷାଠିଏଦଶକରେ କେମେଲ୍ କମ୍ପାନିର ଆବିର୍ଭାବ ହେଇନଥାଏ । ଓଡ଼ିଶାରେ ଶାଲିମାର୍ ରଙ୍ଗର ସେତୁଟା ପ୍ରଚଳନ ନଥାଏ । ଏକେହେଲେ ଲିନ୍‌ସିଡ୍ ଅଏଲ୍ ଓ ଗୁଣ୍ଡରଙ୍ଗର ଦେଶୀ ପ୍ରକରଣ ହିଙ୍ଗୁଳ, ହରିତାଳ, ଶଙ୍ଖଧଳା ନହେଲେ ପଣ୍ଡାସାର୍ଙ୍କ ମାର୍ଫତରୁ ୱିନସ୍‌ର ନିଉଟନ୍‌ର ମୋଟା ମୋଟା ଷ୍ଟୁଡ଼ିଓ ଟ୍ୟୁବ୍ । ପଣ୍ଡାସାର୍ ନିଜଆଡୁ ସୂକ୍ଷ୍ମ ନିୟମଟିଏ ପ୍ରଣୟନ କରିଦେଇଥିଲେ । ରଙ୍ଗ ପାଇବାକୁ

Digitized by srujanika@gmail.com

ହେଲେ ଛବି ଶୀଘ୍ର ଶୀଘ୍ର ସାରିବାକୁ ପଡ଼ିବ । ରସଗୋଲା ଗିଳିଲାଭଳିଆ କଥାନୁହେଁ ଯେ ଚାହିଁଲେ ଛବି ଚଟାପଟ୍ ଆୟତ୍ତ କରିଦେଇ ହେବ । ମନ ମୁଣ୍ଡ ଆଉ ହାତ ଏକାସାଙ୍ଗରେ କାମ ନକଲେ ଛବି ଉତୁରିବନି । ସେତେବେଳେ ହୃଦୟ କଥାଟି ଆମପାଖରେ ପରିଷ୍କାର ହେଇନଥାଏ । ପିଲାଏ ତ୍ରୁଇଁ ଉତୁରେଇବା ପାଇଁ କ୍ୟାନଭାସ୍ ଉପରେ ଚାର୍‌କୋଲ୍ କାଠି ଘଷ୍ଟୁ ଘଷ୍ଟୁ ମୁଁ ରଙ୍ଗର ପ୍ରଥମ ପ୍ରଲେପ ଚଢ଼େଇ ସାରିଥାଏ । ପୁଣି ତୂଳୀରେ ନୁହେଁ, ପେଲେଟ୍ ନାଇଫ୍ ଓ ସ୍ପେଚୁଲାରେ । ସ୍ପେଚୁଲାଯାକ ଚୂନମିସ୍ତ୍ରୀର ତାପି ଓ କରଣି ଭଳି ଦେଖାଯାଏ ।

ଷଡ଼ି କ୍ଲାସ୍‌ମାନଙ୍କରେ ଉପର ଶ୍ରେଣୀର ଛାତ୍ରଙ୍କ ସାଙ୍ଗରେ ଠିଆହେଇ ଛବିକରିବା ପାଇଁ ପଣ୍ଡାସାର୍ ମୋତେ ସୁଯୋଗ ଦେଉଥିଲେ । ଏଥିରେ ଉପର କ୍ଲାସର ପିଲାମାନେ ମୋ ପ୍ରତି ଅସୂୟା ଭାବ ରଖିବା ସ୍ୱାଭାବିକ । ପୁଣି ଏତିକିରେ କଥା ସରିବନି । ପଣ୍ଡାସାର୍ ମୋ ଚିତ୍ରକୁ ପ୍ରଶଂସା କରିବେ ଏବଂ ପିଲାମାନଙ୍କୁ ବୁଝେଇବା ପାଇଁ ମୋ ଚିତ୍ରର ଉଦାହରଣ ନେବେ । ଏଭଳି ପରିସ୍ଥିତିରେ ବେଳେ ବେଳେ ମୁଁ ଅପ୍ରସ୍ତୁତ ହେଇଯାଉଥିଲି, ଯଦିଚ ଏଥିରେ ଗ୍ଲାନିବୋଧ ନଥାଇ ଥିଲା ସାମର୍ଥ୍ୟର ସ୍ୱୀକାରୋକ୍ତି । ମୁଁ ଅଗତ୍ୟା ମୁଣ୍ଡପୋତି ସଂଭ୍ରମରେ କ୍ଲାସ୍ ଭିତରେ ଠିଆହେଇ ରହୁଥିଲି ।

ପଣ୍ଡାସାର୍ ନିଜ ତୈଳଚିତ୍ର ବିଭାଗକୁ ଆର୍ଟସ୍କୁଲର ସବୁଠାରୁ ସବୁମନ୍ତେ ଭଲ ବିଭାଗଟିଏ କରି ଗଢ଼ିବା ପାଇଁ ଅହରହ ଚେଷ୍ଟିତ ଥିଲେ । ମୁଁ ସେହି ବିଭାଗର ଜଣେ ଦକ୍ଷ ଛାତ୍ରଭାବେ ତାଙ୍କ ମର୍ଯ୍ୟାଦା ବଢ଼ାଏ, ଏହା ସେ ଚାହୁଁଥିଲେ । ମୁଁ ପଣ୍ଡାସାର୍‌ଙ୍କ ଶୈଳୀରେ ଜଳରଙ୍ଗ ଓ ତୈଳରଙ୍ଗର ଚିତ୍ର କରୁଥିଲି । ସେମାନଙ୍କ ଛବିଗୁଡ଼ିକୁ ବାଗେଇ ଦେବାପାଇଁ ମୋ ସହପାଠୀମାନେ ମୋତେ ସୁଯୋଗ ଦେଉଥିଲେ । ମୁଁ ମଧ୍ୟ ଏଭଳି ଅନୁରୋଧର ସଦ୍‌ବ୍ୟବହାର କରିବାରେ ହେଳା କରୁନଥିଲି । ରଙ୍ଗ ଓ କ୍ୟାନଭାସ୍ କିଣିବା ପାଇଁ ଷ୍ଟାଇପେଣ୍ଡ୍ ତିରିଶି ଟଙ୍କା ନିଅଣ୍ଟିଆ ହେଉଥିଲା । ଏଣୁ ଅନ୍ୟପିଲାଙ୍କୁ ଛବି ଦେଖେଇଦେବା ନାଁରେ ମୋ ଅଭାବ ମେଣ୍ଟିଯାଉଥିଲା । ବଂଧୁମାନେ ସେମାନଙ୍କ ସୁନ୍ଦର ଛବି ପାଇ ଯାଉଥିଲେ ଆଉ ମୁଁ ମୋ ହାତ ପାକଳ କରିନେଉଥିଲି । ଏହି କ୍ରମରେ ମୁଁ ମୋ ସହପାଠୀଙ୍କ ପାଖରେ ଗୁଡ଼ାଏ ଛବି ଛାଡ଼ି ଯାଇଛି । ସେହି ଛବି ମଧ୍ୟରୁ ଖଣ୍ଡେ ଖଣ୍ଡେ ନିଜ ନାଁ'ରେ ପ୍ରଦର୍ଶନୀମାନଙ୍କୁ ଦେଇ ସେମାନେ ପୁରସ୍କୃତ ହେବାର ନଜିର ଅଛି ।

Digitized by srujanika@gmail.com

'ଭୀମେଷ୍ୟାପି ରଣେଭଙ୍ଗ' ଭଳି ଚତୁର୍ଥ ବର୍ଷର ବାର୍ଷିକ ପରୀକ୍ଷାରେ ମୋ ଜଳରଙ୍ଗର ଭୂଦୃଶ୍ୟଟି ଅତ୍ୟଧିକ ଖରା ଓ ଧୂଳିର ପ୍ରଭାବରୁ ତା' ସ୍ୱଚ୍ଛତା ହରେଇଦେଇ କାଠକାଠୁଆ ଲାଗିଲା । ଜଳରଙ୍ଗ ଛବି ଏକାଥରକେ ହେଉଛି ତ ହେଉଛି, ଉତୁରିଯିବ ନହେଲେ ଗଲା । ମୁଁ ପଣ୍ଡାସାର୍‌ଙ୍କୁ ମୋ ଛବି ଦେଖେଇ ଏକଥା କହିଲି । ପଣ୍ଡାସାର୍ ଅନୁଭବ କଲେ, ମୋ ଛବିତ ନୁହେଁ, ତାଙ୍କ ଛବିଟି ବୋଧହୁଏ ଖରାପ ହେଇଯାଇଛି । ଏଣୁ ଆଉଥରେ ଛବିଟିଏ ଆଙ୍କିବା ପାଇଁ ମୋତେ ଅନୁମତି ଦେଲେ । ସାଧାରଣତଃ ପରୀକ୍ଷାମାନଙ୍କରେ ଏମିତି ନହେବା କଥା । ପଣ୍ଡାସାର୍‌ଙ୍କ ଅଧ୍ୟାପକୀୟ ବ୍ୟକ୍ତିତ୍ୱର ପ୍ରଭାବ ଏବଂ ମୋ ଶୈକ୍ଷିକ ନିପୁଣତା ଓ ନିଷ୍ଠାର ଗୁରୁତ୍ୱ ଯୋଗୁଁ ଘଟଣାଟି ଅତି ସାଧାରଣ ଭାବେ ଘଟିଗଲା । ଆଜିକାଲିର କଥା ହେଇଥିଲେ ପିଟିସନ୍ ଓ ଧର୍ମଘଟର ଭଉଁରି ଭିତରେ ଉଭୟେ ଗୁରୁ ଓ ଶିଷ୍ୟ ଘାଣ୍ଟିହେଇଯାଇଥାନ୍ତୁ ।

ଗଂଜାମୀ-କଟକୀ ପ୍ରସଙ୍ଗର କୁଟିଳ କୁଣ୍ଡଳୀ ଭିତରେ ପଣ୍ଡାସାର୍ ସେତେଟା ଜଡ଼ିତ ନଥାନ୍ତି । ଗଂଜାମୀ ପିଲାଙ୍କ ଛବିକୁ ଭଲପାଇବା ଏବଂ ଗଂଜାମୀ ପିଲାଙ୍କୁ ସାହାଯ୍ୟ କରବା ଫଳରେ ସେ କେତେକ ଅଧ୍ୟାପକ ଓ ଛାତ୍ରଙ୍କ ଆକ୍ରୋଶର ଶିକାର ହେଲେ । ସିଏ ପରିବାର ନେଇ ନିଜଗାଁକୁ ଯାଇଥାନ୍ତି । ଖଲିକୋଟ ଫେରି ଦେଖନ୍ତି ତାଙ୍କ ବସାଘର କଞ୍ଚୁରେ ସଦ୍ୟବିଷ୍ଠା ବୁଜୁଳାଏ ବନ୍ଧା ହେଇଛି । ଉତ୍କଟ ଗନ୍ଧରେ ନାକ ଫାଟି ପଡୁଛି । ଏକ ଜାତବ ଏବଂ ବିଭତ୍ସ ପରିସ୍ଥିତି । ପଣ୍ଡାସାର୍ ଅନନ୍ୟୋପାୟ ହୋଇ ମୋତେ ହଷ୍ଟେଲ୍‌ରୁ ଡକେଇ ପଠେଇଲେ । ମୁଁ ପରିସ୍ଥିତିକୁ ନିଜେ ଚାକ୍ଷୁଷ କରିସାରି ତା'ର ଉତ୍ପତ୍ତି ହେଜିସାରି ଓ ଉପାୟ ପାଞ୍ଚିଦେଇ ହଷ୍ଟେଲ୍ ଫେରିଲି ଏବଂ ଦଳେ ଟାଣୁଆ ଗଂଜାମୀ ଛାତ୍ର, ବାଲତି, ଫିନାଇଲ୍‌ବୋତଲ ସାଙ୍ଗରେ ଧରି ପଣ୍ଡାସାର୍‌ଙ୍କ ଘରେ ପହଞ୍ଚିଲି । ତାପରେ ଆରମ୍ଭହେଲା ପରିମଳର ପ୍ରକରଣ । ବିଷ୍ଠାତ ପ୍ରକରଣ, ପରିମଳ ଶବ୍ଦ ପ୍ରୟୋଗରେ ହୁଏତ ଶୁଦ୍ଧ ହେଇଯିବ । ଧୂଆ ଧୋଇ ସରିଲା । କଞ୍ଚୁଖୋଲିଲା । କିନ୍ତୁ ଦୁର୍ଗନ୍ଧ ଦ୍ୱାରବନ୍ଧ ଭେଦି ଘରସାରା ଖେଳିଯାଇଥିଲା । ଆଉ ତା' ସହିତ ଖେଳିଯାଇଥିଲା ଅସୂୟାର ଅଶୌଚ ।

ଏ ବୟସର ଛାତ୍ରମାନେ ଗୁରୁଙ୍କ ପାଇଁ ଯାହା ଆବଶ୍ୟକ ହୁଏ ତାହା ତ କରିଥାନ୍ତି, ବେଳେବେଳେ ଆବଶ୍ୟକଠାରୁ ମାତ୍ରାଧିକ କାର୍ଯ୍ୟମଧ କରିଥାନ୍ତି ।

Digitized by srujanika@gmail.com

ପଣ୍ଡାସାର୍ ବନ୍ଧୁବାର ସ୍ୱାଚ୍ଛନ୍ଦ୍ୟ ପାଇଁ ଯାହା ଚାହୁଁଥିଲେ ମୁଁ ତାହାର ତୁରନ୍ତ ବ୍ୟବସ୍ଥା କରିଦେଉଥିଲି । ଗୋଟିଏ ଉଦାହରଣ ଏଠି ଦିଆଯାଇପାରେ । ଥରେ ପଣ୍ଡାସାର୍. ନିଜ ସରକାରୀ କ୍ୱାଟରସ୍‌ର ଅଗଣାରେ ପାଇଖାନାଟିଏ ତିଆରିବା ପାଇଁ ଚାହିଁଲେ । ଇଟା ଓ ଟିଣ ଦରକାର ପଡ଼ିଲା । ରାମଚନ୍ଦ୍ରଭବନର କେଉଁଠି କେଉଁ କାନ୍ଥ ଭାଙ୍ଗି ଇଟା ଅଲୋଡ଼ା ହେଇ କୁଢ଼ିଆ ହେଇଛି, ନତୁବା କେଉଁ ଛପରରୁ ଟିଣ ଉଡ଼ି ବିପଜ୍ଜନକ ଅବସ୍ଥାରେ ଅଛି ତା'ର ହିସାବନିକାଶ ମୋ ପାଖରେ ଥାଏ । ରାଣୀହଂସପୁରରେ ମୋର ଆଜ୍ଞାବହ ସହପାଠୀ ଦଳକ ଥାଆନ୍ତି । ମୁଁ ଯାହା ଆଦେଶ କରେ କି ଅନୁରୋଧ କରେ ତାହା ସହସା କାର୍ଯ୍ୟକାରୀ ହେଇଯାଏ । ଅଗଣାରେ ପାଇଖାନାଟିଏ ତିଆରି ହେବାଲାଗି ଦିନେରୁ ଦି'ଦିନବି ସମୟ ଲାଗିଲାନି ।

ଖଲିକୋଟରେ ଥିଲାବେଳେ ମୁଁ ମନେ ମନେ ଚାରୋଟି ବ୍ୟକ୍ତିବିଶେଷଙ୍କୁ ସଂପର୍କର ଶ୍ରେୟ ଦେଇଥିଲି । ଭାବୁଥିଲି ଗୁରୁଭାବେ ଶିବାନନ୍ଦଜୀ ମହାରାଜ ଓ ଆଚାର୍ଯ୍ୟ ଶରତଚନ୍ଦ୍ର, ଶିକ୍ଷକଭାବେ ଅନନ୍ତ ପଣ୍ଡା ଓ ବନ୍ଧୁଭାବେ ଚନ୍ଦ୍ରଶେଖର ରାଓ । ଏହି ସଂପର୍କର ଅଧାରୁ ଅଧା ପୂର୍ବବତ୍ ଅମ୍ଳାନ ରହିଲା ଆଉ ବଳକା ଅଧକରେ ଭଙ୍ଗା ପଡ଼ିଲା । ସଂପର୍କ ସାଂସାରିକ ଭିତ୍ତିଭୂମି ଉପରେ ଆଧାରିତ ହେଲେ ସ୍ଖଳନର ଅବକାଶ ରହେ । ମୁଁ ଛାତ୍ର ହିସାବରେ ଦିଗପହଣ୍ଡି ପଞ୍ଚମଜର୍ଜ ହାଇସ୍କୁଲ ହେଉ ବା ଖଲିକୋଟ ଆର୍ଟସ୍କୁଲ ହେଉ ମୋ ଶିକ୍ଷକମାନଙ୍କ ପାଖରୁ ଅଯାଚିତ ଭାବେ ସ୍ନେହଶ୍ରଦ୍ଧା ପାଉଥିଲି । ଏଠି ଗୋଟିଏ କଉତୁକିଆ ପ୍ରସଙ୍ଗର ଅବତାରଣା କରୁଛି । ମୁଁ ବୋଧହୁଏ ନବମ କିମ୍ବା ଦଶମ ଶ୍ରେଣୀରେ ପଢୁଥାଏ । ଆମବେଳକୁ ଷୋଲ୍‌ଜରସ୍ ଡ୍ରିମ୍ ନାମରେ କବିତାଟିଏ ଇଂରାଜୀରେ ପଢ଼ାଯାଉଥାଏ । ଏହି ପଦ୍ୟକୁ ଗଦ୍ୟ ଆକାରରେ ଲେଖି ମୁଁ ଦଶରୁ ଆଠ ନମ୍ବର ପାଇଥିଲି । ମୋ ଲେଖାରେ ଦୁଇଟି ଶବ୍ଦର ବନାନ ଭୁଲ ଥିଲା । ମୋ ତଳ କ୍ଲାସରେ ପଢୁଥିବା ବିଜୟଚନ୍ଦ୍ର ଅଧିକାରୀ ମୋ ଲେଖାକୁ ନେଇ ଭୁଲ ସଂଶୋଧନ ସହ ଅବିକଳ ତା'ରି ପରୀକ୍ଷାରେ ଲେଖିଲା । ଆଶ୍ଚର୍ଯ୍ୟର କଥା ସିଏ ପାଇଲା ଦଶରୁ ଛଅ । ଆମେ ଦିହେଁ ମୁହଁକୁ ମୁହଁ ଚହାଁଚହିଁ ହେଲୁ । ଏହା କୁଆଡ଼େ ଇମ୍‌ପ୍ରେସନ୍ ମାର୍କ । ବେଳେବେଳେ ମଣିଷର ଭାଗ୍ୟବି ମଣିଷକୁ ଇମ୍‌ପ୍ରେସନ୍ ମାର୍କ ଦେଇଥାଏ । ଏବେ ଦିଗପହଣ୍ଡିରୁ ଖଲିକୋଟ ଆସୁଛି । ଚନ୍ଦ୍ରଶେଖର ରାଓ ମୋଠାରୁ ରଙ୍ଗ ଓ କ୍ୟାନଭାସ୍ ନେଇ ଗୋଟିଏ ରିକ୍ସାଚାଳକର ଛବି କରି ମୋ ହଷ୍ଟେଲ ରୁମ୍‌ରେ ଟଙ୍ଗେଇ ଦେଇଥିଲେ । ପଣ୍ଡାସାର୍ ମୋ ରୁମ୍‌କୁ ପଶିଆସି ଏହି ଚିତ୍ରଟି ମୋର ବୋଲି ମନେକରି ପ୍ରଶଂସା କରିବା

Digitized by srujanika@gmail.com

ଆରମ୍ଭକଲେ । ମୁଁ ସେତେବେଳକୁ ସର୍ବଭାରତୀୟ ସ୍ତରରେ ପୁରସ୍କାର ପାଇସାରିଥାଏ । ସ୍କୁଲରେ ମୋର ଭାବମୂର୍ତ୍ତିଟିଏ ଉତୁରିଥାଏ । ଏହି ଛବିରେ ବର୍ଣ୍ଣଯୋଜନାରେ ସ୍ବାଭାବିକ ଭାବେ ମୋର କିଛିଟା ପ୍ରଭାବ ଥିଲା । ରାଣୀହଂସପୁରରେ ଜଣେ ଅନ୍ୟଜଣକ ଧାରାରୁ ଧାର ଆଣି ଛବି କରିବା ପରଂପରା ବି ଥିଲା ମୁଁ ମଧ୍ୟ ଚନ୍ଦ୍ରଶେଖରଙ୍କ ଠାରୁ ଗିନାରଙ୍ଗ ମାଗି ଆଣି ଟେମ୍ପେରା କରୁଥିଲି । କିନ୍ତୁ ମୁଁ ଅଏଲ୍ ପେଣ୍ଟିଙ୍ଗ୍ କ୍ଲାସର ପିଲା ହେଇଥିବାରୁ ମୋ ଟେମ୍ପେରା ତାଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ହେଉଥିଲା । ଶାନ୍ତିନିକେତନିଆ ପ୍ରଭାବର ପ୍ରଶ୍ନ ନଥିଲା । ପଣ୍ଡାସାର୍ ଯେତେବେଳେ ଜାଣିଲେ ଯେ ରିକ୍ସାଚାଳକର ଛବି ମୋର ନୁହେଁ, ଚନ୍ଦ୍ରଶେଖର ରାଓଙ୍କର, ସିଏ ଛବିର ଦୋଷଦୁର୍ବଳତା ଦେଖେଇ ମନ୍ତବ୍ୟଦେଲେ । ଏଥିରେ ଚନ୍ଦ୍ରଶେଖର ଭାବିଲେ ସିଏ ତୈଳଚିତ୍ର ବିଭାଗର ଛାତ୍ର ନ ହେଇଥିବାରୁ ପଣ୍ଡାସାର୍ ତାଙ୍କ ଛବି ପସନ୍ଦ କରିନଥିଲେ । କିନ୍ତୁ ପଣ୍ଡା-ପାଠୀ ସଂପର୍କ ଏତେ ଗଭୀର ଥିଲା ଯେ ଏ ସଂପର୍କ ଭିତରେ ଅନ୍ୟକୌଣସି ଅନୁପ୍ରବେଶ ସେତେବେଳେ ଖଲିକୋଟରେ ସମ୍ଭବ ନଥିଲା । ଛବିଟି ମୋ ରୁମ୍‌ରେ ଟଙ୍ଗିଆ ହେଇଥିବାରୁ ଏବଂ ଚନ୍ଦ୍ରଶେଖରଙ୍କ ଛବିର ବର୍ଣ୍ଣଯୋଜନା ମୋ ଛବିର ଅନୁରୂପ ହେଇଥିବାରୁ ପ୍ରଥମ ଝଲକରେ ଛବିଟି ମୋର ଭଳି ଦେଖାଯାଉଥିଲା । ପଣ୍ଡାସାର୍ ଭାବିବା ସ୍ୱାଭାବିକ ଯେ ଗଂଜାମୀ ହଷ୍ଟେଲରେ ପୁଣି ପାଠୀରୁମ୍‌ରେ ଅନ୍ୟକାହାର ଛବି ହେଇନପାରେ । ସେ ବରଂ ପ୍ରତାରିତ ହେଇଗଲାଭଳି ନିଜକୁ ଲାଗିବାରୁ ଛବିଟିକୁ ତନ୍ନ ତନ୍ନ କରି ଆଲୋଚନା କରିଥିଲେ । ଚନ୍ଦ୍ରଶେଖର ଇମ୍ପ୍ରେସନ୍ ମାର୍କ ପାଇଲେନି ।

ଗୋରୁଙ୍କ ଦାନ୍ତ ଗଣି ଯିମିତି ବୟସ ନିଦାନ କରନ୍ତି, ଯିମିତି ମେଣ୍ଟୁକୁଟା ମାରି ହାଣ୍ଡି ଫଟା କି ନୁହେଁ ଜାଣି ଯାଆନ୍ତି ପଣ୍ଡାସାର୍ ସିମିତି ସବୁ ଦିଗରୁ ବିଚାର କରି ତାଙ୍କ ଯୋଗ୍ୟଶିଷ୍ୟ କିଏ ହେଇପାରିବ ତାହା ଠିକଣା କରିନେଇଥିଲେ । ଖଲିକୋଟର ସେବେଳର ଆବିଳ ବାତାବରଣ ଭିତରେ ପ୍ରତ୍ୟେକ କଥା, ପ୍ରତ୍ୟେକ ମନ୍ତବ୍ୟ, ପ୍ରତ୍ୟେକ ଆଚରଣର ନିର୍ଦ୍ଦିଷ୍ଟ ଗୁରୁତ୍ୱ ଥିଲା । ଏଣୁ ଘଣା ବଳଦ ପୋଇ ନଛାଡ଼ିଲା ପରି ନା ଛାତ୍ର ନା ଶିକ୍ଷକ କିଏହେଲେ ପୋଇ ଛାଡୁନଥିଲେ । ପଣ୍ଡାସାର୍‌ଙ୍କ ସେବେଳର ଉଜ୍ଜ୍ୱଳ, ନିରଳସ, ଶୈଳ୍ପିକ ବ୍ୟକ୍ତିତ୍ୱରେ ମୁଁ ମୁଗ୍ଧ ହେଇଯାଇଥିଲି । ତାଙ୍କ ଭଳି ଛାତ୍ରବତ୍ସଳ ଶିକ୍ଷକ ସେସମୟରେ ଖଲିକୋଟରେ ବିରଳ ଥିଲେ । ପଣ୍ଡାସାର୍‌ଙ୍କ ଖଲିକୋଟରେ ଉପସ୍ଥିତି ସମଗ୍ର କଳାତ୍ମକ ବାତାବରଣକୁ କାବ୍ୟିକ ଅନୁପ୍ରେରଣାରେ ଭରିଦେଇଥିଲା ।

Digitized by srujanika@gmail.com

ଆମ ବାର୍ଷିକ ପରୀକ୍ଷାରେ ସ୍କୁଲ ବାହାରର ଏକ୍ସଟର୍‌ନେଲ୍ ପରୀକ୍ଷକ ହେଇ ବିଶିଷ୍ଟ ଚିତ୍ରଶିଳ୍ପୀ ଗୋପାଳଚରଣ କାନୁନ୍‌ଗୋ ଖଲିକୋଟ ଆସିଥାନ୍ତି । ମୁଁ ବାର୍ଷିକ ପରୀକ୍ଷା ଖାତାରେ ପଣ୍ଡାସାର୍‌ଙ୍କ ଅନୁପ୍ରେରଣାରେ ଆଧୁନିକ ଶୈଳୀରେ ଚିତ୍ରଟିଏ କରିଥାଏ । ପୂରା କ୍ୟୁବିକ୍ ଧାରାର ରଚନା । ଚିତ୍ରରେ ଆଖି ନାହିଁ, କାନ ନାହିଁ, ନାକ ନାହିଁ, ହାତଗୋଡ଼ ଅନ୍ୟାନ୍ୟ ଅବୟବର ସତ୍ୟନିଷ୍ଠ ସ୍ୱରୂପ ନାହିଁ । କାନୁନଗୋ ମହାଶୟଙ୍କୁ ମୋ ଚିତ୍ରଦେଖି ଅବ୍ୟୟ ଲାଗିଲା । ସିଏ ଭାବିଲେ ଡ୍ରଇଁ ଆଙ୍କିବାରେ ମୋର ସାମାନ୍ୟତମ ଜ୍ଞାନ ନାହିଁ । ଏଭଳି ଚିତ୍ରକୁ ଶ୍ରେଣୀରେ ସମସ୍ତଙ୍କଠାରୁ କିମିତିବା ଭଲନମ୍ବର ଦେବାପାଇଁ ସିଏ ରାଜିହେଇଥାନ୍ତେ । ସିଏ ଅମଙ୍ଗହେଲେ । ପଣ୍ଡାସାର୍ ମୋ ପାଖରେ ଥିବା ମୋର ସମସ୍ତ ଚିତ୍ରକୁ ରାଣୀହଂସପୁର ହଷ୍ଟେଲ ବାରଣ୍ଡାରେ ସଜେଇ ରଖିବାପାଇଁ ସୂଚନା ଦେଇ ପରୀକ୍ଷକ ମହାଶୟଙ୍କୁ ଡ୍ରଇଁରେ ମୋ ଦକ୍ଷତାର ପ୍ରମାଣ ଦେବାପାଇଁ ଗଂଜାମୀ ହଷ୍ଟେଲକୁ ନିମନ୍ତ୍ରଣ କଲେ । ଜଣେ ଶିଳ୍ପୀର ଅନୁସନ୍ଧିତ୍ସୁ ମନନେଇ ଗୋପାଳଚରଣ କାନୁନ୍‌ଗୋ ପଣ୍ଡାସାର୍‌ଙ୍କ କଥାରେ ହଷ୍ଟେଲକୁ ଆସିଲେ । ମୋର ପ୍ରାୟ ଦେଢ଼ଶହ ଜଳରଙ୍ଗ, ତୈଳରଙ୍ଗ, ସ୍କେଚ, ଷ୍ଟଡ଼ି କଣ୍ଟିନ୍ୟୁଏସନ୍ ଡ୍ରଇଁ ଦେଖି ଅଭିଭୂତ ହେଇପଡ଼ିଲେ । ମୋତେ ସେ ଭେଟିବାପାଇଁ ଚାହିଁଲେ । ମୋ ମୁଣ୍ଡଉପରେ ହାତରଖି ଜଣେ ବଡ଼ ଶିଳ୍ପୀ ହେବାର ଆଶୀର୍ବାଦ ଦେଲେ । ମୋ ମନ ଗର୍ବବୋଧରେ ପୂରିଗଲା । ମୁଁ ବାର୍ଷିକ ପରୀକ୍ଷାରେ ସମସ୍ତ ସହପାଠୀଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲି । ଖଲିକୋଟରେ ଚାରିବର୍ଷ ଯାକ ମୁଁ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖୁଥିଲି । କଥା ସେତିକିରେ ଶେଷ ହେଇନଥିଲା । ଶ୍ରୀଯୁକ୍ତ କାନୁନ୍‌ଗୋ ଓଡ଼ିଶା ଲଳିତକଳା ଏକାଡେମୀ ପାଇଁ 'ଉତ୍କଳର ଚିତ୍ରକଳା' ନାମରେ ଗୋଟିଏ ଗ୍ରନ୍ଥରଚନା କରୁଥିଲେ । ସେ ମୋ ଛବିଦେଖି, ମୋ କଳାତ୍ମକତାରେ ଏତେ ପ୍ରୀତ ହେଇଥିଲେ ଯେ ମୋ ସଂପର୍କରେ ନିମ୍ନମତେ ମତବ୍ୟକ୍ତ କରିଥିଲେ । ଏହି ବହିରେ ଖଲିକୋଟର ଅନ୍ୟ କୌଣସି ଛାତ୍ରଙ୍କ ସଂପର୍କରେ କିଛି ଉଲ୍ଲେଖ ନଥିଲା ।

'ବର୍ତ୍ତମାନ ନବ ପ୍ରତିଷ୍ଠିତ କଳା ବିଦ୍ୟାଳୟରୁ ଅନେକ ଛାତ୍ର କଳାଶିକ୍ଷା ଶେଷକରି ନାନା ସ୍ଥାନରେ ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ଲଳିତକଳା ପ୍ରଦର୍ଶନୀରେ ପୁରସ୍କୃତ । ଏମାନଙ୍କ ମଧ୍ୟରେ ଦିନନାଥ ପାଠୀଙ୍କ ନାମ ଉଲ୍ଲେଖଯୋଗ୍ୟ । ସେ ଦିଗପହଣ୍ଡି ଗ୍ରାମର ବ୍ରାହ୍ମଣ ଗୃହରେ ୧୯୪୨ରେ ଜନ୍ମଗ୍ରହଣ କରିଥିଲେ । ସେ ନିଜର ଅସ୍ୱଚ୍ଛଳ ଅବସ୍ଥା ମଧ୍ୟରେ ମ୍ୟାଟ୍ରିକ୍ୟୁଲେସନ୍ ପାସ୍‌କରି କଳାବିଦ୍ୟାଳୟରେ ପ୍ରବେଶ

Digitized by srujanika@gmail.com

କଲେ ଏବଂ ସ୍ୱୀୟ କର୍ମଦକ୍ଷତା ଓ ନିଷ୍ଠାପରତା ଯୋଗୁଁ ନାନା ପ୍ରତିକୂଳ ଅବସ୍ଥା ମଧ୍ୟରେ ଶିକ୍ଷାକ୍ଷେତ୍ରରେ ପ୍ରଶଂସିତ ହେଲେ ଏବଂ ବାର୍ଷିକ ପ୍ରଦର୍ଶନୀରେ ପୁରସ୍କୃତ ହୋଇପାରିଛନ୍ତି । ଏଥିରେ ଉତ୍ସାହିତ ହୋଇ ସେ କଲିକତା ଫାଇନ୍‌ଆର୍ଟ୍ ଏକାଡେମୀ ପ୍ରଦର୍ଶନୀରେ ୧୯୬୧ ଓ ୧୯୬୨ରେ ତୈଳଚିତ୍ରରେ 'କ୍ଷେତଭଉଠା ଗୀତ' ରେ ସ୍ୱର୍ଣ୍ଣପଦକ ପାଇପାରିଛନ୍ତି । ତାଙ୍କର ଚିତ୍ରମଧ୍ୟରେ ଉତ୍କଳୀୟ ରୀତିଚିତ୍ରର ଗନ୍ଧ ନଥିଲେ ସୁଦ୍ଧା, ଉତ୍କଳୀୟ ଚିତ୍ରକଳା ଅନ୍ୟାନ୍ୟ ପ୍ରାନ୍ତୀୟ କଳାର ନୂତନ ଧାରା ସହିତ ଆପଣାକୁ ମିଶାଇ ଦେଇଛି ଓ ଉତ୍କଳୀୟ ଶିଳ୍ପୀମାନଙ୍କର ଗୌରବ ରକ୍ଷାକରିଛି ।'

'ଦିନନାଥ ପାଠୀଙ୍କର ଚିତ୍ର ମଧ୍ୟରେ ଯେଉଁ ନୂତନ ଧାରା ଦେଖା ଦେଇଛି ତାହା ସମଗ୍ର ଭାରତୀୟ ଚିତ୍ରକଳାର ନୂତନ ଶୈଳୀ ଓ ନୂତନ ତତ୍ତ୍ୱ ସହିତ ସମାନ କହିଲେ ଚଳେ । ଉତ୍କଳର ତରୁଣ ଶିଳ୍ପୀ ଯଶସ୍ୱୀ ହୋଇ ଏ ଦେଶର ଗୌରବ ବୃଦ୍ଧି କରିବ ବୋଲି ଆଶା କରାଯାଏ ।'

(ଗୋପାଳ କାନୁନ୍‌ଗୋ, *ଉତ୍କଳର ଚିତ୍ରକଳା*, ଓଡ଼ିଶା ଲଳିତ କଳା ଏକାଡେମୀ, ୧୯୬୪, ଭୁବନେଶ୍ୱର, ପୃଷ୍ଠା, ୮୭)

ପଣ୍ଡାସାର୍ ମୋତେ ତାଙ୍କ ଶିଷ୍ୟଭାବେ ଅସମ୍ଭବ ଭଲ ପାଉଥିବାରୁ ମୋ ପାଇଁ ନିଜ ତରଫରୁ ଏତକ ସାଧ କରିଥିଲେ । ନହେଲେ ଦେଲା ନାରୀ ହେଲା ପାରି ନ୍ୟାୟରେ କଥା ସରିଥାନ୍ତା । ସାଧାରଣ ଶିକ୍ଷକ ଓ ଛାତ୍ର ସଂପର୍କ ଭିତରେ ଏଭଳି ଅଯାଚିତ ସାହାଯ୍ୟ ବା ଗୋପାଳ କାନୁନ୍‌ଗୋଙ୍କଠାରୁ ପାଇଥିବା କେତୋଟି ଅଧିକା ନମ୍ବର ଅପେକ୍ଷା ଗୁରୁଶିଷ୍ୟ ସଂପର୍କର ଏହାଥିଲା ଏକ ବିମଳ ଉଦାହରଣ । ଏଭଳି ଘଟଣା ଅନ୍ୟ ମହାବିଦ୍ୟାଳୟରେ ଘଟିଥିଲେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଟିକୁ ସ୍ୱର୍ଣ୍ଣପଦକ ମିଳିଥାନ୍ତା । ମୋ ମନରେ ପ୍ରତ୍ୟୟ ଆଣିବା ପାଇଁ ମୁଁ ସ୍ୱର୍ଣ୍ଣପଦକ ପାଇନଥିଲେ ମଧ୍ୟ, ଆର୍ଟସ୍କୁଲରେ ପାଇବାର ବ୍ୟବସ୍ଥା ନଥିଲେ ମଧ୍ୟ ସ୍ୱର୍ଣ୍ଣପଦକ ପ୍ରାପ୍ତିର ମର୍ଯ୍ୟାଦାବୋଧ ଓ ସମ୍ମାନରେ ପଣ୍ଡାସାର୍ ମୋତେ ଉଚ୍ଛୁଳେଇ ଦେଇଥିଲେ ।

ପଣ୍ଡାସାର୍ ଘଟଣାଚକ୍ରରେ ପଡ଼ି ପରୀକ୍ଷକଙ୍କ ଦ୍ୱାରା ଜଣେ ଛାତ୍ରର ଯିମିତି ସମସ୍ତ ଚିତ୍ର ଯାଞ୍ଚ କରିବାର ବ୍ୟବସ୍ଥା କରିଥିଲେ, ତାହା କଳାବିଦ୍ୟାଳୟ ମାନଙ୍କରେ ଏବେ ଗୋଟିଏ ପରଂପରାରେ ପରିଣତ ହେଇଗଲାଣି । ଏହାକୁ 'ଡିସ୍‌ପ୍ଲେ' କୁହାଯାଉଛି । କଳା ବିଦ୍ୟାଳୟରେ ପୁଣି ସାଧାରଣ ସ୍କୁଲ କଲେଜ ଭଳି ପରୀକ୍ଷା ଆଉ କପି କ'ଣ ! କଳାବିଦ୍ୟାଳୟରେ ତ ସବୁ ଖୋଲା ମେଲା ।

Digitized by srujanika@gmail.com

ପଣ୍ଡାସାର୍ ଓ ମୋ ଭିତରେ କିଛି ଜିଲ୍ଲାଗତ ଚରିତ୍ରବଭାର ଅନ୍ତର ଥିଲା । ପଣ୍ଡାସାର୍ ଉତ୍ତରବାଲେଶ୍ୱରିଆ ଲୋକ । ତାଙ୍କର ସବୁ କଥାରେ ସନ୍ଦେହ । ଅବଶ୍ୟ ଏହା ବ୍ୟକ୍ତିଗତ ନା ଜିଲ୍ଲାଗତ ତା'ର ସମୀକ୍ଷା ଆବଶ୍ୟକ । କିନ୍ତୁ ପଣ୍ଡାସାର୍ ଘରେ କଞ୍ଚି ପକେଇ ରାସ୍ତା ଉପରକୁ ଉଠିଲା ଭିତରେ ତିନିଥର କଞ୍ଚିକୁ ହଲେଇବେ । ସବୁବେଳେ ସନ୍ଦେହ ହେବ ବୋଧହୁଏ ଠିକ୍‌ଭାବେ କଞ୍ଚି ପଡ଼ିଲାନି । ରାସ୍ତାରୁ ଫେରିଯାଇ ପୁଣି ଦେଖିବେ । ପୁଣି ପଛକୁ ଚାହୁଁଥିବେ । ମୁଁ ଗଂଜାମ ଲୋକ । ସବୁ ରୋକ୍ ଠୋକ୍ । ଲୁଚାଛପା ଆମ ପ୍ରବୃତ୍ତି ନୁହେଁ । ଉପେନ୍ଦ୍ର ଭଂଜ ଦେଖୁନ ଥନରୁ ନିତମ୍ବଯାଏଁ ସବୁ ରୋକ୍ ଠୋକ୍ ବର୍ଣ୍ଣିଗଲା, କବିସୂର୍ଯ୍ୟ ବି ସେଇଆ କଲା । ପଣ୍ଡାସାର୍‌ଙ୍କ ଭରସା ଥାଏ ପାଠୀ କଳାଜଗତରେ ଅନେକ ବଡ଼ କଥା କରିବ । ମନଭିତରେ ସହଶିଳ୍ପୀ ଭାବେ ଅସୂୟାଟିଏ ବି ଥାଏ । ଯିମିତି ରୂପବତୀ ମା' ଟିଏ ନିଜର ସୌନ୍ଦର୍ଯ୍ୟବତୀ କନ୍ୟାକୁ ମଧ ମନେ ମନେ ହିଂସା କରେ । ଗୁରୁ ବେଳେ ବେଳେ ହାତର ବୁଢ଼ା ଆଙ୍ଗୁଳି ଦକ୍ଷିଣା ମାଗେ । ପଣ୍ଡାସାର୍ ଜ୍ୟୋତିଷ ବିଦ୍ୟାରେ ଅସମ୍ଭବ ବିଶ୍ୱାସୀ । ମୋ ଭାଇନାଙ୍କ ପାଖରୁ ମୋ ଜାତକ ମଗେଇ ପଣ୍ଡିତ ବାଇକୋଳିଙ୍କୁ ଦେଇ ଗଣେଇ ନେଲେ । ବାଇକୋଳି ରବର ଷ୍ଟାମ୍ପ ଛାଞ୍ଚ ପକେଇ କୋଠି ତିଆରି କରି ମୋ ଭବିଷ୍ୟତ ଜୀବନର କିଛି ପଂକ୍ତି ଉନ୍ମୋଚନ କରି, ତାଙ୍କ ଗଣନାକୁ ଗୋଟିଏ ଛୋଟିଆ ପୁସ୍ତକ ଆକାରରେ ସିଲେଇ କରି ମୋତେ ଦେଲେ । ସେହି ଦିନଠାରୁ ପଣ୍ଡା-ପାଠୀ ସଂପର୍କ ଭିନ୍ନ ମୋଡ଼ ନେଲା ।

Digitized by srujanika@gmail.com

ଖଲିକୋଟରେ ରହିବା ନୋହିଲା

ଖଲିକୋଟ ବିଦ୍ୟାଳୟର ନାନା ଅସୁବିଧା ଓ ଅବ୍ୟବସ୍ଥା ଭିତରେ, ତୀବ୍ର ଆଞ୍ଚଳିକତାର ବିଷାକ୍ତ ପାଣିପବନ ସତ୍ତ୍ୱେ ଚାରିବର୍ଷରେ ଖଲିକୋଟ ମାଟି ଓ ଉଆସ ପ୍ରତି ଏକ ଆସକ୍ତି ବଢ଼ିଯାଇଥିଲା । ଆସକ୍ତିରୁ ମମତା ଓ ଗର୍ବବୋଧ ଆସିଯାଇଥିଲା । ଖଲିକୋଟ ଆର୍ଟସ୍କୁଲ ସେତେବେଳର ଓଡ଼ିଶାର ଏକମାତ୍ର କଳାନୁଷ୍ଠାନ । ଜୟପୁରଟା ତ ଦି' ବର୍ଷିଆ । ଓଡ଼ିଶାସାରାର ପିଲା ଚିତ୍ରପାଠ ପାଇଁ ଏଠି ପହଞ୍ଚୁଥିଲେ । କିନ୍ତୁ ଅଧିକାଂଶଙ୍କ ଆଖିଥିଲା ସାର୍ଟିଫିକେଟ୍ କାଗଜ ଖଣ୍ଡକ ଉପରେ, ଡ଼ିପ୍ଲୋମା ପାଇବେ, ଜୀବନ ଧନ୍ୟ ହେଇଯିବ । ଜୀବନରେ ଶିଳ୍ପୀହେବାର ଉଦାତ୍ତ ନିଶା ମୋତେ ଘାରିଥାଏ । ଖରାଛୁଟିରେ ପିଲାବେଳରୁ ସାଙ୍ଗମାନେ ଗାଁରେ ଏକାଠି ହେଲେ କିଏ କିଏ ବାତ୍ସଲ୍ୟଭରା ସ୍ୱରରେ କହନ୍ତି ଦିନନାଥ ଆଉ କ'ଣ କରିବ ? କେଉଁ ଗୋଟିଏ ହାଇସ୍କୁଲରେ ଡ୍ରଇଁ ମାଷ୍ଟ୍ରଟିଏ ହେବ । ଅଙ୍କ ଓ ବିଜ୍ଞାନର ଛାତ୍ର, ବିଚରା ଶେଷରେ ଆର୍ଟସ୍କୁଲରେ ପଢ଼ିବାକୁ ବାଧ୍ୟହେଲା । ଏଭଳି ଆକ୍ଷେପ

Digitized by srujanika@gmail.com

ମୋର ସହଜରେ ହଜମ ଯାଏନି । ମନରେ କ୍ଷୋଭ ଜାତ ହୁଏ । ମନେ ମନେ ମୁଁ ସଂକଳ୍ପ ନିଏ ଏ ଦେଶର ଜଣେ ବିଶିଷ୍ଟ ଚିତ୍ରଶିଳ୍ପୀଟିଏ ହେବି । ବେଳେବେଳେ ମୋ ନାଁ ପଛକୁ ଏମ୍, ଏ, ପି. ଏଚ ଡି (ଲଣ୍ଡନ) ଏମିତି କୁହାକୁହିରେ ଶୁଣା ଉପାଧି ଯୋଡ଼ିଦିଏ । କହେ ମୁଁ ଆର୍ଟ ପ୍ରଫେସର୍ ହେବି, ପ୍ରିନସ୍‌ପାଲ୍ ହେବି । ହୁଏତ ମୁଁ ମୋର ଲଣ୍ଡନ ଫେରନ୍ତା ପ୍ରିନସ୍‌ପାଲ୍ ଶରତଚନ୍ଦ୍ର ଦେବ ଆଉ ଲଣ୍ଡନ ଫେରନ୍ତା ଅଧ୍ୟାପକ ଅଜିତକେଶରୀ ରାୟଙ୍କୁ ଦେଖିଥାଏ ବୋଲି ଏଣ୍ଟୁଅ ଧାଇଁ ଧାଇଁ ସେଇ ସିଢ଼ୁବୁଦା ମୂଳେ ପହଞ୍ଚେ । ଦିଗପହଣ୍ଡି ଗଡ଼ର ପିଲା ଇଂଜିନିଅର, ଡାକ୍ତର ତ ହେଇପାରିଲାନି ବୋଲି । ଆଉ ନିଜ ପାଇଁ ଅଧିକା କ'ଣ ବା ଭାବିପାରିବ !

ବାର୍ଷିକ ଡିପ୍ଲୋମା ପରୀକ୍ଷା ସରିଲା । ତା ସହିତ ଚାରୋଟିବର୍ଷର ଚିତ୍ରକଳାପାଠ ବି ଶେଷହେଲା । ଦିଗ୍‌ବିଜୟର ଗୌରବ ନେଇ ଏବେ ଗାଁକୁ ଫେରିବାର ବେଳ । ନନା ତ ମେଟ୍ରିକ୍ୟୁଲେସନ୍ ପରୀକ୍ଷାବେଳକୁ ଚାଲିଯାଇଥିଲେ । ଖଲିକୋଟରେ ଦ୍ୱିତୀୟବର୍ଷରେ ପଢ଼ିଲାବେଳେ ବୋଉ ଚାଲିଗଲା । ଘରେ ଅବଶ୍ୟ ଭାଇନା, ତାଙ୍କ ପରିବାର ଏବଂ ତାଙ୍କର ଶିଳ୍ପକଳାମନ୍ଦିର । ଗୋଟିଏ ପଟେ ନାମଜାଦା ଶିଳ୍ପୀ ହେବାର ଆକର୍ଷଣ ଓ ଅନ୍ୟପଟେ ଶିଳ୍ପକଳାମନ୍ଦିର ସହିତ ସଂପୃକ୍ତହେଇ ଜୀବନ ନିର୍ବାହ କରିବାର ସାଧାରଣ କୌଳିକ ପନ୍ଥା । ଚିତ୍ରକର୍ମ ଆମ ପାଇଁ କୌଳିକ ପନ୍ଥାହେଇ ସାରିଥିଲା । ଗାଁକୁ ଫେରିଗଲେ ଡ୍ରାମା, ଥିଏଟର ପରଦାଚିତ୍ର, ମୁଖାଗଢ଼ଣ ଓ ସାଇନ୍‌ବୋର୍ଡ଼ଠାରୁ ଆରମ୍ଭକରି ବିବାହ ବ୍ରତଘର କାନ୍ଥ ଚିତ୍ର ଯାଏଁ ସବୁପ୍ରକାର ଚିତ୍ରାଙ୍କିକାମ ଛାଏଁ ଛାଏଁ ବଳଦ କାନ୍ଧରେ ଯୁଆଳି ଯୋଚିହେଲାପରି ଯୋଚି ହେଇଯିବ । ତେଲପେଡା ଘଣା ଚାରିପଟେ ଅହରହ ଘୂରିବାକୁ ହେବ । ଖଲିକୋଟ ଆର୍ଟସ୍କୁଲକୁ ଯିବାପୂର୍ବରୁ ଏସବୁ ଶିଳ୍ପକଳା କରିବାରେ ଅକୁଣ୍ଠ ଆଗ୍ରହ ଥିଲା, ଗୌରବବୋଧଥିଲା । ଏବେ ସେଆଡ଼କୁ ଆଉ ମନଟାଣୁନି । ଭାଇନା ଅବଶ୍ୟ ଚାହିଁଥିଲେ ମୁଁ ଖଲିକୋଟରୁ ଫେରିଆସି ଶିଳ୍ପକଳା ମନ୍ଦିରରେ ଚିଫ୍ ଆର୍ଟିଷ୍ଟ ଭାବେ କାମ କରେ । ଏବେ ଯାହାହେଲେ ମୁଁ ଡିପ୍ଲୋମା ହୋଲଡ଼ର୍ । ଗାଁ ଲୋକେ ମୋତେ ଖଲିକୋଟ ଫେରନ୍ତା ଶିଳ୍ପୀର ମାନ୍ୟ ଦେବାକୁ ତିଆର ଥିଲେ । ଗୋପାଳକୃଷ୍ଣ ନନ୍ଦ ତ ପାରିଲାନି ବୋଲି ପାଠଅଧାରୁ ଖଲିକୋଟରୁ ଫେରିଆସିଲା । ତଥାପି କିଏ କିଏ ତାକୁ କହିଲେ ଖଲିକୋଟ ଫେରନ୍ତା । ଏବେ ମୁଁ' ହିଁ ଆମ ଗାଁର ଏକମାତ୍ର ଡିପ୍ଲୋମା ହୋଲଡ଼ର୍ ଆର୍ଟିଷ୍ଟ୍ । ତଥାପି ଗାଁକୁ ଫେରିବାକୁ ମନ

Digitized by srujanika@gmail.com

କହୁନଥିଲା । ଗାଁରେ ପହଞ୍ଚି ଗ୍ରାମଫୋନ୍‌ର ପୁରୁଣା ରେକର୍ଡ଼ ପୁଣି ବଜେଇବାକୁ ଇଛା ବି ନଥିଲା । ଏଣେ ଗାଁରେ ଅନଚିନ୍ତା ଚମତ୍କାର । ଶିଳ୍ପକଳା ମନ୍ଦିରର ମୂଳମନ୍ତ୍ର ହେଲା ଜ୍ଞାନମଞ୍ଜି - ଚିତ୍ରାଙ୍କି ବିଦ୍ୟା ଆଉ ତାବୁ । ଗୋଟିଏ ଅନ୍ୟ ଉପରେ କ୍ରମନିର୍ଭରଶୀଳ । ନିତ୍ୟକର୍ମ ସାରି ସକାଳପହରୁ ବଗ ମାଛକୁ ଟାକିରହିଲା ପରି ଭାଇନା ଗ୍ରାହକଟିଏକୁ ଅନେଇ ରହିଥିବେ । ପାଖ ଗାଁରୁ ଗରାଖଟିଏ, କୌଣସି ନାଟପୂଜାର ଅଧିକାରୀ କି ମେନେଜରଟିଏ ଶିଳ୍ପକଳା ମନ୍ଦିରରେ ପହଞ୍ଚି କୌଣସି ଆର୍ଟକାମ ପାଇଁ ବଅଣା ହେଲେ ଭାଇନା ସଙ୍ଗେ ସଙ୍ଗେ ମୋ ହାତରେ ଟଙ୍କେ କି ଦି'ଟଙ୍କା ଧରେଇ ଦେଇ ବରାଦ କରିବେ । ଦିନ୍ନାଥ ବେଗି ବେଗି ଯା ଲାଲ୍ଲନା ଦୋକନାରୁ ଜ୍ଞାନମଞ୍ଜି ନେଇ ଆସେ । ମୁଁ ତା'ପରେ ହାପ୍‌ପେଣ୍ଟ୍ ଖଣ୍ଡେ ପିନ୍ଧି ବାଉଁଶ ପାତିର ଡାଙ୍ଗୁଡ଼ିଟେ ଧରି ବଜାରକୁ ଦଉଡ଼ିବି । ମେଟ୍ରିକ୍ୟୁଲେସନ୍ ପରେ ଆର୍ଟସ୍କୁଲରେ ପଢ଼ିବିନି ବୋଲି ମନସ୍ଥ କରି ଗାଁରେ ଟିଉସନ୍ କଲି, ଓଡ଼ାସିଙ୍ଗି ସଂସ୍କୃତ ଟୋଲରେ ମାଷ୍ଟ୍ର ହେଲି ସିନା ଖଲିକୋଟକୁ ତରସି କରି ରହିଲି । ବର୍ଷେ ତୁଲ୍ଲାଟାରେ ଗଲା । ଶେଷରେ ଆର୍ଟସ୍କୁଲ ମୃତ ଆଲବାଟ୍ରସ୍ ପକ୍ଷୀଭଳି ମୋ ଗଳାରେ ଝୁଲି ପଡ଼ିଲା ।

ପଣ୍ଡାସାର୍ ଯାହା କହୁଥିଲେ ତାକୁ ବେଦର ଗାର ଭଳି ମୁଁ ମାନି ନେଉଥିଲି । ମୋ ଶିକ୍ଷାଜୀବନକୁ ଯିମିତି ପରିଚାଳିତ କରିବା ପାଇଁ ସେ ଚାହୁଁଥିଲେ ମୁଁ ତାକୁ ଜୀବନରେ ଶ୍ରେୟବୋଲି ଗ୍ରହଣ କରୁଥିଲି । ଅଏଲ୍‌ପେଣ୍ଟିଙ୍ଗ୍ ଷ୍ଟଡ଼ିକ୍ଲାସରେ ମୁଁ ପୋଟ୍ରେଟ୍ ଷ୍ଟଡ଼ି କଲାବେଳେ ମୋ ଦ୍ରୁତ ବ୍ରସ୍‌ଚାଳନାକୁ ପଣ୍ଡାସାର୍ ବଡ଼ ତାରିଫ୍ କରିବେ । ସବୁବେଳେ ମୁରଲୀଧର ଟାଲିଙ୍କ ଉଦାହରଣ ଦେବେ ସିନା କଥାଭିତରେ ଲଥା ଯୋଖି ଦେବେ । ତାଙ୍କ ବୟାନରେ ପ୍ରଶଂସା ଯେତିକି ଥିବ ସେତିକି ଆକ୍ଷେପ ମଧ୍ୟ ପ୍ରଚ୍ଛନ୍ନ ଭାବେ ରହିଥିବ । ଏତେବଡ଼ ଆଟିଷ୍ଟଟା ଗ୍ରାଫ୍‌ଟାଣି, ପୋଟ୍ରେଟ୍ ଆଙ୍କି ଆଙ୍କି ଆତ୍ମବିଶ୍ୱାସ ହରେଇ ଦେଲାଣି । ମୁଁ ମୁରଲୀଧର ଟାଲିଙ୍କୁ ଦେଖିନଥାଏ କି ତାଙ୍କ କାମ ବି ମୋ ଆଖିରେ ପଡ଼ିନଥାଏ । ପଣ୍ଡାସାର୍ ବୋଧହୁଏ ମୋତେ ଅନୁପ୍ରାଣିତ କରିବା ପାଇଁ ଟେକାଟେକି କରି କହିବେ ମୁରଲୀବାବୁ ତମଭଳି ପେନସିଲ୍‌ରେ ମୂଳ ଡ୍ରଇଁ ନକରି ବ୍ରସରେ ସିଧା ରଙ୍ଗ ଚପେଇ ପାରିବେନି, ତାଙ୍କର ସବୁ ପୋଟ୍ରେଟ ଗ୍ରାଫ୍‌ର ଛନ୍ଦଭିତରେ ହିଁ ଉତୁରେ । ମୁଁ ମୁରଲୀବାବୁଙ୍କୁ ତାଙ୍କ ଶହୀଦନଗର ଘରେ ଦେଖିଲାବେଳକୁ ସିଏ ରାତି ଦିନ ପୋଟ୍ରେଟ୍ ହିଁ କରୁଥିଲେ । ତାଙ୍କ ଛବିର ଟୋନ୍ ଓ ବର୍ଣ୍ଣ ସଂଯୋଜନା ଖୁବ୍ ଅଦ୍ଭୁତ, ସଂପୂର୍ଣ୍ଣ ଇଂଲିଶ୍ ଏକାଡେମୀ ପଦ୍ଧତିର । ତାଙ୍କ ସମୟରେ ମୁରଲୀବାବୁ ଆଲେଖ୍ୟ ଚିତ୍ରଣରେ ଅଦ୍ୱିତୀୟ ଥିଲେ ।

Digitized by srujanika@gmail.com

ମୁରଲୀବାବୁଙ୍କ ନାଁ ସହିତ ମିଶେଇ ପଣ୍ଡାସାର ରଘୁନାଥ ସିଂହଙ୍କ କଥା ମଧ୍ୟ କହନ୍ତି । ରଘୁନାଥ ସିଂହ ଇଟାଲୀ ଦେଶର ନେପଲସ୍ ସହରରେ ଥିବା ଏକାଡେମୀ ଅଫ୍ ଫାଇନ୍ ଆର୍ଟସ୍‌ର ପ୍ରସିଦ୍ଧ ଭାସ୍କର ଏଇଲୋ ଗ୍ରେକୋଙ୍କ ତତ୍ତ୍ୱାବଧାନରେ ଭାସ୍କର୍ଯ୍ୟ ଉପରେ ଗବେଷଣା ସାରି ଭାରତ ଫେରିଆସି ଜାତୀୟ ସ୍ତରରେ ବେଶ୍ ନାଁ କରିଥାନ୍ତି । ପଣ୍ଡାସାର୍ କହୁଥାନ୍ତି ତମେ ବି ବିଦେଶ ଯିବାକୁ ଆକାଂକ୍ଷା ରଖ, ଆହୁରି ଅଧିକା ପାଠ ପଢ଼ । ପଣ୍ଡାସାର୍‌ଙ୍କ ବିଶ୍ୱାସଥାଏ ତାଙ୍କରି ଛାତ୍ର ଭାବେ ଓଡ଼ିଶାର ଶିଳ୍ପକଳା କ୍ଷେତ୍ରରେ ମୁଁ ସମସ୍ତଙ୍କୁ ଟପିଯିବି । ମୋର ଏଭଳି କୃତିତ୍ୱରେ ମୋର ନିଜର ଯେତିକି ଶ୍ରେୟ ନହେବ ପଣ୍ଡାସାର୍‌ଙ୍କ ଶୈକ୍ଷିକ ବିଦ୍ୱତ୍ତାର ଡାଠୁ ବଳି ଜୟଜୟକାର ହେବ । ସାର୍ ସବୁଆଡ଼େ କହିବେ ପାଠୀ ମୋର ବଡ଼ ପାରିବାର ଛାତ୍ର । ଶିଳ୍ପୀଏ କହିବେ, ସାଧାରଣ ଲୋକେ ବି କହିବେ ପାଠୀ ଅନନ୍ତ ପଣ୍ଡାଙ୍କର ଯୋଗ୍ୟ ଛାତ୍ର । ଏଭଳି ପରିକଳ୍ପନା ବା ସ୍ୱପ୍ନକୁ ପାଥେୟ କରି ଗୋଟିଏ ବିଶ୍ୱାସ ଧୀରେ ଧୀରେ ଦାନା ବାନ୍ଧୁଥିଲା । ତା'ହେଲା ଖଲିକୋଟ ଆର୍ଟସ୍କୁଲରେ ଅଧ୍ୟାପକ ଭାବେ ମୋ ସମ୍ଭାବ୍ୟ ଅବସ୍ଥିତି । ଖଲିକୋଟର ଅସୂୟା ପ୍ରଣୋଦିତ ଆଞ୍ଚଳିକ ବୈଷମ୍ୟମର ବାତାବରଣରେ ଜଣେ ସଫଳ ଅଧ୍ୟାପକଭାବେ ତିଷ୍ଠିରହି ନିଜର କର୍ମପନ୍ଥାର ବିସ୍ତାର ପାଇଁ ପଣ୍ଡାସାର୍ ଜଣେ ବିଶ୍ୱସ୍ତ ସହଯୋଗୀ ଚାହୁଁଥିଲେ ଓ ତାଙ୍କର ଆଶା ଓ ଭରସା ମୋ ପାଖରେ ନିବଦ୍ଧିତ ଓ ନିବଦ୍ଧିତ ହେଇଯାଉଥିଲା । ମୁଁ ଭାବପ୍ରବଣତାରେ ଅତିମାତ୍ରାରେ ପଣ୍ଡାସାର୍‌ଙ୍କ ସହିତ ଛନ୍ଦି ହେଇ ଯାଉଥିଲି ।

ମୋ ତୃତୀୟବର୍ଷରେ ପଣ୍ଡାସାର୍ ଖଲିକୋଟ ଆସିଲେ । ସିଏ ଆସିବାପରେ ଆର୍ଟସ୍କୁଲରେ ଚିତ୍ରକଳାର ବାତାବରଣ ସଂପୂର୍ଣ୍ଣ ବଦଳିଗଲା । ମନେହେଲା ଚତୁର୍ଦ୍ଦିଗେ ରଙ୍ଗ ଓ ରୂପରେ ଭେଳିକି ଲାଗିଯାଇଛି । ସତେ ଯିମିତି ଖଲିକୋଟର ପବନରେ ଶାନ୍ତିନିକେତନର ପାଗଲାହାଓ୍ୱା ମାତିଯାଇଛି । ଚିତ୍ରରଚନାର ପ୍ରବଳ ଚାପ ଫଳରେ ମୋ ଶେଷବର୍ଷ ଦିବ୍ୟଜୀବନ ସଂଘର କାର୍ଯ୍ୟକ୍ରମକୁ ଆଗଭଳି ମୁଁ ସେତେ ଗୁରୁତ୍ୱ ଦେଇପାରୁନଥିଲି । ଚିତ୍ରଶିଳ୍ପୀ ହେବା ନିଶା ମୋତେ ପ୍ରବଳ ଘାରିଥାଏ । ଆଚାର୍ଯ୍ୟ ଶରତଚନ୍ଦ୍ର ଆଧ୍ୟାତ୍ମିକ ସାଧନାରେ ମୋର ଅମନଯୋଗପାଇଁ ଅସନ୍ତୋଷ ପ୍ରକାଶ କରୁଥାନ୍ତି । ତଥାପି ତାଙ୍କର ଧାରଣାଥାଏ ମୁଁ ଯଦି ଆଧ୍ୟତ୍ମିକ ସାଧନାରେ ବ୍ରତୀହେଇ ଆଗକୁ ବଢ଼େ, ତା'ହେଲେ ଭବିଷ୍ୟତରେ ଜଣେ ଯୋଗୀ ବା ସନ୍ନ୍ୟାସୀ ହେବାର ଯଥେଷ୍ଟ ସମ୍ଭାବନା ଅଛି । ସ୍କୁଲ ପଢ଼ାସାରି

Digitized by srujanika@gmail.com

ଫେରିବା ବେଳେ ଶରତଚନ୍ଦ୍ର ମୋତେ ଦେଇଥିବା ଚରିତ୍ର ପତ୍ରରେ ଏହା ଉଲ୍ଲେଖ କରିଥିଲେ । ବାସ୍ତବିକ ଜୀବନଯାତ୍ରାର ଦୋ' ଛକିରେ ଠିଆହେଇ ମୁଁ ଦି'ଆଡ଼କୁ ହାତବଢ଼େଇବା ପାଇଁ ଚେଷ୍ଟା କରୁଥିଲି । ଗୋଟିଏ ପଟେ ଚିତ୍ରକଳା ଓ ଅନ୍ୟପଟେ ଆଧ୍ୟାତ୍ମିକତା । ଘର ଗାଁ' ସହିତ ମୋ ସଂପର୍କ ଅତ୍ୟନ୍ତ କ୍ଷୀଣ ହେଇଯାଇଥିଲା । ଧନ ସଂପତ୍ତି, ଘରଦ୍ୱାର, ଜମିବାଡ଼ିର ମାଲିକ ନ ହେଇଥିବାରୁ ମୁଁ ନିଜକୁ ଅସହାୟ ମନେ କରୁନଥିଲି । ବରଂ ସ୍ୱାଧୀନଭାବେ ଜୀବନସଂଗ୍ରାମରେ ଆଗେଇ ଯିବାର ସଂକଳ୍ପ ନେଉଥିଲି । ଏଥିପାଇଁ ସମସ୍ତ ପ୍ରକାର ତ୍ୟାଗ ପାଇଁ ମୁଁ ମନେ ମନେ ପ୍ରସ୍ତୁତ ହେଉଥିଲି । ଚିତ୍ରକଳା ସହିତ ଧ୍ୟାନଧାରଣା, ଯୋଗ, ପ୍ରାଣାୟାମ, ଧର୍ମଗ୍ରନ୍ଥ ପାଠ ଏକାଭଳି ଚାଲିଥାଏ ।

ଡିପ୍ଲୋମା ପରୀକ୍ଷା ସରିଲା ପରେ ପଣ୍ଡାସାର୍ ହଷ୍ଟେଲ ଛାଡ଼ି ଗାଁକୁ ନ ଯିବାପାଇଁ ପରାମର୍ଶ ଦେଲେ । ତାଙ୍କ ପରାମର୍ଶକୁ ନିର୍ଦ୍ଦେଶ ଭାବେ ଶିରୋଧାର୍ଯ୍ୟ କରି ଆର୍ଟସ୍କୁଲରେ ଖରାଛୁଟି ସାରା ପଡ଼ିରହିଲି । ଜଣ ଜଣ ହେଇ ସାଙ୍ଗମାନେ ସ୍କୁଲଛାଡ଼ି ଯେଝା ଗାଁକୁ ଚାଲିଯାଇଥିଲେ । ସେମାନେ ଖଲିକୋଟ ଛାଡ଼ି ବିଦାୟ ନେଲାବେଳେ କାନ୍ଦରୋଳ ପଡ଼ିଯାଉଥିଲା । ଆର୍ଟସ୍କୁଲରୁ ବସ୍‌ଷ୍ଟାଣ୍ଡ ଯାଏଁ କଇଁ କଇଁ କାନ୍ଦି କାନ୍ଦି ଜଣେ ଜଣକୁ ବିଦାଗି ଦେବାକୁ ଯାଉଥିଲା । ପିଲେ ଆର୍ଟସ୍କୁଲର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଇନଷ୍ଟ୍ରକଟର୍ ଏଭଳିକି ଦପ୍ତରର ଟିକିବାବୁ ଓ ଟାଇପିଷ୍ଟ ସାରଥି ବେହେରାଙ୍କ ପାଖରେ ମୁଣ୍ଡିଆ ମାରି ଘର ବାହୁଡୁ ଥିଲେ । ଏଥିଲା ନିଛକ ଆତ୍ମୀୟତାର ନିଦର୍ଶନ ।

ସମସ୍ତେ ନିଜ ନିଜ ଗାଁକୁ ଫେରିଗଲା ପରେ ମୁଁ ଏତେ ବଡ଼ ହଷ୍ଟେଲରେ ଏକା ହେଇଗଲି । ମୋ ସାଙ୍ଗରେ ମୋ ତଳ କ୍ଲାସର ଜଣେ ମୂକବଧିର ସହପାଠୀ ଅକ୍ଷୟ । ତାର'ବି ଘରଦ୍ୱାରର ଠିକଣା ନଥିଲା । ଦୁହେଁ ମିଳି ମିଶି ରାନ୍ଧୁ ଖାଉ ଆଉ ମର୍ଦ୍ଦରାଜଙ୍କ ଏହି ନିର୍ଜନ ରାଜପ୍ରାସାଦରେ ରହୁ । ସଂଧ୍ୟାହେଲେ ଦଳ ଦଳ ଚେମିଣି କିଚିରି ମିଚିରି ହେଇ ଚକ୍କର କାଟନ୍ତି । କୋଠାଘର ବଡ଼ ଖାଁ ଖାଁ ଲାଗେ । ରାତି ଗହୀରିଆ ହେଲେ ମରୁଆ ପାହାଡ଼ରୁ କୁଟୁରା, ଜିଆଦ ହାଙ୍କଡ଼ ଖାଆନ୍ତି । ଗମ୍ବୁଜ ଭିତରେ ବସି ବେଳେ ବେଳେ ପେଚା ହୁକୁ ହୁକୁ ହେଇ ବିକଟ ଶବ୍ଦ କରେ । ଜୀବନରେ ଶିଳ୍ପୀହେବାର ଉଦ୍ଦାମ ଆଶାରେ ଭଟ୍ଟା ପଡ଼େ । ନିଜର ଡରକୁଳା ମନକୁ ଉଚାଟ କରିବା ପାଇଁ ମଝି ମଝିରେ ଖୁବ ଉଚ୍ଚଗଳାରେ ଅକ୍ଷୟ ଡାକେ

Digitized by srujanika@gmail.com

ଦିନାଥ । ସେ ଡାକର ପ୍ରତିଧ୍ୱନି ଘଡ଼ିଏ ପାଇଁ ପାଟ ଅଗଣାରେ ଖଣ୍ଡିଆ ଭୂତର ପବନ ଭଳି ଘୂରି ଶୂନ୍ୟରେ ମିଳେଇ ଯାଏ । ତା'ର ପାଟିରେ ମୋ ନାଁଟି ଶୁଦ୍ଧ ପଡ଼ଟେନି । ତଥାପି ଲାଗେ ମୋ ସାଙ୍ଗରେ କିଏ ଜଣେ ସଚେତନ ସଭାଟିଏ ଅଛି । ମୁଁ କୁଆର ଓ ଭଟ୍ଟା ଭିତରେ ଆଉଟୁ ପାଉଟୁ ହେଉଥାଏ । ଏବେଳରେ କୁଟା ଖଣ୍ଡେପାଇଲେ ବି ମଣିଷ ଯିମିତି ଆଶ୍ରା ପାଇଗଲି ବୋଲି ଆଣ୍ଠବାନ୍ଧି ଦିଏ, ମୋ ଅବସ୍ଥା ସିମିତି ହେଇଗଲା ।

ପଟେରୀ ବେହେରାସାର୍ 'ଜନ୍ମ-ମୃତ୍ୟୁର ହିସାବ ରେଜିଷ୍ଟ୍ରି କର' ବୋଲି ଲୋକଙ୍କୁ ପ୍ରବର୍ତ୍ତେଇବା ପାଇଁ କିଛି ସାଇନ୍ ବୋର୍ଡ଼ ଲେଖାର ଅର୍ଡ଼ର ଆଣି ମୋତେ ଧରେଇ ଥିଲେ । ସେଥିରୁ କିଛି ଉପାର୍ଜନ ବି ହେଇଥିଲା । ଜୀବନ ନିର୍ବାହ କରିବା ପାଇଁ ମୋ ନିକଟରେ ଯାହା ସମ୍ବଳ ଥିଲା ତାହା ଧୀରେ ଧୀରେ ନିଃଶେଷ ହେବାକୁ ଲାଗିଲା । ପଣ୍ଡାସାର୍ ମୋ ଅବସ୍ଥା ଉପଲବ୍ଧି କରି ନିଜଘରେ ଅତିଥି ହେଇ ରହିବାପାଇଁ ନିମନ୍ତ୍ରଣ ଜଣେଇଲେ । ମୋ ପାଇଁ ଏହା ସୁଯୋଗ ଜୁଟେଇଦେଲା । ଦି'ଓଳି ଆହ୍ଲାକରି ଦି'ବଖତର ବ୍ୟବସ୍ଥା ହେଇଗଲା । ମୁଁ ଖଲିକୋଟରେ ଯିମିତି ହେଲେ ଥାକିଯାଏ ପଣ୍ଡାସାର୍ ସେ ଦିଗରେ ସମସ୍ତ ସମ୍ଭାବ୍ୟ ଯୋଗାଡ଼ କରିବାରେ ଲାଗିଲେ । ଆର୍ଟସ୍କୁଲରେ ନୂଆହେଇ ଖୋଲା ଯାଇଥିବା ଲାଇବ୍ରେରୀ ପାଇଁ ଲାଇବ୍ରେରୀଆନ୍‌ଟିଏର ଉପାଦେୟତା ସଂପର୍କରେ ଅଧକ୍ଷଙ୍କ ନିକଟରେ ଯୁକ୍ତି ବାଢ଼ିଲେ । ମୁଁ ଯେହେତୁ ମେଟ୍ରିକ୍ୟୁଲେଟ୍ ଓ ଚିତ୍ରକଳାରେ ଡିପ୍ଲୋମା କରିଛି, ମୁଁ ଏହି ପଦବୀ ପାଇଁ ଉପଯୁକ୍ତ ପାତ୍ରବୋଲି ପ୍ରମାଣିତ କରିବାକୁ ଚେଷ୍ଟାକଲେ । ଅଧକ୍ଷ ମହୋଦୟ ବି ଚାହୁଁଥିଲେ ମୁଁ ଆର୍ଟସ୍କୁଲରେ ରହିଲେ ଦିବ୍ୟଜୀବନ ସଂଘ କାର୍ଯ୍ୟକ୍ରମରେ ନିୟମିତତା ଆସିଯିବ ଓ ଆଧ୍ୟାତ୍ମିକତାର ପ୍ରସାର ହେବ । ଲାଇବ୍ରେରୀଆନ୍ ବଦଳରେ ବୋଧହୁଏ ଅଫିସ୍ କିରାଣୀଟିଏ ପାଇଁ ସରକାରୀ ଅନୁମୋଦନ ଆସିଲା । ପଣ୍ଡାସାର୍ ତଥାପି ଅଣ୍ଟାଭିଡ଼ିଲେ । ମୁଁ କିରାଣୀ ପଦବୀରେ ରହେ, ଏକଥା ଆଚାର୍ଯ୍ୟ ଶରତଚନ୍ଦ୍ରଙ୍କ ପସନ୍ଦ ହେଲାନି । ସିଏ ଖସି ଖସି ଲାଇବ୍ରେରୀଆନ୍ ଯାଏଁ ଯାଇଥିଲେ, ସେଠୁ ଆଉ ତଳକୁ ଯିବାକୁ ତାଙ୍କ ବିବେକ ବାଧା ଦେଲା । ପଣ୍ଡାସାର୍‌ଙ୍କ ପ୍ରରୋଚନାରେ ମୁଁ ଭାବୁଥିଲି ଆଜି ଆର୍ଟସ୍କୁଲରେ କିରାଣୀ ହେଇ ରହିଗଲେ କାଲିକି ହୁଏତ ଅଧ୍ୟାପକଟିଏ ହେଇଯାଇ ପାରିବି । ଜୀବନରେ ଚିତ୍ରଶିଳ୍ପୀ ହେଇ ବଞ୍ଚିବାର ଆଶା ପୂରଣ ହେଇଯିବ । କ'ଣ ଅଡୁଆ

Digitized by srujanika@gmail.com

ହେଲା କେଜାଣି ଆର୍ଟସ୍କୁଲରେ କିରାଣୀ ହେବା ନୋହିଲା । ମୁଁ ପଣ୍ଡାସାର୍‌ଙ୍କ ଘରେ ଆଜ୍ଞାକରି ଦି'ବେଳା ଖାଉଥାଏ ଆଉ ଆର୍ଟସ୍କୁଲରେ ଦିନଯାକ ପଇଁତରା ମାରୁଥାଏ । ପୁଣି ହଷ୍ଟେଲରେ ଅଏଲ୍‌ପେଣ୍ଟିଙ୍ଗ୍ ବିଭାଗର ଛାତ୍ରମାନଙ୍କ ହାଲଚାଲ ପ୍ରତି ନିଘା ରଖିଥାଏ ।

ଆର୍ଟସ୍କୁଲରେ ରହିବା ବିଶ୍ୱାସ ଧୀରେ ଧୀରେ କ୍ଷୀଣ ହେଇ ଆସୁଥିଲା । ମନରେ ଅବ୍ୟୟ ପଶୁଥିଲା । ଲାଗିଲା ଆର୍ଟସ୍କୁଲରେ ମୋ ଉପସ୍ଥିତି ନିରର୍ଥକ, ଏଠି ମୁଁ ମୋ ସମୟର ଅଯଥା ଅପଚୟ କରୁଛି । ଠିକ୍ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପଣ୍ଡାସାର୍ ଖବରଟିଏ ଆଣି ଜୁଟେଇଲେ । ଖୁବ୍ ନାଟକୀୟଭାବେ ଘଟଣାଟି ପରିବେଷଣ କଲେ । ହାତମୁଠାରେ ମୁଦିଟିଏ ବା ରୂପାଟଙ୍କାଟିଏ ଧରି ଥରେ ଥରେ ମନ ବିଡ଼ିବା ପାଇଁ ଘନିଷ୍ଠ ବନ୍ଧୁଜଣେ ଆଉ ଜଣେ ବନ୍ଧୁକୁ ଯିମିତି ପ୍ରଶ୍ନଟିଏ ପଚାରେ । ମୁଁ ହାତରେ କ'ଣ ଧରିଛି କହିଲ ? ପଣ୍ଡାସାର୍ ନିଜର ବକ୍ତବ୍ୟଟି ମୋଟାମୋଟି ସିମିତିକା ଢଙ୍ଗରେ ଆରମ୍ଭ କଲେ । ପଚାରିଲେ, ଆଜ୍ଞା ପାଠୀ କହ, ତମେ ଆର୍ଟସ୍କୁଲରେ ରହିବା ପାଇଁ ଚାହୁଁଚ ତ ? ମୁଁ ଜାଣିଥିଲି ପଣ୍ଡାସାର୍ ଏ ପ୍ରଶ୍ନର ଉତ୍ତର ଜାଣିଛନ୍ତି ତଥାପି ମୁଁ କହିଲି ହଁ । ଆଜ୍ଞା ! ଏବେ କହ ଯେକୌଣସି ଚାକିରିଟିଏ ହେଲେ ତମର କିଛି ଆପତ୍ତି ଅଛି କି ? ମୁଁ ପୁଣି କହିଲି ନାହିଁ । ମୁଁ ଯାଇ ଯାଇ କିରାଣୀ ଯାଏ ଯାଇଥିଲି । ଆଉ ଅଧିକା କ'ଣ ନିମ୍ନମାନର ପଦବୀ ମୋ ପାଇଁ ସିଏ ଚିନ୍ତାକରିଥିବେ ଯେ ମୁଁ ଡରିଯିବି । ପୁଣି ମୋ ସମ୍ମତି ଦୋହରାଇଲି । କହିଲି ହଁ ଯାହା ହେଲେ ମୋ ପାଇଁ ଚଳିବ । ମୁଁ କେବଳ ଚାହେଁ ଖଲିକୋଟ ଆଟସ୍କୁଲରେ ରହିବି, ଛବି ଆଙ୍କିବି ଆଉ ଜୀବନରେ ଚିତ୍ରଶିଳ୍ପୀଟିଏ ହେବି ।

ପଣ୍ଡାସାର୍ ମୋ ହାତକୁ ଧଳାକାଗଜ ଫର୍ଦ୍ଦେ ବଢ଼େଇ ଦେଇ କହିଲେ ପାଠୀ ! ନିଅ ଲେଖ । ମୁଁ ସନ୍ତର୍ପଣରେ ସପଉପରେ ଆଣ୍ଠେଇ ପଡ଼ି ଲେଖିବା ଆରମ୍ଭ କଲି । ପଣ୍ଡାସାର୍ ତାଙ୍କର ପିନ୍ଧା ପଇତା ଖିଅ ତକ ମିଛିମିଛିକା ମାଜୁଥାନ୍ତି । ପଇତା କାଖସନ୍ଧା ପିଠି ବୁକୁ ହେଇ ମଝି ମଝିରେ ପୂରା କବନ୍ଧ ଘୂରି ଆସୁଥାଏ । ଅଣ୍ଟାରେ ନେଳିଆ ଖୋର୍ଦ୍ଧାଲୁଙ୍ଗିଟେ ଗୁଡ଼ିଆ ହେଇଥାଏ । ଖାଲି ଦେହ । ସିଏ ବେଳେ ବେଳେ ଧାଡ଼ିଏ ଡାକିଦେଇ ଚୁପ୍ ହେଇଯାଉଥାନ୍ତି । ଦଣ୍ଡେ ଗଲେ କହୁଥାନ୍ତି ପାଠୀ ଲେଖ ! ବୋଧହୁଏ ଆସନ୍ନ ଅପ୍ରୀତିକର ବାକ୍ୟଗୁଡ଼ିକ ଉଦ୍‌ଗାରି ଦେବା ଆଗରୁ ସେ ମୋ ମନ ବିତୁଥାନ୍ତି । ମୁଁ ବୋକାଙ୍କ ଭଳିଆ ପଣ୍ଡାସାର୍‌ଙ୍କ ମୁହଁକୁ ଚାହିଁରହେ । ବହୁତ

Digitized by srujanika@gmail.com

ଚିନ୍ତାକରି, ଖୁବ୍ ସତର୍କତା ସହିତ ସିଏ ବାକ୍ୟାଂଶଟିଏ ଉଚ୍ଚାରଣ କରିବେ ଏବଂ ମୋ ମୁହଁର ପ୍ରତିକ୍ରିୟାକୁ ଘଡ଼ିଏ ଅନେଇବେ । ଦରଖାସ୍ତର ବିଷୟବସ୍ତୁ ପ୍ରାୟ ଏକା । ଲାଇବ୍ରେରୀଆନ୍ ପାଇଁ ହେଉ, କିରାଣୀ ପାଇଁ ହେଉ ସେଥିରେ ଉଲ୍ଲେଖ ରହିବ ମୁଁ ବାପା ମା ଛେଉଣ୍ଡ ଗୋଟିଏ ଗରିବ ବ୍ରାହ୍ମଣ ଘରର ପିଲା, କଳାତ୍ମକ ପରିବେଶରେ ବଢ଼ିଛି । ଦ୍ୱିତୀୟ ଶ୍ରେଣୀରେ ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ପାସ୍ କରିଛି ଏବଂ ଖଲିକୋଟ ଆର୍ଟସ୍କୁଲରେ ଛାତ୍ରଥିବା ଅବସ୍ଥାରେ ଅଧ୍ୟାପକ ଓ ସହପାଠୀଙ୍କ ମଧ୍ୟରେ ପ୍ରଥମକରି କଲିକତାର ଫାଇନ୍ ଆର୍ଟସ୍ ଏକାଡେମୀରୁ ଚିତ୍ରକଳାରେ ଏକାଡେମୀ ସ୍ୱର୍ଣ୍ଣପଦକ ପାଇଛି । ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପ୍ରଥମ ହେଇ ଚିତ୍ରକଳାରେ ଡିପ୍ଲୋମା ପାସ୍ କରିଛି । ଏଥରର ଦରଖାସ୍ତରେ ଶେଷକୁ ଲେଖାହେଲା ମୁଁ ଚିତ୍ରକଳାରେ ଉଚ୍ଚତର ଗବେଷଣା କରିବା ପାଇଁ ଅତ୍ୟନ୍ତ ଆଗ୍ରହୀ ହେତୁ ପିଅନ ପଦବୀରେ ମଧ୍ୟ ଅସ୍ଥାୟୀଭାବେ ମୋତେ ରଖିବା ପାଇଁ ମୁଁ ବିନମ୍ର ଅନୁରୋଧ ଜଣାଉଛି । ଏହି ବାକ୍ୟଟି ମୁଁ କାଗଜରେ ଲେଖିସାରିଲା ପରେ ଲାଗିଲା ନରହତ୍ୟା ବା ନାରୀଧର୍ଷଣ ଭଳି ଗର୍ହିତ କାର୍ଯ୍ୟଟିଏ କରିଦେଇଛି ଓ ପୁଲିସ୍ ଆଗରେ ତା'ର ସ୍ୱୀକାରୋକ୍ତି ଲିପିବଦ୍ଧ କରୁଛି । ମୁଁ ଏହି ଧାଡ଼ିଟି ଲେଖିସାରି ମୁଣ୍ଡଉଠେଇ ଚାହିଁଲା ବେଳକୁ ପଣ୍ଡାସାର୍ ଘରଭିତରେ କୁଆଡ଼େ ଅନ୍ତର୍ଧ୍ୟାନ ହେଇଗଲେଣି । ମୁଁ ନିଜକୁ ନିଜେ ପ୍ରବୋଧିବା ଢ଼ଙ୍ଗରେ କହିଲି ଭବିଷ୍ୟତରେ ଚିତ୍ରଶିଳ୍ପୀ ହେବାର ଆଶାରଖି ଏବେ ପିଅନଟିଏ ହେଲେ କ୍ଷତି କଣ ?

ଅବଶ୍ୟ ଖଲିକୋଟ ଆର୍ଟସ୍କୁଲରେ ପିଅନଟିଏ ହେବାର ଆଶା ବି ମଉଳି ଗଲା । ମେଟ୍ରିକ୍ୟୁଲେସନ୍ ପାସ କରିଥିବାରୁ ପିଅନ ହେବାର ଯୋଗ୍ୟତା ବି ହରେଇଲି ।

ଖଲିକୋଟରେ ରହିବା ନୋହିଲା ।

ମୁଁ ସିନା ଖଲିକୋଟରେ ରହିପାରିଲିନି କିନ୍ତୁ ଖଲିକୋଟ ଶୈଳ୍ପିକ ସତ୍ତାଟିଏ ହେଇ ମୋ ଭିତରେ ରହିଗଲା ।

Digitized by srujanika@gmail.com

ଚିତ୍ରଚର୍ଚ୍ଚା

ନିଜ ଜୀବନକାହାଣୀ ସାଙ୍ଗସାଥିଙ୍କ ମେଳରେ ଗପିଦେବା କିମ୍ବା ପୁସ୍ତକରେ ଲିପିବଦ୍ଧ କରିଦେବା ମୋ ପାଇଁ ଯେତେ ସହଜ, ନିଜ ଚିତ୍ର ସଂପର୍କରେ ସମୀକ୍ଷାଟିଏ ଲେଖିବା ସେତେ ଦୁରୂହ ବ୍ୟାପାର । ବୁଝିହେଉଛି, ଆତ୍ମସମୀକ୍ଷା ଓ ଆତ୍ମସମାଲୋଚନା ସ୍ୱ ସୃଜନକର୍ମର ଅଂଶବିଶେଷ । ତଥାପି ଆବଶ୍ୟକ ନାନ୍ଦନିକ ବ୍ୟବଧାନ ନ ରହିଲେ ସମୀକ୍ଷାର ଉତ୍ତରଣ ସମ୍ଭବ ନୁହେଁ । ନାନ୍ଦନିକ ବ୍ୟବଧାନ ସଂପୃକ୍ତି ଓ ଅସଂପୃକ୍ତିର ସନ୍ଧି ଆଉ ଏଇଠି ଠିଆ ହେଇ ଉଭୟଙ୍କୁ, ନିଜର ସୃଷ୍ଟିକୁ ଏବଂ ନିଜର ଅଭୀପ୍‌ସାକୁ ନିର୍ଲିପ୍ତ ଦୃଷ୍ଟିରେ ଦେଖିବା, ତଉଲିବା ହିଁ ବ୍ୟବଧାନୀକରଣ । ମୋ କ୍ଷେତ୍ରରେ ଏତିକି ସୁବିଧା ଯେ ମୁଁ ଜଣେ ଚିତ୍ରକର ଏବଂ ଲେଖକ ମଧ୍ୟ । ଏଣୁ ଶିଳ୍ପୀର ସତ୍ତାରେ ଚିତ୍ରସର୍ଜନା କରି ଲେଖକୀୟ ଅନୁକମ୍ପାରେ ନିଜେ ରଚିଥିବା ସର୍ଜନା ସଂପର୍କରେ ଯୁକ୍ତି ବାଢ଼ିହେବ । ଅବଶ୍ୟ ସୃଷ୍ଟିର ପ୍ରକାଶ ଓ କୃତିର ସାମଗ୍ରିକ ଆକଳନ ଭିତରେ ଯିମିତି ଉଭୟ ସର୍ଜନା ଓ ସମୀକ୍ଷାର ଲେପ ଅଛି, ସେଭଳି ସମ୍ବେଦନଶୀଳ

Digitized by srujanika@gmail.com

ବ୍ୟକ୍ତିସତ୍ତା ଭିତରେ ଉଭୟଶିଳ୍ପୀ ଏବଂ ଲେଖକର ଭୂମିକା ମଧ୍ୟ ଅଛି । ବା' ଷଠି ପୂରିଲା । ମୋ ଚିତ୍ର ସଂପର୍କରେ ପଦେଅଧେ କହିବାପାଇଁ, ଲେଖିବାପାଇଁ ନା ଛାତ୍ରଛାତ୍ରୀ, ନା ବନ୍ଧୁ, ନା ସମାଲୋଚକ କିଏ ଆଗଭର ହେଲେ ! ସାହିତ୍ୟରେ ବିଜ୍ଞାନରେ ହେଲେବି, ଅନୁରୋଧରେ ବା ବରାଦରେ ହେଲେବି ସମୀକ୍ଷା ଲେଖାହେଉଛି । ମାୟାଧର ମାନସିଂହଙ୍କ ଠାରୁ ଆରମ୍ଭକରି ସୁରେନ୍ଦ୍ର ମହାରଣାଙ୍କ ଯାଏଁ ଅଧଡ଼ଜନେରୁ ବେଶୀହେବ ଓଡ଼ିଆ ସାହିତ୍ୟର ଇତିହାସ ଲେଖା ହେଲାଣି । ଅବଶ୍ୟ କିଏ ଜଣେ ମୋ ଚିତ୍ର ସଂପର୍କରେ କହୁ, ଲେଖୁ ଏମିତି ଭାବିବା ଗୋଟିଏ ରୋମାଣ୍ଟିକ ଚିନ୍ତା, ସ୍ୱପ୍ନବିଳାସ । ବାସ୍ତବୀକରଣ ହେଲା ନିଜ ଚିତ୍ର ସଂପର୍କରେ ନିଜେ ପ୍ରଥମେ କାଠଗଡ଼ାରେ ଠିଆହେଇ ବୟାନ ଦେବା । ଏହା କ'ଣ ଆତ୍ମରତି, 'ସ୍ୱ' ର ବିଭକ୍ତିକରଣ ନା ସମାଲୋଡ଼ନ ?

ଖଲିକୋଟରେ ଚିତ୍ରାଭ୍ୟାସ ପାଇଁ ଚାରିବର୍ଷର ରହଣି, ଅଣଷଠି ରୁ ତେଷଠି ଭିତରେ ମୁଁ ଶତାଧିକ ଚିତ୍ର ଆଙ୍କିଛି, ପେନସିଲ୍‌ସ୍କେଚ୍, ପେଷ୍ଟାଲ୍, କଣ୍ଟିକ୍ରେନ୍ ଡ୍ରଇଁ, ପେନ୍ ଓ ଇଂକ୍‌ର ରେଖାଚିତ୍ର, ଧୌତଚିତ୍ର, ସ୍ୱଚ୍ଛ ଜଳରଙ୍ଗର ଚିତ୍ର, ଲେପଚିତ୍ର, ତୈଳଚିତ୍ର ସବୁ ମିଶେଇଲେ ଅତିକମ୍‌ରେ ପାଞ୍ଚଶହ ସରିକି ହେବ । ଥିମ୍ ଦୃଷ୍ଟିରୁ ଦେଖିଲେ, ଆଲେଖ୍ୟ (ପୋଟ୍ରେଟ୍), ପୂର୍ଣ୍ଣାବୟବ ରୂପଚର୍ଯ୍ୟା (ଲାଇଫ୍ ଷ୍ଟଡ଼ି), ବସ୍ତୁଚର୍ଯ୍ୟା (ଷ୍ଟିଲ୍ ଲାଇଫ୍), ଭୂଦୃଶ୍ୟ, ପୌରାଣିକ ଆଖ୍ୟାନ, ସାମାଜିକ ରଚନା, ଡିଜାଇନ ଇତ୍ୟାଦି । ଖଲିକୋଟରେ ପହଞ୍ଚିବା ପୂର୍ବରୁ ଆଉ ଚାରିବର୍ଷ; ପଞ୍ଚାବନରୁ ଅଣଷଠିର ପ୍ରାକ୍‌ଡ଼ିପ୍ଲୋମା ଭାଇନା ଲୋକନାଥ ପାଠୀଙ୍କ ଶିଳ୍ପକଳା ମନ୍ଦିରରେ ସରିଥିଲା । ଉଣେଇଶି ଶହ ପଞ୍ଚାବନକୁ ଶିକ୍ଷାରମ୍ଭର ସମୟ ଦୃଢ଼କଲି ଯେହେତୁ ସୌଭାଗ୍ୟକ୍ରମେ ସେ ବର୍ଷ ଅଙ୍କା ଚିତ୍ର ଖଣ୍ଡେ ପାଇଗଲି । ଏଣୁ ପ୍ରାମାଣିକ ଭାବେ ପଞ୍ଚାବନ, ନ ହେଲେ ଶିଳ୍ପଶିକ୍ଷାର ପ୍ରାରମ୍ଭ ବହୁଆଗରୁ, ବିଦ୍ୟାଶିକ୍ଷା ଓ ଚିତ୍ରଶିକ୍ଷା ଏକାସାଙ୍ଗରେ । କେଉଟ ପିଲାଟେ ଆଗେ ମାଛମାରିବା ଶିଖିଲା ନା ଅକ୍ଷର ମଡ଼େଇବା ଶିଖିଲା ତାହା ନେଇ ଆଲୋଚନା ବୃଥା । ପ୍ରାକ୍ ଡିପ୍ଲୋମାର ଚାରିବର୍ଷରେ ଡ୍ରାମା ଥିଏଟର ପରଦାଚିତ୍ରଣ, ନୃସିଂହମୁଖା, କାଳୀପ୍ରଭା ଠାରୁ ଆରମ୍ଭକରି ମଠମନ୍ଦିରରେ ମୂର୍ତ୍ତିବନକ ଯାଏଁ ଗଣିବସିଲେ ପାଞ୍ଚ ଛ'ଶହ ସରିକି ନିଦା ଚିତ୍ରକାମ ହେଇଥିବ । ଏମିତି କ'ଣ ଚିତ୍ରକାମ ଗଣି ହୁଏ ନା ଗଣାଯାଏ? ସହସ୍ରାଧିକ ଶିଳ୍ପକର୍ମର ପଞ୍ଜିକରଣ କ'ଣ ସମ୍ଭବ ? ପଞ୍ଜିକରଣର ପରିକଳ୍ପନା ବି ସେତେବେଳେ ମୁଣ୍ଡକୁ ଢୁକି ନଥିଲା । ଏବେ ପଛକଥା ଭାବି ବସିଲା ବେଳକୁ ଅନେକ ରୂପରଚନା ବିସ୍ମୃତି

Digitized by srujanika@gmail.com

ଗର୍ଭରେ ହଜିଗଲାଣି । ଛପନ ମସିହାର ଜାପାନିକ୍ ଗିଟର୍ କଲରରେ ଘୋଡ଼ାହାଡ଼ ନଦୀ ଉପର ମଉଳାଭଣଜା ଶଙ୍ଖର ଅଙ୍କନ (ଚିତ୍ର. ୨ ପ୍ରଥମ ପ୍ରକୋଷ୍ଠ) । ମଉଳାଭଣଜା ଶଙ୍ଖ ଗଢ଼ଣରେ ମୋଟାମୋଟି ହାବଡ଼ାପୋଲର ଆଭାସ । ୧୯୮୭ ମସିହା ଆସିକା ବନ୍ୟାରେ ପୋଲଟି ନିଶ୍ଚିହ୍ନ ହେଇଯାଇଚି । ହାଟତୋଟା ପାଖରେ ବସି ଅଦୂରରେ ଥିବା ପଞ୍ଚମଜର୍ଜ ହାଇସ୍କୁଲର ଦୃଶ୍ୟ ଚିତ୍ରଣ । ଏ ଉଭୟ ଚିତ୍ରରେ ପରଦାଚିତ୍ରଣ ଶୈଳୀର ଛାପ । ଫରକ ଭିତରେ ଗିଟର୍ ରଙ୍ଗରେ ପାଣି ଆଙ୍କିଲାବେଳେ, ଅକାଶର ଆଭାସଦେଲାବେଳେ ବା ପାଣିଭିତରେ ଗାଧୋଇବା ପାଇଁ ଠିଆହେଇଥିବା ମଇଁଷି ଏବଂ ମଇଁଷିଆଳମାନଙ୍କ ପ୍ରତିବିମ୍ବରେ ସ୍ୱଚ୍ଛ ଆସ୍ତରଣର ପ୍ରୟୋଗ । ପଞ୍ଚମ ଜର୍ଜ ହାଇସ୍କୁଲ ଚିତ୍ରଟି କୁଆଡ଼େ ହଜିଯାଇଛି । ଏଠି କେବଳ ମଉଳାଭଣଜା ଶଙ୍ଖଟି ଲିପିବଦ୍ଧ । ଶଙ୍ଖ ପଛଭାଗର ଗଛ ବିନ୍ୟାସରେ ପରଦାଚିତ୍ରର 'ଯତ୍ରଗୋବା ତତ୍ରଶୋଭା' ନ୍ୟାୟରେ ତୂଳୀ ପ୍ରକରଣ । ଏଣେ ଶଙ୍ଖର ରୂପ ବର୍ଣ୍ଣନାରେ ରେଖା ଉତ୍ତୀର୍ଣ୍ଣ । ଏଭଳି ଚିତ୍ରକୁ, ବରଂ ତା'ର ବର୍ଷେ ଆଗରୁ ସଢ଼େଇ ରଙ୍ଗରେ ରଚିତ ରାଧାକୃଷ୍ଣକେଳି ଚିତ୍ରକୁ ରବିବର୍ମୀୟ ଶୈଳୀ କୁହାଗଲେ ଯଥାର୍ଥ ହେବ । ଅବଶ୍ୟ ରବିବର୍ମାଙ୍କ ଚିତ୍ରଶୈଳୀର ସୂକ୍ଷ୍ମସମ୍ଭାର, ଚିକ୍କଣପଣିଆ ଏଇଠି ନାହିଁ । ସେ ଦିଗରେ ଏହା ଏକ ସାମାନ୍ୟ ପ୍ରଚେଷ୍ଟା ମାତ୍ର । ରାଧା ଓ କୃଷ୍ଣ ମୂର୍ତ୍ତିରେ ସ୍ପଷ୍ଟ ବଙ୍ଗୀୟ ଲାଳିତ୍ୟ, ସ୍ଥାପତ୍ୟର ବିନ୍ୟାସରେ ଉତ୍ତରଭାରତୀୟ ମୋଗଲଧାରା ଏବଂ ପ୍ରକୃତି ବର୍ଣ୍ଣନରେ ପରଦାଚିତ୍ରଣ ଶୈଳୀ ଅତ୍ୟନ୍ତ ସ୍ପଷ୍ଟ । ପରଦାଚିତ୍ରଣ ପରଂପରା ବ୍ରିଟିଶ ଭୂଦୃଶ୍ୟ ଚର୍ଚ୍ଚାରୁ ଆରମ୍ଭହେଇ ରାଜସ୍ଥାନ ନାଥଦ୍ୱାରାର ପୁଷ୍ଟିମାର୍ଗର ଦେବତା ଗୋବର୍ଦ୍ଧନଧାରୀଙ୍କ ପିଚୱାଇ ପର୍ଯ୍ୟନ୍ତ ପରିବ୍ୟାପ୍ତ ।

ସ୍ମୃତିରେ ଉଜ୍ଜୀବିତ ହେଇଥାଉ ନତୁବା ବିସ୍ମୃତିରେ ବିଲୀନ ହେଇଥାଉ ଥରେ ରୂପ କଳ୍ପନାରେ ପ୍ରକଟି ଥିଲେ ତା'ର ତଥାପି ଅପ୍ରକାଶିତ ବର୍ଣ୍ଣବିଭା ସୃଷ୍ଟି ସତ୍ତାରୁ ଅବଚେତନକୁ ବିସ୍ତରିଯାଇ ଶିଳ୍ପୀର ରଚନାକୁ ଅନେକ ରୂପ, ବର୍ଣ୍ଣ, ରସ ଓ ଛନ୍ଦରେ ଅନୁପ୍ରେରିତ କରୁଥାଏ । ମନେହୁଏ ସବୁମଣିଷଙ୍କ ଅବଚେତନ ସ୍ତରରେ ରୂପର ଓ ବର୍ଣ୍ଣର ସମ୍ଭାର ଲୁକ୍କାୟିତ ହେଇ ରହିଥାଏ । ରୂପ, ବର୍ଣ୍ଣ, ନାଦ ଓ ଶବ୍ଦ ଏହି ଚାରୋଟି ତ ସୃଷ୍ଟିର ମୌଳିକ ଉପାଦାନ । ଶିଳ୍ପୀର ଜୀବନରେ ସମସ୍ତପ୍ରକାର ରୂପ ଆହରଣର ସାର୍ଥକତା ଅଛି । ସବୁଗୁଡ଼ିକ ଉଦ୍ଭାସିତ ନ ହେଉଥିଲେ ମଧ୍ୟ ତାହା ସୃଜନ ବର୍ଷମାନଙ୍କୁ ରଢ଼ିମନ୍ତ ଓ ରସାଣିତ କରନ୍ତି । ହେ ରୂପମାନେ ତମେ ଯେଉଁଠି ଅଛ ବ୍ୟୋମରେ, ବ୍ୟାପାରରେ, ଅପାରରେ, ମନରେ ବା ଅବଚେତନରେ, ଓହ୍ଲେଇ ଆସ । ମୋ ପ୍ରାଣରେ ଅବତର । ମୋ ସୃଷ୍ଟ ରୂପରେ ଭାଷା ଗୁନ୍ଥନ କର ।

Digitized by srujanika@gmail.com

ଦିଗପହଣ୍ଡିରେ ଆମ ପାଠୀବଂଶ କବିତା, ଚିତ୍ରକଳା ଓ ଆୟୁର୍ବେଦରେ ମଜ୍ଜି ରହିଥିଲା । ଆମ ଭାଗରେ କବିତା ଓ ଚିତ୍ରକଳା, ଦଦେଇଙ୍କ ପରିବାରରେ କବିତା ଓ ଆୟୁର୍ବେଦ । ନନାଙ୍କ ପରେ ଭାଇନାଙ୍କ ଦିହକେ କବିତା କମିଲା, ଚିତ୍ରକଳା ଉଗ୍ରହେଲା । ଭାଇନା ଗାଁରେ ଶିଳ୍ପକଳା ମନ୍ଦିରଟିଏ ଗଢ଼ିଲେ । ଏ କଳା ମନ୍ଦିରର ମୁଁ ପ୍ରଥମ ଛାତ୍ର, ସହଯୋଗୀ ଓ ସହକର୍ମୀ ମଧ । ପ୍ରଥମରୁ କହିରଖେ ଆମେ ଚିତ୍ର ଶୈଳୀଦୃଷ୍ଟିରୁ ପାରଂପରିକ ନଥିଲୁ । ଆମ କାନ୍ଧରେ ସବାର ହେଇ ଆଧୁନିକତା ଗାଁରେ ପଶିଲା ଆଉ ଖଣ୍ଡମଣ୍ଡଳରେ ବ୍ୟାପିଗଲା । ଭାଇନା ଗୋରଖପୁର ଗୀତାପ୍ରେସ୍‌ର କଲ୍ୟାଣ ପତ୍ରିକା ମଗଉଥିଲେ । ତା ସହିତ ଶିବକାଶୀ, ବେଙ୍ଗଲ ପ୍ରେସ୍ ଓ ବମ୍ବେ ପ୍ରେସ୍‌ରେ ମୁଦ୍ରିତ କ୍ୟାଲେଣ୍ଡର ସଂଗ୍ରହକରି ପାଖରେ ରଖୁଥିଲେ । ବ୍ରହ୍ମପୁର ସହରରୁ ଦିଗପହଣ୍ଡି ଗାଁକୁ ଫେରିଲାବେଳେ ବାଛି ବାଛି ମନଲାଖି ହିନ୍ଦୀ ଓ ତେଲୁଗୁ ସିନେମା ପୋଷ୍ଟର୍ ଆଣୁଥିଲେ । ଏଣୁ ଆମ ଚିତ୍ରଶୈଳୀରେ ବିଭିନ୍ନ ଆଞ୍ଚଳିକ ଧାରାର ସମ୍ମିଶ୍ରଣ ଘଟିଥିଲା । କଲ୍ୟାଣ ପତ୍ରିକାର ସ୍ୱଦେଶୀ ଜନପ୍ରିୟଧାରା ସହିତ ସମନ୍ୱିତ ହେଇଯାଉଥିଲା ଚଳଚ୍ଚିତ୍ର ପୋଷ୍ଟର୍‌ର ନାଟକୀୟ ଆଲୋକ ସଂପାତ ଏବଂ ଫୋଟ ରିଏଲିଜମ୍ ଯାହାକୁ ଏବେ ଉତ୍ତରଆଧୁନିକ ଚିତ୍ରପରିଭାଷାରେ ସୁପର୍-ରିଏଲିଜମ୍ କୁହାଯାଉଛି । ଏ ସବୁସହିତ କ୍ୟାଲେଣ୍ଡରମାନଙ୍କ ଅଯୌକ୍ତିକ ରୂପ ଲାଞ୍ଛନା, ବର୍ଣ୍ଣ ସଂଘାତ ଆମ ଚିତ୍ର ସର୍ଜନାକୁ ଖଟା ମିଠାର ମିଶ୍ର ସ୍ୱାଦରେ ମଜେଇ ରଖିଥିଲା । ମୁଁ ମୋର ବୋଲି ନଲେଖି ଆମ, ଆମେ ବୋଲି କହୁଚି କାରଣ ଶିଳ୍ପକଳାମନ୍ଦିରରେ ଯେତେ ଚିତ୍ରକର୍ମ ହେଉଥିଲା ସେଗୁଡ଼ିକର ମାର୍ଗଦର୍ଶକ ଥିଲେ ଲୋକନାଥ । ଭାଇନା ଟିପଣାକାମ ବା ଗାରିଆକାମ କରିଦେଉଥିଲେ, ମୁଁ ସେଥିରେ ରଙ୍ଗ ଭରିଦେଉଥିଲି । ସିଏ ପୁଣି ଶେଡ଼ିଙ୍ଗ୍ ଦଉଥିଲେ ମୁଁ ସରୁକଳା କାମକରି ଚିତ୍ରଗୁଡ଼ିକୁ ମାଠି ଦେଉଥିଲି । ଏହାକୁ ଯୌଥକର୍ମ କହି ଶିଳ୍ପପ୍ରବୃତ୍ତିକୁ ନ୍ୟୂନ କରିଦେବା ଠିକ୍ ହେବ ନାହିଁ । କାରଣ ସବୁ ପାରଂପରିକ ଶିଳ୍ପକର୍ମର ଏହା ହିଁ ପ୍ରତିବଦ୍ଧତା । ଜଗନ୍ନାଥ ମନ୍ଦିରର ଅଣସରପଟି କଥା ଧରାଯାଉ ବା କୋଣାର୍କ ମନ୍ଦିରର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ବିନ୍ୟାସ କଥା ବିଚାରକୁ ନିଆଯାଉ ସବୁଠାରେ ଶାଳାର ସାମୂହିକତା, ଚିତ୍ରଶାଳା ହେଉ ନହେଲେ ପଥରଖୋଦେଇଶାଳା ହେଉ ଜଣେ ଶିଳ୍ପୀର ନୁହେଁ, ଶିଳ୍ପୀମାନଙ୍କର ରଚନା, ଶିଳ୍ପକର୍ମ । ପାଶ୍ଚାତ୍ୟ ସମାଲୋଚକମାନେ ପ୍ରଥମେ ପ୍ରଥମେ ସର୍ବନାମବାଚୀ ପ୍ରକରଣ ଭିତରେ ପାରଂପରିକ କଳାକୁ ପଞ୍ଜିକରଣ କରୁଥିଲେ ନହେଲେ କହିଦେଉଥିଲେ

Digitized by srujanika@gmail.com

ଫୋକ୍ । ଫୋକ୍ ଲୋକର ସଠିକ ପରିଭାଷା ନୁହେଁ । ଭିତିରି ଉଦ୍ଦେଶ୍ୟ ଥିଲା କହିବା ବଜାର କଳା ବା ବଜାରୀ କଳା । କଳାଗବେଷଣା ଅନ୍ତର୍ମୁଖୀ ଓ ସମ୍ବେଦନଶୀଳ ହେବାଫଳରେ ମୋଗଲସମ୍ରାଟ ଜାହାଙ୍ଗୀର ମିନିଏଚର୍ ଚିତ୍ରରେ ବ୍ୟକ୍ତିନିଷ୍ଠ ଶିଳ୍ପସତ୍ତା ଚିହ୍ନଟ କରିପାରୁଥିବା ଭଳି ସାମୂହିକ ରଚନାରେ ବ୍ୟକ୍ତିସ୍ୱାତନ୍ତ୍ର୍ୟ ପାଇ ହେଲା । ଏଣୁ 'ଆମେ' ଭିତରେ 'ମୁଁ' କୁ ଖୋଜି ବାହାର କରିବା ଆୟାସସାଧ୍ୟ ହେଲାଣି ।

ତୃଷାର୍ତ୍ତ (ଚିତ୍ର ୩ ପ୍ରଥମ ପ୍ରକୋଷ୍ଠ) ଶିଳ୍ପକଳା ମନ୍ଦିରରେ ଅଙ୍କିତ ମୋର ଅନ୍ୟଏକ ପ୍ରାକ୍ ଖଲିକୋଟ ଜୀବନର ଚିତ୍ର, ସୌଭାଗ୍ୟକ୍ରମେ ବଞ୍ଚି ଯାଇଛି । ଏହା ଦଶମ ଶ୍ରେଣୀରେ ପଢୁଥିବା ବେଳର ଚିତ୍ରଲେଖା । ଏଥିରେ ବର୍ଣ୍ଣର ପ୍ରଲେପ ଉଜ୍ଜ୍ୱଳ ଓ ସ୍ୱଚ୍ଛ ଏବଂ ଲେପଭଳି ପରସ୍ତ ପରସ୍ତ କାଗଜରେ ବ୍ୟବହୃତ । ସନ୍ଧ୍ୟା ଆସନ୍ନ । ତୃଣାଚ୍ଛାଦିତ ପଥୁରିଆ ଭୂଇଁ ଉପରେ ଦିନସମଗ୍ରର ଆଳସ୍ୟକୁ ପଛରେ ପକେଇ ଦୁଇଟି ମହାବଳ ସେମାନଙ୍କ ହଳଦୀ ଗୁରୁ ଗୁରୁ ଦେହରେ ଚିତ୍ରିତ ପଟାକୁ ଦେଖେଇ ଅପୂର୍ବ ଭଙ୍ଗୀରେ ପାଣିଝରର ପାଖକୁ ଆକର୍ଷିତ ହେଇପଡ଼ିଛନ୍ତି । ଏବେ ତୃଷା ମେଣ୍ଟାଇବାର ବେଳ । ଶୁଭ୍ର ତଳିପେଟ ଓ କାନମୁଣ୍ଡା ଗାଲିସି ପାଖର ଧଳାସଂକେତ ପରିବେଶର ଶଙ୍କିତ ବାତାବରଣରୁ ସେମାନଙ୍କୁ ଉତୁରେଇ ଦେଉଛି । ମନେ ହେଉଛି ଡାହାଣ ପଟର ବାଉଁଶ ବଣର କଞ୍ଚା ଶାଗୁଆ ଡାଳଯାକ ଆଉଟିକିଏ ଅନ୍ଧାର ଭିତରେ ହଜିଯାଇଥିଲେ ଦର୍ଶକର ଦୃଷ୍ଟି ବାଘମାନଙ୍କ ପାଖରେ ଅଧିକ ସମୟ ଆବିଷ୍ଟ ରହନ୍ତା ।

ସାହସୀ ଆଦିବାସୀ ଦମ୍ପତି ଚିତ୍ର (ଚିତ୍ର ୪ ପ୍ରଥମ ପ୍ରକୋଷ୍ଠ) ଯଦିଓ ଖଲିକୋଟରେ ପ୍ରଥମବର୍ଷରେ ଅଙ୍କିତ ତଥାପି ଏଥିରେ ପଞ୍ଚମଜର୍ଜ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିବା ବେଳର ତୃଷାର୍ତ୍ତ ଚିତ୍ରର ପ୍ରଭାବ ବାରିହେଇଯାଏ । ପ୍ରଭାବ ଭିତରେ ବାଘର ବିପୁଳ ଅବୟବ, ଭୂମି ଓ ତୃଣର ସଂଯୋଜନସାମ୍ୟ ସ୍ୱଚ୍ଛ ବାରିହେଇଯାଏ । ବାଘ ଆଦିବାସୀ ଲୋକଟିର ଡେବିରି କାନ୍ଧ ଉପରକୁ ଝାମ୍ପଦେଇ କାନ୍ଧକୁ ରଣଭଣ କରିଦେଇଛି । ଲାଗୁଛି ବାଘଦୁହେଁ ନିରୋଳାରେ ପାଣି ପିଉଥିଲେ । ଘରବାହୁଡ଼ା ଆଦିବାସୀ ଦମ୍ପତିଙ୍କ ଚଳଚଞ୍ଚଳ ପଦପାତ ଏବଂ ହୁଏତ ବାର୍ତ୍ତାଳାପରେ ତରକି ଯାଇଛନ୍ତି । ସେମାନଙ୍କ ଉପରେ ଆକ୍ରମଣର ଆଶଙ୍କାକରି ମାଈ ବାଘଟିଏ ଆଗତୁରା ଚିହିଁକି ପଡ଼ି ପ୍ରତିଆକ୍ରମଣରେ ଆଦିବାସୀ ଲୋକଟିର କାନ୍ଧ ଉପରେ ଝାମ୍ପ ଦେଇଛି । ଅତର୍କିତ ଆକ୍ରମଣର ଶିକାର ହେଇମଧ ଆଦିବାସୀଟି ଧୈର୍ଯ୍ୟ ହରେଇ ଦେଇନି । ହାତରେ ଧରିଥିବା ଘିଡ଼ିଶାଟିକୁ ବାଘର ଆଁ ଭିତରେ ଭର୍ତ୍ତି କରିଦେଇ ବାଘକୁ

Digitized by srujanika@gmail.com

କାବୁ କରିଦେବା ପାଇଁ ପ୍ରୟାସ କରିଛି । ତା' ଅଣ୍ଟାରେ ଧାରୁଆ କାତି, ଗଛର ଛାଲି ଆଉ ଚମଡ଼ାର ଆଚ୍ଛାଦନ ଭିତରୁ ସ୍ପଷ୍ଟ ହେଇଯାଉଛି । ନିଜ ସ୍ୱାମୀକୁ ବଞ୍ଚେଇବା ପାଇଁ ଆଦିବାସୀ ରମଣୀ ଆଗକୁ ଲମ୍ଫଦେଇ ଦେହର ସମସ୍ତ ବଳ ପ୍ରୟୋଗ କରି, ଅତ୍ୟନ୍ତ ସାହସର ସହିତ ବାଘର ବେକକୁ ଚୋଟାମାରିବା ପାଇଁ କାତି ଉଠେଇ ଧରିଛି । ବାଘର ତେବିରି ଗୋଡ଼ର ପଞ୍ଝା ଓ ନଖ ସ୍ୱାଟିର ଖାଇଲା ଜଙ୍ଘକୁ ଘାଇଲାକରି ସାରିଛି । ଚତୁଷ୍ପଦ ହିଂସ୍ରପ୍ରାଣୀ ବାଘ ସମେତ ସମସ୍ତ ଚରିତ୍ରର ଅବୟବ ଜୀବନ ସଂଘର୍ଷରେ ନିୟୋଜିତ । କେବଳ ସେମାନଙ୍କ ଗୋଡ଼ଗୁଡ଼ିକୁ ଲକ୍ଷ୍ୟ କଲେ ଅଣ୍ଟାର ଉର୍ଦ୍ଧ୍ୱରେ ଘଟିଯାଉଥିବା ଭୟାବହତା ଉପଲବ୍ଧି କରିହେବ । ଚିତ୍ରର ତିନୋଟି ଏକାଗ୍ର ମୁହଁ, ଛଟି ସତର୍କ ଆଖି, ସମସ୍ତଙ୍କ ଦେହରେ ଅପୂର୍ବ ଉଦ୍ଦାମତା, ଆକ୍ରୋଶ, ହିଂସାର ସଶକ୍ତ ପ୍ରୟୋଗ । ବାଘତ ସହଜେ ମହାବଳ, ଆଦିବାସୀ ଦମ୍ପତି ମଧ ବଳବୀର୍ଯ୍ୟ, ଧୈର୍ଯ୍ୟ ଓ ସାହସରେ କିଛି କମ୍ ନୁହନ୍ତି । ଚିତ୍ରରେ ବର୍ଣ୍ଣବିଭାର ପ୍ରକରଣ ଏବଂ ରଚନାକୌଶଳର ସାର୍ଥକ ପ୍ରୟୋଗ, ଅବୟବ ମାନଙ୍କର ବାହ୍ୟ ଓ ଅନ୍ତର୍ଚ୍ଛଦ ସହଜରେ ଜାଣି ହେଇଯାଉଛି । ଏହି ଚିତ୍ରରେ ତିନୋଟି ଶିଳ୍ପୀଙ୍କର ହାତକାମର ମିଳନଘଟିଛି । ତ୍ରିଧାରା ତ କହିହେବନି ତଥାପି ତିନୋଟି ଶିଳ୍ପୀଙ୍କର ତିନୋଟି ଚିତ୍ରଣ ଶୈଳୀ । ଆଦିବାସୀ ଦମ୍ପତିଙ୍କ ଦେହ ଓ ବେଶି ପୋଷାକ ମୋର ନିଜର ଢ଼ଙ୍ଗ ଓ ବର୍ଣ୍ଣଯୋଜନା । ଏଥିରେ ଜଳରଙ୍ଗର ସ୍ୱଚ୍ଛପ୍ରୟୋଗ କରାଯାଇଛି । ମୁଁ ଆଙ୍କିଥିବା ବାଘ ଚିତ୍ରଟିକୁ ଆଚାର୍ଯ୍ୟ ଶରତଚନ୍ଦ୍ର ସଂପୂର୍ଣ୍ଣଭାବେ ନବୀକରଣ କରିଦେଇଛନ୍ତି ଓ ଆଦିବାସୀ ରମଣୀର ସମଗ୍ର ଶରୀରରେ ପରସ୍ତେ ହଳଦୀ ଚଢ଼େଇଦେଇଛନ୍ତି । ଛବିଟି ଲୋକନାଥ ଭାଇନାଙ୍କ ମାର୍ଫତରେ ଥିଲାବେଳେ ସିଏ ପରଦା ଚିତ୍ରଣ ଶୈଳୀରେ ଗଛଗୁଡ଼ିକୁ ତାଙ୍କ ଢଙ୍ଗରେ ବାଗେଇ ଦେଇଛନ୍ତି । କିନ୍ତୁ ସମଗ୍ରଚିତ୍ରଟିକୁ ଅବଧାରଣା କଲେ ଦିନନାଥୀୟ ରୂପନ୍ୟାସ ଓ ବର୍ଣ୍ଣ ସୌସାଦୃଶୀୟ ଆଭା ପ୍ରକଟିତ ହେଇଯାଏ ।

ଏହି ସମୟରେ ଅଙ୍କିତ ଆଉ ଦୁଇଟି ଚିତ୍ର, ମେଷପାଳକ ଦମ୍ପତି (ଚିତ୍ର ୮ ପ୍ରଥମ ପ୍ରକୋଷ୍ଠ) ଓ ଗାଧୁଆବେଳ (ଚିତ୍ର ୯ ପ୍ରଥମ ପ୍ରକୋଷ୍ଠ) ରେ ଶରତଚନ୍ଦ୍ରୀୟ ଶୈଳୀର ପ୍ରଭାବ ଅତ୍ୟନ୍ତ ପରିସ୍ଫୁଟ । ମେଷପାଳକ ଦମ୍ପତି ଚିତ୍ରର ଭୂଦୃଶ୍ୟ ରଚନା, ଦିଗନ୍ତ ପରିକଳ୍ପନା, ମେଷପାଳକର ଅଙ୍ଗବିନ୍ୟାସ ଏବଂ ଗଛ ଓ ବୁଦାର ତୂଳୀ ପ୍ରକରଣରେ ଆଚାର୍ଯ୍ୟଙ୍କ ଧାରା ଉତ୍କୀର୍ଣ୍ଣ । ସେମିତି ଗାଧୁଆବେଳ ଚିତ୍ରର ବଟଗଛର ଗଣ୍ଡି, ତାର ଦନ୍ତୁରିତ ମୂଳ, ଗଛ ଠିଆହେଇଥିବା ଭୂଖଣ୍ଡ, ଜଳରେ ପ୍ରତିବିମ୍ବ ପ୍ରଭୃତି ରୂପକଳ୍ପ ମଧ ନିଖୁଣ ଭାବେ ଶରତଚନ୍ଦ୍ରୀୟ ।

Digitized by srujanika@gmail.com

ଖଲିକୋଟରେ ଅଧ୍ୟୟନ କଲାବେଳେ ବିଦେଶୀ ଚିତ୍ରଣଧାରାର ନୂତନ ସଂପାନ୍‌ଟିଏ ଦିଗପହଣ୍ଡି ଶିଳ୍ପକଳା ମନ୍ଦିରଶୈଳୀ ସହିତ ଯୋଡ଼ି ହେଇଗଲା । ବିଦେଶୀ ଚିତ୍ରଧାରାର ମୂଳ ଉପଜୀବ୍ୟ ହେଲା ସ୍ୱଚ୍ଛ ଜଳରଙ୍ଗର ଚିତ୍ର ଆଉ ତୈଳଚିତ୍ର । ପୁଣି ତୈଳଚିତ୍ରର ବର୍ଣ୍ଣସଂଯୋଜନା ସ୍ୱଚ୍ଛ ଜଳରଙ୍ଗର ବର୍ଣ୍ଣବିନ୍ୟାସଠାରୁ ଭିନ୍ନ । ଆମଦେଶୀୟ ଚିତ୍ରଣ ପଦ୍ଧତିରେ ବିଶେଷକରି ଓଡ଼ିଶୀ ପଟଚିତ୍ରରେ କଳା ଓ ଧଳାର ପ୍ରାଧାନ୍ୟ ବେଶୀ । ରେଖାର ବିନ୍ୟାସ ବିନା ଓଡ଼ିଶୀ ଚିତ୍ର ସମ୍ଭବନୁହେଁ । ବିଦେଶୀ ଚିତ୍ରରେ ରେଖା ବର୍ଣ୍ଣବିଭାରେ ହଜିଯାଏ । ଏଠି ରେଖାର ବିନ୍ୟାସ ପରଂପରା ବିରୋଧୀ । ଯଦିଚ କଳା ଓ ଧଳାବର୍ଣ୍ଣ ତୈଳଚିତ୍ର ବର୍ଣ୍ଣସମ୍ଭାରରେ ଗ୍ରହଣୀୟ ତଥାପି ଜଳରଙ୍ଗରେ ଏ ଦୁଇବର୍ଣ୍ଣର ପ୍ରୟୋଗକୁ ବାରଣ କରାଯାଇଛି । କାରଣ ପାଶ୍ଚାତ୍ୟ ଜଳରଙ୍ଗ ପରଂପରାରେ କଳା ଓ ଧଳା ବର୍ଣ୍ଣ ବୋଲି ଗ୍ରହଣୀୟ ନୁହେଁ ।

ବିଦେଶୀ ଚିତ୍ରଣଧାରାର ଶିକ୍ଷଣ କାର୍ଯ୍ୟକ୍ରମରେ ଜୀବନ୍ତ ମଡ଼େଲ ଅନୁଶୀଳନ କରି ପେନ୍‌ସିଲ ସ୍କେଚ୍, ଜଳରଙ୍ଗର ସ୍କେଚ୍ ଓ ତୈଳଚିତ୍ର ମଧ୍ୟ କରାଯାଏ । ଏହାକୁ ଶିଳ୍ପପରିଭାଷାରେ ଲାଇଫ୍ ଷ୍ଟଡ଼ି ବା ରୂପଚର୍ଯ୍ୟା କୁହାଯାଏ । ଲାଇଫ୍ ବା ଜୀବନ କିନ୍ତୁ ଏଠି ରୂପଗତ, ସାମାନ୍ୟ । ବାହ୍ୟ ବ୍ୟାଖାରେ ସୀମିତ । ପାଠ୍ୟକ୍ରମର ଅନ୍ୟଏକ ପ୍ରକରଣ ହେଲା ଷ୍ଟିଲ୍ ଲାଇଫ୍, ବା ବସ୍ତୁଚର୍ଯ୍ୟା । ବସ୍ତୁମାନଙ୍କର ତାଲିକା ଖୁବ୍ ଲମ୍ବା । ଏଥିରେ କାଠର ଆସବାବ ପତ୍ରରୁ ଆରମ୍ଭକରି ଫଳଫୁଲ, ପନିପରିବା ଓ ସଦ୍ୟ ପାଣିରୁ ଧରା ହେଇଥିବା ମାଛ, କଂକଡ଼ା ବି ଅନ୍ତର୍ଭୁକ୍ତ । ଲାଇଫ୍ ଷ୍ଟଡ଼ି ଓ ଷ୍ଟିଲ୍ ଲାଇଫ୍ ଜ୍ୟାମିତିରେ ଉପପାଦ୍ୟ ଓ ଅନୁଶୀଳନ ଦୋହରେଇଲା ଭଳିଆ ବ୍ୟାପାର । ଏଠି ମୁଁ ମୋର ଅନେକ ଚିତ୍ରଭିତରୁ ଦୁଇଟି ଷ୍ଟିଲ୍ ଲାଇଫ୍ ମୁଦ୍ରିତ କରିଛି (ଚିତ୍ର ୨୪ ଓ ୨୫ ଦ୍ୱିତୀୟ ପ୍ରକୋଷ୍ଠ) । ଏହିଚିତ୍ର ଦୁଇଟିରେ ଯେଉଁ ସାମଗ୍ରୀ ଦୃଷ୍ଟିଆକର୍ଷଣ କରୁଛି ତାହା ହେଲା ପଇଡ଼, ସପୁରୀ, ଖବରକାଗଜ, ଚାଙ୍ଗୁଡ଼ି, ସଦ୍ୟକଟାହେଇଥିବା ବୋଇତାଳୁ ଖଣ୍ଡ, ସଦ୍ୟଭଙ୍ଗାହେଇଥିବା ନଡ଼ିଆପାଳ, ପୂଜାଶଙ୍ଖ, ଚାଦର, ଚେମ୍ବୁ ଏବଂ ଗୀତାବହି । ଉଭୟଚିତ୍ରରେ ବସ୍ତୁ ସମ୍ବେଦନ ରୂପପ୍ରକାଶ ପାଇଁ ପ୍ରୟୋଗ ହେଇଥିବା ତୂଳୀ ଚାଳନାର କୌଶଳ, ତୂଳୀର ଯତିପାତ, ସଂଘାତ, ତା'ର ଔଚିତ୍ୟ, ଛାଇଆଲୁଅର ବିନ୍ୟାସ ଓ ସର୍ବୋପରି ବିଭାବନ ଲକ୍ଷ୍ୟକରିବାର କଥା । ଏଥିରେ ପୁଣି ବର୍ଣ୍ଣପ୍ରୟୋଗର ଶୁଦ୍ଧତା ଓ ସ୍ୱଚ୍ଛତା ଚକ୍ଷୁରୋଚକ ହେଇପଡ଼େ । ଜଳରଙ୍ଗର ଚିତ୍ରରେ ପ୍ରଥମ ପ୍ରୟାସର ବର୍ଣ୍ଣ ପ୍ରେକ୍ଷଣରେ

Digitized by srujanika@gmail.com

ହିଁ ଶିଳ୍ପୀର ଗୁମର ଜଣାପଡ଼ିଯାଏ । ବାରଂବାର ରଙ୍ଗପ୍ରୟୋଗ କଲେ ବର୍ଣ୍ଣର ସ୍ୱଚ୍ଛତା ହାନିହୁଏ ।

ମୋ ଭୂଦୃଶ୍ୟ ଚିତ୍ରଗୁଡ଼ିକରେ ଖଲିକୋଟର ଘରଦ୍ୱାର ଗଛପତ୍ର, ସାହିବଜାର, ଝରଣା ପାହାଡ଼ ବହୁଭାବରେ ଚିତ୍ରିତ । ଖଲିକୋଟ ସାଆନ୍ତ ସାହିର ଜଳରଙ୍ଗର ଦୃଶ୍ୟଟି (ଚିତ୍ର ୧୩ ଦ୍ୱିତୀୟ ପ୍ରକୋଷ୍ଠ) ସ୍ୱଚ୍ଛତା ରକ୍ଷାକରି ବେଶ୍ ଉତୁରି ପାରିଛି । ମାର୍ଗ ପତ୍ରିକାର ଓଡ଼ିଶା ସଂକ୍ରାନ୍ତୀୟ ସ୍ୱତନ୍ତ୍ର ଗ୍ରନ୍ଥ ଓରିଶା ରିଭିଜିଟେଡ୍‌ରେ (ଭଲ୍ୟୁମ୍ ୫୨. ନମ୍ବର ୩. ୨୦୦୧) କଳା ସମାଲୋଚିକା ଗାୟତ୍ରୀ ସ୍ନିହା ଏହାକୁ ସାଂପ୍ରତିକ ଓଡ଼ିଶୀ ଚିତ୍ରକଳାର ଉଲ୍ଲେଖନୀୟ ନମୁନାଭାବେ ପ୍ରକାଶ କରିଛନ୍ତି । ଏହି ଚିତ୍ରରେ ମାଟିକାନ୍ଥ, ଚାଳଛପର ଛାତ, ଛୋଟ ଛୋଟ ଠଣାଭଳିଆ ଗବାକ୍ଷ, ଘରର ମୃତ୍‌ଦୁଆରବନ୍ଧ ଓ ରଙ୍ଗମାଟିଲିପା କବାଟ, ଚାଳର ଛାଇ, ଗଛର ଗଣ୍ଡି, ଝଙ୍କାଳିଆ ସବୁଜ ପତ୍ରରେ ତୂଳୀରେ ଆବେଗଦୃପ୍ତ ଅଥଚ ସଂଯତ ପ୍ରୟୋଗ ବାରିହେଇ ପଡୁଛି ।

ଖଲିକୋଟ ଗଡ଼ର ଦୃଶ୍ୟପର୍ଯ୍ୟାୟରେ ସାଆନ୍ତ ସାହିର ଆଉଗୋଟିଏ ଜଳରଙ୍ଗକୁ (ଚିତ୍ର ୧୪ ଦ୍ୱିତୀୟ ପ୍ରକୋଷ୍ଠ) ଅର୍ନ୍ତଭୁକ୍ତ କରାଯାଇପାରେ । ଉପରେ ଆଲୋଚିତ ହେଇଥିବା ଭୂଦୃଶ୍ୟର ଏହା ଅନ୍ୟ ଏକ ବିଭବ । ଏହି ଚିତ୍ରରେ ବର୍ଣ୍ଣ ନିର୍ବାଚନ ଓ ପ୍ରୟୋଗରେ ସଂଯମ, ଯଥା ବର୍ଣ୍ଣସାଇନା ଓ ଇଣ୍ଡିଗୋର ବହୁଳ ପ୍ରୟୋଗ ଖଦଡ଼ା ହେଣ୍ଡମେଡ୍ କାଗଜଉପରେ ଏକ ଗ୍ରାମ୍ୟ ଅନୁଭବ ଆଣିଦେଇଛି । ଲାଗୁଛି ସତେଯିମିତି ଅସମତଳ ଖଦଡ଼ା ମାଟିକାନ୍ଥରୁ ଚେନାଏ ତୋଳିଆଣି କାଗଜ ଉପରେ ଏଠି ବିସ୍ତାର କରିଦିଆଯାଇଛି । ସତରେ କହିବାକୁ ଗଲେ ଚିକ୍କଣ ଭୂମିଉପରେ ଗାଁର ପରିବେଶ ଗଢ଼ିତୋଳିବା ଦୁରୂହ ବ୍ୟାପାର । ଏହି ଚିତ୍ରରେ କୁହାଯିବ ପ୍ରଥମ ଚୁମ୍ବନରେ ପ୍ରେମର ଅଙ୍କୁରଣ ଭଳି ତୂଳୀର ପ୍ରଥମ ସଂଘାତରେ ହିଁ ବର୍ଣ୍ଣ ପ୍ରସରୀଯାଇ ରୂପ ସମ୍ଭାର ହେଇଯାଇଛି । ଆଲୁଅରେ ଯିମିତି ସ୍ନିଗ୍ଧତା ଛାଇରେ ବି ସିମିତି ସ୍ୱପ୍ନ ସାବଲୀଳତା ସ୍ୱଚ୍ଛ ଜଳରଙ୍ଗର ଛବିଟିକୁ ଧୌତଚିତ୍ର ପର୍ଯ୍ୟାୟକୁ ଘେନି ଯାଇଛି ।

ନିଜକଥାତ, ସଂଭ୍ରମର ସହିତ କହିବାକୁ ବାଧ୍ୟହେଉଛି । ଜଳରଙ୍ଗରେ ଚିତ୍ରିତ ଉଲଗ୍ନନାରୀ ଆଲେଖ୍ୟର (ଚିତ୍ର ୩୮ ଶେଷ ପ୍ରକୋଷ୍ଠ) ବର୍ଣ୍ଣଯୋଜନା ଅତ୍ୟନ୍ତ ରୁଚିକର ଏବଂ ଶିଳ୍ପପ୍ରକରଣ ଦୃଷ୍ଟିରୁ ପ୍ରଶଂସନୀୟ । ଛାତ୍ରାବସ୍ଥାରେ ଖୁବ୍ କମ୍ ଚିତ୍ରଶିଳ୍ପୀ ଏଭଳି ପ୍ରକରଣରେ ସଫଳ ହେଇପାରିଥିବେ ବୋଲି ମୁଁ ଭାବେ ।

Digitized by srujanika@gmail.com

ଆଲେଖ୍ୟ (ଚିତ୍ର ୪୦ ଶେଷ ପ୍ରକୋଷ୍ଠ) ରେ ମୁଁହରେ ଆଲୋକ ସଂପାତର ନିଶ୍ଚିତତା ଲକ୍ଷ୍ୟକରିବାର କଥା । ତା ସହିତ ପଗଡ଼ି ଓ ଧଳାଦାଢ଼ିର ବ୍ୟଞ୍ଜନାର ଅଦ୍ଭୁତ ସମନ୍ୱୟ ଘଟିଛି । ଲୋକଟିର ବେଢ଼ଣ ଅଙ୍କନ କଲାବେଳକୁ ହୁଏତ ସେତେଟା ସ୍ୱଚ୍ଛତା ରକ୍ଷାକରାଯାଇ ପାରିନି, ତୂଳୀ ଘୋଷାଡ଼ି ହେଇଯାଇଛି । ଆଲେଖ୍ୟ (ଚିତ୍ର ୪୧ ଶେଷ ପ୍ରକୋଷ୍ଠ) ରେ ଘନବାଦର ପ୍ରଚୋଦନା ଆଲେଖ୍ୟ ଚିତ୍ରଣଶୈଳୀର ଏକ ନୂତନ ଧାରାର ସୂଚନା ଦେଉଛି । ଏଥିରେ ତୂଳୀର ପ୍ରାଞ୍ଜଳ ସଂଘାତ ଓ ତ୍ରିକୋଣୀୟ ସ୍ୱଚ୍ଛ ଆସ୍ତରଣ ସ୍ପଷ୍ଟ ହେଇଯାଏ ।

ଏସବୁ ସ୍ୱଚ୍ଛଜଳରଙ୍ଗର ଚିତ୍ରକୁ ଜଣେ ଓଡ଼ିଆ ଲୋକର ଇଂରାଜୀ ବାର୍ତ୍ତାଳାପ ସହିତ ତୁଳନା କରାଯାଇ ପାରେ । ଭଲ ଇଂରାଜୀ କହୁଚି, ଲେଖୁଚି ବୋଲି ପ୍ରଶଂସା ସିନା କରିହେବ ଖାଣ୍ଟି ଇଂଲିଶ୍ ଲୋକ ସାଙ୍ଗରେ ତୁଳନା କରିହେବନି । ମୋ ଜଳରଙ୍ଗ ଗୁଡ଼ିକର ଅବସ୍ଥା ତଦ୍ରୁପ । ଏଗୁଡ଼ିକ ଖଲିକୋଟ ଆର୍ଟସ୍କୁଲର ଷାଠିଏ ଦଶକର ନିଶ୍ଚିତଭାବେ ଉଲ୍ଲେଖନୀୟ ଚିତ୍ର । ଓଡିଶା ଭିତରେ ଏଗୁଡ଼ିକୁ ଉତ୍କୃଷ୍ଟ ମଧ୍ୟ କୁହାଯାଇପାରେ କିନ୍ତୁ କଲିକତା ଓ ବମ୍ବେରେ ସେସମୟରେ ଚିତ୍ରିତ ହେଉଥିବା ଜଳରଙ୍ଗ ସହିତ ସମକକ୍ଷ କହିହେବ ସିନା ସେମାନଙ୍କଠାରୁ ଭଲଚିତ୍ର କହିଲେ ସତ୍ୟର ଅପଳାପ ହେଇପାରେ । ଜଣେ ଖଲିକୋଟିଆ ଛାତ୍ର ଏତିକିରେ ପହଞ୍ଚିପାରିଛି ଏହା ମୋ ପାଇଁ ଖୁବ୍ ଆଶ୍ୱାସନାର କଥା । ଏବେ ସେଗୁଡ଼ିକ ଚାକ୍ଷୁଷ କଲେ ପୁରୁଣା ସିନ୍ଦୁକର ପଚାଶ ବର୍ଷତଳର ବୋଉର ସାଇତା ପୁରୁଣା ପାଟକୁ ନୂଆକରି ଦେଖିବାର ଅନୁଭବ ହୁଏ ।

ଆଶ୍ୱାସନାର କଥା ଯେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଭୂଦୃଶ୍ୟର ଦୁଇ ଦୁଇଟି ଅନୁଶୀଳନ ଚିତ୍ର ବଞ୍ଚିଯାଇଛି । ମୁଦ୍ରିତ ଖଲିକୋଟର ଦୁଇଟି ବଜାରର ଦୃଶ୍ୟ ମଧ୍ୟରୁ ଗୋଟିଏ ଜଳରଙ୍ଗର ସ୍କେଚ୍ (ଚିତ୍ର ୧୫ ଦ୍ୱିତୀୟ ପ୍ରକୋଷ୍ଠ) ଓ ଅନ୍ୟଟି ତେଲରଙ୍ଗର ଦ୍ରୁତ ସ୍ପେଚୁଲା କାମ (ଚିତ୍ର ୧୬ ଦ୍ୱିତୀୟ ପ୍ରକୋଷ୍ଠ) । ଏହି ଦୁଇଟି ଚିତ୍ରକୁ ଏକାସାଙ୍ଗରେ ପାଠକଲେ ଚିତ୍ର କରଣିର କ୍ରମ ବୁଝିହେବ । ପାରଂପରିକ ଚିତ୍ରରେ ପ୍ରଥମେ ଟିପଣା ତାପରେ ରଙ୍ଗବନକ ଶେଷରେ ମୋଟା ଓ ସରୁକଳା କାମଭଳି ବିଦେଶୀଚିତ୍ରରେ ପ୍ରଥମରେ ପେନ୍‌ସିଲ୍ ସ୍କେଚ୍ ବା ଟିପଣା ତା'ପରେ ସ୍କେଚ୍‌ରୁ ଆନନ୍ଦ ମିଳିଲେ ସେହି ଦୃଶ୍ୟକୁ ପୁଣି ଜଳରଙ୍ଗରେ ଆଉଥରେ ବନକ କରିବାର

Digitized by srujanika@gmail.com

ପ୍ରଚେଷ୍ଟା । ସେଇଥିରେ ମନ ମାନିଲେ ତାକୁ ତୈଳଚିତ୍ରରେ ବାନ୍ଧିଦେଇ ଚିରନ୍ତନ କରିନେବାର ଆଗ୍ରହ । ଏଠି ସନ୍ନିବେଶିତ ଦୁଇଟି ବଜାର ଦୃଶ୍ୟକୁ ଶିଳ୍ପୀମାନସର ଦୁଇଟି ଭାବାବେଶ କହିବା ଉଚିତ ହେବ ଯିମିତି ସୌରୀନ୍ଦ୍ର ବାରିକଙ୍କ 'ତମେ ଭାରି ମନେପଡ଼'ର ଦୁଇଟି ଗାନ୍ଧୀକବିତା ନହେଲେ ସୀତାକାନ୍ତ ମହାପାତ୍ରଙ୍କ 'ଭାରତବର୍ଷ'ର ଦୁଇଟି କାବ୍ୟ ଅଧ୍ୟାୟ ।

ଖଲିକୋଟ ଦୃଶ୍ୟରାଜିର ଆଉ କେତୋଟି ଚିତ୍ରପ୍ରସ୍ଥ ହେଲା ପ୍ରାଇମେରୀ ହେଲ୍‌ଥ ସେଣ୍ଟରର ତେଲରଙ୍ଗରେ ଚିତ୍ରିତ କୃଷ୍ଣଚୂଡ଼ା (ଚିତ୍ର ୨୦ ଦ୍ୱିତୀୟ ପ୍ରକୋଷ୍ଠ), ଖଲିକୋଟ ବଜାରର (ଚିତ୍ର ୨୨ ଦ୍ୱିତୀୟ ପ୍ରକୋଷ୍ଠ) ଜଳରଙ୍ଗରେ ଚିତ୍ରିତ ପାନ କେବିନ୍ (ଚିତ୍ର ୧୮ ଦ୍ୱିତୀୟ ପ୍ରକୋଷ୍ଠ), ଖୋଲସାହିର ଦୃଶ୍ୟ ଓ ବାଲୁକେଶ୍ୱର ଶିବମନ୍ଦିର ପ୍ରବେଶ ଦ୍ୱାର (ଚିତ୍ର ୧୭ ଦ୍ୱିତୀୟ ପ୍ରକୋଷ୍ଠ) ଇତ୍ୟାଦି । ଏ ଚିତ୍ରଗୁଚ୍ଛ ସହିତ ମୁଁ ଗସିପ୍ ବା ଦୁଃଖସୁଖ ହେଉଥିବା ଖୋଲସାହିର ଜଳରଙ୍ଗର ସ୍କେଚ୍ (ଚିତ୍ର ୪୬ ଶେଷ ପ୍ରକୋଷ୍ଠ) ଓ ସେହି ପ୍ରେକ୍ଷାପଟରେ ଅଙ୍କିତ ରଚନା ଚିତ୍ରକୁ ଅନ୍ତର୍ଭୁକ୍ତ କରିବାପାଇଁ ଚାହୁଁଛି । ଏହି ଥିମ୍‌କୁ ଆପଣେଇବା ପାଇଁ ମୁଁ ପ୍ରଥମେ ଜଳରଙ୍ଗର ସ୍କେଚ ଆଙ୍କିଛି । ସେହି ଚିତ୍ରରୁ ଆବେଗ ନେଇ ରଚନାରେ ସନ୍ନିବେଶିତ କରିଛି । ଗସିପ୍ ଚିତ୍ରରେ ଦୁଇଜଣ ମାଇପି ଘରର ଧନ୍ଦାପାଇଟି ସାରି ପିଣ୍ଡାଉପରେ ଠିଆହେଇ ଦୁଃଖସୁଖ ହେଉଛନ୍ତି । କେବଳ ଗଂଜାମ ଅଞ୍ଚଳବୋଲି ନୁହଁ ଓଡ଼ିଶାର ପୁରପଲ୍ଲୀରେ ଏଭଳି ଗ୍ରାମ୍ୟଦୃଶ୍ୟ ଅତି ସାଧାରଣ । ପିଣ୍ଡାତଳେ କାଠଗଡ଼ର ପେଜଡ଼ଙ୍ଗା, ଚିତ୍ରର ଡାହାଣ ପଟେ ଗଛମୂଳରେ ଭଙ୍ଗାକାନ୍ଥ କଡ଼େ ଗାଈ ଓ ବାଛୁରୀ ଛାଇ ଭିତରେ ବାରିହେଇ ଯାଉଛନ୍ତି । ଚିତ୍ରରେ ସବୁଠାରୁ ଆକର୍ଷଣୀୟ ହେଲା ଘରର ଦରମେଲା କାଠ କବାଟ ଓ ତା' ଉପରେ ବିଛାଡ଼ି ହେଇପଡ଼ିଥିବା ସକାଳର କଅଁଳ ଖରା । ଖରା ପାଉଛ ଉପରେ ସତେ ଯିମିତି ଲମ୍ବହେଇ ଶୋଇଯାଇ ଅଳସ ଭାଙ୍ଗୁଛି । ଚିତ୍ରରେ ଛାଇଆଲୁଅର ସଂପାତ ଯେତେ ରୁଚିକର ଲାଗେ, ତାକୁ ବର୍ଣ୍ଣବିଭାରେ ସେଇ ଅବସ୍ଥାରେ ପହୁଞ୍ଚେଇବା ସେତିକି ରେୟାଜ୍‌ର ଅପେକ୍ଷାକରେ । ବସନ୍ତ ପ୍ରାରମ୍ଭରେ ଗଛରେ ଛାଇହେଇ ଯାଇଥିବା କଅଁଳିଆ ପତ୍ରସମ୍ଭାର, ପୁଣି ତା'ରି ଉପରେ ଅଜାଡ଼ି ହେଇପଡ଼ିଥିବା ଉଲ୍ଲାସଭରା ଖରା ଦର୍ଶନୀୟ ଲାଗୁଛି । ବର୍ଣ୍ଣର ଏହି ନୀରବ ସ୍ୱଚ୍ଛନ୍ଦ ଭିତରେ ସେମାନଙ୍କ ଦୁଃଖସୁଖ ବି ନୀରବେଇ ଯାଉଛି ।

Digitized by srujanika@gmail.com

ଖଲିକୋଟରେ ମୋ ଆଧୁନିକ ଚିତ୍ରକଳାର ପର୍ଯ୍ୟାୟକୁ ଯିବାପୂର୍ବରୁ ଜଳରଙ୍ଗର ଧୌତଚିତ୍ର ଓ ଲେପଚିତ୍ର ଉପରେ ସାମାନ୍ୟ ଆଲୋକପାତ କରିବା ସମୀଚୀନ ହେବ । ମୁଁ ଯାହାକୁ ଧୌତଚିତ୍ର ବୋଲି ବିଭାଗୀ କରଣ କରୁଛି ତାହା ଭାରତୀୟ ଚିତ୍ରଣ ପଦ୍ଧତି ବା ଶାନ୍ତିନିକେତନୀୟ ଶୈଳୀରେ ବ୍ୟାକରଣଶୁଦ୍ଧ ଧୌତଚିତ୍ର ବୋଲି ଗୃହୀତ ହେବନାହିଁ । ଯେଉଁ ଧୌତଚିତ୍ରଗୁଡ଼ିକ ସଂପର୍କରେ ଏଠି କହିବି ସେଗୁଡ଼ିକ ହେଲା ସ୍ୱପ୍ନ (ଚିତ୍ର ୧୧ ପ୍ରଥମ ପ୍ରକୋଷ୍ଠ), ଅଶୋକବନରେ ସୀତା (ଚିତ୍ର ୭ ପ୍ରଥମ ପ୍ରକୋଷ୍ଠ), କୃଷ୍ଣ ବସୁଦେବ (ଚିତ୍ର ୬ ପ୍ରଥମ ପ୍ରକୋଷ୍ଠ) ଆଜ୍ଞାବହ (ଚିତ୍ର ୧୦ ପ୍ରଥମ ପ୍ରକୋଷ୍ଠ) ଓ ସ୍ୱପ୍ନସୁନ୍ଦରୀ (ଚିତ୍ର ୫ ପ୍ରଥମ ପ୍ରକୋଷ୍ଠ) । ଯେଉଁ ଚିତ୍ରଟିକୁ ଏଠି ମୁଦ୍ରିତ କରିପାରିନି ତାହା ହେଲା ନବବସନ୍ତ ଓ ପୋଖରୀ ତୁଠରେ ଦୁଇବାନ୍ଧବୀ । କେନ୍ଦ୍ରୀୟ ବିଦ୍ୟାଳୟରେ ଚିତ୍ରଶିକ୍ଷକ ଭାବେ କାର୍ଯ୍ୟକରୁଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା ସମିତିର ତଦାନୀନ୍ତନ ଚେୟାରମେନ ଆଇ. ଏ. ଏସ୍. ଅଫିସର ପଞ୍ଚାନନ ତ୍ରିପାଠୀଙ୍କୁ ଏହି ଚିତ୍ରଟି ଭେଟି ଦେଇଛି । ଶାନ୍ତିନିକେତନୀୟ ଶୈଳୀର ଧୌତଚିତ୍ରରେ ରିଏଲିଷ୍ଟିକ୍ ଡ୍ରଇଁର ବ୍ୟବହାର ଦେଖାଯାଏନି । ପୁଣି ଏ ଚିତ୍ର ରେଖାପ୍ରାଧାନ୍ୟ ନୁହେଁ । ମୋର ବର୍ଣ୍ଣିତ ଚିତ୍ର ଧୌତପଦ୍ଧତି ଓ ରେଖାର ସମ୍ମିଶ୍ରଣରେ ଏକ ନୂତନ ଶୈଳୀରେ ପରିଣତ ହେଇଛି । ତାହାହେଲା ୱାସ୍ ଟେମ୍ପେରା ବା ଧୌତଲେପ । ନିଛକ ଭାରତୀୟ ଶୈଳୀର ଚିତ୍ରରେ ବୀରରସର ଶିବ ହୁଅନ୍ତୁ, ଧନୁର୍ଧାରୀ ଅର୍ଜୁନ ହୁଅନ୍ତୁ ନତୁବା ଲାସ୍ୟମୟୀ ଉମା ହୁଅନ୍ତୁ ସମସ୍ତଙ୍କ ଅଙ୍ଗସୌଷ୍ଠବରେ ସାବଲୀଳତା ଓ କମନୀୟତା ଭରି ରହିଥାଏ । ମୁଁ କିନ୍ତୁ ମୋ ଧୌତଚିତ୍ରରେ ରିଏଲିଷ୍ଟିକ୍ ଡ୍ରଇଁ ସହିତ ସାଲିସ୍ କରିଚାଲିଥିଲି । କୃଷ୍ଣ ଓ ବସୁଦେବ କିମ୍ବା ଅଶୋକବନରେ ସୀତା ଚିତ୍ରରେ ଅସୁର ଓ ଅସୁରୁଣୀ ମାନଙ୍କ ବଳିଷ୍ଠ ଅଙ୍ଗସୌଷ୍ଠବ ଶରତଚନ୍ଦ୍ରୀୟ ପରଂପରାରେ ଅଙ୍କିତ । ମୁଁ ଶରତଚନ୍ଦ୍ରଙ୍କ ମାଂଶପେଶୀ ବହୁଳ ନାରୀ ଓ ପୁରୁଷଙ୍କ ଦେହ, ବିଶେଷକରି ତାଙ୍କର ଉନ୍ମୁକ୍ତ ବକ୍ଷୋଜ ପରିଶୋଭିତ ନାରୀରୂପ ଦ୍ୱାରା ନିର୍ଦ୍ଦିଷ୍ଟଭାବେ ପ୍ରଭାବିତ । ସଂଯୋଗର ବିଷୟ ଏ ଉଭୟଚିତ୍ରରେ ନିଜ ନିଜର ଅଙ୍ଗସୌଷ୍ଠବକୁ ପ୍ରଦର୍ଶନ କରି ଅସୁର ଅସୁରୁଣୀମାନେ ଗଭୀର ନିଦ୍ରାରେ ଶୋଇ ଯାଇଛନ୍ତି । ପୁଣି ଉଭୟ ଚିତ୍ରରେ ଢାଲ, ଖଣ୍ଡା, ବର୍ଚ୍ଛାର ବିନ୍ୟାସ ପ୍ରାୟ ଏକାଧରଣର । ଉଭୟଟି ରାତ୍ରୀଦୃଶ୍ୟ । ଛାଇ ଆଲୁଅର ଲୁଚକାଳି ଖେଳ ଏବଂ ଧୌତଚିତ୍ର ଭଳି ମର୍ମସ୍ଥଳର ଚିହ୍ନଟ ଉଭୟ ଦୃଶ୍ୟରେ ବେଶ୍ ଗ୍ରାହ୍ୟ ହେଇପାରିଛି । ବସୁଦେବ ଚିତ୍ରରେ ଦୁଇଟି ଆଲୋକ ଉତ୍ସ

Digitized by srujanika@gmail.com

ଭିତରୁ ଗୋଟିକୁ ଅଧିକ ଗୁରୁତ୍ୱ ଦେବାପାଇଁ କୃଷ୍ଣଙ୍କ ଦେହରୁ ଉପରିତ ଦିବ୍ୟଆଭାକୁ ଶିଳ୍ପୀ ସ୍ୱତନ୍ତ୍ରଭାବେ ଧଳାରଙ୍ଗ ଲାଞ୍ଛିତ କରି ଅଧିକ ମର୍ମରିତ କରିଦେଇଛନ୍ତି । ଏହା ଉଭୟ ଧୌତଚିତ୍ର ଓ ସ୍ୱଚ୍ଛଚିତ୍ର ପରଂପରା ବିରୋଧୀ । ବରଂ ଏକଥା ନହେଇଥିଲେ ଛବିର ଶୈଳ୍ପୀକ ମହତ୍ତ୍ୱ ଆହୁରି ବଢ଼ନ୍ତା । ଧୌତଚିତ୍ରରେ ଅଧିକା ବର୍ଣ୍ଣର ବାହ୍ୟପ୍ରୟୋଗର ଅସାରତ ପ୍ରତି ସଚେତନ ରହି ଚିତ୍ରଶିଳ୍ପୀ ଅଶୋକବନରେ ସୀତା ଚିତ୍ରରେ ତାହା କରିନାହାନ୍ତି ।

ସ୍ୱପ୍ନ ଚିତ୍ରଟି ସଂପର୍କରେ ଆଚାର୍ଯ୍ୟ ଶରତଚନ୍ଦ୍ରଙ୍କ କଥା କହିଲାବେଳେ ମୁଁ ସମ୍ୟକ୍ ସୂଚନା ଦେଇଛି । ମୁଁ ଏବେ ବି ଅନୁଭବ କରେ ଅଧକ୍ଷ ମହାଶୟ ଚିତ୍ରରେ ଝରକାଟିଏ ଖୋଲି ଦେଇ ଧୌତଚିତ୍ରର ଗାମ୍ଭୀର୍ଯ୍ୟ ନଷ୍ଟକରିଦେଇଛନ୍ତି । ଯେହେତୁ ସେ ଶାନ୍ତିନିକେତନୀୟ ଧୌତଚିତ୍ର ପରଂପରାର ପକ୍ଷପାତୀ ନଥିଲେ, ତେଣୁ ବୋଧହୁଏ ମୁଁ ସେଥିରେ ଅନୁପ୍ରାଣିତ ନହୁଏ ବୋଲି ଏ ଚିତ୍ରରେ ମୋତେ ସୂଚେଇ ଦେଇଛନ୍ତି । ଏଭଳି କହିବା ଯଥାର୍ଥହେବ ଯେ ଆମବେଳେ ଖଲିକୋଟ ଆର୍ଟସ୍କୁଲରେ ଧୌତଚିତ୍ରର ଦୁଇଟି ଧାରା ପ୍ରଚଳିତ ଥିଲା । ତାହାଥିଲା ଗଂଜାମୀ ଧୌତଚିତ୍ର ଶୈଳୀ ଓ ଅନ୍ୟଟି କଟକୀ ଧୌତଚିତ୍ର ପରଂପରା । ଗଂଜାମୀ ସ୍ଥାନରେ ଶରତଚନ୍ଦ୍ରୀୟ ଓ କଟକୀ ନକହି ଶାନ୍ତିନିକେତନୀୟ କହିବା ଅଧିକ ସମୀଚୀନ ହେବ । କେବଳ ଧୌତ ଚିତ୍ରନୁହେଁ, ଏହା ଲେପଚିତ୍ର ପାଇଁ ମଧ ଏକାଭଳି ପ୍ରଯୁଜ୍ୟ । ମୋ ବଂଧୁ ଚନ୍ଦ୍ରଶେଖର ରାଓ ଶାନ୍ତିନିକେତନୀୟ ଧାରା ଅନୁସରଣ କଲାବେଳକୁ ଓଡ଼ଗାଁର ଲକ୍ଷ୍ମୀନାରାୟଣ ସାହୁ ଶରତଚନ୍ଦ୍ରୀୟ ପରଂପରାରେ ଚିତ୍ର ଅଙ୍କନ କରୁଥିଲେ । ଓଡ଼ିଶା ଲଳିତକଳା ଏକାଡେମୀର ପ୍ରଥମ ଚିତ୍ରକଳା ପ୍ରଦର୍ଶନୀରେ ଚନ୍ଦ୍ରଶେଖର ରାଓ ଯେଉଁ ବିଷପୀୟୂଷ ଚିତ୍ରରେ ପୁରସ୍କୃତ ହେଇଥିଲେ ତାହା ଶାନ୍ତିନିକେତନୀୟ ଧାରାର ଥିଲା । ମୁଁ ଖଲିକୋଟରେ ଶରତଚନ୍ଦ୍ର ଶୈଳୀରେ ଧୌତଚିତ୍ର କରୁଥିଲି, ଲେପଚିତ୍ର କରୁଥିଲି ଏକଥା ଏବେ ଏହି ଚର୍ଚ୍ଚା ପୃଷ୍ଠାରେ ପ୍ରକାଶ କଲେ ଅନେକ ଚିତ୍ରଶିଳ୍ପୀ ମିଛ ମଣିବେ । ମୁଁ ତୈଳଚିତ୍ର ବିଭାଗର ଛାତ୍ର । ବିଦେଶୀ ପରଂପରାରେ ତୈଳଚିତ୍ର ଓ ଜଳରଙ୍ଗର ଚିତ୍ର କରବା ମୋର ପ୍ରାଥମିକତା ବୋଲି ଧରାଯିବ । ୧୯୬୨ ମସିହାରେ ଓଡ଼ିଶା ଲଳିତକଳା ଏକାଡେମୀର ପ୍ରଥମ ଚିତ୍ର ପ୍ରଦର୍ଶନୀରେ ପୁରସ୍କୃତ ମୋର ତୈଳରଙ୍ଗର ଚିତ୍ରହେଲା 'ମୋ ଗାଁ' । ଏଥିରେ ଏକସ୍‌ପ୍ରେସିଓନିଷ୍ଟ ଧାରାରେ ବ୍ରସ୍‌ଚାଳନା କରାଯାଇଛି । ଗାଢ଼ ରଙ୍ଗ ଓ ହାଲୁକା ରଙ୍ଗ ପ୍ରୟୋଗ କରାଯାଇ ଦୂରତ୍ୱକୁ କଳନା

Digitized by srujanika@gmail.com

କରାଯାଇଛି । ଗାଁଟି ମନେହେଉଛି ସ୍ମୃତିର ପୁଞ୍ଜିଭୂତ ସ୍ୱପ୍ନିଳ ରୂପ ଏଣୁ ବଟ ବୃକ୍ଷର ଅନ୍ତରାଳେ ଦିଗନ୍ତ ଉପରେ ଘୁମେଇ ପଡ଼ିଛି । ମୁଁ ସବୁଧାରାର ଚିତ୍ର ଏକାଭଳି ପାରଦର୍ଶିତା ଥାଇ କରିପାରୁଥିଲି, ତା'ର ଏକମାତ୍ର କାରଣଥିଲା ମୁଁ ଖଲିକୋଟ ଆସିବାପୂର୍ବରୁ ଭାଇନାଙ୍କ ଶିଳ୍ପକଳା ମନ୍ଦିର ଷ୍ଟୁଡ଼ିଓର ଚାରିବର୍ଷ ପ୍ରାକ୍‌ଡିପ୍ଲୋମା କରିସାରିଥିଲି ।

ମୁଁ ଖଲିକୋଟରେ ସମୁଦାୟ ତିନୋଟି ଲେପଚିତ୍ର କରିଛି । ଏଗୁଡ଼ିକ ହେଲା ସୀତାବିବାହ (ଚିତ୍ର ୩୫ ତୃତୀୟ ପ୍ରକୋଷ୍ଠ), ଶ୍ରୀରାମଙ୍କ ଗୁହକ ସହିତ ମିଳନ ଓ ତୃତୀୟଟି ହେଲା ବାସୁଆବଳଦ (ଚିତ୍ର ୧୨ ପ୍ରଥମ ପ୍ରକୋଷ୍ଠ) । ଚନ୍ଦ୍ରଶେଖର ରାଓ ଓ ଲକ୍ଷ୍ମୀନାରାୟଣ ସାହୁ ଖରାଛୁଟିରେ ଗାଁକୁ ଚାଲିଗଲେ ସେମାନଙ୍କଠାରୁ ଟେମ୍ପରା ରଙ୍ଗଗିନା ମାଗି ପାଖରେ ରଖୁଥାଏ ଓ ସେଥିରେ ମୁଁ ବନକ କରେ । ସେମାନଙ୍କ ରଙ୍ଗଗିନା ହେଲେ ମଧ୍ୟ ରୂପ ବିନ୍ୟାସରେ, ବର୍ଣ୍ଣସଂଯୋଜନ୍ୟରେ ଉଭୟଙ୍କ ଚିତ୍ରଠାରୁ ମୋ ଚିତ୍ର ବାରି ହେଇପଡୁଥିଲା । ମୋ ଡ୍ରଇଁ ରିଏଲିଷ୍ଟିକ୍ ଥିଲା ଓ ଶରତଚନ୍ଦ୍ରଙ୍କ ଚିତ୍ରଭଳି ମାଂଶପେଶୀବହୁଳ ଓ ଏନାଟମୀ ସର୍ବସ୍ୱ ଥିଲା । ଲକ୍ଷ୍ମୀନାରାୟଣ ସାହୁଙ୍କ ମଥୁରାମଙ୍ଗଳ ଓ ଜାନକୀସ୍ୱୟମ୍ବର ପରେ ସୀତାବିବାହ ଖଲିକୋଟ ଆର୍ଟସ୍କୁଲରେ ଥିଲା ସାଇଜିରେ ବଡ଼ ଲେପଚିତ୍ର । ଏହିଚିତ୍ର ଶରତଚନ୍ଦ୍ରଙ୍କ ଶ୍ଳୋକଛନ୍ଦ ଓ ଭରତଭେଟ ଛବିର ଅନୁପ୍ରେରଣାରେ ମୋ ଦ୍ୱିତୀୟ ବର୍ଷରେ ଅଙ୍କିତ ହେଇଥିଲା । ଲକ୍ଷ୍ମୀନାରାୟଣ ସାହୁ ଏହି ଟେମ୍ପରା ଦେଖି ଅତ୍ୟନ୍ତ ଖୁସୀ ହେଇପଡ଼ିଥିଲେ ଓ ପ୍ରିନସ୍‌ପାଲ୍‌ଙ୍କ ସୁଯୋଗ୍ୟ ଛାତ୍ର ବୋଲି ମୋତେ ମନ୍ତବ୍ୟ ଦେଇଥିଲେ । ବାସ୍ତବିକ କଟକୀ ହଷ୍ଟେଲ୍‌ର ଇଣ୍ଡିଆନ୍ ପେଣ୍ଟିଙ୍ଗ୍ ପିଲାଙ୍କୁ ଚମକେଇ ଦେବାପାଇଁ ମାସାଧିକକାଳ ପରିଶ୍ରମ କରି ମୁଁ ଏହି ଟେମ୍ପେରାଚିତ୍ର କରିଥିଲି । ଏହି ଚିତ୍ରଟି ମୁଁ ତତ୍‌କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେବଙ୍କୁ ଭେଟିଦେଇଥିଲି । ପରେ ଶୁଣିବାକୁ ପାଇଲି ମୁଖ୍ୟମନ୍ତ୍ରୀ ମହୋଦୟ ମୋ ଛବିଟକୁ ତାଙ୍କ ଗୁରୁ ଶିବବାଳା ଯୋଗୀଙ୍କୁ ଉପହାର ଦେଇଥିଲେ ଏବଂ ସ୍ୱାମୀଜୀ ମହାରାଜ ଡେରାଡୁନ୍‌ସ୍ଥିତ ନିଜ ଆଶ୍ରମରେ ଏହି ଛବିଟି ପ୍ରଦର୍ଶିତ କରିଥିଲେ । ସେହି ଆଶ୍ରମରେ ମୁଁ ମୋ ଛବିଟି ଝୁଲୁଥିବାର ଦଶ ପନ୍ଦର ବର୍ଷତଳେ ଦେଖିଥିଲି । ୧୯୭୧ ମସିହାରେ ସଂଯୁକ୍ତା ପାଣିଗ୍ରାହୀଙ୍କୁ କେନ୍ଦ୍ରକରି ଘନଶ୍ୟାମ ମହାପାତ୍ରଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଓଡ଼ିଶୀନୃତ୍ୟ ଚଳଚ୍ଚିତ୍ରରେ କଳା ନିର୍ଦ୍ଦେଶକ ଅସୀମବସୁ ଏହି

Digitized by srujanika@gmail.com

ଟେମ୍ପେରାକୁ ନୃତ୍ୟଗୃହର କାନ୍ଥସେଟ୍‌ରେ ଅଳଂକରଣ ପାଇଁ ବ୍ୟବହାର କରିଥିଲେ । ଶ୍ରୀରାମଙ୍କ ସହିତ ଗୁହକର ମିଳନ ଆଉ ଗୋଟିଏ ଚରିତ୍ର ବହୁଳଛବି । ତା'ର ଫୋଟ ଅଭାବରୁ ଏଇଠି ପ୍ରକାଶ କରିପାରିନି ।

ମୋ ତୃତୀୟ ବର୍ଷରେ କ୍ୟୁବିକ୍ ଶୈଳୀରେ ଅଙ୍କିତ ବାସୁଆବଳଦ ଟେମ୍ପେରା ଚିତ୍ର ରାଣୀହଂସପୁରରେ ସହପାଠୀଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକେଇଥିଲା । ଏଥିରେ ଇଣ୍ଡିଗୋ ପ୍ରୁସିଆନ୍ ମିଶା ଗାଢ଼ସବୁଜ, ଶୁଦ୍ଧହଳଦୀ, ଧଳା, ସିନ୍ଦୁର ଓ ନୀଳରଙ୍ଗ ବ୍ୟବହାର ହେଇଛି । ଶାନ୍ତିନିକେତନୀୟ ମିଶ୍ର ଫିକା ଫିକା ରଙ୍ଗର ଏଠି ପ୍ରୟୋଗ ନାହିଁ । ଆମେ ପିଲାଥିଲାବେଳେ ଆମ ଗାଁକୁ ତେଲୁଗୁ ଉପାନ୍ତ ଅଞ୍ଚଳରୁ ଦାସିରୀ ସଂପ୍ରଦାୟର ଲୋକମାନେ ଗୋଟିଏ ବଳଦକୁ ସୁସଜ୍ଜିତ କରି ବୁଲେଇ ଆଣନ୍ତି । ତେଲିଙ୍ଗି ବାଜା ଓ ମୁଖବୀଣା ନାଦରେ ବଳଦ ବେଳେବେଳେ ଆଗଗୋଡ଼, ଆଉ ବେଳେବେଳେ ପଛଗୋଡ଼ ଉଠେଇ ନାଚେ । ମତ୍ତ ହେଲାଭଳି ଦେହକୁ ହଲାଏ । ସାହିଲୋକେ ଖୁସିହେଇ ବଳଦଖାଇବା ପାଇଁ ଧାନ ଚାଉଳ ଦିଅନ୍ତି ଓ ଦାସିରୀ ଲୋକଙ୍କୁ ଲୁଗା ଓ ପଇସା ମେଳାଣି ।

ଏହି ପରଂପରା ଏବେ ଆମ ଗାଁ ଆଡୁ ହଜିଗଲାଣି । କେବଳ ମୋ ଚିତ୍ରରେ ଦକ୍ଷିଣ ଓଡ଼ିଶାର ଏ ସଂସ୍କୃତି ଜୀବିତ । ଏହି ଟେମ୍ପେରାର ରେଖା ପ୍ରକରଣ ସାଧାରଣ ଶାନ୍ତିନିକେତନୀୟ ଟେମ୍ପେରାଠାରୁ ଟିକିଏ ମୋଟା । ସମଗ୍ର ଛବିଟିରେ ବେଶପୋଷାକରେ, ଭାବରେ, ଭଙ୍ଗିରେ ଦାକ୍ଷିଣାତ୍ୟ ପ୍ରଭାବ ସ୍ପଷ୍ଟ ବାରି ହେଇଯାଏ । ଶେଷବର୍ଷର ସ୍କୁଲ ଚିତ୍ରପ୍ରଦର୍ଶନୀରେ ଏହି ଟେମ୍ପେରାଟି ପୁରସ୍କୃତ ହେଇଥିଲା । ମୋ ପ୍ରଥମ ଚିତ୍ରପ୍ରବନ୍ଧ ବହି *ଚିୟତେ ଇତି* (୧୯୬୯)ରେ ଏହି ଟେମ୍ପେରାକୁ ମୁଁ ପ୍ରଚ୍ଛଦ ଭଳି ବ୍ୟବହାର କରିଥିଲି ।

ଚିଲିକା ପାଣିରେ ଛାଇ ବହିପାଇଁ ମୋ ପୁରୁଣାଚିତ୍ର ଖୋଜୁ ଖୋଜୁ ଗୋଟିଏ ସୁନ୍ଦର ମୁହଁର ଓ୍ୱାସ୍, ଟେମ୍ପେରା ଓ ଜଳରଙ୍ଗ ମିଶାମିଶି ଛବିଟିଏ ପାଇଲି । ଛବିଟି ଭାଇନାଙ୍କ ମୃତ୍ୟୁପରେ ମୋ ଭାଉଜଙ୍କ ମାର୍ଫତରେ ଥିଲା । ଛବିଟି ଏତେ ନିଖୁଣ ଭାବରେ ଚିତ୍ରଣ ହେଇଥିଲା ଯେ ନିଜକୁ ନିଜେ ମୁଁ ବିଶ୍ୱାସ କରିପାରିଲିନି । ଲାଗୁଛି ଏମ୍,ଏସ୍, ପଣ୍ଡିତଙ୍କ କ୍ୟାଲେଣ୍ଡର ଚିତ୍ରର ଅନୁପ୍ରେରଣାରେ ଏହି ଚିତ୍ରଟି ମୁଁ ଦ୍ୱିତୀୟ ବର୍ଷରେ ଆଙ୍କିଥିଲି । ଏବେ ଏହି ଛବିଟିର ନାଁ ରଖିଛି ସ୍ୱପ୍ନ ସୁନ୍ଦରୀ । ଅଶୋକବନରେ ସୀତାଙ୍କ ମୁହଁ ଏବଂ ସ୍ୱପ୍ନସୁନ୍ଦରୀ ମୁହଁର ଗଢ଼ଣରେ ସୌସାଦୃଶ୍ୟ ଶିଳ୍ପୀ ହାତକୁ ଚିହ୍ନିବାରେ ସାହାଯ୍ୟକରେ । ଆଖି, ଓଠ ଓ ନାକର ଗଢ଼ଣରେ ଏକାଭଳି ଭାଗ ଦିଶିଯାଏ ।

Digitized by srujanika@gmail.com

ରାତ୍ରି ଦୃଶ୍ୟକୁ ନିଖୁଣ ଭାବେ ରୂପେଇବାରେ, ରଙ୍ଗେଇବାରେ ମୋ ଆଗ୍ରହଥିଲା । ଦ୍ୱିତୀୟ ବର୍ଷର.ଇଣ୍ଟରମିଡ଼ିଏଟ୍ ପରୀକ୍ଷାରେ ଉଭୟ ଜଳରଙ୍ଗ ଓ ତୈଳଚିତ୍ର ଛବିର ଥିମ୍ ଥିଲା ରାତ୍ରିଦୃଶ୍ୟ । ଗୋଟିଏ ତ ଅଶୋକବନରେ ସୀତା ଅନ୍ୟଟି ରାତି ଜଗୁଆଳି । ଏହି ଚିତ୍ରଟି ମୋ ହେପାଜତରେ ନାହିଁ । ଖଲିକୋଟରେ ସେତେବେଳେ ଉତୁରୁଥିବା ଭଲଭଲ ଚିତ୍ରକୁ ଶିକ୍ଷାବିଭାଗର ଉପରିସ୍ଥ ଅଧିକାରୀ ମାନଙ୍କୁ ଭେଟି ଦିଆଯାଉଥିଲା । ଏହି ପରଂପରା ଏବେବି ବଳବତ୍ତର ରହିଛି । ଦାନଧର୍ମକ୍ରମରେ ଏହି ରାତି ଜଗୁଆଳି ଚିତ୍ରଟି କୁଆଡ଼େ ଉଭେଇ ଯାଇଛି । କୃଷ୍ଣ ଓ ବସୁଦେବ ଛବିରେ ବନ୍ଦୀଶାଳାର ଦୁଆରମୁହଁରେ ପିତଳ ଘୋଡ଼ଣୀ ଥାଇ ଯେଉଁ ବତୀ ବ୍ୟବହାର କରାଯାଇଛି ବା ରାତି ଜଗୁଆଳି ଚିତ୍ରରେ ଘରଦୁଆରମୁହଁରେ ଟିଣର ଘୋଡ଼ାଣୀଯୁକ୍ତ ଯେଉଁ ବତୀ ଚିତ୍ରିତ ହେଇଥିଲା ସେ ଉଭୟର ଉତ୍ସଥିଲା ଦିଗପହଣ୍ଡି ଗାଁରେ ଆମ ସମୟରେ ଷ୍ଟ୍ରିଟ୍‌ଲାଇଟ୍ ପାଇଁ ଗ୍ରାମପଞ୍ଚାୟତଦ୍ୱାରା ବ୍ୟବହୃତ ହେଉଥିବା ମାଟିତେଲ ଦିଆ ଲଣ୍ଠନ । ଆର୍ଥିକ ଦୁରବସ୍ଥାରୁ ଆମେ ଘର ଲଣ୍ଠନରେ ଭରିବାପାଇଁ ନିଜେ ମାଟିତେଲ କିଣିନପାରି ପଞ୍ଚାୟତର ଷ୍ଟ୍ରିଟ୍‌ଲାଇଟ୍‌ରେ ବ୍ୟବହାର ହେଉଥିବା ଲଣ୍ଠନଟିକୁ ଖୋଳରୁ ବାହାର କରିଆଣି ପାଠପଢ଼ାଶେଷରେ ପାହାନ୍ତା ପହରକୁ ପୁଣି ଖୁଣ୍ଟିଉପରେ ଥୋଇ ଦେଉଥିଲୁ । ଏହି ଚଗଲିଆ କାମଟି ମୋ ମନରେ ଏଭଳି ପ୍ରଭାବ ପକେଇଥିଲା ଯେ ଦିଗପହଣ୍ଡି ପଞ୍ଚାୟତର ଲଣ୍ଠନ ଅବଚେତନ ସ୍ତରରେ ରହି ରୂପସୃଷ୍ଟିକୁ ପ୍ରଚୋଦନା ଦେଉଥିଲା । ମୋର ମନେ ହୁଏ ଚିତ୍ରର ରାତ୍ରିଦୃଶ୍ୟର ସମ୍ଭାବନା ମୂଳରେ ପଞ୍ଚାୟତ ଲଣ୍ଠନରେ ସାରାରାତି ପରୀକ୍ଷା ପାଇଁ ପ୍ରସ୍ତୁତି ଏବଂ ନଟବର ମାର୍ଥା ମାଷ୍ଟ୍ରେଙ୍କ ଟିଉସନ୍‌ରେ ଲଣ୍ଠନକୁ କେନ୍ଦ୍ରକରି ଚକ୍ରାକାରରେ ବସି ପାଠ ପଢ଼ିବାରେ ପ୍ରବୃତ୍ତି ରହିଛି । ଚିତ୍ରରଚନାର ସାମଗ୍ରୀ ଚେତନରୁ କିମିତି ଦ୍ରବଣ ଆକାରରେ ଅବଚେତନର ଅତଳ ତଳରେ ପହଞ୍ଚେ ପୁଣି କିଭଳି କଳ୍ପନାର ଆହ୍ୱାନରେ ନବୀକରଣ ହେଇ ନୂତନ ରୂପକଳ୍ପଭାବେ ଚିତ୍ରରେ ପ୍ରତିଭାତ ହୁଏ ତାହା ଯେତେ ଅସଂଲଗ୍ନ ଓ ଅବିଶ୍ୱାସନୀୟ ମନେହେଲେ ମଧ ରାତ୍ରିଦୃଶ୍ୟ ଓ ଲଣ୍ଠନର ରୂପାନୁଭୂତି କୃଷ୍ଣବସୁଦେବ ଚିତ୍ର ସହିତ ଖଲିକୋଟ ସାନ୍ଧ୍ୟବଜାର ଦୃଶ୍ୟର ପ୍ରେରଣାରେ ଚିତ୍ରିତ ଅନ୍ୟଏକ ରାତ୍ରୀ ଚିତ୍ର 'ଡବାଲିପାଲି' (ଚିତ୍ର ୨୧ ଦ୍ୱିତୀୟ ପ୍ରକୋଷ୍ଠ) ବିଚାର୍ଯ୍ୟ । ଡାବାଲିପାଲି ଚିତ୍ରରେ ରାତିମତୁଆଲା ଓ ନିଶାଗ୍ରସ୍ତ । ଖଲିକୋଟର କୌଣସି ଏକ ବଜାରଗଳିରାସ୍ତା ଏଠି ପ୍ରତିବିମ୍ବିତ । ଚିଡ଼ିଆ, ଡାଇମାନ,ନାଲିପାନ ଓ ସ୍ପେଡ଼ ଚିତ୍ରାଙ୍କିତ ବହଳ କନାର ପାଲି ଉପରେ

Digitized by srujanika@gmail.com

ମାଟିତେଲର ଡିବିରିଟିଏ ହୁତ୍‌ହୁତ୍ ହେଇ ଜଳୁଛି । ଅନ୍ଧାରରେ ଗୋଟିଯାକ ଦେଖାଯାଉନି । ଗୋଟିଯାକ ତବାଭିତରେ ପଶିଛି । ପାଲିର ମାଲିକ ଡେବିରି ହାତକୁ ଗାଲ ଉପରେ ଭରାଦେଇ କ'ଣ ଫୁଟିବ ବୋଲି ଜଗିବସିଛି । ଜଣେ ପାଲି ଆଗରେ ଆଣ୍ଠୁରେ ଭରାଦେଇ ଟାକିରହିଛି, ଆଉ ଦି'ଜଣ ପାଲିରେ ପଇସା ପକେଇବା ପାଇଁ ତିଆର ପଡୁଛନ୍ତି । ଜଣେ ଅଙ୍ଗିମୁଣାରେ ହାତ ଭର୍ତ୍ତି କରିଛି ତ ଆଉଜଣେ ହାତପାପୁଲିରେ ଚିଲେରା ରଖି ଗଣୁଛି । ପଞ୍ଜର ଦେଇ ପାଖ ଘରଭିତରୁ ଆଲୁଅ ଦେଖାଯାଉଛି । ଚିତ୍ରଟିରେ ଆଲୋକସଂପାତ ଖୁବ୍ ଯୌକ୍ତିକତାର ସହିତ କରାଯାଇଛି ।

ଯଦିଓ ଖଲିକୋଟ ବେଳର ଅଙ୍କିତ ଚିତ୍ରନୁହେଁ ତଥାପି ଆଉ ଚାରୋଟି ରାତ୍ରିଦୃଶ୍ୟର ଏଠି ସମ୍ୟକ ସୂଚନା ଦେବା ଅବାନ୍ତର ହେବନାହିଁ । ପ୍ରଥମଚିତ୍ରଟି 'ଗୀତା ଓ ତା ଗାଁ' ଶିଶୁଙ୍କ ପାଇଁ ଉଦିଷ୍ଟ ମୂଳତଃ ଜର୍ମାନୀ ଭାଷାରେ ପ୍ରକାଶିତ ଓ ପରେ ଆଉ ଆଠଟି ଭାଷାରେ ଅନୂଦିତ ବହିରେ ଘରେ ଭାଗବତ ପାଠର ଦୃଶ୍ୟ । ଖିଆପିଆ ସରିଲାପରେ ଗୀତାର ବାପା ଭାଗବତରୁ ସ୍କନ୍ଧଟିଏ ପଢୁଛନ୍ତି । ଛୋଟ ଝିଅ ଗୀତା ଢୋଳେଇ ପଡ଼ିଛି । ଗୀତାର ମାଁ ଓ ଗୀତାର ଗୋସେଇ ମାଁ ଭାଗବତ ଶୁଣୁଛନ୍ତି । ଦ୍ୱିତୀୟଟି ହେଲା ୟୁନିସେଫ୍ ଦ୍ୱାରା ଅଠରଟି ଭାଷାରେ ପ୍ରକାଶିତ 'ଗୀତା ଓଡ଼ିଶୀ ନାଚିବ' ଶିଶୁ ସାହିତ୍ୟ ବହିରେ ଗୀତାର ଗାଁରେ ମନ୍ଦିର ବେଢ଼ାରେ ସଂଯୁକ୍ତା ପାଣିଗ୍ରାହୀଙ୍କ ନୃତ୍ୟ ପରିବେଷଣ, ତୃତୀୟଟି ହେଲା ଟେଣ୍ଟଭିତରେ ନୃତ୍ୟଶେଷରେ ସଂଯୁକ୍ତା ଅଳଙ୍କାର ଖୋଲିବା ଆଉ ମେକପ୍ ଲିଭେଇବାର ଦୃଶ୍ୟ, ଚତୁର୍ଥଟି ହେଲା କଲିକତାର କୌଣସି ଗୋଟିଏ ରଙ୍ଗମଞ୍ଚରେ ସଂଯୁକ୍ତାଙ୍କ ଓଡ଼ିଶୀ ନୃତ୍ୟ । ଏହି ଚାରୋଟି ରାତ୍ରିଦୃଶ୍ୟ ସହିତ ୧୯୬୪ ମସିହାରେ ଅଙ୍କିତ ପୁରୁଣା ଭୁବନେଶ୍ୱରର ଦୃଶ୍ୟକୁ ମିଶେଇ ଖଲିକୋଟରେ ଛାତ୍ରଥିବା ବେଳେ କରାଯାଇଥିବା ଚାରୋଟି ରାତ୍ରିଦୃଶ୍ୟକୁ ତୁଳନା କରାଯାଇପାରେ ।

ଅନନ୍ତ ପଣ୍ଡା ଅଧ୍ୟାପକ ହେଇ ଯୋଗଦେବାପରେ ଖଲିକୋଟ ଚିତ୍ରକଳା ବିଦ୍ୟାଳୟରେ ଆଧୁନିକ ଚିତ୍ରକଳାର ନବ ଉନ୍ମେଷ ଦେଖାଗଲା । ଅଧ୍ୟକ୍ଷ ଶରତଚନ୍ଦ୍ରଙ୍କଠାରୁ ପ୍ରେରଣା, ପ୍ରୋତ୍ସାହନ ଓ ଦିଗ୍‌ଦର୍ଶନ ଲାଭକରି ଅନନ୍ତ ପଣ୍ଡା ଓ ଅଜିତକେଶରୀ ରାୟ ଆଧୁନିକ ଚିତ୍ରକଳାର ନିଶାରେ ମାତିଲେ । ଅଜିତକେଶରୀଙ୍କ 'ଫ୍ଲାଇଟ', ଅନନ୍ତ ପଣ୍ଡାଙ୍କ 'ପରିବାର', 'ଶ୍ରମିକ' ଓ ମୋର 'ଫସଲ ଅମଳର ସଂଗୀତ' ମାଧ୍ୟମରେ ଆଧୁନିକତା ଆର୍ଟସ୍କୁଲରେ ପ୍ରବେଶକଲା । ଏହା ଆଗରୁ

Digitized by srujanika@gmail.com

ଆର୍ଟସ୍କୁଲର ପରିସୀମା ବାହାରେ କଟକ ସହରରେ ଗଗନେନ୍ଦ୍ର ଓ ଅବନୀନ୍ଦ୍ରନାଥ ଠାକୁରଙ୍କୁ ଅନୁକରଣ କରି ଗୋପାଳ କାନୁନଗୋ କ୍ୟୁବିଜ୍ମ୍, ଇମ୍ପ୍ରେସ୍ନିଜମ୍ ଓ ଏକସ୍ପ୍ରେସନିଜମ୍ ଦ୍ୱାରା ଏକାଭଳି ପ୍ରଭାବିତ ହେଇ ଚିତ୍ରଅଙ୍କନ କରୁଥିଲେ ମଧ ପରବର୍ତ୍ତୀ କାଳରେ ପ୍ରଚ୍ଛଦଶିଳ୍ପୀ ଭାବେ ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିଲେ । ପ୍ରଚ୍ଛଦ କଳା ଓ ଅଳଂକରଣ କଳା ତାଙ୍କୁ ଆଚ୍ଛନ୍ନ କରି ରଖିଥିଲା । ଏଣୁ ସୃଜନଶୀଳ ପରଂପରାରେ ଉଦ୍‌ବୁଦ୍ଧ ହେଇ ଶିଳ୍ପୀ ଜୀବନରେ ସେ ଆଧୁନିକ କଳାର ବାହକ ନଥିଲେ । ଏଇଥିପାଇଁ ଆଧୁନିକ ଚିତ୍ରକଳାର ଶ୍ରେୟ ସେ ପାଇପାରିନଥିଲେ ।

ଖଲିକୋଟ ରହଣି ଭିତରେ ଆଧୁନିକ ଚିତ୍ରଧାରାର ଯେଉଁ କେତୋଟି ତୈଳଚିତ୍ର ମୁଁ କରିଥିଲି ସେଗୁଡ଼ିକ ହେଲା ଫସଲ ଅମଳର ସଙ୍ଗୀତ (ଚିତ୍ର ୪୪ ଶେଷ ପ୍ରକୋଷ୍ଠ), ପାରିବାରିକ ଆଳାପ (ଚିତ୍ର ୪୫ ଶେଷ ପ୍ରକୋଷ୍ଠ), ଚାହା ବଗିଚାର ଲଳନା, ପ୍ରେମୀଯୁଗଳ ଓ ଭଗ୍ନବୀଣା । ଚାହା ବଗିଚାର ଲଳନା ବ୍ୟତୀତ ଅନ୍ୟଚିତ୍ରଗୁଡ଼ିକ ଏହି ବହିରେ ପ୍ରକାଶିତ । ଚାହା ବଗିଚାର ଲଳନା ଚିତ୍ରଟି ଦାନ ସୂତ୍ରରେ ତତ୍‌କାଳୀନ ସଂସ୍କୃତି ନିର୍ଦ୍ଦେଶକ ପ୍ରଫୁଲଚନ୍ଦ୍ର ପଣ୍ଡାଙ୍କ ପାଖରେ ରହିଯାଇଛି । ଏଥିରେ ଘନବାଦର ପ୍ରୟୋଗ ଅତ୍ୟନ୍ତ ସ୍ପଷ୍ଟ । ଆସାମର କୌଣସି ଚାହା ବଗିଚାରେ ଦୁଇଜଣ ଯୁବତୀ ଚାହାପତ୍ର ତୋଳିବାରେ ନିମଗ୍ନ । ଜଣଙ୍କର ଛାମୁଁମୁହଁ ଆଉ ଜଣଙ୍କର ପଖାମୁହଁ, ସେମାନଙ୍କ ପୋଷାକ ଓ ଚାହାପତ୍ର ରଖିବା ଡାଲିଆ ଜ୍ୟାମିତିକ ତ୍ରିକୋଣ ଭୂମି ଦ୍ୱାରା ବିଭାଜିତ । ଯଦି ଛବିଟିର ଚର୍ଚ୍ଚା କରାଯାଏ ତେବେ ଛବିଟିରେ କିଛି ଅନନ୍ୟତା ଥିଲା ଭଳି ମନେ ହେବନି କିନ୍ତୁ ସ୍ଥାନ ଓ କାଳ ସହିତ ସଂପର୍କିତ କରିଦେଲେ ଛବିଟିର ଶୈଳୀଗତ ଗୁରୁତ୍ୱ ଓ ଆଧୁନିକତାର ପରିପ୍ରେକ୍ଷିତ୍ୱ ବଢ଼ିଯିବ । ଏହା ୧୯୬୧ ମସିହାରେ ଅଙ୍କିତ ଖଲିକୋଟ ଚାରୁ ଓ କାରୁକଳା ବିଦ୍ୟାଳୟର କେତୋଟି ହାତଗଣତା ଆଧୁନିକ ଚିତ୍ର ମଧ୍ୟରୁ ଅନ୍ୟତମ । ଏହି ଚିତ୍ର ସହିତ ସମତାଳ ରଖି ପ୍ରେମୀଯୁଗଳ (ଚିତ୍ର ୪୮ ଶେଷ ପ୍ରକୋଷ୍ଠ) ଚିତ୍ରଟି ଅଙ୍କିତ । ଏହି ଚିତ୍ରଟି ଦିଲ୍ଲୀ ରବୀନ୍ଦ୍ରଭବନଠାରେ ଅନୁଷ୍ଠିତ ୧୯୯୨ ମସିହାର ସିଂହାବଲୋକନ ଚିତ୍ରପ୍ରଦର୍ଶନୀରେ ବିକ୍ରିହେଇଯିବା ପରେ ଏହି ଚିତ୍ରର ଅନ୍ୟଗୋଟିଏ ସଂସ୍କରଣ ସୁଚରିତାର ସଂପାଦିକା ଶକୁନ୍ତଳା ପଣ୍ଡା ମୋଠାରୁ କ୍ରୟକରି ନିଜ ସଂଗ୍ରହରେ ରଖିଛନ୍ତି ଏବଂ ସୁଚରିତା ମାସିକ ପତ୍ରିକାରେ ପ୍ରଚ୍ଛଦକରି ପ୍ରକାଶ କରିଛନ୍ତି । ଏହି ଚିତ୍ରଟି ପ୍ୟାରିସ୍ ସହରରେ ଥିବା ଭାରତୀୟ ଦୂତାବାସର ପତ୍ରିକା 'ଭାରତ ସନ୍ଦେଶ' ୨୦୦୧ରେ ପୃଷ୍ଠ ଚିତ୍ରଭାବେ ମଧ ପ୍ରକାଶ ପାଇଛି । ଚାହା ବଗିଚାର ଲଳନା ଛବିରେ ଓ ପ୍ରେମୀଯୁଗଳ ଚିତ୍ରରେ

Digitized by srujanika@gmail.com

ଘନବାଦର ପ୍ରତ୍ୟକ୍ଷ ପ୍ରୟୋଗ କ୍ୟାନଭାସକୁ ଜ୍ୟାମିତିକ ଛନ୍ଦରେ ଭାଗଭାଗ କରିଦେଇଛି । ଚାହାବଗିଚା ଚିତ୍ରରେ ୟେଲୋଅକର୍, ଇଣ୍ଡିଗୋ, ବର୍ଣ୍ଣସାଇନା ଓ କଳାଧଳା ଭଳି ମିଶ୍ରଣ ରଙ୍ଗର ବ୍ୟବହାର ହେଇଥିବା ସ୍ଥଳେ ପ୍ରେମୀଯୁଗଳ ଚିତ୍ରର ବର୍ଣ୍ଣ ସଂଯୋଜନାରେ ଅତି ଉଜ୍ଜ୍ୱଳ ରଙ୍ଗ, ହଳଦୀ, ସିନ୍ଦୂର, ପ୍ରୁସିଆନ୍, ଧଳା ଓ କଳା ଛବିର ରୋମାଣ୍ଟିକ୍ ବାତାବରଣ ଭିତରେ ଉଷ୍ଣତା ଆଣି ଦେଇଛି । ନାରୀଟିଏ ପ୍ରେମର ଆତିଶଯ୍ୟାରେ ପୁରୁଷର ଛାତିଉପରେ ଭରାଦେଇ ଆଉଜି ପଡ଼ିଛି । ଯିମିତି କୁହାଯାଏ କବିତା-ବନିତା-ଲତା ।

ଫସଲ ଅମଳର ସଂଗୀତ ଓ ପାରିବାରିକ ଆଳାପ ଚିତ୍ରରେ ଘନବାଦର ପ୍ରୟୋଗ ବକ୍ରରେଖା ମାଧମରେ ସମାହିତ ହେଇଛି । ଏହାକୁ ବିଶ୍ଳେଷଣାତ୍ମକ ଘନବାଦ ପର୍ଯ୍ୟାୟଭୁକ୍ତ କରାଯାଇପାରେ । ଏସବୁ ଘନବାଦ ପ୍ରୟୋଗାତ୍ମକ ଚିତ୍ରର ଉତ୍ସ ଗଗନେନ୍ଦ୍ରନାଥ କିମ୍ବା ଅବିନୀନ୍ଦ୍ରନାଥ ନୁହନ୍ତି, ପିକାସୋ, ବ୍ରାକ୍ ପ୍ରଭୃତି ଘନବାଦର ଆଦ୍ୟଜନକମାନେ ଅଜିତକେଶରୀଙ୍କ ମାର୍ଫତରେ ସେମାନଙ୍କ ଚିତ୍ରର ମୁଦ୍ରିତ ପ୍ରକାଶନ ମାଧମରେ ଖଲିକୋଟର ଆଧୁନିକ ଚିତ୍ର ଆନ୍ଦୋଳନକୁ ପ୍ରଭାବିତ କରିଥିଲେ । ଅତି ଆଚମ୍ବିତ କଥା ଯେ କେବଳ ଖଲିକୋଟ ବୋଲି ନୁହଁ ଭାରତର ସମସ୍ତ କଳାବିଦ୍ୟାଳୟମାନଙ୍କରେ ଓ ବଡ଼ ବଡ଼ ସହରରେ ଅଭ୍ୟାସରତ ଶିଳ୍ପୀଙ୍କ ସୃଷ୍ଟିରେ ଘନବାଦ ଆଧୁନିକତାର ଉନ୍ମେଷ ହେଇ ଦେଖାଯାଇଥିଲା । ଏଭଳି ଘଟଣା ଅନ୍ୟତ୍ର ବିଂଶ ଶତାବ୍ଦୀର ପ୍ରଥମ ଓ ଦ୍ୱିତୀୟ ଦଶକରେ ସଂଗଠିତ ହେଇଥିଲା ବେଳେ ଖଲିକୋଟରେ ତା'ର ପ୍ରଭାବ ଅନୁଭୂତ ହେଇଥିଲା ଷାଠିଏ ଦଶକରେ । ଖଲିକୋଟ ଆଧୁନିକ କଳା ଆନ୍ଦୋଳନ ଶିକ୍ଷାନୁଷ୍ଠାନର ଶିକ୍ଷାପ୍ରକରଣ ଭିତରେ ଉଦ୍ଭବ ହେଇଥିଲା ବୋଲି କିଛି ଛାତ୍ର ସେଥିରେ ଅନୁପ୍ରେରିତ ହେଲେ ଏବଂ ସେମାନଙ୍କ ପ୍ରଚେଷ୍ଟାରେ ବା ସେମାନଙ୍କ ଦେଇ ଆଧୁନିକତାର, ମହାଦ୍ରୁମ କହିହେବନି, ଦ୍ରୁମ ନବେ ଦଶକ ବେଳକୁ ଶୀତଳଛାଇ ପ୍ରଦାନ କରିବାକୁ ସକ୍ଷମ ହେଲା । ମୋ ସୌଭାଗ୍ୟରୁ ସେ ସମୟରେ ମୁଁ ଖଲିକୋଟ ଚିତ୍ରକଳା ବିଦ୍ୟାଳୟର ଛାତ୍ରଥିଲି ବୋଲି ଏବଂ ଶରତଚନ୍ଦ୍ର, ଅଜିତକେଶରୀ ଓ ଅନନ୍ତ ପଣ୍ଡାଙ୍କ ସାହଚର୍ଯ୍ୟ ଲାଭ କରିଥିଲି ବୋଲି ଓଡ଼ିଶାର ଆଧୁନିକ କଳାର ମୁଁ ଜଣେ ଅନ୍ୟତମ ବାର୍ତ୍ତାବହ ବୋଲି କହିବା ପାଇଁ ସାହସ କରୁଛି । ମୋ ଶିଳ୍ପୀ-ଜୀବନର ବିକାଶରେ ଖଲିକୋଟ ଚିତ୍ରକଳା ବିଦ୍ୟାଳୟର ନିର୍ଦ୍ଦିଷ୍ଟ ଭୂମିକା ରହିଛି । କଲିକତା କଳାବିଦ୍ୟାଳୟ, ଶାନ୍ତିନିକେତନ କିମ୍ବା ବମ୍ବେର ଜେଜେ କଳାବିଦ୍ୟାଳୟରେ ଚିତ୍ରକଳା ଅଧୟନ କରିଥିଲେ ମଧ ମୋତେ ଏହି ଗୌରବ ପ୍ରାପ୍ତ ହେଇ ନଥାନ୍ତା । ଖଲିକୋଟରେ ଅଙ୍କିତ ଚିତ୍ର ମଧରୁ

Digitized by srujanika@gmail.com

ଶହେଟି ଚିତ୍ରର ପ୍ରଦର୍ଶନୀ ଭଂଜକଳା ମଣ୍ଡପରେ ୧୯୬୬ ମସିହାରେ ଭୁବନେଶ୍ୱରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋଦବରୀଶ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହେଇଯାଇଛି । ଓଡ଼ିଶାରେ ଶହେଟି ଚିତ୍ରର ଏକକ ଚିତ୍ରପ୍ରଦର୍ଶନୀ ଏହାହିଁ ପ୍ରଥମ । ଅଧ୍ୟାପକ ଅନନ୍ତପଣ୍ଡା ଏ ପ୍ରଦର୍ଶନୀ ସଂପର୍କରେ ଯେଉଁ ସମୀକ୍ଷା ଲେଖିଥିଲେ ସୌଭାଗ୍ୟବଶତଃ ତାହା ମୋ ପାଖରେ ଥିଲା । ଏଠି ଚିଠିପତ୍ର ସହିତ ତାକୁ ପ୍ରକାଶ କରିଛି । ୧୯୯୨ ମସିହାରେ ଦିଲ୍ଲୀର ରବୀନ୍ଦ୍ର ଭବନଠାରେ ଶହେ ପଚାଶଗୋଟି ଚିତ୍ରର ସିଂହାବଲୋକନ ଚିତ୍ର ପ୍ରଦର୍ଶନୀଟିଏ ଆୟୋଜିତ ହେଇଥିଲା । ଏହି ପ୍ରଦର୍ଶନୀରେ ଖଲିକୋଟର ଷାଠିଏ ପ୍ରତିଶତ ଛବି ପ୍ରଦର୍ଶିତ ହେଇଥିଲା । ମୋ ପ୍ରଦର୍ଶନୀ ଦିଲ୍ଲୀରେ ପହଞ୍ଚିଲା ବେଳକୁ ଦିଲ୍ଲୀର ଚିତ୍ରଶୈଳୀ ପରିବର୍ତ୍ତିତ ହେଇଯାଇଥିଲା । ଏଣୁ ଦିଲ୍ଲୀର ଚିତ୍ରକର ଓ କଳା ସମାଲୋଚକମାନେ ପ୍ରଦର୍ଶିତ ଚିତ୍ରଗୁଡ଼ିକୁ କଲିକତାର ଔପନିବେଶୀୟ ଧାରାର ଚିତ୍ର ବୋଲି ବିବେଚନା କଲେ । ନବେ ଦଶକବେଳକୁ ସ୍ୱଚ୍ଛଜଳରଙ୍ଗ ଚିତ୍ରଣ ଧାରାର ପରିବର୍ତ୍ତନ ହେଇଯାଇ ଏହା ସଂପୂର୍ଣ୍ଣ ନିଶ୍ଚିହ୍ନ ହେଇଗଲାଣି, ଏଣୁ ପ୍ରାୟ ଅଧିକାଂଶ ଜଳରଙ୍ଗର ଚିତ୍ର ବିକ୍ରୀ ହେଇଗଲା ଏବଂ ଖଜାଭୁଜା ଭଳି ଦିଲ୍ଲୀର କଳାର ଗରାଖମାନେ ଚିତ୍ରଗୁଡ଼ିକୁ କ୍ରୟକରି ନେଇଗଲେ । ମୁଁ ଯଦିଓ ଏଭଳି ଘଟଣାରେ ସେତେବେଳେ ଉତ୍ସାହିତ ହେଉଥିଲି ଏବେ କିନ୍ତୁ ବିକ୍ରି ହେଇଯାଇଥିବା ଛବିଗୁଡ଼ିକୁ ମନେ ପକେଇଲେ ମନ ବିଷାଦରେ ଭରିଯାଏ । ଜଣେ ଯୁବତୀର ପ୍ରଥମ ଯୌବନର ମଧୁମୟ ସ୍ପର୍ଶ ଭଳି ବା ବିଗତ ଅନୁରାଗର ସ୍ମୃତିଭଳି ଏହି ଚିତ୍ରଗୁଡ଼ିକ ମୋ ପ୍ରାରମ୍ଭିକ ଶିଳ୍ପୀଜୀବନର ପ୍ରଥମ ବୀକ୍ଷା । ଏକଥା ଅବଶ୍ୟ ସତଯେ ମୁଁ ଏଠି ଯେଉଁ ଚର୍ଚ୍ଚାଟିଏ କଲି ସେଇ ମାଧ୍ୟମରେ ମୁଁ କିଛି ଗୋଟିଏ ପ୍ରମାଣିତ କରିବାର ଅଭିସନ୍ଧି ନାହିଁ । ଜଣେ ଓଡ଼ିଆ ଶିଳ୍ପୀର କଳାତ୍ମକ ବିକାଶରେ ଖଲିକୋଟ ମୋର ଗୁରୁତ୍ୱପୂର୍ଣ୍ଣ ଦ୍ୱିତୀୟ ସୋପାନ । ମୁଁ ଏବେ ଯେଉଁଠି ଠିଆ ହେଇଛି ସେଇଠୁ ଖଲିକୋଟକୁ ଚାହିଁଲେ ଲାଗୁଛି ଯାହା ମୋତେ ଜୀବନରେ ଏତେ ସ୍ୱପ୍ନ, ଏତେ ସମ୍ଭାବନା ଆଣିଦେଇଥିଲା ତାହା ଆଜି ସଂପୂର୍ଣ୍ଣ ବିଡ଼ମ୍ବିତ ବା ଏକ ଅସଫଳ କାହାଣୀର ଅଲୋଡ଼ା ପୁଷ୍ପସ୍ତବକ କି ସେଠି ଆଗାମୀ ଦିନର କଳାର ସ୍ୱପ୍ନଟିଏ ଖୋଜିବା ବୃଥା । ମୋ ଭିତରର ଖଲିକୋଟ ସତ୍ତାଟି ଏବେ ବିଳାପ କରୁଛି । ଗଂଜାମ ଜିଲ୍ଲା ଚିତ୍ରଶିକ୍ଷକ ସଂଘର ସଂପାଦକ କେଶବ ମହାରଣା ଶିଳ୍ପକଳା ମନ୍ଦିରର ସହଯୋଗୀ ଶିଳ୍ପୀ ଦିନନାଥ ପାଠୀଙ୍କୁ ସର୍ବଭାରତୀୟ ଚିତ୍ରକଳା ପ୍ରଦର୍ଶନୀରେ ଲଗାତର ତିନୋଟି ସ୍ୱର୍ଣ୍ଣପଦକ ପ୍ରଦାନ କରି ଶିଳ୍ପସ୍ୱୀକୃତିର ଶୁଭାରମ୍ଭ କରିଥିଲେ । ଖଲିକୋଟରେ ତାହାର ପୁନରାବୃତ୍ତି ହେଲା ଏବଂ ଶିଳ୍ପୀର ବିଶ୍ୱାସକୁ ଦୃଢ଼ କରିଦେଇଥିଲା ।

Digitized by srujanika@gmail.com

ଚିତ୍ରବୀଥି : ଶେଷ ପ୍ରକୋଷ୍ଠ

୩୮. **ରୂପଚର୍ଯ୍ୟା,**
ନାରୀ ମଡ଼େଲ, ଜଳରଙ୍ଗ, (୩୧ x ୨୫ ସେ. ମି.), ୧୯୬୨

୩୯. **ରୂପଚର୍ଯ୍ୟା,**
ନାରୀ ମଡ଼େଲ, ଜଳରଙ୍ଗ, (୩୫ x ୨୫ ସେ. ମି.), ୧୯୬୧

୪୦. **ଆଲେଖ୍ୟ**
ପୁରୁଷ ମଡ଼େଲ, ଜଳରଙ୍ଗ, (୩୬ x ୨୫ ସେ. ମି.), ୧୯୬୧

୪୧. **ଆଲେଖ୍ୟ**
ପୁରୁଷ ମଡ଼େଲ, ଜଳରଙ୍ଗ, (୩୬ x ୨୭ ସେ. ମି.), ୧୯୬୨

୪୨. **ବସ୍ତୁଚର୍ଯ୍ୟା**
ଜଳରଙ୍ଗ, (୫୦.୫ x ୩୨.୫ ସେ. ମି.), ୧୯୬୧

୪୩. **ବସ୍ତୁଚର୍ଯ୍ୟା**
ଜଳରଙ୍ଗ, (୫୦ x ୩୭ ସେ. ମି.), ୧୯୬୧

୪୪. **ଫସଲ ଅମଳର ସଙ୍ଗୀତ,**
ତୈଳଚିତ୍ର, (୮୦ x ୫୫ ସେ. ମି.), ୧୯୬୨

୪୫. **ପାରିବାରିକ ଆଳାପ,**
ତୈଳଚିତ୍ର, (୮୩ x ୫୭ ସେ. ମି.), ୧୯୬୨

୪୬. **ଦୁଃଖସୁଖ,**
ଜଳରଙ୍ଗ, (୩୬ x ୨୫ ସେ. ମି.), ୧୯୬୧

୪୭. **ଦୁଃଖସୁଖ,**
ତୈଳଚିତ୍ର, (୮୦ x ୫୫ ସେ. ମି.), ୧୯୬୨

୪୮. **ପ୍ରେମୀଯୁଗଳ,**
ତୈଳଚିତ୍ର, (୧୨୭ x ୮୬ ସେ. ମି.), ୧୯୬୩

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

310-ଚିଲିକା ପାଣିରେ ଛାଇ

Digitized by srujanika@gmail.com

ଚିଲିକା ପାଣିରେ ଛାଇ-311

Digitized by srujanika@gmail.com

312-ଚିଲିକା ପାଣିରେ ଛାଇ

Digitized by srujanika@gmail.com

ଚିଲିକା ପାଣିରେ ଛାଇ-313

Digitized by srujanika@gmail.com

314-ଚିଲିକା ପାଣିରେ ଛାଇ

Digitized by srujanika@gmail.com

Digitized by srujanika@gmail.com

ଚିଠିପତ୍ର

୧-୭. ଦିବ୍ୟଜୀବନ ସଂଘ ଖଲିକୋଟ ଶାଖାର ସଂପାଦକ ଭାବେ ଆଧ୍ୟାତ୍ମିକ ସାଧନାରେ ବ୍ରତୀଥିବା ବେଳେ ଶ୍ରୀ ସ୍ୱାମୀ ଶିବାନନ୍ଦଙ୍କ ଠାରୁ ପାଇଥିବା ଚିଠି ।

୮. ଆଚାର୍ଯ୍ୟ ଶରତଚନ୍ଦ୍ରଙ୍କ ଠାରୁ ପାଇଥିବା ସାର୍ଟିଫିକେଟ ।

୯. ଅଧ୍ୟାପକ ଅଜିତିକେଶରୀ ରାୟଙ୍କ ଠାରୁ ପାଇଥିବା ସାର୍ଟିଫିକେଟ ।

୧୦. ଏକଶତଚିତ୍ରର ଏକକପ୍ରଦର୍ଶନୀ ସଂପର୍କରେ ଅଧ୍ୟାପକ ଅନନ୍ତ ପଣ୍ଡା ଲେଖିଥିବା ସମୀକ୍ଷା ।

୧୧. ଏକକ ପ୍ରଦର୍ଶନୀ ସଂପର୍କରେ ଖଲିକୋଟରୁ ଲେଖିଥିବା ଅଧ୍ୟାପକ ଅନନ୍ତ ପଣ୍ଡାଙ୍କ ଚିଠି ।

୧୨. ଗୋଦାବରୀଶ ସାହିତ୍ୟ ସଂସଦର ସଂପାଦକ ନରସିଂହ ନନ୍ଦଙ୍କୁ ମୋ ଠିକଣାରେ ଲେଖିଥିବା ଅଧ୍ୟାପକ ଅନନ୍ତ ପଣ୍ଡାଙ୍କ ଚିଠି ।

୧୩. ଓଡ଼ିଶା ଲଳିତକଳା ଏକାଡେମୀର ଚିତ୍ରବୀଥିରେ ସଂରକ୍ଷିତ 'ଚିଲିକା' ଚିତ୍ର ସମୂହର ଫୋଟଗ୍ରାଫ୍ ଉଠେଇବା ପାଇଁ କର୍ତ୍ତୃପକ୍ଷଙ୍କୁ ମୁଁ ଅନୁରୋଧ କରି ଲେଖିଥିବା ଚିଠିର ଉତ୍ତରରେ, ଭାରପ୍ରାପ୍ତ ସଂପାଦକ ଧୀରେନ୍ଦ୍ରନାଥ ପଟ୍ଟନାୟକଙ୍କ ଚିଠି । ଉତ୍ତରରେ ଲଳିତକଳା ଏକାଡେମୀ କର୍ତ୍ତୃପକ୍ଷ ନାସ୍ତିବାଣୀ ସୂଚେଇଛନ୍ତି ।

୧୪. ବମ୍ବେରୁ ପ୍ରକାଶ ପାଉଥିବା ହାତଲେଖା ପତ୍ରିକା 'କୁଙ୍କୁମ'ରେ ୧୯୫୦ ମସିହାରେ ପ୍ରକାଶିତ ଲେଖାରେ ଓଡ଼ିଶାରେ ଆର୍ଟସ୍କୁଲ ପ୍ରତିଷ୍ଠା ସଂପର୍କରେ କରାଯାଇଥିବା ଆଲୋଚନା ।

Digitized by srujanika@gmail.com

Tel.: "DIVINELIFE" Phone 40

THE DIVINE LIFE SOCIETY

(REGISTERED)

Propagates Yoga and Vedanta, and the Ethical and Spiritual Culture of India, promotes Universal Love, the Unity of Religions, the Ideal of Brotherhood, and the Spirit of Service, by Tuition and Training, Publication of Texts, Correspondence and Propaganda.

Founder-President
Sri Swami Sivananda

P.O. Sivanandanagar,
Rishikesh (U.P.)
(Himalayas), India.

15th February, 1961.

Sri Dinanath Pathy,
Khalikote.

Revered Immortal Atman,

Salutations and adorations. Om Namo Narayanaya.

Thy kind letter with diary to hand. You are my beloved disciple, and you may repeat the Mantra, Om Namah Shivaya, which destroy all evil qualities within you.

This Samsaric world is really like a dream in which the Jiva is bitten by the crocodile of hatred, jealousy, anger, lust, meanmindedness. Wake up from this deep slumber of ignorance and shine in all your pristine glory, O Adhyatmic Hero! Moksha is already there. It is not something to be attained. It is in reality our essential nature, which is nothing more than Sat, Chit, Ananda! The practice of Viveka, Vairagya, Shama, Dama produce the necessary purity of mind, and the soul of man begins to shine in all its splendour like a spotless mirror. Cultivate virtues therefore and be firmly established in ethical perfection!

May Lord bless you with health, long life, devotion and Moksha.

Thy own Self,

Digitized by srujanika@gmail.com

Tel. "DIVINE LIFE"

Phone: 40

Founder-President
Sri Swami Sivananda

THE DIVINE LIFE SOCIETY

(REGISTERED)

Propagates Yoga and Vedanta, and the Ethical and Spiritual Culture of India, promotes Universal Love, the Unity of Religions, the Ideal of Brotherhood, and the Spirit of Service, by Tuition and Training, Publication of Texts, Correspondence and Propaganda.

P.O. Sivanandanagar,
Rishikesh (U.P.)
(Himalayas), India.

14th March, 1961.

Sri Dinanath Pathy,
Khallikote.

Blessed Divinity,

Salutations and adorations. Om Namo Narayanaya.

Thy kind letter with diary to hand. Tongue is certainly the most troublesome Indriya, and if controlled all the other Indriyas are automatically. Concentrate therefore on controlling the weakest sense organ, rather than scatter your attention in too many directions. You should try to increase the time for meditation gradually to half an hour then one hour. Some more time must be given in contemplation and self-analysis. This is very important. Also the study of religious books should be more and more emphasised. Study will help you especially a great deal in the clearing of doubts. You should adapt, adjust and accommodate wherever possible, and give up these useless friends one by one. May Lord bless you with His Grace. Thy own Self,

Digitized by srujanika@gmail.com

Tel. :-"DIVINELIFE" Phone: 40

Founder-President
Sri Swami Sivananda

THE DIVINE LIFE SOCIETY

(REGISTERED)

Propagates Yoga and Vedanta, and the Ethical and Spiritual Culture of India, promotes Universal Love, the Unity of Religions, the Ideal of Brotherhood, and the Spirit of Service, by Tuition and Training, Publication of Texts, Correspondence and Propaganda.

P.O. Sivanandanagar,
Rishikesh (U.P.)
(Himalayas), India.

16th March, 1961.

Sri Dinanath Pathy,
Khallikote Branch.

Blessed Divinity,

Salutations and adorations. Om Namo Narayanaya.

Thy kind diary to hand. Kindly increase your time for meditation gradually. Meditation is food for the soul. Meditation is the source of all life. Meditation is the fountain of all joy. Meditation bestows long life and vitality. Meditation brings one all peace, bliss and happiness. Meditation will be the never-ending solace in times of difficulties. Strive therefore for more and more meditation, even while standing, walking, eating. A set period should be there no doubt. But one should extend one's mental attitude which one has acquired during meditation throughout the day. This is real Sadhana and real Yoga.

May Lord bless you with health, long life, peace, prosperity and Divine Illumination.

Thy own Self,

Digitized by srujanika@gmail.com

Tel : "DIVINELIFE" Phone : 40

THE DIVINE LIFE SOCIETY

(REGISTERED)

Propagates Yoga and Vedanta, and the Ethical and Spiritual Culture of India, promotes Universal Love, the Unity of Religions, the Ideal of Brotherhood, and the Spirit of Service, by Tuition and Training, Publication of Texts, Correspondence and Propaganda.

Founder-President
Sri Swami Sivananda

P.O. SIVANANDANAGAR,
Rishikesh, Dt. Dehra Dun,
(Himalayas), India.

4th May, 1961.

Sri. Dinanath Pathy,
Khallikote.

Revered Immortal Self,

Salutations and adorations.

Your spiritual diary of March.

I am pleased to go through your spiritual diary. I am delighted to see the progress you have made in rising up early, practice of Asanas, Kirtan, Japa and writing of Mantras. Please be regular in rising up early. Meditation should be practised systematically. Plod on to the goal steadily till you advance. May the Lord bless you!

Deep meditation cannot come in a day or a week. You will have to struggle hard at least for two years. Then only you will enjoy meditation. Be patient. Be persevering.

May the Lord bless you with health and longlife!

With kind regards,

Thy Own Self,

Nag.

Digitized by srujanika@gmail.com

Tel.: "DIVINELIFE" Phone: 40

THE DIVINE LIFE SOCIETY

(REGISTERED)

Propagates Yoga and Vedanta, and the Ethical and Spiritual Culture of India, promotes Universal Love, the Unity of Religions, the Ideal of Brotherhood, and the Spirit of Service, by Tuition and Training, Publication of Texts, Correspondence and Propaganda.

Founder-President
Sri Swami Sivananda

P.O. SIVANANDANAGAR,
Rishikesh, Dt. Dehra Dun,
(Himalayas), India.

20th May, 1961

Sri Dinanath Pathy,
Ganjam.

Revered Atma Swarup,

Salutations and adorations.

Your kind letter together with a spiritual diary of April. I am pleased to go through your spiritual diary. It has been kept up nicely. I am delighted to see the progress you have made during this month. Your clock wise regularity in rising up early is highly laudable. Kindly increase the time of meditation. Please do it gradually. Satsang is fine. Kindly carry on your Sadhana with the same zeal and spirit. Lord will help you and bless you.

Name of the Lord is a boat to cross this Samsara. It is a weapon to destroy the mind.

May the Lord bless you with health and happiness!

With kind regards,

Thy Own Self,

Nag.

Digitized by srujanika@gmail.com

ॐ

THE YOGA-VEDANTA FOREST ACADEMY

P.O. SIVANANDANAGAR, RISHIKESH
DIST. DEHRA DUN, HIMALAYAS, INDIA.

Founder
Sri Swami Sivananda

7th July, 1961.

Sri Dinanath Pathy,
Ganjam.

Revered Self,

Salutations and adorations.

Your spiritual diary of May. I am happy to go through your spiritual diary. You have made fair progress in Sadhana. Please reduce the hour of sleep. Life is very precious. One should not waste his life in sleep. For an adult six hours sleep is sufficient. Your diary shows slow and gradual progress in the spiritual path. Kindly carry on your Sadhana.

The practice of Truth, austerities, celibacy and self-restraint are all auxiliaries in the attainment of the knowledge of the Eternal.

May the Lord bless you!

Thy Own Self,

Nag.

Digitized by srujanika@gmail.com

ॐ

THE YOGA-VEDANTA FOREST ACADEMY

P.O. SIVANANDANAGAR, RISHIKESH
DIST. DEHRA DUN, HIMALAYAS, INDIA

Founder
Sri Swami Sivananda

5th August, 1961.

Sri Dinanath Pathy,
P.O.Khallikote.

Beloved Self,

Salutations and adorations.

Your spiritual diary of June.

I am happy to go through your spiritual diary. It has been nicely kept. Early rising is systematic. Kirtan and Japa are regular. Meditation is regular but not systematic. Kindly carry on your Sadhana.

That Sadhak who turned the mind inward by the practice of Sama and Dama and who has keen longing for liberation sees the Self in his own Self by constant and deep meditation.

May the Lord bless you with health & happiness!

With kind regards,

Thy Own Self,

Nag.

Digitized by srujanika@gmail.com

GOVERNMENT SCHOOL OF ART & CRAFTS ★ KHALLIKOTE ★

From:-

Sri S.C.Debo,
Principal, Govt. school of Art&Crafts,
Khallikote, Ganjam-Dist.

Ramchandra Bhavan Khallikote dt. 31. 7. 1963.....

Sri...Dinanath...Pathy.......was a student of the School of Art and Crafts, Khallikote. He has passed the Diploma examination. in I st. (First. Division)..securing highest marks and having undergone the full course of studies for four years in this institution. His class works were exceptionally brillient.

His conduct and charactor are excellent. He is very hard working and intelligent which is a rare combination to his advantage. He has devotion and some knowledge of eternal truth. If he continues developing faith he has a chance of being a saint.

S C Deb
Principal 31.7.63

This is to certify that Sri. Dina Nath Pathi a student of this institution is intimately known to me. He has completed his full course and appeared in for his diploma examination this year. Besides his own subject he is very proficient in Indian painting. He had worked under me and his work had drawn my greatest admiration. He is certainly one of the most talented students of the institution. His work are very original and he possesses a rare creative ~~ability~~. His conduct, character and behaviour inside and outside the class room excellent.

I wish him a very prosperous career in his future.

[signature]
14/5/63

Digitized by srujanika@gmail.com

ଓଡ଼ିଶାର
ସର୍ବପ୍ରଥମ ଏକାଙ୍କି-ନାଟକ...

ଶ୍ରୀ ଦୀନନାଥ ପାଠୀ

ଲେ - ଅଧ୍ୟାପକ ଅନନ୍ତ ପଣ୍ଡା
ଓଡ଼ିଆ ଅଧ୍ୟାପକ, ... , ...

ଲେ - ଶ୍ରୀ ଅନନ୍ତ ପଣ୍ଡା,
ଅଧ୍ୟାପକ, ~~କଳାମଣ୍ଡପ, ...~~ ଓଡ଼ିଆ
~~କଳା~~...ମହାବିଦ୍ୟାଳୟ (...)

ଏକାଙ୍କି ନାଟ୍ୟ ପ୍ରଦର୍ଶନୀ :- ପ୍ରଯୋଜନା - "...... "
ସ୍ଥାନ - 'କଳାମଣ୍ଡପ' (...)
ସମୟ - ଫେବୃଆରୀ ୨୬, ୨୫ ୦ ୨୨
ଉଦ୍‌ଘାଟକ - ଶ୍ରୀ ... (...)

ଚିଲିକାର ଭୂମିକାରେ ନାଟ୍ୟକାର ~~......~~ ଶ୍ରୀ ଦୀନନାଥ ପାଠୀଙ୍କର ସହିତ ଓ ... ଏକାଙ୍କିକା ... ନାଟକରେ ... ପ୍ରଥମ "ଏକାଙ୍କି ପ୍ରଦର୍ଶନୀ" ... ଓଡ଼ିଆ ... ଏକ ... ଅନିର୍ବାର୍ଯ୍ୟ ... !

'କଳା' ଏକ ସର୍ବକାଳୀନ ଓ ସାର୍ବଜନୀନ ... ! ଅଥଚ ଏହି ... ... । ଏହି ... ... ଏହି ... ? ... ... !

~~ମୁଁ ... ... । ... ...~~ ।
... - ପ୍ରେରଣା ମୋର ନାହିଁ । ଅଥଚ ଏହି ... ନାଟକ-ପ୍ରଦର୍ଶନୀରୁ ମୋର ... ପ୍ରତିକ୍ରିୟା ମୁଁ ... ନିବେଦନ କରିବାକୁ ... ... ଏହି ... !

Digitized by srujanika@gmail.com

ସୁନା-ଝିଅ ରେ ପ୍ରଥମ ପୁରସ୍କାର ଲାଭ
କରିଛନ୍ତି । କେବଳ ଶିଳ୍ପୀଙ୍କର ପ୍ରେରଣାଦାୟୀ ଶକ୍ତି ନୁହେଁ -
ସ୍ୱାଧୀନୋତ୍ତର ଓଡ଼ିଶାର ଏକ ପ୍ରତିଭାର ଲୋକ ଐତିହ୍ୟର
ଆଧୁନିକ ଶ୍ରୀ ଅଜିତଙ୍କର ସର୍ବପ୍ରଥମ ଗୌରବ । ଆଉ ସେ
ଗୌରବୋଜ୍ଜ୍ୱଳ "ସର୍ବପ୍ରଥମ ସ୍ଥାନର" ଅଧିକାରୀ ଛନ୍ତି ନ: P ଓ।
-"Harvesting songs"। ଓଡ଼ିଶା କଳାକ୍ଷେତ୍ରର ସ୍ରଷ୍ଟା
ଗୁରୁ ଗୁରୁ ଓ ଅଧ୍ୟାପକ ସର୍ବଶ୍ରୀ ଆକର୍ଷଣ ଓଡ଼ିଶାର
ସ୍ୱାଧୀନତା ପରେ ଶ୍ରୀ ଦୀନନାଥ ପାଠୀଙ୍କର ଏହି କୀର୍ତ୍ତିକୁ
୧୯୬୮ ସର୍ବଭାରତୀୟ Academy of Fine Arts ରେ
ସ୍ୱର୍ଣ୍ଣପଦକ-ଭୂଷିତ ହୁଏ । ଏ ଅନୁଷ୍ଠାନର ଗୌରବ ବୃଦ୍ଧିରେ
ଏହାପରେ ଯେଉଁ ସର୍ବପ୍ରଥମ କୃତିତ୍ୱ ନୁହେଁ;- ଏ
ସ୍ୱର୍ଣ୍ଣ-ଗୌରବର ଅଧିକାରୀ ଏ ଅବଧି ଥିଲେ ଏବେ ବୋଧେ
ପାଇ ନାହାନ୍ତି । ଶୈଳ-ସ୍ନାତ - ଶସ୍ୟ-ଭୂମିର ସୁନ୍ଦର ରୂପ
ସମ୍ପାଦନାରେ ଶାନ୍ତ ରଙ୍ଗରେ ଏବଂ ମୋହନ ସୃଷ୍ଟିର
ଶିଳ୍ପୀ ଭାବରେ ପ୍ରତିଷ୍ଠିତ ହୋଇଛି ସମ୍ପାଦନ ଶାନ୍ତ ଶିଳ୍ପୀର ଏ
କୃତି କେବଳ ତାଙ୍କ ଗୌରବର ପ୍ରତୀକ ।

ଚିତ୍ରକାର ଏବଂ ଭାସ୍କର ସମ୍ପଦ -
ଦିଗନ୍ତର ଏବଂ ଯେ ସୁନାର ଦେଶ - କେଉଁଠାରୁ ଆସେ
ତାହିଁରେ ଶିଳ୍ପୀ ଏ ଦେଶର ରୂପାୟନ ସ୍ୱପ୍ନର କରିଥିଲେ କି
ନାହିଁ ସେ କଳ୍ପନା ଏ ଯୁଗର ଦର୍ଶକ କହିବାର ପାରିଲେ ।
ସ୍ୱପ୍ନ ରଙ୍ଗ ରଙ୍ଗ-ଦୁନିଆର ଏ ଦୃଶ୍ୟରେ ଅନ୍ତର ! ଏଥିରେ
ଜଣେ ପାଇବ ଲୋକର ଅନୁଭୂତିର ରହସ୍ୟର ଏକ
ବୈଜ୍ଞାନିକ ପ୍ରତିଫଳନ ।

Digitized by srujanika@gmail.com

[illegible]

[illegible]

"At rest", "Village woman" Composition II, Composition III, Past memory, Monks ଓ On the way' [illegible] ।

[illegible]

[illegible] 'Past memory' [illegible] Composition III [illegible]

Digitized by srujanika@gmail.com

composition I ଓ composition III :

ଏମାନଙ୍କ ପରେ ଲେଖିଥିବା ପରେ ଏମାନ ଭା
~~ଅନୁଭବିବି ଅଧର ଚମ୍ପକ~~ ପରା ଆମନ୍ତ୍ରଣ ନିର୍ଭର ସଙ୍ଗୀତର ଶୁଣିବାକୁ ।

ସମ୍ପୂର୍ଣ୍ଣ ମନନ ... ସ୍ତୁତି ଗର୍ଭ ପ୍ରଭାତ ଓ

~~ସମ୍ପର୍କ ...~~ ଶବ୍ଦର ପ୍ରଚେତ-ପ୍ରଭାତ ଭିତରେ ଓ

ପାଠକର ଚେତନାକୁ ସ୍ପର୍ଶ କରେ - ତା' ଅନେକ

ଅତିକ୍ରମ କରେ । ~~...~~

~~ଏହାକେ Shallow windows ବା Mute windows~~

( )

~~ଏଥି ... ...~~

~~...~~

ଆନୁଷ୍ଠାନିକ ପ୍ରକାଶ ମଧ୍ୟରେ ପାଠ
କରି ଆଜିକାଲି ... ...
ବର୍ଣ୍ଣପ୍ରେରଣ ... ...
ଅନୁମାନ-ଶକ୍ତିରେ ... ...
ଓ ... ... 'Goats' ...
... ... । ... ...
... ...
... ... ଆମେ ... ...
ପାଠକର 'ନୂପୁର ଓ ଝୁମୁକା' । ...
... ...
... ଓ ... ... ।

Digitized by srujanika@gmail.com

(୨)

ବସ୍ତୁନିର୍ଭର ଏବଂ ନିର୍ଭର, ତୁଳନା ପ୍ରସଙ୍ଗ ଓ
ପୂର୍ବୋପରି ସୁଅବସର ଉପସ୍ଥାପନ କରେ ଯେ ଏପରି
ସୌରଭ ରଚନା କରିପାରିଥିବି - [illegible] ଆସନ
ଅଥଚ ମନରେ ଆଶା ନୂଆ ବିଷୟର 'ସ୍କୁଲ-[illegible]'
ମାନଙ୍କ ପାଖରେ ଶବ୍ଦ ଓ [illegible] ! [illegible]
ରଖାଇବି ଆକାଡେମିକ (Academic) ପଦ୍ଧତି [illegible]
ବ୍ୟାକରଣ ଅଭିଧାନ [illegible] ଓ [illegible] [illegible]
[illegible] ଓ [illegible] [illegible]
[illegible] shade, Temple
gok ଓ street [illegible] !
ତୁମେ [illegible] ରଚନା [illegible] ।

[illegible] ଓ [illegible] [illegible] !
[illegible] ପ୍ରକାଶ [illegible] [illegible], [illegible]
[illegible] ଓ [illegible] [illegible] [illegible]
[illegible] [illegible]
ଦେଖୁଥାନ୍ତୁ ତେବେ ତୋମାର ମନେ [illegible] [illegible] ସେ
[illegible] ମାନୁଷ [illegible] [illegible] [illegible]
[illegible] ; [illegible] [illegible] [illegible]
[illegible] [illegible] [illegible] ଅଙ୍କନ ([illegible])
[illegible] [illegible] [illegible] ଓ [illegible]
[illegible] [illegible]
[illegible] । [illegible] [illegible]
[illegible] [illegible] ।

Digitized by srujanika@gmail.com

ଶ୍ରୀ ଜଗନ୍ନାଥ ପାଠୀଙ୍କର ଅନୁଭୂତି

ପ୍ରକୃତ ଅସାଧାରଣ [illegible] ତୁଳନା [illegible] ଅଛି [illegible] Greetings for the [illegible] - "Sitaswayambara" [illegible]

[illegible] ଓଡ଼ିଆ [illegible] ସବୁ [illegible] ଅର୍ଜନ କରିଥିବେ [illegible] ଅନୁଷ୍ଠାନରେ [illegible] ପ୍ରକାଶ କରିବାରେ [illegible] ନାହାନ୍ତି ।

[illegible] ପ୍ରକାଶ [illegible] ପରିକ୍ରମାରେ

ଅନୁଭୂତିରେ [illegible] ଶ୍ରୀ ଜଗନ୍ନାଥ ପାଠୀ [illegible] ଆଶା କରିବା [illegible] ଶ୍ରୀ ଜଗନ୍ନାଥ ପାଠୀଙ୍କର [illegible] ଓଡ଼ିଆ [illegible] ।

[illegible] ଅନୁଷ୍ଠାନ [illegible] "[illegible]" [illegible] ଧନ୍ୟବାଦ । [illegible] ଉନ୍ନତି କାମନା !

[illegible]

Digitized by srujanika@gmail.com

- Pathy,

KVT
6/73

The article which I have written for you is defferently highly educative to the public & the artists both. Therefore, you must try again and again and see that it gets published in leading Oriya dailies — At least in Kalinga & Samaja.

As for the English one you should also try your level best at the same time. Any English daily will do.

— [signature]

Digitized by srujanika@gmail.com



Digitized by srujanika@gmail.com

Orissa Lalitkala Akademi

MUSEUM BUILDINGS,
BHUBANESWAR-6.

No. 362 /OLKA.   Dated: 23.10.73

From:

Shri Dhirendra Nath Pathaik, M.A.
Secretary-in-charge.

To

Shri D.N.Pathy, Curator,
Orissa State Museum, Bhubaneswar.

Sub: Your application for taking photographs of the paintings preserved in the Art Gallery.

Sir,

Please refer to your application on the above noted subject.

The authorities of the Orissa Lalit Kala Akademi have refused your prayer for taking the photographs of the paintings.

Yours faithfully,

17.10.73

Secretary-in-charge.

Mohapatra.
16.10.73.

Digitized by srujanika@gmail.com

[illegible]

[illegible]

ଆର୍ଟ ସ୍କୁଲ

[illegible]

[illegible]

- Fine Art — Painting, Sculpture, Wood carving, Architecture [illegible]
- Commercial Art — Book illustration, Advertisement, textile designs, Photography, Process Blocks, House decoration ଇତ୍ୟାଦି

[illegible]

Digitized by srujanika@gmail.com

ଦିନନାଥଙ୍କ ରଚନା ସମ୍ଭାର

ଆଧ୍ୟାତ୍ମିକ ସାହିତ୍ୟ

ଦିବ୍ୟଜୀବନ ସଂଘ ଭଜନାବଳୀ, ୧୯୬୩

ଶିବାନନ୍ଦ ଓ ଦିବ୍ୟଜୀବନ, ୧୯୬୪

ଭଗବଦ୍‌ଗୀତା ୧୯୬୫

(ସ୍ୱାମୀ ଶିବାନନ୍ଦଙ୍କ ଗୀତା ଫର୍ ଦି ବ୍ଲାଇଣ୍ଡର ଅନୁବାଦ)

ପ୍ରୌଢ଼ ସାହିତ୍ୟ

ଓଡ଼ିଶାର କଳା ଓ ସ୍ଥାପତ୍ୟ, ୧୯୮୯

ଆଦିମ ମଣିଷର କଳା, ୧୯୮୯

ଓଡ଼ିଶାର ଲୋକକଳା, ୧୯୮୯

ପ୍ରବନ୍ଧ

ଚିୟଡେଇଡି, ୧୯୬୯

ଚିତ୍ରଭାଷା ଓ ଚିତ୍ରିତ ଭାଷା, ୧୯୯୯

ଭାଗବତ ଚିତ୍ରଭାଷ୍ୟ, ୨୦୦୬

କବିତା

ଅବନ୍ତୀ, ୧୯୮୮

ଚିତ୍ରଶାଳା, ୨୦୦୦

ଜୀବନୀ

ଦିଗପହଣ୍ଡିର ଡ୍ରଇଁମାଷ୍ଟ୍ରେ, ୧୯୯୦

ପୁଞ୍ଜିକୟାଁର ଫକୀର, ୨୦୦୪

ଚିଲିକା ପାଣିରେ ଛାଇ, ୨୦୦୫

ଭ୍ରମଣ କାହାଣୀ

ନୀଳହ୍ରଦର ଚିତ୍ରକର, ୧୯୮୩

ତମେ କୁଆଲାଲୁମ୍ପୁର ଦେଖିଛ ?, ୨୦୦୬

Digitized by srujanika@gmail.com

ଗଳ୍ପ

ଭବଘୁରା ଭବନାଥ, ୧୯୯୨

ସୁନାମାଛ, ୧୯୯୬

ଉପନ୍ୟାସ

ସାୟୋନାରା, ୧୯୯୮

ପୁନର୍ନବା, ୧୯୯୯

ଶ୍ଳୋକଛନ୍ଦ, ୨୦୦୧

ଗଙ୍ଗାବତରଣ, ୨୦୦୨

Digitized by srujanika@gmail.com

ଗୋଟିଏ ଶତାବ୍ଦୀର ଅଭୀପ୍ସୀୟ ଉତ୍ତରଣ ଏବଂ ଅନ୍ୟ ଏକ ପ୍ରାରମ୍ଭରେ ପ୍ରଚୁର ସମ୍ଭାବନାକୁ ସମ୍ବଳକରି ଦିନନାଥ ଚାରୋଟି ଚିତ୍ରୋପନ୍ୟାସ ଓ ତିନୋଟି ଜୀବନକାହାଣୀ ମାଧ୍ୟମରେ ଓଡ଼ିଆ ସାହିତ୍ୟରେ ପ୍ରତ୍ୟକ୍ଷ ଚିତ୍ରାନୁଭୂତି ସଂଚରେଇବାରେ ଆଦ୍ୟ ସୂତ୍ରଧର । ଦିଗପହଣ୍ଡିକୁ କେନ୍ଦ୍ରକରି ବିଶ୍ୱପରିଧିକୁ ସ୍ପର୍ଶକରିବା ଭିତରେ ଲେଖକଙ୍କ ସୃଷ୍ଟିସମ୍ଭାର ଅନନ୍ୟତାକୁ ଆପଣେଇ ପାରିଛି ।

Digitized by srujanika@gmail.com

ପାଞ୍ଚୋଟି ବହିରେ
ଜଣେ ଓଡ଼ିଆ ଚିତ୍ରକାରଙ୍କ
ଜୀବନ କାହାଣୀ

ପୁଞ୍ଜିକୟାଁର ଫକୀର
ଦିଗପହଣ୍ଡିର ଡ୍ରଇଁମାଷ୍ଟ୍ରେ
ଚିଲିକା ପାଣିରେ ଛାଇ
ରୂପଜୀବୀର ଡାଏରୀ
ରୂପାନ୍ୱେଷୀର ରୂପକଥା

Digitized by srujanika@gmail.com